ଶ୍ରୀ ନବକୃଷ୍ଣ ଚୌଧୁରୀ

—ଏକ ଜୀବନୀ

ଚିତ୍ତରଞ୍ଜନ ଦାସ

Digitized by srujanika@gmail.com

ଶ୍ରୀ ନବକୃଷ୍ଣ ଚୌଧୁରୀ
— ଏକ ଜୀବନୀ

ଚିତ୍ତରଞ୍ଜନ ଦାସ

Digitized by srujanika@gmail.com

ଶ୍ରୀ ନବକୃଷ୍ଣ ଚୌଧୁରୀ
—ଏକ ଜୀବନୀ

ଲେଖକ :

ଚିତ୍ତରଞ୍ଜନ ଦାସ

ପ୍ରକାଶକ :

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓରିଏଣ୍ଟାଲ ଏଣ୍ଡ୍ ଓରିଶାନ ଷ୍ଟଡିଜ୍
ଦ' ୟୁନିଭର୍ସ, ମୈତ୍ରୀ ସରଣୀ, କଟକ-୧

ମୁଦ୍ରଣ :

ଦ ପ୍ରିଣ୍ଟୋଭର୍ସ, କଟକ-୧

ପ୍ରଥମ ପ୍ରକାଶ :
୧୯୯୨

ମୂଲ୍ୟ :
ଟ ୩୦-୦୦ ଙ୍କା

SRI NABAKRUSHNA CHOUDHURY
—EKA JEEBANEE

Written by :

Chittaranjan Das

Published by :
Institute of Oriental and Orissan Studies
The Universe, Maitree Sarani, Cuttack-1

Printed at :
The Printoverse
Cuttack-1

First Edition :
1992

Price :
Rs. 30-00

Digitized by srujanika@gmail.com

ଏହି ପୁସ୍ତକଟିକୁ ମୁଁ ସ୍ୱର୍ଗତ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ହାତରେ ସମର୍ପଣ କରୁଛି । ସଶରୀର ଥିଲେ ସମ୍ଭବତଃ ସେଇ ସବୁଠାରୁ ଅଧିକ ସହାନୁଭୂତି ସହିତ ଏଇଟିକୁ ପାଠ କରିଥାନ୍ତେ ।······

Digitized by srujanika@gmail.com

କୃତଜ୍ଞତା

ଏହି ପୁସ୍ତକଟିକୁ ପ୍ରସ୍ତୁତ କରିବାରେ ମୋତେ ଶ୍ରୀଯୁକ୍ତ ମଦନ ମୋହନ ସାହୁ, ଶ୍ରୀ ବିଶ୍ୱନାଥ ପଟ୍ଟନାୟକ, ଶ୍ରୀ ପ୍ରଫୁଲ୍ଲ ଦାସ, ଶ୍ରୀ ଲୋକନାଥ ରାୟ, ଶ୍ରୀ ନରସିଂହ ଚରଣ ମହାନ୍ତି, ଶ୍ରୀ ଅନନ୍ତରାମ ବାବୁ, ଶ୍ରୀ ଜୟକୃଷ୍ଣ ବିଶ୍ୱାଳ, ଶ୍ରୀ ଭି. ସୀତା-ରାମିୟା, ଶ୍ରୀ କଣେଶ୍ୱର ଚରଣ ଚୌଧୁରୀ, ଶ୍ରୀ ଜିତେନ୍ଦ୍ର ମହାନ୍ତି, ଶ୍ରୀ ଶୁକଦେବ ସାହୁ, ଶ୍ରୀ ଗଦାଧର ବାରିକ, ଶ୍ରୀ ଶିବରାମ ପାଣି. ଶ୍ରୀ ପ୍ରଫୁଲ୍ଲ ବେହେରା ଓ ଶ୍ରୀ ପ୍ରଶାନ୍ତ ଦାସ ଅକୁଣ୍ଠିତ ଭାବରେ ସାହାଯ୍ୟ କରିଛନ୍ତି । କେହି ତଥ୍ୟ ଯୋଗାଇ ଦେଇଛନ୍ତି, କେହି ସହାୟକ ଅନ୍ୟ ପୁସ୍ତକମାନ ଯୋଗାଇ ଦେଇଛନ୍ତି । ଏହି ଅବସରରେ ମୁଁ ସେମାନଙ୍କୁ ସମସ୍ତଙ୍କୁ ମୋର ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

—ଲେଖକ

Digitized by srujanika@gmail.com

ଚୌଧୁରୀ ଦମ୍ପତି

Digitized by srujanika@gmail.com

ପଦେ ଅଧେ

ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କର ଜୀବନୀ ଓଡ଼ିଶାର ରାଜନୀତିର ଏକ ଅଧ୍ୟାୟ । ଜୀବନୀ ଉପରେ ଦୃଷ୍ଟିପାତ କଲେ, ଜୀବନୀର ସମୀକ୍ଷା ହେଲେ ଇତିହାସର ସେ ଅଧ୍ୟାୟ ଉପରେ ଆଲୋକପାତ ହୋଇ ପାରିବ । ଇତିହାସ ହେଉଛି ଭବିତବ୍ୟର ଆଲୋକ-ବର୍ତ୍ତିକା ।

ଶ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ଏକ ବିସ୍ମୃତ ଚରିତ୍ର । ତାଙ୍କ ସହିତ କାମ କରିଥିବା ଲୋକଙ୍କର ତାଙ୍କ ପ୍ରତି ଦରଦ ଯେମିତି, ତାଙ୍କ ସହିତ ଲଢ଼ିଥିବା ଲୋକଙ୍କର ମଧ୍ୟ ଦରଦ ସେମିତି । ଯାହାଙ୍କୁ ପଚାର ସମସ୍ତଙ୍କର ତାଙ୍କ ପ୍ରତି ଏକ ଆପ୍ରିସିଏସନ ରହିଛି । ମତାନ୍ତର ମନାନ୍ତରରେ ପରିଣତ ହୋଇନାହିଁ ।

ନବବାବୁ ନିଜେ କିନ୍ତୁ କିଛି ଲିପି ଛାଡ଼ିଯାଇ ନାହାନ୍ତି । ଜୀବନର ଅପରାହ୍ଣରେ ସେ ବେଶୀ ବେଶୀ ସିନିକ୍ ହେବାକୁ ଆରମ୍ଭ କଲେ । ତାଙ୍କର ଆଦର୍ଶବାଦ, ସ୍ୱପ୍ନ ଠୋକର୍ ଖାଇ ଖାଇ ଭୁଜୁଡ଼ି ପଡ଼ିଥିଲା ଯେପରି । ସେ କିଛି ଏକ ଧାରାବାହିକ ଲେଖିଯିବାକୁ ବା ଛାଡ଼ିଯିବାକୁ ପ୍ରସ୍ତୁତ ନଥିଲେ ।

ସେଇଯୋଗୁଁ ତାଙ୍କର ଏକ ଜୀବନୀ ଲେଖା ସରିଚି ଶୁଣି ଆମେ ତାକୁ ପ୍ରକାଶ କରିବାକୁ ଆଗ୍ରହ ପ୍ରକାଶ କଲୁଁ । ଏବଂ ପ୍ରକାଶନର ଦିନ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କର ଏକ ବନ୍ଧୁମିଳନ କରିବା ପାଇଁ ସ୍ଥିର କରାଗଲା । ବନ୍ଧୁ ଶ୍ରୀ ବିକାଶ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ ଏଥିପାଇଁ ସାହାଯ୍ୟ କଲେ ।

ନିମନ୍ତ୍ରଣ ଗଲା । ଅନେକ ନାହିଁ କଲେ । ଅନେକ ଅକ୍ଷମତା ପ୍ରକାଶ କଲେ । ଅନେକ ଉତ୍ତର ମଧ୍ୟ ଦେଲେ ନାହିଁ । ଆମ ଦେଶରେ ଇମିତି ହୋଇଥାଏ । ଏହା ସତ୍ତ୍ୱେ ଅନେକ ସମ୍ମତି ଦେଲେ । ବିଶିଷ୍ଟ ବ୍ୟକ୍ତିମାନଙ୍କ ପାଖକୁ ନିମନ୍ତ୍ରଣ ଯାଇଥିଲା । ସାଧାରଣ ବ୍ୟକ୍ତିମାନଙ୍କର ଠିକଣା ଜଣା ନଥିଲା । ସାଧାରଣ ମଣିଷମାନଙ୍କ ମଧ୍ୟରୁ ଅନେକେ ସେମାନଙ୍କ ତରଫରୁ ଲେଖିଲେ ଯୋଗଦେବା ପାଇଁ । ବିଧେଇ ଜଣେଇଲେ ।

Digitized by srujanika@gmail.com

ନବବାବୁ କେଉଁଠି ପହଞ୍ଚିଛନ୍ତି ଏବଂ କେଉଁଠି ବଞ୍ଚି ରହିଛନ୍ତି ତାହା ଜାଣିବା କଠିନ ହେଲା ନାହିଁ ।

ଜୀବଦ୍ଦଶାରେ ନବବାବୁଙ୍କ ସହିତ ଅନେକ ଘଟଣା ବାଦ କରିଛୁ । ଆଜି ମଧ୍ୟ ତାହା ସବୁ ନାହିଁ । ଭୋଟର ତାଲିକା ଛପା ହେଉଛି । କଟକରୁ ଅନେକ କର୍ମୋଜିଟର ପାର୍ ବାହାରକୁ । ତେଣୁ ଛପା ତ୍ରୁଟି ଅନେକ । ସେଥିପାଇଁ ଆମେ ସମସ୍ତଙ୍କର କ୍ଷମା ଭିକ୍ଷୁଁକୁ ।

—ପ୍ରକାଶକ

Digitized by srujanika@gmail.com

ମୂଳରେ ପଢେ

ଶ୍ରୀ ନବକୃଷ୍ଣ ଚୌଧୁରୀ ଆମ ଦେଶର ଇତିହାସରେ ଏକ ବିସ୍ମୃତ ଚରିତ୍ର । ମୃତ୍ୟୁର ଅନେକ ବର୍ଷ ପରେ ଡକ୍ଟର ବୈଦ୍ୟନାଥ ମିଶ୍ରଙ୍କର ଉଦ୍ୟମରେ ପ୍ରତିଷ୍ଠିତ ସାମାଜିକ ବିଜ୍ଞାନ ଇନଷ୍ଟିଚ୍ୟୁଟକୁ ନବବାବୁଙ୍କ ନାମରେ ନାମିତ କରାଯାଇଛି । ଏହାଛଡ଼ା ତାଙ୍କର ସ୍ମୃତିରକ୍ଷା ପାଇଁ ଆଉ କିଛି ହୋଇ ନାହିଁ । ଏଥିପାଇଁ ଅବଶ୍ୟ ନବବାବୁ ନିଜେ କିଛି ପରିମାଣରେ ଦାୟୀ । ବୟସ ବଢ଼ିବା ସହିତ ନବବାବୁ ଯେତିକି ସାଲିସହୀନ ବିପ୍ଳବୀ ହେବାକୁ ଲାଗିଲେ ସେତିକି ସିନିକ୍ ମଧ୍ୟ ହେବାକୁ ଲାଗିଲେ । ଆମ ଦେଶର ରାଜନୀତିଜ୍ଞମାନେ ପ୍ରାୟତଃ କମ ପଢ଼ନ୍ତି । କାରଣ ସେଥିପାଇଁ ସେମାନଙ୍କର ସମୟ ନଥାଏ । କିନ୍ତୁ ନବବାବୁ ଥିଲେ ଏକ ବ୍ୟତିକ୍ରମ । ମୃତ୍ୟୁ ପର୍ଯ୍ୟନ୍ତ ସେ ପଢ଼ୁଥିଲେ ଠିକ୍ ସ୍କୁଲ ପିଲାଙ୍କ ଭଳି । ପାଖରେ ଡିକ୍ସନାରୀ ନିଶ୍ଚୟ ଥିବ । ଏକ ଧାରୁଆ ପେନ୍‌ସିଲ ହାତରେ ଧରିଥିବେ । ପଢ଼ୁଥିବେ, ଗାର ଦେଉଥିବେ ଶବ୍ଦର ଅର୍ଥପାଇଁ ଡିକ୍ସନାରୀ ଦେଖୁଥିବେ । ପଢ଼ିସାରି ପରିଶେଷରେ ମନ୍ତବ୍ୟ ମଧ୍ୟ ଲେଖିଥିବେ ବହି ଉପରେ । ମୋର ମନେ ପଡ଼ୁଛି । ତାଙ୍କଠାରୁ ଟ୍ରଟସ୍କିଙ୍କର ଏକ ପୁସ୍ତକ ମୁଁ ମାଗି ଆଣିଥିଲି ପଢ଼ିବା ପାଇଁ । ଛଅ ଭଲ୍ୟୁମର ବହି । ପ୍ରାୟ ପାଞ୍ଚହଜାର ପୃଷ୍ଠା । ବହିର ପୃଷ୍ଠା ଓଲଟାଇ ମୁଁ ସ୍ତମ୍ଭୀଭୂତ । ପ୍ରତ୍ୟେକ ପୃଷ୍ଠାରେ ପେନ୍‌ସିଲ ଦାଗ ଏବଂ ମନ୍ତବ୍ୟ । ପ୍ରତ୍ୟେକ ଭଲ୍ୟୁମ ଶେଷରେ ପ୍ରାୟ ଏକ ପୃଷ୍ଠା ବ୍ୟାପୀ ମନ୍ତବ୍ୟ । ମୋତେ ଲାଗିଥିଲା ଚାରିମାସରୁ ଊର୍ଦ୍ଧ୍ୱ କାଳ ସେ ବହି ଶେଷ କରିବା ପାଇଁ, କି ବେଶୀ ମୋର ଏଇନା ହେତୁ ହେଉନାହିଁ । କିନ୍ତୁ ବହି ଫେରାଇଲା ବେଳକୁ ମୋତେ ରୀତିମତ ଏକ ପରୀକ୍ଷା ଦେବାକୁ ପଡ଼ିଲା । ବାଜି ରାଉତ ଛାତ୍ରାବାସରେ ଦୁଇଦିନରୁ ଊର୍ଦ୍ଧ୍ୱକାଳ କଟିଗଲା ସେ ବହି ଉପରେ ଆଲୋଚନାରେ । ଅବଶ୍ୟ ବହି ଉପରେ ନୋଟ ଦେଖି ମୁଁ ଆଗରୁ ପ୍ରସ୍ତୁତ ହୋଇ ଯାଇଥିଲି ଇମିତି ଏକ ପରୀକ୍ଷା ଆଶଙ୍କାରେ । ନବବାବୁ ପଢ଼ନ୍ତି । ପଢ଼ିବା ତାଙ୍କର ନିଶା । ପଢ଼ିଲାବେଳେ ସେ ବେଳେବେଳେ ବେଶ୍ କିଛି ସିଗାରେଟ ମଧ୍ୟ ଟାଣନ୍ତି । ନବବାବୁ ମଧ୍ୟ ଏକ ପ୍ରଚଣ୍ଡ ଅନ୍-କନ୍‌ଭେନ୍‌ସନାଲ ମଣିଷ ଥିଲେ । ଗାନ୍ଧିବାଦୀ ଠିକ୍ । କିନ୍ତୁ ଗାନ୍ଧୀବାଦର ଅନୁକରଣ କରିବାକୁ ସେ ପ୍ରସ୍ତୁତ ନୁହନ୍ତି । ସେ ନିରାମିଷାଶୀ ନୁହନ୍ତି ବା ସିଗାରେଟ ଖାଇବା ମଧ୍ୟ ଛାଡ଼ି ନାହାନ୍ତି । ମୁଁ ଶୁଣିଛି ଯେ ଜୟପ୍ରକାଶ ମଧ୍ୟ ଇମିତି ଜଣେ ଗାନ୍ଧିବାଦୀ ଥିଲେ । ସେ ଲେଖିଲେ ଗାନ୍ଧିଜୀଙ୍କୁ । ମୁଁ ଓ୍ୱାର୍ଦ୍ଧା ଆଶ୍ରମରେ ରହିବି । ମୁଁ କିନ୍ତୁ ନିରାମିଷାଶୀ । ମୁଁ ଆମିଷ ଖାଇବି । ଗାନ୍ଧିଜୀ ମଧ୍ୟ ତାଙ୍କଠାରୁ ବେଶୀ

Digitized by srujanika@gmail.com

ଚତୁର । ସେ ଯାଙ୍ଗେ ଯାଙ୍ଗେ ରାଜି ହୋଇଗଲେ ସେଥିପାଇଁ । ନବବାବୁ ଏଇମିତି ଜଣେ ଅନ୍-କନ୍‌ଭେନ୍‌ସନାଲ ଗାନ୍ଧିବାଦୀ । ତାଙ୍କ ଭଳି ବିଦ୍ୱାନ ଖୁବ୍ କମ, ରାଜନୀତିଜ୍ଞ-ମାନଙ୍କ ମଧ୍ୟରେ ତ ସେ ଏକ ସ୍ୱତନ୍ତ୍ର ଧାରାର ବ୍ୟକ୍ତି । କିନ୍ତୁ ସେ କିଛି ଲେଖିବାକୁ ନାରାଜ । ଏପରିକି ନିଜର ଆତ୍ମ-ଜୀବନୀ ଲେଖିବା ପାଇଁ ବହୁ ଅନୁରୋଧକୁ ସେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି ସିଧାସଳଖ, ମୁହେଁ ମୁହେଁ । କାହିଁକି ଲେଖିବି, କ'ଣ ଦରକାର, କିଏ ପଢ଼ିବ, କଣ ମୂଲ୍ୟ ତାହାର ? —ଏଇଭଳି ଠୋ ଠା ଉତ୍ତର ତାଙ୍କଠାରୁ ଶୁଣିବାକୁ ମିଳିଲା ଅନୁରୋଧକାରୀମାନଙ୍କୁ । ପୁଣି ସେଇ ଅନୁରୋଧକାରୀ-ମାନଙ୍କ ଭିତରେ ତାଙ୍କର ସହଯୋଗୀ ଯେତିକି ଥିଲେ, ତାଙ୍କର ରାଜନୈତିକ ବିରୋଧୀ ଲୋକମାନଙ୍କ ସଂଖ୍ୟା ଥିଲା ତା'ଠାରୁ ବେଶୀ ।

ନବବାବୁ କିଛି ଲିପିବଦ୍ଧ କରିଯାଇ ନାହାନ୍ତି । ବରଂ ବହୁ ମୂଲ୍ୟବାନ ଚିଠିପତ୍ରକୁ ସେ ଚିରି ବା ପୋଡ଼ି ଧ୍ୱଂସ କରି ଦେଇ ଯାଇଛନ୍ତି । ସେ ସବୁ ଚିଠି ତାଙ୍କର ବ୍ୟକ୍ତିଗତ ଚିଠି । କିନ୍ତୁ ଏ ଜାତି ପାଇଁ, ଏ ଜାତିର ଇତିହାସ ପାଇଁ ତାହା ଥିଲା ଅତ୍ୟନ୍ତ ମୂଲ୍ୟବାନ । କିନ୍ତୁ ନବବାବୁ ଧୀରେ ଧୀରେ ଇମିତି ସିନିକ୍ ହୋଇଗଲେ ଯେ ସେ ସବୁ ଚିଠି ବା ଦଲିଲ ଅନ୍ୟ କାହାକୁ ଦେଲେ ନାହିଁ କି ରଖିଲେ ନାହିଁ । ଉତ୍ତରପୁରୁଷ ଦରିଦ୍ର ହୋଇଗଲା ।

ନବବାବୁ ପଢ଼ନ୍ତି । ପଢ଼ନ୍ତି ସବୁ ବିଷୟରେ । ମୋର ମନେ ପଡ଼ୁଛି । ନବବାବୁ ଗିରଫ ହେଲେ "ଜରୁରୀ ପରିସ୍ଥିତି" ସମୟରେ । ବିନମାଳୀ ପଟ୍ଟନାୟକ କଂଗ୍ରେସ ଦଳର ନେତା । ସେ ବ୍ୟଥିତ ହେଲେ, ବିଚଳିତ ହେଲେ ନବବାବୁ ପ୍ରଭୃତିଙ୍କ ଗିରଫ ସମ୍ବାଦ ଶୁଣି । ମୁଖ୍ୟମନ୍ତ୍ରୀଙ୍କୁ ସେ ଫୋନ୍ କଲେ । କହିଲେ ଯେ ମହତାବ ବାବୁ, ନବବାବୁତ ଗିରଫ ହେଲେ । ମହତାବବାବୁ ସବୁ ପରିସ୍ଥିତିକୁ ସମ୍ଭାଳି ନିବେ । ନବବାବୁ କିନ୍ତୁ ଭାରି ସେନ୍‌ସିଟିଭ୍ । ତାଙ୍କୁ ଯେଉଁଠି ରଖ, ଯେମିତି ରଖ, ତାଙ୍କୁ ତାଙ୍କର ଆବଶ୍ୟକତାନୁଯାୟୀ ବହି ଯୋଗାଇଦେବ ଏବଂ ଯୋଗାଇଦେବ କିଛି ସିଗାରେଟ୍ । ବହି ନ ପାଇଲେ ନବବାବୁ ପାଗଳ ହୋଇଯିବେ । ଏତିକି ତୁମକୁ ଅନୁରୋଧ । ବିନମାଳୀ ପଟ୍ଟନାୟକ ମହତାବବାବୁଙ୍କର ବିଶ୍ୱସ୍ତ ଲୋକ ଥିଲେ । ନବବାବୁଙ୍କୁ ମୁଖ୍ୟମନ୍ତ୍ରୀତ୍ୱରୁ ବିଦାକରି ମହତାବ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରାଇବାରେ (୧୨୫୦) ତାଙ୍କର ଭୂମିକା ସମସ୍ତେ ଜାଣନ୍ତି । କିନ୍ତୁ ବ୍ୟକ୍ତିଗତ ସ୍ତରରେ ନବବାବୁଙ୍କ ପ୍ରତି ତାଙ୍କର ଦରଦ ଇମିତି ଥିଲା । ନବବାବୁ କିପରି ରାଜନୈତିକ ବାଦବିସମ୍ବାଦର ଊର୍ଦ୍ଧ୍ୱକୁ ଯାଇଥିଲେ ଏହା ତାହାର ଏକ ପ୍ରମାଣ ।

କଟକରେ ବିଜୁପଟ୍ଟନାୟକଙ୍କ ପୈତୃକ ବାସଭବନର ନାମ ହେଉଛି 'ଆନନ୍ଦ ଭବନ'। ତୁଳସୀପୁରରେ ଏହା ଅବସ୍ଥିତ । ଆନନ୍ଦ ଭବନର ଦୁଇଟି ଗେଟ୍ । ଗୋଟିଏ

Digitized by srujanika@gmail.com

ପଟରେ ଡାକ୍ତର ଜର୍ଜ ପଟ୍ଟନାୟକଙ୍କର (ସେ ଆଉ ନାହାନ୍ତି) ନାମ ଫଳକ ଏବଂ ଆଉ ଗୋଟିଏ ପଟରେ ଶ୍ରୀ ବିଜୁ ପଟ୍ଟନାୟକଙ୍କର ନାମ ଫଳକ । ଯାହା ପାଖକୁ ଯିବାର କଥା ସେଇ ଗେଟ୍ ଦେଇ ଯିବାକୁ ପଡ଼େ । ବିଜୁ ବାବୁଙ୍କ ପାଖକୁ ଯାଉଥିବା ବ୍ୟକ୍ତିମାନେ ଜର୍ଜ ବାବୁଙ୍କ ଗେଟ୍ ଦେଇ ଗଲେ ଜର୍ଜ ପଟ୍ଟନାୟକଙ୍କର ବାଘୁଆ ପାଟି ଶୁଣିବାକୁ ପଡ଼େ । ଜର୍ଜ ବାବୁ କହନ୍ତି—ସମସ୍ତଙ୍କୁ ପାରିଲି । ସମସ୍ତଙ୍କୁ ପାଟିକଲି । ମହତାବବାବୁଙ୍କ ପର୍ଯ୍ୟନ୍ତ । କିନ୍ତୁ ଜଣକୁ ପାରିଲି ନାହିଁ । ସେ ହେଉଛନ୍ତି ନବବାବୁ । ସେ ନିଶ୍ଚୟ ଆମ ଗେଟ୍ ଦେଇ ଆସିବେ । କହିବେ ମୁଁ ଆସିଥିଲି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଘରକୁ (ଜର୍ଜ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ବାପା) ବୋହୂ, ନାତି, ନାତୁଣୀଙ୍କୁ ଦେଖିଯିବି । ଚା ଖାଇବେ । ବୋହୂ (ଜର୍ଜ ପଟ୍ଟନାୟକଙ୍କ ସ୍ତ୍ରୀ)ଙ୍କ ସାଙ୍ଗରେ, ପିଲାପିଲିଙ୍କ ସାଙ୍ଗରେ କଥାବାର୍ତ୍ତା ହେବେ । କିଛି ସମୟ ବିଶ୍ରାମ ନେବେ । ତା'ପରେ କହିବେ ଦେଖିଲ—ବିଜୁ ଅଛି କି ? ଆମ ସମସ୍ତିଙ୍କର ପାଟି ବନ୍ଦ । ସେ ହେଉଛନ୍ତି ନବକୃଷ୍ଣ ଚୌଧୁରୀ ।

ଜରୁରୀକାଳୀନ ପରିସ୍ଥିତିର ପରବର୍ତ୍ତୀ ସମୟ । ନିର୍ବାଚନ ଆଗରେ । ନନ୍ଦିନୀ ଦେବୀ କଂଗ୍ରେସ ଛାଡ଼ିଥାଆନ୍ତି । ସେଇ ସମୟର କଥା । ଟିକଟ ଦିଆଯାଉଛି । ନବବାବୁଙ୍କର ସନ୍‌ସାଇନ୍ ପଡ଼ିଆ ପାଖ ଘରେ ବୈଠକ୍ ଭେଟ । ବିଶ୍ୱନାଥ ପଣ୍ଡିତ, ପ୍ରଦ୍ୟୁମ୍ନ ବଳ ଏବଂ ମୁଁ । କୌଣସି ଏକ ବିଷୟ ନେଇ ନବବାବୁ ଫୋନ୍ କଲେ ବିଜୁବାବୁଙ୍କୁ । ଫୋନ୍ ଚାଲିଲା ପ୍ରାୟ ଘଣ୍ଟାଏ କାଳ । ଆରପଟରୁ ବିଜୁବାବୁ କ'ଣ କହୁଛନ୍ତି ଆମେ ଶୁଣିବା ସମ୍ଭବ ନୁହେଁ । ଏପଟରୁ କିନ୍ତୁ ନବବାବୁ ଯାହା କହୁଥାନ୍ତି ତାହା ଆମେ ସ୍ତବ୍ଧ ହୋଇ ଶୁଣୁଥାଉ । ଉଚ୍ଚବାଚ ପର୍ଯ୍ୟନ୍ତ କଥା ଗଲା । ନବବାବୁ ଭୀଷଣ ଗାଳିଦେଲେ ବିଜୁବାବୁଙ୍କୁ । ଏପରି କଠୋର କଥାସବୁ କହିଲେ ଯେଉଁଥିରୁ ମନେ ହେଲା ଯେ ସେ ଦୁହିଁଙ୍କ ମଧ୍ୟରେ ବୋଧହୁଏ ବହୁକାଳଧରି ଆଉ କଥାବାର୍ତ୍ତା ବି ହେବ ନାହିଁ । ଆମେ ସବୁ ଫେରିଲୁ ।

ତା'ପର ଦିନ ସକାଳୁ ମୋର କାହିଁକି ମନେ ହେଲା ଯାଇ ନବବାବୁଙ୍କୁ ଦେଖି ଆସିବି । ଗଲାବେଳକୁ ନବବାବୁ ବସିଛନ୍ତି ଏକ ତକ୍ତା ଉପରେ ଆଉ ଦୀର୍ଘକାୟ ବିଜୁବାବୁ ବସିଛନ୍ତି । ଦୁହିଁଙ୍କ ଭିତରେ କଥାବାର୍ତ୍ତା ଚାଲିଛି ନିବିଡ଼ ଭାବରେ । ହସ ଖୁସି ଚାଲିଛି । ନୁମା (ମାଳତୀ ଦେବୀ) ଆଣି ଚା' ଦେଉଛନ୍ତି ଦୁଇଜଣଙ୍କୁ । ନବବାବୁ ବିଜୁବାବୁଙ୍କ ମୁଣ୍ଡ ପିଠିରେ କଣ ସବୁ କହି ଥାପୁଡ଼ୋଉଛନ୍ତି । କାଲି ଯେ ଦୁହିଁଙ୍କ ଭିତରେ ଇମିତି ଏକ ତୋଫାନ ହୋଇଯାଇଛି ତା'ର କୌଣସି ସୂଚନା ନାହିଁ । କାଲି କଥା କାଲିରେ ହିଁ ରହିଯାଇଛି । ଇମିତି ଏକ ମଣିଷ ନବବାବୁ ।

Digitized by srujanika@gmail.com

ଆମେ ସବୁ କଟକ ଜେଲରେ ବନ୍ଦୀ । ୧୯୪୧ ମସିହା । ଆମର ସ୍ଲୋଗାନ ହେଉଛି—ଏ ଆଜାଦୀ ଝୁଟା ହୈ । ଏ ସ୍ୱାଧୀନତା ନିରର୍ଥକ, ମିଥ୍ୟା । ନବବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଜେଲ ପରିଦର୍ଶନ କରିବାକୁ ଯାଇଥାନ୍ତି । ଆମେ ଓ୍ୱାର୍ଡ଼ ୧୫, ୧୬, ୧୯ରେ ତାଙ୍କୁ ଅପେକ୍ଷା କରିଚୁ । ସେ କିନ୍ତୁ ଗଲେ ନାହିଁ । ଡକାଇ ପଠାଇଲେ ମନମୋହନ ମିଶ୍ର ଏବଂ ରାମଚନ୍ଦ୍ର ମିଶ୍ର (ରାମବାବୁ ଆଉ ନାହାନ୍ତି) ମନମୋହନ ବାବୁ ପଚାରିଲେ ନବବାବୁଙ୍କୁ । ଆପଣ ଗଲେ ନାହିଁ । ଆମେ ସବୁ ଅପେକ୍ଷା କରିଥିଲୁ । ନବବାବୁ କହିଲେ, ଗଲି ନାହିଁ । ସେଇଠି ବୈଷ୍ଣବ (ପଟ୍ଟନାୟକ), ବନମାଳୀ (ଦାସ), ବ୍ରଜ (ପଟ୍ଟନାୟକ) ପ୍ରଭୃତି ଅଛନ୍ତି । ଲାଜ ମାଡ଼ିଲା । ନବବାବୁଙ୍କ ଆଖିରେ ଲୁହ ଦେଖିଲେ ମନମୋହନବାବୁ । ବନମାଳୀ ଦାସ, ବୈଷ୍ଣବ ପଟ୍ଟନାୟକ, ବ୍ରଜ ପଟ୍ଟନାୟକ ଗଡ଼ଜାତ ଆନ୍ଦୋଳନରେ ତାଙ୍କର ସହକର୍ମୀ ଥିଲେ । ଆଜି ସେମାନେ ହୁଏତ ଏକ ଭିନ୍ନ ଶିବିରରେ । କିନ୍ତୁ ଏକଦା ତ ସହଯୋଦ୍ଧୃତ୍ୱ ସେମାନଙ୍କ ଭିତରେ ମମତାର ବୀଜବପନ କରିଥିଲା ।

୧୯୫୬ ମସିହାର କଥା । ଏବେ ବି ସ୍ମୃତିପଟରେ ଝଲକୁଛି । ନବବାବୁ ମୁଖ୍ୟମନ୍ତ୍ରୀ ଭାବରେ ଯାଇଥାନ୍ତି ରେଭେନ୍‌ସା କଲେଜ ପୂର୍ବ ଛାତ୍ରାବାସର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ହୋଇ । ସେଇ ସନ୍ଧ୍ୟାରେ ନିଖିଳ ଭାରତ କଂଗ୍ରେସ କମିଟି ସୀମା କମିଶନର ସୁପାରିଶକୁ ଗ୍ରହଣ କରି ଦେବାର ନିଷ୍ପତ୍ତି କଲେ । ସରେଇକଳା-ଖରସୁଆଁ ଚାଲିଗଲା ବିହାରକୁ । ସିଂହଭୂମିର ଓଡ଼ିଶା ସହିତ ମିଶିବା ତ ଦୂରର କଥା । ଆଗରୁ ଆମ ପାଖରେ ସୂଚନା ପହଞ୍ଚିଥିଲା ଯେ କଂଗ୍ରେସ ସୀମା କମିଶନର ପ୍ରସ୍ତାବକୁ ଗ୍ରହଣ କରି ନେଇପାରେ ଏବଂ ଆମେ, ଛାତ୍ରମାନେ ନିଷ୍ପତ୍ତି କରିଥିଲୁ ଯେ ଏହା ଯଦି ହୁଏ ତାହେଲେ ତୁରନ୍ତ ଆନ୍ଦୋଳନ ଆରମ୍ଭ କରିବାକୁ ହେବ, କାରଣ ଏହା ଏକ ଜାତୀୟ ଅପମାନ ହେବ । ମୁଁ ଏ ଖବର ପାଇବା ମୁହୂର୍ତ୍ତରେ ନବବାବୁଙ୍କୁ ଭେଟିବା ପାଇଁ ଏକ ଇଣ୍ଟରଭିଉ କାର୍ଡ଼ ପଠାଇଲି । କାରଣ ନବବାବୁଙ୍କୁ ସିଧାସଳଖ ଭେଟିବାକୁ ତତ୍କାଳୀନ ପୂର୍ବ ଛାତ୍ରାବାସ ସୁପରିନ୍‌ଟେଣ୍ଡେଣ୍ଟ (ସେ ଆଉ ନାହାନ୍ତି) ଡରିଲେ । କାଳେ କଣ ହୋଇଯିବ । ନବବାବୁ ସ୍ଲିପ୍ ପାଇ ସାଙ୍ଗେ ସାଙ୍ଗେ ମୋତେ ଡାକିଲେ ଏବଂ ସମ୍ବୋଧନ ଆରମ୍ଭ ହେଲା । କିଓ, ବଦ୍ମାସମାନେ କେବେଠାରୁ ଇଣ୍ଟରଭିଉ କାର୍ଡ଼ ଦେଇ ଆସିବା ପାଇଁ ସ୍ଥିର କଲ । ଜଗବନ୍ଧୁ ବକ୍‌ସିପାତ୍ର, (ହରିଶ୍ଚନ୍ଦ୍ର ବକ୍‌ସିପାତ୍ର, ତତ୍କାଳୀନ କଲେଜ ୟୁନିଅନ ସଭାପତି ଏବଂ ବର୍ତ୍ତମାନ ୧୯୭୬ ମସିହାରେ ଜଙ୍ଗଲ ବିଭାଗ ମନ୍ତ୍ରୀ) କୁଆଡ଼େ ଗଲେ ? ସେ ନାହାନ୍ତି କଟକରେ ଶୁଣି କହିଲେ । ତମେମାନେ ଯାହା ପାରୁଚ କର । ଗୋଟାଏ କିଛି ଆଖିବୁଜିଆ କାମ ନକଲେ ଏମାନେ (ଅର୍ଥାତ୍ କଂଗ୍ରେସ ନେତୃବୃନ୍ଦ) ଚେତିବେ ନାହିଁ । ଆମେ ସବୁ ଇସ୍ତଫା ଦେଉଛୁ । ଇସ୍ତଫାପତ୍ର

Digitized by srujanika@gmail.com

ନେଇ ମୁଁ ଯାଉଚି କାଲି ଦିଲ୍ଲୀ । ତୁମେମାନେ ଯାହା ପାରୁଚ ତୁରନ୍ତ କର । ମୁଁ ତାଙ୍କୁ କହିଲି, ଦେଖନ୍ତୁ, ଗୁଡ଼ିଏ ଆନ୍ଦୋଳନର ଅନେକ ନେତା ଆଜି ନାହାନ୍ତି କଟକରେ । କେବଳ ଗୁଡ଼ିଏ କଂଗ୍ରେସର ଶ୍ରୀ ସନ୍ତୋଷ କୁମାର ସାହୁ । (ବର୍ତ୍ତମାନ ପାର୍ଲ୍ୟାମେଣ୍ଟ ସଭ୍ୟ) ଅଛନ୍ତି । କିନ୍ତୁ ସେଥିପାଇଁ ଚିନ୍ତା ନାହିଁ । ଆମେ ବର୍ତ୍ତମାନ ହିଁ ଅନିର୍ଦ୍ଦିଷ୍ଟକାଳ ଧର୍ମଘଟର ଡାକରା ଦେଲୁ । ଆପଣ କଣ କହୁଛନ୍ତି ? ନବବାବୁ ତାଙ୍କର ସ୍ୱଭାବସୁଲଭ ଭାଷାରେ କହିଲେ ବିପ୍ଳବ କଣ ଅନୁମତି ନେଇ କରାଯାଏ ? କେଉଁ ବିପ୍ଳବର ଇତି-ହାସରୁ ଏହା ଶିକ୍ଷା କଲ ବିପ୍ଳବୀ ? ନବବାବୁ ବିଚିତ୍ର ମଣିଷ ।

ଧର୍ମଘଟ ଆରମ୍ଭ ହେଲା ସେଇ ରାତିରୁ । ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ନିତ୍ୟା-ନନ୍ଦ କାନୁନ୍‌ଗୋ (ସେ ଆଉ ନାହାନ୍ତି), ପ୍ରକାଶମନ୍ତ୍ରୀ ଶ୍ରୀ ରାଧାନାଥ ରଥଙ୍କୁ ଭେଟିବାକୁ ଏବଂ ସେମାନଙ୍କର ଇସ୍ତଫା ଦାବୀ କରିବାକୁ ଶହ ଶହ ଗୁଡ଼ିଏ ଛୁଟିଲେ । ନବବାବୁ ଗଲେ ଦିଲ୍ଲୀ । କଟକରେ ରେଡ଼ିଓ ଷ୍ଟେସନ (ମଧୁପୁର ହାଉସ, ମଧୁସୂଦନ ମାର୍ଗ) ଘେରାଉ ହେଲା । ଗୁଳି ଚାଲିଲା । ସୁଶୀଲ ଦେ ଶହୀଦ ହେଲେ । ବିକ୍ଷୋଭକାରୀଙ୍କ ନେତୃତ୍ୱ ନେଲେ ଶ୍ରୀମତୀ ମାଲତୀ ଚୌଧୁରୀ । (ନବବାବୁଙ୍କ ପତ୍ନୀ) "ଏ ସରକାରର ମତିଭ୍ରମ ଘଟିଛି ।" ଏହି ଥିଲା ତାଙ୍କର ତେଜୋଦୀପ୍ତ ଉକ୍ତି । ନବବାବୁଙ୍କର ଅନ୍ତରଙ୍ଗ ବନ୍ଧୁ ଓ ନେତା ଜବାହାରଲାଲ ନେହରୁ । ସେ ବୁଝାଇଦେଲେ ତାଙ୍କୁ ପ୍ରଦେଶ ଗଠନ ବଡ଼ ନା ଜାତୀୟ ଐକ୍ୟ ବଡ଼ ? ରେଡ଼ିଓ ଷ୍ଟେସନ ଉପରେ "ଆକ୍ରମଣ"କୁ ସେମାନେ ଧରିନେଲେ ଯେ ଜାତୀୟ ବିରୋଧୀ ଶକ୍ତି ନିଶ୍ଚୟ ଏଥିରେ କାମ କରୁଛି ।

ନବବାବୁ ଆଦର୍ଶ ଏବଂ କର୍ମ ଭିତରେ ସବୁବେଳେ ଦୋଦୁଲ୍ୟମାନ । ତାଙ୍କର ସମଗ୍ର ଜୀବନ ହେଉଛି ଏଇ ଦୁଇ ଭିତରେ ବିବାଦର ପ୍ରତୀକ । ଆଦର୍ଶ ସହିତ କାର୍ଯ୍ୟର ସଂଘର୍ଷ ତାଙ୍କୁ ଅନେକ ସମୟରେ ଅସ୍ଥିର ଏବଂ ଭ୍ରସିଲେଟିଙ୍ଗ କରିଛି । ନବବାବୁ ଏହି ସଂଘର୍ଷର ଏକ ପ୍ରତିଛବି ।

୧୯୫୬ ମସିହା ଏପ୍ରିଲ କିମ୍ବା ମଇ ମାସ ହେବ ଠିକ ମନେ ପଡ଼ୁନାହିଁ । ଓ୍ୱାରେଣ୍ଟ ଉଠିଯାଇଥାଏ କିନ୍ତୁ ମୋକଦ୍ଦମା ଚାଲିଥାଏ । ଦେଖିଲାମାତ୍ରେ ଗୁଳିକର ବା Shoot at sightର ଆଦେଶରୁ ଖସିଛି ରାଜ୍ୟ ମାତ୍ର । କଟକ ସହରର ମଙ୍ଗଳା-ବାଗରେ ପ୍ରଭାତ ମହାପାତ୍ର (ଜଷ୍ଟିସ ହରିହର ମହାପାତ୍ରଙ୍କ ପୁଅ) ଏକ ଆଧୁନିକ ବହି ଦୋକାନ ଖୋଲି ଥାଆନ୍ତି । ଅନେକ ନୂତନ ଧରଣର ବହି ଆଣନ୍ତି ସେ । ମୁଁ ସେଇ-ଠାରୁ ପ୍ରସିଦ୍ଧ ବ୍ରିଟିଶ ସାମ୍ୟବାଦୀ ନେତା ଜନ୍ ଷ୍ଟ୍ରାଚିଙ୍କର ଖଣ୍ଡିଏ ବହି କିଣିଥାଏ ବହିର ନାଁଟି ମନେ ପଡ଼ୁନି ଏଇନା । ବହିଟା ଖୁବ ଚିତ୍ତାକର୍ଷକ ହୋଇଥିବା ଯୋଗୁଁ ପୁରା ପଢ଼ି ଦେଇଥାଏ ରାତ୍ରୀକୁ । ହଷ୍ଟେଲରେ ଶୋଇଚି । ହଠାତ୍ କିଏ ଜଣେ ଆସି

Digitized by srujanika@gmail.com

କହିଲା ଜଣେ କିଏ ଭଦ୍ରଲୋକ ଗାଡ଼ିରେ ବସିଛନ୍ତି । ମୋତେ ଖୋଜୁଛନ୍ତି । ସେତେବେଳେ ମୋ ଭଳିଆ ଲୋକକୁ ଗାଡ଼ିରେ ଆସି ଖୋଜିବା ଲୋକ ବହୁତ କମ । ମୁଁ ତରତର ହୋଇ ଆସି ଦେଖିଲି ବେଳକୁ ଗାଡ଼ି ଭିତରେ ନବବାବୁ । ମୋ ତାଳୁକ ଶୁଖିଗଲା । ସୀମା ଆନ୍ଦୋଳନର ଉତ୍ତେଜନା କମି ନାହିଁ । ନବବାବୁ ମୁଖ୍ୟମନ୍ତ୍ରୀ । ଛାତ୍ରମାନେ ଦେଖିଲେ ଗୋଟାଏ ଗଣ୍ଡଗୋଳ ସୂତ୍ରପାତ ହୋଇ ଯାଇପାରେ । ନବବାବୁ କିନ୍ତୁ ନିର୍ଲିପ୍ତ ଭାବରେ ମୋତେ ନିର୍ଦ୍ଦେଶ ଦେଲେ ଗାଡ଼ିରେ ବସିବା ପାଇଁ । ଗାଡ଼ିରେ ବସିଲି । ସେ ନିର୍ଦ୍ଦେଶ ଦେଲେ ଡ୍ରାଇଭରକୁ । ଚାଲ କଲେଜ ଛକ । ସେଠାରେ ପହଞ୍ଚି ଡ୍ରାଇଭରକୁ ନିର୍ଦ୍ଦେଶ ଦିଆଗଲା ବିଚ୍ଛୁ ଭାଇ ଗୁଜରାଟୀ ଙ୍କ ଜଳଖିଆ ଦୋକାନ ଆଗରେ ରଖିବାପାଇଁ । ନବବାବୁ ଏବଂ ତାଙ୍କ ନିର୍ଦ୍ଦେଶରେ ମୁଁ ପଶିଲୁ ଦୋକାନରେ । ଦୋକାନୀ ନବବାବୁଙ୍କୁ ଦେଖି ଆଗ୍ରହ, ଆଶ୍ଚର୍ଯ୍ୟରେ ଚାହିଁଆଁ । ଖୋଦ୍ ମୁଖ୍ୟମନ୍ତ୍ରୀ ତାଙ୍କ ଦୋକାନରେ । ନବବାବୁ ବରାଦ ଦେଲେ କିଛି ଜଳଖିଆ ଆଉ ଚାହା ତିନିଜଣଙ୍କ ପାଇଁ । ସେ ମୁଁ ଓ ଡ୍ରାଇଭର । ଦୋକାନୀ ପଇସା ନେବାକୁ ନାରାଜ । ନବବାବୁ ନାଛୋଡ଼ବାନ୍ଧା । ବାଧ୍ୟ ହୋଇ ସେ ପଇସା ନେଲେ । ଗାଡ଼ିକୁ ବରାଦ ଦିଆହେଲା ରେଭେନ୍ସା କଲେଜ ପଡ଼ିଆକୁ ଯିବାପାଇଁ । ପିଲ୍ଗ୍ରୀମ ରୋଡ଼ ଦେଇ ଗାଡ଼ି ପୁରୁଣା ପାଓ୍ୱାର ହାଉସ ବାଟରେ ପଡ଼ିଆ ମଝିରେ ପହଞ୍ଚିଲା । ସେଇଠି ଥିଲା ଏକ ସିମେଣ୍ଟ ବେଞ୍ଚ । (ଏବେ ଅଛି କି ନାହିଁ ଜାଣେ ନାହିଁ) । ନବବାବୁ ବସିଲେ ଏବଂ ମୋତେ ବସିବାକୁ କହିଲେ । ଏପର୍ଯ୍ୟନ୍ତ ଏହି ଉପକ୍ରମଣିକା କାହିଁକି ଜାଣିବା ମୋ ପକ୍ଷରେ ଅସମ୍ଭବ । ସେ ଆରମ୍ଭ କଲେ, ହଇହୋ ପଣ୍ଡିତେ ! ଜନ୍ଷ୍ଟୋନଙ୍କର ସେ ବହିରେ ଯେଉଁ ବିଶ୍ଳେଷଣ ଦିଆଯାଇଛି ତମେ ସେଥିରେ ଏକମତ ? ମୁଁ ପ୍ରଥମେ ସ୍ତମ୍ଭୀଭୂତ ହୋଇଗଲି । ନବବାବୁ କେମିତି ଜାଣିଲେ ମୋର ସେ ବହି କଣା କଥା ? କଣ ଆପଣଙ୍କର ସ୍ପେଶାଲ ବ୍ରାଞ୍ଚ ମୋ ପିଛାରେ ଏତେଦୂର ପର୍ଯ୍ୟନ୍ତ ଲାଗିଛି ନା କଣ ? ନବବାବୁ ହସି ହସି କହିଲେ, ନାଇଁ ହୋ ! ଆମର ସ୍ପେଶାଲ ବ୍ରାଞ୍ଚ କଣ ଏତେ ଏଫିସିଏଣ୍ଟ ହେଲାଣି ? ମୁଁ ଯାଇଥିଲି ପ୍ରଭାତ ମହାପାତ୍ରଙ୍କ ବହି ଦୋକାନକୁ । ସେ ବହି ଖଣ୍ଡିକ କିଣିଲାବେଳେ ପଚାରିଲି କଣ ଏଇଟା ଆମର ଶେଷ କପି ? ପ୍ରଭାତ କହିଲା ଯେ ନାଇଁ, ଦୁଇଟି କପି ଆଣିଥିଲି । ଖଣ୍ଡିଏ କପି ବିକ୍ରୀ ହୋଇଯାଇଛି ଶେଷ ଖଣ୍ଡିକ ଆପଣ ନେଉଛନ୍ତି । ଆଉ କପିଟି କିଏ କିଣିଛି ବୋଲି ପଚାରିବାରୁ ସେ ତମ ନାଁ କହିଲା । ସେଇ ଯୋଗୁଁ ଭାବିଲି ତମ ସାଙ୍ଗରେ ଆଲୋଚନା ହେବା ଉଚିତ ବହି ବିଷୟରେ । ଚାଲିଲା ଆଲୋଚନା । ରାତି ହେଲା । ସେ ମୋତେ ହଷ୍ଟେଲରେ ଛାଡ଼ି ଦେଇଗଲେ ।

ଏମିତି ଏକ ଘଟଣା କଥା କହନ୍ତି ଡକ୍ଟର ବୈଦ୍ୟନାଥ ମିଶ୍ର । ସେ ଘରୁ ବିଶ୍ୱବିଦ୍ୟାଳୟକୁ ଗଲାବେଳେ ବାଟରେ ଗୋଟାଏ ଯାଗାରେ ରାସ୍ତା ଛାଡ଼ି ଚଲାବାଟରେ

Digitized by srujanika@gmail.com

ଯାଆନ୍ତି ପାଖ ପଡ଼ିବ ବୋଲି । ଦିନେ ଗଲାବେଳକୁ ଦେଖିଲେ ନବବାବୁ ଠିଆ-ହୋଇଛନ୍ତି ସେହି ଚଲାବାଟରେ ବହି ଖଣ୍ଡିଏ ଧରି । ବୈଦ୍ୟନାଥ ବାବୁ ତାଙ୍କୁ ଦେଖି ଆଚମ୍ବିତ ହେଲେ । ଭାବିଲେ ବୋଧହୁଏ ଆଉ କାହାକୁ ଅପେକ୍ଷା କରିଛନ୍ତି । ଆଶ୍ଚର୍ଯ୍ୟ ହେଲେ ଯେତେବେଳେ ନବବାବୁ କହିଲେ ଯେ ସେ ତାଙ୍କୁ ହିଁ ଅପେକ୍ଷା କରିଛନ୍ତି । ଆପଣ କିମିତି ଜାଣିଲେ ଯେ ମୁଁ ଏଇ ଚଲାବାଟରେ ଯାଏ ବୋଲି ? ଆହୁରି ଆଶ୍ଚର୍ଯ୍ୟ ହେଲେ ଯେତେବେଳେ ସେ କହିଲେ ଯେ ସେ ଖବର ନେଇ ଜାଣିଛନ୍ତି ବୈଦ୍ୟନାଥ ବାବୁ ଏଇ ବାଟରେ ଠିକ୍ ଏତିକିବେଳେ ଘରୁ ଅଫିସକୁ ଯାଆନ୍ତି ।

ଇମିତି ଅନେକ ଘଟଣା ହାବୁକା ମାରେ । ଡକ୍ଟର ସଦାଶିବ ମିଶ୍ର ସମ୍ବଲପୁରରୁ ଫେରୁଥିଲେ କଟକ ଅନୁଗୋଳ ବାଟ ଦେଇ ଖଟୁଭାଇ (ଖଟାଉ ସୁନ୍ଦର ଦାସ)ଙ୍କ ସାଙ୍ଗରେ । ନବବାବୁ ଅସୁସ୍ଥ ହୋଇ ପଡ଼ିଛନ୍ତି । ଜୀବନର ସନ୍ଧ୍ୟା ଉପସ୍ଥିତ । ନବବାବୁ ଶୋଇ ରହିଛନ୍ତି । ସଦାଶିବ ବାବୁ ଭାବିଲେ ଯେ ଖଟୁଭାଇଙ୍କ ସହିତ ନବବାବୁଙ୍କ ପରିଚୟ କରାଇଦେବେ । ପରିଚୟ କରାଇବା ପୂର୍ବରୁ ନବବାବୁ ପଚାରିଲେ ଖଟୁଭାଇଙ୍କୁ, ଖଟୁଭାଇ କିମିତି ଅଛ ? ସମସ୍ତ ଅତିଜାଣା ହୋଇଛୁ । କିନ୍ତୁ ପରିଚିତ ଭୁଲି ନାହାନ୍ତି ।

ନବବାବୁଙ୍କ ସହିତ ଥରେ ଆଲୋଚନା ପାଇଁ ଯାଇଥିଲେ ଶ୍ରୀ ଶରତ ପଟ୍ଟନାୟକ, କମ୍ୟୁନିଷ୍ଟ ପାର୍ଟିର ନେତା (ସେ ଆଉ ନାହାନ୍ତି) ଦୁହେଁ ପୁରୁଣା ବନ୍ଧୁ, ବହୁଦିନର । କିନ୍ତୁ ସେଦିନ କୌଣସି କାରଣରୁ ଦୁହିଁଙ୍କ ଭିତରେ କଜିଆ ହେଲା । ପାଟିତୁଣ୍ଡ, ଚିଲାଚିଲି ପରେ ନବବାବୁ କହିଲେ ଶରତବାବୁଙ୍କୁ ଘରୁ ବାହାରିଯିବା ପାଇଁ । ଶରତ ବାବୁ ବାହାରିଯିବା ପାଇଁ ନାରାଜ । କଥାଟା ବେଶ୍ ଅପ୍ରୀତିକର ସ୍ତରକୁ ଯିବାକୁ ଲାଗିଲା । ଯାହାହେଉ ବୀରେନ ମିତ୍ର ପ୍ରଭୃତି ପହଞ୍ଚି କଥାଟାକୁ ସେତିକିରେ ରଖି-ଦେଲେ । କିନ୍ତୁ ତା'ପରଦିନ ଶରତପଟ୍ଟନାୟକଙ୍କୁ ଆଚମ୍ବିତ କରି ହଠାତ୍ ନବବାବୁ ଡାକିଲେ, ଆସ ଚା'ଖାଇ ଯାଅ । ସତେ ଯେପରି କାଲି କିଛି ଘଟିନାହିଁ । ଏଇଭଳି ଏକ ବ୍ୟତିକ୍ରମର ମଣିଷ ଥିଲେ ନବବାବୁ ।

ନବବାବୁ ୧୯୫୧ରେ ମୁଖ୍ୟମନ୍ତ୍ରୀ । ସେଇବର୍ଷ ଜୁଲାଇ ମାସରେ ପ୍ରସିଦ୍ଧ କଲେଜ ଦରମା ବୃଦ୍ଧିବିରୋଧୀ ଛାତ୍ର ଆନ୍ଦୋଳନ ଦେଖାଦିଏ । ସେତେବେଳେ କମ୍ୟୁନିଷ୍ଟ ପାର୍ଟି ଏକ ଗୁରୁତର ସଙ୍କଟ ଭିତରେ । କମ୍ୟୁନିଷ୍ଟ ପାର୍ଟିର ସବୁନେତା ଏବଂ ବହୁ କର୍ମୀ ଜେଲ ଭିତରେ । ଛାତ୍ର ଆନ୍ଦୋଳନର ନେତୃତ୍ୱ ସୋସାଲିଷ୍ଟ ପାର୍ଟିର ଛାତ୍ରନେତାମାନଙ୍କ ହାତରେ । କେବଳ ଛାତ୍ରଫେଡର ଅଖିଳ ମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ । ଛାତ୍ର-ଫେଡର ନେତା ବ୍ରଜବନ୍ଧୁ ମିଶ୍ର (ସେ ଆଉ ନାହାନ୍ତି) ସଦ୍ୟ ଆସିଥାନ୍ତି ପୁରୀରୁ କଟକକୁ । ବିଶ୍ୱମ୍ଭର ସ୍ୱାମୀ (ବର୍ତ୍ତମାନ ପଣ୍ଡିଚେରୀ ଆଶ୍ରମରେ ଅନ୍ତେବାସୀ) ଆସିଥାନ୍ତି କଲେଜକୁ

Digitized by srujanika@gmail.com

ସଭ୍ୟ । ଶିବାଜୀ ପଟ୍ଟନାୟକ (ବର୍ତ୍ତମାନ ପାର୍ଲ୍ୟାମେଣ୍ଟ ସଭ୍ୟ) ଜେଲରୁ ଫେରି କଲେଜକୁ ପୁଣି ଫେରିଆସିଥାନ୍ତି । କିନ୍ତୁ ଇତିହାସର ଚକ୍ର ଭିତରେ ହଠାତ୍ ସେମାନେ ଚାଲି ଆସିଲେ ନେତୃତ୍ୱକୁ । ଛାତ୍ର କଂଗ୍ରେସର ଅନ୍ୟତମ ନେତା ଶ୍ରୀ ପ୍ରବୀର ପାଲିତ ସେମାନଙ୍କ ସହ ଯୋଗ ଦିଅନ୍ତି । ଛାତ୍ର ଆନ୍ଦୋଳନ ସଂପ୍ରସାରିତ ହୁଏ । ତତ୍କାଳୀନ ଛାତ୍ରସଂଘର ଅନ୍ୟତମ ନେତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ (ପରେ କଂଗ୍ରେସଦଳଭୁକ୍ତ ହୋଇ ଅନ୍ୟତମ ମୁଖ୍ୟମନ୍ତ୍ରୀ) ଆହତ ହେବା ଫଳରେ ଆନ୍ଦୋଳନ ଅଧିକ ସମ୍ପ୍ରସାରିତ ହୋଇଯାଏ । ରାତିରେ ହଠାତ୍ ନବବାବୁ ଆକାଶବାଣୀରେ ଘୋଷଣା କରନ୍ତି ଯେ ଗୋଟାଏ ଜଣାଶୁଣା ଦେଶଦ୍ରୋହୀ ଦଳ ନ୍ୟାୟସଙ୍ଗତ ସରକାରକୁ ଭାଙ୍ଗି ଦେବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି, ଏହା ବର୍ତ୍ତମାନ ପ୍ରମାଣିତ ହୋଇଛି । କାହାପାଇଁ ଏହା ଉଦ୍ଦିଷ୍ଟ ତାହା ପରିସ୍ଫୁଟ । ସେଇ ରାତିରେ କମ୍ୟୁନିଷ୍ଟ ପାର୍ଟିର ଦୁଇଜଣ ନେତା ତାଙ୍କୁ ହଠାତ୍ ଭେଟିଲେ ଏବଂ ପଚାରିଲେ ଏହାର କାରଣ ? ଆଲୋଚନା ହେଲା । ସକାଳୁ ଦେଖାଗଲା ଯେ ରାତିରେ ପୁଲିସବାଲା ଯେଉଁ ସବୁ ବୟାନ ଏବଂ ପଦକ୍ଷେପର ଉପଦେଶ ଦେଇଥିଲେ ତାକୁ ନବବାବୁ ବାତିଲ କରିଦେଇଛନ୍ତି ।

ନିର୍ବାଚନ ବଡ଼ଚଣାରେ । ନବବାବୁ ପ୍ରାର୍ଥୀ । ତାଙ୍କ ବିରୁଦ୍ଧରେ ପ୍ରାର୍ଥୀ ଛାତ୍ରନେତା ଶ୍ରୀ କୁଳମଣି ମହାପାତ୍ର ଏବଂ କମ୍ୟୁନିଷ୍ଟ ପାର୍ଟିର ସମର୍ଥିତ ପ୍ରାର୍ଥୀ ଡାକ୍ତର ଜଗନ୍ନାଥ ଦାସ । ନିର୍ବାଚନରେ ନବବାବୁ ଜିତିଲେ । ପରେ ଯେତେବେଳେ ନବବାବୁଙ୍କ ସାଙ୍ଗରେ ଦେଖା ହୋଇଛି ସେତେବେଳେ ସେ ଏବଂ ନୁମା ପ୍ରଥମେ ପଚାରିଛନ୍ତି ଅସୁସ୍ଥ କୁଳମଣି ମହାପାତ୍ରଙ୍କ କଥା । (କୁଳମଣିବାବୁ ମଧ୍ୟ ଆଉ ନାହାନ୍ତି) ଏବଂ ତାହା ଏକ ମାମୁଲି ପଚାରିବା ନୁହେଁ । ସେ ପଚାରିବାରେ ଭରି ରହିଥିଲା ଗଭୀର ଆତ୍ମୀୟତା ଏବଂ ଦରଦ ।

ନବବାବୁଙ୍କ ସହିତ ମୋର ପାରିବାରିକ ପରିଚୟ । କଟକ ଛାଡ଼ି ସେ ଗଡ଼ଜାତ ଆନ୍ଦୋଳନ ସମୟରେ ଆନ୍ଦୋଳନର କେନ୍ଦ୍ର ଭାବରେ ଗଢ଼ିଲେ ବାଜି ରାଉତ ଛାତ୍ରାବାସ । ସେଇଠି ସେ ତାଙ୍କର କର୍ମଭୂମି ଗଠନ କଲେ । ଅନୁଗୋଳ ଗଲେ ତାଙ୍କୁ ଦେଖିବାକୁ ଯାଏ । ସକାଳେ ଗଲେ ସନ୍ଧ୍ୟାକୁ ଫେରିବାକୁ ପଡ଼େ । ସେଇଠି ଭେଟିବାକୁ ଅନେକ ଲୋକ ଯାଆନ୍ତି । ବଡ଼ ଓ ସାନ ।

ରାଷ୍ଟ୍ରପତି ଶ୍ରୀ ନୀଲମ ସଞ୍ଜୀବ ରେଡ୍ଡି ତାଙ୍କୁ ଭେଟିବାକୁ ଚାହିଁଲେ । ସାଙ୍ଗେ ସାଙ୍ଗେ ତତ୍କାଳୀନ ସରକାର ଆୟୋଜନ କରିବାକୁ ଚାହିଁଲେ ନବବାବୁଙ୍କୁ ଭୁବନେଶ୍ୱର ଆଣିବା ପାଇଁ । ରାଷ୍ଟ୍ରପତି ମନାକଲେ । ସେ କହିଲେ ସେ ଯିବେ ଅନୁଗୋଳ ତାଙ୍କୁ ଦେଖା କରିବାକୁ । ସରକାର ପୁଣି ଆୟୋଜନ କଲେ ନବବାବୁଙ୍କୁ

Digitized by srujanika@gmail.com

ସର୍କିଟ ହାଉସକୁ ଆଣିବା ପାଇଁ । ରାଷ୍ଟ୍ରପତି କହିଲେ ଯେ ସେ ନବବାବୁଙ୍କୁ ଭେଟିବାକୁ ଯିବେ ବାଜି ରାଉତ ଛାତ୍ରାବାସକୁ । ଗାଡ଼ି ରହିବ ରାସ୍ତା ଉପରେ । ସେ ଏକୁଟିଆ ଯିବେ ଚାଲି ଚାଲି ଆଶ୍ରମ ଭିତରକୁ । ତାହାହିଁ ହେଲା ।

କମ୍ୟୁନିଷ୍ଟ ପାର୍ଟିର ଲିଜେଣ୍ଡାରି ନେତା ଶ୍ରୀ ପି: ସି: ଯୋଶୀ (ସେ ଆଉ ନାହାନ୍ତି) ଓଡ଼ିଶା ଆସିଥିଲେ, ଚାହିଁଲେ ନବବାବୁଙ୍କୁ ଭେଟିବା ପାଇଁ । ଓ:ଟି.ଏମ୍:ର ଏକ ଗାଡ଼ି ବନ୍ଦୋବସ୍ତ କରିଦେଲେ ଶ୍ରୀ ବିରେନ ମିତ୍ର (ସେ ଆଉ ନାହାନ୍ତି) ବୀରେନ ଦା' ଗାଡ଼ି ବନ୍ଦୋବସ୍ତ କଲାବେଳେ ପି:ସି: ଯୋଶୀ ଏବଂ ନବବାବୁଙ୍କ ସମ୍ପର୍କରେ ଯେଉଁ ପ୍ରଶଂସାର ବାଣୀ କହୁଥିଲେ ତାହା ଶୁଣିଲେ ଯେ କୌଣସି ଲୋକ ଆଶ୍ଚର୍ଯ୍ୟ ହେବ । ଏକେ ତ ପି: ସି: ଯୋଶୀ କମ୍ୟୁନିଷ୍ଟ ପାର୍ଟିର ନେତା ଏବଂ ନବକୃଷ୍ଣ ଚୌଧୁରୀଙ୍କୁ ବିଦାକରି ହରେକୃଷ୍ଣ ମହତାବଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରାଇବାର ମୁଖ୍ୟନାୟକ ହେଉଛନ୍ତି ବୀରେନ ମିତ୍ର । କିନ୍ତୁ ବୀରେନ ମିତ୍ରଙ୍କର ନବକୃଷ୍ଣ ଚୌଧୁରୀଙ୍କ ବ୍ୟକ୍ତିଗତ ଜୀବନ ପ୍ରତି ଏ'କି ଦରଦ !

ପି:ସି: ଯୋଶୀଙ୍କୁ ସାଙ୍ଗରେ ନେଇ ନବବାବୁଙ୍କ ଆଶ୍ରମରେ ପହଞ୍ଚିଲୁ । ଘଣ୍ଟାକର ପ୍ରୋଗ୍ରାମ ଦିନକର ପ୍ରୋଗ୍ରାମରେ ପରିଣତ ହେଲା । ପ୍ରଥମେ ପି·ସି· ଯୋଶୀ ପ୍ରସ୍ତାବନା କଲେ ଯେ ସେ ନା ନବବାବୁ ବୟସରେ କିଏ ବଡ଼ ତାହା ସ୍ଥିର କରାଯାଉ । କାରଣ ନବବାବୁ ଯଦି ବଡ଼ ହେବେ ତା'ହେଲେ ଭାଉଜ ଭାବରେ ମାଲତୀ ଦେବୀଙ୍କ ଉପରେ ତାଙ୍କର ଅଧିକାର ବଢ଼ିଯିବ । ସତକୁସତ ଦେଖାଗଲା ଯେ ନବବାବୁ ଯୋଶୀଙ୍କଠାରୁ ବୟସରେ କିଛି ମାସ ବଡ଼ । ଆରମ୍ଭ ହେଲା ଯୋଶୀଙ୍କ ବରାଦ ଲୁମାଙ୍କ ଉପରେ ।

ମୋର ଦାଦା ସ୍ୱର୍ଗତ ବିରଞ୍ଚି ନାରାୟଣ ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମ ଏବଂ ବିଶେଷତଃ ବୌଦ୍ଧ, ସୁରଗୁଜା, ଯଶିପୁର, ବାମଣ୍ଡା ପ୍ରଭୃତି ପୂର୍ବତନ ଗଡ଼ଜାତ ପ୍ରଜା-ଆନ୍ଦୋଳନ ସହିତ ସଂପୃକ୍ତ ଥିଲେ । କଲେଜରେ ନବବାବୁଙ୍କର ସମସାମୟିକ ହେତୁ ଉଭୟଙ୍କ ମଧ୍ୟରେ ପରିଚୟ କଲେଜ ବେଳରୁ ! ବାଜି ରାଉତ ଛାତ୍ରାବାସରୁ ଆମ ଗାଆଁ ମାଇଲିଏ ବାଟ । ନବବାବୁଙ୍କ ସହିତ ପରିଚିତି ସେଇଯୋଗୁଁ ପାରିବାରିକ । ଦାଦା ବଞ୍ଚିଥିଲା ପର୍ଯ୍ୟନ୍ତ ଯେତେବେଳେ ଦେଖା ହେଲେ ସେ ଦାଦାଙ୍କ କଥାହିଁ ପଚାରୁଥିଲେ ଏବଂ କହୁଥିଲେ କଲେଜ ବେଳର କଥା ।

ନବବାବୁଙ୍କ ବାଜି ରାଉତ ଛାତ୍ରାବାସ ଆଶ୍ରୟହୀନ ବାଳକ ଓ ନାରୀମାନଙ୍କର ଆଶ୍ରୟସ୍ଥଳ । ଏଇଭଳି ଏକ ଆଶ୍ରମବାସିନୀ ମୋର ପୁତୁରାକୁ ବିବାହ କରିଛି । ତା'ର ବାପା ମାଆଙ୍କ ଭିତରୁ ଜଣେ ଆଦିବାସୀ ଏବଂ ଜଣେ ମୁସଲମାନ । ସେମାନଙ୍କର ବିବାହ

Digitized by srujanika@gmail.com

ଏପର୍ଯ୍ୟନ୍ତ ତାର ବାପା ମା ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । କିନ୍ତୁ ସେମାନଙ୍କ ଛଡ଼ା ଅନ୍ୟ ସମସ୍ତେ ଏହି ବିବାହକୁ ସ୍ୱୀକୃତି ଦେଇଛନ୍ତି । ନବବାବୁଙ୍କ ଆଶ୍ରମରେ ଏଇଭଳି ଅନେକ ଝିଅ ଅଛନ୍ତି । କଞ୍ଚା ବୟସ । ବେଳେବେଳେ କଣ ଟିକିଏ ଏପାଖ ସେପାଖ ଯେ କେତେକଙ୍କର ହେଉ ନଥିବ ତା'ନୁହଁ । କିନ୍ତୁ ମାଳତୀ ଦେବୀ ଏ ବିଷୟରେ କଠୋର । ତାଙ୍କ ଆଖିରେ ସାମାନ୍ୟ ଭୁଲଭଟକା ପଡ଼ିଲେ ଶାସ୍ତି ମିଳେ । ଏଇଭଳି ଦୁଇଟି ଝିଅଙ୍କୁ କ'ଣ ଟିକିଏ ତ୍ରୁଟି ପାଇଁ ମାଳତୀ ଦେବୀ ବିଦାକରି ଦେଇଥିଲେ ଆଶ୍ରମରୁ । ବିଦା ଠିକ୍ ନୁହେଁ । ଛୁଟି ପରେ ଆଉ ବର୍ତ୍ତମାନ ପାଇଁ ନ ପଠାଇବା ସକାଶେ ସେମାନଙ୍କର ବାପାମାଙ୍କୁ ଲେଖି ଦିଆଯାଇଥିଲା । ନବବାବୁ ଏହା ଶୁଣି ନଥିଲେ । ଗମ୍ଭୀର ମାନବିକତା ତାଙ୍କୁ ମଣିଷର ଆସ୍ତିମୂଳକ ଦିଗ ପ୍ରତି ଯେପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିବାକୁ ସାହାଯ୍ୟ କରୁଥିଲା ଠିକ୍ ସେଇପରି ମଣିଷର ନାସ୍ତିମୂଳକ ଦିଗ ପ୍ରତି ତାଙ୍କର ସହାନୁଭୂତି ଥିଲା ବୈଜ୍ଞାନିକ ଦୃଷ୍ଟିକୋଣ ଦ୍ୱାରା ପ୍ରଭାବିତ । ମଣିଷ ପୂର୍ଣ୍ଣାଙ୍ଗ ନୁହେଁ । ସେ ଦେବତା ନୁହେଁ । ରାକ୍ଷସ ବି ନୁହେଁ । ମଣିଷକୁ ମଣିଷ ଭାବରେ ବିଚାର କର । ନବବାବୁଙ୍କର ଜୀବନର ସନ୍ଧ୍ୟା ଉପଗତ । ସେ ଅଚେତ ହୋଇ ପଡ଼ିଛନ୍ତି । ସମସ୍ତେ ଘେରି ବସିଛନ୍ତି । ସେ ଆଖି ଖୋଲିଲେ । କଣ କହିବେ । ସମସ୍ତେ ଅପେକ୍ଷା କରିଛନ୍ତି । ନବବାବୁ ପଚାରିଲେ—ସେ ଦୁଇଟି ଝିଅ ଆସିଲେଣି ! ସେମାନଙ୍କୁ ତୁରନ୍ତ ଡକାଇ ପଠାଗଲା ।

ଆଶ୍ରମରେ ଥରେ ଭାରତ ସରକାରଙ୍କ କ୍ଷେତ୍ର ପ୍ରଚାର ସଂସ୍ଥା ତରଫରୁ ସିନେମା ଦେଖାଯିବାର ବ୍ୟବସ୍ଥା ହୋଇଥାଏ । କ୍ଷେତ୍ର ପ୍ରଚାର ସଂସ୍ଥାର କର୍ମକର୍ତ୍ତା ମାଳତୀ ଦେବୀଙ୍କ ମନୋଭାବ ଜାଣନ୍ତି । ତେଣୁ ସେ ବାଛିବାଛି ଏପରି ଏକ ଚଳଚିତ୍ର ଆଣିଥିଲେ ଯେଉଁଥିରେ ଉଲଗ୍ନତା ବେଶୀ ନଥିବ କିନ୍ତୁ ବର୍ତ୍ତମାନର ବମ୍ବେ ଚଳଚ୍ଚିତ୍ରରେ ଉଲଗ୍ନତା ଆଦୌ ନଥିବା ଏକ ଚଳଚିତ୍ର ପାଇବା କଠିନ । ଚଳଚିତ୍ର ଚାଲିଛି । ମାଳତୀ ଦେବୀ ଅଧାରେ ଆସି ପହଞ୍ଚିଗଲେ । ଦେଖିଲେ ଚଳଚିତ୍ର କିଛି ସମୟ ଏବଂ ଚଳଚିତ୍ର ବନ୍ଦ କରିଦେବା ପାଇଁ ନିର୍ଦ୍ଦେଶ ଦେଲେ । ବିଚରା କର୍ମକର୍ତ୍ତା ଡରରେ ଆସି ନବବାବୁଙ୍କ ପାଖରେ ପହଞ୍ଚିଲେ ଏବଂ ନିବେଦନ କଲେ ଯେ ଚଳଚିତ୍ର ଯାହାଥିଲା ସେଥିରୁ ବାଛିକରି ଆଣିଥିଲା । କେଉଁଠୁ ଭଲ ଚଳଚିତ୍ର ଆଣିବ ? ନବବାବୁ ସେକଥା ନଶୁଣି କହିଲେ, ଶୁଣ, ମା ଟିକିଏ କଠୋର ଲୋକ । ସେ ଜାଣନ୍ତି ନାହିଁ ଯେ ଭଲ ଆଉ ଭେଲ ଦୁଇଟାଯାକ ନଜାଣିଲେ ଭଲଟାକୁ ଭେଲରୁ ବାଛିବା ଜଣକ ପକ୍ଷରେ ସମ୍ଭବ ନୁହେଁ । ତମେ ଗୋଟାଏ କାମକର । ତମେ ଏଇ ସୁସୁଡ଼ା ଗାଁରେ କାଲି ଚଳଚିତ୍ର ଦେଖାଅ । (ସୁସୁଡ଼ା ଗାଁ । ଭିତରେ ଦାଣ୍ଡ ଘଉଠ ଗ୍ରାମାବାସ) ସେଇଟାତ ମାଳତୀ ଦେବୀଙ୍କ କର୍ତ୍ତୃତ୍ୱର ବାହାରେ । ମୁଁ ପିଲାମାନଙ୍କୁ କହିଦେବି । ସେମାନେ ଚୁପକରି ଚାଲିଯିବେ ଦେଖିବାପାଇଁ । କ୍ଷେତ୍ର ପ୍ରଚାର ସଂସ୍ଥାର କର୍ମକର୍ତ୍ତା ଆସିଥିଲେ ନିଜକୁ ରକ୍ଷା

Digitized by srujanika@gmail.com

କରିବାପାଇଁ ଏକ ସମ୍ଭାବ୍ୟ ଆକ୍ରମଣରୁ । ବର୍ତ୍ତମାନ ଓଲଟି ଉତ୍ସାହ ପାଇଲେଣି ଭାଗ୍ୟକୁ ନବବାବୁ ପିଲାମାନଙ୍କୁ ଡାକି ସେଇକଥା କହିଲେ । ପିଲାମାନଙ୍କର ପ୍ରବଳ ଭୟ ମାଳତୀ ଦେବୀଙ୍କୁ । ଆମେ କେମିତି ଯିବୁ ? କେମିତି ହେବ ? ମାଳତୀ ଦେବୀ ସେମାନଙ୍କୁ ମଣିଷ କରି ଗଢ଼ୁନାହାନ୍ତି । ହଷ୍ଟେଲରୁ କେମିତି ଖସି ପଳେଇବ ଜାଣିନ, ଆଉ ମଣିଷ କଣ ହେବ ? ସେଇଠୁ ଶିଖେଇଲେ ପିଲାଙ୍କୁ କେମିତି ଯିବାକୁ ପଡ଼େ । ଆଲୁଅ ଲିଭାଇଦେବ । ମଶାରି ପକାଇ ଦେବ । ତକିଆକୁ ବିଛଣା ଉପରେ ଲମ୍ବାକରି ପକାଇ ଦେଇ ଚଦର ଘୋଡ଼ାଇ ଦେବ ଏବଂ ତାପରେ ଚୁପକରି ଖସି ପଳାଇବ । ପିଲାଏ ସେଇଆ କଲେ କିନ୍ତୁ ମାଳତୀ ଦେବୀ ତାହା ଜାଣିପାରି ପିଲାଙ୍କ ଘରେ ତାଲା ପକାଇ ଦେଲେ । ପିଲାଏ ସିନେମା ଦେଖି ଫେରିଲାବେଳକୁ ଘରେ ତାଲା ପଡ଼ିଛି । ବର୍ତ୍ତମାନ ଯାଆନ୍ତି କୁଆଡ଼େ ? ହଠାତ୍ ଦେଖାଗଲା ଯେ ନବବାବୁ ତାଙ୍କ ଘରେ ନାହାନ୍ତି । ମାଳତୀ ଦେବୀ ଭାବିଲେ ଯେ ନିଶ୍ଚୟ ନବବାବୁ ପିଲାଙ୍କ ସାଙ୍ଗରେ ସିନେମା ଦେଖି ଯାଇଛନ୍ତି । ପିଲାମାନେ ଫେରି ବାରଣ୍ଡାରେ ବସିଛନ୍ତି । ଏ ଖବର ନୁମା ପାଇଲେଣି । କିନ୍ତୁ ନବବାବୁ ଗଲେ କୁଆଡ଼େ ? ଖୋଜା ଚାଲିଲା । ନବବାବୁଙ୍କ ପତ୍ତା ନାହିଁ । ମାଳତୀ ଦେବୀଙ୍କ ସବୁ ରାଗ ପାଣି ଫାଟିଗଲାଣି । ବହୁ ସମୟ ଖୋଜାଖୋଜି ପରେ ଦେଖାଗଲା ପିଲାଙ୍କ ହଷ୍ଟେଲରେ ଗୋଟିଏ ପିଲାର ଖଟରେ ନବବାବୁ ଶୋଇଛନ୍ତି । ବାହାରୁ ତାଲା ବନ୍ଦ ହେତୁ ପାଟି ଶୁଭୁନାହିଁ ଭିତରକୁ । ନବବାବୁ ଉଠିଲେ । ଏଠି ତମେ କଣ କରୁଛ ? ମାଳତୀ ଦେବୀଙ୍କ ଏଇ ପ୍ରଶ୍ନରେ ନବବାବୁ ହସି ହସି କହିଲେ, ପିଲାଗୁଡ଼ାକ ସିନେମା ଦେଖି ଯାଇଥିଲେ । ତାଙ୍କ ଘର ପୁଣି ଜଗିବା କିଏ ? ମୁଁ ଜଗିଥିଲି । ନିଦ ମାଡ଼ିଲା । ଶୋଇ ପଡ଼ିଥିଲି । ପିଲାମାନେ ଫେରିଲେଣି ? ମାଳତୀ ଦେବୀ କଣ ଆଉ କହିବେ ?

ନବବାବୁଙ୍କ ମର ଦେହକୁ ଯେଦିନ ଚିତାଗ୍ନିରେ ଶୁଆଇଦେଇ ଫେରିଲାବେଳେ 'ସମାଜ' ସମ୍ପାଦକ ଶ୍ରୀ ରାଧାନାଥ ରଥଙ୍କୁ ସାଶ୍ରୁଳ ନୟନରେ ଶ୍ରୀ ବିନୋଦ ମହାନ୍ତି ଏଇ ଶେଷୋକ୍ତି ଦୁଇଟି କଥା କହୁଥିଲେ ।

ନବବାବୁ ଇମିତି ଏକ ବିଚିତ୍ର ମଣିଷ ଥିଲେ ।

ଚୀନ୍-ଭାରତ ସଂଘର୍ଷ । ୧୯୬୨ ମସିହାର କଥା । ନବବାବୁଙ୍କ ମତରେ ତିବ୍ବତ ହେଉଛି ଚୀନର । ମାକ୍‌ମୋହନ ଲାଇନ ଏକ କାଳ୍ପନିକ ରେଖା ଏବଂ ତାହା ଚୀନା କର୍ତ୍ତୃପକ୍ଷ ସ୍ୱୀକାର କରି ନାହାନ୍ତି କେବେହେଲେ । ବିବାଦ ତେଣୁ ଆମ ପଟରୁ । ଏବଂ ଆମ ପଟରୁ ହିଁ ସଂଘର୍ଷ ଆରମ୍ଭ ହୋଇଛି । ନବବାବୁ ଏକ ସଭା ଆହ୍ୱାନ କଲେ କଟକ ଟାଉନହଲ୍‌ରେ । ନବବାବୁ ଯେତିକି ମ୍ୟାପ୍, ଡାଟା, ଷ୍ଟାଟିଷ୍ଟିକ୍ସ ସେ ଉପସ୍ଥାପନା କଲେ ତାହା ସମସ୍ତଙ୍କୁ ବିସ୍ମିତ କରିଥିଲା । ପରେ ଯେତେବେଳେ

Digitized by srujanika@gmail.com

ମାକ୍ସୱେଲଙ୍କର India's China War ବହି ପ୍ରକାଶିତ ହେଲା ସେତେବେଳେ ନବବାବୁଙ୍କର ଯୁକ୍ତି ଉପଲବ୍ଧି କରିହେଲା ।

ନବବାବୁ ପଢ଼ନ୍ତି ବହୁତ । ସେହି ହିସାବରେ ତାଙ୍କର ଖ୍ୟାତି ଥିଲା ଏପରି ଯେ ଅନେକ ବ୍ୟକ୍ତି ଓ ଅନୁଷ୍ଠାନ ତାଙ୍କ ପାଖକୁ ସଦ୍ୟ ପ୍ରକାଶିତ ବହି ପଠାଇବାକୁ ଆପଣାର କର୍ତ୍ତବ୍ୟ ବୋଲି ମନେ କରନ୍ତି । ବହି ଆସେ ଦେଶବିଦେଶରୁ । ଆମେ ଏକ ଆନ୍ତର୍ଜାତିକ ସେମିନାରର ଆୟୋଜନ କରିଥାଉଁ । ୧୯୭୮ ମସିହାର କଥା । ନବବାବୁ ଏକ ପଛ ଧାଡ଼ି ଚୌକିରେ ବସିଥାନ୍ତି । ମୋତେ ଗଗନ ବିହାରୀ ଜେନା (ସେ ଆଜି ନାହାନ୍ତି) ଠାରି ଦେଖାଇଦେଲେ । ବୁଢ଼ା, ପଛରେ ବସିଛି । ଯା' କହିବୁ ଆଗକୁ ଯିବା ପାଇଁ । ମୁଁ ଯାଇଁ ସେଇ ଅନୁରୋଧ କଲି । ନବବାବୁ ମୋତେ ତାଙ୍କ ପାଖ ଚୌକିରେ ବସିବାକୁ କହି ଏକ ପଂକ୍ତି ଉଦ୍ଧାର କଲେ । ଅରସିକେଷୁ ରସସ୍ୟ ନିବେଦନଂ, ମାଲିଖଂ, ମାଲିଖଂ । ବୁଝିଲି ତମେ ଗୋଟିଏ ଅରସିକ ଲୋକ ହେଲି କେବେଠାରୁ ? ସାଂସ୍କୃତିକ କାର୍ଯ୍ୟକ୍ରମରେ ସବୁବେଳେ ପଛରେ ବସିବ । ତା'ହେଲେ ତାଳି ମାରି ହେବ, ସିଟି ମାରି ହେବ, ବୁଝିଲି । ଏବଂ ଭଲ ନ ଲାଗିଲେ ଚୁପ୍‌ଚାପ ଉଠି ଚାଲିଯାଇ ହେବ । ଆଗ ଧାଡ଼ିରେ ବସିଲେ ଏସବୁ ହେବ କେଉଁଠୁ ? ନବବାବୁ କହୁଛନ୍ତି ମୋର ପାଟି ବନ୍ଦ ।

ନବବାବୁ କଂଗ୍ରେସର ନେତା ଥିଲେ । ଥିଲେ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ନେତା । ରାଜନୀତି ଛାଡ଼ିଲେ । ସର୍ବୋଦୟ ଆନ୍ଦୋଳନରେ ଝାସଦେଲେ । ତା'ପରେ ଦେଖାଗଲା ଯେ ନବବାବୁ ଧୀରେ ଧୀରେ ନକ୍ସଲବାଦୀ ବା ଅଲଟ୍ରା ଲେଫ୍ଟ ହୋଇ ଉଠିଲେ । ନାଗଭୂଷଣ ପଟ୍ଟନାୟକଙ୍କୁ ଫାସିକାଠରୁ ମୁକ୍ତ କରିବା ପାଇଁ ତାଙ୍କର ଉଦ୍ୟମ ତାଙ୍କୁ ସ୍ମୃତ କରି ରଖିବ ଏବଂ ସେଥିପାଇଁ ମହତାବବାବୁ ଓ ତାଙ୍କର ମିଳିତ ଉଦ୍ୟମ ସମସ୍ତଙ୍କୁ ବିସ୍ମିତ କଲା । କୁଆଡ଼େ ଗଲା ତାଙ୍କ ଭିତରେ ଥିବା ରାଜନୈତିକ ବିବାଦ ? ନବବାବୁ ନକ୍ସଲବାଦୀମାନଙ୍କ ସପକ୍ଷରେ ସଭାସମିତିରେ ଉଦ୍‌ବୋଧନ ଦେଲେ । ନବବାବୁଙ୍କର ଯେପରି ଏକ ଘଟଣାନ୍ତର ବା ରୂପାନ୍ତର ଘଟିଯାଉଛି । ନକ୍ସଲବାଦୀ ନେତା ନାଗଭୂଷଣ ଜେଲରେ । ସେ ଶ୍ୱାସରୋଗାକ୍ରାନ୍ତ । ମୋ ସ୍ତ୍ରୀ ଅଧ୍ୟାପିକା ଡକ୍ଟର କମଳ କୁମାରୀ ପଟ୍ଟନାୟକ ଚେରମୂଳି ପତ୍ର ସାହାଯ୍ୟରେ ଶ୍ୱାସ ରୋଗର ଚିକିତ୍ସା କରନ୍ତି । ଦିନେ ହଠାତ୍ ନବବାବୁ ଫୋନ୍ କଲେ ଯେ ନାଗଭୂଷଣଙ୍କର ଚିକିତ୍ସା ଦରକାର । ଅଧ୍ୟାପିକା କମଳ କୁମାରୀ ରାଜି ହେଲେ ସେ ଭାରତ ସରକାରଙ୍କୁ ଲେଖିବେ ତାଙ୍କର ନାଗଭୂଷଣଙ୍କ ସହିତ ଜେଲରେ ସାକ୍ଷାତ କରିବା ପାଇଁ । ଏହା କାର୍ଯ୍ୟକାରୀ ହେବା ପୂର୍ବରୁ ନାଗଭୂଷଣ ଜେଲରୁ ଖଲାସ ହୋଇଗଲେ ।

Digitized by srujanika@gmail.com

ନବବାବୁଙ୍କ କୁଟୀରରେ ଦୁଇଟି ଫଟୋ ଦେଖିବାକୁ ମିଳେ । ଗୋଟିଏ ହୋ-ଚି-ମିନ୍‌ଙ୍କର ଏବଂ ଆଉ ଗୋଟିଏ ଲେନିନ୍‌ଙ୍କର । ନବବାବୁ ହୋ-ଚି ମିନ୍‌ଙ୍କ ପରି ଦାଢ଼ି ରଖିବାକୁ ଆରମ୍ଭ କଲେ । ଗାନ୍ଧିବାଦୀ ନବକୃଷ୍ଣ ଚୌଧୁରୀଙ୍କ ଘରେ ଏ ପ୍ରକାରର ଫଟୋ ଅନେକଙ୍କୁ ବିସ୍ମିତ କରିଛି । ଅନେକ ପ୍ରଶ୍ନବାଚୀ ଉଠିଛି । କିନ୍ତୁ ନବବାବୁ ତ ସବୁର ଏକ ବ୍ୟତିକ୍ରମ ।

ନବବାବୁ ଯେଉଁଦିନ ବିଦାୟ ନେଲେ । ନିଜକୁ ଇତିହାସରେ ରଖିବା ପାଇଁ କୌଣସି ଉଦ୍ୟମ ସେ କରିନାହାନ୍ତି । ବରଂ ଇତିହାସ ପୃଷ୍ଠାରୁ ଆପଣାକୁ ପୋଛି ଦେବା ପାଇଁ ସେ ଉଦ୍ୟମ କରିବାକୁ ଆରମ୍ଭ କଲେ । ଜୀବନର ଅପରାହ୍ନରେ । ସେନ୍‌ସିଟିଭ୍ ଲୋକ । ଜରୁରୀକାଳୀନ ପରିସ୍ଥିତିରେ ତାଙ୍କୁ କାରାବାସ ଭୋଗିବାକୁ ପଡ଼ିଲା । କାରାବାସ ପାଇଁ ସେ ବିବ୍ରତ ହୋଇ ନାହାନ୍ତି, କିନ୍ତୁ ସ୍ୱାଧୀନ ଭାରତରେ ଯେ ତାଙ୍କୁ କାରାବାସ ଭୋଗିବାକୁ ପଡ଼ିବ ଏହା ବୋଧହୁଏ ତାଙ୍କର କଳ୍ପନାର ବାହାରେ ଥିଲା । ନବବାବୁ ସେଇ ଆଘାତରୁ ଆଉ ଉଭୁରି ପାରିଲେ ନାହିଁ । ଏକ ଭଗ୍ନସ୍ୱାସ୍ଥ୍ୟ, ଏକ ଭଗ୍ନ ମନ ତାଙ୍କର ସହଚର ହୋଇଗଲା ।

ସେଦିନ ଦିଲ୍ଲୀ ସହରରେ ଆସାମ ନିବାସର ସମ୍ମୁଖ ରାସ୍ତାକୁ "ଲୋକପ୍ରିୟ ଗୋପୀନାଥ ବର୍ଦୋଲୋଇ ସରଣୀ" ନାମରେ ନାମିତ ହେବା ଦେଖି ଆନନ୍ଦିତ ହୋଇଥିଲି, ଦୁଃଖିତ ମଧ୍ୟ ହୋଇଥିଲି ଯେ ଓଡ଼ିଶା ଭବନର ସମ୍ମୁଖ ରାସ୍ତା କ'ଣ ନବକୃଷ୍ଣ ଚୌଧୁରୀଙ୍କ ନାମରେ ନାମିତ ହୋଇ ପାରନ୍ତା ନାହିଁ ? ତାଙ୍କର ତ କେହି ଶତ୍ରୁ ନାହାନ୍ତି । ଆସି ଦିନେ ପାର୍ଲ୍ୟାମେଣ୍ଟ ସଭ୍ୟମାନଙ୍କୁ କହିଲି । ଯୋଜନା, ଭୂସଂସ୍କାର, ଭାଗଚାଷ ଆଇନ୍ କ ଓଡ଼ିଶାକୁ ଶିଖାଇଥିଲା କିଏ ? ସେମାନଙ୍କ ମଧ୍ୟରେ ନବବାବୁ ଅନ୍ୟତମ ଏବଂ ପାଇଓନିଅର ମଧ୍ୟ । ଏହା ହିଁ ଥିଲା ସେମାନଙ୍କର ମତ । କିନ୍ତୁ ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ ? କିଏ ଯାଇ କହିବ ପ୍ରଧାନମନ୍ତ୍ରୀଙ୍କୁ ? କଟକ ଫେରି ଓଡ଼ିଶାର ସବୁ ପାର୍ଲ୍ୟାମେଣ୍ଟ ସଭ୍ୟ, ମୁଖ୍ୟମନ୍ତ୍ରୀ, ବହୁ ରାଜନୈତିକ ନେତାଙ୍କୁ ଚିଠି ଲେଖିଲି । ମଲା ଘୋଡ଼ାର ଟାଙ୍ଗ ଗଣି ଲାଭ କ'ଣ ? ଜୀବିତ ବ୍ୟକ୍ତିମାନଙ୍କର ସ୍ମୃତି ସଜାଡ଼ି ସଜାଡ଼ି ବେଳ ପଳଉଛି ମୃତ ବ୍ୟକ୍ତିଙ୍କର ସ୍ମୃତିକୁ ମନେପକାଇ ଲାଭ କ'ଣ ମିଳିବ ? ସେଥିରୁ କିଛି ଭୋଟ ମିଳିବାର ସମ୍ଭାବନା ଥିଲେ ଅବା ଦେଖାଯାଆନ୍ତା ।

ନବବାବୁ ଇତିହାସର ଏକ ବିସ୍ମୃତ ଚରିତ୍ର । ସେ ଚିଠିର କିଛି କିଛି ଉତ୍ତର ମିଳିଲା । କିନ୍ତୁ ଫଲୋ-ଅପ୍ କେହି କଲେ ନାହିଁ ।

ନବବାବୁ ବଞ୍ଚିଥିଲେ ଆଜି ତାଙ୍କୁ ୯୨ ବର୍ଷ ହୋଇଥାଆନ୍ତା । ନବବାବୁ ମଣିଷର ଦାନ୍ତ ଭଳି । ଦାନ୍ତର ଉପକାର ବହୁତ । ଦାନ୍ତ ଝଡ଼ିଗଲା ପରେ ତା'ର ମୂଲ୍ୟ ବେଶୀ ଜଣାପଡ଼େ । କିନ୍ତୁ ସେତେବେଳକୁ ଆଉ ଦାନ୍ତ ଉଠିବାର ଅବକାଶ ନଥାଏ ।

Digitized by srujanika@gmail.com

ପୁନଶ୍ଚ :

"ମୂଳରେ ପଦେ" ଲେଖିଥିଲି ବହି ଛପା ହେବା ପୂର୍ବରୁ । କିନ୍ତୁ ଜାଣତରେ ବା ଅଜାଣତରେ ଏହା ଛପା ହୋଇ ପାରିଲା ନାହିଁ ଠିକ୍ ସମୟରେ । ତେଣୁ ବହିର ପ୍ରଥମ ଦୁଇଶହ ଖଣ୍ଡରେ ଏହା ପାଠକମାନେ ପାଇବେ ନାହିଁ । ସେଇଟା ମୋର ଶକ୍ତି ବହିର୍ଭୂତ ।

ନବବାବୁଙ୍କର ୯୨ ତମ ଜନ୍ମ ଜୟନ୍ତୀ ଦିନ ଏଇ ବହିଟି ଉନ୍ମୋଚିତ ହେଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦୬ ଜଣ ବ୍ୟକ୍ତି ଆସିଥିଲେ । ସେମାନେ ବିଭିନ୍ନ ଦଳର, ବିଭିନ୍ନ ବିଗ୍ଵାସର, ବିଭିନ୍ନ ବୃତ୍ତିର । ଅନେକଙ୍କର ନବବାବୁଙ୍କ ସହିତ ସହଯୋଗିତ୍ୱ ଯେମିତି, ସଂଘର୍ଷ ବି ସିମିତି । ତଥାପି ସେମାନେ ଆସିଥିଲେ ସମସ୍ତେ । କାରଣ ନବବାବୁଙ୍କୁ ସେମାନେ ଚିହ୍ନିଥିଲେ ଭଲ ଭାବରେ ଏବଂ ଜାଣିଥିଲେ ତାଙ୍କ ଭିତରେ ରହିଥିବା ମାନବିକତା ଏବଂ ଆଦର୍ଶକୁ । ସେଇଯୋଗୁଁ ସେମାନେ ଏକାଠି ହୋଇଥିଲେ ।

ଅନେକ ଆସି ପାରିଲେ ନାହିଁ । ନାନା କାରଣରୁ । ଠିକ୍ ହେଲା ଯେ ପ୍ରତିବର୍ଷ ଏଇ ନଭେମ୍ବର ୨୨ ବା ୨୩ରେ ଏକ ବନ୍ଧୁମିଳନ ହେବ । ତାହା ଗୃହୀତ ହେଲା ସର୍ବସମ୍ମତିରେ ।

କଟକ ମ୍ୟୁନିସିପାଲିଟିର ଚେୟାରମ୍ୟାନ୍ ଆସି ପାରିଲେ ନାହିଁ । ତାଙ୍କର ଅନଶନ ସେଇଦିନ ଆରମ୍ଭ ହେଲା । ସେ ଆସିଥିଲେ କହିଥାଆନ୍ତେ ଯେ ବାଖରାବାଦ କାଠଯୋଡ଼ୀକୂଳ ରାସ୍ତାକୁ ନବବାବୁଙ୍କ ନାମରେ ନାମିତ କରାଯାଇ ପାରିବ କି ନାହିଁ ବା ବଡ଼ବୁରୁଜ ପାଖରେ ନବବାବୁଙ୍କର ଏକ ବ୍ରୋଞ୍ଜ ମୂର୍ତ୍ତି ରହି ପାରିବ କି ନାହିଁ ?

୩ । ୧୨ । ୯୨ — ଗିରିଜା ଭୂଷଣ ପଟ୍ଟନାୟକ

Digitized by srujanika@gmail.com

'ସମାଜ' ପଠନରତ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ
୧୯ ଫେବୃୟାରୀ, ୧୯୭୩

ସୌଜନ୍ୟ : ଶ୍ରୀ ପ୍ରଶାନ୍ତ ଦାସ

Digitized by srujanika@gmail.com



ଢେଙ୍କାନାଳ ପ୍ରଜା ଆନ୍ଦୋଳନର ତିନି ମହାରଥୀ

ଶ୍ରୀ ନବକୃଷ୍ଣ ଚୌଧୁରୀ

ଶ୍ରୀ ଗୌରାଙ୍ଗ ଚରଣ ଦାସ

ଶ୍ରୀ ଭଗବତୀ ପାଣିଗ୍ରାହୀ (୧୯୩୮)

ସୌଜନ୍ୟ : ଶ୍ରୀ ପ୍ରଶାନ୍ତ ଦାସ

Digitized by srujanika@gmail.com



ସହଯୋଦ୍ଧା, ସହଯୋଗୀ ଶ୍ରୀ ଗୌରାଙ୍ଗ ଚରଣ ଦାସଙ୍କ
ପ୍ରଥମ ଶ୍ରାଦ୍ଧ ବାର୍ଷିକୀ (ପ୍ରସ୍ତରମୂର୍ତ୍ତି ଉନ୍ମୋଚନ ଉତ୍ସବ) ରେ ଶ୍ରୀ ନବକୃଷ୍ଣ ଚୌଧୁରୀ
୧୯ । ୬ । ୧୯୭୩

ସୌଜନ୍ୟ : ଶ୍ରୀ ପ୍ରଶାନ୍ତ ଦାସ

Digitized by srujanika@gmail.com

ସହଯୋଦ୍ଧା ଗୌରାଙ୍ଗ ଚରଣ ଦାସଙ୍କ ପରିବାର ସହିତ
ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ଶ୍ରୀମତୀ ମାଳତୀ ଦେବୀ
୧୯ । ୨ । ୧୯୭୩

ସୌଜନ୍ୟ : ଶ୍ରୀ ପ୍ରଶାନ୍ତ ଦାସ

Digitized by srujanika@gmail.com

ଭାଷଣରତ ଶ୍ରୀ ନବକୃଷ୍ଣ ଚୌଧୁରୀ

ସୌଜନ୍ୟ : ଲୋକ-ସମ୍ପର୍କ ବିଭାଗ

Digitized by srujanika@gmail.com

ନେତୃବୃନ୍ଦଙ୍କ ଗହଣରେ ଶ୍ରୀ ନବକୃଷ୍ଣ ଚୌଧୁରୀ

ସୌଜନ୍ୟ : ଲୋକ-ସମ୍ପର୍କ ବିଭାଗ

Digitized by srujanika@gmail.com

ସୂଚୀପତ୍ର

	ବିଷୟ	ପୃଷ୍ଠା
୧ ।	ପୂର୍ବଭୂମି	୧
୨ ।	ପ୍ରସ୍ତାବନା	୫
୩ ।	ଜୀବନୀ	୯
୪ ।	ରାଜନୀତି, ସଂଗ୍ରାମର ଓ ଶାସନର	୨୯
୫ ।	ସର୍ବୋଦୟ	୮୮
୬ ।	ବ୍ୟକ୍ତିତ୍ୱ	୯୯
୭ ।	ପାରିବାରିକ ସଂସାର	୧୨୩
	ପରିଶିଷ୍ଟ	
	(କ) ଭୂସତ୍ୟାଗ୍ରହ ଆନ୍ଦୋଳନ	୧
	(ଖ) ଶୋକସାଗରର ବାହାରୁ	୧୩
	(ଗ) ଏକ ରାଜନୀତିକ ବ୍ୟକ୍ତିତ୍ୱର ସମୀକ୍ଷା	୧୮

—o—

Digitized by srujanika@gmail.com

୧ । ପୂର୍ବଭୂମି

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ତିରୋଧାନର ଅବ୍ୟବହିତ ପରେ ତାଙ୍କଠାରେ ଅନୁରାଗ ରହିଥିବା କେତେଜଣ ବ୍ୟକ୍ତି ଏକାଠି ହୋଇ ସ୍ମୃତି-ସମିତିଟିଏ ଗଢ଼ିଥିଲେ । ଭୁବନେଶ୍ୱରରେ ଏହି ସମିତିର ବୈଠକ ବେଶ୍ କେତେଥର ବସିଥିଲା ଓ କେତେକ କାର୍ଯ୍ୟକ୍ରମ ହାତକୁ ନେଇଥିଲା । ଶ୍ରୀଯୁକ୍ତ ଚୌଧୁରୀଙ୍କର ଏକ ଜୀବନୀ ପ୍ରସ୍ତୁତ କରାଇ ତାହାକୁ ପୁସ୍ତକାକାରରେ ପ୍ରକାଶିତ କରିବା ଲାଗି ମଧ୍ୟ ଏକଦା ସ୍ଥିର କରାଯାଇଥିଲା । ସମସ୍ତେ ମିଶି ଜୀବନୀଟିକୁ ପ୍ରସ୍ତୁତ କରିବାର ଦାୟିତ୍ୱ ମୋତେ ଦେଇଥିଲେ ଓ ମୋତେ ଆବଶ୍ୟକ ତଥ୍ୟମାନ ଯୋଗାଇ ଦେବାର ଯଥେଷ୍ଟ ପ୍ରତିଶ୍ରୁତି ମିଳିବାରୁ ମୁଁ ସେଥିରେ ହଁ କରିଥିଲି । ତାପରେ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି, ମାତ୍ର ସ୍ମୃତି-ସମିତିର ଆଉ କୌଣସି ବୈଠକ ବସିନାହିଁ । ବୈଠକ ଡାକିବା ଲୋକ ଆଉ କୌଣସି ବୈଠକ ଡାକି ନାହାନ୍ତି । ମୋତେ ତଥ୍ୟ ଯୋଗାଇ ଦେବାର କଥା ସଂପୃକ୍ତ ବ୍ୟକ୍ତିମାନଙ୍କର ମନେ ରହିବା ତ ଆହୁରି ଅଧିକ ଦୂରର କଥା । ଖବରକାଗଜରୁ ଜାଣିଛି, ଆଗେ ସ୍ମୃତି ସମିତିରେ ବସୁଥିବା କେତେକ ବ୍ୟକ୍ତି ଏବେ ଶ୍ରୀ ଚୌଧୁରୀଙ୍କ ନାମରେ ଗୋଟିଏ ଫାଉଣ୍ଡେସନ୍ ଗଢ଼ିଲେଣି ଓ ଏହି ନୂତନ ସଂସ୍ଥାର ବୈଠକ-ମାନ ମଧ୍ୟ ଡକାଗଲାଣି । କହିବା ବାହୁଲ୍ୟ, ଏହାର ଖାତା ତାଲିକାରେ ମୋ' ନାଆଁ ନାହିଁ । ତେଣୁ ମୋତେ ସେଥିକୁ ଡାକିବାର ପ୍ରଶ୍ନ ହିଁ ଉଠୁନାହିଁ । ଓଡ଼ିଶାରେ ଏପରି ହୁଏ, ଏକ ପୁରୁଣା ରୀତି ଅନୁସାରେ ଏସବୁ ହୁଏ, ତେଣୁ କ୍ଷୋଭ କରିବାର କାରଣ ନଥାଏ ।

ଜୀବନୀଟିଏ ପ୍ରସ୍ତୁତ କରିବାର ଦାୟିତ୍ୱ ମୋତେ ଦିଆ ଯାଇଥିବା ସମୟରେ ସ୍ମୃତିସମିତିର ପରାମର୍ଶ ମାନି ମୋ' ଠିକଣାରେ ଶ୍ରୀଯୁକ୍ତ ଚୌଧୁରୀଙ୍କ ସମ୍ପର୍କରେ ଆସିଥିବା ବ୍ୟକ୍ତିମାନେ ନିଜ ସ୍ମୃତିର କିଛି ଟିପି ପଠାଇବା ଲାଗି ଖବରକାଗଜର ମାଧ୍ୟ-ମରେ ଅନୁରୋଧ କରା ଯାଇଥିଲା । ଏକାଧିକ ବ୍ୟକ୍ତି ଟିପାସବୁ ପଠାଇଥିଲେ । ମୁଁ କେତେକଙ୍କ ପାଖକୁ ଏଥିଲାଗି ବ୍ୟକ୍ତିଗତ ଭାବରେ ମଧ୍ୟ ଲେଖିଥିଲି । କେତେକ ଖୁସି ହୋଇ ମୋ' କଥା ରଖିଲେ, କେତେକ ଚୁପ୍ ରହିଗଲେ । ଯେଉଁମାନଙ୍କଠାରୁ ଅଧିକ

Digitized by srujanika@gmail.com

ନିର୍ଭରଯୋଗ୍ୟ ପ୍ରତ୍ୟକ୍ଷ ସାମଗ୍ରୀମାନ ମିଳିବାର ଆଶା ରଖି ମୁଁ ସେମାନଙ୍କ ପାଖକୁ ଲେଖିଥିଲି । ସେମାନେ ପ୍ରାୟ ସମସ୍ତେ ମନା କରିଦେଲେ । ଶ୍ରୀଯୁକ୍ତ ଚୌଧୁରୀଙ୍କର ପରିବାର ଅଥବା ପାରିବାରିକ ବୃତ୍ତର ପ୍ରାୟ ସମସ୍ତେ ମନା କରିଦେଲେ ଅଥବା କଥା ଟାଳିଲେ । ଶ୍ରୀମତୀ ମାଳତୀ ଚୌଧୁରୀଙ୍କ ତରଫରୁ ଜଣେ ମୋତେ ଲେଖି ଜଣାଇଥିଲେ "ତୁମାଙ୍କ କହିବାନୁସାରେ ଏ ଚିଠି ଲେଖୁଛି । ଆପଣ ବାପିଙ୍କ ବିଷୟରେ ତଥ୍ୟ ଲେଖି ପଠାଇବାକୁ ଲେଖିଥିଲେ । କି ତଥ୍ୟ ପଠାଇବେ ? ଏ ବୟସରେ ଏସବୁ ତାଙ୍କ ପକ୍ଷରେ କଷ୍ଟକର ।" ଅବଶ୍ୟ, ସେହି ଚିଠିରେ ଗୋଟିଏ ଧାଡ଼ି ପରେ ଏକଥା ମଧ୍ୟ ଲେଖାଥିଲା : "ବାପି ତୁମା ଏକ । ବାପି ବିଷୟ ତୁମା କ'ଣ ଲେଖିବେ ବୋଲି କହିଲେ ।"

ନିଜେ କୌଣସି ତଥ୍ୟ ଲେଖି ପଠାଇବାକୁ ମୁଁ ଶ୍ରୀମତୀ ଚୌଧୁରୀଙ୍କୁ ଲେଖି-ନଥିଲି । ମୁଁ ଅନୁରୋଧ କରିଥିଲି, ସେ ସମ୍ମତି ଜଣାଇଲେ ମୁଁ ନିଜେ ତାଙ୍କ ପାଖକୁ ଯିବି ଓ ତାଙ୍କ ମୁହଁର କଥାଗୁଡ଼ିକୁ ତାଙ୍କଠାରୁ ଟିପି ଆଣିବି । ସେକଥା ନୋହିଲା । ଶ୍ରୀଯୁକ୍ତ ଚୌଧୁରୀଙ୍କର ଅନ୍ୟ ସ୍ୱଜନମାନେ ମଧ୍ୟ ଅନୁରୂପ ଭାବରେ ନାହିଁ କରିଦେଲେ । ସର୍ବୋଦୟ ଆନ୍ଦୋଳନରେ ବହୁଦିନରୁ ରହି ଆସିଥିବା କେତେ ବ୍ୟକ୍ତି ମଧ୍ୟ କୌଣସି ନା କୌଣସି କାରଣ ଦେଖାଇ ମୋ' ଅନୁରୋଧକୁ ଟାଳିଦେଲେ । ଉଦାହରଣ ସ୍ୱରୂପ ଜଣେ ଲେଖିଥିଲେ ଯେ ବାପି ଅର୍ଥାତ୍ ଶ୍ରୀ ନବକୃଷ୍ଣ ଚୌଧୁରୀ ଜଣେ ମହାପୁରୁଷ ଏବଂ ସାଧାରଣ ଜଣେ ମଣିଷର ତୁଳନାରେ ତାଙ୍କର ସ୍ଥାନ ଅନେକ ଊର୍ଦ୍ଧ୍ୱରେ । ତେଣୁ ଏତେ ଅଳ୍ପ ଓ ନିମ୍ନରେ ଥାଇ ଏତେ ଉଚ୍ଚ ଓ ଊର୍ଦ୍ଧ୍ୱର କଳନା କରିବାକୁ ସେ (ପତ୍ରଲେଖକ) କୁଣ୍ଠା ପ୍ରକାଶ କରିଥିଲେ । ଅତ୍ୟନ୍ତ ଆନନ୍ଦର ବିଷୟ, ସର୍ବୋଦୟ ସଂସ୍ଥା-ଗୁଡ଼ିକ ଭିତରର ଆହୁରି କେତେଜଣ ବନ୍ଧୁ ମୋତେ ଅକୁଣ୍ଠିତ ଭାବରେ ସାହାଯ୍ୟ କଲେ, ଅତ୍ୟନ୍ତ ପ୍ରାସଙ୍ଗିକ ବହୁ କାଗଜପତ୍ର ମଧ୍ୟ ଯୋଗାଇ ଦେଇଥିଲେ । ଏହି ସନ୍ଦର୍ଭରେ ମୁଁ ଶ୍ରୀଯୁକ୍ତ ମଦନ ମୋହନ ସାହୁ ଏବଂ ଶ୍ରୀ ବିଶ୍ୱନାଥ ପଟ୍ଟନାୟକଙ୍କ ପାଖରେ ଅତ୍ୟନ୍ତ କୃତଜ୍ଞ ରହିବି । ନିରୂପିତ ବହିଟିକୁ ଲେଖିବା ମୁଁ କାହିଁକି ଆରମ୍ଭ କରୁନାହିଁ ବୋଲି ଶ୍ରୀଯୁକ୍ତ ପଟ୍ଟନାୟକ ମୋତେ ପତ୍ରଦ୍ୱାରା ବାରବାର ତାଗିଦା କରି ଦେଉଥିଲେ ଓ ମୋର ଚାହିଁବା ଅନୁସାରେ ମୋତେ ନୂଆ ନୂଆ ତଥ୍ୟ ଲେଖି ପଠାଉଥିଲେ ।

ସ୍ମୃତି ସମିତି ଯେତେବେଳେ ନାହିଁ, ସମିତି ପ୍ରସ୍ତାବ କରିଥିବା ଜୀବନୀଟିକୁ ଲେଖିବାର ମଧ୍ୟ ଅନ୍ତତଃ ସେ ତରଫରୁ କୌଣସି ପ୍ରସଙ୍ଗ ଉଠୁନାହିଁ । ତତ୍କାଳୀନ ସଦସ୍ୟ କାହାସହିତ ଯେତେବେଳେ କୌଣସି ଅବସରରେ ଦେଖା ହେଉଛି,

Digitized by srujanika@gmail.com

ଯେତେବେଳେ ବହି ବିଷୟରେ ସେମାନେ ଆଦୌ କୌଣସି କଥା ଉଠାଇ ନାହାନ୍ତି । ତଥାପି ମୁଁ ବହିଟିକୁ ପ୍ରସ୍ତୁତ କରିବ ବୋଲି ସ୍ଥିର କରିଛି । ପରିଚିତ ଓ ଅପରିଚିତ ଅନେକ ସ୍ଥାନରୁ ଯେଉଁସବୁ ତଥ୍ୟ ଆସି ପହଞ୍ଚିଛି, ଅନ୍ତତଃ ସେହିସବୁ ଲାଗି ନ୍ୟାୟବିଚାର କରି ମୁଁ ବହିଟିକୁ ଲେଖିବି । ଏହାକୁ ମୁଁ ଏହିଭଳି ନକ୍ସାରେ ପ୍ରସ୍ତୁତ କରିବ ବୋଲି ଭାବିଛି । ସବାଆଗ ପ୍ରସ୍ତାବନାଟିଏ ରହିବ ; ସେଥିରେ ଏହି ଜୀବନୀଟିକୁ ଲେଖିବା ପଛରେ ରହିଥିବା ମୋର ଦୃଷ୍ଟିକୋଣଟିକୁ ମୁଁ ଯଥାସମ୍ଭବ ଅଧିକ ସ୍ପଷ୍ଟ କରିଦେବାକୁ ଚେଷ୍ଟା କରିବ । ତା’ପରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ସଂକ୍ଷିପ୍ତ ଜୀବନୀ, ତାଙ୍କ ବ୍ୟକ୍ତିତ୍ୱ, ରାଜନୀତି, ପାରିବାରିକ ସଂସାର ପ୍ରଭୃତି କେତୋଟି ବିଷୟରେ ଅଧ୍ୟାୟମାନ ରହିବ । ପ୍ରଧାନତଃ ବର୍ଣ୍ଣନାତ୍ମକ ହେଲେ ମଧ୍ୟ ଏଗୁଡ଼ିକରେ ମୂଲ୍ୟାୟନବାଚକ କେତେକ ପ୍ରକ୍ଷେପଣ ଓ ପ୍ରତିଫଳନ ଅବଶ୍ୟ ରହିଥିବ । ତା’ପରେ ଏକ ପରିଶିଷ୍ଟରେ ବହିଟି ସମ୍ପୂର୍ଣ୍ଣ ହେବ ।

ଏହି ଶତାବ୍ଦୀର ପଞ୍ଚମ ଦଶକରେ କୋରାପୁଟ ଜିଲ୍ଲାର ବଂଶଧାରା ନଦୀ କୂଳରେ ଭୂମିଚ୍ୟୁତ ହୋଇ ବାସ କରୁଥିବା ଆଦିବାସୀମାନେ ଏକଦା ଏକ ଭୂ-ସତ୍ୟାଗ୍ରହଦ୍ୱାରା ସେମାନଙ୍କଠାରୁ ଛଡ଼ାଇ ନିଆ ଯାଇଥିବା ଜମିକୁ ଫେରି ପାଇବାକୁ ସଂଗଠିତ ହୋଇଥିଲେ ଓ ଶ୍ରୀ ବିଶ୍ୱନାଥ ପଟ୍ଟନାୟକଙ୍କୁ ଆଗରେ ରଖି ସେଥିଲାଗି ପ୍ରାଥମିକ କେତେକ ପ୍ରସ୍ତୁତି ମଧ୍ୟ ହୋଇଥିଲା । ଭାରତରେ ସନ୍ଥ ବିନୋବାଙ୍କଦ୍ୱାରା ଭୂମିଦାନ-ଯାତ୍ରା ଆରମ୍ଭ ହେବାର ଏହା ଆହୁରି ପୂର୍ବର କଥା । ସେହି ବିବୃତି ପରିଶିଷ୍ଟର ପ୍ରଥମ ପ୍ରକରଣ ହୋଇ ରହିବ । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ସେତେବେଳେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥିଲେ । ଭୂସତ୍ୟାଗ୍ରହର ପ୍ରସଙ୍ଗ ଭିତରେ ସରକାରୀ ତରଫରୁ ସର୍ବୋଚ୍ଚ କର୍ତ୍ତା ହିସାବରେ ତାଙ୍କର ମଧ୍ୟ ଏକ ଭୂମିକା ରହିଥିଲା । ଗୁଣୁପୁରର ଆଦିବାସୀମାନେ ସରକାରଙ୍କ ଦରବାର ଆଗରେ ହିଁ ନିଜ ଭୂମିଲାଗି ମାଗୁଣି କରି ସତ୍ୟାଗ୍ରହ କରିବେ ବୋଲି ମନସ୍ଥ କରିଥିଲେ ।

ପରିଶିଷ୍ଟର ଦ୍ୱିତୀୟ ଓ ତୃତୀୟ ପ୍ରକରଣ ରୂପେ ଆଗରୁ ପ୍ରକାଶିତ ହୋଇ ସାରିଥିବା ମୋର ଦୁଇଟି ଲେଖା ସ୍ଥାନ ପାଇବ । ଏଥିରୁ ପ୍ରଥମଟି ‘ଶୋକସାଗରର ବାହାରୁ’ ଶୀର୍ଷକରେ ଭୁବନେଶ୍ୱରରୁ ପ୍ରକାଶିତ ଦୈନିକ ‘ପ୍ରଗତିବାଦୀ’ରେ ଶ୍ରୀଯୁକ୍ତ ଚୌଧୁରୀଙ୍କର ତିରୋଧାନ ଘଟିବାର ପ୍ରାୟ ମାସକ ପରେ ବାହାରିଥିଲା । ୧୯୮୪ ମସିହା ନଭେମ୍ବର ମାସରେ ରାଉରକେଲା ବସ୍ତିଆ ମେମୋରିଆଲ୍ ଟ୍ରଷ୍ଟର ଆନୁକୂଲ୍ୟରେ ଓ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କର ମୁଖ୍ୟ ସମ୍ପାଦନାରେ ଶ୍ରୀ ଚୌଧୁରୀଙ୍କର ଉଦ୍ଦେଶ୍ୟରେ ଯେଉଁ ‘ଶ୍ରଦ୍ଧାଞ୍ଜଳୀ’ ପ୍ରକାଶ ପାଇଥିଲା, ସେଥିରେ ମୁଁ ‘ଏକ ରାଜନୀତିକ ବ୍ୟକ୍ତିତ୍ୱର

Digitized by srujanika@gmail.com

ସମୀକ୍ଷା’ ନାମରେ ଗୋଟିଏ ପ୍ରବନ୍ଧ ଲେଖିଥିଲି । ପରିଶିଷ୍ଟର ସର୍ବଶେଷ ପ୍ରକରଣ ରୂପେ ମୁଁ ଏଥିରେ ସେହି ପ୍ରବନ୍ଧଟିକୁ ଅନ୍ତର୍ଭୁକ୍ତ କରିଛି ଏଇଟିକୁ ଆମେ ପ୍ରସ୍ତୁତ ଜୀବନୀ-ପୁସ୍ତକର ଏକ ସମଗ୍ର ଉପସଂହାର ପରି ଗ୍ରହଣ କରିପାରିବା । ସମଗ୍ର ପୁସ୍ତକଟି ଯଦି ସମ୍ପୃକ୍ତ ଆଗ୍ରହୀମାନଙ୍କ ମଧ୍ୟରେ ଏକ ଅଧିକତର ଚର୍ଚ୍ଚା ଏବଂ ମନନ ଲାଗି କଥିତ ଯୋଗାଇ ଦେଇ ପାରିବ, ତେବେ ଜୀବନୀଟି ପ୍ରସ୍ତୁତ କରିବାର ଶ୍ରମସାର୍ଥକତା ମୋତେ ସେଇଥିରୁ ହିଁ ମିଳିଯିବ । ବସ୍ତୁତଃ ପ୍ରତ୍ୟେକ ପୁସ୍ତକର ଉପସ୍ଥାପନା ମଧ୍ୟରେ ଯେଉଁ ସଂକ୍ରାମଣକାରୀ ସମ୍ଭାବନାଟି ନିହିତ ହୋଇ ରହିଥାଏ, ତାହାକୁ ହିଁ ଆମେ ତାହାର ଅସଲ ଅବଦାନ ବୋଲି କହିପାରିବା ।

□ □ □

Digitized by srujanika@gmail.com

୨ । ପ୍ରସ୍ତାବନା

ଓଡ଼ିଶାର ରାଜନୀତିରେ ଜୀବନୀଲେଖା ପ୍ରାୟ ଆରମ୍ଭ ହୋଇନାହିଁ । ରାଜନୀତିରେ ରହିଥିବା ନେତାମାନଙ୍କର ଯେ ଏକ ବ୍ୟକ୍ତିତ୍ୱ ଏବଂ ଆହୁରି ନିର୍ଦ୍ଦିଷ୍ଟ ଭାବରେ ଏକ ରାଜନୀତିକ ବ୍ୟକ୍ତିତ୍ୱ ରହିଛି, ତାହାର କୌଣସି ବିଶ୍ଳେଷଣ ହୋଇନାହିଁ । ଅଧିକାଂଶ ଜୀବନୀ ଲେଖିବା ପ୍ରଧାନତଃ ଏକ ସ୍ତୁତିମୂଳକ ସ୍ତରରେ ହିଁ ରହିଛି ଓ ସେତିକରେ କାମ ସାରି ଦେଇଛି । ଓଡ଼ିଶାର ଆଧୁନିକ ରାଜନୀତି କହିଲେ ଏହି ଶତାବ୍ଦୀର ପ୍ରାୟ ଆରମ୍ଭରୁ ଆଖିଦୃଶିଆ ଭାବରେ ଅନୁଭୂତ ହୋଇଥିବା ଯାବତୀୟ ରାଜନୀତିକ କାର୍ଯ୍ୟକଳାପକୁ ବୁଝାଇବ । ତତ୍କାଳୀନ ଉତ୍କଳ ସମ୍ମିଳନୀର ଯୁଗରେ ଓଡ଼ିଶାକୁ ଆଳ କରି ଯେଉଁସବୁ ଉଦ୍ୟମ ବା ଉଦ୍‌ବେଳନ ହେଉଥିଲା, ତାହା ମୁଖ୍ୟତଃ ଏକ ସ୍ଥାନୀୟ ଜାତୀୟତାର ପରିଧି ଭିତରେ ହେଉଥିଲା । ସେହି ପରିଧି ଭିତରେ ଆସି ଏକଜୁଟ ହୋଇଥିବା ବ୍ୟକ୍ତିମାନଙ୍କର ଜୀବନୀକୁ ଆଲୋଚନା କରିବାର କତିପୟ ଉଦ୍ୟମ ଇତିମଧ୍ୟରେ ହୋଇଛି । ମାତ୍ର ସେଗୁଡ଼ିକର ଭାବପ୍ରବଣତା ଓ ତଦ୍‌ଜନିତ ଅତିକଥନ ଏବଂ ଅତିରଞ୍ଜନ ହିଁ ଅଧିକତର ପରିମାଣରେ ରହିଛି । ଅତିକଥନର ପରମ ଉତ୍ସାହରେ ସମସାମୟିକ ବୃହତ୍ତର ଆହ୍ୱାନଗୁଡ଼ିକର ପରିପ୍ରେକ୍ଷୀରେ ମହାନ୍‌ମାନଙ୍କର ବିଶ୍ଳେଷଣ କରିବାର ପ୍ରାୟ କୌଣସି ପ୍ରୟାସ ହୋଇନାହିଁ । ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଆମ ଆଖିରେ ଏଡ଼େ ବୃହତ୍ ହୋଇ ଦିଶିଛନ୍ତି ଯେ, ସେମାନଙ୍କୁ ମଝିରେ ରଖି ସେମାନଙ୍କର ଯୁଗଟିକୁ ଅଥବା ସେମାନଙ୍କର ଯୁଗକୁ ମଝିରେ ରଖି ସେମାନଙ୍କୁ ଆକଳନ କରିବାଲାଗି ଆମେ କୌଣସି ଆଗ୍ରହ ଦେଖାଇ ପାରୁନାହୁଁ । ଏବେ ମଧ୍ୟ ପ୍ରାୟ ସେହି ଧାରାରେ ଜୀବନୀମାନ ଲେଖାଯାଉଛି । ପିଲାଙ୍କ ପାଇଁ ଲେଖାଯାଉଛି, ବଡ଼ମାନଙ୍କ ପାଇଁ ମଧ୍ୟ ଲେଖାଯାଉଛି । ତଥାକଥିତ ପୂଜ୍ୟପୂଜାର ଧନ୍ଦୋଳ ଭିତରେ ପଡ଼ି ସମୀକ୍ଷାତ୍ମକ ଯାବତୀୟ ଦୃଷ୍ଟି ମାଡ଼ ଖାଇ ଯାଉଛି ।

କୌଣସି ଜଣେ ଦିବଙ୍ଗତ ମହାନ୍ ବ୍ୟକ୍ତିଙ୍କୁ ଶ୍ଳାଘ୍ୟତାର ସ୍ୱର୍ଗକୁ ଟେକିଦେଲେ ତାଙ୍କର ଜୀବନୀ ଲେଖିବାର କାର୍ଯ୍ୟଟି କଦାପି ସମ୍ପୂର୍ଣ୍ଣ ହୁଏନାହିଁ । ତାହା ଅତ୍ୟନ୍ତ ଦୟନୀୟ ଭାବରେ ହିଁ ଖଣ୍ଡିଆ ରହିଯାଏ । ତାଙ୍କୁ ଅଧିକରୁ ଅଧିକ ସମଗ୍ର

Digitized by srujanika@gmail.com

ସ୍ଥବରେ ଉନ୍ମୋଚିତ କରି ଦେଖାଇ ପାରିବା ପରିବର୍ତ୍ତେ ଆମେ ତାଙ୍କ ଉପରେ ସ୍ମରଣ-ପଣିଆର ଏକ ଆଚ୍ଛାଦନ ଟାଣିଆଣୁ ଓ ତାଙ୍କୁ କେଜାଣି କାହିଁକି ଘରି ଲଢ଼ୁଆଳ କରି ରଖିଦେଉ । ଚର୍ଚ୍ଚିତ ମହାନ୍‌ଙ୍କ ପରି ଦ୍ୱିତୀୟ ଆଉଜଣେ କଦାପି ଜନ୍ମିବେ ନାହିଁ ବୋଲି ପ୍ରମାଣିତ କରିଦେଲେ ସେହି ମହାନ୍‌ଙ୍କର ସମସ୍ତ ବର୍ଣ୍ଣନା କଦାପି ଶେଷ ହୋଇ ଯାଏ ନାହିଁ । ଇତିହାସର ଯେକୌଣସି ବ୍ୟକ୍ତି ଭବିଷ୍ୟତକୁ ମଧ୍ୟ ଅନ୍ତଃଦୃଷ୍ଟି ଯୋଗାଇ ଦେବେ; ଅର୍ଥାତ୍, ଅତୀତର ସକଳ ଉଜ୍ଜ୍ୱଳତା ଭବିଷ୍ୟତ ଲାଗି ବାଟ ଦେଖାଇବାରେ ତଥା ଭବିଷ୍ୟତରେ ପୁରାତନ ପରିସୀମନଗୁଡ଼ିକର ଯେପରି ଆଉ ପୁନରାବୃତ୍ତି ନହେବ, ସେଥିଲାଗି ଆମକୁ ଅଧିକ ଜାଗରୂକ କରି ରଖିବାରେ ପରିପୂରକ ହୋଇ ରହିବ, ପ୍ରଧାନତଃ ଏଇଥି ସକାଶେ ହିଁ ଆମେ ବଡ଼ ଓ ବିଗତମାନଙ୍କର ଜୀବନୀ ଲେଖିବା ବା ଜୀବନୀ ପାଠ କରିବା । ଓଡ଼ିଶାରେ ଏବେ ଲେଖା ହୋଇଥିବା ବା ଲେଖା ହେଉଥିବା ଜୀବନୀପୁସ୍ତକଗୁଡ଼ିକୁ ପାଠ କଲାବେଳେ ସେଥିପାଇଁ ଭାରି ଚକଟା ଲାଗେ । ପ୍ରେରଣାମାନେ ଆମଲାଗି ଆଗକୁ, ଆହୁରି ଆଗକୁ ବାଟ କଢ଼ାଇ-ନେବା ପରିବର୍ତ୍ତେ ଆମକୁ ସତେ ଯେପରି ଏଇଠି ଓ ଏତିକରେ ବାନ୍ଧି ରଖିବାର ଚକାନ୍ତ କରୁଥିବା ପରି ମନେହୁଏ ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଜଗତରୁ ବିଦାୟ ନେଇ ଚାଲିଗଲା ପରେ ପ୍ରତିକ୍ରିୟା ଭାବରେ ପ୍ରାୟ ଯାହାକିଛି କୁହାଗଲା ବା ଲେଖାଗଲା, ସେଗୁଡ଼ାକଦ୍ୱାରା ତାଙ୍କୁ ସତେଅବା ସ୍ୱର୍ଗକୁ ଉଠାଇ ଦିଆଗଲା । ସେ ଚାଲିଯିବାଦ୍ୱାରା ଆମର ଅପୂରଣୀୟ କ୍ଷତି ହେଲା, କାରଣ ତାଙ୍କପରି ଦ୍ୱିତୀୟ ବ୍ୟକ୍ତି ଆଉ ସମ୍ଭବ ହେବେ ନାହିଁ, ଏହିପରି କହି ଆମେ ତାଙ୍କୁ ହରାଇଥିବାର ଶୋକ ଭିତରେ ତଥାପି କିଞ୍ଚିତ୍ ଉଲ୍ଲସିତ ହୋଇ ଉଠିବାର ଗେହ୍ଲାପଣ ବି କରୁଥିଲୁ । ଏହି ଜଗତର ପରମବିଧାତା ବୋଲି କେହି ରହିଛି ବା କିଛି ଅଛି ବୋଲି ବିଶ୍ୱାସ କରୁଥିବା ପର୍ଯ୍ୟନ୍ତ ଜଗତରେ ଘଟୁଥିବା କୌଣସି କ୍ଷତିକୁ କଦାପି ଅପୂରଣୀୟ ବୋଲି କୁହାଯାଇ ପାରିବନାହିଁ । ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଚାଲିଯିବାଦ୍ୱାରା ଆମ ସଂସାରର ସ୍ୱପ୍ନ ତଥା ପ୍ରୟାସର ଆକାଂକ୍ଷାଗୁଡ଼ିକ କଦାପି ଭୁଷୁଡ଼ି ପଡ଼ିବନାହିଁ । ନିଜର ମଞ୍ଜ ଭିତରେ ଲୁଚି ଲୁଚି କେଉଁଠି ନାସ୍ତିକ ହୋଇ ରହିଥିବା ମଣିଷଟିଏ ହୁଏତ ପ୍ରଶଂସା କରିବାର ଛଳରେ ସବୁ ସରିଗଲା ବୋଲି ପାଟି କରିବ ଏବଂ ପାଟି କରିବାକୁ ମୃତ କରିବା ବୋଲି ବିଶ୍ୱାସ କରୁଥିବ । ବିଶ୍ୱାସୀ ମଣିଷ ବିଶ୍ୱାସ କରିବ, ବିଶ୍ୱାସୀ ମଣିଷ କୃତଜ୍ଞ ରହିବ ; ଯାହା ଗଲା, ସେଥିରୁ ପ୍ରେରଣା ନେଇ ବିଶ୍ୱାସୀ ମଣିଷ ଆଗକୁ ବାଟ ଚାଲିବ, ପାହାଚ ଚଢ଼ିବ । ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଥିବାର ବାହାନାରେ ସେ କଦାପି ବାହୁନିବାକୁ ମନ କରିବନାହିଁ । ଏଇଠୁ ସବୁ ସରି-ଗଲା ବୋଲି କଦାପି କହିବନାହିଁ, ନାସ୍ତିକ ହେବନାହିଁ ।

Digitized by srujanika@gmail.com

ଭାରତୀୟ ସ୍ୱାଧୀନତା-ସଂଗ୍ରାମରେ ଶ୍ରୀ ନବକୃଷ୍ଣ ଚୌଧୁରୀ ତାହାର ଆଧୁନିକ ପ୍ରାକ୍‌କାଳରୁ ଆସି ସାମିଲ ହୋଇଥିଲେ । ତାଙ୍କର ପ୍ରୌଢ଼ତ୍ୱର ପ୍ରାକ୍‌କାଳରେ ପରାଧୀନ ଭାରତବର୍ଷ ସ୍ୱାଧୀନତା ଲାଭ କଲା । ଶ୍ରୀଯୁକ୍ତ ଚୌଧୁରୀ ସେତେବେଳେ ମୂଳରୁ ହିଁ ସଂଗ୍ରାମବେଳର ସ୍ୱପ୍ନଗୁଡ଼ିକୁ ସାକାର କରିବାକୁ ସିଂହାସନରେ ଆସି ବସିଥିବା ଶାସନ କ୍ଷମତାର ତୁଙ୍ଗ ସୋପାନମାନଙ୍କରେ ରହିଥିଲେ ଓ ଜଣେ ନିଜ ଆଖିରେ ବାଟ ବାଛୁ-ଥିବା ଏବଂ ବାଟ ଚାଲୁଥିବା ମନୁଷ୍ୟ ହିସାବରେ ବିଭିନ୍ନ ଭୂମିକା ଗ୍ରହଣ କଲେ । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ଯେକୌଣସି ଜୀବନୀପୁସ୍ତକ ସେହି ଭୂମିକାଗୁଡ଼ିକର ଆଲୋଚନା ଓ ସମୀକ୍ଷା କରିବ; ଅର୍ଥାତ୍‌ ଯଥାସମ୍ଭବ ଅଧିକ ସମ୍ୟକ୍‌ ଓ ସମଗ୍ର ଭାବରେ ସେଗୁଡ଼ିକୁ ଦେଖିବ; ଜଣେ ବ୍ୟକ୍ତିର ଦୃଷ୍ଟିରୁ ଏବଂ ସେହି ବ୍ୟକ୍ତିର ସମ୍ମୁଖରେ ଆସି ଉପସ୍ଥିତ ହୋଇଥିବା ସାର୍ବଜନୀନ ଆହ୍ୱାନଗୁଡ଼ିକର ତାତ୍ପର୍ଯ୍ୟ ଦୃଷ୍ଟିରୁ ସେ ଯଥାର୍ଥ ଏବଂ ଯଥେଷ୍ଟ ଭାବରେ ସେହି ଭୂମିକାଗୁଡ଼ିକରେ ଅବତୀର୍ଣ୍ଣ ହୋଇ ପାରିଥିଲେ କି ନାହିଁ, ଜୀବନୀପୁସ୍ତକ ତାହାର ବିଶ୍ଳେଷଣ କରିବ, ମୂଲ୍ୟାଙ୍କନ ମଧ୍ୟ କରିବ ।

୧୯୨୧ ମସିହାରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧୀ ନେତୃତ୍ୱର ପ୍ରଥମ ସୋପାନରୁ ହିଁ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କର ରାଜନୀତିକ ଜୀବନ ଆରମ୍ଭ ହୋଇଥିଲା । ସେହି ଆନ୍ଦୋଳନରେ ଯୋଗ ଦେବାପରେ ସେ ବୃହତ୍ତର ଭାରତୀୟ ରାଜ-ନୀତିକ ବିବର୍ତ୍ତନକୁ କ୍ରମେ ଅଧିକ ସ୍ପଷ୍ଟ ଭାବରେ ବୁଝିପାରିବା ସଙ୍ଗେ ସଙ୍ଗେ ଦେଶର ଅନ୍ୟସମଭାବାପନ୍ନ କେତେକ ବ୍ୟକ୍ତିଙ୍କୁ ଆପଣାର ଅଧିକ ନିକଟବର୍ତ୍ତୀ ବୋଲି ଚିହ୍ନିଲେ ଓ ସେମାନଙ୍କ ସହିତ ସମଗ୍ର ଆବର୍ତ୍ତିତ ମଧ୍ୟରେ ନିର୍ଦ୍ଦିଷ୍ଟ କଣଟିଏ ବାଛିନେଇ ଜାତୀୟ କଂଗ୍ରେସ ଭିତରେ ସମାଜବାଦୀ ବୋଲି ଚିହ୍ନା ଦେଲେ । ସମାଜବାଦୀମାନେ ୧୯୪୭ ମସିହା ପରେ ଜାତୀୟ କଂଗ୍ରେସରୁ ଅଲଗା ହୋଇଗଲେ ସିନା, ମାତ୍ର ଶ୍ରୀଯୁକ୍ତ ଚୌଧୁରୀ କଂଗ୍ରେସ ଭିତରେ ରହିଲେ । ସେ ଓଡ଼ିଶାରେ କଂଗ୍ରେସମନ୍ତ୍ରୀ ହେଲେ, ମୁଖ୍ୟମନ୍ତ୍ରୀ ହେଲେ । ଇସ୍ତଫା ଦେଲେ, ପୁଣି ଆସିଲେ ; ପୁଣି ଇସ୍ତଫା ଦେଲେ । ଇସ୍ତଫା ଦେଇ ଭୂଦାନ ଆନ୍ଦୋଳନରେ ଯୋଗ ଦେଲେ ଏବଂ ସର୍ବୋଦୟ କ୍ରାନ୍ତି ଓ ରାଜନୀତିର ବାର୍ତ୍ତାବହ ହେଲେ । ସର୍ବୋଦୟୀମାନେ ଦୁଇଫାଳ ହୋଇଯିବା ସମୟରେ ସିଏ ନିଜକୁ ଗୋଟାଏ ପକ୍ଷର ବୋଲି ପରିଚୟ ଦେଲେ । କ୍ରମେ ପ୍ରୌଢ଼ତ୍ୱ ଯାଇ ବୃଦ୍ଧତ୍ୱ ଆସିବାର ପ୍ରକ୍ରିୟାରେ ସେ ସର୍ବୋଦୟକୁ ବି ଛାଡ଼ିଲେ, ପ୍ରାୟ ଏକ ଈଶ୍ୱରୀୟ କ୍ରୋଧ ବ୍ୟକ୍ତ କରି ଉଗ୍ରବାଦୀ ହେଲେ, ଉଗ୍ର ପରିବର୍ତ୍ତନବାଦୀମାନଙ୍କ ସହିତ ଆତ୍ମୀୟତା ସ୍ଥାପନ କଲେ । ଯୁବକ ପରି କଥା କହିଲେ ।

Digitized by srujanika@gmail.com

ଏସବୁ ଆକସ୍ମିକତା ନୁହେଁ, ଏସବୁ ଗୋଟିଏ ଗୋଟିଏ ଭୂମିକା, କେବଳ ବ୍ୟକ୍ତିଗତ ଭୂମିକା ନୁହେଁ, ଗୋଟିଏ ଗୋଟିଏ ଦୃଷ୍ଟିଗତ ଭୂମିକା । ଶ୍ରୀ ଗୈାଧୁରୀଙ୍କର ଜୀବନକୁ ଆଲୋଚନା କରୁଥିବା ଯେକୌଣସି ପୁସ୍ତକ ନ୍ୟାୟତଃ ସେହି ଭୂମିକା-ଗୁଡ଼ିକର ଆଲୋଚନା କରିବ । ଯଥାସମ୍ଭବ ଭାବପ୍ରବଣତାରୁ ମୁକ୍ତ ହୋଇ ସେଗୁଡ଼ିକ ଉପରେ ଦୃଷ୍ଟିପାତ କରିବ । ଏହିସବୁ ବିବିଧ ଭୂମିକା ପଛରେ ଅନ୍ତର୍ନିହିତ ଅଥବା ପରିସ୍ଥିତିଗତ କେଉଁସବୁ କାରଣ ରହିଥିଲା ? ନିଜ ଭିତରେ ସିଏ ବଞ୍ଚୁଥିବା ଜୀବନଟି ସହିତ ତାଙ୍କୁ ନାୟକରୂପେ ବ୍ୟବହାର କରି ବ୍ୟକ୍ତ ହେଉଥିବା ଭୂମିକାଗୁଡ଼ିକର ଆଦୌ କୌଣସି ନାଡ଼ ଲାଗିଥିଲା କି ? ଏବଂ, ଯାବତୀୟ ଭୂମିକାଗ୍ରହଣ ଓ ଭୂମିକାପରିହାର ସତ୍ତ୍ୱେ ତାଙ୍କ ଜୀବନରେ ଅବିଚ୍ଛିନ୍ନ ଭାବରେ ଏପରି କୌଣସି ମୂଳଭୂତ ସୂତ୍ର ରହିଥିଲା ଯାହାକି ତାଙ୍କୁ ତଥାପି ସେହି ଗୋଟିଏ ବ୍ୟକ୍ତି ହିସାବରେ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ କରାଉଥିଲା ? ପ୍ରଧାନତଃ ଏକ ବିଶ୍ଳେଷଣାତ୍ମକ ପଦ୍ଧତିର ସାହାଯ୍ୟ ନେଇ ଆମେ ସେଗୁଡ଼ିକର ବିଚାର କରିବା ଓ ସମ୍ଭବ ହେଲେ କିଛି ନିଷ୍କର୍ଷ ମଧ୍ୟ ପାଇପାରିବା ।

□□

Digitized by srujanika@gmail.com

୩ । ଜୀବନୀ

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ୧୯୦୧ ଖ୍ରୀଷ୍ଟାବ୍ଦ ନଭେମ୍ବର ୨୩ ତାରିଖରେ କଟକ ଜିଲ୍ଲାର ଜଗତ୍‌ସିଂହପୁର ନିକଟବର୍ତ୍ତୀ ଖେରସ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବାପା ରାୟବାହାଦୁର ଶ୍ରୀ ଗୋକୁଳାନନ୍ଦ ଚୌଧୁରୀ ଏବଂ ମାତା ଶ୍ରୀମତୀ ପଦ୍ମାବତୀ ଦେବୀ । ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କର ବଂଶର ଜଣେ ଜ୍ଞାତି ଓ ତାଙ୍କର ବଡ଼ବାପାଙ୍କର ଜଣେ ନାତି (ଅର୍ଥାତ୍ ତାଙ୍କ ନିଜର ପୁତୁରା ହେବେ) ଶ୍ରୀଯୁକ୍ତ କିଶୋରୀ ଚରଣ ଚୌଧୁରୀଙ୍କର କହିବା ଅନୁସାରେ ଏମାନେ ହେଉଛନ୍ତି ସବାମୂଳରେ ଶୂଦ୍ରମୁନି ଶାରଳା ଦାସଙ୍କ ବଂଶଧର । ଏହି ବଂଶ ପ୍ରଥମେ ଶାରଳା ଦେବୀଙ୍କର ପୀଠ ଗାଆଁ ତେନ୍ତୁଳିପଦାରେ ବାସ କରୁଥିଲେ । ସେହି ବଂଶର ଜନୈକ ବଂଶଧର ଶ୍ରୀ ଜଗନ୍ନାଥ ତେନ୍ତୁଳିପଦାରେ ବସବାସର କୌଣସି ଅସୁବିଧା ହେବାରୁ ଖେରସ ଗ୍ରାମକୁ ଉଠି ଆସିଥିଲେ । ଜଗନ୍ନାଥଙ୍କୁ ମିଶାଇ ତଳକୁ ଆଠପୁରୁଷ ଗଡ଼ି ଆସିଲେ ଶ୍ରୀଯୁକ୍ତ ବ୍ରଜକିଶୋର ଚୌଧୁରୀଙ୍କର ପୁଅ ଶ୍ରୀଯୁକ୍ତ ଗୋକୁଳାନନ୍ଦ ଚୌଧୁରୀ । ତାଙ୍କର ପାଞ୍ଚ ଭାଇରେ ସିଏ ହେଉଛନ୍ତି ମଝିଆଁ ।

ଶ୍ରୀଯୁକ୍ତ ଗୋକୁଳାନନ୍ଦ ଚୌଧୁରୀ (୧୮୭୩-୧୯୨୪) ବଂଶାନୁକ୍ରମିକ ଭାବରେ ଜମିଦାର ଥିଲେ । ଯେତେଦୂର ମନେହୁଏ, 'ଚୌଧୁରୀ' ସାର୍ଙ୍ଗିଆଟି ତତ୍କାଳୀନ ସରକାରମାନଙ୍କର ଅମଳରେ ଜମିଦାର ବଂଶର ବ୍ୟକ୍ତିମାନଙ୍କୁ ହିଁ ମିଳୁଥିଲା । ତେଣୁ ଅନୁମାନ କରାଯାଇ ପାରିବ ଯେ, ଏଇଟି ହେଉଛି ଏହି ବଂଶର ପରବର୍ତ୍ତୀ କାଳରେ ଉପାର୍ଜିତ ଏକ ସାର୍ଙ୍ଗିଆ । ଏହି ବଂଶ ତେନ୍ତୁଳିପଦାରେ ବାସ କରୁଥିବା ସମୟରେ ନିଶ୍ଚିତ ଭାବରେ ଏହା ବ୍ୟବହୃତ ହେଉନଥିଲା । ଏକଥା ମଧ୍ୟ ଅନୁମାନ କରାଯାଇପାରେ ଯେ ଶ୍ରୀଯୁକ୍ତ ଗୋକୁଳାନନ୍ଦହିଁ ବଂଶରୁ ସର୍ବପ୍ରଥମେ ଆଧୁନିକ ଇଂରାଜୀ ପାଠପଢ଼ିବାକୁ କଟକ ଯାଇଥିଲେ । ଆଗ ଗାଆଁ ଚଟଶାଳୀରେ ପଢ଼ିଲେ, କଟକ ରେଭେନ୍ସା କଲେଜରେ ଉଚ୍ଚତର ଶିକ୍ଷାରେ ପ୍ରବେଶ କଲେ ଓ କଲିକତାରୁ ବି. ଏ. ଏବଂ ଓକିଲାତି ପାସ୍ କଲେ । ସେତେବେଳେ କଟକରେ ଉତ୍କଳଗୌରବ ମଧୁସୂଦନ ଦାସ ବାରିଷ୍ଟରୀ କରୁଥାନ୍ତି । ଗୋକୁଳାନନ୍ଦ ତାଙ୍କର ସହକାରୀ ଓକିଲ ହିସାବରେ ଆପଣାର ଜୀବିକା ଆରମ୍ଭ କରିଥିଲେ ଓ ସ୍ୱଗୁଣବଳରେ କ୍ରମେ ଜଣେ ପ୍ରବୀଣ ଓକିଲ

Digitized by srujanika@gmail.com

ରୂପେ ଗଣ୍ୟ ହେଲେ । ସେତେବେଳେ ସେ କାଠଯୋଡ଼ି ନଦୀକୂଳରେ ନିଜ ବାସ-ଭବନରେ ରହୁଥିଲେ । ଭବନଟି ଏବେ ମଧ୍ୟ ଚୌଧୁରୀ ପରିବାରର ପ୍ରାୟ ଏକମାତ୍ର ପୈତୃକ ସମ୍ପତ୍ତି ହୋଇ ରହିଛି ।

ଜଣେ ସୁଦକ୍ଷ ଏବଂ ପ୍ରବୀଣ ବ୍ୟକ୍ତି ହିସାବରେ ସେ ଇଂରେଜ ସରକାରଙ୍କଠାରୁ ରାୟବାହାଦୁର ପଦ ଲାଭ କରିଥିଲେ । ସେତେବେଳେ ବାରିଷ୍ଟର ମଧୁସୂଦନ ଓଡ଼ିଶାର ରାଜନୀତିକ ଆନ୍ଦୋଳରେ ସର୍ବାଗ୍ର ନେତା ଓ ନିର୍ଦ୍ଦେଶକ ଥିଲେ । କଟକର ଏକାଧିକ ଓକିଲଙ୍କ ପରି ଗୋକୁଳାନନ୍ଦ ମଧ୍ୟ ଓଡ଼ିଆ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେତେବେଳେ ଓଡ଼ିଶାରେ ରାଜନୀତିକ ଆନ୍ଦୋଳନ କହିଲେ ଇଂରେଜ ସରକାରଙ୍କର ସହାୟତାରେ ଓଡ଼ିଶାର ସ୍ୱତନ୍ତ୍ରୀକରଣକୁ ହିଁ ବୁଝାଉଥିଲା ଏବଂ ଉତ୍କଳ ସମ୍ମିଳନୀ ସେହି ଆନ୍ଦୋଳନର ସର୍ବସ୍ୱୀକୃତ ପୀଠିକା ହୋଇ ରହିଥିଲା । ଗୋକୁଳାନନ୍ଦ ୧୯୦୩ ରୁ ୧୯୦୮ ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀରେ ମଧୁବାବୁଙ୍କର ଜଣେ ପ୍ରଧାନ ସହକର୍ମୀ ଭାବରେ କାର୍ଯ୍ୟ କରିଥିଲେ । ମାତ୍ର କେତେକ ପ୍ରସଙ୍ଗରେ ମଧୁବାବୁଙ୍କ ସହିତ ତାଙ୍କର ଭିନ୍ନ ମତମାନ ବି ରହିଥିଲା । ଯେତେବେଳେ ଇଂରେଜମାନେ ଓଡ଼ିଶାକୁ ବଙ୍ଗ-ପ୍ରଦେଶରୁ କାଟି ବିହାର ସହିତ ନେଇ ଯୋଡ଼ିଲେ, ସେତେବେଳେ ସେ ଓଡ଼ିଶା ପୂର୍ବପରି ବଙ୍ଗଳାରେ ରହୁ ଓ ବିହାରକୁ ନଆସୁ ବୋଲି ମତର ସମର୍ଥନ କରିଥିଲେ । ଏଇଥିରୁ ମତାନ୍ତର ଜାତ ହେଲା ଏବଂ ଗୋକୁଳାନନ୍ଦ ଆପଣାର ଏକ ଅଲଗା ଅନୁଷ୍ଠାନ-ରୂପେ ଓଡ଼ିଶା ପିପ୍‌ଲସ୍ ଆସୋସିଏସନ୍ ନାମରେ ସଂସ୍ଥାଟିଏ ଗଠନ କଲେ । ଏହି ସଂସ୍ଥାଟି ଦ୍ୱାରା ଓଡ଼ିଶାବାସୀଙ୍କର ସ୍ୱାର୍ଥ ସମୁଚିତ ଭାବରେ ସୁରକ୍ଷିତ ରହି ପାରିବ ବୋଲି ସେ ବିଶ୍ୱାସ କରୁଥିଲେ ।

ଆପଣାର 'ଧୀଙ୍କଜ୍ୟୋତି' ପୁସ୍ତକରେ ଶ୍ରୀ ଗୋପୀନାଥ ମହାନ୍ତି କହନ୍ତି ଯେ ରାୟ-ବାହାଦୁର ଗୋକୁଳାନନ୍ଦ ଅତ୍ୟନ୍ତ ଉଦାର ଭାବରେ ପଇସା ଖର୍ଚ୍ଚ କରୁଥିଲେ, ଦାନାଦି ବହୁତ କରୁଥିଲେ । ସେ ଅନେକ ଦରିଦ୍ର ଛାତ୍ରଙ୍କର ପାଠପଢ଼ା ଖର୍ଚ୍ଚ ନିଜେ ବହନ କରୁଥିଲେ । କୌଣସି ଦୁଃଖୀ, ରଙ୍କୀ କିମ୍ବା ବିପଦରେ ପଡ଼ିଥିବା ବ୍ୟକ୍ତି କେବେହେଲେ ତାଙ୍କ ଦୁଆରୁ ଖାଲିହାତ ହୋଇ ଫେରି ଯାଉନଥିଲେ । ବିଶେଷତଃ ଫୌଜଦାରୀ ମକଦ୍ଦମାର ଜଣେ ବିଚକ୍ଷଣ ଓକିଲ ହିସାବରେ ଲୋକମୁଖରେ ତାଙ୍କର ଖ୍ୟାତି ରହିଥିଲା । ତାଙ୍କର ମଦ୍ୟପାନ ବିଷୟରେ ମଧ୍ୟ ସେହିପରି ବହୁ କିମ୍ବଦନ୍ତୀ ରହିଥିଲା । ଅବଶ୍ୟ ସେ ପ୍ରକାଶ୍ୟରେ କେବେ ମଦ ପିଉନଥିଲେ । କଥିତ ଅଛି, ଥରେ ମଦ୍ୟପାନ କରିଥିବା ଅବସ୍ଥାରେ ଉପର ମହଲରୁ ତଳକୁ ଓହ୍ଲାଉ ଓହ୍ଲାଉ ଗୋକୁଳାନନ୍ଦ ତଳେ ପଡ଼ିଗଲେ, ତାଙ୍କ ମସ୍ତିଷ୍କକୁ ପକ୍ଷାଘାତ ଧରିଲା ଓ ସେଇଥିରେ ସେ ସଂସାରରୁ ବିଦାୟ ନେଲେ । ଶ୍ରୀ ଗୋପୀନାଥ ମହାନ୍ତି କହନ୍ତି ଯେ, ପିତାଙ୍କର

Digitized by srujanika@gmail.com

ମୃତ୍ୟୁସମ୍ବାଦ ଶୁଣି ଯୁବକ ନବକୃଷ୍ଣ ଚୌଧୁରୀ ଅଧୀର ହୋଇ ଘରପାଖରେ ଥିବା ଗୋଟିଏ କୂଅ ଭିତରକୁ ଡେଇଁ ପଡ଼ିଥିଲେ । ଭାଗ୍ୟକୁ କୂଅରେ ଅଳ୍ପ ପାଣି ଥିଲା; ସେ ବଞ୍ଚିଗଲେ ।

ଶ୍ରୀ ଗୋକୁଳାନନ୍ଦ ଚୌଧୁରୀ ବେଣ୍ଟକାରର ଜମିଦାର ଶ୍ରୀ ସଦାନନ୍ଦ ମହାନ୍ତିଙ୍କର କନ୍ୟା ପଦ୍ମାବତୀଙ୍କୁ ବିବାହ କରିଥିଲେ । ବେଣ୍ଟକାର କଟକ ସହରର ନିକଟବର୍ତ୍ତୀ ବନ୍ଦାଳଶାସନମୌଜା ଟାପୁ ଭିତରେ ଥିବା ଗୋଟିଏ ଜଣାଶୁଣା ବଡ଼ ଗାଆଁ । କରଣଘର ଅନେକ । ପଦ୍ମାବତୀ ଧନୀ ଘରର ଝିଅ, ଅତି ରକ୍ଷଣଶୀଳ ଘରର ଝିଅ । ଗୋକୁଳାନନ୍ଦ ଓ ପଦ୍ମାବତୀଙ୍କର ମୋଟ ଏଗାରଟି ସନ୍ତାନରୁ ସାତଜଣ ଅକାଳରେ ମୃତ୍ୟୁମୁଖରେ ପଡ଼ିଥିଲେ । ଗୋଟିଏ ପୁଅ ଓ ଗୋଟିଏ ଝିଅର ମୃତ୍ୟୁ ପରେ ଗୋକୁଳାନନ୍ଦ ଚୌଧୁରୀ ଘର ଛାଡ଼ି ବୈରାଗୀଙ୍କ ପରି ବୁଲିଲେ ଓ ନାମସଂକୀର୍ତ୍ତନରେ ପ୍ରାୟ ସମସ୍ତ ସମୟ କାଟି ଦେଉଥିଲେ । ଘରଣୀ ପଦ୍ମାବତୀ ମଧ୍ୟ ମନ ଦୁଃଖରେ ଦୁର୍ଯୋଗଗୁଡ଼ିକୁ କାଟିବା ଉଦ୍ଦେଶ୍ୟରେ ଘରେ ପାଳି, ପୂଜା, ଅଭିଷେକ, ବ୍ରତ ଓ ପାରାୟଣ ଆଦିର ଅନୁଷ୍ଠାନ କରାଉଥିଲେ । ଛଅ ମାସ ପରେ ଗୋକୁଳାନନ୍ଦ ପୁନର୍ବାର ପୁରୁଣା ଜୀବନକୁ ଫେରିଆସିଲେ ଏବଂ ପୁନର୍ବାର ଗୃହସଂସାର କଲେ ।

ବଞ୍ଚିଥିବା ଦୁଇପୁଅଙ୍କ ମଧ୍ୟରେ ବଡ଼ପୁଅ ଗୋପବନ୍ଧୁ ଓ ସାନ ନବକୃଷ୍ଣ । ସାନପୁଅର ଗ୍ରାହ୍ୟନାମ ଟୁଆଁ, ବେଳେ ବେଳେ ଟୁକା ବଡ଼ଭାଇଙ୍କ ପରି ନବକୃଷ୍ଣ ମଧ୍ୟ ଛଅମାସର ହୋଇଥିବା ସମୟରେ ପଡ଼ୋଶୀ ବଛା ମିଆଁଙ୍କର ସହଧର୍ମିଣୀଙ୍କଠାରୁ କ୍ଷୀର ଖାଉଥିଲେ । ବଛା ମିଆଁ ଭଦ୍ରକ ଅଞ୍ଚଳର ଜଣେ ଜମିଦାର ଥିଲେ । ମାଆଙ୍କର ଅନହିଗ୍ର ହେଉଥିବାରୁ ଦୁଇଭାଇଙ୍କୁ ଏହିପରି ସ୍ତନ୍ୟଦାୟିନୀ ଅନ୍ୟ ମାତାର ସହାୟତା ନେବାକୁ ହୋଇଥିଲା । ଆପଣାର ବାରବର୍ଷ ବୟସ ପର୍ଯ୍ୟନ୍ତ ବଡ଼ଭାଇ ତାଙ୍କ ଘରର ପରିକର ଗହନା ଭଣ୍ଡାରର କାଖରେ କାଖ ହେଉଥିଲେ । କଲେଜକୁ ପାଠ ପଢ଼ି ଯିବାପରେ ମଧ୍ୟ ତାଙ୍କ ମାଆ ତାଙ୍କୁ ଖୁଆଇ ଦେଉଥିଲେ । ସେହି ଅଳପ ବୟସରେ ରାଗ ହେଲାବେଳେ ଘରର ଜିନିଷପତ୍ର ବାହାରକୁ ଫିଙ୍ଗି ଦେଉଥିଲେ, ଏଠି ସେଠି ନିଆଁ ମଧ୍ୟ ଲଗାଇ ଦେଉଥିଲେ ।

ନବକୃଷ୍ଣଙ୍କର ଇସ୍କୁଲପାଠ ଆରମ୍ଭ ହେଲା ବେଳକୁ ତାଙ୍କର ବାପା ଉତ୍କଳ ସମ୍ମିଳନୀର ବିବିଧ କାର୍ଯ୍ୟକ୍ରମରେ ଗୋଟାପୁରା ସଂପୃକ୍ତ ହୋଇ ରହିଥିଲେ । ଦେଶରେ ସ୍ୱାଧୀନତା ଆନ୍ଦୋଳନ ମଧ୍ୟ ଲାଗିଥାଏ । ସେତେବେଳର ଅଧିକାଂଶ ସତ୍ୟାର୍ଥୀଙ୍କ ପରି ଗୋକୁଳାନନ୍ଦଙ୍କର ଗୋଟାଏ ଗୋଡ଼ ଉତ୍କଳ ସମ୍ମିଳନୀ ଭିତରେ ଓ ଆଉ ଗୋଟାଏ

Digitized by srujanika@gmail.com

ଗୋଟିଏ ସ୍ୱରାଜ୍ୟ ଆନ୍ଦୋଳନ ଭିତରେ ରହିଥିବ । ସେତେବେଳର ଆଖିରେ, ଅନ୍ତତଃ ତତ୍କାଳୀନ ସରକାରଙ୍କର ଆଖିରେ ରାୟବାହାଦୁରଙ୍କ ଘର ରାଜନୀତିରେ ରହିଥିବା ପରି ଦେଖା ମଧ୍ୟ ଯାଉଥିବ । ନିଜେ ଶ୍ରୀ ନବକୃଷ୍ଣ ଚୌଧୁରୀ କହନ୍ତି ଯେ, ସେହି କାରଣରୁ ତାଙ୍କର ସରକାରୀ ହାଇସ୍କୁଲ କଲେଜିଏଟ୍‌ରେ ନାମ ଲେଖାଇବାରେ କିଛି ଅସୁବିଧା ମଧ୍ୟ ରହିଥିଲା । ତେଣୁ ସେ ବେସରକାରୀ ପ୍ୟାରୀମୋହନ ଏକାଡ଼େମୀରେ ନାମ ଲେଖାଇଥିଲେ । ଏହା ସମ୍ଭବତଃ ୧୯୧୩ ମସିହାର କଥା । କଥିତ ଅଛି, ସେ ସବୁଦିନେ ଘୋଡ଼ାଗାଡ଼ିରେ ବସି ନନ୍ଦିକୁଳଘରୁ ଇସ୍କୁଲ ଯାଉଥିଲେ । ଏଥିରେ କୌଣସି ସନ୍ଦେହନାହିଁ ଯେ, ରାୟବାହାଦୁର ଗୋକୁଳାନନ୍ଦଙ୍କର ବଦଉରେ ଏହି ବ୍ୟବସ୍ଥା ହୋଇଥିଲା । ହାଇସ୍କୁଲ ପରେ ନବକୃଷ୍ଣ ରେଭେନ୍‌ସା କଲେଜରେ ଦୁଇବର୍ଷ ପଢି ତତ୍କାଳୀନ ଏଫ୍‌.ଏ. ପାସ୍ କଲେ ଓ ବି.ଏ. ଶ୍ରେଣୀରେ ଭର୍ତ୍ତି ହୋଇଥିଲେ ମାତ୍ର, ଏହି କଲେଜ ଜୀବନ ତାଙ୍କ ଜୀବନର ଗବାକ୍ଷକୁ ଆହୁରି କେତେ କ'ଣ ଆଡକୁ ଖୋଲି ଦେଇ-ଥିଲା । ଜମିଦାର ଘରର ପୁଅ ତା'ପରେ ଆଉ ସେଇ ଗୋଟିଏ ଘରେ ଆବଦ୍ଧ ହୋଇ ରହିଲାନାହିଁ । ନିଜ ଆଖିରେ ସତେଥିବା ଏକ ଅନ୍ୟ ସଂସାରକୁ ବାଛିଲା ଓ କାଳ-କ୍ରମେ ସେହି ସଂସାରର ହିଁ ହୋଇଗଲା ।

ସମସାମୟିକ କେତେକ କଲେଜଗ୍ରୁପଙ୍କୁ ନେଇ ନବକୃଷ୍ଣଙ୍କ ଘରେ 'ଭାରତୀ ମନ୍ଦିର' ନାମରେ ଗୋଟିଏ ପାଠାଗାର ସ୍ଥାପନା କରାଗଲା । କଲେଜରେ ସମଭାବାପନ୍ନ କେତେକ ଗ୍ରୁପ ଆପଣାର ମନୋମତ ଆସ୍ଥାନଟିଏ ଖୋଜି ବାହାର କରିବାର ଉଦ୍ୟମରେ ଏହି ପାଠାଗାରର ପ୍ରତିଷ୍ଠା ହୋଇଥିଲା । ଏମାନଙ୍କ ଭିତରେ ନବକୃଷ୍ଣଙ୍କ ସହିତ ହରେକୃଷ୍ଣ ମହାତାବ, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ; ନିକୁଞ୍ଜ ବଶୋଭି ଦାସ ପ୍ରଭୃତି ଯୁବକମାନେ ରହିଥିଲେ । ପୁସ୍ତକପାଠ ସହିତ ସମସାମୟିକ ବହୁ ସାଧା-ରଣ ଓ ରାଜନୀତିକ ସମସ୍ୟାର ମଧ୍ୟ ଆଲୋଚନା ହେଉଥିଲା । ଦୁଇ ତିନୋଟି ଆଲ-ମାରିରେ ବହିଗୁଡିକ ରଖାଯାଇଥିଲା ସଦ୍ୟ ଡ଼େପୁଟୀ ମାଜିଷ୍ଟ୍ରେଟ୍ ପଦରେ ସରକାରୀ ଚାକିରି କରୁଥିବା ବଡ଼ଭାଇ ପାଠାଗାର ପାଇଁ ଅର୍ଥ ଯୋଗାଇ ଦେଉଥିଲେ ଗୋପବନ୍ଧୁ, ଚୌଧୁରୀଙ୍କର ସହପାଠୀ ଶ୍ରୀ ଭଗିରଥି ମହାପାତ୍ର ପାଠାଗାରର ପ୍ରଧାନ ଉଦ୍ୟୋକ୍ତା ଥିଲେ ସେତେବେଳର ପ୍ରତିଷ୍ଠିତ ନେତୃବୃନ୍ଦ ଏହି ଉଦ୍ୟମକୁ ଖୁବ୍‌ବେଶୀ ଉତ୍ସାହର ଦୃଷ୍ଟିରେ ଦେଖୁନଥିଲେ । କେବଳ ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ସାହୁ ସେହି ଉଦ୍ୟମଟିକୁ ଉତ୍ସାହିତ କରୁଥିଲେ । ସରକାରୀ ମହଲର ସନ୍ଦେହ ଆଖି ମଧ୍ୟ ବେଳେ ବେଳେ ପାଠାଗାର ଉପରେ ପଡୁଥିଲା । ଭାରତୀ ମନ୍ଦିର ପାଠାଗାରଟିର ଦୃଷ୍ଟିଆଳରେ କାଳେ କିଛି ଆପତ୍ତିଜନକ କାର୍ଯ୍ୟକଳାପ କରା ଯାଉଥିବ, ସେଥିଲାଗି ଗୋଇନ୍ଦା ବିଭାଗର ପଦସ୍ଥ କର୍ମଚାରୀ ମଧ୍ୟ ସେଠାକୁ ପାଠକ ହିସାବରେ ନିୟମିତ ଭାବରେ ଆସୁଥିଲେ ।

Digitized by srujanika@gmail.com

ଆପଣାର ଆତ୍ମଜୀବନୀରେ (ସାଧନାର ପଥେ କଟକ ଷ୍ଟୁଡ଼େଣ୍ଟ୍ସ ଷ୍ଟୋର୍, ୧୯୭୨) ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ସେହି ପାଠାଗାରର କାର୍ଯ୍ୟକଳାପ ବିଷୟରେ ବିସ୍ତୃତ ବିବରଣୀ ଦେଇଛନ୍ତି ଓ ଉକ୍ତ ଗୋଷ୍ଠୀର ସ୍ୱପ୍ନ, ଆଦର୍ଶ ତଥା ଆଚରଣ ସମ୍ବନ୍ଧରେ କେତେକ ଆଲୋକପାତ ମଧ୍ୟ କରିଛନ୍ତି ।

ରେଭେନ୍ସା କଲେଜରେ ଶ୍ରୀ ମହତାବ ବିଜ୍ଞାନ ପଢ଼ିବାକୁ ଆସିଥିଲେ ଓ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଥିଲେ । କଟକରେ ଭଦ୍ରଖ ସ୍କୁଲର କେତେକ ସହପାଠୀଙ୍କ ସହିତ ଗୋଟିଏ ଗ୍ରେଟ ମେସ୍‌ରେ ରହୁଥିଲେ । ତାଙ୍କ ଭାଷାରେ ତାଙ୍କର ଏକ ନୂତନ ପ୍ରକାରର ଜୀବନ ଆରମ୍ଭ ହେଲା । ଏବଂ, 'ପଢ଼ିବାଟା ମୋ'ର ମୁଖ୍ୟ ଉଦ୍ଦେଶ୍ୟ ନଥିବାରୁ କଲେଜରେ ଲାଗିପଡ଼ି, ଖୁବ୍ ଭଲ ପଢ଼ିବାର ପ୍ରୟାସ ମଧ୍ୟ ନଥିଲା । କୌଣସି ପ୍ରକାରେ ପାସ କରିବାର ବ୍ୟବସ୍ଥା କରି ଅନ୍ୟାନ୍ୟ ସମସ୍ତ ପ୍ରାୟ ସାଧାରଣ କାର୍ଯ୍ୟରେ ନିୟୋଜିତ ହେଉଥିଲି ।' (ପୃଷ୍ଠା-୧୮) ସେତିକିବେଳେ ତାଙ୍କ ସହିତ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କ ସହିତ ଆଲାପ ହେଲା । 'ନବକୃଷ୍ଣ ଚୌଧୁରୀ ଆମ ମେସ୍‌ରେ ଅଧିକାଂଶ ସମୟ କଟାଉଥିଲେ । ସାଧାରଣ ଜୀବନର ବାହାରେ କିଛି କରିବାକୁ ହେବ, ଏହାହିଁ ଆମର ଧ୍ୟେୟ ଥିଲା । କଲେଜରେ ଆମେ ପଢ଼ୁଥିଲେ ମଧ୍ୟ କଲେଜ ଜୀବନ ସହିତ ଆମର ସମ୍ପର୍କ ନଥିଲା କହିଲେ ଚଳେ । ଆମ ନିଜ ନିଜ ଭିତରେ ଆମେ ନାନାପ୍ରକାର ରାଜନୈତିକ ଓ ଅନ୍ୟ ଉଚ୍ଚ ଆଲୋଚନା କରୁଥିଲୁ । ସେତେବେଳେ ଏହି ବେସାନ୍ତଙ୍କ ଦ୍ୱାରା ସମ୍ପାଦିତ 'ନିଉ ଇଣ୍ଡିଆ' ନାମକ ଦୈନିକ କାଗଜର ଗ୍ରାହକ ହୋଇ ତାକୁ ନିୟମିତ ଭାବରେ ପଢ଼ୁଥିଲୁ ।...... ...କଲେଜ ଲାଇବ୍ରେରୀରୁ ନାନା-ପ୍ରକାର ବହି ଆଣି ପଢ଼ୁଥିଲୁ । ଆମ୍ଭେମାନେ ନିଜକୁ ନିଜେ ଫ୍ରି ଥିଙ୍କର୍ସ୍ ବା ସ୍ୱାଧୀନ ଚିନ୍ତା କରୁଥିବା ବ୍ୟକ୍ତି ବୋଲି ଭାବୁଥିଲୁ ଓ କହୁଥିଲୁ । ସାଧାରଣଙ୍କର ମତ ଅନୁସାରେ ଚାଲିବା ଏକ ପ୍ରକାର ଦୁର୍ବଳତା, ନିଜେ ଯାହା ଠିକ୍ ଭାବିବ, ତଦନୁସାରେ ସାଧାରଣଙ୍କ ମତ ଗଠନ କରିବା ହିଁ ହେଉଛି ସାମର୍ଥ୍ୟ, ଏହା ଆମର ସିଦ୍ଧାନ୍ତ ଥିଲା ଓ ଏହି ଅନୁସାରେ ଆମେ ମଧ୍ୟ ଚାଲୁଥିଲୁଁ ।

"ନିଜକୁ ସ୍ଥିର କରିବାପାଇଁ, ଅର୍ଥାତ୍ ସାଧାରଣଙ୍କ ମତକୁ ଭୟ ନକରି ନିଜ ମତରେ ସାହସ ସହକାରେ ଚାଲିବାର ଅଭ୍ୟାସ କରିବା ପାଇଁ ନାନାପ୍ରକାର ପନ୍ଥା ଆମେ ଅବଲମ୍ବନ କରିଥିଲୁ । ଧନାକେତେ ନବକୃଷ୍ଣ ଚୌଧୁରୀ ଏକ ବରଡ଼ା ଛତା ନେଇ କଲେଜକୁ ଯାଉଥିଲେ । ଅନ୍ୟ ପିଲାମାନେ ହସନ୍ତି, ଥଟ୍ଟା କରନ୍ତି । ଏଇଥିରେ ଆମେ ଖୁସୀ ହେଉଯେ, ଆମେ ସେମାନଙ୍କ ମତକୁ ଭ୍ରୂକ୍ଷେପ କରୁନା ।' ଟସର ଲୁଗା ପିନ୍ଧିବାର...ଅନେକ ଭଲ ଗୁଣ ଅଛି ବୋଲି ଥରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକଙ୍କ

Digitized by srujanika@gmail.com

ଠାରୁ ଶୁଣି 'ମୁଁ ମଠାଳୁଗା ପିନ୍ଧି କଲେଜକୁ ଯିବାରେ ଲାଗିଲି । ସମସ୍ତେ ଦେଖି ହସନ୍ତି । ସେଇଥିରେ ଆମର ଆନନ୍ଦ । ଅନ୍ୟର ମତକୁ କେତେଦୂର ଖାତିର୍ ନକରି ପାରୁଛୁ, ଏହା ପରୀକ୍ଷା କରିବାପାଇଁ ଅନେକ ଥର ରାମାନନ୍ଦୀ ତିଳକ କାଟି ମୁଁ କଲେଜକୁ ଯାଇଛୁ ଓ ସାହସ ସହକାରେ ନାନା ପ୍ରକାର ବିଦ୍ରୂପ ସହ୍ୟ କରିଛୁ । ଥରେ ଆମେ...... ଗ୍ରେ ଷ୍ଟ୍ରିଟ୍ ବଜାର ଭିତରେ ଗଲାବେଳେ ଆମର ସ୍ୱାଧୀନ ଚିନ୍ତା ବିଷୟରେ କଥାବାର୍ତ୍ତା ହେଉଥାଏ । ଅନ୍ୟର ତିରସ୍କାର, ବିଦ୍ରୂପ ଓ ତାର ମତ ପ୍ରତି କେତେଦୂର ଆମେ ବେପରବାସ୍ତ ତାହା ପରୀକ୍ଷା କରିବାର କଥା ଉଠିଲା । ନାନାପ୍ରକାର ପ୍ରସ୍ତାବ ଭିତରେ ଗୋଟିଏ ପ୍ରସ୍ତାବ ହେଲା ଯେ, ପାନଦୋକାନରେ ଖଣ୍ଟା ମିଳିବ କି ନା ପଚରାଯାଉ ଓ ପାନଦୋକାନୀ ଯାହା କହୁ ପଛକେ, ତାକୁ ବାରମ୍ବାର ଖଣ୍ଟା ମଗା-ଯାଉ । ମୋ'ର ମନେ ଅଛି, ମୁଁ ଯାଇ ଏକ ପାନଦୋକାନୀକୁ ଖଣ୍ଟା ବାରମ୍ବାର ଜିଦ୍ କରି ମାଗିବାରେ ସେ ବିରକ୍ତ ହୋଇ ଗାଳି ଦେଇଥିଲା । ସେଇଥିରେ ଆମେ ଖୁସୀ ହୋଇ ଚାଲିଗଲୁ ।" (ତତ୍ରୈବ, ୧୮-୧୯)

ଶ୍ରୀଯୁକ୍ତ ମହତାବଙ୍କର ବିବରଣୀ ଅନୁସାରେ ୧୯୧୯ ମସିହା ଶେଷ ବା ୧୯୨୦ ମସିହାର ଆରମ୍ଭରେ 'ଭାରତୀ ମନ୍ଦିର' ବାଖରାବାଦରେ ସ୍ଥାପିତ ହୋଇଥିଲା । ସେ ଏଥିରେ ପୂର୍ଣ୍ଣପ୍ରାଣରେ ଯୋଗ ଦେଇଥିଲେ । 'ଭାରତୀ ମନ୍ଦିର ଖୁବ୍ ଅଳ୍ପଦିନ ମଧ୍ୟରେ ଗୋଟିଏ ବଡ଼ ପାଠାଗାର ହୋଇ ପଡ଼ିଥିଲା । ନାନାଆଡ଼ୁ ବହି ସଂଗ୍ରହ କରି ବିଭିନ୍ନ ପ୍ରଦେଶର ଖବରକାଗଜ ଅଣାଇବାରେ ଯେ କାମ ଶେଷ ହୋଇଥିଲା ତାହା ନୁହେଁ, ପାଠାଗାରରେ ପାଠକମାନଙ୍କ ସଂଖ୍ୟା ବଢ଼ାଇବା ପାଇଁ ବିପୁଳ ଉଦ୍ୟମ ଚାଲି-ଥିଲୁ । ...ମୋର ମନେହୁଏ, ସବୁ ପ୍ରଦେଶର ଖବର ଆଲୋଚନା କରି ଜାତୀୟ ଚିନ୍ତାଧାରା ବିସ୍ତାରରେ ଭାରତୀ ମନ୍ଦିର ପ୍ରଭୂତ ସାହାଯ୍ୟ କରିଥିଲା ।' (ପୃଷ୍ଠା-୨୦) ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନ ପ୍ରସ୍ତାବର ଆଲୋଚନା କରିବା ନିମନ୍ତେ ୧୯୨୦ ମସିହାରେ କଲିକତାଠାରେ କଂଗ୍ରେସର ଏକ ବିଶେଷ ଅଧିବେଶନ ବସିଥିବା ବେଳେ ଓଡ଼ିଶାରେ କଂଗ୍ରେସ ବୋଲି କିଛି ନଥିଲା । ଶ୍ରୀ ମହତାବ ପ୍ରଥମ କାଳରେ ମଧୁସୂଦନ ଦାସଙ୍କର ଚିନ୍ତାର ଧାରା, ସାହସ ଓ ଉତ୍ସାହ ବାଣୀରେ ଏକଦା ଖୁବ୍ ଉଦ୍‌ବୁଦ୍ଧ ହୋଇଥିଲେ । ମଧୁସୂଦନଙ୍କ ଦ୍ୱାରା ସମ୍ପାଦିତ ଇଂରାଜୀ ସାପ୍ତାହିକ 'ଦି ଓରିୟାର' ତାଙ୍କର ଅନେକ ଲେଖା ଓ ଉକ୍ତିକୁ ସେ ଉତ୍ସାହରେ ମୁଖସ୍ଥ କରି ପକାଉଥିଲେ ଓ ବଡ଼ ବଡ଼ ଅକ୍ଷରରେ ଲେଖି ତାଙ୍କ ମେସ୍‌ରେ ଚାରିଆଡ଼େ ଟଙ୍ଗାଇଥିଲେ । ସେ ଲେଖିଛନ୍ତି, 'ମଧୁବାବୁଙ୍କ ସହିତ ଖୁବ୍ ନିକଟ ସମ୍ପର୍କରେ ଆସି ଅନେକକ୍ଷେତ୍ରେ ଦେଶର ସ୍ୱାଧୀନତା ଓ ସେଥିପାଇଁ ଜୀବନଦାନ, ଏ ସମ୍ବନ୍ଧରେ କିଛି ଶୁଣିବାକୁ ।

Digitized by srujanika@gmail.com

ସେତେବେଳେ ଓଡ଼ିଶାର ଏକମାତ୍ର ରାଜନୀତିକ ଚିନ୍ତା ଥାଏ, ଓଡ଼ିଆଭାଷୀ ପ୍ରଦେଶ-ମାନଙ୍କ ଏକତ୍ରୀକରଣ ଓ ପଡ଼ୋଶୀ ବଙ୍ଗାଳିମାନଙ୍କର ଔଦ୍ଧତ୍ୟରୁ ଆତ୍ମରକ୍ଷା ।" (ପୃଷ୍ଠା-୧୬)

ବୃହତ୍ତର ଭାରତୀୟ ଭାବନାକୁ ଅସଲ ଉତ୍ପ୍ରେରକ କରି ଭାରତୀ ମନ୍ଦିରର ଏହି ଯେଉଁ ତରୁଣମାନେ ଏକ ନୂଆ ଆଗ୍ରହରେ ରାଜନୀତିର ଚର୍ଚ୍ଚା କରୁଥିଲେ, ସେତେବେଳେ ତାହା ଓଡ଼ିଶାରେ ପ୍ରାୟ ଏକାବେଳକେ ନୂଆ ଥିଲା । ଅବଶ୍ୟ ଶ୍ରୀଯୁକ୍ତ ମହତାବ ଆମକୁ ସାବଧାନ କରିଦେଇ ପରି 'ଏଥିରେ ସନ୍ଦେହ ନାହିଁଯେ ସେତେବେଳେ ଆମର ଚିନ୍ତା ଯେତେଦୂର ଚାଲି ଯାଉଥାଏ, ହୃଦୟ ସେତେଦୂର ଯାଇ ପାରୁନଥାଏ' ବୋଲି ସ୍ୱୀକାର କରିଛନ୍ତି । (ପୃଷ୍ଠା-୧୭) ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ଯୋଗ ଦେବାଲାଗି ଭାରତୀ ମନ୍ଦିରର ବନ୍ଧୁମାନେ ତାଙ୍କୁ କଲିକତା ପଠାଇଥିଲେ । ତା'ର ଅବ୍ୟବହିତ ପରେ ମଧ୍ୟ ସେ ନାଗପୁର କଂଗ୍ରେସରେ ଯୋଗଦେଇଥିଲେ । ତାଙ୍କର ଅନୁଭୂତିକୁ ସେ ଭାରତୀ ମନ୍ଦିରରେ ଆସି କହୁଥିଲେ ଏବଂ ସେଠାରେ ସଙ୍ଗୀ-ମାନଙ୍କର ମେଳରେ ତାହାର ବିଶଦ ଆଲୋଚନା ମଧ୍ୟ ହେଉଥିଲା । ନାଗପୁର କଂଗ୍ରେସରେ ହିଁ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ମହତାବଙ୍କର ପ୍ରଥମ ସାକ୍ଷାତ ଓ ପରି-ଚୟ ଘଟିଥିଲା । ଏବଂ, ଏହିପରି ଭାବରେ ସେ ସମୁଦାୟ ତରୁଣଗୋଷ୍ଠୀର ପରିଚିତ ହେଲେ । ଅସହଯୋଗ ଆନ୍ଦୋଳନ ହେଲେ କଲେଜ ପଢା ଛାଡ଼ିଦେବାକୁ ପଡ଼ିବ, ଏଭଳି ନୂଆ ଉନ୍ମାଦନା ସହିତ ଗୋଷ୍ଠୀ ସେହି ବିଷୟରେ ମଧ୍ୟ ଆଲୋଚନା କରିବାକୁ ଆରମ୍ଭ କଲା ।

ଯେତେବେଳେ କଂଗ୍ରେସ ଦେଶ ଆଗରେ ଇଂରେଜ ସରକାର ସହିତ ଏକ ଅସହଯୋଗ ଆନ୍ଦୋଳନ ଦ୍ୱାରା ମୁକାବିଲା କରିବାର ଆହ୍ୱାନ ହେଉଥିବା ସମୟରେ ଓ ତାହାର ଫଳରେ ସମଗ୍ର ଦେଶରେ ଏକ ନୂତନ ବାତ୍ୟା ବୋହିବାକୁ ଯାଉଥିଲା ବେଳେ ଓଡ଼ିଶାରେ ଉତ୍କଳ ଗୌରବ ମଧୁସୂଦନ ବିହାର ଓ ଓଡ଼ିଶା ସରକାରଙ୍କର ଜଣେ ମନ୍ତ୍ରୀ ରୂପେ ମନୋନୀତ ହୋଇଥିଲେ । ଏହା ଭାରତୀ ମନ୍ଦିରର ତରୁଣମାନଙ୍କୁ ଏକ ଲଜ୍ୟାକର ଆଘାତ ପରି ମନେହେଲା । ମଧୁବାବୁଙ୍କର ଏହି ପଦକ୍ଷେପକୁ ସେମାନେ ନାପସନ୍ଦ କଲେ ଏବଂ ଏହି ନାପସନ୍ଦକୁ ସାଧାରଣଙ୍କର ଗୋଚରକୁ ଆଣିବା-ଲାଗି ସେମାନେ ମଧୁବାବୁଙ୍କର ଏକ ପାଳ-ପ୍ରତିମୂର୍ତ୍ତି ତିଆରି କରି ନଈ ବାଲିରେ ଏକ ପ୍ରତିବାଦ-ସଭା କରି ତାହାକୁ ପୋଡ଼ିବେ ବୋଲି ମନସ୍ଥ କରିଥିଲେ । ମଧୁସୂଦନଙ୍କର ଏହି ମନ୍ତ୍ରୀପଦ ଗ୍ରହଣକୁ ଅଭିନନ୍ଦନ ଜଣାଇ କଟକରେ ଯେଉଁ ସାଧାରଣ ସଭା ହୋଇ-ଥିଲା, ଭାରତୀ ମନ୍ଦିରର ନୂତନ ମାନେ ସେଥିରେ ମଧ୍ୟ ନିଜର ପ୍ରତିବାଦ ବ୍ୟକ୍ତ କରି-

Digitized by srujanika@gmail.com

ବାକୁ ବାହାରିଲେ । ଓଡ଼ିଆ ଇଂରାଜୀରେ ପ୍ରଚାରପତ୍ର ଛାପା ହୋଇ ଚାରିଆଡ଼େ ବାଣ୍ଟି-ବାର ବ୍ୟବସ୍ଥା ହେଲା । କଟକ ଟାଉନ୍ ହଲ ସଭାରେ ମଧ୍ୟ ଅତ୍ୟନ୍ତ ସୁଚତୁରତା ଭାବରେ ଗଣ୍ଡଗୋଳ ସୃଷ୍ଟି କରାଗଲା । ଅଭିନନ୍ଦନ କରିବାକୁ ସଭା ଡ଼ାକିଥିବା ଉଦ୍ୟୋକ୍ତାମାନେ ସଭା ଛାଡ଼ି, ଚାଲି ଯାଇଥିଲେ । ସଭାରେ ଲୋକସମର୍ଥକ ତରୁଣ ପ୍ରତିବାଦକାରୀ ମାନଙ୍କ ତରଫରେ ଥିଲା । ଶ୍ରୀଯୁକ୍ତ ମହତାବ ଉପସଂହାର କରି ଲେଖିଛନ୍ତି : 'ଆମର ସଭା ଚାଲିଲା । ମଧୁବାବୁଙ୍କୁ ଯେତେ ତୀବ୍ର ଭାବରେ ନିନ୍ଦା କରି ଯାଇପାରେ, ତାହା କରାଗଲା । ନିନ୍ଦାବାଦ ପ୍ରସ୍ତାବ ମଧ୍ୟ ଗୃହୀତ ହେଲା ।'
(ପୃଷ୍ଠା-୩୩)

ଅସହଯୋଗର ଡ଼ାକରାରେ ଏକ ଅନୁଷ୍ଠାନ ରୂପେ ଭାରତୀ ମନ୍ଦିର ପ୍ରାୟ ଆପେ ଆପେ ବନ୍ଦ ହୋଇଗଲା ଏବଂ ସେଥିରେ ଥିବା ଅଧିକାଂଶ ତରୁଣ ପ୍ରତ୍ୟକ୍ଷ ରାଜନୀତି ମଧ୍ୟକୁ ଚାଲି ଆସିଥିଲେ । ମହତାବ ଓ ଶ୍ରୀ ନବକୃଷ୍ଣ ଚୌଧୁରୀ ରେଭେନ୍ସା କଲେଜ ଛାଡ଼ିଲେ । ଅବଶ୍ୟ ମଧୁବାବୁଙ୍କର ସଭାକୁ ପଣ୍ଡ କରିଥିବାର ଅପରାଧରେ ସେମାନେ ନିଜ ଭୁଲ ଆଚରଣର ପ୍ରତିଶ୍ରୁତି ନଦେଲେ ସେମାନଙ୍କ ପ୍ରତି ଶାସ୍ତି ବିଧାନ ହେବ ବୋଲି ରେଭେନ୍ସା କଲେଜର ଗୋରା ଅଧ୍ୟକ୍ଷ ସେମାନଙ୍କର ଅଭିଭାବକ ମାନଙ୍କୁ ପତ୍ର ଲେଖି ଜଣାଇଥିଲେ । ସରକାରୀ ପଦପଦବୀ ବର୍ଜନ ଅସହଯୋଗରେ ଏକ ଅନ୍ୟତମ କାର୍ଯ୍ୟ-କ୍ରମ ହୋଇ ରହିଥିଲା । ୧୯୨୧ ମସିହା ଜାନୁଆରୀ ମାସରେ ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ କାଠଯୋଡ଼ି ବାଲିରେ ସାଧାରଣ ସଭା କଲେ ଏବଂ ଅହିଂସା ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାଲାଗି ଉତ୍କଳବାସୀଙ୍କୁ ବିଶେଷତଃ ଓଡ଼ିଶାର ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ, ତା'ପରେ ହିଁ ରାଜକୃଷ୍ଣ ବୋଷ, ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ସମେତ ଅନେକ ଛାତ୍ରଙ୍କ ସହିତ ଶ୍ରୀ ହରେକୃଷ୍ଣ ମହତାବ ଏବଂ ନବକୃଷ୍ଣ ଚୌଧୁରୀ ମଧ୍ୟ କଲେଜ ଛାଡ଼ିଥିଲେ । ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ମଧ୍ୟ ସରକାରୀ ରିଲିଫ୍ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ତାଙ୍କର ଉଚ୍ଚ ଡ଼େପୁଟୀ କଲେକ୍ଟର ପଦ ଛାଡ଼ି ଜାତୀୟ ଆନ୍ଦୋଳନରେ ସାମିଲ ହୋଇ ଯାଇଥିଲେ ।

ଅସହଯୋଗ ଆନ୍ଦୋଳରେ ସେନାପତି ମହାତ୍ମାଗାନ୍ଧୀ ସମଗ୍ର ଭାରତର ଜନଗଣଙ୍କୁ କେତେ ପ୍ରତ୍ୟୟ ଯୋଗାଇଦେଇ ଘୋଷଣା କରିଥିଲେ ଯେ, ଯଦି ଭାରତବାସୀ ସଂପୂର୍ଣ୍ଣ ଅହିଂସା ରହି ବ୍ରିଟିଶ ସରକାରଙ୍କ ସହିତ ଅସହଯୋଗ କରନ୍ତି, ତେବେ ଗୋଟାଏ ବର୍ଷ ଭିତରେ ଭାରତବର୍ଷକୁ ସ୍ୱରାଜ୍ୟ ଆଣିଦେବି । ଆନ୍ଦୋଳନର ସେହି ସାର୍ବଜନୀନ ଉଦ୍ଦୀପନା ମଧ୍ୟରେ ସଂଗ୍ରାମରେ ଯେ ସବୁଠାରେ ସମସ୍ତେ ଅହିଂସାରେ ଅଟୁଟ ରହି-ଥିଲେ, ସେକଥା ଆଦୌ ନୁହେଁ । ଚୌରିଚୌରା ବୋଲି ଗୋଟିଏ ଥାନରେ

Digitized by srujanika@gmail.com

ଉତ୍ତେଜିତ ଜନତା କେତେଜଣ ପୋଲିସ କର୍ମଚାରୀଙ୍କୁ ହତ୍ୟା କଲେ । ମହାତ୍ମାଗାନ୍ଧୀ ଆନ୍ଦୋଳନ ବନ୍ଦ କରିଦେଲେ ଏବଂ ଭାରତବର୍ଷ ପୂର୍ଣ୍ଣ ପ୍ରସ୍ତୁତ ହେବାଲାଗି ଆହୁରି ବାକି ଅଛି ବୋଲି ମତ ଦେଇଥିଲେ । ଆନ୍ଦୋଳନ ବନ୍ଦ କରି ଦେବା ଦ୍ୱାରା ଗାନ୍ଧିଜୀ ଠିକ କଲେ ବା ଭୁଲ କଲେ, ସେକଥା ଯାହା ହୋଇଥାଉ ନା କାହିଁକି, ମାତ୍ର ଭାରତବର୍ଷର ତରୁଣଗୋଷ୍ଠୀ ସେଥିରେ ଘୋର ନୈରାଶ୍ୟ ଅନୁଭବ କରିଥିଲେ । ଏହି ଗୋଟାଏ ଡାକରେ କ'ଣ ନା କ'ଣ ହୋଇଯିବ ବୋଲି ହୁଏତ ସେମାନେ ଭାବି ନେଇଥିଲେ, ତେଣୁ ନିରାଶ ହେଲେ । ଓଡ଼ିଶାର ତରୁଣଗୋଷ୍ଠୀ ମଧ୍ୟ କମ୍ ନିରାଶ ହୋଇ ନଥିବେ । ମହାତ୍ମାଗାନ୍ଧୀ କାରାଦଣ୍ଡ ଭୋଗ କଲେ, ସ୍ୱରାଜ୍ୟ ଦଳ ସକ୍ରିୟ ସମ୍ମୁଖକୁ ଆସିଲା ।

ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ମଧ୍ୟ ଶ୍ରୀ ନବକୃଷ୍ଣ ଚୌଧୁରୀ କାରାବରଣ କରିନଥିଲେ । ଆନ୍ଦୋଳନ ବନ୍ଦ ହୋଇଯିବା ପରେ ତତ୍କାଳୀନ ପରିସ୍ଥିତିକୁ ଅନାଇ ତାଙ୍କୁ ମଧ୍ୟ କମ୍ ନିରାଶ ଲାଗିନଥିବ । ସେତେବେଳେ ସାରା ଭାରତବର୍ଷ ଦେଶବନ୍ଧୁ ଚିତ୍ତରଞ୍ଜନ ଏବଂ ମହାତ୍ମାଗାନ୍ଧୀଙ୍କୁ ନେଇ ଗଢ଼ି ଉଠିଥିବା ଦୁଇ ରାଜନୈତିକ ଶିବିର ମଧ୍ୟରେ ଯେପରି ଆନ୍ଦୋଳିତ ହେଉଥିଲା, ତାହାରି ଦ୍ୱିଧାରେ ପଡ଼ି ଶ୍ରୀ ନବକୃଷ୍ଣ ଚୌଧୁରୀ ମଧ୍ୟ ନିଜ ଭିତରେ କେତେ ଆନ୍ଦୋଳିତ ହୋଉଥିବେ । ପୁଣି ସେହି ପୁରୁଣା କଲେଜପାଠକୁ ଫେରିଯିବାର ପ୍ରଶ୍ନ ହିଁ ନଥିଲା । ତେଣୁ ତାହା ପ୍ରଧାନତଃ ଏକ ଆତ୍ମବିଶ୍ଳେଷଣର ସୁଯୋଗ ଆଣି ପ୍ରଦାନ କରିଥିବ । ସେଥିରୁ କେତେକ ଅନ୍ତଃଦୃଷ୍ଟି ମଧ୍ୟ ଉପଲବ୍ଧ ହୋଇଥିବ । ଅନ୍ତଃଦୃଷ୍ଟି ଆଗକୁ ବାଟ ବି ଦେଖାଇଥିବ । ସଂଗ୍ରାମ ଲାଗି ପୋଖତ, ଅଧିକ ପୋଖତ ହେବାଲାଗି ଏକ ଆହ୍ୱାନ ହୁଏତ ଭିତରୁ ଆସିଥିବା ସଂଗ୍ରାମ ଯେ ଆହୁରି ବହୁଦିନ ଚାଲିବ, ସେହି ବାସ୍ତବତାଟିକୁ ସେ ହୃଦୟଙ୍ଗମ କରିଥିବେ । ରେମନ୍ଥନର ସେହି ପର୍ବରେ ଶ୍ରୀ ଚୌଧୁରୀ ପ୍ରଥମେ କିଛିଦିନ ମହାତ୍ମା ଗାନ୍ଧୀଙ୍କର ସାବରମତୀ ଆଶ୍ରମରେ ରହିଲେ । ସେହି ଆଶ୍ରମକୁ ଗାନ୍ଧୀଜୀ ସତ୍ୟାଗ୍ରହାଶ୍ରମର ନାଆଁ ଦେଇଥିଲେ । ସେଠାରେ ଶ୍ରୀ ଚୌଧୁରୀ ବିଭିନ୍ନ ବିଷୟରେ ତାଲିମ ଗ୍ରହଣ କଲେ । ଛଅମାସର ତାଲିମ ଭିତରେ ସେ ତୁଳାଭଣା ଏବଂ ଲୁଗାବୁଣା ଶିଖିଲେ । ଦରି ଓ ସତରଞ୍ଜି ବୁଣା ଜାଣିଲେ । ପରେ ଅଲକାଶ୍ରମରେ ଶିକ୍ଷକତା କରିବା ସମୟରେ ଏହି ସବୁ ତାଲିମ ତାଙ୍କର ଅନେକ କାମରେ ଆସିଥିଲା ।

ସାବରମତୀରୁ ଫେରି ତାଙ୍କର ମନ ଓ ମେଧା ସମ୍ଭବତଃ ତଥାପି ସ୍ଥିର ହୋଇ କୌଣସି ଏକ ନିର୍ଦ୍ଦିଷ୍ଟ ବାଟକୁ ଗ୍ରହଣ କରିପାରି ନଥିଲା । ସେ ବାଟ ଖୋଜୁଥିଲେ,

Digitized by srujanika@gmail.com

ଆପଣାକୁ ଜ୍ଞାନରେ ଏବଂ ଅନୁଭୂତିରେ ଅଧିକ ଯୋଗ୍ୟ କରୁଥିଲେ । ସେହି ଯୋଗ୍ୟତାକୁ ପୁଞ୍ଜି କରି ହୁଏତ ବାଟଟିଏ ଖୋଜୁଥିଲେ । ସେତିକବେଳେ ତାଙ୍କୁ ବିଶ୍ୱକବି ରବୀନ୍ଦ୍ରନାଥଙ୍କର ଶାନ୍ତିନିକେତନ ମଧ୍ୟ ଆକର୍ଷଣ କଲା । ୧୯୨୫-୨୬ ବେଳକୁ ଶାନ୍ତିନିକେତନକୁ ଦୀର୍ଘଦିନ ଯାବତ୍ ଆମେରିକାରେ ଅଧ୍ୟାପନା କରିଥିବା ବିଖ୍ୟାତ ଅର୍ଥନୀତିବିତ୍ ଶ୍ରୀ ତାରକନାଥ ଦାସ ଥରେ କେତୋଟି ବକ୍ତୃତା ଦେବାକୁ ଆସିଥିଲେ । ସେଗୁଡ଼ିକୁ ଶୁଣିବା ଲାଗି ଶ୍ରୀ ଗ୍ରେଧୁରୀ ଶାନ୍ତିନିକେତନ ଗଲେ । ସେଠାରେ ସେ ଅଧିକ କେତେ ମାସ ଅତିବାହିତ କରିଥିଲେ ଏବଂ ପ୍ରଧାନତଃ ଗ୍ରାମ-ଅର୍ଥନୀତିର ଅଧ୍ୟୟନ କରିଥିଲେ । ସେତେବେଳେ ବିଶ୍ୱଭାରତୀ ଏକ ମୁକ୍ତ ଓ ଜାତୀୟ ବିଦ୍ୟାଳୟ ଥିଲା, ଭାରତୀୟ ବିଦ୍ୟାସମ୍ପଦର କେନ୍ଦ୍ର ହୋଇ ରହିଥିଲା । ଜଣେ ବିଦ୍ୟାର୍ଥୀ ନିଜର ରୁଚି ଏବଂ ବାସନା ଅନୁସାରେ ଆପଣା ଅଧ୍ୟୟନର ବିଷୟକୁ ବା ବିଷୟଗୁଡ଼ିକୁ ବାଛି ନେଇ ପାରୁଥିଲା ଓ ସେହି ଅନୁସାରେ ବିଭିନ୍ନ ଅଧ୍ୟାପକମାନଙ୍କଠାରୁ ଶିକ୍ଷା ଗ୍ରହଣ କରୁଥିଲା । ଅଧ୍ୟୟନର ଶେଷରେ ବିଦ୍ୟାର୍ଥୀକୁ କୌଣସି ଡିଗ୍ରୀ ଦିଆଯାଉନଥିଲା କିମ୍ବା ସେଠାରୁ ଅଧ୍ୟୟନ ପରେ ତାହାରି ବଳରେ ବ୍ରିଟିଶ ଭାରତରେ କୌଣସି ଚାକିରି ମିଳିବାର ମଧ୍ୟ କୌଣସି ସମ୍ଭାବନା ନଥିଲା । ତଥାପି ଦେଶର ଭିନ୍ନ ଭିନ୍ନ ପ୍ରାନ୍ତରୁ ମୁଖ୍ୟତଃ ବିଦ୍ୟାର ଏବଂ ଏକ ବିଦ୍ୟାଦୀପ୍ତ ବ୍ରତମୟ ଜୀବନର ବାସନା ନେଇ ବିଦ୍ୟାର୍ଥୀମାନେ ଶାନ୍ତିନିକେତନ ଆସୁଥିଲେ । ରବୀନ୍ଦ୍ରନାଥଙ୍କର ଆକର୍ଷଣରେ ପୃଥିବୀର ବହୁ ପ୍ରଖ୍ୟାତ ପଣ୍ଡିତ ଓ ଅଧ୍ୟାପକ ସେତେବେଳେ ସେଠାକୁ ଆସି ବିଦ୍ୟାର୍ଥୀମାନଙ୍କର ପିପାସା ମେଣ୍ଟାଉଥିଲେ । ଶ୍ରୀ ଗ୍ରେଧୁରୀ ସେହିଭଳି ଏକ ପରିବେଶ ଦ୍ୱାରା କମ୍ ପ୍ରଭାବିତ ହୋଇନଥିବେ । ଆପଣାର ଜୀବନ ମୂଳଗତ ପ୍ରଶ୍ନଗୁଡ଼ିକୁ ଶ୍ରଦ୍ଧାର ସହିତ ପ୍ରସାରିତ କରି ଦେବାଲାଗି ବିଶ୍ୱଭାରତୀ ତାଙ୍କୁ କମ୍ ଅନୁକୂଳତା ଯୋଗାଇ ନଥିବ ।

ଶାନ୍ତିନିକେତନରେ ଶ୍ରୀଯୁକ୍ତ ଗ୍ରେଧୁରୀଙ୍କର ସମସାମୟିକ ସତୀର୍ଥମାନେ କେତେ ଆତ୍ମୀୟତାର ସହିତ ତାଙ୍କୁ ସ୍ମରଣ କରିଛନ୍ତି । ଶ୍ରୀ ଗ୍ରେଧୁରୀଙ୍କ ଠାରୁ କେତେ ବର୍ଷ ତଳେ ପଢ଼ୁଥିବା ଶ୍ରୀ ବି. ଗୋପାଳ ରେଡ୍‌ଡ଼ୀ (ପରେ ସ୍ୱାଧୀନ ଭାରତରେ ବହୁ ମୁଖ୍ୟ ପଦରେ ରହିଥିଲେ) ଗୋଟିଏ ସ୍ଥାନରେ ଲେଖିଛନ୍ତି ଯେ ଶ୍ରୀ ଗ୍ରେଧୁରୀ ପାଠରେ ପ୍ରବୀଣ ଥିଲେ, ଏବଂ ଆପଣାର ସରଳତା ଏବଂ ମମତାପୂର୍ଣ୍ଣ ଆଚରଣ ଦ୍ୱାରା ଅନ୍ୟ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ଶ୍ରୀ ଗ୍ରେଧୁରୀଙ୍କର ଜଣେ ସହପାଠୀ ଶ୍ରୀଯୁକ୍ତ ଜି. ରାମଚନ୍ଦ୍ରନ୍ ଏବେ ମଧ୍ୟ କେରଳରେ ତାଙ୍କ ନିଜ ଗାଆଁରେ ବାସ କରୁଛନ୍ତି । ସେ କହନ୍ତି ଯେ ଶ୍ରୀ ଗ୍ରେଧୁରୀ ତାଙ୍କ ଶାନ୍ତିନିକେତନର ରହଣିକାଳରେ ଅର୍ଥନୀତି, ରାଜନୀତି ବିଜ୍ଞାନ ଏବଂ ବଙ୍ଗଳା ସାହିତ୍ୟ ଅଧ୍ୟୟନ କରିଥିଲେ । ବିଶ୍ୱଭାରତୀର ସାଂସ୍କୃତିକ ଜୀବନରେ ଶ୍ରୀ ଗ୍ରେଧୁରୀଙ୍କର ଭୂମିକା ସର୍ବଦା ସବାଆଗରେ ରହିଥିଲା । ଯାବତୀୟ ତର୍କ-

Digitized by srujanika@gmail.com

ପ୍ରତିଯୋଗିତାରେ ସେ ସର୍ବଦା ମୁଖ୍ୟ ଅଂଶ ଗ୍ରହଣ କରୁଥିଲେ ଓ ନିଜର ପ୍ରତିଭାଦ୍ୱାରା ସମସ୍ତଙ୍କୁ ମୁଗ୍‌ଧ କରୁଥିଲେ । ସେହି କାଳରେ ଏକ ତର୍କ ପ୍ରତିଯୋଗିତାର ଅବସରକୁ ଶ୍ରୀ ରାମଚନ୍ଦ୍ରନ୍‌ ଏବେ ମଧ୍ୟ ମନେ ରଖିଛନ୍ତି । ସେଦିନ ନାରୀ ଓ ପୁରୁଷ ମଧ୍ୟରେ ସମାନତା ତର୍କାଲୋଚନାର ବିଷୟ ଥିଲା । ସେହି ଅବସରରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ସାହିତ୍ୟକାର ମନୀଷୀ ଶ୍ରୀ ବର୍ଣ୍ଣାଡ଼ଶ’ଙ୍କର ‘Marriage is legalized rape’ ଉକ୍ତିଟିକୁ ଉଦ୍ଧାର କରିଥିଲେ ।

ସେହି ଶାନ୍ତିନିକେତନରେ ଅବସ୍ଥାନ କାଳରେ ସେତେବେଳେ ସେଠାରେ ଅଧ୍ୟୟନ କରୁଥିବା ଶ୍ରୀମତୀ ମାଳତୀ ସେନ୍‌ଙ୍କ ସହିତ ତାଙ୍କର ପରିଚୟ ଘଟିଥିଲା । ଶ୍ରୀ ରାମଚନ୍ଦ୍ରନ୍‌ କହନ୍ତି ଯେ, ଶ୍ରୀମତୀ ସେନ୍‌ଙ୍କ ସୌନ୍ଦର୍ଯ୍ୟ ଦ୍ୱାରା ନୁହେଁ, ମାତ୍ର ତାଙ୍କର ସାହସ ଏବଂ ଚରିତ୍ରଦ୍ୱାରା ସେ ଆକୃଷ୍ଟ ହୋଇଥିଲେ ଏବଂ ଆପଣାଆଡ଼ୁ ତାଙ୍କ ପାଖରେ ବିବାହର ପ୍ରସ୍ତାବ ବାଢ଼ିଥିଲେ । ଶ୍ରୀମତୀ ସେନ୍‌ ବ୍ରାହ୍ମୀ ଘରର ଝିଅ । ତେଣୁ ଯେପରିକି ଏହି ବିବାହ ପ୍ରସ୍ତାବରେ କାହାର କୌଣସି ଆପତ୍ତି ନଥିଲା । ସବୁଯାକ ଆପତ୍ତି ଉଠିଲା ଏପଟୁ, କରଣଘରୁ । ଶ୍ରୀ ଚୌଧୁରୀଙ୍କର ମାଆ ଏହି ପ୍ରସ୍ତାବର ତୀବ୍ର ବିରୋଧ କରିଥିଲେ । ବେଶ୍‌ କିଛିଦିନ ଲାଗି ଚୌଧୁରୀ ପରିବାରରେ ତାହା ମୁଖ୍ୟ ତର୍କର ବିଷୟ ହୋଇଥିବ ଏବଂ କେତେ ବିରୋଧ ଏବଂ ବିତଣ୍ଡାର ସୃଷ୍ଟି କରିଥିବ । ସେତେବେଳେ ପରିବାରର ଅଭିଭାବକ ହେଉଛନ୍ତି ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ । ସେ ଏହି ପ୍ରସ୍ତାବଟିକୁ ସ୍ୱୀକାର କରିନେଲେ । ତାଙ୍କର ଭଉଣୀ ମଧ୍ୟ ସେଥିରେ ପୂର୍ଣ୍ଣ ସମର୍ଥନ ଦେଇଥିଲେ । ୧୯୨୭ ମସିହା ଜୁଲାଇ ମାସରେ କଲିକତାଠାରେ ଏହି ବିବାହ ସମ୍ପନ୍ନ ହୋଇଥିଲା । ଗୋପବନ୍ଧୁଙ୍କ ପୁତ୍ର ଶ୍ରୀଯୁକ୍ତ ମନମୋହନ ବର ସହିତ ମାରକୁଣ୍ଡି ହୋଇ ଯାଇଥିଲେ ।

ଶ୍ରୀମତୀ ମାଳତୀ ସେନ୍‌ଙ୍କୁ ବିବାହ କରି ଶ୍ରୀ ନବକୃଷ୍ଣ ଚୌଧୁରୀ କୁଳର ପରମ୍ପରା ଭାଙ୍ଗିଲେ ସତ ମାତ୍ର ପରବର୍ତ୍ତୀ ଅନ୍ୟମାନଙ୍କ ଲାଗି ସେ ସେତେବେଳେ କୁଟୁମ୍ବରେ ଏକ ନୂତନ ପରମ୍ପରା ପକାଇ ଦେଇ ଯାଇଥିଲେ । ପରେ ଜାତି, ଗୋତ୍ର ଓ ଧର୍ମକୁ ନମାନି ଏହି ପରିବାରରେ ଏକାଧିକ ବିବାହ ଅନୁଷ୍ଠିତ ହୋଇଛି । ଅର୍ଥାତ୍‌, ହୁଏତ ଏପରି କୁହାଯାଇ ପାରିବ ଯେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ପ୍ରଥମ କରି ଏକ ଅଭିନବ ରୀତିରେ ବିବାହ କରି ନିଜ ପରିବାରକୁ ସତେଅବା ସବୁକାଳ ଲାଗି ପୁରୁଣା ଜାତିଗତ ଓ ବର୍ଣ୍ଣଗତ ଯାବତୀୟ ସଂସ୍କାରରୁ ପ୍ରକୃତରେ ମୁକ୍ତ କରି ଆଣିଛନ୍ତି । ଏହି ବିଭାଘରଟି ଲାଗି ସିନା ଚୌଧୁରୀଙ୍କର ମାଆ ଯେକୌଣସି ପ୍ରକାରେ ସମ୍ମତ ହୋଇଗଲେ । ମାତ୍ର,

Digitized by srujanika@gmail.com

ଆପଣାର ପ୍ରାୟ ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ (୧୯୫୫) ସେ ନିଜର ବନ୍ଧୁସ୍ଥ-ଗତା ବୋଧ୍‌ଟିକୁ ଅନ୍ତଃକରଣରେ ସ୍ୱୀକାର କରି ପାରିନଥିଲେ । ଆପଣାର ଶେଷ ଜୀବନଦଶାରେ ସାନପୁଅର ସଂସାର ଭିତରେ ବାସ କରୁଥିଲେ ମଧ୍ୟ ସିଏ କେବେହେଲେ ସେହି ବୋଧ୍‌ର ରକ୍ଷା ଖୋଜୁନଥିଲେ । ପରିବାରରେ ତାଙ୍କ ଲାଗି ସବୁବେଳେ ଅଲଗା ବ୍ୟବସ୍ଥା ହେଉଥିଲା । ବିବାହପରେ ଅନ୍ତତଃ ନିଜ ମାଆଙ୍କର ମନରେ ଅଶାନ୍ତି ନଆଣିବା ଉଦ୍ଦେଶ୍ୟରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କୁ ଆପଣାର ସଂସାର ଅନ୍ୟତ୍ର ବସାଇବାକୁ ପଡ଼ିଲା । ୧୯୨୮ ମସିହାରେ ପ୍ରଥମାକନ୍ୟା ଉତ୍ତରା ଜନ୍ମ ହେଲା । ତାପରେ ୧୯୩୧ରେ ଏକମାତ୍ରପୁତ୍ର ବିନାୟକ ଜନ୍ମଗ୍ରହଣ କଲା ଏବଂ, ସବାଶେଷ ସନ୍ତାନ କନ୍ୟା କୃଷ୍ଣାର ଜନ୍ମ ୧୯୩୮ରେ ହୋଇଥିଲା । ପିଲାମାନେ ବାପା ଓ ମାଆଙ୍କୁ ଯଥାକ୍ରମେ ବାପି ଓ ନୁମା ବୋଲି ଡ଼ାକୁଥିଲେ । ସାଧାରଣ ଜୀବନକ୍ଷେତ୍ରରେ ଓଡ଼ିଶାଯାକ ତାଙ୍କ ସମ୍ପର୍କରେ ଆସୁଥିବା ସମସ୍ତେ ସେମାନଙ୍କୁ ସେହି ନାମରେ ଚିହ୍ନିଲେ ଓ ଏହିପରି ସେମାନେ ସମସ୍ତଙ୍କର ବାପି ଆଉ ନୁମା ହୋଇଗଲେ ।

୧୯୨୮ ମସିହାରୁ ଭାରତବର୍ଷର ସ୍ୱାଧୀନତା-ସଂଗ୍ରାମର ସଙ୍କଳ୍ପ ପଥଟି କ୍ରମଶଃ ଅଧିକ ଦୃଢ଼ ହୋଇଗଲା । ଓଡ଼ିଶାରେ ଚୌଧୁରୀ ପରିବାରର ଦୁଇଜଣଯାକ ଭାଇ ଏହି ସଂଗ୍ରାମରେ ସେହି ମୂଳରୁ ହିଁ ସହାରରେ ରହିଥିଲେ । ୧୯୨୮ ମସିହା ପର୍ଯ୍ୟନ୍ତ ଉତ୍କଳ ମଣି ଗୋପବନ୍ଧୁ ଓଡ଼ିଶାରେ ସେହି ସଂଗ୍ରାମର ସର୍ବପ୍ରଧାନ ପ୍ରେରଣା ଓ ପ୍ରତିଭୂ ହୋଇ ରହିଥିଲେ । ଏହିଜାତିର ଦୁର୍ଭାଗ୍ୟ, ସେହି ୧୯୨୮ ରେ ତାଙ୍କର ତିରୋଧାନ ଘଟିଲା । ସଂଗ୍ରାମକୁ ଆଗକୁ ଚଳାଇ ନେବାପାଇଁ ଅନ୍ୟମାନେ ରହିଥିଲେ ସତ, ମାତ୍ର, ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ସେନାପତି ବା କାଣ୍ଡାରୀ ଭାବରେ ଆଗକୁ ନେଇଯିବା ଭଳି କୌଣସି ଜଣେ ବ୍ୟକ୍ତି ବା ନେତାକୁ ସେମାନେ ହୁଏତ ପରସ୍ପର ମଧ୍ୟରେ ଆବିଷ୍କାର କରିପାରିଲେ ନାହିଁ । ଭାରତବର୍ଷର ସ୍ୱାଧୀନତା ହିଁ ସମସ୍ତଙ୍କର ଲକ୍ଷ୍ୟ ହୋଇ ରହିଥିଲା ସତ, ମାତ୍ର ସେହି ୧୯ ଦୂରସ୍ଥ ମନ୍ଦିର ଉପରେ ପ୍ରହରମାନେ ସତେଅବା ନିଜନିଜର ସ୍ୱତନ୍ତ୍ର ପତାକାମାନ ଉଡ଼ାଉଥିବାର ଅନୁଭବ କଲେ । ତେଣେ ସର୍ବଭାରତୀୟ ସ୍ତରରେ ପୂର୍ଣ୍ଣ ସ୍ୱାଧୀନତା ହିଁ ଜାତୀୟ ସଂଗ୍ରାମର ଲକ୍ଷ୍ୟ ବୋଲି ଘୋଷିତ ହେଲା । ତା'ପରେ ୧୯୩୦ ରେ ଲବଣ ସତ୍ୟାଗ୍ରହ ଓ ଆଇନ୍ ଅମାନ୍ୟର ଆନ୍ଦୋଳନ ଆସିଲା । ଓଡ଼ିଶାରେ ମଧ୍ୟ ତାହାର ପୂର୍ଣ୍ଣ ସଂକ୍ରମଣ ହୋଇଥିଲା । ସେହି ଆନ୍ଦୋଳନରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ପ୍ରଥମଥର ପାଇଁ କାରାବରଣ କଲେ । ୧୯୩୧ ମସିହାରେ ସତ୍ୟାଗ୍ରହ ଓ ଆଇନ୍‌ଅମାନ୍ୟର ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ତାଙ୍କୁ ପୁନର୍ବାର କାରାବାସର ସୌଭାଗ୍ୟ ମିଳିଥିଲା ।

Digitized by srujanika@gmail.com

ଏହାଭିତରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ କେତେବର୍ଷ ଲାଗି ପ୍ରାୟ ଏକ ଭଟ୍ଟା ପଡ଼ିଥିଲା । ମହାତ୍ମା ଗାନ୍ଧୀ ହରିଜନ କାର୍ଯ୍ୟରେ ଅଧିକ ମନୋନିବେଶ କଲେ । ଯେଉଁମାନେ ସ୍ୱାଧୀନତା ସଂଗ୍ରାମକୁ ପ୍ରଧାନତଃ ଏକ ରାଜନୈତିକ ସଂଗ୍ରାମ ବୋଲି ଗ୍ରହଣ କରୁଥିଲେ, ସେମାନଙ୍କର ଏଥିରେ କିଞ୍ଚିତ ସଂଶୟ ହେବା ଅତ୍ୟନ୍ତ ସ୍ୱାଭାବିକ । ଏହିକବେଳେ ଶ୍ରୀ ନବକୃଷ୍ଣ ଚୌଧୁରୀ କଟକ ଗ୍ରାମ୍ୟ କଟକ ଜିଲ୍ଲାର ଅଣଖିଆକୁ ଆପଣାର କର୍ମକେନ୍ଦ୍ର ରୂପେ ଗଢ଼ିଲେ । ସେଠାରେ ବରିକୁନ୍ଦ ଗ୍ରାମ ପାଖରେ ତାଙ୍କର କିଛି ପୈତୃକ ସମ୍ପତ୍ତି ରହିଥିଲା । ସେଠାରେ ସେ ବୈଜ୍ଞାନିକ ପଦ୍ଧତିରେ ନୂତନ କୃଷିର ପ୍ରୟୋଗ ଆରମ୍ଭ କଲେ । ନୂତନ ପଦ୍ଧତିଗୁଡ଼ିକ ଯେମିତି ଆଖପାଖରେ ଅବସ୍ଥିତ ଗ୍ରାମ-ଗୁଡ଼ିକରେ ବ୍ୟାପିତ ହୋଇପାରିବ, ସେଥିଲାଗି ସୁନିର୍ଦ୍ଦିଷ୍ଟ ପ୍ରଚେଷ୍ଟା ମଧ୍ୟ ହେଉଥିଲା । ବରିକୁନ୍ଦ କ୍ଷେତରେ ସେହି ଅଞ୍ଚଳର ପ୍ରଥମ ପ୍ରୟୋଗରୂପେ ଆଖୁଚାଷ କରାଯାଇ ଇଟାଗୁଡ଼ ତିଆରି ହେଲା, କୋବି, ବିଲାତି, ବାଇଗଣ, ମଟରଛୁଇଁ, ଆଳୁ ପ୍ରଭୃତି କେତେ ନୂଆ ଫସଲର ଚାଷ ମଧ୍ୟ କରାଗଲା । ମଝିରେ ମଝିରେ ଆଖପାଖକୁ ଯାଇ ନୂତନ ଫସଲ ଏବଂ ନୂତନ ପ୍ରଣାଳୀଗୁଡ଼ିକ ବିଷୟରେ ଗାଆଁର କୃଷୀମାନଙ୍କୁ ବୁଝାଇ ଦିଆଯାଉଥିଲା । ଏହି ନୂତନ କର୍ମକ୍ଷେତ୍ରର ଗୋଟାଏ ପାଖରେ ହିନ୍ଦୁମାନଙ୍କର ମଶାଣି ଓ ଆଉଗୋଟିଏ ପାଖରେ ମୁସଲମାନ ମାନଙ୍କର କବରସ୍ଥାନ ଥିଲା । ଆଗରୁ ଦିନରେ ମଧ୍ୟ ସେହି ଚକଡ଼ା ଭିତରକୁ ଯିବାକୁ ଲୋକମାନେ ଭୟ କରୁଥିଲେ । ଶ୍ରୀ ନବକୃଷ୍ଣ ଚୌଧୁରୀ ସେଠାରେ ନିଜର ଏହି ନୂଆ ସଂସାର ବସାଇବା ପରେ ତାଙ୍କଠାରେ କୌଣସି ଅଲୌକିକ ଶକ୍ତି ଥିବାରୁ ସେ ସେଭଳି ଏକ ଜାଗାରେ ନିରୁପଦ୍ରବ ହୋଇ ରହି ପାରୁ-ଛନ୍ତି ବୋଲି ଲୋକେ ଭାବୁଥିଲେ ।

ସେହିକବେଳେ ଜଗତ୍‌ସିଂହପୁରର ନିକଟବର୍ତ୍ତୀ ଗୃହଟି ଗ୍ରାମରେ ଅଳକାଶ୍ରମର ପ୍ରତିଷ୍ଠା ହୋଇଥାଏ । ସେଠାରେ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କର ନେତୃତ୍ୱରେ ସାମାଜିକ ନବଗଠନର ନାନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ । ଅନେକ କର୍ମୀ ଆସି ଏକତ୍ର ହୋଇଥାନ୍ତି । ଗଠନ ମୂଳକ ବିବିଧ କାର୍ଯ୍ୟ ସହିତ ସେଠାକୁ ଆସିଥିବା ଯୁବ-କର୍ମୀମାନଙ୍କର ବୌଦ୍ଧିକ ବିକାଶସାଧନ ମଧ୍ୟ ଲକ୍ଷ୍ୟ ହୋଇ ରହିଥାଏ । ଶ୍ରୀ ନବକୃଷ୍ଣ ଚୌଧୁରୀ ମଧ୍ୟ ଏଠାରେ ଏକାଧିକ କାର୍ଯ୍ୟକ୍ରମ ସହିତ ସଂପୃକ୍ତ ରହିଥିଲେ । ବରିକୁନ୍ଦ କୃଷିକେନ୍ଦ୍ରରେ ମଧ୍ୟ କ୍ରମେ ଗୋଟିଏ ସମାନ ଉତ୍ସାହ ରହିଥିବା ଗୋଷ୍ଠୀ ଗଢ଼ି ଉଠି-ଥିଲା । ଖୁବ୍ ସମ୍ଭବ ଏମାନେ ସମସ୍ତେ ଜେଲ୍‌ଭିତରେ ଥିବା ସମୟରେ ଏମାନଙ୍କ ମଧ୍ୟରେ ଏକ ସହିତ ଓ ସମଧର୍ମିତା ଗଢ଼ି ଉଠିଥିଲା ଓ ସେମାନେ ଆପଣାର ଏକ ଆସ୍ଥାନ ରୂପେ ବରିକୁନ୍ଦରେ ଆସି ଶ୍ରୀ ଚୌଧୁରୀଙ୍କ ସହିତ ଏକତ୍ର ହୋଇଥିଲେ । ଗାନ୍ଧିଜୀଙ୍କର ହରିଜନ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ମଧ୍ୟ ଏହି ଗୋଷ୍ଠୀ

Digitized by srujanika@gmail.com

ଚତୁର୍ଦ୍ଦିଗସ୍ଥ ଗ୍ରାମରେ ସେହି କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ଜାତିବାରଣ ନରଖି ସେମାନେ ସତେଅବା ପୁରୁଣା ପ୍ରଥାଗୁଡ଼ିକୁ ଭାଙ୍ଗିବା ଲାଗି ଛୁଆଁ ଅଛୁଆଁ ରଖିଲେ ନାହିଁ, ଅସବର୍ଣ୍ଣମାନଙ୍କ ଘରେ ଖାଇଲେ ଏବଂ ସେମାନଙ୍କର ପିଲାମାନଙ୍କୁ ଘରରେ ପାଠ ପଢ଼ାଇଲେ । ପାରମ୍ପରିକ ଉଚ୍ଚବର୍ଣ୍ଣୀୟ ସମାଜରେ ତାହାର ପ୍ରତିବାଦ ମଧ୍ୟ ହେଉଥିଲା । ତଥାପି, ଯୁବଗୋଷ୍ଠୀଟିର କର୍ମତତ୍ପରତା ଦ୍ଵାରା ଆଖପାଖର ଗ୍ରାମ-ଗୁଡ଼ିକରେ ଏକ ନୂତନ ଚେତନାର ଉନ୍ମେଷ ଘଟିଥିଲା । ବିଭିନ୍ନ ଗ୍ରାମରେ ଯୁବକ-ସଙ୍ଘମାନ ଗଢ଼ାହେଲା, ପାଠାଗାର ଆରମ୍ଭ ହେଲା, ଗାଆଁମାନଙ୍କୁ ପ୍ରଥମ କରି ଖବରକାଗଜ ଆସିଲା । ପାଖଗାଆଁ ମଙ୍ଗଳପୁରରୁ ସେତେବେଳେ ସାଧାରଣ ଗ୍ରାମ-ବାସୀମାନଙ୍କ ପାଇଁ ସହଜ ଛନ୍ଦର ବହୁ ଗୀତବନ୍ଧ ଲେଖାଥିବା ରସାନନ୍ଦ କେଳା ପ୍ରାୟ ନିୟମିତ ଭାବରେ ତପୋବନ କେନ୍ଦ୍ରକୁ ଯାଆ ଆସ କରୁଥିଲେ ।

କେନ୍ଦ୍ରରେ ସ୍ଥାନୀୟ ଯୁବକ ଅଧିକତର ସଂଖ୍ୟାରେ ଥିଲେ, ତଥାପି ଦୂରସ୍ଥ ଅନ୍ୟ ଜିଲ୍ଲାମାନଙ୍କରୁ ମଧ୍ୟ କେତେ କେତେ ଆସି ଏକତ୍ର ହୋଇଥିଲେ । ସେତେବେଳେ ଯେଉଁ ଯୁବକମାନେ ତପୋବନ ଉଦ୍ୟମ କ୍ଷେତ୍ରରେ ଆସି ଏକତ୍ର ହୋଇଥିଲେ, ସେମାନେ ସମସ୍ତେ ପରେ ସ୍ଵାଧୀନତା-ସଂଗ୍ରାମରେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ ଏବଂ ଭାରତବର୍ଷ ରାଜନୀତିକ ସ୍ଵାଧୀନତା ଲାଭ କଲାପରେ ଉଚ୍ଚ ପଦମାନ ମଧ୍ୟ ଅଧିକାର କରିଥିଲେ । ଏମାନେ ପ୍ରତ୍ୟେକେ ହେଉଛନ୍ତି ବର୍ତ୍ତମାନ ଓଡ଼ିଶାରେ ଗୋଟିଏ ଗୋଟିଏ ଅତ୍ୟନ୍ତ ଜଣାଶୁଣା ନାମ । ସେମାନଙ୍କ ମଧ୍ୟରୁ ଅନେକେ ଗଲେଣି, ତଥାପି ଅନେକେ ଜୀବଦ୍ଦଶାରେ ଅଛନ୍ତି । ସେମାନେ ହେଉଛନ୍ତି, ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ଦାସ, ଉଦୟ ନାଥ ଷଡ଼ଙ୍ଗୀ, ରାମକୃଷ୍ଣ ନନ୍ଦ, ସୁଧୀର ଘୋଷ, ଗୌରଚନ୍ଦ୍ର ଦାସ, ମନମୋହନ ଚୌଧୁରୀ ଓ ନୃପେନ୍ ସେନ୍ । ପରେ ଶ୍ରୀଯୁକ୍ତ ରବି ଘୋଷ ଆସି ଏମାନଙ୍କ ସହିତ ଯୋଗ ଦେଇଥିଲେ । ଏହିମାନେ ହିଁ ୧୯୩୩ ମସିହାରେ ଆନୁଷ୍ଠାନିକ ଭାବରେ 'ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀସଂଘ' ନାମରେ ଗୋଟିଏ ସଙ୍ଗଠନ ଗଢ଼ିଥିଲେ । ତପୋବନ ଭୂମିଖଣ୍ଡର ସମସ୍ତ ଆୟ ଏହି ସଂଘର କାର୍ଯ୍ୟରେ ବ୍ୟୟିତ ହେବ ବୋଲି ନିଷ୍ପତ୍ତି ହେଲା । ଏମାନଙ୍କର କାହାର କୌଣସି ବ୍ୟକ୍ତିଗତ ସମ୍ପତ୍ତି ରହିବନାହିଁ ବୋଲି ମଧ୍ୟ ଶପଥ ନିଆ ଯାଇଥିଲା । ଏହି ସଂଘର ମୁଖପତ୍ର ରୂପେ ସେହିବର୍ଷ ମଇମାସ ପହିଲାରୁ ସାପ୍ତାହିକ 'ସାରଥି' ବାହାରିଲା । ତାହା କଟକର ଏକ ହାଣ୍ଡପ୍ରେସ୍‌ରୁ ପ୍ରକାଶ ପାଉଥିଲା । 'ସାରଥି'ର ପ୍ରଥମ ପୃଷ୍ଠାରେ 'ଦୁନିଆଁର ଶ୍ରମିକ ଏକଜୁଟ ହୁଅ' ବୋଲି ବଡ଼ ଅକ୍ଷରରେ ଲେଖା ହେଉଥିଲା । ଶ୍ରୀମତୀ ମାଳତୀ ଚୌଧୁରୀ ବାପଘରୁ ଆଣିଥିବା ତାଙ୍କର ସବୁଯାକ ଗହଣା ମଧ୍ୟ ଏହି କର୍ମୀସଂଘ ହାତରେ ଅର୍ପଣ କରିଥିଲେ ।

Digitized by srujanika@gmail.com

ସେତେବେଳେ ସର୍ବଭାରତୀୟ ସ୍ତରରେ କଂଗ୍ରେସ ସୋସିଆଲିଷ୍ଟ ପାର୍ଟି ନାମରେ କଂଗ୍ରେସ ଭିତରେ ତଥାପି ଏକ ବିଶେଷ ଅନୁଷ୍ଠାନ ଗଢ଼ିବାର ଉପକ୍ରମ ହୋଇଥିଲା । ସେଥିରେ ଶ୍ରୀଯୁକ୍ତ ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ ନରେନ୍ଦ୍ରଦେବ, ସମ୍ପୂର୍ଣ୍ଣାନନ୍ଦ, ୟୁସୁଫ ମେହେରଲି ଓ ଅଶୋକ ମେହେଟ୍ଟା ପ୍ରଭୃତି ଅଗ୍ରଭାଗରେ ରହିଥିଲେ । ଓଡ଼ିଶାର ସାମ୍ୟବାଦୀ କର୍ମୀସଂଘ ଆପଣାକୁ ସେମାନଙ୍କ ସହିତ ମିଶାଇନେଲା । ଓଡ଼ିଶାର କୃଷକମାନଙ୍କୁ ସଙ୍ଗଠିତ କରି ସେମାନଙ୍କ ଉପରେ ହେଉଥିବା ଶୋଷଣ ବିଷୟରେ ସେମାନଙ୍କୁ ସଚେତନ କରାଇବା ସେମାନଙ୍କର ମୁଖ୍ୟ କାମ ହୋଇ ରହିଲା । ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି ଉଦ୍ଦେଶ୍ୟରେ କୃଷକ ସମ୍ମିଳନୀମାନ କରାଯାଇଥିଲା । ଶ୍ରୀମତୀ ମାଳତୀ ଚୌଧୁରୀ, ଶ୍ରୀ ନବକୃଷ୍ଣ ଚୌଧୁରୀ ଏବଂ ଭଗବତୀଚରଣ ପାଣିଗ୍ରାହୀ ଓଡ଼ିଶାର ତତ୍କାଳୀନ ଏହି ସୋସିଆଲିଷ୍ଟ ଆନ୍ଦୋଳନର ଅଗ୍ରଣୀ ଥିଲେ । ୧୯୩୪ ମସିହା ଜୁନ ମାସରେ ଶ୍ରୀଯୁକ୍ତ ପ୍ରାଣନାଥ ପଟ୍ଟନାୟକଙ୍କର ସଭାପତିତ୍ୱରେ କଟକ ସହରରେ ଓଡ଼ିଶା କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ସର୍ବପ୍ରଥମ ରାଜ୍ୟ-ସମ୍ମିଳନୀ ଡକା ଯାଇଥିଲା ।

ଏହି ସୋସିଆଲିଷ୍ଟମାନେ ସାହିତ୍ୟ ଭିତରେ ମଧ୍ୟ ଏକ ସାମ୍ୟବାଦୀ ଚେତନାର ଉନ୍ମେଷ ଘଟାଇବାରେ ମନ ଦେଇଥିଲେ । ଏଥିଲାଗି 'ନବଯୁଗ ସାହିତ୍ୟ ସଂସଦ' ନାମରେ ଗୋଟିଏ ସଂସ୍ଥା ଗଠିତ ହେଲା ଏବଂ ତାହାର ଆନୁକୂଲ୍ୟରେ 'ଆଧୁନିକ' ନାମରେ ଏକ ସାହିତ୍ୟ ପତ୍ରିକା ପ୍ରକାଶ ପାଇଲା । ସେଥିରେ ନବକୃଷ୍ଣ ଚୌଧୁରୀ ଲେଖିଥିବା 'ବୈଜ୍ଞାନିକ ସାମ୍ୟବାଦ' ଶୀର୍ଷକରେ ଅସମାପ୍ତ ଲେଖାଟିଏ ବାହାରିଥିଲା । ସେଥିରେ ଶ୍ରୀଯୁକ୍ତ ଚୌଧୁରୀ କାର୍ଲ ମାର୍କସ୍‌ଙ୍କର ଦ୍ୱନ୍ଦ୍ୱମୂଳକ ଭୌତିକବାଦ ତଥା ଐତିହାସିକ ଭୌତିକବାଦର ସିଦ୍ଧାନ୍ତଗୁଡ଼ିକୁ ଓଡ଼ିଆ ପାଠକମାନଙ୍କର ଦୃଷ୍ଟିପଥକୁ ଆଣିବାଲାଗି ପ୍ରୟାସ କରିଥିଲେ । ଏଠାରେ ସ୍ମରଣ ରଖିଥିବା ଉଚିତ ଯେ ଶ୍ରୀଯୁକ୍ତ ଭଗବତୀ ଚରଣ ପାଣିଗ୍ରାହୀ ଓ ଗୁରୁଚରଣ ପଟ୍ଟନାୟକଙ୍କର ପ୍ରବନ୍ଧମାନ ମଧ୍ୟ ତରିକୁନ୍ଦରୁ ସମ୍ପାଦିତ ହେଉଥିବା 'ସାରଥି'ରେ ବାହାରୁଥିଲା ।

ଏହିପରି ଭାବରେ ୧୯୩୭ ମସିହା ଆସିଗଲା । ସେତେବେଳେ ଇଂରେଜ ସରକାର ପରାଧୀନ ଭାରତବର୍ଷକୁ ଯେତିକ ଗଣତନ୍ତ୍ର ମଞ୍ଜୁର କରିଥିଲେ, ତାହାର ପରିଧି ଭିତରେ ବ୍ରିଟିଶ ଭାରତରେ ଏକ ସର୍ବପ୍ରଥମ ନିର୍ବାଚନ ହୋଇଥିଲା । ଏଥିରେ ସାବାଳକ ମାତ୍ରକେ ପ୍ରତ୍ୟେକଙ୍କର ଭୋଟ ଦେବାର ଅଧିକାର ନଥିଲା । ସମ୍ପତ୍ତି ଓ ଶିକ୍ଷାଗତ ଯୋଗ୍ୟତାକୁ ଭିତ୍ତି କରି ନିର୍ବାଚନକାରୀ ମାନଙ୍କର ଏକ ତାଲିକା ପ୍ରସ୍ତୁତ ହୋଇଥିଲା ଏବଂ କେବଳ ଏହି ବିଶେଷ ବ୍ୟକ୍ତିମାନେ ହିଁ ଭୋଟ ଦେବାକୁ ଆସିଥିଲେ ।

Digitized by srujanika@gmail.com

ଭାରତୀୟ ଜାତୀୟ କଂଗ୍ରେସ ଏହି ନିର୍ବାଚନରେ ପ୍ରାର୍ଥୀ ଠିଆ କରାଇଥିଲା । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଏରସମା ନିର୍ବାଚନ ମଣ୍ଡଳୀରୁ ୧୯୩୭ରେ ବିଧାନସଭା ପାଇଁ ଛିଡ଼ା ହୋଇଥିଲେ ଏବଂ ନିର୍ବାଚନରେ ଜୟଲାଭ କରିଥିଲେ । କଂଗ୍ରେସ ତରଫରୁ ଓଡ଼ିଶାରେ ଏକ ମନ୍ତ୍ରୀମଣ୍ଡଳ ଗଢ଼ାହେଲା । ମନ୍ତ୍ରୀ ହେବାଲାଗି ବହୁମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଟାଙ୍କ ବସିଥିଲେ ଓ ନିଜପାଇଁ ନିଜ ବୁଦ୍ଧି ଅନୁସାରେ ଚେଷ୍ଟା ମଧ୍ୟ କରିଥିଲେ । ସରକାରୀ ପଦ ଲାଭ କରିବାର ରୋଗ ଯେ ଆମ ରାଜନୀତି ଭିତରେ ସ୍ୱାଧୀନତା ପରେ ଆସିଲା, ସେକଥା ନୁହେଁ; ୧୯୩୭ ମସିହାର ଭାଗ୍ୟ-ନିର୍ବାଚନ ସମୟରୁ ମଧ୍ୟ ଏହାର ଲକ୍ଷଣସବୁ ଦୃଷ୍ଟିଗୋଚର ହୋଇ ଯାଇଥିଲା ।

ସୋସିଆଲିଷ୍ଟମାନେ ଅଖିଳ ଭାରତୀୟ ସ୍ତରରେ ଏହି ସଂକ୍ରାନ୍ତରେ ଯେଉଁ ନିୟମ କରିଥିଲେ, ସେଇଟି ଅନୁସାରେ ଦଳର ଅନୁଗାମୀମାନଙ୍କୁ ବିଧାନସଭାର ଆସନ ଲାଗି ପ୍ରାର୍ଥୀ ହେବାକୁ ଅନୁମତି ଦିଆଯାଇଥିଲା ସିନା, ମାତ୍ର ମନ୍ତ୍ରୀ ହେବାର ଅନୁମତି-ପତ୍ର ମିଳୁନଥିଲା । ତେଣୁ ଶ୍ରୀ ନବକୃଷ୍ଣ ଚୌଧୁରୀ ସେତେବେଳେ ମନ୍ତ୍ରୀମଣ୍ଡଳରେ ଯୋଗ ଦେବାର କୌଣସି ପ୍ରଶ୍ନ ହିଁ ଉଠୁନଥିଲା । ସେ ବିଧାନସଭାରେ ଜଣେ ସଦସ୍ୟ ହୋଇ ରହିଲେ । ସେହିକବେଳେ ଗଡ଼ଜାତରେ ପ୍ରଜା ଆନ୍ଦୋଳନ ଅତ୍ୟନ୍ତ ସକ୍ରିୟ ଆକାର ଧାରଣ କରିଥିଲା । ଓଡ଼ିଶାର ମୋଗଲବନ୍ଦୀରେ ରାଜନୀତିକ ଜାଗରଣ ରୂପେ ଯାହାସବୁ ଘଟୁଥିଲା, ତାହାର ଅନୁରଣନ ଗଡ଼ଜାତ ମାନଙ୍କରେ ମଧ୍ୟ ବାଜୁଥିଲା । ସେଠାରେ ଗଡ଼ଜାତ ରାଜାମାନଙ୍କର ଶୋଷଣରୁ ମୁକ୍ତ ହେବାଲାଗି ପ୍ରଜାମଣ୍ଡଳମାନ ଗଠିତ ହୋଇଥିଲା । ମୋଗଲବନ୍ଦୀର ସୋସିଆଲିଷ୍ଟମାନେ ଏଥିରେ ପ୍ରାୟ ମୂଳରୁ ସଂଶ୍ଳିଷ୍ଟ ହୋଇ ରହିଥିଲେ । ଢେଙ୍କାନାଳକୁ ନିଷେଧାଜ୍ଞା ଅମାନ୍ୟ କରି ଯେଉଁ ଏକାଧିକ ସତ୍ୟାଗ୍ରହୀ ଦଳ ମୋଗଲବନ୍ଦୀରୁ ଯାଇଥିଲେ, ସେଥିରୁ ଗୋଟିକରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ନେତୃତ୍ୱ ନେଇଥିଲେ । ଅବଶ୍ୟ ତାଙ୍କ ଦଳକୁ ରାଜାଙ୍କର ପୋଲିସ୍‌ମାନେ ଗିରଫ କରି ମୋଗଲବନ୍ଦୀ ସୀମାରେ ଗାଡ଼ିରେ ଆଣି ଛାଡ଼ିଦେଇ ଯାଇଥିଲେ । ଏହିସବୁ ନୂତନ ଘଟଣାର ପ୍ରବାହରେ ପଡ଼ି ତରିକୁନ୍ଦର କୃଷିକ୍ଷେତ୍ର ବନ୍ଦ ହୋଇ ଯାଇଥିଲା । ଶ୍ରୀଯୁକ୍ତ ଚୌଧୁରୀ ଏଣିକି କଟକରେ ରହୁଥିଲେ । ଓଡ଼ିଶା କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ମୁଖପତ୍ର 'କୃଷକ' କଟକରୁ ହିଁ ପ୍ରକାଶିତ ହେଉଥିଲା । 'ସାରଥି'ର କାଳ ପୂରି ଯାଇଥିଲା ।

ସେହିକବେଳେ ଇଉରୋପରେ ଦ୍ୱିତୀୟ ସାମ୍ରାଜ୍ୟବାଦୀ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ମହାତ୍ମା ଗାନ୍ଧୀ ତାହାର ପରିପ୍ରେକ୍ଷୀରେ ଭାରତୀୟ ସଂଗ୍ରାମକୁ ଏକ ନୂତନ ଉଚ୍ଚତା ଓ ନୂତନ ସୋପାନକୁ ଆଗେଇନେଲେ । କଂଗ୍ରେସ ମନ୍ତ୍ରୀତ୍ୱ ଛାଡ଼ିଲା । ଯୁଦ୍ଧକୁ

Digitized by srujanika@gmail.com

ଅନ୍ୟାୟମୂଳକ ବୋଲି ଘୋଷଣା କରି ଏବଂ ଏଥିରେ ଭାରତବାସୀ ଆଦୌ କୌଣସି ପ୍ରକାରେ ସାହାଯ୍ୟ ନକରନ୍ତୁ ବୋଲି ନିବେଦନ କରି ଭାରତବର୍ଷରେ ଗାନ୍ଧୀଙ୍କର ନିର୍ଦ୍ଦେଶନାରେ ବ୍ୟକ୍ତିଗତ ସତ୍ୟାଗ୍ରହର କାର୍ଯ୍ୟକ୍ରମ ଆରମ୍ଭ ହେଲା । ସେପର୍ଯ୍ୟନ୍ତ ଭାରତୀୟ ଜାତୀୟ ରାଜନୀତିକ ମଞ୍ଚରେ ଅଜ୍ଞାତ ପ୍ରାୟ ହୋଇ ରହିଥିବା ଆଚାର୍ଯ୍ୟ ବିନୋବା ଭାବେ ସର୍ବପ୍ରଥମ ସତ୍ୟାଗ୍ରହୀ ଭାବରେ ଗାନ୍ଧୀଙ୍କ ଦ୍ୱାରା ବଛାହେଲେ । ଜବାହରଲାଲ ନେହରୁଙ୍କ ସ୍ଥାନ ଦ୍ୱିତୀୟରେ ଥିଲା । ଶ୍ରୀ ନବକୃଷ୍ଣ ଚୌଧୁରୀ ଏଥିରେ ଯୋଗଦେଇଥିଲେ । ବ୍ୟକ୍ତି-ଗତ ସତ୍ୟାଗ୍ରହର ଉତ୍ସାହ ଊଣା ହୋଇ ଆସୁଥିବା ସମୟରେ 'ଭାରତ ଛାଡ଼' ଆନ୍ଦୋଳନ ଆରମ୍ଭ ହେଲା । ଶ୍ରୀଯୁକ୍ତ ଚୌଧୁରୀ ଏହି ଆନ୍ଦୋଳନରେ କୌଣସି କ୍ରିୟାଶୀଳ ଅଂଶ ଗ୍ରହଣ କରିବା ପୂର୍ବରୁହିଁ ସରକାରଙ୍କର ପୋଲିସ ତାଙ୍କୁ ଧରିନେଲା । ସେ ଜଣେ ଅଟକ-ବନ୍ଦୀ ଭାବରେ ପ୍ରାୟ ତିନିବର୍ଷ ଜେଲ ଭିତରେ ରହିଲେ । ଯେତେବେଳେ ଭାରତରେ କ୍ଷମତା ହସ୍ତାନ୍ତର ନିମନ୍ତେ ଉଚ୍ଚସ୍ତରରେ କଥାବାର୍ତ୍ତା ଚାଲିଲା, ଭାରତ ତମାମ ନେତା-ମାନେ ଜେଲରୁ ଖଲାସ ହେଲେ । ଓଡ଼ିଶାରେ ମଧ୍ୟ ସେତିକବେଳେ ଶ୍ରୀ ଚୌଧୁରୀ ଖଲାସ ହୋଇ ବାହାରକୁ ଆସିଲେ ।

ସମସ୍ତେ ବାହାରକୁ ଆସିବାପରେ ଇଂରେଜମାନଙ୍କ ସହିତ କଥାବାର୍ତ୍ତା ଚାଲିଥିବା ଅବସ୍ଥାରେ ହିଁ ଦେଶରେ ସର୍ବପ୍ରଥମ ସାଧାରଣ ନିର୍ବାଚନ ହେଲା । ଓଡ଼ିଶାରେ କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠ ହେଲେ ଓ ଶ୍ରୀ ହରେକୃଷ୍ଣ ମହତାବଙ୍କର ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଶ୍ରୀ ଚୌଧୁରୀ ସେହି ମନ୍ତ୍ରୀମଣ୍ଡଳରେ ଯୋଗ ଦେଇଥିଲେ । ତା'ପରେ ଭାରତବର୍ଷର ବିଭାଜନ ହେଲା ଏବଂ ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା । ସେହି ବିଭାଜନକୁ ଭାରତର ସବୁ ନେତା ମାନିନେବାକୁ ଆଦୌ ପ୍ରସ୍ତୁତ ନଥିଲେ । ମହାତ୍ମା ଗାନ୍ଧୀ ପ୍ରସ୍ତୁତ ନଥିଲେ । ଖାଁ ଅବଦୁଲ ଗଫର ଖାଁ ପ୍ରସ୍ତୁତ ନଥିଲେ । ଶ୍ରୀ ଜୟପ୍ରକାଶ ନାରାୟଣ ଓ ତାଙ୍କର ସୋସିଆଲିଷ୍ଟ ସାଥୀମାନେ ପ୍ରସ୍ତୁତ ନଥିଲେ । ମାତ୍ର ଏକଦା ସୋସିଆଲିଷ୍ଟ ମାନଙ୍କର ପ୍ରାୟ ଏକ ମଡ଼େଲ ହୋଇ ରହିଥିବା ପଣ୍ଡିତ ଜବାହରଲାଲ ନେହରୁ ଓ କଂଗ୍ରେସରେ ଥିବା ତାଙ୍କର ସମର୍ଥମାନେ ବିଭାଜନକୁ ହିଁ ମାନିନେଲେ । ଓଡ଼ିଶାରେ ଅନ୍ୟମାନଙ୍କ ସହିତ ଶ୍ରୀ ନବକୃଷ୍ଣ ଚୌଧୁରୀ ମଧ୍ୟ ତାହାକୁ ସତେଅବା ସ୍ୱୀକାର କରି ନେଇଥିଲେ । ଭାରତବର୍ଷରେ ରାଜନୀତିକ କ୍ଷମତାର ହସ୍ତାନ୍ତର ସମୟକୁ ସେ ଓଡ଼ିଶା ସରକାରଙ୍କର କଂଗ୍ରେସ ମନ୍ତ୍ରୀମଣ୍ଡଳରେ ଜଣେ ମର୍ଯ୍ୟାଦାପୂର୍ଣ୍ଣ ମନ୍ତ୍ରୀ ଥିଲେ । ସେ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଓ ଯୋଗାଣ ବିଭାଗର ମନ୍ତ୍ରୀ ଥିଲେ ।

୧୯୪୮ ମସିହାରେ ଶ୍ରୀଯୁକ୍ତ ଚୌଧୁରୀଙ୍କୁ ଏକ ବ୍ୟକ୍ତିଗତ ପାରିବାରିକ ଦୁଃଖର ଆଘାତ ସହିବାକୁ ହୋଇଥିଲା । ତାଙ୍କର ଏକମାତ୍ର ପୁତ୍ରସନ୍ତାନ ନିଜାତ୍ମକ ମାତ୍ର

Digitized by srujanika@gmail.com

ସତରବର୍ଷ ବୟସରେ ଆତ୍ମହତ୍ୟା କଲା । ପ୍ରଧାନତଃ ସେହି କାରଣରୁ ନବକୃଷ୍ଣ ଚୌଧୁରୀ ମନ୍ତ୍ରୀପଦରୁ ଇସ୍ତଫା ଦେଲେ ଓ ଶ୍ରୀମତୀ ମାଲତୀ ଦେବୀ ପ୍ରଧାନତଃ ଶିକ୍ଷା ଏବଂ ଗଠନାତ୍ମକ କାର୍ଯ୍ୟର ପ୍ରୟୋଗ ଏବଂ ପ୍ରସାର ଲାଗି ଅନୁଗୁଳଠାରେ ପ୍ରତିଷ୍ଠା କରିଥିବା ବାଜିରାଉତ ଛାତ୍ରାବାସରେ ଯାଇ ରହିଲେ । ମାତ୍ର, ସେହି ରହଣି ଅତ୍ୟନ୍ତ ସାମୟିକ ଥିଲା । ଶ୍ରୀଯୁକ୍ତ ଚୌଧୁରୀ ପୁନର୍ବାର ସରକାରକୁ ଫେରିଆସିଲେ । ମାତ୍ର ମନ୍ତ୍ରୀପଦକୁ ନୁହେଁ, ମୌଳିକ ଶିକ୍ଷାର ସଂଗଠକ ରୂପେ ସେ ପୁନର୍ବାର ଏକ ସାଧାରଣ ସରକାରୀ ପଦକୁ ଫେରିଆସିଲେ । ୧୯୪୯ ମସିହା ଜାନୁଆରୀ ମାସରୁ ୧୯୫୦ ମସିହା ଏପ୍ରିଲ ପର୍ଯ୍ୟନ୍ତ ସେ ଓଡ଼ିଶାରେ ସରକାରୀ ମୌଳିକ ଶିକ୍ଷା ବିଭାଗର ସଂଗଠକ ରହିଥିଲେ । ମାତ୍ର ଖୁବ୍ ଶୀଘ୍ର ତାଙ୍କୁ ପୁନର୍ବାର ଭୁବନେଶ୍ୱର ଯିବାକୁ ହୋଇଥିଲା ।

ଘଟଣାଚକ୍ରରେ ୧୯୪୬ ମସିହାରୁ ଓଡ଼ିଶା ମନ୍ତ୍ରୀମଣ୍ଡଳରେ ମୁଖ୍ୟ ହୋଇ ରହି ଆସିଥିବା ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନେହରୁ କେନ୍ଦ୍ର ମନ୍ତ୍ରୀମଣ୍ଡଳକୁ ଡାକିନେଲେ । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଓଡ଼ିଶାରେ ତଦ୍ୱାରା ସୃଷ୍ଟି ହୋଇଥିବା ସ୍ଥାନଟିକୁ ପୂରଣ କରିବାକୁ ମୌଳିକ ଶିକ୍ଷାର ସଂଗଠକ ପଦ ଛାଡ଼ି ଅନୁଗୁଳରୁ ରାଜଧାନୀକୁ ଆସିଲେ । ୧୯୫୬ ମସିହା ପ୍ରାୟ ଶେଷଆଡ଼ ପର୍ଯ୍ୟନ୍ତ ସେ ସେହି ପଦରେ ଅଧିଷ୍ଠିତ ହୋଇ ରହିଥିଲେ । ୧୯୫୧ ମସିହାରୁ ୧୯୫୬ ପର୍ଯ୍ୟନ୍ତ ସେ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ମଧ୍ୟ ସଦସ୍ୟ ହୋଇ ରହିଥିଲେ । ୧୯୫୬ ମସିହାରେ ପୁନର୍ବାର ମୁଖ୍ୟମନ୍ତ୍ରୀପଦରୁ ଇସ୍ତଫାଦେଲେ ଏବଂ ଅନୁଗୁଳ ଆସିଲେ । ସେତେବେଳେ ଭାରତବର୍ଷର ସାଧାରଣ କ୍ଷେତ୍ରରେ ଭୂଦାନ ଓ ଗ୍ରାମଦାନ ଆନ୍ଦୋଳନ ହିଁ ମୁଖ୍ୟତମ ତରଙ୍ଗ ହୋଇ ରହିଥାଏ । ତାହାର ଏକ ସ୍ୱତନ୍ତ୍ର ଉଦ୍‌ବେଳନ ଓଡ଼ିଶାରେ ମଧ୍ୟ ଅନୁଭୂତ ହେଉଥାଏ । ନବକୃଷ୍ଣ ଚୌଧୁରୀ ବିନୋବାଜୀଙ୍କର ସେହି ଜାତୀୟ କ୍ରାନ୍ତିରେ ଯୋଗଦେବାକୁ ଅର୍ଥାତ୍ ଆପଣାର ସମସ୍ତ ସମୟ ବିନିଯୋଗ କରିବାକୁ ମନ୍ତ୍ରୀପଦ ଛାଡ଼ିଲେ । ଅବଶ୍ୟ ଏକଥା ମଧ୍ୟ ସତ ଯେ, ମୁଖ୍ୟମନ୍ତ୍ରୀ ଆସନରେ ଥିବା ସମୟରୁ ସେ ଭୂଦାନ ଆନ୍ଦୋଳନ ଦ୍ୱାରା ଆକୃଷ୍ଟ ହୋଇଥିଲେ ଓ ଆପଣାର ଯଥାସମ୍ଭବ ଅନେକ ସମୟ ଭୂଦାନ-ବିଚାରର ପ୍ରଚାରରେ ଦେଉଥିଲେ । ଶାସନ ଓ ରାଜନୀତିରେ ଯେପରି ନେତା ଥିଲେ, ସର୍ବୋଦୟରେ ପଶୁ ପଶୁ ସେ ସେହିପରି ଚାହୁଁ ଚାହୁଁ ନେତା ହୋଇଗଲେ । ଏଥିରେ ପଶିବାର ଗୋଟିଏ ବର୍ଷ ପୂରୁ ନପୂରୁଣୁ ସେ ନିଖିଳ ଭାରତ ସର୍ବସେବା ସଙ୍ଘର ସଭାପତି ପଦରେ ଅଭିଷିକ୍ତ ହୋଇଥିଲେ ।

୧୯୫୭ ମସିହାରେ ଓଡ଼ିଶାର କୋରାପୁଟ ଜିଲ୍ଲାରେ ଭୂଦାନ ଏବଂ ଗ୍ରାମଦାନର ବୃତ୍ତି ତାହାର ଉଜ୍ଜ୍ୱଳତମ ରୂପରେ ପ୍ରକାଶ ପାଇଥିଲା ଏବଂ ସମଗ୍ର ଭାରତବର୍ଷର

Digitized by srujanika@gmail.com

ଦୃଷ୍ଟି ଆକର୍ଷଣ କରିଥିଲା । କୋରାପୁଟ ଜିଲ୍ଲା ହେଉଛି ଏକ ଆଦିବାସୀ ବହୁଳ ଜିଲ୍ଲା । ପ୍ରଧାନତଃ ଆଦିବାସୀ ସମାଜର ସର୍ବଜନମୁଖୀ ଦୃଷ୍ଟି ଏବଂ ସେହି ଜିଲ୍ଲାରେ ବହୁବର୍ଷରୁ କାର୍ଯ୍ୟ କରି ଆସିଥିବା କେତେକ ବିଶେଷ ଭାବରେ ନିଷ୍ଠାପର ଓ ସମର୍ପିତ କର୍ମୀଙ୍କର ଉଦ୍ୟମ ଫଳରେ ସେହି ଦୃଢ଼ ସମ୍ଭବ ହୋଇଥିଲା । ତା'ପରେ ସେହି ଜିଲ୍ଲାର ନିର୍ମାଣ କାର୍ଯ୍ୟ ଚାଲିଲା । ତା'ପରେ ଏକାଧିକ କାରଣରୁ ସର୍ବୋଦୟ ଆନ୍ଦୋଳନରେ ମନ୍ଦା ଆସି ପ୍ରବେଶ କଲା । ସମଗ୍ର ଭାରତବର୍ଷରେ ତେ ମନ୍ଥର ହୋଇ ଆସିଲା ଏବଂ ଓଡ଼ିଶାରେ ମଧ୍ୟ ତାହାହିଁ ଅନୁଭୂତ ହେଲା । ସାମ୍ୟବାଦରୁ ସର୍ବୋଦୟ ଭିତରକୁ ଆସିଥିବା ଶ୍ରୀଯୁକ୍ତ ଜୟପ୍ରକାଶଙ୍କ ନେତୃତ୍ୱରେ ବିହାରପ୍ରଦେଶରେ ସମଗ୍ର କ୍ରାନ୍ତିର ଆରମ୍ଭ ହୋଇଗଲା । ସେହି କ୍ରାନ୍ତିରେ ହୁଏତ କେଉଁଠି କୌଣସି ଅତିରିକ୍ତତା ଘଟି ଯାଉଥିବାର ଦେଖିପାରି ସନ୍ଥ ବିନୋବା ତାହାର ଯଥାର୍ଥତା ବିଷୟରେ ସନ୍ଦିହାନ ହେଲେ । କ୍ରମେ ସର୍ବୋଦୟର ଶିବିର ଦୁଇଭାଗ ହୋଇଗଲା । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଜୟପ୍ରକାଶଙ୍କ ପକ୍ଷରେ ରହିଲେ । ସାରା ଓଡ଼ିଶାରେ ସର୍ବୋଦୟୀମାନେ ଦୁଇଭାଗ ହୋଇଗଲେ । ଏବେ ମଧ୍ୟ ସେମାନେ ଦୁଇଭାଗ ହୋଇ ରହିଛନ୍ତି ।

ଶତାବ୍ଦୀର ପ୍ରଥମ ଦଶକରୁ ପୂର୍ବ ଭାରତର ରାଜ୍ୟମାନଙ୍କରେ ଏବଂ ଆନ୍ଧ୍ର-ପ୍ରଦେଶରେ ଏକ ସହିଂସ ବିପ୍ଳବ ଏବଂ ନେଇ ସହିଂସତାର ପଦକ୍ଷେପ ଗ୍ରହଣ କରିଥିବା ନକ୍ସଲପନ୍ଥୀ ଆନ୍ଦୋଳନକୁ ନବକୃଷ୍ଣ ଚୌଧୁରୀ ଆପଣାର ସମର୍ଥନ ପ୍ରଦର୍ଶନ କରି-ଥିଲେ । ସେମାନଙ୍କର ହିଂସାଚରଣ ଗୁଡ଼ିକୁ ନୁହେଁ, ମାତ୍ର ସେମାନଙ୍କର ତ୍ୟାଗ-ଭାବନାର ପ୍ରଶଂସା କରିଥିଲେ । ଶ୍ରୀଯୁକ୍ତ ଜୟପ୍ରକାଶଙ୍କର ଅନୁରୋଧରେ ସେ ଓଡ଼ିଶାରେ କଂଗ୍ରେସ ଶାସନ ବିରୋଧରେ ବିରୋଧିଦଳ ଗୁଡ଼ିକର ନେତୃତ୍ୱ ମଧ୍ୟ ଗ୍ରହଣ କରିଥିଲେ । ଏହି ସମୟରେ ଭାରତର ସର୍ବୋଚ୍ଚ ଶାସନ ଆସନରେ ଥାଇ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦେଶରେ ୧୯୭୫ ମସିହାରେ ଜରୁରୀ ଅବସ୍ଥା ଜାରି କରିଥିଲେ । ଏହି ଜରୁରୀ ପଦକ୍ଷେପଟିକୁ ସେ ମୁଖ୍ୟତଃ ଶ୍ରୀ ଜୟପ୍ରକାଶ ଓ ତାଙ୍କର ଶିବିରସ୍ଥ ଅନୁଗାମୀମାନଙ୍କୁ ଜବତ କରିବାକୁ ହିଁ ଗ୍ରହଣ କରିଥିଲେ । ସେତେବେଳେ ସନ୍ଥ ବିନୋବା ପ୍ରାୟ ଏକ ଶାସ୍ତ୍ରୀୟ ଭିତ୍ତିରେ ଶ୍ରୀମତୀ ଗାନ୍ଧୀଙ୍କର ସେହି ପଦକ୍ଷେପଟି ଉଦ୍ଦେଶ୍ୟରେ ଆପଣାର ଆଶୀର୍ବାଦ ପ୍ରଦାନ କରିଥିଲେ । ଜୟପ୍ରକାଶଙ୍କ ପକ୍ଷରେ ଥିବାରୁ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଏବଂ ଶ୍ରୀମତୀ ମାଳତୀ ଚୌଧୁରୀଙ୍କୁ ଏହି ସମୟରେ ଦୀର୍ଘ କାରାଦଣ୍ଡ ଭୋଗି-ବାକୁ ହୋଇଥିଲା । ଶ୍ରୀ ଚୌଧୁରୀ ଷୋଳମାସ ଜେଲରେ କଟାଇଥିଲେ ।

ଏବଂ ସେହି ଜେଲରେ ତାଙ୍କର ଅସୁସ୍ଥତା ଆରମ୍ଭ ହେଲା । ବୟସାଧିକ୍ୟ ହେତୁ ସେ ସେହି ଅସୁସ୍ଥତାର ପ୍ରତିରୋଧ ବି କରି ପାରିଲେ ନାହିଁ । ଦୀର୍ଘ ସାମାଜିକ ... ଜଡ଼ିତ

Digitized by srujanika@gmail.com

ଜୀବନରୁ ଅବସର ନେଇଥିବା ଓ ତଥାପି ଅଶାନ୍ତ ହେଉଥିବା ତାଙ୍କର ଭିତର ମାନସିକ ଓ ଭାବଗତ ମେରୁଦଣ୍ଡଟି ମଧ୍ୟ କ୍ରମଶଃ ଦୁର୍ବଳ ହୋଇ ପଡ଼ୁଥିଲା । ଏକଦା ତାଙ୍କର ଅତ୍ୟନ୍ତ ଅନୁଗତ ଅଥଚ ବର୍ତ୍ତମାନ ଆପାତତଃ ଅନ୍ୟ ଶିବିରର ଦୁଇଜଣ ବ୍ୟକ୍ତି ସତେ ଅବା ଅନୁକମ୍ପା ଦେଖାଇବା ପରି ଖବରକାଗଜ ଜରିଆରେ ନିବେଦନ କଲେ ଯେ, ଶ୍ରୀ ଚୌଧୁରୀ ଜେଲ ଭିତରେ କ୍ରମଶଃ ଅଧିକ ଅସୁସ୍ଥ ହୋଇ ପଡ଼ୁଛନ୍ତି, ଦେଶରେ ଜରୁରୀ ଅବସ୍ଥା ଜାରି କରାଯାଇ ଥିବାର ଯଥାର୍ଥତାକୁ ମଧ୍ୟ ସେ ଅନୁଭବ କରୁଛନ୍ତି ଓ ତେଣୁ ତାଙ୍କୁ ଜେଲରୁ ଖଲାସ କରି ଦିଆଯାଉ । ଏପରି ଏକ କୌଶଳ ପ୍ରୟୋଗ ପରୋକ୍ଷରେ ଶ୍ରୀ ଚୌଧୁରୀଙ୍କୁ ଉପହସିତ କରିବାକୁ ଉଦ୍ଦିଷ୍ଟ ହୋଇଥିବ ଏବଂ ସେ ସେଥିରେ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ିଥିବେ । ସତେ ଅବା ଅନୁକମ୍ପା ସହିତ ଲିଖିତ ଏହି ଆବେଦନଟି ପ୍ରକାଶିତ ପାଇବା ପରେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଲାଗି ପ୍ୟାରୋଲ୍ ବା ସର୍ତ୍ତବନ୍ଧ କାରାମୁକ୍ତିର ଆଦେଶ ମଧ୍ୟ ହୋଇଥିଲା ।

ଜରୁରୀ ଅବସ୍ଥା ସରିଲା । ଇନ୍ଦିରା ବିରୋଧୀ ଦଳ ବା ବ୍ୟକ୍ତିମାନେ ସରକାରକୁ ଆସିଲେ । ଓଡ଼ିଶାରେ ମଧ୍ୟ ସେମାନଙ୍କର ଶାସନ ବସିଲା । ସେମାନେ ନିଜକୁ ଇନ୍ଦିରାଙ୍କର କଂଗ୍ରେସଦଳ ତୁଳନାରେ ଅଧିକ ଯୋଗ୍ୟ ଓ ଅଧିକ ମଳମୁକ୍ତ ବୋଲି ପ୍ରମାଣ କରିପାରିଲେ ନାହିଁ । ପୁଣି ଓଲଟପାଲଟ ହୋଇଗଲା । ଭ୍ରାନ୍ତିମାନେ ଫସରଫାଟି ଗଲେ । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କ ଭିତରେ ରହିଥିବା ଚିରଆକାଙ୍କ୍ଷା ପରିବର୍ତ୍ତନ-ବାଦୀଟି ଏଥିରେ କମ୍ ଭାଙ୍ଗି ପଡ଼ି ନଥିବ, ଏହି ମୋହଭଙ୍ଗରେ ନିଜପ୍ରତି କମ୍ କ୍ରୁଦ୍ଧ ହୋଇ ନଥିବ । ସେତିକିବେଳେ ନିଜ ପରିବାରରେ ମଧ୍ୟ ତାଙ୍କୁ କେତେକ ଅତ୍ୟନ୍ତ ପ୍ରିୟଜନଙ୍କର ବିଦାୟ ସହ୍ୟ କରିବାକୁ ପଡ଼ିଲା । କ୍ରମେ ସେ ମୂକ ହୋଇଗଲେ । ସ୍ତବ୍ଧ ହୋଇ ସତେଅବା ଖାଲି ଅପେକ୍ଷା କରି ରହିଥିଲେ । ଅବଶ୍ୟ ପୃଥିବୀ ତଥାପି ଆଗକୁ ଚାଲି ଯାଉଥିଲା । ଶେଷକୁ ୧୯୮୪ ମସିହା ଜୁନ୍ ମାସ ଚବିଶି ତାରିଖରେ ତାଙ୍କ ଇହ-ଜୀବନର ଅବସାନ ଘଟିଲା ।

□ □

Digitized by srujanika@gmail.com

୪ । ରାଜନୀତି, ସଂଗ୍ରାମରେ ଓ ଶାସନରେ

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ବାପା କେବଳ ଓକିଲାତିର କ୍ଷେତ୍ରରେ ଉତ୍କଳ ଗୌରବ ମଧୁସୂଦନଙ୍କର ସହକାରୀ ନଥିଲେ, ଉତ୍କଳ ସମ୍ମିଳନୀର ତତ୍କାଳୀନ କାର୍ଯ୍ୟକଳାପରେ ମଧ୍ୟ ସେ ତାଙ୍କ ସାଙ୍ଗରେ ରହିଥିଲେ । ସେତେବେଳେ ଦେଶରେ ସ୍ୱରାଜ୍ୟ ଆନ୍ଦୋଳନ ମଧ୍ୟ ଚାଲିଥିଲା । ପଣ୍ଡିତ ଗୋପବନ୍ଧୁ ଦାସ ଆପେ କଂଗ୍ରେସ ଆଡ଼କୁ ଅର୍ଥାତ୍ ଭାରତୀୟ ଭାବଧାରା ଆଡ଼କୁ ଆକୃଷ୍ଟ ହେଲାପରେ ଏଠି ଓଡ଼ିଶାରେ ମଧ୍ୟ ସେହି ଅନ୍ୟ ଆଗ୍ରହଟିର ଉନ୍ମେଷଣା ହୋଇଥିଲା । କ୍ରମେ ମଧୁବାବୁ ଦିନେ ଅବା ଓଡ଼ିଶାରେ ରାଜନୀତିର ମୁଖ୍ୟସ୍ରୋତରୁ ଅଲଗା ହୋଇ ଯାଉଥିଲେ ଏବଂ ଓଡ଼ିଶା ଅଧିକରୁ ଅଧିକ ପରିମାଣରେ ବୃହତ୍ତର ଭାରତର ରାଜନୀତି ଆଡ଼କୁ ଗବାକ୍ଷଗୁଡ଼ିକୁ ଖୋଲି ଦେଉଥିଲା ।

ପିଲାଦିନେ ନିଜ ବାପାଙ୍କ ସହିତ ଉତ୍କଳ ସମ୍ମିଳନୀର ଅଧିବେଶନ ଗୁଡ଼ିକରେ ଯୋଗ ଦେଇଥିଲେ ବୋଲି ଶ୍ରୀ ଚୌଧୁରୀ ନିଜେ କହିଛନ୍ତି । ପଣ୍ଡିତ ଗୋପବନ୍ଧୁଙ୍କର ଜଣେ ଅନ୍ତରଙ୍ଗ ସହକର୍ମୀ ଆଚାର୍ଯ୍ୟ ହରିହର ଦାଶ ସେତେବେଳେ ଶ୍ରୀ ଗୋକୁଳାନନ୍ଦ ଚୌଧୁରୀଙ୍କ ଘରକୁ ଆସୁଥିଲେ । ଏଭଳି ଏକ ପରିବେଶ ମଧ୍ୟରେ ଶ୍ରୀ ନବକୃଷ୍ଣ ତାଙ୍କ ପିଲାଦିନୁ ରାଜନୀତିକ ଆକର୍ଷଣ ଭିତରେ ପ୍ରବିଷ୍ଟ ହୋଇ ଯାଇଥିବେ । ତାଙ୍କୁ ଅଠର-ବର୍ଷ ବୟସ ହୋଇଥିବା ସମୟରେ ୧୯୧୯ ଖ୍ରୀଷ୍ଟାବ୍ଦରେ ଜାଲିଆନବାଲା ବାଗ୍‌ର ହତ୍ୟାକାଣ୍ଡ ଘଟିଥିଲା । ସେତେବେଳେ କଟକର ତାଙ୍କ ଘରେ ଥିବା 'ଭାରତୀ-ମନ୍ଦିର' ଅନୁଷ୍ଠାନରେ ସତୀର୍ଥମାନଙ୍କ ମଧ୍ୟରେ ଏହିସବୁ ଘଟଣାର ନିୟମିତ ଆଲୋଚନା ହେଉ-ଥିବ ଏବଂ ତରୁଣ ବୟସର ଉତ୍ସାହ ଏବଂ ଉତ୍ସର୍ଗ ଭାବରେ କ୍ରମେ ଏକ ନିର୍ଦ୍ଦିଷ୍ଟ ଦାନା ବାନ୍ଧି ଆସିଥିବ । ତା'ପରେ ଗାନ୍ଧୀଜୀଙ୍କର ସେନାପତିତ୍ୱରେ ଯେତେବେଳେ କଂଗ୍ରେସର ପୁରୁଣା ରୂଢ଼ି ବଦଳିଗଲା ଏବଂ ଅସହଯୋଗକୁ ଅସ୍ତ୍ର କରି ଭାରତବର୍ଷ ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟଟି ମଧ୍ୟକୁ ପ୍ରବେଶ କଲା, ସେତେବେଳେ ଓଡ଼ିଶାର ଏହି ଯୁବଗୋଷ୍ଠୀକୁ ଏକ ନିର୍ଦ୍ଦିଷ୍ଟ ମାର୍ଗ ମଧ୍ୟ ମିଳି ଯାଇଥିବା ଭାରତୀୟ ସ୍ୱାଧୀନତା ସଂଗ୍ରାମର ପର୍ଯ୍ୟାୟଟିକୁ ଶ୍ରୀ ନବକୃଷ୍ଣ ଚୌଧୁରୀ ଏକ 'ଅଗ୍ନିଯୁଗ' ବୋଲି କହିଛନ୍ତି ।

Digitized by srujanika@gmail.com

୧୯୨୧ ମସିହାର ଆନ୍ଦୋଳନ ଆସିଲା, ଗଲା । ଶ୍ରୀ ନବକୃଷ୍ଣ ଚୌଧୁରୀ କଲେଜ ଛାଡ଼ିଲେ । ସେହି ଆନ୍ଦୋଳନର ଡାକରା ପାଇ ପଣ୍ଡିତ ଗୋପବନ୍ଧୁ ଦାସ ଓ ଭଗିରଥି ମହାପାତ୍ର ଓକିଲାତି ଛାଡ଼ିଲେ । ନବକୃଷ୍ଣଙ୍କ ବଡ଼ଭାଇ ଶ୍ରୀ ଗୋପବନ୍ଧୁ ଚୌଧୁରୀ ସରକାରଙ୍କର ରିଲିଫ୍ ବଣ୍ଟନ କାର୍ଯ୍ୟରେ ଉଦାସୀନତାର ପ୍ରତିବାଦ କଲେ ଓ ସେତେବେଳର କେତେ ବଡ଼ ଡେପୁଟୀ କଲେକ୍ଟର ପଦ ଛାଡ଼ି ବାହାରି ଆସିଲେ । ପଣ୍ଡିତ ଲିଙ୍ଗରାଜ ମିଶ୍ର ବିହାର ପ୍ରଦେଶର ମୁଜାଫରପୁର ସରକାରୀ କଲେଜର ସଂସ୍କୃତ ଅଧ୍ୟାପନା ଛାଡ଼ିଲେ । ପଣ୍ଡିତ ନୀଲକଣ୍ଠ ଦାସ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକପଦ ତ୍ୟାଗ କଲେ । ପରେ ଜାତୀୟ କବିରୂପେ ପରିଚିତ ହୋଇଥିବା ଶ୍ରୀଯୁକ୍ତ ବୀରକିଶୋର ଦାସ ସରକାରୀ ପୂର୍ତ୍ତବିଭାଗର ଚାକିରି ଛାଡ଼ି ବାହାରି ଆସିଲେ । ବାଲେଶ୍ୱରର ସର୍ଦ୍ଦାର ସୁରେନ୍ଦ୍ର ଦାସ ପୋଲିସ ବିଭାଗର ତଥା ଭଦ୍ରକର ମହମ୍ମଦ ହନିଫ୍ ଅବକାରୀ ବିଭାଗର ନିଜ ନିଜ ଚାକିରିକୁ ତ୍ୟାଗ କଲେ । ଏମାନେ ସମସ୍ତେ ଓଡ଼ିଶାରେ ଜାତୀୟ ମୁକ୍ତି-ସଂଗ୍ରାମରେ ପରେ ଆପଣାର ଭୂମିକାଗୁଡ଼ିକୁ ଗ୍ରହଣ କରିଥିଲେ । ଭାରତ ମଧ୍ୟରେ ଯୁବକମାନଙ୍କର ମଧ୍ୟ ଏହି ଅବସରରେ ଉପନୟନ ହୋଇ ଯାଇଥିଲା ।

ତାପରେ ଶ୍ରୀ ନବକୃଷ୍ଣ ଚୌଧୁରୀ ସାବରମତୀ ଗଲେ, ଶାନ୍ତିନିକେତନ ଗଲେ । ଶ୍ରୀଯୁକ୍ତା ମାଳତୀ ଦେବୀଙ୍କ ପରି ସାହସିନୀଙ୍କୁ ସହଗାମିନୀ ରୂପେ ପାଇଲେ । ସିଏ ରାଜନୀତିର ସଂସାର ମଧ୍ୟକୁ ପ୍ରବେଶ କରୁଥିବା ସଙ୍ଗେ ସଙ୍ଗେ ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟ ଆପଣାର ଅଙ୍ଗୀକାରଗୁଡ଼ିକର କ୍ଷେତ୍ରରେ ସୋପାନମାନ ଆରୋହଣ କରିବାରେ ଲାଗିଥିଲା । ମହାତ୍ମା ଗାନ୍ଧୀ ସେହି ଅନୁଷ୍ଠାନର କର୍ଣ୍ଣଧାର ହୋଇ ରହିଥିଲେ ସତ, ମାତ୍ର ଶ୍ରୀଯୁକ୍ତ ଜବାହରଲାଲ ଅନ୍ତତଃ ତରୁଣମାନଙ୍କ ଲାଗି ଏକ ଅଧିକ ଆକର୍ଷଣକାରୀ ପ୍ରତୀକ ଭଳି ପ୍ରତୀତ ହେଲେ । ଜାତୀୟ କଂଗ୍ରେସ ଭାରତବର୍ଷର ପୂର୍ଣ୍ଣ ରାଜନୀତିକ ସ୍ୱାଧୀନତାକୁ ଆପଣାର ଧ୍ୟେୟ ବୋଲି ଘୋଷଣା କରିବାର ଅବ୍ୟବହିତ ପରେ ଜବାହାରଲାଲ ଆନୁଷ୍ଠାନିକ ଭାବରେ ତାହାର ସଭାପତି ହୋଇଥିଲେ । ପୁରୁଣା ପୀଢ଼ି ସତେଅବା ଏକ ନୂତନ ପୀଢ଼ିକୁ ସ୍ଥାନ ଛାଡ଼ିଦେଲା ଓ ଅପସରି ଗଲା । ଜବାହରଲାଲ ସେହି ନୂତନ ପୀଢ଼ି ଲାଗି ଯାବତୀୟ ରାଜନୀତିକ ଏବଂ ଆଦର୍ଶଗତ ପ୍ରେରଣାର ପିତୁଳା ହୋଇ ରହିଲେ । ଏହି ନୂତନ ପର୍ଯ୍ୟାୟରୁ ହିଁ ସ୍ୱାଧୀନତା ସଂଗ୍ରାମର କାର୍ଯ୍ୟକ୍ରମରେ ସତ୍ୟାଗ୍ରହ ଆସିଲା, ଅସହଯୋଗ ଏବଂ ଆଇନ ଅମାନ୍ୟ ସ୍ଥାନ ପାଇଲା ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ସେହି ମୂଳରୁ ହିଁ ଏହି ପଂକ୍ତିରେ ରହିଥିଲେ । ସମ୍ଭବତଃ ସେହି ମୂଳରୁ ହିଁ ତାଙ୍କ ରାଜନୀତିକ ଅବଚେତନର ସମ୍ମୁଖରେ ଦୁଇଟି ମୁଖ୍ୟ ଲକ୍ଷ୍ୟ ରହିଥିଲା । ଆହୁରି ଅଧିକ ସ୍ପଷ୍ଟ ହୋଇ କହିଲେ, ଗୋଟିଏ ଅନ୍ୟଟି ସହିତ

Digitized by srujanika@gmail.com

ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇ ରହିଥିଲା । ଗୋଟିଏ ହେଉଛି ବିଦେଶୀ ଶାସନକୁ ହଟାଇ ଭାରତବର୍ଷର ସ୍ୱାଧୀନତା ହାସଲ କରିବା ଏବଂ ଦ୍ୱିତୀୟଟି ହେଉଛି ଭାରତ-ବର୍ଷର ଜନଗଣଙ୍କୁ ଯୁଗ ଯୁଗର ସାମାଜିକ ଅସମତା ଓ ଅନ୍ୟାୟ ମଧ୍ୟରୁ ମୁକ୍ତ କରି ଆଣିବା । ମନେହୁଏ, ସଂଗ୍ରାମର ସେନାପତି ହିସାବରେ ମହାତ୍ମା ଗାନ୍ଧୀଙ୍କ ଲାଗି ତାଙ୍କର ଗଭୀର ଶ୍ରଦ୍ଧା ଏବଂ ଆନୁଗତ୍ୟ ଅବଶ୍ୟ ରହିଥିଲା, ମାତ୍ର ପଣ୍ଡିତ ଜବାହରଲାଲ ହୁଏତ ତାଙ୍କର ଅସଲ ହିରୋ ଥିଲେ । ଜବାହରଲାଲ ତାଙ୍କ ଭଳି ତରୁଣମାନଙ୍କର ଆଖିରେ ଆଧୁନିକ ପୃଥିବୀ ବିଷୟରେ ଅଧିକ ସଚେତନ ଥିଲେ, ଫ୍ରାନ୍ସ ଓ ରୁଷିଆରେ ହୋଇଥିବା ବିପ୍ଳବଗୁଡ଼ିକରୁ ସେ ସବଳ ପ୍ରେରଣା ପାଇଥିଲେ । ଏହି ତରୁଣମାନେ ଜବାହରଲାଲଙ୍କୁ ହିଁ ଭବିଷ୍ୟତର ନିଶ୍ଚିତ ନିର୍ଦ୍ଦିଷ୍ଟ ବ୍ୟକ୍ତି ବୋଲି ଅନୁଭବ କରୁଥିଲେ ।

ଓଡ଼ିଶାର ଏକାଧିକ ଉପକୂଳାଞ୍ଚଳରେ ଯେତେବେଳେ ଲବଣ-ସତ୍ୟାଗ୍ରହର ସଂଗ୍ରାମ ଚାଲିଥିଲା, ସେତେବେଳେ ଶ୍ରୀ ନବକୃଷ୍ଣ ଚୌଧୁରୀ ବାଲେଶ୍ୱରର ନିକଟବର୍ତ୍ତୀ ଶ୍ରୀଜଙ୍ଗ ଗ୍ରାମରେ ଗିରଫ ହେଲେ । ସେହି ଅଞ୍ଚଳର ବାର ତେରଖଣ୍ଡ ଗ୍ରାମରେ ସେ ଲୋକମାନଙ୍କୁ ଚୌକିଦାରୀ ଟିକସ ନଦେବା ଲାଗି ପ୍ରବର୍ତ୍ତାଉଥିଲେ । ଗୋପବନ୍ଧୁ ଚୌଧୁରୀ ଲୁଣମରା ମୈଦାନକୁ ଆସୁ ଆସୁ ବାଟରେ ଗିରଫ ହେଲେ, ରମା ଦେବୀ, ମାଳତୀ ଦେବୀଙ୍କ ସମେତ ଅନ୍ୟମାନେ ହୁଏତ କୁଜଙ୍ଗରେ ବା ଇଞ୍ଚୁଡ଼ିରେ ଥିଲେ । ମାତ୍ର ନବକୃଷ୍ଣ ଚୌଧୁରୀ ଲୁଣମରା କାର୍ଯ୍ୟକ୍ରମରେ ନ ଥାଇ ଟିକସବନ୍ଦରେ ଥିଲେ । ଅଥଚ ସେତେବେଳେ ଅର୍ଥାତ୍ ୧୯୩୦ ମସିହାର ଲବଣ-ସତ୍ୟାଗ୍ରହ ସମୟରେ ସେ ପ୍ରଦେଶ କଂଗ୍ରେସ କମିଟିର ଜଣେ ଯୁଗ୍ମ-ସମ୍ପାଦକ ରହିଥିଲେ । ଅବଶ୍ୟ ଏକଥା ସତ୍ୟ ଯେ ଆଇନ ଅମାନ୍ୟ ମଧ୍ୟ ସେହି ସଂଗ୍ରାମ ଭିତରେ ଅସହଯୋଗର ଗୋଟିଏ ଅନ୍ୟତମ କାର୍ଯ୍ୟକ୍ରମ ହୋଇ ରହିଥିଲା । ତଥାପି, ରାଜନୀତିକ କ୍ରିୟାଶୀଳତାର ସେହି ପ୍ରଥମକାଳରୁ ହିଁ ସମ୍ଭବତଃ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କର ଦୃଷ୍ଟି ଏବଂ ଆଚରଣରେ ସତେଅବା ଦୁଇଟି ପୃଥକ୍ ପୃଥକ୍ ଅଭିମୁଖ୍ୟ କ୍ରମଶଃ ଡେଇଁ ଉଠୁଥିଲା । କଂଗ୍ରେସ ଭିତରେ ଯେଉଁମାନେ ଅପେକ୍ଷାକୃତ ଅଧିକ ତରୁଣ ଥିଲେ, ସେମାନେ ଦେଶର ସ୍ୱାଧୀନତା ପରେ ଏକ ଅନ୍ୟଭଳି ସମାଜର ପ୍ରତିଷ୍ଠାକୁ ସମ୍ଭବ କରିବାର ଉଦ୍ଦେଶ୍ୟ ରଖି ସ୍ୱାଧୀନତାର ସଂଗ୍ରାମ ଚାଲିଥିବା ସମୟରେ ମଧ୍ୟ କୃଷକ ତଥା ଶ୍ରମିକମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଶ୍ରେଣୀଚେତନା ଜାଗ୍ରତ କରିବାକୁ ପ୍ରୟାସ କରୁଥିଲେ । ଅନ୍ୟ ତରଫଟି ସ୍ୱାଧୀନତା ପୂର୍ବରୁ ଦେଶରେ କୌଣସି ଶ୍ରେଣୀଗତ ଭାବର ସୃଷ୍ଟି ନକରି ଧନୀ, ଜମିଦାର, ପ୍ରଜା, ପୁଞ୍ଜିପତି ସଂପୃକ୍ତ ସମସ୍ତଙ୍କର ସଦିଚ୍ଛା ଓ ସହ-ଯୋଗରେ ଆଗେ ଦେଶର ସ୍ୱାଧୀନତା ହାସଲ କରିବାକୁ ଇଚ୍ଛା କରୁଥିଲା । କହିବା

Digitized by srujanika@gmail.com

ବାହୁଲ୍ୟ, ଏହି ପାର୍ଥକ୍ୟ ପଛରେ ନାନାବିଧ ଅର୍ଥନୈତିକ ତଥା ସାମାଜିକ ସ୍ୱାର୍ଥଗ୍ରାହିତା ଅବଶ୍ୟ କାର୍ଯ୍ୟ କରୁଥିଲା ।

୧୯୩୨ ମସିହାର କଂଗ୍ରେସ ଆନ୍ଦୋଳନ ପରେ ଗାନ୍ଧିଜୀ ହରିଜନକାର୍ଯ୍ୟରେ ଅଧିକ ମନୋନିବେଶ କଲେ । କଂଗ୍ରେସ ଭିତରେ ଯେତେ ଯେତେ ଉପବର୍ଗ ଏ ନୂଆ ଆନ୍ଦୋଳନରେ ଯୋଗଦେଇଥିଲେ, ସେମାନେ ପ୍ରତ୍ୟେକ ନିଜନିଜର ଗୋଡ଼ତଳେ ଥିବା ମାଟି ବିଷୟରେ ସୁନିଶ୍ଚିତ ଏବଂ ସୁନିର୍ଦ୍ଦିଷ୍ଟ ହେବାଲାଗି ବାଟର ସନ୍ଧାନ କଲେ । ଶ୍ରୀ ନବକୃଷ୍ଣ ଚୌଧୁରୀ ସେତିକିବେଳେ ଡରଳୁନ୍ଦକୁ କେନ୍ଦ୍ର କରି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଅଧିକ ସାକାର କରିବାରେ ମନ ଦେଲେ । ପୃଥିବୀର ରାଜନୀତିକ ଇତିହାସ ଏବଂ ପ୍ରବୃତ୍ତିଗୁଡ଼ିକ ବିଷୟରେ ତାଙ୍କ ପ୍ରତ୍ୟେୟ ଦେଲାଭଳି ସମ୍ୟକ୍ ଜ୍ଞାନ ଆସି ଯାଇଥିଲା । ସେ ସମଧର୍ମୀ ମାନଙ୍କୁ ଏକାଠି ଠୁଳ କରି ଆଣିବାର ପ୍ରୟାସ ଆରମ୍ଭ କଲେ । ପୂର୍ବରୁ ଜେଲରେ ଥିବା ସମୟରୁ ହିଁ ସେ ହୁଏତ ସେମାନଙ୍କୁ ଠାବ କରି ସାରିଥିଲେ । ବର୍ତ୍ତମାନ ଜଣେ ମଝିରେ ଗଣ୍ଠିଟିଏ ହୋଇ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଏବଂ ବିଗ୍ରହରେ ବାନ୍ଧିବା ଯାହା ବାକି ରହିଥିଲା । ଶ୍ରୀଯୁକ୍ତ ଚୌଧୁରୀ ନିଜଲାଗି ସେହି ଭୂମିକାଟି ବାଛିନେଲେ, ତାଙ୍କର ସାଥୀମାନେ ମଧ୍ୟ ତାଙ୍କୁ ସେହି ଭୂମିକାରେ ସ୍ୱୀକାର କରିନେଲେ ।

ଡରଳୁନ୍ଦ ଫାର୍ମ୍‌ର ରହଣି ସମୟରେ କଣ୍ଟାପଡ଼ା ଗ୍ରାମର ବିଲାତଫେରନ୍ତା ଶ୍ରୀ ନୃସିଂହ ଚରଣ ମହାନ୍ତି ତେଣେ ଛଅବର୍ଷ ରହି ଗାଆଁରେ ରହୁଥାନ୍ତି । ସେତେ-ବେଳେ ସେ 'ବିଲାତ କଥା' ବୋଲି ନିଜର ଅନୁଭୂତିଗୁଡ଼ିକୁ ବର୍ଣ୍ଣନା କରି ଖଣ୍ଡେ ବହି ବି ଲେଖିଥିଲେ । ବିଲାତରେ ଥିବା ସମୟରେ ସେ ସେଠାକାର ଶ୍ରମିକଦଳର ସମ୍ପର୍କରେ ଆସିଥିଲେ । ଶ୍ରୀ ଚୌଧୁରୀଙ୍କ ସହିତ ତାଙ୍କର ନିୟମିତ ସମ୍ପର୍କ ଥିଲା ଓ ସେ ତାଙ୍କୁ ବିଲାତର ଶ୍ରମିକ-ରାଜନୀତି ବିଷୟରେ ବିଭିନ୍ନ କଥା କହୁଥିଲେ । ଶ୍ରୀ ଚୌଧୁରୀ ସବୁଦିନେ ନାନା ପୁସ୍ତକ ପଢ଼ୁଥିଲେ ଓ ଅନ୍ୟ ସାଥୀମାନଙ୍କ ସହିତ ସେଗୁଡ଼ିକ ବିଷୟରେ ଆଲୋ-ଚନା କରୁଥିଲେ ସମସ୍ତେ ମିଶି ସତେଅବା ବିକଳ୍ପଟିଏ ଖୋଜୁଥିଲେ । ଭାରତବର୍ଷକୁ ସ୍ୱାଧୀନ କରିବାଲାଗି ଲବଣ-ସତ୍ୟାଗ୍ରହ ବା ଟିକସ ବନ୍ଦ ଆନ୍ଦୋଳନ ଯଥେଷ୍ଟ ନୁହେଁ ବୋଲି ସେମାନଙ୍କର ମନରେ ଏକ ସଂଶୟ ମଧ୍ୟ ଜନ୍ମୁଥିଲା । ଦେଶର ଜନସାଧାରଣ ଏହି ଆନ୍ଦୋଳନ ଭିତରକୁ ନଆସିଲେ ଲକ୍ଷ୍ୟରେ ପହଞ୍ଚି ହେବନାହିଁ ବୋଲି ସେମାନଙ୍କର ଉପଲବ୍‌ଧି ହେଉଥିଲା । କଂଗ୍ରେସ ଭଳି ଯାବତୀୟ ସ୍ୱାର୍ଥ ଏବଂ ଲକ୍ଷ୍ୟର ଏକ ଚୈତନ୍ୟ ଅନୁଷ୍ଠାନ ଦ୍ୱାରା ଜନଗଣରେ ଜାଗୃତି ଆଣିବା କଦାପି ସମ୍ଭବ ନୁହେଁ ବୋଲି ସେମାନେ ହୃଦୟଙ୍ଗମ କଲେ । ତେଣୁ ଏକ ସଂକଳବଦ୍ଧ ସଚେତନ ସଙ୍ଘଟିଏ

Digitized by srujanika@gmail.com

ଲୋଡ଼ା ବୋଲି ସମସ୍ତେ ଅନୁଭବ କଲେ । ଏହି ଭାବନାରୁ ଓଡ଼ିଶା କଂଗ୍ରେସ ସାମ୍ୟ-ବାଦୀ କର୍ମୀ ସଂଘ ଜନ୍ମଲାଭ କଲା ।

ସଂଘଟିର ଗଠନ ପାଇଁ ୧୯୩୩ ମସିହା ଫେବୃଆରୀ ମାସରେ ସେହି ତଙ୍କଜୁନି ବା ଅଣଖିଆଠାରେ ବୈଠକ ଡକାଗଲା । ଅତ୍ୟନ୍ତ ଗୋପନଭାବରେ ଏହି ବୈଠକଟି ଡକା ଯାଇଥିଲା ଓ ଉକ୍ତ ସଂଘର ସ୍ଥାପନା ହେଲା । କଂଗ୍ରେସ ବାହାରେ ଏକ ସ୍ୱତନ୍ତ୍ର ଦଳ ଗଢ଼ିବାର କଥା ସେତେବେଳେ କଳ୍ପନାତୀତ ଥିଲା । ତେଣୁ କଂଗ୍ରେସ ଭିତରେ ରହି ଏକ ବିଶେଷ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି କାର୍ଯ୍ୟ କରିବାର ନିଷ୍ପତ୍ତି ନିଆଗଲା । ଏହି ବନ୍ଧୁମାନେ ନିଜକୁ ସାମ୍ୟବାଦୀ ବୋଲି ଘୋଷଣା କଲେ । ସେମାନେ ଧର୍ମ ଓ ଭଗବାନଙ୍କ ଠାରୁ ସମସ୍ତ ବିଶ୍ୱାସ ତୁଟାଇ ଦେଲେ । ଧର୍ମ ମନୁଷ୍ୟର ଜୀବନରେ ଅଫିମ ପରି କାର୍ଯ୍ୟ କରେ ବୋଲି କାର୍ଲ ମାର୍କ୍ସ ଯାହା ଲେଖିଥିଲେ, ତାହା ଏମାନଙ୍କର ମୂଳବାକ୍ୟ ହୋଇ ରହିଲା । ସେମାନେ ଜାତି ଓ ସ୍ପୃଶ୍ୟ ଅସ୍ପୃଶ୍ୟର ଭେଦ ମାନିବେ ନାହିଁ ବୋଲି ଶପଥ ଗ୍ରହଣ କଲେ । ଯେଉଁମାନେ ବ୍ରାହ୍ମଣ ଥିଲେ, ସେମାନେ ସେହି ବୈଠକରେ ହିଁ ପଇତା କାଢ଼ି ଫିଙ୍ଗିଦେଲେ । ସଂକଳ୍ପ ନିଆଗଲା ଯେ ସେମାନେ ନିଜକୁ ସାଧାରଣ ମଣିଷର ସ୍ତରକୁ ଓହ୍ଲାଇ ଆଣିବେ, ସେହିଭଳି ଆଚରଣ କରିବେ । ପୁନଶ୍ଚ, କମ୍ୟୁନିଷ୍ଟବାଦର ମୂଳ ସିଦ୍ଧାନ୍ତଟିକୁ ମାନି କେବଳ ନିଜର ଆବଶ୍ୟକତା ଅନୁ-ସାରେ ଯାହାକିଛି ଅର୍ଥ ଓ ସାମଗ୍ରୀ ଗ୍ରହଣ କରିବେ ଏବଂ ନିଜର ସମସ୍ତ ଶକ୍ତି ଦେଶ ପାଇଁ-ଲାଗି ଦାନ କରିବେ । କାହାର ବ୍ୟକ୍ତିଗତ ସମ୍ପତ୍ତି ବୋଲି କିଛି ରହିବ ନାହିଁ । ସେମାନେ କାହାର ଦୟା ବା ଦାନ ଉପରେ ନିର୍ଭର କରିବେ ନାହିଁ ।

ଓଡ଼ିଶାରେ କଂଗ୍ରେସ ସମାଜବାଦୀ ଦଳର ପ୍ରଥମ କାର୍ଯ୍ୟାଳୟ ଚାନ୍ଦବାଲିରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ନିଜ ବାସଭବନରେ ଥିଲା । ଆରମ୍ଭରୁ ହିଁ କର୍ମୀମାନଙ୍କର ଉଦ୍ଦେଶ୍ୟ ଏବଂ ପନ୍ଥା ନିମ୍ନଲିଖିତ ଭାବରେ ବ୍ୟକ୍ତ ହୋଇଥିଲା: "ଭାରତରେ ଏକ ମୁକ୍ତ ସାମ୍ୟବାଦୀ ସାଧାରଣତନ୍ତ୍ର ପ୍ରତିଷ୍ଠା ନିମନ୍ତେ ଫଳପ୍ରଦ ଭାବରେ କାର୍ଯ୍ୟ କରିବା ପାର୍ଟିର ଉଦ୍ଦେଶ୍ୟ । ଏହାର ପ୍ରାପ୍ତି ନିମନ୍ତେ ପାର୍ଟି ସକଳ ପ୍ରକାର ନ୍ୟାୟସଙ୍ଗତ ପନ୍ଥା ଅନୁସରଣ କରିବ । ଗାନ୍ଧୀଜୀଙ୍କ ପ୍ରବର୍ତ୍ତିତ ଓ ବ୍ୟବହୃତ କ୍ରିୟାତ୍ମକ ଅହିଂସା ଓ ପ୍ରେମ-ନୀତି ଅନୁସାରେ ଏହା ପରିଚାଳିତ ହେବ ।" ଏହି ସଂଘର ପ୍ରେରଣାସ୍ରୋତ ଭିତରେ ଗାନ୍ଧୀ ଅବଶ୍ୟ ଥିଲେ, ତଥାପି ଅଳପ ରହିଥିଲେ । ଗାନ୍ଧୀଙ୍କ ଅପେକ୍ଷା କାର୍ଲ ମାର୍କ୍ସ ଅଧିକ ଥିଲେ । ସେହି ସମୟର ସ୍ମରଣ କରି ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ ତାଙ୍କ 'ମୋ ଜୀବନ-ସଂଗ୍ରାମ' ବହିରେ ଯେପରି ଲେଖିଛନ୍ତି : "ହୋଭିଏଟ୍ ରୁଷର ନାମ ହେଉଛି ଇଉନିୟନ ଅଫ୍ ସୋଭିଏଟ୍ ସୋସିଆଲିଷ୍ଟ ରିପବ୍ଲିକ୍ । ଆମ

Digitized by srujanika@gmail.com

ସୋସିଆଲିଷ୍ଟ ଉପବନ୍ଧକ୍ର ପରିକଳ୍ପନା ମୋଟାମୋଟି ସେଇଆ ଥିଲା । ଆମେ ଗାନ୍ଧୀଙ୍କ ପ୍ରତ୍ୟକ୍ଷ ପ୍ରତ୍ୟାଖ୍ୟାନ ନକରି କେବଳ ଅହିଂସାର କ୍ରିୟାତ୍ମକ ରୂପକୁ ସ୍ୱୀକାର କଲୁ ।······ଆମ ଓଡ଼ିଶାରେ ଏବଂ ପରେ ସାରା ଭାରତରେ ଯେଉଁ କଂଗ୍ରେସ ସୋସିଆ-ଲିଷ୍ଟ ପାର୍ଟି ଗଠିତ ହେଲା, ତାହା ମାର୍କ୍ସୀୟ ମତ ଅନୁସାରେ ପରିଚାଳିତ ବୋଲି ପରିଷ୍କାର ଘୋଷଣା କଲା ।"

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ଓଡ଼ିଶାରେ ଏହି ସାମ୍ୟବାଦୀ ଆବିର୍ଭାବ ବିଷୟରେ ସ୍ୱକୀୟ ଭିତରେ ଆପଣା ପ୍ରତିକ୍ରିୟାର ଉଲ୍ଲେଖ କରିଛନ୍ତି (ସାଧନାର ପଥେ, ପୃଷ୍ଠା-୧୬୪) : "ଏମାନେ ମାର୍କ୍ସଙ୍କ ଦର୍ଶନ ଅନୁସାରେ ସାମ୍ୟବାଦୀ ମତରେ ବିଶ୍ୱାସ କରି ଭାରତର ରାଜନୈତିକ ପରିସ୍ଥିତି ଦୃଷ୍ଟିରୁ କଂଗ୍ରେସକୁ ସେହି ମତ ଆଡ଼କୁ ନେବାପାଇଁ ସଂକଳ୍ପବଦ୍ଧ ହୋଇଥିଲେ······ମୋର ସେ ସମୟରେ ଧାରଣା ହୋଇ-ଥିଲା ଯେ, କଂଗ୍ରେସରେ ସୁବିଧାବାଦୀ ଦଳର ଆବିର୍ଭାବ ଓ ସେମାନଙ୍କ ସଙ୍ଗରେ ଗାନ୍ଧୀନୀତିକୁ ଏକ ନିର୍ଜୀବ ଅକ୍ରିୟାତ୍ମକ ବସ୍ତୁ କରି ଥୋଇ ରଖିବା ଏବଂ ଗାନ୍ଧିବାଦୀଙ୍କ ଅହିଂଭାବର ପ୍ରତିକ୍ରିୟା ରୂପେ ଏ ସାମ୍ୟବାଦୀ ଦଳର ଆବିର୍ଭାବ ହେଲା ।······ ସେଥିରେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ନେତୃତ୍ୱ ନେଲେ ।"

"ଦୁନିଆର ଶ୍ରମିକ ଏକଜୁଟ ହୁଅ" ବୋଲି ଘୋଷଣା କରି 'ସାରଥି' ପତ୍ରିକା ଜନ୍ମଲାଭ କଲା । ୧୯୩୭ ମଇମାସ ପହିଲା ବେଳକୁ ଏହାର ପ୍ରଥମ ସଂଖ୍ୟା ବାହାରିଲା । ମଇପହିଲା ଅର୍ଥାତ୍ ଆନ୍ତର୍ଜାତିକ ଶ୍ରମିକ ଦିବସ । ସେବର୍ଷ କର୍ମୀସଂଘ ଓଡ଼ିଶାରେ ସେହି ଦିବସଟିକୁ ଆଖିଦୃଶିଆ ଭାବରେ ପାଳନ କରିବାକୁ ମନସ୍ଥ କଲେ । ମାତ୍ର ସେତେବେଳେ ଓଡ଼ିଶାରେ ବା କଟକରେ କ'ଣ କଳକାରଖାନା ରହିଥିଲା ଯେ ଶୋଭାଯାତ୍ରା ଏବଂ ସଭାପାଇଁ ଶ୍ରମିକ ମିଳିବେ ? 'ସାରଥି' ଯେଉଁ କୁନି ଛାପା-ଖାନାରେ ଛପା ହେଉଥିଲା, ସେହି ଛାପାଖାନାର ଦୁଇ ତିନିଜଣ କର୍ମଚାରୀ ଓ ସଂଘର ସଦସ୍ୟମାନେ କଟକର ବଡ ସଡ଼କରେ ଶୋଭାଯାତ୍ରା କରି ବାହାରିଲେ । ମହାତ୍ମା ଗାନ୍ଧୀ କୀ ଜୟ ଓ ଭାରତମାତା କୀ ଜୟ ବଦଳରେ ସେମାନେ ଦୁନିଆର ଶ୍ରମିକ ଏକଜୁଟ ହୁଅ' ବୋଲି ଧ୍ୱନି ଦେଇ ଷ୍ଟାଣ୍ଡାର୍ଡ ଧରି ପ୍ରାୟ ଦଶପନ୍ଦର ଜଣ ଲୋକଙ୍କର ଏହି ଅଭିନବ ଘୋଷଣାଯାତ୍ରା ସେଦିନ ଲୋକମାନଙ୍କ ମନରେ ତଥାପି ଚାଞ୍ଚଲ୍ୟ ଖେଳାଇ ଦେଇଥିବ ଓ ବିଭିନ୍ନ ପ୍ରତିକ୍ରିୟା ମଧ୍ୟ ସୃଷ୍ଟି କରିଥିବ । ଶ୍ରୀଯୁକ୍ତ ଚୌଧୁରୀ ମଇଳା ଧୋତି ଓ ପଞ୍ଜାବୀ ପିନ୍ଧି ସମସ୍ତଙ୍କ ସାଙ୍ଗରେ ଆଗେ ଆଗେ ଚାଲିଥାନ୍ତି । ଶେଷରେ ଗୌରୀଶଙ୍କର ପାର୍କ ନିକଟରେ ସଭାଟିଏ ମଧ୍ୟ ହେଲା ଏବଂ ସେ ବକ୍ତୃତାଟିଏ ଦେଇ ମଇ ଦିବସର ମହତ୍ତ୍ୱ ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ ।

Digitized by srujanika@gmail.com

ସେହି ବର୍ଷ ଅକ୍ଟୋବର ମାସରେ ଶ୍ରୀ ଚୌଧୁରୀ ପଣ୍ଡିତ ଜବାହରଲାଲଙ୍କ ନିକଟକୁ ଏକ ପତ୍ର ଲେଖି ଦେଶର ସ୍ୱାଧୀନତା ସଂଗ୍ରାମକୁ ଜନସାଧାରଣଙ୍କର ସ୍ତରକୁ ଆଣି ପାରିବାକୁ ହେଲେ ଦେଶର ବିଭିନ୍ନ ସ୍ତରରେ 'ସୁଦୃଢ଼ ଗୁପ୍ତ ସଙ୍ଗଠନ' ଗଠିତ ହେବାର ପ୍ରୟୋଜନ ରହିଛି ବୋଲି ଯୁକ୍ତି ବାଢ଼ିଥିଲେ । ତାର ଉତ୍ତରରେ ନେହରୁ ତାଙ୍କ ପାଖକୁ ଲେଖିଥିଲେ, 'ଆପଣ ଯେଉଁସବୁ ବିଷୟ ଲେଖିଛନ୍ତି, ସେଥିରୁ ବହୁ କଥାରେ ମୁଁ ଆପଣଙ୍କ ସହ ସମ୍ପୂର୍ଣ୍ଣ ଏକମତ । କିନ୍ତୁ କାର୍ଯ୍ୟ ଆଗେଇନେ । ନିମନ୍ତେ ଯେଉଁ ଗୁପ୍ତ ସଙ୍ଗଠନ ସ୍ଥାପନା ବିଷୟ ଆପଣ ଲେଖିଛନ୍ତି, ସେଥିରେ ମୁଁ ଏକମତ ହୋଇ ପାରୁନାହିଁ ।........ବର୍ତ୍ତମାନ ପରିସ୍ଥିତିରେ ଗୁପ୍ତ ଉପାୟ ଆଦୌ ସାହାଯ୍ୟ କରିବ ବୋଲି ମୁଁ ଭାବୁନାହିଁ ।" ଏବଂ, "ଯେଉଁ କଂଗ୍ରେସ କର୍ମୀମାନେ ଏକ ଦୀର୍ଘ ସଂଗ୍ରାମ ଲାଗି ପ୍ରସ୍ତୁତ, ସେମାନଙ୍କର ଗୋଷ୍ଠୀ ସଂଗଠନ ହେବାର ଆବଶ୍ୟକତା ରହିଛି ବୋଲି ମୁଁ ଆପଣଙ୍କ ସହ ଏକମତ । ଜାତୀୟ ସଂଗ୍ରାମକୁ ଚାଲୁ ରଖିବାକୁ ପଡ଼ିବ ଏବଂ ଏହାକୁ ଜନସାଧାରଣଙ୍କ ଭିତରେ ଏକ ସାମାଜିକ ଓ ଅର୍ଥନୈତିକ ସଂଗ୍ରାମରୂପେ ଆମକୁ ପରିଣତ କରିବାକୁ ପଡ଼ିବ ।"

ଅବଶ୍ୟ ପରେ ଅଖିଳ ଭାରତୀୟ ସ୍ତରରେ ଶ୍ରୀ ଜବାହରଲାଲ 'ଦେଶରେ ଏବଂ କଂଗ୍ରେସ ଉପରେ ସମାଜବାଦୀ ଆଦର୍ଶର ପ୍ରଭାବ ପକାଇବା ଲାଗି କଂଗ୍ରେସ ଭିତରେ ଏକ ସମାଜବାଦୀ ଉପଗୋଷ୍ଠୀ ଗଠନ କରିବା'ର ପ୍ରସ୍ତାବକୁ ସ୍ୱାଗତ କରିଥିଲେ । ଅଖିଳ ଭାରତୀୟ ସ୍ତରରେ କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ଗଠନ ହେଲା ଏବଂ ଓଡ଼ିଶାର ସୋସିଆଲିଷ୍ଟ କର୍ମୀସଂଘ ସେଥିରେ ନିଜକୁ ସାମିଲ କରିନେଲା । ଓଡ଼ିଶାରେ ଶ୍ରମିକ-ଶ୍ରେଣୀ ବୋଲି କିଛି ନଥିଲା, କାରଣ କୌଣସି ଶିଳ୍ପୋଦ୍ୟୋଗ ହିଁ ନଥିଲା । ଶୋଷିତ ଶ୍ରେଣୀ କହିଲେ ଗାଆଁ ଗଣ୍ଡାର କୃଷକମାନଙ୍କୁ ହିଁ ବୁଝାଉଥିଲା । କୃଷକ ପ୍ରଜାମାନେ ଜମିଦାରଙ୍କ ଭୟରେ ଥରହର ହେଉଥିଲେ । ବ୍ରିଟିଶ୍ ସରକାର ଧର୍ମତଃ ଜମିଦାର-ମାନଙ୍କର ପକ୍ଷରେ ଥିଲେ । ଏହିସବୁ ପରିସ୍ଥିତିର ବିଚାର କରି ଓଡ଼ିଶାରେ ଏକ କୃଷକ ସଙ୍ଗଠନ ଗଢ଼ାଗଲା । କୃଷକମାନଙ୍କର ମନରୁ ଭୟ ଦୂର କରିବା, ସେମାନଙ୍କ ଉପରେ ହେଉଥିବା ଅନ୍ୟାୟଗୁଡ଼ିକ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏବଂ ସର୍ବୋପରି ଜଣେ ମନୁଷ୍ୟ ହିସାବରେ ସେମାନଙ୍କର ପ୍ରାଣରେ ଏକ ଯଥାର୍ଥ ପ୍ରତ୍ୟୟ ଆଣିଦେବା ସଂଗଠନର ସର୍ବପ୍ରଥମ କାର୍ଯ୍ୟ ହେଲା । ସାଧାରଣ ଚୌକିଦାରକୁ ଦେଖିଲେ ମଧ୍ୟ ଗାଆଁ ଲୋକେ ପ୍ରମାଦ ଗଣୁଥିଲେ । ଶତାବ୍ଦୀ ଦୀର୍ଘର ସାମାଜିକ ଅବ୍ୟବସ୍ଥା ଏବଂ ଅବହେଳା ସେମାନଙ୍କୁ ପ୍ରାୟ ମଜ୍ଜାଗତ ଭାବରେ ଏପରି ସନ୍ତ୍ରସ୍ତ କରି ରଖିଥିଲା । କେବଳ ଏକ ରାଜନୈତିକ ସମସ୍ୟା ଠାରୁ ଏହି ସମସ୍ୟାର ଚେରଗୁଡ଼ିକ ଅନେକ ଅଧିକ ଗଭୀରରେ ଯାଇ ରହିଥିଲା ।

Digitized by srujanika@gmail.com

କୃଷକମାନଙ୍କୁ ନେଇ ଆଦୌ ଏକ ସମାଜବାଦୀ ଆନ୍ଦୋଳନ ହୋଇ ପାରିବ କି ନାହିଁ, ସେହି ପ୍ରଶ୍ନଟିକୁ ନେଇ ସେତେବେଳେ କଂଗ୍ରେସ ସୋସିଆଲିଷ୍ଟମାନେ ନିଜ ଭିତରେ ବହୁ ବିତର୍କର ସମ୍ମୁଖୀନ ହୋଇଥିଲେ । କାର୍ଲ ମାର୍କ୍ସଙ୍କର ଜୀବଦ୍ଦଶାରେ ମଧ୍ୟ ଇଉରୋପରେ ଏହି ବିବାଦୀୟ ପ୍ରଶ୍ନଟି ଉତ୍‌ଥାପିତ ହୋଇଥିଲା ଓ ଶ୍ରମିକବର୍ଗ ଉପରେ ଅତିରିକ୍ତ ଗୁରୁତ୍ୱ ଦେଇ ମାର୍କ୍ସ୍ କୃଷକ କୁଳ ପ୍ରତି ଉଦାସୀନ ରହିଛନ୍ତି ବୋଲି ପରେ ବହୁମାନ ବି ଲେଖା ଯାଇଥିଲା । ଅବଶ୍ୟ ସେତେବେଳକୁ ଇଉରୋପର ଶିଳ୍ପ ବିକାଶ ଏକ ସ୍ୱୀକୃତିଯୋଗ୍ୟ ମର୍ଯ୍ୟାଦା ହାସଲ କରି ସାରିଥିଲା । ଭାରତରେ ସାମ୍ୟ-ବାଦୀ ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ନେତାମାନଙ୍କ ମଧ୍ୟରେ ଏହି ବିଷୟରେ ମତଭେଦ ଓ ଦୃଷ୍ଟି ପାର୍ଥକ୍ୟ ରହିଥିଲା । ଆମେରିକାରେ ପ୍ରଧାନତଃ ଶ୍ରମିକମାନଙ୍କ ସହିତ ପରିଚୟରେ ଆସି ସାମ୍ୟବାଦୀ ହୋଇଥିବା ଶ୍ରୀ ଜୟପ୍ରକାଶ ନାରାୟଣ ମଧ୍ୟ କୃଷକମାନଙ୍କୁ ବିପ୍ଲବାଭିମୁଖୀ କରିବା ବିଷୟରେ କୁଣ୍ଠିତ ସନ୍ଦିହାନ୍ ଥିଲେ । ଅଧ୍ୟାପକ ରଙ୍ଗା ଜାତୀୟ ସ୍ତରରେ ଏକ କିଷାନ୍ ସଙ୍ଗଠନ ଗଢ଼ିବା ବେଳରେ ଓଡ଼ିଶାରେ ଗଠିତ ହୋଇ ସାରିଥିବା କୃଷକ ସଂଘ ଓ ବିଶେଷ କରି ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଠାରୁ କିପରି ନୈତିକ ସମର୍ଥନ ଓ ବଳ ପାଇଥିଲେ, ସେହିକଥା ଉଲ୍ଲେଖ କରିଛନ୍ତି ।

'ଲଙ୍ଗଳ ଯାହାର ଭୂମି ତାହାର', 'ମଠଧନ କୋଠ ହେଉ', 'ଜମିଦାରୀ ପ୍ରଥାର ଲୋପ ହେଉ',—ଏହିସବୁ ଧ୍ୱନି ଅର୍ଥାତ ଲକ୍ଷ୍ୟକୁ ଭିତ୍ତିକରି ଏହି କୃଷୀଆନ୍ଦୋଳନ ଗଢ଼ି ଉଠିଥିଲା । ବେଠି ବନ୍ଦହେଉ, ଭେଟି ବନ୍ଦହେଉ ଜମିଦାରଙ୍କର କଚେରୀକୁସମସ୍ତେ ବର୍ଜନ କରନ୍ତୁ; କୃଷୀକୁ ତା'ର ସ୍ୱତ୍ୱ ମିଳୁ ପ୍ରଜାମାନଙ୍କ ମଧ୍ୟରେ ସେହି ସଚେତନାର ସୃଷ୍ଟି କରିବାଲାଗି ପ୍ରଚାର ଆରମ୍ଭ ହେଲା । ସମଗ୍ର ଓଡ଼ିଶାର ପ୍ରଥମ କୃଷୀ-ସମ୍ମିଳନୀ ଅଣ୍ଡିଆ ପାଖ ବାଗଲପୁର ଗ୍ରାମରେ ଡକା ଯାଇଥିଲା । ସେଥିରେ ଗୃହୀତ ହୋଇଥିବା ପ୍ରଥମ ପ୍ରସ୍ତାବଟିକୁ ସ୍ୱୟଂ ଶ୍ରୀ ନବକୃଷ୍ଣ ଚୌଧୁରୀ ପ୍ରସ୍ତୁତ କରିଥିଲେ । ସେଥିରେ ଥିଲା; କୌଣସି କୃଷୀ ଜମିଦାର ମହାଜନଙ୍କୁ ମୁଣ୍ଡିଆ ମାରିବେ ନାହିଁ । ସାଷ୍ଟାଙ୍ଗ ପ୍ରଣିପାତ କରିବେନାହିଁ, ସିଧାସଳଖ ଛିଡ଼ା ହୋଇ ହାତ ଯୋଡ଼ି ନମସ୍କାର କରିବେ । ସେତେ-ବେଳେ ଜମିଦାର ମାନଙ୍କୁ ସାକ୍ଷାତ ଦେବଅଂଶ ବୋଲି ବିଚାର କରା ଯାଉଥିଲା, ତାଙ୍କ ଆଗରେ ଛତାଧରି ଜୋତା ପିନ୍ଧି ଚାଲିଯିବା ମଧ୍ୟ ନିଷିଦ୍ଧ ଥିଲା । ପ୍ରଜାର ଘରଡ଼ିହ, ଗାଈଗୋରୁ, ଛେଳିମେଣ୍ଢା, ନଡ଼ିଆ ଗଛ, କଦଳୀ ଗଛ, ଗାଡ଼ିଆ ପୋଖରୀ, ସେ ଅମଳ କରୁଥିବା ଫସଲ ଓ ଏପରିକି ତା' ନିଜର ଶ୍ରମଶକ୍ତି ଉପରେ ଜମିଦାର, ମଠମହନ୍ତ ଓ ରାଜାମାନେ ଅଧିକାରୀ ହୋଇ ରହିଥିଲେ ।

କର୍ମୀସଂଘ ମଧ୍ୟରେ ଶ୍ରୀଯୁକ୍ତା ମାଳତୀ ଦେବୀ ଓ ବାଗଲପୁରର ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ଦାସଙ୍କର ଏହି କୃଷକ-ସଙ୍ଗଠନର କାର୍ଯ୍ୟରେ ସ୍ମରଣୀୟ ଅବଦାନ

Digitized by srujanika@gmail.com

ରହିଥିଲା । କହିବା ଅନାବଶ୍ୟକ ଯେ, ଅନ୍ୟ ଜମିଦାରମାନଙ୍କ ସହିତ କଂଗ୍ରେସ ଭିତରେ ଯେଉଁମାନେ ସ୍ୱୟଂ ଜମିଦାର ଥିଲେ ଏବଂ କଂଗ୍ରେସ ମଞ୍ଚରେ ନେତୃତ୍ୱ ସ୍ଥାନରେ ଥିଲେ, ସେମାନେ ଏହି କୃଷକ ଆନ୍ଦୋଳନକୁ ପସନ୍ଦ କରୁନଥିଲେ । କୃଷକମାନଙ୍କର ସଙ୍ଗଠନକୁ ସେମାନେ ଭୟ କରୁଥିଲେ । ସମସ୍ତେ ଏକାଠି ମିଶି ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ନିମନ୍ତେ ପ୍ରୟାସ କରୁଥିଲେ ସତ, ମାତ୍ର ସ୍ୱାଧୀନ ଭାରତ ସମ୍ବନ୍ଧରେ ସେମାନଙ୍କର ଯେପରି ସ୍ପଷ୍ଟତା ଭିନ୍ନ ଭିନ୍ନ ଚିନ୍ତା ଓ ଗୋଷ୍ଠୀ ରହିଥିଲା। ଏହି ଦୁଇ ଗୋଷ୍ଠୀ ଭିତରେ ଯେ କେବେ ନା କେବେ ଏକ ସଂଘାତ ଉପୁଜିବ, କର୍ମୀସଂଘ ସେକଥା ଖୁବ୍ ଭଲକରି ଜାଣିଥିଲେ । ତେଣୁ ସେମାନେ ବିରୋଧକୁ ଭ୍ରୂକ୍ଷେପ ନକରି ଅତ୍ୟନ୍ତ ସଚେତନ ଭାବରେ କାର୍ଯ୍ୟ କରି ଯାଉଥିଲେ । ୧୯୩୭ ମସିହା ସେପ୍ଟେମ୍ବର ପହିଲା ଦିନ କଟକ ମ୍ୟୁନିସିପାଲିଟି ପଡ଼ିଆରେ ଅନୁଷ୍ଠିତ ହୋଇଥିବା ଗୃହୀମେଳାରେ ସହରର ବହୁସଂଖ୍ୟକ ଶିକ୍ଷିତ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଆପଣାର ଭାଷଣରେ ଶ୍ରୀ ନବକୃଷ୍ଣ ଚୌଧୁରୀ ଜମିଦାର ଶ୍ରେଣୀକୁ ଯେତେବେଳେ 'ଶଳା' ବୋଲି ସମ୍ବୋଧନ କଲେ, ସେତେବେଳେ କୁଳୀନ ଶ୍ରୋତାମାନଙ୍କ ଭିତରେ ଏକ ଅପ୍ରୀତିକର ଶିହରଣ ଖେଳି ଯାଇଥିଲା । ସମ୍ବାଦପତ୍ରରେ ଏହାକୁ 'ଅଶୋଭନୀୟ ଆଚରଣ, ଅମାର୍ଜିତ ଭାଷା' ବୋଲି କହି ସମାଲୋଚନା କରି ଯାଇ-ଥିଲା । ଖବରକାଗଜରୁ ତାହା ପଢ଼ି ଶ୍ରୀଯୁକ୍ତ ଚୌଧୁରୀ ଆନନ୍ଦ ପ୍ରକାଶ କରିଥିଲେ ବୋଲି କଥିତ ଅଛି । ଠିକଣା ପ୍ରତିକ୍ରିୟା ହୋଇଛି ବୋଲି କହିଥିଲେ ।

୧୯୩୭ରେ ଭାରତରେ ପ୍ରଥମ ନିର୍ବାଚନ ହେଲା ଓ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କଲେ । କଂଗ୍ରେସ ଭିତରେ ଥାଇ କଂଗ୍ରେସ ସୋସିଆଲିଷ୍ଟମାନେ ଯେତେବେଳେ ଜମିଦାରୀ ପ୍ରଥା ମଧ୍ୟରେ ରହିଥିବା ଖାରଜ ରେସମ ଉଠିଯିବା ପ୍ରଭୃତି ବିଷୟରେ ପ୍ରସ୍ତାବ ଆଣିଲେ, ସେତେବେଳେ କଂଗ୍ରେସ ନେତୃତ୍ୱର ପୁରୋଭାଗରେ ରହିଥିବା ଜମିଦାର-ଶ୍ରେଣୀସ୍ଥ ସଭ୍ୟମାନେ ଉତ୍କ୍ଷିପ୍ତ ହୋଇ ଉଠିଥିଲେ । ଏହି ମନ୍ତ୍ରୀମଣ୍ଡଳ ମାତ୍ର ଅଳ୍ପଦିନ ପାଇଁ ଶାସନରେ ରହିଥିଲା । ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହୋଇଯିବା ପରେ ଇଂରେଜ ସରକାରଙ୍କ ସହିତ ମତପାର୍ଥକ୍ୟ ହେବାରୁ ଗାନ୍ଧୀଜୀ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗୁଡ଼ିକୁ ସରକାର ଗୁଡ଼ି ଚାଲି ଆସିବାକୁ ନିର୍ଦ୍ଦେଶ ଦେଲେ । ଶ୍ରୀ ନବକୃଷ୍ଣ ଚୌଧୁରୀ ଯେତେବେଳେ ବିଧାନସଭାର ସଦସ୍ୟ ଥିଲେ, ସଦସ୍ୟ ଥିଲା-ବେଳେ ମଧ୍ୟ ତାଙ୍କର ଦୃଷ୍ଟି ଅନ୍ୟତ୍ର ଆକର୍ଷିତ ହୋଇଗଲା । ସେ ଗଡ଼ଜାତ ଆନ୍ଦୋ-ଳନରେ ସକ୍ରିୟ ଅଂଶ ଗ୍ରହଣ କଲେ ।

ମୋଗଲବନ୍ଦୀରେ ଜମିଦାର ଓ ଗଡ଼ଜାତରେ ରଜାମାନେ । ରଜାମାନେ ଯେତେ ଅତ୍ୟାଚାରୀ ହେଲେ ମଧ୍ୟ ସେମାନଙ୍କ ପଛରେ ହୋଇ ପ୍ରଜାମାନଙ୍କୁ ଦମନ କରିବାଲାଗି ଇଂରେଜ ସରକାରଙ୍କର ଫଉଜ ରହିଥିଲେ । ଓଡ଼ିଶାର ଛବିଶ ଗଡ଼ଜାତ

Digitized by srujanika@gmail.com

ଭିତରୁ ଗୋଟିଏ ରଣପୁରର ସ୍ଥିତି ସେତେବେଳେ କ'ଣ ଥିଲା, ଆମେ ସେଥିରୁ ମୋଟା-ମୋଟି ସବୁ ଗଡ଼ଜାତ ବିଷୟରେ କିଛି ଅନ୍ଦାଜ କରିପାରିବା । ରଣପୁର ଗଡ଼ଜାତରେ ଲୋକସଂଖ୍ୟା ୪୭ ହଜାର । ପ୍ରଜାମାନଙ୍କ ଉପରେ ୨୭ ପ୍ରକାରର ବେଠି ଜାରି ହୋଇ-ଥିଲା । ବେଠିରେ ଜଣେ ପ୍ରଜାର ବର୍ଷକୁ ପାଞ୍ଚମାସ ଚାଲି ଯାଉଥିଲା । ବିବାହ ହେଲେ ୧୯ ଟଙ୍କା ଟିକସ ଦେବାକୁ ପଡ଼େ, ପାଲିଙ୍କିରେ ବସି ବାହା ହେବାକୁ ଗଲେ ଆହୁରି ପନ୍ଦରଟଙ୍କା । ଲୋକମାନେ ବେଠି କରି ସଡ଼କ ତିଆରି କରନ୍ତି, ମାତ୍ର ସେମାନଙ୍କର ସେହି ସଡ଼କରେ ଚାଲିବାର ଅଧିକାର ନଥାଏ । ବୋଝେଇ ଶଗଡ଼କୁ ଛଅପଇସା ଓ ଖାଲି ଶଗଡ଼କୁ ଦୁଇପଇସା ଝଜଣା ଗଣିବାକୁ ପଡ଼େ । ଭେଟି ବାଧ୍ୟତାମୂଳକ ହୋଇ ରହିଥାଏ । ନିତ୍ୟ ବ୍ୟବହାରର ବସ୍ତୁ ଯଥା ପାନ, ଲୁଣ ଓ କିରୋସିନି ଉପରେ ଅବକାରୀ ଟିକସ ଲାଗୁ ହୋଇଥାଏ । ମରଦଙ୍କର ନିଶ ଉପାଡ଼ିଦେବାଠାରୁ ସ୍ତ୍ରୀମାନଙ୍କ ଇଜ୍ଜତ ନେବା ପର୍ଯ୍ୟନ୍ତ ଯାବତୀୟ ଅତ୍ୟାଚାର ଖାଲି ରଣପୁରରେ ନୁହେଁ, ଅଳ୍ପବହୁତେ ଏକାଧିକ ଗଡ଼ଜାତରେ ଲାଗି ରହିଥାଏ ।

ଓଡ଼ିଶା ଶାସନରେ ସ୍ୱାଧୀନ ଭାରତରେ ଏକଦା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିବା ତଥା ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ରାଜନୀତିର କ୍ଷେତ୍ରରେ ନିକଟରୁ ଦେଖିବାର ବହୁ ଅବସର ଲାଭ କରିଥିବା ଶ୍ରୀଯୁକ୍ତ ନୀଳମଣି ରାଉତରାୟ ନିଜ ଆତ୍ମଜୀବନୀ (ସ୍ମୃତି ଓ ଅନୁଭୂତି, ପୃଷ୍ଠା-୧୧୧)ରେ ଲେଖିଛନ୍ତି : "ଢେଙ୍କାନାଳ ଓ ତାଳଚେର ପ୍ରଭୃତି ଗଡ଼-ଜାତରେ ଯେପରି ଭାବରେ ଦମନଲୀଳା ଚାଲିଥାଏ ଓ ପୋଲିସ ଗୁଳିରେ ଲୋକଙ୍କୁ ହତ୍ୟା କରି ଯାଉଥାଏ, ସେଥିରେ ଶ୍ରୀ ନବକୃଷ୍ଣ ଚୌଧୁରୀ ବିଶେଷ ଭାବରେ ବିବ୍ରତ ଓ ଉତ୍ୟକ୍ତ ହୋଇଥିଲେ । ଏ ଅବସ୍ଥାରେ ଲୋକେ ଯେତେବେଳେ ଗୁଳି ଆଗରେ ଛାତି ପତାଇ ରାଜୁଡ଼ା ଅତ୍ୟାଚାରରୁ ମୁକ୍ତ ହେବା ପାଇଁ ତିଆରି ହୋଇ ଯାଉଛନ୍ତି, ସେତେବେଳେ ବିଧାନସଭା ରାଜନୀତିରେ ଲିପ୍ତ ରହି ସମ୍ମୁଖ ସମରର ଭୂମିକାରୁ ଦୂରରେ ରହିବାକୁ ନବବାବୁଙ୍କର ବିପ୍ଳବୀ ମନ ବରଦାସ୍ତ କରି ପାରିଲାନାହିଁ । ସେ ବିଧାନସଭା ସଭ୍ୟପଦରୁ ଇସ୍ତଫା ଦେଇ ବାହାରିଲେ ପ୍ରଜାମଣ୍ଡଳର ଆନ୍ଦୋଳନକୁ ପ୍ରତ୍ୟକ୍ଷ ସାହାଯ୍ୟ କରି ତ୍ୱରାନ୍ୱିତ କରିବା ପାଇଁ ।

ଏକ ଜାତୀୟ ଅନୁଷ୍ଠାନରୂପେ ଭାରତୀୟ କଂଗ୍ରେସ ଦଳ ଆପଣାର କାର୍ଯ୍ୟକ୍ରମକୁ ଗଡ଼ଜାତ ଭିତରକୁ ପ୍ରସାରିତ କରାଇ ନେବାଲାଗି କୌଣସି ଉତ୍ସାହ ଦେଉନଥିଲା । ୧୯୦୮ ମସିହାରେ କଂଗ୍ରେସର ହରିପୁରା ଅଧିବେଶନରେ ଗଡ଼ଜାତର ପ୍ରଜାମାନେ ଯେପରି କଂଗ୍ରେସ ନାମରେ କୌଣସି ସଙ୍ଗଠନାଦି ନକରନ୍ତି, ସେଥିଲାଗି ବିଧିବଦ୍ଧ ପ୍ରସ୍ତାବ ଗୃହୀତ ହୋଇଥିଲା । ଓଡ଼ିଶାର ଗଡ଼ଜାତ ଆନ୍ଦୋଳନରେ କଂଗ୍ରେସ

Digitized by srujanika@gmail.com

ସୋସିଆଲିଷ୍ଟ ଦଳ ହିଁ ନିଜକୁ ସକ୍ରିୟ ଭାବରେ ସଂପୃକ୍ତ କରିଥିଲା । ଏଥିରେ ଶ୍ରୀ ନବକୃଷ୍ଣ ଚୌଧୁରୀ, ଶ୍ରୀମତୀ ମାଳତୀ ଦେବୀ ଓ ଶ୍ରୀଯୁକ୍ତ ସାରଙ୍ଗଧର ଦାସଙ୍କର ନାମକୁ ହିଁ ସବୁଆଗ ସ୍ମରଣ କରାଯାଇ ପାରିବ । ଶ୍ରୀ ଚୌଧୁରୀ ମୋଗଲବନ୍ଦୀରୁ ଢେଙ୍କାନାଳ ଭିତରକୁ ଯାଇଥିବା ପ୍ରଥମ ସତ୍ୟାଗ୍ରହୀ ଦଳର ନେତୃତ୍ୱ ନେଇଥିଲେ । ତାଙ୍କ ଗଡ଼ଜାତରେ ସବୁ ଠିକ ଅଛି, ପ୍ରଜାମାନେ ସୁଖଶାନ୍ତିରେ ବାସ କରୁଛନ୍ତି ଓ ମୋଗଲବନ୍ଦୀରୁ କେତେକ ବ୍ୟକ୍ତି ଢେଙ୍କାନାଳ ଭିତରକୁ ଯାଇ ଅଶାନ୍ତି ଆଣିବାକୁ ଇଚ୍ଛା କରୁଛନ୍ତି ବୋଲି ପ୍ରମାଣ କରିବାକୁ ଢେଙ୍କାନାଳ ରାଜା କଟକର କେତେକ ଲୋକଙ୍କୁ ହାତ କରି ୧୯୩୮ ମସିହା ପୂର୍ବରୁ ଯେଉଁ ସାଧାରଣସଭା ଆହ୍ୱାନ କରିଥିଲେ, ସେହି ସଭା ଭିତରକୁ ରାଜା ପ୍ରବେଶ କରୁଥିବା ସମୟରେ ଶ୍ରୀ ନବକୃଷ୍ଣ ଚୌଧୁରୀ କେତେଜଣ ବନ୍ଧୁଙ୍କ ସହିତ "ଢେଙ୍କାନାଳ ରାଜା ଅତ୍ୟାଚାରୀ, ତାଙ୍କୁ ଆମେ ଏଠାରେ ସଭା କରାଇ ଦେବୁନାହିଁ" ବୋଲି ଧ୍ୱନି ଦେଇଥିଲେ ଓ ସଭା କରାଇଦେଇ ନଥିଲେ । ଢେଙ୍କାନାଳ ପ୍ରଜା ଆନ୍ଦୋଳନର ଦାବୀପତ୍ରର ଚଠା ସ୍ୱୟଂ ଶ୍ରୀ ଚୌଧୁରୀ କରିଥିଲେ ।

୧୯୩୯ ମସିହା ନଭେମ୍ବର ପାଞ୍ଚ ତାରିଖ ଦିନ ରଣପୁରଠାରେ ତତ୍କାଳୀନ ପଲିଟିକାଲ୍ ଏଜେଣ୍ଟ ମେଜର୍ ବେଜେଲ୍‌ଗେଟ୍‌ଙ୍କର ହତ୍ୟାକାଣ୍ଡ ପରେ ନିଜେ ମେଜର୍ ଯେ ପ୍ରଥମେ ଗୁଳିଚଳାଇ ହତ୍ୟାକାଣ୍ଡ ଘଟାଇଥିଲେ, କଂଗ୍ରେସର ନେତାମାନେ ତାହାର କୌଣସି ନିନ୍ଦା କରିନଥିଲେ । ସେମାନେ ବରଂ ରଣପୁରର ପ୍ରଜାମାନଙ୍କ ଉପରେ ଦୋଷାରୋପ କରି ସେମାନେ କରିଥିବା ହତ୍ୟାର ତୀବ୍ର, ନିନ୍ଦା କରିଥିଲେ । କେବଳ 'କଂଗ୍ରେସ ନୀତି ଓ କାର୍ଯ୍ୟକ୍ରମକୁ ସମର୍ଥନ କରୁଥିବା ଗଡ଼ଜାତ ପ୍ରଜା-ଆନ୍ଦୋଳନକୁ ହିଁ କଂଗ୍ରେସ ସମର୍ଥନ ଦେବ ଓ ସାହାଯ୍ୟ କରିବ, ସହାନୁଭୂତି ଦେଖାଇବ ।' ଓଡ଼ିଶା ଗଡ଼ଜାତ ପ୍ରଜାସମ୍ମିଳନୀର ସମ୍ପାଦକ ଶ୍ରୀ ସାରଙ୍ଗଧର ଦାସ ମଧ୍ୟ ଏହି ହତ୍ୟାଦ୍ୱାରା 'ବର୍ତ୍ତମାନ ଉପୁଜିଥିବା ପରିସ୍ଥିତିରେ ବିଭିନ୍ନ ଗଡ଼ଜାତର ପ୍ରଜା ସକ୍ରିୟ କାର୍ଯ୍ୟକ୍ରମରୁ କ୍ଷାନ୍ତ ହୁଅନ୍ତୁ ଓ ଗଣ-ଆନ୍ଦୋଳନ ବନ୍ଦ କରନ୍ତୁ' ବୋଲି ଏକ ବିବୃତ୍ତି ଦେଇଥିଲେ । ସମ୍ଭବତଃ କେବଳ ନବକୃଷ୍ଣ ଚୌଧୁରୀ ହିଁ ଏହି କ୍ଷେତ୍ରରେ ଏକ ବ୍ୟତିକ୍ରମ ଥିଲେ । ହତ୍ୟାକାଣ୍ଡର ପରଦିନ ସକାଳେ ସେହି ସମ୍ବାଦ ପାଇଲା ବେଳକୁ ସେ ଫ୍‌ଟି ରେଜର୍‌ରେ ନିଜର ଦାଢ଼ି କାଟୁଥିଲେ । ଆପଣାର ପ୍ରତିକ୍ରିୟାକୁ ବ୍ୟକ୍ତ କରି ସେ କହିଥିଲେ, 'ଅନ୍ୟାୟ୍ୟଗୃହୀମଲା । ରଣପୁରବାସୀ ବାହାଦୁର । ମୁଁ ସେଥିପାଇଁ ଆଜି ଖିଅର ହେଉଛି ।'

ସେତେବେଳେ ଗୃହପାଖରେ ଗଡ଼ଜାତ ଭିତରେ ଅନୁଗୁଳ ବ୍ରିଟିଶ୍‌ଶାସିତ ଓଡ଼ିଶାର ଏକ ଦ୍ୱୀପପରି ହୋଇ ରହିଥିଲା । ତାଳଚେର ଏବଂ ଢେଙ୍କାନାଳରୁ ଅତ୍ୟାଚାରିତ

Digitized by srujanika@gmail.com

ପ୍ରଜାକୁଳ ଗଡ଼ଜାତ ଛାଡ଼ି ସେତେବେଳେ ଏକଦା ଏହି ଅନୁଗୁଳ ଅଞ୍ଚଳକୁ ପଳାଇ ଆସିଥିଲେ । ଏହି ପ୍ରତିବାଦୀ ଶିବିରର ତତ୍ତ୍ୱାବଧାନରେ ଶ୍ରୀଯୁକ୍ତ ଚୌଧୁରୀଙ୍କର ଏକ ମୁଖ୍ୟ ଭୂମିକା ରହିଥିଲା । ପୀଡ଼ିତ ପ୍ରଜାମାନଙ୍କ ପିଲାମାନଙ୍କର ଉଚିତ ଯତ୍ନ ନେବା-ଲାଗି ଖାସ୍ ଅନୁଗୁଳର ଅନତିଦୂରରେ ଶିକ୍ଷା ଓ ଲାଳନପାଳନର ଯେଉଁ କେନ୍ଦ୍ରଟିର ପ୍ରତିଷ୍ଠା ହେଲା, ଢେଙ୍କାନାଳର କରୁଣ ଶହୀଦ ବାଜି ରାଉତର ସ୍ମୃତିରେ ତାହାର ନାମକରଣ ହୋଇଥିଲା । ବର୍ତ୍ତମାନ ବାଜିରାଉତ ଛାତ୍ରାବାସ ଦୀର୍ଘ ପାଞ୍ଚ ଦଶକର ଏକ ପ୍ରତିଷ୍ଠିତ ଅନୁଷ୍ଠାନ । କ୍ରମେ ଏଠାକୁ ଅନ୍ୟ ଗଡ଼ଜାତମାନଙ୍କର ରାଜନୀତିକ କର୍ମୀ ପରିବାରର ପିଲାମାନେ ଆସିଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ପିଲାମାନେ ଆସିଥିଲେ । ସବର୍ଣ୍ଣ ଘରର କେତେ ପିଲା ମଧ୍ୟ ରହିଲେ । ସହଜୀବନର ଏକ କେନ୍ଦ୍ରରୂପେ ଓଡ଼ିଶାରେ ଶିକ୍ଷାପ୍ରୟୋଗର ଇତିହାସରେ ଏହି ଛାତ୍ରାବାସର ଏକ ସ୍ୱତନ୍ତ୍ର ଭୂମିକା ରହିଛି । ଶ୍ରୀମତୀ ମାଳତୀ ଦେବୀ ମୂଳରୁ ହିଁ ଏଠାରେ ପିଲା ଓ ବଡ଼ଙ୍କୁ ନେଇ ସ୍ନେହ ତଥା ସହଯୋଗରେ ଗଢି ଉଠିଥିବା ପରିବାରର ମାଆ ବା 'ନୁମା' ହୋଇ ରହିଛନ୍ତି । ଶ୍ରୀଯୁକ୍ତ ନବକୃଷ୍ଣ ମଧ୍ୟ ତାଙ୍କ ରାଜନୀତିର ସବୁଯାକ ଝଞ୍ଜା ବୁଲି-ଆସିବା ପରେ ଶେଷକୁ ଏହି ସ୍ଥାନଟିକୁହିଁ ଫେରି ଆସିଥିଲେ ଓ ଏଠାରେ ତାଙ୍କର ଅନ୍ତିମ ଦିନଗୁଡ଼ିକୁ କଟାଇଥିଲେ ।

୧୯୩୭ର କଂଗ୍ରେସ ମନ୍ତ୍ରୀମଣ୍ଡଳ ସମୟରେ ଜଣେ ବିଧାୟକ ରୂପେ ପ୍ରଧାନତଃ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କର ଚାପ ତଥା ଉଦ୍ୟମରେ ବିଧାନସଭାରେ ଆଇନ୍ ପାସ୍ ହୋଇ ନିଜର ଜମି ଉପରେ ପ୍ରଜାର ଗଛମାଛରେ ଅଧିକାର ରହିଛି ବୋଲି ଘୋଷଣା କରା ଯାଇଥିଲା । ପ୍ରଜା ମହାଜନ ବା ସାହୁକାରଠାରୁ ଟଙ୍କା କରଜ କଲେ ସୁଧର ପରିମାଣ କଦାପି ମୂଳର ଆଠଭାଗରୁ ଭାଗେଠାରୁ ଅଧିକ ହେବନାହିଁ ଏବଂ କୌଣସି କ୍ଷେତ୍ରରେ ମଧ୍ୟ ପ୍ରଜାକୁ ସିଏ କରଜ କରିଥିବା ମୂଳ ପରିମାଣଠାରୁ ମୋଟ ସୁଧ ଅଧିକ ଦେବାକୁ ହେବନାହିଁ ବୋଲି ନିୟମ କରାଗଲା । ଏହିକି ହାସଲ କରିବାପାଇଁ ମଧ୍ୟ ଶ୍ରୀ ଚୌଧୁରୀଙ୍କୁ ସେତେବେଳେ ଆପଣାର ରାଜନୀତିକ ସହଯୋଗୀମାନଙ୍କ ସହିତ କମ୍ ଲଢ଼ିବାକୁ ପଡ଼ିନଥିବ । ଏହି କଥାଟି ଏକାନ୍ତ ସତ୍ୟ ଯେ ଜନଗଣଙ୍କ ମଧ୍ୟରେ ଏକ ଅନୁକୂଳ ହାୱା ସୃଷ୍ଟି ନକଲେ ସିଧା ବିଧାନସଭାକୁ ଯାଇ କଦାପି କୌଣସି ପରି-ବର୍ତ୍ତନ କରିବା ସମ୍ଭବ ହୁଏନାହିଁ । ଶ୍ରୀଯୁକ୍ତ ଚୌଧୁରୀ ଏବଂ ତାଙ୍କ ସାଥୀମାନଙ୍କର କୃଷକ ଆନ୍ଦୋଳନ ହିଁ ସେହି ହାୱାଟିକୁ ତିଆରି କରିଥିଲା । କେଉଁକାଳରୁ ବଦ୍ଧ ହୋଇ ବସି ରହିଥିବା ନାନାବିଧ ଭୟ ଏବଂ ଉଦାସୀନତାକୁ ଭାଙ୍ଗିଦେବାରେ ସେହି ଆନ୍ଦୋଳନ ନିମିତ୍ତ ପରି କାର୍ଯ୍ୟ କରିଥିଲା । ଅନେକ କହନ୍ତି ଯେ ଆଗ ରାଜନୀତିକ ପରିବର୍ତ୍ତନ ହୋଇଯିବା ପରେ ଯାଇ ସାମାଜିକ ପରିବର୍ତ୍ତନର ବେଳ ଆସେ । ମାତ୍ର,

Digitized by srujanika@gmail.com

ଅନେକ ସମୟରେ ସାମାଜିକ କ୍ଷେତ୍ରର ବିପ୍ଳବାତ୍ମକ କାର୍ଯ୍ୟ ଯେ ରାଜନୈତିକ ସଂଗ୍ରାମର ପ୍ରକ୍ରିୟାକୁ ମଧ୍ୟ ବଳଯୁକ୍ତ ଏବଂ ତ୍ୱରାନ୍ୱିତ କରିଥାଏ, ଓଡ଼ିଶାରେ ତତ୍କାଳୀନ ସୋସିଆଲିଷ୍ଟମାନଙ୍କର ଉଦ୍ୟମ ଏବଂ କାର୍ଯ୍ୟ ସେହି କଥାଟିକୁ ସ୍ପଷ୍ଟଭାବରେ ପ୍ରତିପାଦିତ କରିଛି ।

ଓଡ଼ିଶାରେ ରାଜାର ଭୟ ଓ ଜମିଦାରର ଭୟକୁ ଭାଙ୍ଗି ଦେବାରେ ସୋସିଆଲିଷ୍ଟ ଗୋଷ୍ଠୀର କର୍ମୀମାନେ ଯେତେବେଳେ ଯେପରି କାର୍ଯ୍ୟ କରିଥିଲେ ତାହା ଭାରତବର୍ଷରେ ସ୍ୱାଧୀନତା ଲାଭର ଦୀର୍ଘ ଏତେ ଦଶକ ପରେ ମଧ୍ୟ ଏକ ପ୍ରେରଣା-ଦାୟକ ନଜିର ହୋଇ ରହିଛି । ତତ୍କାଳୀନ ଜଣେ ଉତ୍ସାହୀ କର୍ମୀ ଶ୍ରୀଯୁକ୍ତ ଲୋକନାଥ ରାୟଙ୍କର ପ୍ରଦତ୍ତ ବିବରଣୀରୁ ଆମକୁ ତାହାର ଏକ ପରିଚୟ ମିଳିଯିବ । ଲୋକ-ସଙ୍ଗଠନର ପଦ୍ଧତିଗୁଡ଼ିକ ସମ୍ବନ୍ଧରେ ତାଲିମ ଦେବାକୁ ଯେତେବେଳେ କଂଗ୍ରେସ ସୋସିଆଲିଷ୍ଟ ଗୋଷ୍ଠୀ ତରଫରୁ ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ-ଶିବିରମାନ ଅନୁଷ୍ଠିତ ହେଉଥିଲା । ଆଗକୁ ଖୁବ୍ ଶୀଘ୍ର ଯେ ଆଉ ଗୋଟିଏ ସଂଗ୍ରାମ ଆସୁଛି, ସେହିଲକ୍ଷ୍ୟରେ ସତ୍ୟାଗ୍ରହୀମାନଙ୍କୁ ପ୍ରସ୍ତୁତ କରି ଯାଉଥିଲା । ଶ୍ରୀ ଲୋକନାଥ ରାୟ ଜଗତ୍‌ସିଂହପୁର ନିକଟସ୍ଥ କଣ୍ଡିଲୋ ଗ୍ରାମରେ ସେହିଭଳି ଗୋଟିଏ ଶିବିରର ଦାୟିତ୍ୱରେ ରହିଥାନ୍ତି । ସେହି ଗ୍ରାମରେ ଭିଙ୍ଗାରପୁରର ଜମିଦାର ଶ୍ରୀଯୁକ୍ତ ଶିବଲାଲ ଚୌଧୁରୀଙ୍କର ଗୋଟିଏ ଖମାର ଥାଏ । ଖମାର ଅଧୀନରେ ଆଖପାଖ ଅନେକଗୁଡ଼ିଏ ମୌଜାରେ ଖଜଣା ଆଦାୟର କାର୍ଯ୍ୟ ନ୍ୟସ୍ତ ହୋଇ ରହିଥାଏ । ଦିନେ ଖମାରର ସାମନା ଦାଣ୍ଡବାଟେ ଶ୍ରୀ ରାୟ ଗାଧୋଇବାକୁ ଯାଉଥିବା ସମୟରେ ଖମାରର ଜଣେ କର୍ମଚାରୀ ତାଙ୍କୁ ଡାକି କହିଲେ ଯେ, ଚୌଧୁରୀଙ୍କର ଦାଣ୍ଡରେ କୌଣସି ବ୍ୟକ୍ତି ଗୋଡ଼ରେ ଚପଲ ପିନ୍ଧି ଯିବାର ଅନୁମତି ନାହିଁ । ତେଣୁ ତାଙ୍କୁ (ଶ୍ରୀ ରାୟଙ୍କୁ) ହାତରେ ଚପଲ ଦୁଇଟିକୁ ଧରି ଯିବାକୁ ପଡ଼ିବ । ଶ୍ରୀ ରାୟ ତାଙ୍କର ସେହି କୁହା ମାନିଲେ ନାହିଁ ଓ ତେଣୁ କର୍ମଚାରୀଙ୍କଠାରୁ ଅଭଦ୍ର ଗାଳି ଶୁଣିଲେ; କର୍ମଚାରୀ ତାଙ୍କୁ ମାଡ଼ୁଆ ବୋଲି କହିଲେ ।

ସୋସିଆଲିଷ୍ଟ ଶ୍ରୀ ରାୟ ସେହି ଗାଳିର ପ୍ରତିବାଦ କରି ରାତି ନଅଟା ପର୍ଯ୍ୟନ୍ତ ସେହି ଦାଣ୍ଡରେ ଭୂଇଁ ଉପରେ ବସି ରହିଲେ ଏବଂ ଏପରି ଗାଳି ଦେଇଥିବା ବ୍ୟକ୍ତି ତାଙ୍କୁ ଆସି କ୍ଷମା ମାଗୁ ବୋଲି ଦାବୀ କଲେ । ଏହାଫଳରେ ସ୍ୱୟଂ ଚୌଧୁରୀ ଆସି ତାଙ୍କୁ ଭର୍ତ୍ସନା କରିଥିଲେ; ମାତ୍ର ତଥାପି ସେହି ବ୍ୟକ୍ତିଙ୍କୁ ଆଣି ତାଙ୍କ ଗୋଡ଼ତଳେ ପକାଇଲେ ଏବଂ ଭୁଲ୍ ମଗାଇଲେ । ଏହାପରେ ଶ୍ରୀ ରାୟ ଶିବିରକୁ ଫେରିଯାଇ ଶିବିରର ଅନ୍ତେବାସୀ ତଥା ଗ୍ରାମର କେତେଜଣ ମୁଖ୍ୟ ବ୍ୟକ୍ତିଙ୍କୁ ସେକଥା ଜଣାଇ-ଥିଲେ । ଶିବିରରେ ସମସ୍ତେ ମିଶି ଏହାର ଏକ ପ୍ରତିକାର ବାହାର କରି ବସିଲେ ।

Digitized by srujanika@gmail.com

ଗ୍ରାମବାସୀ ଏବଂ ପ୍ରଜାମାନେ କହିଲେ ଯେ, ଖମାର ସାମନା ରାସ୍ତାରେ କୌଣସି ଲୋକଙ୍କୁ ଜୋତା ମାଡ଼ି, ସାଇକେଲ ଚଢ଼ି କିମ୍ବା ସବାରି ପାଲିଙ୍କି ପ୍ରଭୃତିରେ ବସି ଯିବାଆସିବା ଅନୁମତି ଦିଆଯାଏ ନାହିଁ । ଏହି ବ୍ୟବସ୍ଥାର ବିରୋଧ କରି ବିଭିନ୍ନ ସମୟରେ ବହୁ ବ୍ୟକ୍ତି ମାଡ଼ ଖାଇଛନ୍ତି ଓ ଜୋରିମାନା ମଧ୍ୟ ଦେଇଛନ୍ତି ।

ସମ୍ବାଦଟି କ୍ରମେ ଅନ୍ୟାନ୍ୟ ଗ୍ରାମରେ ମଧ୍ୟ ପ୍ରଚାରିତ ହୋଇଗଲା ଓ ସମସ୍ତେ ତାହାର ଏକ ପ୍ରତିକାର ଲାଗି ଉପାୟ ପାଞ୍ଚିଲେ । ସେହି ରାସ୍ତାରେ ବିଭିନ୍ନ ଗ୍ରାମରୁ ଏକାବେଳେକେ ଶହ ଶହ ବ୍ୟକ୍ତି ଛତା ଧରି, ଜୋତା ପିନ୍ଧି ଓ ସାଇକେଲରେ ବସି ପଟୁଆର କରି ଯିବେ ଏବଂ ସେହି ଅପମାନଜନକ ପରମ୍ପରାକୁ ଅମାନ୍ୟ କରିବେ ବୋଲି ସ୍ଥିର ହେଲା ଓ ସେଥିପାଇଁ ସ୍ୱେଚ୍ଛାସେବକମାନେ ବାହାରିଲେ । ସେତେବେଳେ ଏପରି ପ୍ରଚଳନ ଥିଲା ଯେ, କେଉଟ ସକାଳୁ ମାଛ ନେଇ ଖମାରକୁ ଯାଉଥିଲା, ଗଉଡ଼ କ୍ଷୀର ଓ ଘିଅ ନେଇ ପହଞ୍ଚାଇ ଦେଉଥିଲା; ଭଣ୍ଡାରି ଏବଂ ବ୍ରାହ୍ମଣ ମଧ୍ୟ ବେଠି କରୁଥିଲେ । ରାତିରେ ସଭା ହୋଇ ଏହି ସବୁକିଛି ବନ୍ଦ ରଖିବା ନିମନ୍ତେ ନିଷ୍ପତ୍ତି ହେଲା ଓ ପର ଦିନଠାରୁ ତାହା କାର୍ଯ୍ୟକାରୀ କରାଗଲା । ସକାଳେ ପୂର୍ବକଳ୍ପିତ ଅନୁସାରେ କଂଗ୍ରେସ ପତାକା ସହିତ ପଟୁଆର ବାହାରିଲା । ସେମାନେ ଛତା ଓ ସାଇକେଲ ଧରି, ଜୋତା ମାଡ଼ି ବିଭିନ୍ନ ଧ୍ୱନି ଦେଇ ଖମାର ଦାଣ୍ଡ ଦେଇ ପୋଖରୀକୁ ଗାଧୋଇବାକୁ ଗଲେ । ବେଠି ଓ ଭେଟିର ପଦାର୍ଥମାନ ନ ଆସିବାରୁ ସେଦିନ ଖମାରରେ ଚୂଲୀ ଜଳି ପାରିଲି ନାହିଁ ଓ ଖାଇବା ବନ୍ଦ ହୋଇଗଲା ।

ଉପରବେଳା ଗୃରଟା ସମୟରେ ସଦର ଖମାରର ତହସିଲଦାର ଆସି ସେଠାରେ ଆସି ପହଞ୍ଚିଲେ ଏବଂ ବିଗତ ଦିନର ଘଟଣା ସକାଶେ ଭୁଲ ମାଗିଲେ । ଆଗରୁ ରହି ଆସିଥିବା ସବୁ କଟକଣା ଉଠାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ । ପ୍ରଶିକ୍ଷଣ-ଶିବିର ଲାଗି କିଛି ଡାଲି, ଚାଉଳ ଓ ପରିବା ମଧ୍ୟ ପଠାଇ ଦିଆଗଲା । ସତ୍ୟାଗ୍ରହର ଯାବତୀୟ ଶୃଙ୍ଖଳାକୁ ରକ୍ଷା କରି ଏହି ପ୍ରତିବାଦର ସକଳ କାର୍ଯ୍ୟକ୍ରମର ପରିଚାଳନା କରା ଯାଇଥିଲା । ତଥାପି କଂଗ୍ରେସର ନରମପନ୍ଥୀ ଓ ରକ୍ଷଣଶୀଳ ଉଚ୍ଚ-କର୍ତ୍ତାମାନେ କାଳେ ଏହି ଘଟଣାଟିକୁ ଶୃଙ୍ଖଳାଭଙ୍ଗ ବୋଲି ଭାବି ଦୋଷାରୋପ କରିବେ, ଶ୍ରୀ ରାଉ ସେଥିଲାଗି କିଞ୍ଚିତ୍ ସଶଙ୍କ ହୋଇ ପଡ଼ିଥିଲେ । ଜଣେ ସୋସିଆଲିଷ୍ଟ ହିସାବରେ ଉପରେ ଥିବା ବହୁ ନେତୃସ୍ଥାନୀୟ ବ୍ୟକ୍ତିଙ୍କର ଚକ୍ଷୁଃଶୂଳ ହେବା ସେତେ-ବେଳେ ଆଦୌ ଅସ୍ୱାଭାବିକ ନଥିଲା । ଜିଲ୍ଲା ଓ ପ୍ରାଦେଶିକ କଂଗ୍ରେସ କମିଟି ପାଖରେ ସେହି ଘଟଣାର ବିବରଣୀ ଯାଇ ପହଞ୍ଚିବା ପୂର୍ବରୁ ଶ୍ରୀଯୁକ୍ତ ରାଉ ସବୁ ବିଷୟ ଲେଖି ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଚିଠି ଦ୍ୱାରା ଜଣାଇ ଦେଇଥିଲେ ଓ ଉପର ମହଲର

Digitized by srujanika@gmail.com

ପ୍ରତିକ୍ରିୟା ଜାଣିବାକୁ ଅପେକ୍ଷା କରୁଥିଲେ । ମାତ୍ର ପ୍ରାଦେଶିକ କଂଗ୍ରେସ କମିଟିର ତତ୍କାଳୀନ ସଭାପତି ଶ୍ରୀମତୀ ମାଳତୀ ଚୌଧୁରୀ ଦୈନିକ ସମ୍ବାଦପତ୍ରରେ ଏହି ଘଟଣାକୁ 'ସତ୍ୟାଗ୍ରହର ବିଜୟ' ବୋଲି ବର୍ଣ୍ଣନା କରି ଗୋଟିଏ ବିବୃତ୍ତି ଦେଇଥିଲେ । ଶ୍ରୀଯୁକ୍ତ ଚୌଧୁରୀଙ୍କ ଠାରୁ ମଧ୍ୟ ଏକ ସମର୍ଥନସୂଚକ ଚିଠି ଆସି ପହଞ୍ଚିଥିଲା ।

ପ୍ରକୃତରେ ଏତେ କାର୍ଯ୍ୟ କରିଥିବା କଂଗ୍ରେସ ସୋସିଆଲିଷ୍ଟ ପାର୍ଟି କ୍ରମେ ବିଭାଜିତ ହୋଇଗଲା । ପାର୍ଟି ଭିତରେ କ୍ରମେ ସୋସିଆଲିଷ୍ଟ ଓ କମ୍ୟୁନିଷ୍ଟ ବୋଲି ଯେ ଦୁଇଟି ପୃଥକ୍ ଉପଶିବିର ଜନ୍ମଲାଭ କରୁଛି, ସେହି ବିଷୟରେ ସେମାନେ ଉଭୟେ ସୂଚନା ପାଇଥିଲେ । ପାର୍ଥକ୍ୟଗୁଡ଼ିକ କ୍ରମେ ଅଧିକ ସ୍ପଷ୍ଟ ଏବଂ ସରବ ହେବାକୁ ଲାଗିଲା । ଏପରିକି, ପାର୍ଟିର ମୁଖପତ୍ର ରୂପେ 'କୃଷକ' ଆତ୍ମପ୍ରକାଶ କରିବା ସମୟରେ ତାହାର ନାମ 'କୃଷକ' ରଖାଯିବ ଅଥବା 'ମଜଦୁର' ରଖାଯିବ, ଏହି କଥାକୁ ନେଇ ମଧ୍ୟ କିଛିଟା ବିବାଦ ହୋଇଥିଲା । ଯେତେଦୂର ମନେହୁଏ, ଏହି ବିଭାଜନର କାରଣ ସ୍ଥାନୀୟ ଓଡ଼ିଶାରେ ନଥିଲା, ତାହା ସର୍ବଭାରତୀୟ ସ୍ତରରେ ରହିଥିଲା । ୧୯୩୦ ଓ ୧୯୩୨ର ଅସହଯୋଗ ଆନ୍ଦୋଳନରେ ପାର୍ଟିର କମ୍ୟୁନିଷ୍ଟ ବିଚାରପ୍ରଧାନ ସଭ୍ୟମାନେ ସକ୍ରିୟ ଭାବରେ କୌଣସି ଅଂଶ ଗ୍ରହଣ କରିନଥିଲେ । ସେମାନେ ସୋଭିଏତ ରୁଷିଆର କମ୍ୟୁନିଷ୍ଟ ପାର୍ଟି ଓ କମ୍ୟୁନିଷ୍ଟ ସରକାରର କଥା ମାନି ସବୁକିଛି କରୁଥିଲେ ବୋଲି ସୋସିଆଲିଷ୍ଟମାନେ ସେମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଲେ । ସୋସିଆଲିଷ୍ଟମାନେ କ୍ରମେ ଡାହାଣ ପାଖକୁ ଅଧିକରୁ ଅଧିକ ଢଳି ପଡ଼ୁଛନ୍ତି ଓ ରକ୍ଷଣଶୀଳ ହୋଇ ଯାଉଛନ୍ତି ବୋଲି ତେଣୁ କମ୍ୟୁନିଷ୍ଟମାନେ ଅପବାଦ ଲଗାଇଲେ । ୧୯୩୯ ମସିହା ବେଳକୁ ପାର୍ଟିର ଶ୍ରୀ ଭଗବତୀ ଚରଣ ପାଣିଗ୍ରାହୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଉଚ୍ଚ ଦପ୍ତରକୁ ଯେଉଁ ଗୁପ୍ତ ରିପୋର୍ଟ ଦେଇଥିଲେ, ତାର ପ୍ରତିକ୍ରିୟାରେ ସୋସିଆଲିଷ୍ଟ ପକ୍ଷର ଶ୍ରୀଯୁକ୍ତ ମିନୁ ମସାନୀ, 'କଂଗ୍ରେସ ସୋସିଆଲିଷ୍ଟ ପାର୍ଟି ବିରୋଧରେ କମ୍ୟୁନିଷ୍ଟ ଷଡ଼ଯନ୍ତ୍ର' ବୋଲି ଏକ ବିଜ୍ଞପ୍ତି ପ୍ରକାଶ କଲେ । ସେଥିରେ ଓଡ଼ିଶାରେ ଚାଳିଶି ଜଣ କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ସଦସ୍ୟଙ୍କ ମଧ୍ୟରୁ ମାତ୍ର ଛଅଜଣ ସୋସିଆଲିଷ୍ଟ ଅଛନ୍ତି ଓ ବାକୀ ସମସ୍ତେ କମ୍ୟୁନିଷ୍ଟ ହୋଇ ସାରଲେଣି ବୋଲି ପ୍ରକାଶ କରି ଯାଇଥିଲା । ତାପରେ ଅଖିଳ ଭାରତୀୟ ପାର୍ଟିର ସମ୍ପାଦକ ଶ୍ରୀ ଜୟପ୍ରକାଶ ନାରାୟଣ କଟକ ଆସି ଏକ ବୈଠକରେ ଓଡ଼ିଶାର ପୁରୁଣା ପାର୍ଟିକୁ ଭାଙ୍ଗିଦେଲେ ଏବଂ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କୁ ଏକ ନୂଆ କଂଗ୍ରେସ ସୋସିଆଲିଷ୍ଟ ପାର୍ଟି ଗଠନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ । ସେହି ଦିନଠାରୁ ଓଡ଼ିଶାରେ ଅଲଗା ହୋଇ ଗୋଟିଏ କମ୍ୟୁନିଷ୍ଟ ପାର୍ଟି ରହିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଲାଗିଲା । ଭାରତୀୟ ଜାତୀୟ କଂଗ୍ରେସର ନିର୍ଦ୍ଦେଶ ଅନୁସାରେ ଦେଶର ଯେଉଁସବୁ ପ୍ରଦେଶରେ କଂଗ୍ରେସ ତରଫରୁ ମନ୍ତ୍ରୀମଣ୍ଡଳ ଗଠିତ ହୋଇ-

Digitized by srujanika@gmail.com

ଥିଲା, ସେମାନଙ୍କ ପ୍ରଦେଶରେ ମନ୍ତ୍ରୀମାନେ ଇସ୍ତଫା ଦେଲେ । ଓଡ଼ିଶାର କଂଗ୍ରେସ ମନ୍ତ୍ରୀମଣ୍ଡଳ ମଧ୍ୟ ତାହାହିଁ କରିଥିଲା । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ମନ ସେତେବେଳେ ବିଧାନସଭା ସଦସ୍ୟ ଭାବରେ ରାଜନୀତିରୁ ଯାଇ ଗଡ଼ଜାତ ଆନ୍ଦୋଳନରେ ଅଭିନିବେଶିତ ହୋଇ ରହିଥିଲା । ଦେଶ ଯେ ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ଗୋଟିଏ ଆନ୍ଦୋଳନ ମଧ୍ୟରେ ପ୍ରବେଶ କରିବାକୁ ଯାଉଛି, ଦେଶସାରା ସେହିପରି ଏକ ହାଓ୍ୱା ଘନୀଭୂତ ହେବାରେ ଲାଗିଥିଲା । କଂଗ୍ରେସର ନେତୃତ୍ୱ ମଧ୍ୟ ସେହି ଆନ୍ଦୋଳନ ଲାଗି ପ୍ରସ୍ତୁତ ହେଉଥିଲା । ହୁଏତ ଅଧିକ ନିର୍ଭୁଲ ଭାବରେ ଏପରି କୁହାଯାଇ ପାରିବ ଯେ, ମହାତ୍ମାଗାନ୍ଧୀ ସମଗ୍ର ଦେଶକୁ ଏବଂ କଂଗ୍ରେସ ଅନୁଷ୍ଠାନକୁ ସେହି ଆନ୍ଦୋଳନ ନିମନ୍ତେ ପ୍ରସ୍ତୁତ କରି ଆସୁଥିଲେ । କଂଗ୍ରେସ ସେତେବେଳେ ମଧ୍ୟ ବିବିଧ ମତ ଓ ଚିନ୍ତନର ଅନେକ ସଦସ୍ୟଗୋଷ୍ଠୀଙ୍କର ଗୋଟିଏ ବାରଭାଇ ଆଖଡ଼ା ହୋଇ ରହିଥିଲା, କେତେବେଳେ ଗାନ୍ଧୀଙ୍କୁ ଛାଡ଼ୁଥିଲା, ପୁଣି କେତେବେଳେ ଅନ୍ଧ ମଣିଷଟିଏ ତା'ର ବାଡ଼ିଟିକୁ ଖୋଜିବାପରି ଅଣ୍ଡାଳି ଅଣ୍ଡାଳି ଗାନ୍ଧୀଜୀଙ୍କ ପାଖକୁ ଫେରି ଯାଉଥିଲା ।

ସେତେବେଳର ରାଜନୀତି ଉପରେ ଦୃଷ୍ଟିପାତ କଲେ ମନେହେବ, ଯେତେ ଯେପରି କଂଗ୍ରେସ ଭିତରେ ରହିଥିବା ସୋସିଆଲିଷ୍ଟମାନେ ହିଁ ଏକ ଆନ୍ଦୋଳନ ଲାଗି ପ୍ରସ୍ତୁତ ହେବାର ସେହି ବ୍ୟାପାରଟିରେ ଗାନ୍ଧୀଜୀଙ୍କର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଥିଲେ । କଂଗ୍ରେସର ବଡ଼ ଓ ପ୍ରବୀଣମାନେ ଇଂରେଜମାନଙ୍କ ସହିତ କଥାବାର୍ତ୍ତା କରୁଥିଲେ, ପୁଣି ଏଣେ ମୁସଲମାନଲିଗର ଅଳଟିଆ ନେତାମାନଙ୍କ ସହିତ ମଧ୍ୟ କଥା ହେଉଥିଲେ । ଇଂରେଜମାନଙ୍କର ମଧ୍ୟସ୍ଥତାରେ ସ୍ୱାଧୀନ ଭାରତକୁ ଭୋଗିବାର ନାନା କଳ୍ପନାଜଳ୍ପନାରେ ଅଂଶଗ୍ରହଣ କରୁଥିଲେ । ଇଂରେଜ ସରକାରଙ୍କ ସହିତ କଥା ଛିଣ୍ଡି ନପାରିବାରୁ ମହାତ୍ମା ଗାନ୍ଧୀ ସମଗ୍ର ଦେଶରେ ଯୁଦ୍ଧବିରୋଧୀ ଏକ ନୈତିକ ହାୱା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବ୍ୟକ୍ତିଗତ ସତ୍ୟାଗ୍ରହର କାର୍ଯ୍ୟକ୍ରମ ଆରମ୍ଭ କଲେ । ଏହି ସତ୍ୟାଗ୍ରହ ପ୍ରଧାନତଃ ପ୍ରତୀକାତ୍ମକ ଥିଲା, ପରବର୍ତ୍ତୀ ଏକ ଅନ୍ୟ ବୃହତ୍ତର ଆନ୍ଦୋଳନର ପୂର୍ବପର୍ଯ୍ୟାୟ ହିଁ ଥିଲା । ଅସଲ ଆନ୍ଦୋଳନଟି ଲାଗି ସତେଅବା ମାଟି ସାଗ କରୁଥିଲା । ତେଣୁ ପ୍ରଥମ ଅବସ୍ଥାରେ ତାହା ଦେଶବାସୀଙ୍କ ଚିତ୍ତରେ ଯେତେ କୌତୁହଳ ବା ଉତ୍ସାହ ସୃଷ୍ଟି କରିଥିଲେ ମଧ୍ୟ କୌଣସି ତରଙ୍ଗ ପ୍ରଥମେ ଜଳଉପରେ କିଛି ସମୟ ଲାଗି ଏକ ଉଦ୍‌ବେଳନ ସୃଷ୍ଟି କରି ଆପଣାଛାଏଁ ସେହି ପାଣିରେ ମିଳାଇ ଗଲାପରି କାଳକ୍ରମେ ମିଳାଇ ଯାଇଥିଲା । ସମସ୍ତେ ଅସଲ ନିଷ୍ପତ୍ତିଟି ଲାଗି ଅପେକ୍ଷା କରି ରହିଥିଲେ। ସେମାନେ କଂଗ୍ରେସର ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କର ନିଷ୍ପତ୍ତିକୁ ଅପେକ୍ଷା କରି ରହିଥିଲେ ।

Digitized by srujanika@gmail.com

ବମ୍ବେର କଂଗ୍ରେସ ଅଧିବେଶନରେ 'ଭାରତ ଛାଡ଼ବା' ଲାଗି ଇଂରେଜ ସରକାରଙ୍କୁ ଏକ ଚରମପତ୍ର ଦିଆଯାଇ ଯେଉଁ ପ୍ରସ୍ତାବଟି ଗୃହୀତ ହୋଇଥିଲା, ତାହାହିଁ ଏକ ବୃହତ୍ତର ଆନ୍ଦୋଳନର ବାହକ ହୋଇ ଆସିଲା । ସେତେବେଳକୁ ଜାପାନର ଯୁଦ୍ଧଶକ୍ତି ଇଂରେଜ ମାନଙ୍କୁ ଧୂମ୍ରଗ୍ର ଦକ୍ଷିଣପୂର୍ବ ଏସିଆରୁ ହଟାଇ ହଟାଇ ବ୍ରହ୍ମଦେଶକୁ ଗିଳି ଭାରତର ସୀମାରେ ଆସି ପହଞ୍ଚିଲାଣି । ଚଟ୍ଟଗ୍ରାମ ଏବଂ କଲିକତା ଉପରେ ଜାପାନୀ ଉଡ଼ାଜାହାଜରୁ ବୋମାମାଡ଼ ହେଲାଣି । ପ୍ରଧାନତଃ ପଛଦୁଆରା ଦେଇ କ୍ରମେ ପଶ୍ଚିମ ଆଡ଼କୁ ହଟି ହଟି ଯିବାଲାଗି ଇଂରେଜପକ୍ଷ ବନ୍ଦୋବସ୍ତ ଆରମ୍ଭ କରିଦେଲାଣି । ଓଡ଼ିଶାର ଉପକୂଳରେ ମଧ୍ୟ ମିତ୍ରପକ୍ଷର ଜାହାଜକୁ ବୁଡ଼ାଇ ଦିଆଯିବାରୁ ଆହତ ସୈନିକମାନେ କଟକକୁ ବୁହାହୋଇ ଆସିଲେ । ଯେଉଁପରି ଏକ ଅଭୂତପୂର୍ବ, ଅନିଶ୍ଚିତ ଅଥଚ ଭବିଷ୍ୟାକାଂକ୍ଷୀ ମୁହୂର୍ତ୍ତରେ ଭାରତବର୍ଷର ସେହି ଅଗଷ୍ଟ ଆନ୍ଦୋଳନ ଆରମ୍ଭ ହେଲା ; ଏବଂ ତାହା ରାଜନୀତିକ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା । ମାତ୍ର, ବିପ୍ଳବଟି ଆରମ୍ଭ ହେବା ପୂର୍ବରୁ ସେହି ବମ୍ବେଠାରୁ ହିଁ ଇଂରେଜ ସରକାର ସବାବଡ଼ ନେତାମାନଙ୍କୁ ଗିରଫ କରିନେଲେ ଓ ସେମାନଙ୍କୁ ଅଜ୍ଞାତ ସ୍ଥାନମାନଙ୍କରେ ଅଟକ କରି ରଖିଲେ ।

ଶ୍ରୀ ନବକୃଷ୍ଣ ଚୌଧୁରୀ ସେତେବେଳେ କେବଳ ଜାତୀୟ କଂଗ୍ରେସର ଓଡ଼ିଶାର ଜଣେ ନେତା ନଥିଲେ ସେ କଂଗ୍ରେସ ଭିତରେ ରହିଥିବା ସୋସିଆଲିଷ୍ଟ ଆଭିମୁଖ୍ୟର ସହଯୋଗୀ ଥିଲେ । ଓଡ଼ିଶାରେ ସେହି ଶିବିରଟି ତାଙ୍କୁ ଠିକ୍ ନେତାରୂପେ ସ୍ୱୀକାର ମଧ୍ୟ କରୁଥିଲେ । ଏବଂ, ଭାରତସାରା ଅଗଷ୍ଟ ବିପ୍ଳବ ସମୟରେ ଦେଶରେ ସକ୍ରିୟ ଭାବରେ ଯାହାକିଛି ଗଣ ଆଧାରିତ ଆନ୍ଦୋଳନ ଘଟିଥିଲା, ପ୍ରାୟ ପ୍ରତ୍ୟେକ ସ୍ଥାନରେ ସୋସିଆଲିଷ୍ଟ ମାନେ ହିଁ ସେଗୁଡିକରେ ନେତୃତ୍ୱ ନେଇଥିଲେ ଏବଂ କର୍ମୀରୂପେ କାର୍ଯ୍ୟ କରିଥିଲେ । ଓଡ଼ିଶାପ୍ରଦେଶରେ ମଧ୍ୟ ତାହାହିଁ ହୋଇଥିଲା । ମାତ୍ର ଶ୍ରୀଯୁକ୍ତ ଚୌଧୁରୀ ଏଥିରେ କୌଣସି ଭାଗ ନେଇ ନଥିଲେ । ବିପ୍ଳବାତ୍ମକ କାର୍ଯ୍ୟକ୍ରମର କୌଣସି ସୂତ୍ରପାତ ହେବା ପୂର୍ବରୁ ସେ ଓଡ଼ିଶାରେ ପୋଲିସ୍‌ଦ୍ୱାରା ଧରାହୋଇ ଯାଇଥିଲେ ଏବଂ ଜଣେ ଅଟକବନ୍ଦୀ ହିସାବରେ ଜେଲଖାନାରେ ଦିନବର୍ଷ କଟାଇଥିଲେ । ବ୍ରହ୍ମପୁର ଜେଲରେ ଗୋଟିଏ ସେଲ୍‌ରେ ରହିଥିବା ସମୟରେ ତାଙ୍କ ଆରପଟ ସେଲ୍‌ରେ କୋରାପୁଟର ଲକ୍ଷ୍ମଣ ନାୟକଙ୍କୁ ମଧ୍ୟ ରଖା ଯାଇଥିଲା । ୧୯୪୩ ମସିହା ଅଗଷ୍ଟ ୨୭ ତାରିଖ ସକାଳେ ତାଙ୍କୁ ଫାଶୀ ଦିଆ ଯାଇଥିଲା । ସେଠାରେ ସେତେବେଳେ ବନ୍ଦୀ ହୋଇଥିବା ଅନ୍ୟମାନଙ୍କର ସ୍ମୃତିଚାରଣାରୁ ଜାଣିବାକୁ ମିଳେ ଯେ, ସେଦିନ ବ୍ରାହ୍ମମୁହୂର୍ତ୍ତରୁ ଉଠି ଲକ୍ଷ୍ମଣ ନାୟକ ପ୍ରାର୍ଥନା ସାରିଲେ । ତାପରେ ତାଙ୍କୁ ଗାଧୋଇ ଦିଆଗଲା । ପ୍ରତ୍ୟୁଷ ସମୟରେ ଯେତେବେଳେ ତାଙ୍କୁ ଫାଶୀଘରକୁ ନିଆଗଲା, ସେତେବେଳେ ସେ 'ଭାରତମାତା କୀ ଜୟ'

Digitized by srujanika@gmail.com

ବୋଲି ଧ୍ୱନି ଦେଉଥିଲେ । ଏପଟେ ଜେଲ ଭିତରେ ଥାଇ ଶ୍ରୀଯୁକ୍ତ ଗୋଖଲେଙ୍କ ତାର ଜବାବ ଦେଉଥିଲେ ଓ ଜେଲରେ ଥିବା ଅନ୍ୟ ସାଥୀମାନଙ୍କୁ ସଚେତନ କରି ଦେଉ-ଥିଲେ ।

୧୯୪୫ ଆଡ଼କୁ ଅଗଷ୍ଟ ବିପ୍ଳବ ସମୟର ରାଜନୈତିକ ବନ୍ଦୀମାନେ ଜେଲରୁ ଖଲାସ ହେଲେ । ମହାତ୍ମା ଗାନ୍ଧୀ ଓ କଂଗ୍ରେସର ଅନ୍ୟ ତୁଙ୍ଗ ନେତାମାନଙ୍କ ସହିତ ଇଂରେଜ ସରକାର କ୍ଷମତାର ହସ୍ତାନ୍ତର ନିମନ୍ତେ କଥାବାର୍ତ୍ତା ଆରମ୍ଭ କରିଦେଲେ । ସେତେବେଳକୁ ବିଶ୍ୱଯୁଦ୍ଧ ମଧ୍ୟ ସରି ଆସୁଥାଏ । ଜର୍ମାନୀ ଓ ଜାପାନ ହାରି ସାରିଥାନ୍ତି । ପ୍ରଧାନତଃ ରୁଷିଆ ଓ ଆମେରିକାର ଚାପରେ ଇଂରେଜ ସରକାର ଭାରତବର୍ଷରେ କ୍ଷମତା ହସ୍ତାନ୍ତରର କଥା ପକାଇଲେ । କଥାବାର୍ତ୍ତା କରିବାଲାଗି ଦଳପରେ ଦଳ ଭଲଲୋକ ଇଂଲଣ୍ଡରୁ ଆସିଲେ ଏବଂ ନେତାମାନଙ୍କ ସହିତ କଥାବାର୍ତ୍ତା କଲେ । ସତେଅବା ଇଂରେଜ ସରକାରଙ୍କର କଥା ହିଁ ରହିଲା । କଂଗ୍ରେସ ଯାହା କେବେ-ହେଲେ ଆଶା କରିନଥିଲା, ଭାରତ-ବିଭାଜନର ସେହି ସିଦ୍ଧାନ୍ତକୁ ଭିତ୍ତି କରି ବୁଝାମଣା ଏବଂ ଫଇସାଲା ହେଲା । ମହାତ୍ମା ଗାନ୍ଧୀ ଏଥିରେ ସମ୍ମତ ନଥିଲେ । ତାଙ୍କ ପକ୍ଷରେ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶର ଖାଁ ଅବଦୁଲ ଗଫର୍ ଖାଁ ଥିଲେ ଏବଂ ସୋସିଆଲିଷ୍ଟ ମାନେ ଥିଲେ । ସୋସିଆଲିଷ୍ଟମାନେ ଯେ ପ୍ରାୟ ସମସ୍ତେ ଦେଶବିଭାଜନର ବିପକ୍ଷରେ ଥିଲେ, ଭାରତବର୍ଷର ରାଜନୀତିକ ଇତିହାସରେ ସମ୍ଭବତଃ ତାହାକୁ ହିଁ ସେମାନଙ୍କର ସବୁଠାରୁ ଅଧିକ ଗୌରବମୟ ଭୂମିକା ବୋଲି କୁହାଯାଇ ପାରିବ । ସେମାନେ ଓ ମହାତ୍ମା ଗାନ୍ଧୀ ଉଭୟେ ଦେଶ ଆଉ ଗୋଟିଏ ରାଜନୀତିକ ସଂଗ୍ରାମ ନିମନ୍ତେ ପ୍ରସ୍ତୁତ ହେବା ଉଚିତ ବୋଲି ଅନୁଭବ କରୁଥିଲେ ।

ମାତ୍ର ଇଂରେଜସରକାରଙ୍କ ସହିତ ତାଙ୍କ ଦ୍ୱାରା ସ୍ୱୀକୃତ ଗୋଟିଏ ପକ୍ଷ ହିସାବରେ କଂଗ୍ରେସ ଦଳ ଦେଶର ବିଭାଜନକୁ ମାନିନେଲେ । କଂଗ୍ରେସର ଅତି ବଡ଼ମାନେ ସେତେବେଳେ ଦେଉଥିବା ବକ୍ତୃତାଗୁଡ଼ିକରୁ ସୂଚନା ମିଳେ ଯେ, ସେମାନେ ଯେକୌଣସି ପ୍ରକାରେ ଇଂରେଜ ଶାସନ ଭାରତବର୍ଷରୁ ବିଦା ହୋଇଯାଉ ବୋଲି ଅଧୀର ଭାବରେ ଇଚ୍ଛା କରୁଥିଲେ । ମହମ୍ମଦ ଅଲ୍ଲି ଜିନ୍ନା ଓ ତାଙ୍କ ଦଳର ଭାଗରେ ଦେଶର ଖଣ୍ଡେ ପଡ଼ୁ ପଛକେ, ତଥାପି ଇଂରେଜ ଯାଆନ୍ତୁ ବୋଲି ସେମାନେ ଇଚ୍ଛା କରୁଥିଲେ । ଏପାଖରେ କଂଗ୍ରେସର ଭାଗରେ ଦେଶର ଯେଉଁ ବୃହତ୍ତର ଅଂଶଟି ପଡ଼ିବ, ସେହି ଅଂଶଟିରେ ଯଦି ସେମାନେ ଆପଣାର ଇପ୍ସିତ ରାଜନୀତିକ ଆକାଂକ୍ଷା ଅନୁସାରେ ବାସ୍ତବ ଦୃଷ୍ଟାନ୍ତଟିଏ ଦେଖାଇ ଦେଇ ପାରିବେ, ତେବେ ହୁଏତ ମାତ୍ର ଭ୍ରାନ୍ତି ଯାଇଥିବା ଅନ୍ୟ ଭାଗଟି ମଧ୍ୟ ତାକୁ ଦେଖି ପୁନର୍ବାର ବିବେକ ମଧ୍ୟକୁ ଫେରିଆସିବ

Digitized by srujanika@gmail.com

ଏବଂ ତାହାର ଫଳରେ ଦୁଇଭାଗ ପୁଣି ଏକତ୍ର ହୋଇ ପାରିବେ ବୋଲି ସେମାନେ
ଅନୁମାନ କରୁଥିଲେ । ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ସେତେବେଳେ ଯେଉଁ ବୈର-
ଭାବକୁ ପ୍ରଜ୍ଜ୍ୱଳିତ କରି ଦିଆଗଲା ଓ ଅତ୍ୟନ୍ତ ଅମାନୁଷିକ ଭାବରେ ଯେଉଁସବୁ ହତ୍ୟା
ବିଭୀଷିକାକୁ ପ୍ରଶ୍ରୟ ଦିଆଗଲା, ସମ୍ଭବତଃ ତାହା କଂଗ୍ରେସର ନେତାମାନଙ୍କୁ ବିବ୍ରତ
ଓ ବିମୂଢ଼ କରି ପକାଇଥିଲା ଏବଂ ସେମାନେ ଯେକୌଣସି ଉପାୟରେ ଯାହାକିଛି
ସ୍ୱୀକାର କରିନେଇ ମଧ୍ୟ ସେଥିରୁ ନିଷ୍କୃତି ଲାଭ କରିବାପାଇଁ ଉଦ୍‌ବିଗ୍ନ ହୋଇ ଉଠି-
ଥିଲେ । ଅଧିକନ୍ତୁ, ସେମାନେ ସମ୍ଭବତଃ କ୍ଳାନ୍ତ ବି ହୋଇ ପଡ଼ିଥିଲେ ଏବଂ ଆଉ
ଗୋଟିଏ ବିପ୍ଳବ ପାଇଁ ସେମାନଙ୍କର ଆଉ ଧୈର୍ଯ୍ୟ ନଥିଲା, ବୟସ ମଧ୍ୟ ନଥିଲା ।

ସେତେବେଳେ ମହାତ୍ମା ସାମ୍ପ୍ରଦାୟିକ ହତ୍ୟାର ଅସୁରକୁ ଆପଣାର ସମସ୍ତ
ଶକ୍ତି ଦେଇ ରୋକିବା ନିମନ୍ତେ ଦିଲ୍ଲୀରୁ କଲିକତା ଓ କଲିକତାରୁ ଦିଲ୍ଲୀ ହେଉଥିଲେ,
ନୋଆଖାଲିରୁ ବିହାରକୁ ଦଉଡ଼ୁଥିଲେ ଏବଂ ବିହାରରୁ ନୋଆଖାଲିକୁ ଦଉଡ଼ୁଥିଲେ ।
ରାଜନୀତିକ ତଥା କ୍ଷମତା-ହସ୍ତାନ୍ତରଗତ ଯାବତୀୟ ନିଷ୍ପତ୍ତିକୁ ସେ କଂଗ୍ରେସର ବୃହତ୍
ନେତାମାନଙ୍କ ହାତରେ ଛାଡ଼ି ଦେଇଥିଲେ । ସମ୍ଭବତଃ ମହାତ୍ମା ସ୍ୱୟଂ ସେତେବେଳେ
ବିଚଳିତ ହୋଇ ପଡ଼ିଥିଲେ ଏବଂ ଆପଣା ହାତରୁ ତାଙ୍କ ମୂଲ୍ୟପୂତ ପ୍ରତ୍ୟୟଗୁଡ଼ିକର
ରଶ୍ମି ଛାଡ଼ି ହୋଇ ଯାଉଥିଲା ପରି ଅନୁଭବ କରୁଥିଲେ । ଆପଣାର ଆପେ ରଚିଥିଲା
ବ୍ୟୂହଟି ମଧ୍ୟରେ ସେ ସତେଅବା ଅତ୍ୟନ୍ତ ନିରାଶବୋଧ କରୁଥିଲେ ଓ ନିଜର ନିକଟ-
ତମ ରାଜନୀତିକ ଅନୁଗାମୀମାନଙ୍କୁ ସତେଅବା ନିମେ ସ୍ପଷ୍ଟଭାବରେ ବୁଝିନପାରି ସେ
ସେହିମାନେ ଯାହା କରିବାର କରନ୍ତୁ ବୋଲି ବାଟ ଛାଡ଼ି ଦେଇଥିଲେ । ଗାନ୍ଧୀଜୀ
ବାହାରେ ଏବଂ ଭିତରେ ଭାରି ଏକୁଟିଆ ହୋଇଗଲେ । ସେ ସବୁଟି ମଧ୍ୟରେ ରହିଥିଲେ
ସତ, ମାତ୍ର ଆପଣାକୁ ସତେଅବା ଏକାନ୍ତ ସାଥୀଶୂନ୍ୟ ଓ ଅସମର୍ଥ ବୋଲି ଭାବୁଥିଲେ ।
ଏହିଭଳି ଏକ ସନ୍ଧିକ୍ଷଣରେ କଂଗ୍ରେସ ମଧ୍ୟ ପ୍ରାୟ ପରିସ୍ଥିତି ଦ୍ୱାରା ବାଧ୍ୟ ହୋଇ ଦେଶ
ବିଭାଜନକୁ ମାନିନେଲା ଏବଂ ତାହାର ଭିତ୍ତିରେ ଦେଶକୁ ଯେଉଁ ରାଜନୀତିକ ସ୍ୱାଧୀନତା
ଆସିଲା, ଉପନିଷଦର ଋଷି ଯାଜ୍ଞବଲ୍‌କ୍ୟଙ୍କର ପତ୍ନୀ କାତ୍ୟାୟନୀଙ୍କ ପରି ଯାଇଥିବା
ସମ୍ପତ୍ତିର ଦାୟାଦରୂପେ ଆପଣାକୁ ଯଥାସମ୍ଭବ ଅନୁକୂଳିତ କରିନେବାକୁ ଚେଷ୍ଟା
କଲା ।

ସେତେବେଳକୁ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ସୋସିଆଲିଷ୍ଟମାନଙ୍କ ସହିତ
ନଥିଲେ । ଜେଲ ଭିତରେ ଥିବା ସମୟରେ ତାଙ୍କ ଦୃଷ୍ଟିକୋଣରେ ଏବଂ ପରିସ୍ଥିତି-
ଗୁଡ଼ିକର ମୂଲ୍ୟାୟନ ସମେତ ଆତ୍ମମୂଲ୍ୟାୟନରେ କେଉଁଠି କେଉଁ ପରିବର୍ତ୍ତନ ହୋଇ-
ଥିଲା କେଜାଣି, ସେ ଜେଲରୁ ବାହାରକୁ ଆସି ଯେପରି ବାଆଁରେଇ ହୋଇପରି

Digitized by srujanika@gmail.com

ବାହାରେ ରହିଲେ ଓ କ୍ରମେ ବାହାରକୁ ଚାଲିଗଲେ । ଅଗଷ୍ଟ ବିପ୍ଳବ ସମୟରେ ତାଙ୍କର ସହାର୍ଥ ଅନ୍ୟ ସୋସିଆଲିଷ୍ଟମାନେ ସକ୍ରିୟ ଆନ୍ଦୋଳନରେ ଯାହା ସବୁ କରିଥିଲେ ସେଗୁଡ଼ିକୁ ସିଏ ସମର୍ଥନ କରୁନଥିଲେ କି ? ଓଡ଼ିଶାରେ ପ୍ରବୀଣ କଂଗ୍ରେସୀମାନେ, ଯେଉଁମାନେ ଅଟକବନ୍ଦୀ ଭାବରେ ଧରାଦେଇ ଜେଲକୁ ଯାଇଥିଲେ ଓ ତାହାକୁ ହିଁ ଅହିଂସାମାତର ସର୍ବୋତ୍ତମ ପାଳନ ବୋଲି ବିଚାର କରୁଥିଲେ, ସେମାନେ ଅନେକତଃ ସୋସିଆଲିଷ୍ଟମାନଙ୍କର କ୍ରିୟାତ୍ମକ କାର୍ଯ୍ୟକଳାପକୁ ନାପସନ୍ଦ ହିଁ କରୁଥିଲେ ଓ ସେସବୁ ବିଷୟରେ ଆଦୌ ସୃଷ୍ଟି ଅନୁଭବ କରୁନଥିଲେ । ଅଗଷ୍ଟ ଆନ୍ଦୋଳନ ନାମରେ ହୋଇଥିବା ଏହିସବୁ କ୍ରିୟାତ୍ମକତାର ଦାୟିତ୍ୱରେ ଆପଣାକୁ ଭାଗୀ କରିବାଲାଗି ଆଦୌ ପ୍ରସ୍ତୁତ ନଥିଲେ । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଅନ୍ତତଃ କେତେ ପରିମାଣରେ ସେହିମାନଙ୍କ ପରି ଭାବୁଥିଲେ କି ? ଅଥବା, ତାଙ୍କର ଅନ୍ୟ ସୋସିଆଲିଷ୍ଟ ସାଥୀମାନେ, ବାସ୍ତବତଃ ତାଙ୍କର ଦ୍ୱାରା ପ୍ରେରଣା ପାଇ ଓ ପ୍ରଶିକ୍ଷିତ ହୋଇ ସୋସିଆଲିଷ୍ଟ ଶିବିରକୁ ଆସିଥିବା ତାଙ୍କ କର୍ମୀଷ୍ଟମାନେ ଅଗଷ୍ଟ ବିପ୍ଳବ ସମୟରେ ଏତେସବୁ କରିପାରିଲେ, ଏତେ ସାହସିକତାର ପରିଚୟ ଦେଇପାରିଲେ ଅଥଚ ସିଏ କେବଳ ଜଣେ ଅଟକବନ୍ଦୀ ହୋଇ ରହିଗଲେ, ଆଦୌ କୌଣସିଥିରେ ଭାଗ ନେଇ ପାରିଲେନାହିଁ, ଏହିପରି ଏକ ଗ୍ଲାନିର ଅନୁଭବ ତାଙ୍କୁ ସେମାନଙ୍କଠାରୁ କ୍ରମଶଃ ଦୂରବର୍ତ୍ତୀ କରି ଦେଉଥିଲା କି ?

ସମସ୍ତେ ଜେଲରୁ ଖଲାସ ହୋଇ ଆସିବାପରେ ଯେତେବେଳେ କଟକର ସ୍ୱରାଜ ଆଶ୍ରମରେ କଂଗ୍ରେସ ଏକ ଅନୁଷ୍ଠାନ ଭାବରେ ଆପଣାକୁ ପୁନର୍ଗଠିତ କଲା, ସେତେବେଳେ ଧର୍ମତଃ ସୋସିଆଲିଷ୍ଟ ବୋଲି ସ୍ୱୀକୃତ ହେଉଥିବା ଶ୍ରୀମତୀ ମାଳତୀ ଚୌଧୁରୀ ଓ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ଦ୍ୱିବେଦୀ ଯଥାକ୍ରମେ ଦଳର ସଭାପତି ଓ ସମ୍ପାଦକ ରୂପେ ଅଧିଷ୍ଠିତ ହୋଇଥିଲେ । ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ କଂଗ୍ରେସ ଭିତରେ ଏହାଠାରୁ ଅଧିକ ଅନୁକୂଳ ଭୂମିଟିଏ ଆଉ କଣ ମିଳିଥାନ୍ତା ? ମାତ୍ର କେଜାଣି କାହିଁକି ଶ୍ରୀଯୁକ୍ତ ଚୌଧୁରୀ ସେଠାରେ ନଥିଲେ ସେ ପ୍ରକୃତରେ କେଉଁଠି ଥିଲେ, ସେକଥା ମଧ୍ୟ କେହି ସୁନିଶ୍ଚିତ ଭାବରେ ଠଉରାଇ କହିଦେଇ ପାରିବେନାହିଁ । ତାଙ୍କର ସାଥୀବୃନ୍ଦ ଓ ତାଙ୍କ ଭିତରେ ଏକ ଦୂରତା ଆରମ୍ଭ ହୋଇ ସାରିଥିଲା । ବାହାରେ ସବୁ ଠିକ୍ ପରି ଦିଶୁ-ଥିଲେ ମଧ୍ୟ ଭିତରେ ତଥାପି ଯେପରି କାନ୍ଥଟିଏ ଠିଆ ହେବାରେ ଲାଗିଥିଲା । ତାଙ୍କର ତତ୍କାଳୀନ ସୋସିଆଲିଷ୍ଟ ସାଥୀମାନେ ଏବେମଧ୍ୟ ସେହି ଘଟଣାଟି ସମ୍ବନ୍ଧରେ ନୀରବ ରହନ୍ତି ଓ ସତେ ଯେପରି ତାହା ପଛରେ ସେଭଳି କୌଣସି ଘଟଣାସୂତ୍ରକୁ ସତ ନାହିଁ, ସେହିପରି ଏକ ଆଭାସ ଦିଅନ୍ତି । ୧୯୪୦ ମସିହାଠାରୁ ସତେ ଯେପରି ଶ୍ରୀ ଚୌଧୁରୀ ସୋସିଆଲିଷ୍ଟମାନଙ୍କ ଠାରୁ ଅଲଗା ଅଲଗା ହୋଇ ଯାଉଥିଲେ ।

Digitized by srujanika@gmail.com

୧୯୪୦ ମସିହାରେ ସେ ଆଉ ସୋସିଆଲିଷ୍ଟ୍ ପାର୍ଟିର ସମ୍ପାଦକ ରହିଲେ-ନାହିଁ । ତାଙ୍କର ପରାମର୍ଶ ଅନୁସାରେ ଶ୍ରୀ ଜୟପ୍ରକାଶ ନାରାୟଣ ଓଡ଼ିଶା ଆସି ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କୁ ସମ୍ପାଦକତ୍ୱର ଦାୟିତ୍ୱ ଅର୍ପଣ କରିଥିଲେ । ସେତେବେଳେ ସୋସିଆଲିଷ୍ଟ୍ ଦଳରେ ଜାତୀୟ ସ୍ତରରେ ନିଷ୍ପତ୍ତି ହୋଇଥିଲା ଯେ ଦଳର କାର୍ଯ୍ୟକାରୀ ସମିତିର ସଦସ୍ୟମାନେ ଚାନ୍ଦା ହିସାବରେ ମାସିକ ପାଞ୍ଚଟଙ୍କା ଦଳକୁ ଦେବେ । ଏହି ଚାନ୍ଦା ଦେବାକୁ ନିଜର ଅସମର୍ଥତା ପ୍ରକାଶ କରି ଶ୍ରୀ ନବକୃଷ୍ଣ ଚୌଧୁରୀ କାର୍ଯ୍ୟକାରଣୀର ସଭ୍ୟପଦରୁ ଇସ୍ତଫା ଦେଲେ । ଏହି ଇସ୍ତଫା ଦେବାର କୌଣସି ଆବଶ୍ୟକତା ନାହିଁ ଓ ଶ୍ରୀ ଚୌଧୁରୀ ନିର୍ଦ୍ଧାରିତ ଚାନ୍ଦା ନଦେଇ ମଧ୍ୟ କାର୍ଯ୍ୟକାରୀ ସମିତିର ସଦସ୍ୟ ହୋଇ ରହିପାରିବେ ବୋଲି ଶ୍ରୀ ଜୟପ୍ରକାଶ ତାଙ୍କ ପାଖକୁ ପୁନର୍ବାର ପତ୍ର ଦେଇଥିଲେ । ସମ୍ଭବତଃ ପାଞ୍ଚଟଙ୍କା ଚାନ୍ଦା ଦେବା ତାଙ୍କର ନିଜକୁ ପ୍ରତ୍ୟାହୃତ କରିନେବାର କାରଣ ନଥିଲା । କାରଣ ପ୍ରକୃତରେ କ'ଣ ଥିଲା, ତାହା ସେ କାହାକୁ କହିନାହାନ୍ତି । 'ଭାରତ ଛାଡ଼' ଆନ୍ଦୋଳନ ଅନ୍ତେ ଯେତେବେଳେ ସମସ୍ତେ ଜେଲରୁ ବାହାରକୁ ଆସିଲେ ଓ ୧୯୪୭ ମସିହାରେ ଯେତେବେଳେ କଂଗ୍ରେସଠାରୁ ସ୍ୱତନ୍ତ୍ର ଭାବରେ ସୋସିଆଲିଷ୍ଟ ପାର୍ଟିର ପୁନର୍ଗଠନ କରାଗଲା, ଶ୍ରୀ ଚୌଧୁରୀ ଔପଚାରିକ ଭାବରେ ସେଥିରୁ ଅଲଗା ହୋଇ ରହିଲେ । ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କର ଏକ ସମ୍ବାଦରୁ ଜଣାଯାଉଛି ଯେ, ୧୯୬୭ ମସିହା ମଇମାସରେ ଶ୍ରୀ ଚୌଧୁରୀ ତାଙ୍କପାଖକୁ ଲେଖିଥିବା ଗୋଟିଏ ଚିଠିରେ ସମାଜବାଦୀ ଆନ୍ଦୋଳନ ଆଗେଇବ ବୋଲି ଆଶା ପ୍ରକାଶ କରି-ଥିଲେ ଏବଂ 'ମତେ ସବୁ କାମରେ ଲଗାଇବ' ବୋଲି ଅନୁରୋଧ କରିଥିଲେ । ସ୍ମରଣ ରହିବା ଉଚିତ ଯେ ସେତେବେଳକୁ ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ସୋସିଆଲିଷ୍ଟ ପାର୍ଟି ଦ୍ୱିଖଣ୍ଡ ହୋଇ ଯାଇଥିଲା ଓ ଆହୁରି କେତେଖଣ୍ଡ ହେବାଲାଗି ଅପେକ୍ଷା କରି ରହିଥିଲା ।

ଭାରତବର୍ଷ ଭାଗ ଭାଗ ହେବାର ପ୍ରାକ୍‌କାଳରେ ୧୯୪୬ ମସିହାରେ ନିର୍ବା-ଚନ ହେଲା । ଅଖଣ୍ଡ ଭାରତରେ ଏଇଟି ହେଉଛି ସର୍ବପ୍ରଥମ ତଥା ସର୍ବଶେଷ ସାଧାରଣ ନିର୍ବାଚନ । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ କଂଗ୍ରେସ ଦଳ ତରଫରୁ ଏହି ନିର୍ବାଚନ ଲଢିଥିଲେ ଏବଂ ବିଧାନସଭାକୁ ଆସିଲେ । ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କର ମୁଖ୍ୟ-ମନ୍ତ୍ରିତ୍ୱରେ ଯେଉଁ ମନ୍ତ୍ରୀମଣ୍ଡଳ ଗଢ଼ାହେଲା । ସେଥିରେ ଶ୍ରୀଯୁକ୍ତ ଚୌଧୁରୀ ରାଜସ୍ୱ ଏବଂ ଯୋଗାଣମନ୍ତ୍ରୀ ରହିଲେ । ତାଙ୍କର ମନ୍ତ୍ରୀପଦ ସମୟରେ ପ୍ରଦେଶର ଶାସନରେ ସେ ସ୍ୱାଧୀନତା ସଂଗ୍ରାମ ସମୟରୁ ଜାତୀୟ କଂଗ୍ରେସଦ୍ୱାରା ପ୍ରତିଶ୍ରୁତ କେତେକ ସଂସ୍କାର ଆଣିବା ନିମନ୍ତେ ବିଶେଷ ଉଦ୍ୟମ କରିଥିଲେ । ଜମିଦାରୀପ୍ରଥାର ବିଲୋପ ଲାଗି ସୁପାରିଶ୍ କରିଥିଲେ । ଶାସନର ବିକେନ୍ଦ୍ରୀକରଣ ନିମନ୍ତେ ଅଞ୍ଚଳଶାସନ ଆଇନ୍‌ର ପ୍ରଣୟନ ସକାଶେ ଆବଶ୍ୟକ ମୂଳଦୁଆ ମଧ୍ୟ ପକାଇଥିଲେ ।

Digitized by srujanika@gmail.com

ଭାଗଚାଷୀମାନେ କାଳକାଳରୁ ଭୋଗ କରି ଆସୁଥିବା ଦୁର୍ଦ୍ଦଶା ଦୂର କରିବା ଉଦ୍ଦେଶ୍ୟରେ ରାଜସ୍ୱମନ୍ତ୍ରୀ ହିସାବରେ ଶ୍ରୀ ନବକୃଷ୍ଣ ଚୌଧୁରୀ ଆଇନ୍ ପ୍ରଣୟନ କରି-ଥିଲେ । ଏହି ଆଇନଟି ଅନୁସାରେ ୩୩ ଏକର କମ୍ବା ତହିଁରୁ ଅଧିକ ଜମି ଥିବା ଜମିମାଲିକମାନେ ଭାଗଚାଷୀ ମାନଙ୍କୁ ଜମିରୁ ଉଚ୍ଛେଦ କରି ପାରିବେନାହିଁ ବୋଲି ନିୟମ କରାଯାଇଥିଲା । ଏବଂ, ଦଖଲସ୍ୱତ୍ୱ ରହିଥିବା ପ୍ରଜାମାନେ ଜମିର ମାଲିକଙ୍କୁ ଅମଲର ଏକଚତୁର୍ଥାଂଶରୁ ଅଧିକ ଦେବାକୁ ବାଧ୍ୟ ହେବେନାହିଁ ବୋଲି ନୂଆ ଆଇନ୍ ହେଲା । ଶ୍ରୀ ଚୌଧୁରୀଙ୍କର ଉଦ୍ୟମ ଏବଂ ନେତୃତ୍ୱରେ ଯେତେବେଳେ ଭୋଗଚାଷ ଆଇନ୍ ଓ ମଧ୍ୟସ୍ୱତ୍ୱାଧିକାରୀଙ୍କର ଲୋପ ହେବାଲାଗି ଆଇନ୍ ହେଲା ସେତେବେଳେ ପୁରୁଣା ମନୋଭାବରେ ଲାଗି ରହିଥିବା ଓଡ଼ିଶାର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ସତେଥିବା ପ୍ରମାଦ ଗଣିଥିଲେ ଓ ଆପତ୍ତି ଉଠାଇଥିଲେ । ଏପରିକି ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ଭଳି ଉଦାରପନ୍ଥୀମାନେ ମଧ୍ୟ ଅନୁଭବ କରିଥିଲେ ଯେ, ଏସବୁ ନୂଆ ଆଇନ୍ ଦ୍ୱାରା ଓଡ଼ିଶାର ସଂସ୍କୃତି ତଥା ପରମ୍ପରା ଉପରେ ମଧ୍ୟ ଆଘାତ ଏବଂ ଆକ୍ରମଣ କରାଯାଉଛି, କାରଣ, ତାଙ୍କ ମତରେ, ଭୂମିମାଲିକମାନେ ହିଁ ଓଡ଼ିଶାରେ ବହୁକାଳରୁ ସଂସ୍କୃତିର ପରମ୍ପରାକୁ ରକ୍ଷା କରି ଆସିଥିଲେ । ରାଜସ୍ୱମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର କୁଠାରାଘାତ ଫଳରେ ଏହି ଶ୍ରେଣୀ ନଷ୍ଟ ହୋଇଯିବ ବୋଲି ସେ ଘୋର ଆଶଙ୍କା ପ୍ରକାଶ କରିଥିଲେ ।

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ଓ ଶ୍ରୀ ନବକୃଷ୍ଣ ଚୌଧୁରୀ,—ସତେଅବା ଦୁଇ ବିଭିନ୍ନ ଧାତୁରେ ଗଢ଼ା ହୋଇଥିବା ଦୁଇଜଣ ମନୀଷ । ତେଣୁ ସେମାନେ ଯେ କ୍ଷମତା ଓ ଶାସନର ରାଜନୀତିର ବେଢ଼ ଭିତରକୁ ଆସି ଏକାଠି ଗୋଟିଏ ମନ୍ତ୍ରୀମଣ୍ଡଳରେ ରହିପାରିଲେ, ତାହାକୁ ଅନେକ ଦୃଷ୍ଟିରୁ ଗୋଟିଏ ବିଚିତ୍ର ଘଟଣା ବୋଲି କୁହା-ଯାଇ ପାରିବ । ଶ୍ରୀ ମହତାବଙ୍କର ନେତୃତ୍ୱ ମଧ୍ୟରେ ଶ୍ରୀଯୁକ୍ତ ଚୌଧୁରୀ ନିଜକୁ ସତେ ଯେପରି କେଡ଼େ ଚମତ୍କାର ଭାବରେ ଖାପ ଖୁଆଇ ନେଇଥିଲେ । 'ସାଧନାର ପଥେ' ପୁସ୍ତକରେ ଶ୍ରୀଯୁକ୍ତ ମହତାବ ତାଙ୍କ ନେତୃତ୍ୱରେ କାର୍ଯ୍ୟ କରୁଥିବା ତତ୍କାଳୀନ ମନ୍ତ୍ରୀ-ମଣ୍ଡଳ ବିଷୟରେ ଲେଖିଛନ୍ତି : "ସେସମସ୍ତର କଥା ମନେ କଲେ ମୁଣ୍ଡ ତଳକୁ ନଇଁଯାଏ । ଏତେ ଅନୁଗତ ସଙ୍ଗୀ ଜୀବନରେ କେବେ କେହି ପାଇଥିବେ କି ନା' ସନ୍ଦେହ ।……ମୋ'ର ବନ୍ଧୁମାନଙ୍କର ମୋ' ପ୍ରତି ଏତେ ବିଶ୍ୱାସ ଥାଏ ଯେ, ମୁଁ ସବୁକଥା ସେମାନଙ୍କୁ ପଚାରିବା ମଧ୍ୟ ଦରକାର ପଡ଼ୁନଥାଏ ।………ଆମ୍ଭମାନଙ୍କ ମଧ୍ୟରେ ପରସ୍ପର ବିଶ୍ୱାସ ଓ ସହୃଦୟତା ହିଁ ଏ ସଫଳତାର କାରଣ । ସେତେବେଳେ ମୋ'ଠି ମୋ' ସହକର୍ମୀମାନେ ଯେପରି ଅତୁଟ ବିଶ୍ୱାସ ପୋଷଣ କରିଥିଲେ, ଆଜି ଭାବିଲେ ମୁଁ ସେ ସମସ୍ତ ପାଇଁ ନିଜକୁ ଧନ୍ୟ ମନେ କରୁଛି ।……ଆଜି କେହି ବିଶ୍ୱାସ

Digitized by srujanika@gmail.com

କରନେବେ, ସେତେବେଳେ ବ୍ୟବସ୍ଥାପକ ଭିତରେ ପ୍ରଶ୍ନୋତ୍ତର ସମୟରେ ସବୁ ମନ୍ତ୍ରୀମାନଙ୍କ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀ ଭାବରେ ମୁଁ ଦେଉଥିଲି ଓ ଏଥିରେ ମନ୍ତ୍ରୀମାନେ ଓ ବ୍ୟବସ୍ଥାପକ ଭିତର ସଭ୍ୟମାନେ କେହି କେବେ କିଛି ଆପତ୍ତି କରିନଥିଲେ। ସମୁଦାୟ ଶାସନକୁ ନିଜ ହାତମୁଠାରେ ରଖିବାପାଇଁ ସମସ୍ତଙ୍କ ସମ୍ମତି ନେଇ ଏହି ପଦକ୍ଷେପ ମୁଁ ନେଇଥିଲି।" (ପୃଷ୍ଠା ୨୬୮-୬୯)

ସମୁଦାୟ ଶାସନକୁ ପ୍ରଧାନମନ୍ତ୍ରୀ ନିଜ ହାତମୁଠାରେ ରଖିବାପାଇ ଶ୍ରୀ ନବକୃଷ୍ଣ ଚୌଧୁରୀ ମଧ୍ୟ ସମ୍ମତି ଦେଇଥିଲେ, ଏହା ପାଠକ ମନରେ ହୁଏତ କେତେ ନା କେତେ କୌତୁହଳକୁ ଜାଗ୍ରତ କରାଇ ଆଣିବ । କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ଏକଦା ସର୍ବପ୍ରଧାନ ପ୍ରେରକ ହୋଇ ରହିଥିବା ଶ୍ରୀଯୁକ୍ତ ଚୌଧୁରୀ ଏତେ ଶୀଘ୍ର ନିଜକୁ ଏପରି ଅନୁକୂଳିତ କରିନେଇ ପାରିଲେ କିପରି କେଜାଣି ? ସେହି ସମୟରେ ସେ ଏକଦା 'Mahtab is my leader' ବୋଲି ସର୍ବସାଧାରଣରେ ବ୍ୟକ୍ତ କରିଥିଲେ ଓ ତାଙ୍କ ସମ୍ବନ୍ଧରେ ଅନ୍ୟପ୍ରକାରେ ଭାବୁଥିବା ଲୋକମାନଙ୍କର ସଂଶୟକୁ ଖଣ୍ଡନ କରିଥିଲେ। ଶ୍ରୀଯୁକ୍ତ ମହତାବଙ୍କର ଆତ୍ମକାହାଣୀରୁ ଜଣାପଡୁଛି ଯେ ମନ୍ତ୍ରୀମଣ୍ଡଳରେ ଯୋଗ ଦେବା ପରେ ସେତେବେଳେ ପ୍ରାୟ ଏକମାତ୍ର ଦୈନିକ ସମ୍ବାଦପତ୍ର 'ସମାଜ'ର ଏକଛତ୍ର ଅବସ୍ଥା କାଟିବା ନିମନ୍ତେ ଶ୍ରୀଯୁକ୍ତ ଚୌଧୁରୀ କଟକରୁ 'ପ୍ରଜାତନ୍ତ୍ର'କୁ ବାହାର କରିବାପାଇଁ ନିଜର ଗୋଟିଏ ମାସର ଦରମା ଦେଇଥିଲେ । (ପୃଷ୍ଠା-୨୧୯) ପୁନଶ୍ଚ, ଭାରତବର୍ଷରେ ରାଜାଶାସିତ ଅଞ୍ଚଳଗୁଡ଼ିକୁ ସାମିଲ୍ କରିନେବାର ସର୍ବପ୍ରଥମ ଦୃଷ୍ଟାନ୍ତ ସ୍ୱରୂପ ଯେତେବେଳେ ଏଠି ଓଡ଼ିଶାରେ ସରକାର ନୀଳଗିରି ଗଡ଼ଜାତକୁ ଅଧିକାର କଲେ ସେତେବେଳେ ଶ୍ରୀ ଚୌଧୁରୀ ହିଁ ସରକାରଙ୍କ ତରଫରୁ ସେହି କାର୍ଯ୍ୟର ତତ୍ତ୍ୱାବଧାନ କରୁଥିଲେ ।

ଅବଶ୍ୟ ଏହି ମନ୍ତ୍ରୀମଣ୍ଡଳରେ କାର୍ଯ୍ୟ କରିବାର ଗୋଟିଏ ବର୍ଷରେ ଶ୍ରୀ ନବକୃଷ୍ଣ ଚୌଧୁରୀ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏହାର କାରଣ ବିଷୟରେ ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଅନୁମାନ କରିଛନ୍ତି । ଏହି ବିଷୟରେ ଶ୍ରୀଯୁକ୍ତ ମହତାବ ନିଜ ଆତ୍ମଜୀବନୀରେ ଯାହା କହିଛନ୍ତି, ଏଠାରେ ତାହାର ଉଲ୍ଲେଖ କରାଯିବା ଉଚିତ : "୧୯୪୮, ୨୩ ତାରିଖ ଏପ୍ରିଲ ଠିକ୍ ମନ୍ତ୍ରୀମଣ୍ଡଳ ଗଠନର ବର୍ଷକ ପରେ ଶ୍ରୀ ନବକୃଷ୍ଣ ଚୌଧୁରୀ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲେ । ଅବଶ୍ୟ ତାଙ୍କର ଏକମାତ୍ର ପୁତ୍ରର ଅସୁସ୍ଥତା ଏ ଇସ୍ତଫାର କାରଣ ଥିଲା ବୋଲି ସେ କହିଲେ ଓ ଆମେ ସମସ୍ତେ ବିଶ୍ୱାସ କଲୁ। କିନ୍ତୁ ମୋ ମନରେ ଏକ କୋଣରେ ଏକ ପ୍ରଚ୍ଛନ୍ନ ସନ୍ଦେହ ରହିଗଲା ଯେ ସେ

Digitized by srujanika@gmail.com

ମନ୍ତ୍ରୀମଣ୍ଡଳରେ ସୁସ୍ଥ ଅନୁଭବ କଲେ ନାହିଁ । ଯେଉଁମାନଙ୍କ ସହିତ ସେ କଂଗ୍ରେସ-ସମାଜବାଦୀ ଦଳ ଗଠନ, ଗଡ଼ଜାତ ଆନ୍ଦୋଳନ ଇତ୍ୟାଦି କରି ଆସିଥିଲେ, ସେମାନେ ସମସ୍ତେ ମୋଠାରୁ ନିଜକୁ ଅଲଗା କରି ନେଇଥିଲେ । ଯଥା,ମାଳତୀ ଦେବୀ, ସାରଙ୍ଗ-ଧରବାବୁ ପ୍ରଭୃତି ।'' (ତତ୍ରୈବ, ପୃଷ୍ଠା-୩୫୯) ଏବଂ ଠିକ ତାପରେ ଲେଖାହୋଇଛି : ''ସମସ୍ତଙ୍କୁ ସବୁକଥା ପଚାରି ବୁଝାଇ ଏକମତ କରାଇ କାମ ହୁଏତ ମୁଁ କରିପାରିଲି ନାହିଁ; କିନ୍ତୁ ଯେତେବେଳେ ମୁଁ ବିଶ୍ୱାସ କରିଥିଲି ଓ ଆଜି ବହୁବର୍ଷ ପରେ ମଧ୍ୟ ମୋ'ର ବିଶ୍ୱାସ ଦୃଢ଼ ହୋଇଛି ଯେ, କାର୍ଯ୍ୟସାଧନ କରିବାକୁ ହେଲେ ଏକମୁଖୀ ପରି-ଚାଳନା ଆବଶ୍ୟକ । ସେଥିପାଇଁ ଯାହାକୁ ନେତା ନିର୍ବାଚନ କରାଯିବ, ତାଙ୍କଠାରେ ବିଶ୍ୱାସ ରଖିବାକୁ ହେବ ।''

ସତେଅବା କୌଣସି ବିଷୟରେ ଏକ କୈଫିୟତ ଦେଇପାରି ଶ୍ରୀ ମହତାବ ଏହି ଅବସରରେ ଏକଥା ମଧ୍ୟ ଲେଖିଛନ୍ତି : ''ଅବଶ୍ୟ ନବବାବୁଙ୍କର ପୂର୍ଣ୍ଣ ବିଶ୍ୱାସ-ଭାଜନ ମୁଁ ଥିଲି । କୌଣସି ପଦକ୍ଷେପରେ ସେ ବିଶ୍ୱାସର ଅଭାବର କୌଣସି ସୂଚନା ତ ଦେଇ ନଥିଲେ, ଅପରନ୍ତୁ ପ୍ରତ୍ୟେକ କାର୍ଯ୍ୟରେ ସେ ଏପରି ଦୃଢ଼ ଓ ବୁଦ୍ଧିସମ୍ପନ୍ନ ସମର୍ଥନ କରୁଥିଲେ ଯେ, ସେଥିରେ ମୁଁ ଆଗେଇ ଯିବାକୁ ସମର୍ଥ ହେଉଥିଲି ।'' ଏହି କଥାଗୁଡ଼ିକରେ ଏକ ପ୍ରଧାନ ଉପାଦାନରୂପେ କିଛିଟା ଆଲଙ୍କାରିକତା ଯେ ଅବଶ୍ୟ ରହିଛି, ସେଥିରେ କୌଣସି ସନ୍ଦେହ ନାହିଁ । ଶ୍ରୀ ଚୌଧୁରୀ ଯେଉଁମାନଙ୍କୁ ଗୁଡ଼ି ଆସି ମନ୍ତ୍ରୀମଣ୍ଡଳରେ ଯୋଗ ଦେଇଥିଲେ, ସେମାନଙ୍କୁ ସେ ମଝିରେ ମଝିରେ ଝୁରୁଥିଲେ କି ? କଂଗ୍ରେସର ଏହି ମନ୍ତ୍ରୀମଣ୍ଡଳ ସହିତ ସମାଜବାଦୀ ମାନଙ୍କର ଏକାଧିକ କ୍ଷେତ୍ରରେ ସଂଘାତ ହେଉଥିବ, ସରକାରୀ ପକ୍ଷର ଜଣେ ପ୍ରତିନିଧିରୂପେ ଶ୍ରୀଯୁକ୍ତ ଚୌଧୁରୀ ମଧ୍ୟ ସଂଘାତ ଗୁଡ଼ିକ ସମ୍ପର୍କରେ ସତେଅବା ପୂରା ସେହି ପଟର ବୋଲି ପରିଗଣିତ ହେଉ-ଥିବେ ଓ ସେହି କଥାଟି ତାଙ୍କୁ ଭିତରେ ଭିତରେ ଦୁଃଖ ଦେଉଥିବ । ମନ୍ତ୍ରୀମଣ୍ଡଳ ଭିତରେ ରହିବାଟା ସମ୍ଭବତଃ ସେହି କାରଣରୁ ତାଙ୍କୁ କ୍ରମେ ବଡ଼ ଅସୁଖ ଲାଗିଥିବ । ପୁନି ମୂଳରୁ ଘଟଣାଟି ତାଙ୍କୁ ଏକ ହଠାତ୍ ଉପଯୁକ୍ତ ଅବସର ଯୋଗାଇ ଦେଇଥିବ ଏବଂ ସେହି ଅନୁକୂଳତାର ସୁଯୋଗ ନେଇ ଶ୍ରୀଯୁକ୍ତ ଚୌଧୁରୀ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇ ହୁଏତ ଉଶ୍ୱାସ ଅନୁଭବ କରିଥିବେ । ଅନ୍ତତଃ ବିବେକଦଂଶନରୁ ରକ୍ଷା ପାଇଥିବେ ।

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ଯେପରି ଅନୁମାନ କରିଛନ୍ତି, ରାଜନୀତିରେ ନିଜର ପ୍ରକୃତ ଅନ୍ତରଙ୍ଗ ଓ ନିକଟମାନଙ୍କୁ ଲୋଡ଼ି ଯଦି ଚୌଧୁରୀ ଇସ୍ତଫା ଦେଇ ଓଡ଼ିଶା ମନ୍ତ୍ରୀମଣ୍ଡଳରୁ ବାହାରି ଆସିଥାନ୍ତେ, ତେବେ ସେ ନ୍ୟାୟତଃ ସମାଜବାଦୀ ଦଳକୁ

Digitized by srujanika@gmail.com

ଫେରି ଆସିଥାନ୍ତେ । ସମାଜବାଦୀ ଦଳରେ ଥିବା ତାଙ୍କର ପୁରୁଣା ସାଥୀମାନେ ତାଙ୍କୁ ଅବଶ୍ୟ ସ୍ୱାଗତ କରିଥାନ୍ତେ ଓ ସମ୍ଭବତଃ ତାଙ୍କର ଯଥାଯୋଗ୍ୟ ଆସନରେ ତାଙ୍କୁ ପୁଣି ନେଇ ବସାଇଥାନ୍ତେ । ମାତ୍ର ସିଏ ତାହା କରିନଥିଲେ, ସିଏ ଅନୁଗୁଳର ବାଜିରାଉତ ଛାତ୍ରାବାସରେ ଆସି ରହିଲେ । ସେଠାରେ ତାଙ୍କର ସହଧର୍ମିଣୀ ଶ୍ରୀମତୀ ମାଳତୀ ଦେବୀ ପ୍ରଧାନତଃ ଗଡ଼ଜାତର ରାଜନୀତିକ କର୍ମୀମାନଙ୍କର ସନ୍ତାନମାନଙ୍କୁ ନେଇ ଆବାସିକ ବିଦ୍ୟାଳୟଟିଏ ତିଆରି କରିଥାନ୍ତି ଏବଂ ସେତେବେଳେ ତାହା ପୁରୋଗାମୀସୁଲଭ ପୂର୍ଣ୍ଣ ଉତ୍ସାହରେ ଚାଲିଥାଏ । ଓଡ଼ିଶାର କେତେକ ଆଦିବାସୀ ଅଞ୍ଚଳରେ ସେବାକାର୍ଯ୍ୟ କରିବା ନିମନ୍ତେ ୧୯୪୭ରେ ଉତ୍କଳ ନବଜୀବନ ମଣ୍ଡଳ ବୋଲି ଯେଉଁ ଅନୁଷ୍ଠାନଟିର ସ୍ଥାପନା ହୋଇଥାଏ, ତାହାର କେନ୍ଦ୍ର ମଧ୍ୟ ସେହିଠାରେ ଥାଏ । କ୍ରମେ କର୍ମପରିସର ସଂପ୍ରସାରିତ ହୋଇ ଯାଉଥାଏ, କର୍ମୀ ଗୋଷ୍ଠୀ ମଧ୍ୟ ବଢ଼ୁଥାନ୍ତି । ଶ୍ରୀଯୁକ୍ତ ଚୌଧୁରୀ ଏସବୁ କାର୍ଯ୍ୟକ୍ରମରେ ମଧ୍ୟ ନେତୃତ୍ୱ ଗ୍ରହଣ କରି ପାରିଥାନ୍ତେ ଏବଂ ସେଠାରେ ସମସ୍ତେ ଅବଶ୍ୟ ତାହାର ସ୍ୱାଗତ କରିଥାନ୍ତେ । ତାହା ମଧ୍ୟ ହେଲାନାହିଁ ।

ବାଜିରାଉତ ଛାତ୍ରାବାସରେ ପ୍ରାୟ ଗୋଟିଏ ବରଷ କଟିଯିବା ପରେ ୧୯୪୯ ମସିହା ଆରମ୍ଭରେ ଶ୍ରୀ ନବକୃଷ୍ଣ ଚୌଧୁରୀ ସରକାରୀ ମୌଳିକ ଶିକ୍ଷା ମହକୁମାରେ ସଙ୍ଗଠକର କାର୍ଯ୍ୟ ଗ୍ରହଣ କରିଥିଲେ । ସେତେବେଳେ ମୌଳିକ ଶିକ୍ଷାସରକାରୀ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲା । ମହାତ୍ମାଗାନ୍ଧୀ ୧୯୩୭ ମସିହାରେ ଯେତେବେଳେ ପ୍ରଥମେ ତାଙ୍କ ବିଚାରର ଅନୁରୂପ ଏକ ଶିକ୍ଷାବ୍ୟବସ୍ଥାର ଧାରଣା ଦେଶ ସମ୍ମୁଖରେ ଉପସ୍ଥାପିତ କରିଥିଲେ, ସେତେବେଳେ ସ୍ୱାଧୀନ ଭାବରେ ଦିଲ୍ଲୀର ଜମିଆ ମିଲିଆ ଶିକ୍ଷାନୁଷ୍ଠାନରେ ଶିକ୍ଷାର ଏକ ଯଥାର୍ଥ ବିକଳ୍ପ ଖୋଜୁଥିବା ଶ୍ରୀ ଜାକିର୍ ହୁସେନ୍‌ଙ୍କର ଅଧ୍ୟକ୍ଷତାରେ ଗୋଟିଏ ବିଶେଷ ସମିତି ଗଠନ କରି ଯାଇଥିଲା ଓ ସେହି କମିଟି ଦ୍ୱାରା ପ୍ରସ୍ତୁତ ହୋଇଥିବା ରିପୋର୍ଟ ତାହାର ଗୋଟିଏ ପ୍ରାଥମିକ ରୂପରେଖ ଉପସ୍ଥାପିତ ମଧ୍ୟ କରିଥିଲା । ତାହା ମହାତ୍ମା ଗାନ୍ଧୀଙ୍କର ଅନୁମୋଦନ ଲାଭକଲା ଏବଂ ତାଙ୍କର ତତ୍କାଳୀନ ଆସ୍ଥାନ ସେବାଗ୍ରାମଠାରେ ତାହାର ପ୍ରୟୋଗ ଆରମ୍ଭ ହୋଇଗଲା । ଶ୍ରୀଯୁକ୍ତ ଆର୍ଯ୍ୟନାୟକମ୍ ଏବଂ ତାଙ୍କର ପତ୍ନୀ ଶ୍ରୀମତୀ ଆଶା ଦେବୀ ସେହି ପ୍ରୟୋଗଟିକୁ ଚଳାଉଥିଲେ । ୧୯୩୭ର ନିର୍ବାଚନ ପରେ ଭାରତବର୍ଷର ଯେଉଁସବୁ ପ୍ରଦେଶରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କରିଥିଲା, ସେହିସବୁ ପ୍ରଦେଶରେ ସରକାରଙ୍କର ମାରଫତରେ ମୌଳିକ ଶିକ୍ଷାର ବିସ୍ତାର କରାଇବାକୁ ଯେଉଁ ନିଷ୍ପତ୍ତି ହୋଇଥିଲା, ଓଡ଼ିଶାକୁ ସେହି ଉତ୍ସାହର ସୂତ୍ର ଦେଇ ମୌଳିକ ଶିକ୍ଷାର ପ୍ରବେଶ ଘଟିଥିଲା ।

ଓଡ଼ିଶାରେ ମୌଳିକ ଶିକ୍ଷାର ପ୍ରଚଳନ ବିଷୟରେ ଅନୁସନ୍ଧାନ କରିବାଲାଗି ତତ୍କାଳୀନ ସରକାର ଏବଂ ତିନିଜଣିଆ କମିଟି ଗଠନ କରିଥିଲେ । ସେହି କମିଟିରେ

Digitized by srujanika@gmail.com

ସେତେବେଳର ଶିକ୍ଷା ବିଭାଗର ସର୍ବୋଚ୍ଚ ନିର୍ଦ୍ଦେଶକ ଶ୍ରୀ ଶ୍ୟାମାଚରଣ ତ୍ରିପାଠୀ, କଟକ ଟ୍ରେନିଂ କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ମହେଶ ଚନ୍ଦ୍ର ପ୍ରଧାନ ଓ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ସଦସ୍ୟ ରହିଥିଲେ । ପ୍ରଥମ ଦୁଇ ସଦସ୍ୟଙ୍କର ମୌଳିକ ଶିକ୍ଷା ସମ୍ବନ୍ଧରେ କୌଣସି ଧାରଣା ନଥିଲା କିମ୍ବା ଆଦୌ କିଛି ଧାରଣା ଅର୍ଜନ କରିବା ଦିଗରେ କୌଣସି ରୁଚି ମଧ୍ୟ ନଥିଲା । ସେମାନେ ବ୍ରିଟିଶ୍ ଶାସନାଧୀନ ଶିକ୍ଷାବିଭାଗରେ ଜଣେ ଜଣେ ଉଚ୍ଚ କାର୍ଯ୍ୟନିର୍ବାହୀ ହାକିମ ହୋଇ ରହିଥିଲେ ଓ ପ୍ରଧାନତଃ ସେହି ଖାତିରରେ ସେମାନଙ୍କୁ କମିଟିର ସଦସ୍ୟରୂପେ ଗ୍ରହଣ କରାଯାଇଥିଲା । ଏବଂ, ପ୍ରଧାନତଃ ସେହି ଖାତିରରେ ହିଁ ଜଣେ ଜଣେ ଅନୁଗତ ଉଚ୍ଚକର୍ତ୍ତା । ହିସାବରେ ସେମାନେ ମଧ୍ୟ ସେହି କମିଟିର ସଦସ୍ୟ ହୋଇ ଯାଇଥିଲେ । କମିଟି ପ୍ରଦେଶର ନାନା ଅଞ୍ଚଳ ବୁଲି ବରୀକୁ ମୌଳିକ ଶିକ୍ଷା ଲାଗି ପ୍ରଥମ ପ୍ରୟୋଗକ୍ଷେତ୍ର ରୂପେ ବାଛିଲେ । ବରୀ ଆଗରୁ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ତଥା ତାଙ୍କ ସହଧର୍ମିଣୀ ଶ୍ରୀଯୁକ୍ତା ରମାଦେବୀଙ୍କର କର୍ମକ୍ଷେତ୍ର ଥିଲା । କହିବା ବାହୁଲ୍ୟ, ୧୯୩୮ ମସିହାରେ ଗଠିତ ହୋଇଥିବା ମୌଳିକ ଶିକ୍ଷାବୋର୍ଡ଼୍‌ରେ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ସର୍ବପ୍ରଥମ ଅଧ୍ୟକ୍ଷ ଭାବେ ନିଯୁକ୍ତ ହେଲେ ।

୧୯୩୭ ମସିହା କଂଗ୍ରେସ ଶାସନର ଆୟୁଷ ଆଦୌ ଦୀର୍ଘ ନଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ଲାଗିବାର ଅଳ୍ପକାଳ ପରେ ପ୍ରଦେଶ ଗୁଡ଼ିକରେ କଂଗ୍ରେସ ସରକାରମାନେ ଇସ୍ତଫା ଦେଇ ବାହାରକୁ ଆସିଲେ । ଓଡ଼ିଶାରେ ମଧ୍ୟ ସେହିକଥା ହୋଇଥିଲା । ତେଣୁ ନ୍ୟାୟତଃ ଓଡ଼ିଶାରେ ସେହି ପର୍ଯ୍ୟାୟରେ ମୌଳିକ ଶିକ୍ଷା ପ୍ରୟୋଗର ଆୟୁଷ ମଧ୍ୟ ଆଦୌ ଦୀର୍ଘସ୍ଥାୟୀ ହୋଇନଥିଲା । ୧୯୪୨ ଅଗଷ୍ଟ ଆନ୍ଦୋଳନ ସମୟର ଘଟଣା ପ୍ରମାଣ କରିଦେଲା ଯେ ସରକାରଙ୍କୁ ଖାମିନ୍ଦ କରି ବସାଇ ଶିକ୍ଷାର ଯେଉଁ ପ୍ରୟୋଗ ହୁଏ, ସେଥିରେ ଯାବତୀୟ ପ୍ରୟୋଗ ପ୍ରଧାନତଃ ହାସ୍ୟାସ୍ପଦ ଓ ଉତ୍ପୀଡ଼ିତ ହୁଏ । ଅଗଷ୍ଟ ଆନ୍ଦୋଳନ ସମୟରେ ସରକାରୀ ଫଉଜ ଆସି ବରୀ ଶିକ୍ଷାକେନ୍ଦ୍ରରେ ଘର ପୋଡ଼ିଲେ, ବନ୍ଧୁ ଚରିଲେ, କୃଷିକ୍ଷେତ୍ରକୁ ଛାରଖାର କରିଦେଲେ, ସମଗ୍ର ଉଦ୍ୟମଟିକୁ ଏକ ଦୁଃଖଦ ଭଗ୍ନାବଶେଷରେ ହିଁ ପରିଣତ କରିଦେଲେ । ଯେଉଁ ହାକିମ ଏକଦା କମିଟିର ସଦସ୍ୟ ହିସାବରେ ଓଡ଼ିଶା ଯାକ ବୁଲି ବରୀଠାରେ ମୌଳିକ ଶିକ୍ଷାର ଶିଳା-ନ୍ୟାସ କରାଇଥିଲେ, ସିଏ ହୁଏତ ସେତେବେଳେ ମଧ୍ୟ ସରକାରୀ ଶିକ୍ଷା ବିଭାଗରେ ପୂର୍ବାପେକ୍ଷା ଅଧିକ ଉଚ୍ଚରେ ରହିଥିଲେ । ଜଣେ ଅନୁଗତ ଉଚ୍ଚ ଭୃତ୍ୟ ଭାବରେ ସିଏ ଧାଡ଼ି ଫିଟାଇ ଦେଇଦେଲେ ବୋଲି କହିଲେ ନାହିଁ । ଭୃତ୍ୟମାନେ ଯାହାର ସେବା ଖଟନ୍ତି, ସେବାର ମିଆଦ ପର୍ଯ୍ୟନ୍ତ ତାଙ୍କଠାରୁ ହୃଦୟ ଅଣି କାମ ନେଉଥାଆନ୍ତି, ଉତ୍ସାହୀ କଂଗ୍ରେସ ଶାସକମାନେ ଯଦି ଏକ ହାକିମତନ୍ତ୍ରକୁ କାମରେ ଲଗାଇ ମୌଳିକ

Digitized by srujanika@gmail.com

ଶିକ୍ଷାକୁ ସ୍ୱୀକାର କରିବେ ବୋଲି ପ୍ରକୃତରେ ଭାବୁଥିଲେ, ତେବେ ସେମାନଙ୍କୁ ନିର୍ବୋଧ ବୋଲି ହିଁ କୁହାଯିବ ।

ସରକାରୀ ପରିଚାଳନାରେ ବିଭିନ୍ନ ଅଞ୍ଚଳର ବିଭିନ୍ନ ଗ୍ରାମରେ ପନ୍ଦରଟି ମୌଳିକ ଶିକ୍ଷାକେନ୍ଦ୍ର ବସା ଯାଇଥିଲା । କଂଗ୍ରେସ ସରକାର ଜାଣିଥିଲେ ସେ, ସ୍ୱର୍ଗୀୟ ଉଚ୍ଚ-ପଦସ୍ଥ କର୍ତ୍ତା ଓ କର୍ମଚାରୀମାନେ ଏହି ମୌଳିକ ଶିକ୍ଷାର କାର୍ଯ୍ୟକ୍ରମ ପ୍ରତି କଦାପି ବିଶେଷ ଆଗ୍ରହ ଦେଖାଇବେ ନାହିଁ । ମୁଖ୍ୟତଃ ସେହି କାରଣରୁ ହିଁ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ପରିଚାଳିତ ହେବାର ନିଷ୍ପତ୍ତି କରି ଯାଇଥିଲା । ସେତେବେଳେ ଓଡ଼ିଶାରେ ଇଂରାଜ ଡପି ସାହେବ ଶିକ୍ଷା-ବିଭାଗର ସର୍ବୋଚ୍ଚ ନିର୍ଦ୍ଦେଶକ ଥିଲେ ଓ ଶିକ୍ଷାଗତ ପ୍ରଶାସନର କ୍ଷେତ୍ରରେ ତାଙ୍କର ଖୁବ୍ ସୁନାମ ରହିଥିଲା । ତାଙ୍କର ଦୁର୍ଭାଗ୍ୟ, ସେ ମୌଳିକ ଶିକ୍ଷାର ଏହି ନୂତନ ତନ୍ତ୍ରଟି ବିଷୟରେ ବିଶେଷ ଆଗ୍ରହ ଦେଖାଇଲେ ନାହିଁ । ନୂତନ ଶିକ୍ଷୋତ୍ସାହୀମାନଙ୍କର ଆଖିକୁ ତାହା ମୌଳିକ ଶିକ୍ଷାପ୍ରତି ଏକ ବିରୋଧୀ ମନୋଭାବ ଦେଖାଇଲା ପରି ବୋଧ ହେଲା ଏବଂ ପରିମାଣ ସ୍ୱରୂପ ମନ୍ତ୍ରୀମଣ୍ଡଳର ଚାପରେ ତାଙ୍କୁ ଓଡ଼ିଶାରୁ ବିଦାୟ ନେବାକୁ ପଡ଼ିଥିଲା ।

୧୯୪୭ ମସିହାର ଏହି ଦ୍ୱିତୀୟ କଂଗ୍ରେସ ସରକାର ପୁନର୍ବାର ମୌଳିକ ଶିକ୍ଷାର ପ୍ରୟୋଗରେ ହାତ ଦେବାକୁ ସ୍ଥିର କରିବାପରେ ହୁଏତ ଅଧିକ ଔଚିତ୍ୟର ସହିତ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ହିଁ ସେହି ଶିକ୍ଷାବୋର୍ଡ଼ର ସଂଗଠକ ପଦ ଗ୍ରହଣ କରିବାକୁ ଯୋଗ୍ୟତମ ବ୍ୟକ୍ତି ହୋଇଥାନ୍ତେ । ମାତ୍ର ସେ ହୁଏତ ଏଥିଲାଗି ସମ୍ମତ ହୋଇନଥିବେ । ତେଣୁ ସେହି ସମୟର ଶିକ୍ଷାମନ୍ତ୍ରୀ ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ଶ୍ରୀଯୁକ୍ତ ଆର୍ଯ୍ୟନାୟକମ୍‌ଙ୍କର ପ୍ରବର୍ତ୍ତନାରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ମୌଳିକ ଶିକ୍ଷାର ସଙ୍ଗଠକ ହୋଇ ଆସିଲେ । ଏହି ନୂତନ ପଦଟିକୁ ଗ୍ରହଣ କରିବା ସମୟରେ ତାଙ୍କୁ ପଚରା ଯାଇଥିବା ଏକ ପ୍ରଶ୍ନର ଉତ୍ତରରେ "ବାପା ମା ଚାକିରୀ କରିବ ବୋଲି ପାଠ ପଢ଼ାଇଥିଲେ, ପାଠ ପଢ଼ିଲି ସମୟରେ ମଧ୍ୟ ସେପରି ଇଚ୍ଛା ଥିଲା, ତାହା ପୂରଣ ହେଲା" ବୋଲି କହିଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ରହସ୍ୟ କରି ଏଭଳି ଉତ୍ତର ଦେଇଥିଲେ । ମାତ୍ର ତଥାପି ସଂଶୟ ରହିଯାଏ ଏବଂ ଏକ ପ୍ରଶ୍ନ ପଚାରିବାକୁ ଇଚ୍ଛା ହୁଏ । ଶ୍ରୀଯୁକ୍ତ ଚୌଧୁରୀ କଣ ମୌଳିକ ଶିକ୍ଷାକୁ କାର୍ଯ୍ୟକାରୀ କରିବାର କ୍ଷେତ୍ରରେ ସ୍ଥାୟୀ ଭାବରେ ସମୟ ଦେଇ ରହିବେ ବୋଲି ନିଷ୍ପତ୍ତି ଗ୍ରହଣ କରି ଏହି କ୍ଷେତ୍ରକୁ ଆସିଥିଲେ ? ଏବଂ, ସରକାରୀ ଶିକ୍ଷାକଳର ନିୟନ୍ତ୍ରଣ ଭିତରେ ପ୍ରକୃତରେ ମୌଳିକ ଶିକ୍ଷାର ପ୍ରୟୋଗ କ୍ଷେତ୍ରରେ ଆଦୌ କିଛି କରାଯାଇ ପାରିବ

Digitized by srujanika@gmail.com

ବୋଲି ସେ ବିଶ୍ୱାସ କରୁଥିଲେ କି ? ଯିଏ ଶିକ୍ଷାରେ ମୂଳଭୂତ କିଛି ପରିବର୍ତ୍ତନ ଆଣି-ବାକୁ ଇଚ୍ଛା କରୁଥାଏ, ତାକୁ ଶିକ୍ଷାର କାର୍ଯ୍ୟକୁ ଏକ ବ୍ରତ ଅର୍ଥାତ୍ ସାରା ଜୀବନର ଏକ ନିଷ୍ଠିତିରୂପେ ହିଁ ଗ୍ରହଣ କରିବାକୁ ପଡେ । ପୃଥିବୀର ଅଧିକାଂଶ ଶିକ୍ଷାବିତ୍ ତାହାହିଁ କରିଛନ୍ତି । ଓଡ଼ିଶାରେ ମୌଳିକ ଶିକ୍ଷାକୁ ଓଡ଼ିଶାର ସରକାର ଆବୋରି ବସିବା ପରେ ସେଇ ଯେ କାଳକ୍ରମେ ତାହା ଟିକି ପକାଇଲେ, ପରବର୍ତ୍ତୀ ବର୍ଷଗୁଡ଼ିକର ଘଟଣା ତାହା ହିଁ ପ୍ରମାଣ କରିଦେଇଛି ।

ଶ୍ରୀଯୁକ୍ତ ଚୌଧୁରୀ ମୌଳିକ ଶିକ୍ଷାର ସରକାରୀ ସଂଗଠକ ହିସାବରେ ପନ୍ଦର ମାସ ରହିଥିଲେ । ତାପରେ ସେ ମୌଳିକ ଶିକ୍ଷାର ସେହି ପଦଟିକୁ ଛାଡ଼ିଲେ, ଅନ୍ୟ-ଆଡ଼େ ଗଲେ । ମାତ୍ର ନିଜ ଜୀବନରେ ବିଭିନ୍ନ ବହୁ ଅବସରରେ ସେ ଶିକ୍ଷା ବିଷୟରେ ନିଜର ବିଚାରଗୁଡ଼ିକୁ ଅବଶ୍ୟ ପ୍ରକଟ କରୁଥିଲେ । ଏପରିକି ଜୀବନର ପ୍ରାୟ ଶେଷ ଚରଣରେ ମଧ୍ୟ ଶ୍ରୀ ଚୌଧୁରୀ ଆଇଭାନ୍ ଇଲିଚ୍, ପାଉଲେ ଫ୍ରାୟ୍‌ରେ ଏବଂ ଜନ୍ ହଲ୍‌ଟ୍‌ଙ୍କ ପରି ଶିକ୍ଷାବିତ୍ ଓ ଶିକ୍ଷାବିଚାରକ ମାନଙ୍କର ପୁସ୍ତକଗୁଡ଼ିକୁ ପାଠ କରୁ-ଥିଲେ ଏବଂ ଅତୀବ ଆଗ୍ରହ ସହିତ ସେଥିରେ ବ୍ୟକ୍ତ ହୋଇଥିବା ବିଚାରଗୁଡ଼ିକର ଚର୍ଚ୍ଚା କରୁଥିଲେ । ନିଜେ ପ୍ରତ୍ୟକ୍ଷ ଭାବରେ ଶିକ୍ଷାର କାର୍ଯ୍ୟରେ ସମ୍ପୃକ୍ତ ହୋଇ ରହିବେ ବୋଲି କିଛିଦିନ ଅନୁଗୁଳ ନିକଟରେ ଥିବା ଚମ୍ପତିମୁଣ୍ଡାର 'ଜୀବନ ବିଦ୍ୟାଳୟ'ରେ ପାଠ ପଢ଼ାଇବାକୁ ମଧ୍ୟ ଯାଇଥିଲେ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏକଦା ଜଳେଶ୍ୱରଠାରେ ଗୋଟିଏ ମୌଳିକ ବିଦ୍ୟାଳୟର ଶୁଭ ଦେଇ ମୌଳିକ ଶିକ୍ଷାର ଉପାଦେୟତା ବିଷୟରେ ବୁଝାଇବାକୁ ଯାଇ ସେ କହିଥିଲେ : "ଆମ ଦେଶର ଶିକ୍ଷିତମାନେ ପ୍ରକୃତରେ ଏତେ ଅଶିକ୍ଷିତ ହୋଇ ପଡ଼ିଛନ୍ତି ଯେ, ସେମାନଙ୍କ ହାତରେ ଦେଶର କୌଣସି ଉନ୍ନତମୂଳକ କାର୍ଯ୍ୟ କରାଇବା ସମ୍ଭବ ନୁହେଁ । ଶିକ୍ଷିତ ଶ୍ରେଣୀର ମୂଳଦୁଆ ବିଗିଡ଼ି ଯାଇଛି ।··· ଶିକ୍ଷା ନାମରେ ଆମେ କେବଳ ଅଶିକ୍ଷା ଓ ଅବିଦ୍ୟା ଶିକ୍ଷା କରୁଛୁ । ଗାନ୍ଧୀଜୀ ଏହି ଶିକ୍ଷାଅନୁଷ୍ଠାନ ମାନଙ୍କୁ ଗୋଲାମଖାନା ବୋଲି ଯାହା କହିଥିଲେ, ତା'ର ଅର୍ଥ ହେଉଛି ଯେ, ଶିକ୍ଷିତମାନେ କେବଳ ଯେ ସରକାର ଗୋଲାମ ହୋଇ ରହୁଥିଲେ ତା' ନୁହେଁ, ସମାଜରେ ସମସ୍ତଙ୍କର ଗୋଲାମ ହୋଇ ସେମାନେ ରହିଛନ୍ତି ।···ଆମେ ଏହି ଶିକ୍ଷା ପାଇ ପ୍ରକୃତରେ ମଇଳା ହୋଇ ଯାଇଛୁ । ଆମ ମନ ମଧ୍ୟ ମଇଳା ହୋଇ ଯାଇଛି । ତେଣୁ ଯେତେ ଅନ୍ୟାୟ କଲେ ମଧ୍ୟ ତାହା ଆମକୁ ଖରାପ ଲାଗୁନାହିଁ । ସେଥିପାଇଁ ବର୍ତ୍ତମାନର ଶିକ୍ଷାପଦ୍ଧତିରେ ପରିବର୍ତ୍ତନ କରାଯାଇ ମୌଳିକ ଶିକ୍ଷାର ପ୍ରବର୍ତ୍ତନ କରାଯାଉଛି । ୧୯୬୪ ମସିହା ଡ଼ିସେମ୍ବର ପହିଲାର 'ସର୍ବୋଦୟ' ପତ୍ରିକାରେ ସେ

Digitized by srujanika@gmail.com

ଲେଖିଥିଲେ : "ଯୁବକମାନେ ବୁଝିବା ଉଚିତ ଯେ କାହାର ସ୍ୱାର୍ଥକୁ ଜାରି ରଖିବାଲାଗି ଶିକ୍ଷା ଚାଲିଛି । ସବୁ ଲୋକେ କେମିତି ଭଲରେ ରହିବେ ସେଥିପାଇଁ ନା ବୁଢ଼ାମାନଙ୍କର ତାବେଦାରି ହେବାପାଇଁ ? ଶିକ୍ଷା ମାଧ୍ୟମରେ ଯୁବକ ମାନଙ୍କୁ ପୋଷା ମନାଯାଉଛି ଠିକ୍ ଯେମିତି କୁକୁର ଛୁଆକୁ ପୋଷା ମନାଯାଏ । କାଳେ ସେମାନେ ନିଜ ବୁଦ୍ଧିରେ ଚାଲିବେ ଓ ଆମକୁ ମାନିବେ ନାହିଁ ସେଥିପାଇଁ ଜୀବନ୍ତ ଯୁବକ ମାନଙ୍କୁ ଆମ ଦେଶରେ ଗୋଲାମିଆ କରି ଦିଆଯାଉଛି, ଶିକ୍ଷାବ୍ୟବସ୍ଥାର ଏହା ବଡ଼ ଦୋଷ ।" ଏବେ ମଧ୍ୟ ଭାରତର ଯେକୌଣସି ରାଜ୍ୟର ଶିକ୍ଷାମନ୍ତ୍ରୀ, ଯେକୌଣସି ମନ୍ତ୍ରୀ ଅଥବା ମହାନ୍ ଚରିତ୍ରଶୀଳ ବ୍ୟକ୍ତି ଠିକ୍ ଏହି କଥାଗୁଡ଼ିକୁ କହି କେତେ ପ୍ରସନ୍ନ ଅନୁଭବ କରିବେ ।

୧୯ ୦ ମସିହା ମଇ ମାସରେ ଶ୍ରୀଯୁକ୍ତ ଚୌଧୁରୀ ପୁନର୍ବାର ସରକାରୀ ଶାସନଗାଦୀକୁ ଫେରିଗଲେ । ଏଥର ମୁଖ୍ୟମନ୍ତ୍ରୀ ରୂପେ । ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ରହିଥିବା ଶ୍ରୀ ହରେକୃଷ୍ଣ ମହତାବଙ୍କୁ କଂଗ୍ରେସର ସବାବଡ଼ ନେତା ଓ ଭାରତବର୍ଷର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ନିଜ ମନ୍ତ୍ରୀମଣ୍ଡଳରେ ସାମିଲ କରିବାଲାଗି ଦିଲ୍ଲୀ ଡାକି ନେଲେ । ଭୁବନେଶ୍ୱରରେ ରାଜ୍ୟ-ମୁଖ୍ୟମନ୍ତ୍ରୀର ଆସନଟି ଖାଲି ପଡ଼ିଲା । ପଣ୍ଡିତ ନେହରୁଙ୍କର ଏକାନ୍ତ ଅନୁରୋଧ ଏଡ଼ି ନପାରି ଶ୍ରୀ ଚୌଧୁରୀ ସେହି ଖାଲି ଆସନଟିକୁ ପୂର୍ଣ୍ଣ କରିବାଲାଗି ମୌଳିକ ଶିକ୍ଷାର ସଂଗଠକ-ପଦ ଛାଡ଼ି ରାଜଧାନୀକୁ ଆସିଲେ । 'ସାଧନାର ପଥେ'ରେ କିନ୍ତୁ ସ୍ୱୟଂ ଶ୍ରୀ ମହତାବ ଅନ୍ୟପ୍ରକାରେ କହିଛନ୍ତି । (ପୃଷ୍ଠା ୩୮୮-୮୯) : "...୧୧-୫-୫୦ରେ ନୂତନ ଦଳପତି ନିର୍ବାଚନ କରିବା ପାଇଁ ବ୍ୟବସ୍ଥାପକ ସଭାର କଂଗ୍ରେସ ଦଳର ଏକ ବୈଠକ ବସିଲା । ...ମୁଖ୍ୟମନ୍ତ୍ରୀ ପଦପାଇଁ ସ୍ୱାଭାବିକ ଗତିରେ ଦୁଇଜଣଙ୍କ ନାମ ଉଠିଥାଏ— ଶ୍ରୀ ବିଶ୍ୱନାଥ ଦାସ ଓ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ । ଏମାନେ ୧୯୩୮ ମସିହାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କରିଥିଲେ । ଦଳ ମଧ୍ୟରେ ଅନେକେ ବିଶ୍ୱନାଥ ବାବୁଙ୍କୁ ଚାହୁଁଥିଲେ ।" ମାତ୍ର ଘଟଣାଚକ୍ରରେ ପଡ଼ି ଶ୍ରୀ ମହତାବ ଦଳର ଏକ ସ୍ୱାଭାବିକ ପ୍ରତ୍ୟାଶିତ ନିଷ୍ପତ୍ତିରେ ହସ୍ତକ୍ଷେପ କରିଥିଲେ ।

"ମୋ ପକ୍ଷରେ ଉଚିତ ଥିଲା, ଏ ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବରେ ଦଳ ହାତରେ ଛାଡ଼ିଦେବା । ମୁଁ ନିଜକୁ ନିଜେ ନିରପେକ୍ଷ ରଖିଥିଲେ ଦଳ ସ୍ୱଚ୍ଛନ୍ଦ ଗତିରେ ଯାଇଥାନ୍ତା ଓ ମୁଁ ମଧ୍ୟ ସ୍ଥାନୀୟ ବାଦବିବାଦରେ ଜଡ଼ିତ ହୋଇଯାଇ ନଥାନ୍ତି; କିନ୍ତୁ ବାସ୍ତବରେ ପରିଚାଳନା ଅନ୍ୟ ବାଟରେ ହେଲା ।" ତା'ପରେ " 'ପ୍ରଜାତନ୍ତ୍ର' ଅଫିସରେ ମୁଁ ଅଛି । ସନ୍ଧ୍ୟା ସମୟରେ କଂଗ୍ରେସ ଦଳର ତଥାକଥିତ ପ୍ରଗତିଶୀଳ ଗୋଷ୍ଠୀର ମୁଖପାତ୍ର

Digitized by srujanika@gmail.com

ଭାବରେ ଶ୍ରୀ ବିଜୟ ପଟ୍ଟନାୟକ ଓ ଶ୍ରୀ ବୀରେନ ମିତ୍ର ଆସି ମୋତେ କହିଲେ ଯେ, ବିଶ୍ୱନାଥବାବୁ ବା ନିତ୍ୟାନନ୍ଦବାବୁ ମୁଖ୍ୟମନ୍ତ୍ରୀ ହେଲେ ଓଡ଼ିଶା ବହୁବର୍ଷ ପଛକୁ ଚାଲିଯିବ; କାରଣ ସେମାନଙ୍କର ସ୍ପଷ୍ଟ ଦୂରଦୃଷ୍ଟି ନାହିଁ। ବହୁପ୍ରକାର ଯୁକ୍ତି ସେମାନେ ଦର୍ଶାଇଲେ। ମୁଁ ପଚାରିଲି କାହାକୁ ସେମାନେ ବାଛୁଛନ୍ତି। ସେମାନେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ନାମ କହିଲେ।

"ସେତେବେଳକୁ ନବବାବୁ ମନ୍ତ୍ରୀପଦରୁ ଇସ୍ତଫା ଦେବା ପରେ ପରେ ବ୍ୟବସ୍ଥାପକସଭାରୁ ଇସ୍ତଫା ଦେଇ ମୌଳିକ ଶିକ୍ଷା ବିଭାଗର ଜଣେ ସରକାରୀ କର୍ମଚାରୀ ଭାବରେ ବେତନ ପାଇ ଅନୁଗୁଳରେ ରହୁଥାନ୍ତି। ମୁଁ ଭାବିଲି ଯେ ନବବାବୁ ରାଜନୀତିରୁ ଅପସରି ଯାଇଥିବା ହେତୁ ସେ ଏମାନଙ୍କ ପ୍ରସ୍ତାବରେ ରାଜି ହେବେ ନାହିଁ। ମୁଁ କହିଲି, ଅବଶ୍ୟ ନବବାବୁ ସମ୍ମତ ହେଲେ ସର୍ବୋତ୍କୃଷ୍ଟ ହେବ। ଏଥିକି ପୁଣି ମୋହ ବଢାଇବି ଶ୍ରୀ ବିଜୟ ପଟ୍ଟନାୟକ ଅନୁଗୁଳକୁ ଯାଇ ନବବାବୁଙ୍କୁ ରାଜି କରାଇ କଟକରେ ପରଦିନ ସକାଳେ ଆଣି ପହଞ୍ଚାଇଲେ।" ଏବଂ ତାଙ୍କ ଆସିବା ପରେ ପରେ ଦଳ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଲା। ସେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି, ସବୁ ଛାଡିଦେଇ ଯାଇଛନ୍ତି, ସେ କପରି ଆସିବେ, ଏପ୍ରକାର ନ୍ୟାଯ୍ୟ ଯୁକ୍ତି ମଧ୍ୟ ଉଠିଲା। ଏ ବାଦାନୁବାଦରେ ମୁଁ ଏପରି ଜଡ଼ିତ ହୋଇଗଲି ଯେ, ମୋ'ର ଜିଦ୍ ହେଲା ନବବାବୁଙ୍କୁ ଜିତେଇବା।......୧୧ ତାରିଖ ସନ୍ଧ୍ୟାରେ ଦଳର ବୈଠକ ବସିଥାଏ।......ସେ ବୈଠକରେ ନବବାବୁଙ୍କୁ ନେଇ ଏପରି ବାଦବିବାଦ ହେଲା ଯେ ମୁଁ ବିରକ୍ତ ହୋଇ କହିଲି, 'ନବବାବୁଙ୍କୁ ବାଛିବାକୁ ହେବ; ନଚେତ୍ ମୁଁ କେନ୍ଦ୍ର ଯିବା ବନ୍ଦ କରିଦେଇ ଏଇଠି ରହିବି।' ମୋର ବିରକ୍ତିରେ ସମସ୍ତେ ନୀରବ ହୋଇଗଲେ। ନବବାବୁ ସର୍ବସମ୍ମତି କ୍ରମେ ଦଳର ନେତା ନିର୍ବାଚିତ ହେଲେ।'

ଏକ ସାକ୍ଷାତ୍କାରରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଏହି ସମୁଦାୟ ବ୍ୟାପାରଟିକୁ a very deep game ବୋଲି କହିଛନ୍ତି। ଏହା ଅଭିସନ୍ଧିମୂଳକ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନେହରୁ ଶ୍ରୀ ମହତାବଙ୍କୁ ନିଜ ପଟକୁ ଟାଣିନେବାକୁ ଚାହୁଁଥିଲେ। ତାଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ନେବା ଲାଗି ପ୍ରଲୋଭନ ଦେଖାଇଲେ ଓ ଶ୍ରୀ ମହତାବ ସେହି ଚକ୍ରାନ୍ତର ଶିକାର ହେଲେ। ଶ୍ରୀ ଚୌଧୁରୀଙ୍କର ନିଜ ଭାଷାରେ, "ଦିନେ ବନମାଳୀ ପଟ୍ଟନାୟକ ଆସି ମୋତେ କହିଲେ, ସେ ନେହରୁଙ୍କ ସହିତ କଥାବାର୍ତ୍ତା ପାଇଁ ମହତାବ କହିଛନ୍ତି। ମତେ ଏଥିପାଇଁ ପୁରୀକୁ ଡାକିନେଲେ।...ନେହରୁ ମତେ ବୁଝାଇ କହିଲେ ଯେ ତୁମେ ଭଲ କାମ କରୁଛ। ପୁଣି ଆମ ଦେଶ କାମ ତ କରିବାକୁ ପଡ଼ିବ। ବହୁ ଆଲୋଚନା ହେଲା।...ମୁଁ ଅନିଚ୍ଛା ସତ୍ତ୍ୱେ ରାଜି ହେଲି।...ମୁଁ ଭାବିଲି

Digitized by srujanika@gmail.com

କ୍ଷମତା ବାହାରେ ରହି କିଛି କରି ପାରୁନାହିଁ । କ୍ଷମତା ଭିତରେ ରହି କିଛି କରି ହେବନି ।” ସାକ୍ଷାତକାରରେ ଶ୍ରୀଯୁକ୍ତ ବୈଧୁଙ୍କ ଏହି ବାକ୍ୟ ହେବାଟାକୁ ଗୋଟିଏ illusion, weakness ବୋଲି କହିଛନ୍ତି । ସାକ୍ଷାତକାରଟି ହୋଇଛି ଅର୍ଦ୍ଧ ତେଇଶିବର୍ଷ ପରେ ୧୯୭୮ ମସିହା ମାର୍ଚ୍ଚ ମାସର ।

ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବାର ଅବ୍ୟବହିତ ପରେ ସେପ୍‌ଟେମ୍ବର ତିରିଶ ତାରିଖ ଦିନ ଶ୍ରୀଯୁକ୍ତ ବୈଧୁଙ୍କ ସ୍ଥାନୀୟ କଂଗ୍ରେସ ଅଫିସରେ ଯେତେବେଳେ କେନ୍ଦ୍ରରେ ... ଯୋଗାଣମନ୍ତ୍ରୀ ଥିବା ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କର ପ୍ରତିକୃତି ଉନ୍ମୋଚନ କରିବା ନିମନ୍ତେ ପାରଳାଖେମୁଣ୍ଡି ଯାଇଥିଲେ । ସେହି ଅବସରରେ ସେ ସାଧାରଣ ସଭାରେ କହିଥିଲେ ଯେ ଶ୍ରୀଯୁକ୍ତ ମହତାବଙ୍କ ସଙ୍ଗେ ସେ ଅନେକ ବର୍ଷ ଧରି ଏକାଠି କାର୍ଯ୍ୟ କରି ଆସିଛନ୍ତି । ସେ ଦୁଇଜଣ ଅନେକ କ୍ଷେତ୍ରରେ ଏକାଭଳି ଚିନ୍ତା କରିଛନ୍ତି ଓ ପରସ୍ପର ଉପରେ ନିର୍ଭର କରି ଆସିଛନ୍ତି । ତାହାପାଖରେ କେତେ ... ତଳେ ରହିଥିବା ପରି ଶ୍ରୀଯୁକ୍ତ ବୈଧୁଙ୍କ ଏହି କଥା କହିଥିବେ ଏବଂ ସର୍ବସାଧାରଣରେ ତାଙ୍କର ସେହି ଅଜସ୍ର କୃତଜ୍ଞତାଟିକୁ ବ୍ୟକ୍ତ କରିବାକୁ ଆପଣାର ପରମ କର୍ତ୍ତବ୍ୟ ବୋଲି ଅନୁଭବ କରିଥିବେ । ଉପରେ ସୂଚିତ ହୋଇଥିବା ୧୯୭୮ ମସିହାର ସେହି ସାକ୍ଷାତକାରରେ ସେ ପଛକୁ ଅନାଇ କହିଥିଲେ ଯେ ୧୯୦୮ରୁ ସେ ସକ୍ରିୟ ରାଜନୀତିରୁ ଓହରିବା ପାଇଁ ଚେଷ୍ଟା କରୁଥିଲେ । ତେଣୁ ସେ ୧୯୪୮ରୁ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ । ତାର କାରଣ, “ଆମେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଯାହାସବୁ ଭାବି ଚାଲିଥିଲୁ, ମୁଁ ଦେଖିଲି ମନ୍ତ୍ରୀମଣ୍ଡଳରେ ସେସବୁ ଆଭିମୁଖ୍ୟ ରହିପାରିଲା ନାହିଁ । ବରଂ ଠିକ ଓଲଟା ହେଲା । ତେଣୁ ଲୋକଙ୍କ ସହିତ କିଛି ସମ୍ପର୍କ ରହିଲା ନାହିଁ ।....ସେତିକବେଳେ ଠିକ ଗାନ୍ଧୀଙ୍କର ହତ୍ୟା ଓ ମୋ ପୁଅର ମୃତ୍ୟୁ ପ୍ରାୟ ଏକସଙ୍ଗରେ ହେଲା । ମୁଁ ଭାରି ବିବ୍ରତହୋଇ ପଡିଥିଲି । ତାହାର ଭିତରେ ରାଜନୀତି ପ୍ରତି ଗୋଟିଏ disillusion-ment ମଧ୍ୟ ଅତି ତୀବ୍ର ହୋଇଥାଏ । ମୋର ଧାରଣା ହେଲା ଯେ ରାଜନୀତିରେ ରହିବାଟା ଭୁଲ ।” ଏବଂ, ସେହି କାରଣରୁ ସେ ୧୯୪୮ରେ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲେ ବୋଲି କହିଛନ୍ତି ।

୧୯୪୭ ମସିହାରେ ଭାରତବର୍ଷ ରାଜନୈତିକ ସ୍ୱାଧୀନତା ଲାଭ କରୁଥିବା ସମୟରେ ଆଉ ଗୋଟିଏ କଥା ମଧ୍ୟ ଘଟିଥିଲା । ଭାରତୀୟ କଂଗ୍ରେସ ଏଣିକି ଆପଣାକୁ ଭାଙ୍ଗିଦେଉ ବୋଲି ମହାତ୍ମା ଗାନ୍ଧୀ କଂଗ୍ରେସବାଲାଙ୍କୁ ପରାମର୍ଶ ଦେଇଥିଲେ । ମାତ୍ର ନେତାମାନେ ଯେତେବେଳେ ସ୍ୱାଧୀନ ଭାରତରେ ଶାସନମାନଙ୍କ ... କେତେ ଉପରେ ଯାଇ ରହିପାରିବେ, କୋଷ୍ଠୀ ପକାଇ ତାହାର ଗଣନା କରୁଥିଲେ ଓ ସ୍ୱପ୍ନ

Digitized by srujanika@gmail.com

ଦେଖୁଥିଲେ । ଗାନ୍ଧିଜୀଙ୍କର କଥା ଶୁଣିବା ନିମନ୍ତେ ମହାକାଙ୍କ୍ଷୀ ମାନଙ୍କର ବେଳ ନଥିଲା । ତେଣୁ କଂଗ୍ରେସକୁ ପ୍ରକୃତରେ ଭାଙ୍ଗିଦେବାର ପ୍ରସ୍ତାବଟିକୁ ଆଉ କିଏ ଶୁଣି-ଥାନ୍ତା ? ସେତେବେଳେ ଶ୍ରୀଯୁକ୍ତ ଚୌଧୁରୀ ମଧ୍ୟ ଭୋଟ ଲଢ଼ିଲେ । ନିର୍ବାଚିତ ହୋଇ ନୂଆ ବିଧାନସଭାକୁ ଆସିଲେ ଏବଂ ମନ୍ତ୍ରୀ ହେଲେ, ତାଙ୍କୁ ଯଥାସମ୍ଭବ ଅଧିକ ସମଗ୍ର ଭାବରେ ବୁଝିବାର ହଜାର ପ୍ରୟାସରେ ଏହି ଘଟଣାଟି ଯେପରି ଏକ ଜଟିଳ ବ୍ୟାପାର ହୋଇ ରହିଛି; ଏପରି ଏକ ଗଣ୍ଠି ହୋଇ ରହିଛି, ଯାହାକୁ ମୋଟେ ଫିଟିବାକୁ [illegible] ହେଉନାହିଁ, ମହାତ୍ମାଗାନ୍ଧୀଙ୍କର ଏହି ଅନ୍ୟ ଇଚ୍ଛାଟି ବିଷୟରେ ସେ ଅବଗତ ନଥିଲେ ବୋଲି ବିଶ୍ୱାସ କରିବାକୁ ମୋଟେ ଇଚ୍ଛା ହେଉନାହିଁ ।

ତଥାପି ୧୯୪୮ ମସିହାରେ ତାଙ୍କର ମୋହଭଙ୍ଗ ହେଲା ଓ ସେ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲେ, ଏହି କ୍ଷେତ୍ରରେ ତାଙ୍କୁ ବେଶ୍ ବୁଝିହେଉଛି, ଓଡ଼ିଶା ରାଜନୀତିର ଜଙ୍ଗଲ ଭିତରେ ତାଙ୍କୁ ଆବିଷ୍କାର କରିହେଉଛି । ମାତ୍ର, ତା'ପରେ, "ମୁଁ ଭାବିଲି କ୍ଷମତା ବାହାରେ ରହି କିଛି କରି ପାରୁନାହିଁ । କ୍ଷମତା ଭିତରେ ରହି କିଛି କରିବେବ ।" ବୋଲି ୧୯୫୦ ମସିହାରେ ସେ ପୁଣି କିପରି ଭାବିଲେ ଏବଂ କ୍ଷମତାକୁ ସେ ଆସିଲେ, ସଙ୍ଗତି ସହିତ ସେକଥା ଆଦୌ କଳ୍ପନା କରି ହେଉନାହିଁ । ଥରେ ମୋହଭଙ୍ଗ ହେବାପରେ ପୁଣି ସେ ପ୍ରାୟ ସ୍ୱତଃପ୍ରବୃତ୍ତ ହୋଇ ମୋହ ଭିତରେ ଗଳିଗଲେ କାହିଁକି ? ଏଥର ସେ ସତେଅବା ଆତ୍ମପ୍ରତ୍ୟୟ ସହିତ ରାଜନୀତି ଏବଂ ଶାସନରେ ରହିବା ନିମନ୍ତେ ରାଜଧାନୀକୁ ଫେରି ଆସିଥିଲେ । କଂଗ୍ରେସର ନୀତିଗୁଡ଼ିକୁ ଅଧିକ ପ୍ରତ୍ୟୟ ସହିତ ସମର୍ଥନ କରୁଥିଲେ ; କଂଗ୍ରେସ ଭିତରର ଜଣେ ପ୍ରତିଶ୍ରୁତିବଦ୍ଧ ମନ୍ତ୍ରୀ ଯେପରି କରିବା କଥା, ପ୍ରାୟ ସେହିପରି ।

୧୯୫୦ ସେପ୍ଟେମ୍ବର ମାସର ଶେଷ ଭାଗରେ କେନ୍ଦ୍ରସ୍ଥ ଶିଳ୍ପ ଓ ଯୋଗାଣ-ମନ୍ତ୍ରୀ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କୁ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ପୁରୀଠାରେ ଯେଉଁ ସାଧାରଣ ସଭା ହୋଇଥିଲା, ସେଥିରେ ଓଡ଼ିଶାରେ ତାଙ୍କର ପରବର୍ତ୍ତୀ ଆସନାଧିକାରୀ ମୁଖ୍ୟମନ୍ତ୍ରୀ ରୂପେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଭାଷଣ ଦେଇଥିଲେ । ଗାନ୍ଧୀଜୀ ଯେଉଁ କଂଗ୍ରେସ୍‌କୁ ସ୍ୱାଧୀନତା ପରେ ଭାଙ୍ଗି ଦେବା-ଲାଗି ପରାମର୍ଶ ଦେଇଥିଲେ, ତାହାର ପକ୍ଷସମର୍ଥନ କରି ଶ୍ରୀ ଚୌଧୁରୀ ଯାହା କହିଥିଲେ, ତାହା ଏକାନ୍ତ ଅନୁଧ୍ୟାନଯୋଗ୍ୟ । କଂଗ୍ରେସକୁ ବାମପନ୍ଥୀ ଦଳମାନେ ଏକ ରକ୍ଷଣଶୀଳ ଦଳ ବୋଲି ଯାହା ସମାଲୋଚନା କରୁଛନ୍ତି, ତାହା ଉଲ୍ଲେଖ କରି ସେ କହିଥିଲେ ଯେ, କଂଗ୍ରେସ ପ୍ରକୃତରେ ରକ୍ଷଣଶୀଳ ଦଳ ହୋଇ ରହିବାକୁ ଚାହେଁ । ବହୁଯୁଗ ପରାଧୀନତା ପରେ ଆମେ ଯେଉଁ ସ୍ୱାଧୀନତା ପାଇଛୁ, ଦେଶରେ ସମସ୍ତ ଶାସନଭାର ତୁଲାଇବାର ଯେଉଁ କ୍ଷମତା ପାଇଛୁ, ତାକୁ କଂଗ୍ରେସ ରକ୍ଷା କରିବାକୁ ବଦ୍ଧପରିକର ।

Digitized by srujanika@gmail.com

ବାମପନ୍ଥୀ ଦଳମାନେ ଏହି ସ୍ୱାଧୀନତାକୁ ଭାଙ୍ଗିଦେବାକୁ ଚାହାନ୍ତି ଏବଂ ବିପ୍ଳବକୁ ଧ୍ୱଂସ କରିଦେବା ସେମାନଙ୍କର ଇଚ୍ଛା । ମାତ୍ର କଂଗ୍ରେସ ଏହି ସ୍ୱାଧୀନତାକୁ ଏହି ବିପ୍ଳବକୁ ରକ୍ଷା କରିବାକୁ ସଂକଳ୍ପ କରିଛି ।

ତାହାରି ପ୍ରାୟ ଦୁଇମାସ ପୂର୍ବରୁ ଆଉଥରେ ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ଏକଥା ମଧ୍ୟ କହିଥିଲେ : "ପଣ୍ଡିତ ନେହରୁ ଓ ସର୍ଦ୍ଦାର ପଟେଲ ବନ୍ଧୁ ବାନ୍ଧବଙ୍କ ଭିତରେ ଦେଶକୁ ଚଳେଇ ଆଣିଛନ୍ତି ଏବଂ ସେ ଦୁଇଜଣଙ୍କ ଛଡ଼ା ଦ୍ୱିତୀୟ ଲୋକ କେହି ଦେଖା ଯାଉନାହାନ୍ତି ।" ସେହି ସମୟର ଆଉଗୋଟିଏ ସଭାରେ ସେ କହିଥିଲେ ଯେ, ସେ ଭାରତରେ ପଣ୍ଡିତ ନେହରୁ ଓ ସର୍ଦ୍ଦାର ପଟେଲଙ୍କର ଅନୁରକ୍ତ ରହିବେ ବୋଲି ଠିକ୍ କରିଛନ୍ତି । ସେ ଦୁହେଁ ଯେଉଁ ଦଳରେ ରହିବେ, ସେ ନିଜେ ସେହି ଦଳରେ ରହିବେ । ଭାରତବର୍ଷର ନବଲବ୍ଧ ରାଜନୈତିକ ସ୍ୱାଧୀନତା ପ୍ରତି ଆନୁଗତ୍ୟ ଏବଂ ଭାରତବର୍ଷରେ କ୍ଷମତାସୀନ ହୋଇ ରହିଥିବା ଏକ ରାଜନୈତିକ ଦଳ ପ୍ରତି ଆନୁଗତ୍ୟ ଏକ୍ଷା କଦାପି ଗୋଟିଏ କଥା ନୁହେଁ । ମୁଖ୍ୟମନ୍ତ୍ରୀ ପଦରେ ରହି ଶ୍ରୀ ଚୌଧୁରୀ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଆଣି ଦେଇଥିବା ଦଳଟିକୁ ଅବଶ୍ୟ ସର୍ବଶ୍ରେଷ୍ଠ ଓ ସର୍ବୋପକାରୀ ବୋଲି କହିବା ଅତ୍ୟନ୍ତ ସ୍ୱାଭାବିକ । ତଥାପି କଥାଗୁଡ଼ିକୁ ଶୁଣିଲା ବେଳକୁ କେମିତି କେମିତି ଲାଗେ । ଏସବୁ କଥା ଆଉ କୋଉ ମୁଖ୍ୟମନ୍ତ୍ରୀ କହିଥିଲେ ହୁଏତ ଆଦୌ କିଛି ଲାଗୁନଥାନ୍ତା । ଏକ ଅନ୍ୟ ସମାନ୍ତର ଭାବରେ ଗାନ୍ଧୀଜୀଙ୍କ ଜୀବନରୁ ଏକ ଦୃଷ୍ଟାନ୍ତ ନିଆ ଯାଇପାରେ । ସ୍ୱାଧୀନ ଭାରତର ଶାସନଗତ ରୂପରେଖର ଏକ ପ୍ରାଥମିକ ଚଠା କରିବାଲାଗି ଦିଲ୍ଲୀରେ ଯେଉଁ ଶାସନବିଧାୟକ ସଭା ବସିଥିଲା, ସ୍ୱାଧୀନ ଭାରତର ପତାକା କିପରି ହେବ ଓ ସେଥିରେ କେଉଁଭଳି ସଙ୍କେତମାନ ରହିବ, ଏକଦା ସଦସ୍ୟମାନେ ସେଠାରେ ସେହି ପ୍ରସଙ୍ଗର ଆଲୋଚନା କରୁଥିଲେ । ମହାତ୍ମା ଗାନ୍ଧୀ ଦୂରରୁ ଥାଇ ସେହି ଅତ୍ୟନ୍ତ ଭାବପ୍ରବେଣ ଆଲୋଚନାଗୁଡ଼ିକୁ ଲକ୍ଷ୍ୟ କରୁଥିଲେ । ପତାକା ଉପରେ ଯାହାକିଛି ସଙ୍କେତ ରହୁ ବା ନରହୁ ପଛକେ, ତାହା ଯଦି ଭାରତବର୍ଷର କୋଟି କୋଟି ସାଧାରଣ ଜନଗଣଙ୍କର ସ୍ୱାର୍ଥର ପ୍ରତିନିଧିତ୍ୱ ନକରେ,ତେବେ ସେ ସର୍ବପ୍ରଥମ ବ୍ୟକ୍ତିରୂପେ ସେହି ପତାକାକୁ ନିଜର ସମ୍ମାନ ପ୍ରଦର୍ଶନ କରିବାକୁ ନାହିଁ କରିଦେବେ ବୋଲି ମହାତ୍ମା ଗାନ୍ଧୀ ସେତେବେଳେ ଗୋଟିଏ ଲେଖାରେ ଲେଖିଥିଲେ ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ମୁଖ୍ୟମନ୍ତ୍ରୀତ୍ୱ କାଳରେ ପୁରାତନ ବହୁ ସାମାଜିକ ଗଠନରେ ଏକ ଯଥାର୍ଥ ପରିବର୍ତ୍ତନ ଆଣିବାରେ ଏକାଧିକ ପଦକ୍ଷେପ ନିଆ ଯାଇଥିଲା । ଜମିଦାରୀଗୁଡ଼ିକର ଉଚ୍ଛେଦ ହେଲା, ଭାଗଚାଷୀମାନେ ସେମାନେ ଚଷି

Digitized by srujanika@gmail.com

ଅମଳ କରୁଥିବା ଫସଲର ଦୁଇତୃତୀୟାଂଶ 'ପାଇବେ ବୋଲି ଏକ ନୂତନ ଭାଗଚାଷୀ ଆଇନ ହେଲା । ଭୂମିସଂସ୍କାର ଦିଗରେ ପ୍ରାଥମିକ ବ୍ୟବସ୍ଥାମାନ ହେଲା । ଓଡ଼ିଶା ଅଞ୍ଚଳ-ଶାସନ ଆଇନ ଗୃହୀତ ହେଲା ଏବଂ ଓଡ଼ିଶା ସରକାରୀ ଭାଷା ଆଇନ ପ୍ରଣୟନ କରାଯାଇ ଓଡ଼ିଆକୁ ସକଳ ରାଜକୀୟ କାର୍ଯ୍ୟ ଲାଗି ବ୍ୟବହାର କରାଯିବା ଭାଷା ବୋଲି ଘୋଷଣା କରାଗଲା । ଏହି ସବୁ ସାମାଜିକ ପରିବର୍ତ୍ତନକୁ ଶ୍ରୀ ଚୌଧୁରୀ ସଚେତଥିବା ଜଣେ ଏକୁଟିଆ ନିମିତ୍ତ ପରି କାର୍ଯ୍ୟ କରି ସମ୍ଭବ କରାଇଥିଲେ । କାରଣ ତାଙ୍କ ନିଜ ଦଳର ଅଧିକାଂଶ ସଦସ୍ୟ ଏହି ସବୁ ପରିବର୍ତ୍ତନର ଆଦୌ ସପକ୍ଷରେ ନଥିଲେ । ତାଙ୍କ ଦ୍ୱାରା ପ୍ରଣୀତ ଭୂମିସଂସ୍କାର ଆଇନକୁ ସତ୍ତ୍ୱାରୂଢ଼ କଂଗ୍ରେସ ବିଧାୟକମାନଙ୍କ ସହିତ କେତେକ ସମାଜବାଦୀ ସଦସ୍ୟ ମଧ୍ୟ ସମର୍ଥନ କରିବାକୁ କୁଣ୍ଠାବୋଧ କରୁଥିଲେ । ଆପଣାର ନାନା ମୂଳଭୂତ ପରିବର୍ତ୍ତନର ପ୍ରସ୍ତାବରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଓଡ଼ିଶା ବିଧାନସଭାର ଆଦିବାସୀ ତଥା ହରିଜନ ବିଧାୟକମାନଙ୍କର ସମର୍ଥନ ସବୁ ସମୟରେ ପାଉନଥିଲେ ।

୧୯୫୧-୫୨ ମସିହାରେ ଶ୍ରୀ ନବକୃଷ୍ଣ ଚୌଧୁରୀ ରାଜ୍ୟର ଅର୍ଥମନ୍ତ୍ରୀ ହିସାବରେ ସର୍ବପ୍ରଥମେ ଓଡ଼ିଆ ଭାଷାରେ 'ବଜେଟ ଭାଷଣ ଦେଇଥିଲେ । ଓଡ଼ିଆକୁ ସରକାରୀ ଭାଷାରୂପେ ପ୍ରଚଳିତ କରାଇବା ପାଇଁ ଶ୍ରୀ ଚୌଧୁରୀ ଏକ ପ୍ରଶାସନିକ ଇଂରାଜୀ-ଓଡ଼ିଆ ଶବ୍ଦକୋଷ ତିଆରି କରାଇଥିଲେ । ପ୍ରଶାସନର କ୍ଷେତ୍ରରେ ଗୋଟିଏ ରାଜ୍ୟର ସ୍ଥାନୀୟ ଭାଷାର ପ୍ରଚଳନ କରାଇବା କ୍ଷେତ୍ରରେ ଭାରତରେ ଏହା ହେଉଛି ସର୍ବପ୍ରଥମ ଉଦ୍ୟମ । ସେତେବେଳର [illegible] ଅଫିସରମାନେ ଏହି ଉଦ୍ୟମର ପ୍ରବଳ ବିରୋଧ କରିଥିଲେ । ସେତେବେଳେ ଓଡ଼ିଶା ସରକାରଙ୍କର ଚିଫ୍ ସେକ୍ରେଟାରୀ ମୁଖ୍ୟମନ୍ତ୍ରୀଙ୍କର ସେହି ଉଦ୍ୟମର ବିରୋଧ କରି ଟିପ୍ପଣୀ ଦେଇଥିଲେ ଓ ଭାରତବର୍ଷର ଅନ୍ୟ କୌଣସି ରାଜ୍ୟରେ ଆଞ୍ଚଳିକ ପ୍ରାଦେଶିକ ଭାଷାରେ ସରକାରୀ ଶାସନକାର୍ଯ୍ୟ ପରିଚାଳିତ ହେଉ-ନଥିବା ବେଳେ ଓଡ଼ିଶା ସରକାର କାହିଁକି ଏହି ବିଷୟରେ ଏତେ ତରତର ହେବେ ବୋଲି ଯୁକ୍ତି ଦର୍ଶାଇଥିଲେ । ଶ୍ରୀଯୁକ୍ତ ଚୌଧୁରୀ ତାଙ୍କର ସେହି ମନ୍ତବ୍ୟକୁ ସ୍ୱୀକାର ନକରି ନିଜର ସଙ୍କଳ୍ପରେ ଅଗ୍ରସର ହୋଇଥିଲେ । ସେହି ଉଦ୍ଦେଶ୍ୟରେ ଓଡ଼ିଆ ଟାଇପ୍‌ରାଇଟରର ଏକ ନମୁନା କିବୋର୍ଡ଼ ପ୍ରସ୍ତୁତ କରାଯାଇ ରେମିଙ୍ଗଟନ୍ କମ୍ପାନୀକୁ ଆବଶ୍ୟକ ଅର୍ଡ଼ର ମଧ୍ୟ ଦିଆ ଯାଇଥିଲା । ମାତ୍ର ରାଜ୍ୟର ପରବର୍ତ୍ତୀ ମନ୍ତ୍ରୀ-ମଣ୍ଡଳମାନେ ଏହି ଦିଗରେ ଆନ୍ତରିକତା ଦେଖାଇ ନଥିଲେ ଏବଂ ତେଣୁ ଅଧିକ କିଛି ସମ୍ଭବ ହୋଇନଥିଲା ।

ଶ୍ରୀଯୁକ୍ତ ଚୌଧୁରୀଙ୍କର ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପ୍ରକୃତ ଭାଗଚାଷୀମାନଙ୍କୁ ଯେପରି ସେମାନେ ଚାଷ କରି ଆସୁଥିବା ଭୂମିରୁ ଉଚ୍ଛେଦ କରାଯାଇ ନପାରିବ, ସେହି ଉଦ୍ଦେଶ୍ୟରେ ପୂର୍ବରୁ ପ୍ରଚଳିତ ହୋଇ ଆସିଥିବା ଭାଗଚାଷୀ ଆଇନରେ ଏକ ସଂଶୋ-

Digitized by srujanika@gmail.com

ଧନ କରି ଯାଇଥିଲା । ଏହି ଅନୁସାରେ ବ୍ୟବସ୍ଥା ହେବାକୁ ଯାଉଥିଲା ଯେ, କୌଣସି ଜମିମାଲିକ ଭାଗଚାଷୀକୁ ଜମିରୁ ଉଚ୍ଛେଦ କରାଇ ପାରିବେନାହିଁ ଏବଂ ଭାଗଚାଷୀମାନେ ଜମିର ମାଲିକଙ୍କୁ ମୋଟ ଫସଲର ଚାରିଭାଗରୁ ଭାଗେ ବା ତାହାର ନଗଦ ମୂଲ୍ୟ ଯାହା ହେବ ସେତିକି ଦେବେ । ଏହି ନୂତନ ପ୍ରସ୍ତାବଟିର ଆଲୋଚନା ସମୟରେ ୩-୪-୧୯୫୭ ଦିନ ଶ୍ରୀଯୁକ୍ତ ଚୌଧୁରୀ "ହାତରେ ହଳ ନକଲେ ଜମି ରହିବ ନାହିଁ" ବୋଲି କଠୋର ମନ୍ତବ୍ୟଟିଏ ଶୁଣାଇ ଅଧିକାଂଶ ବିଧାୟକଙ୍କୁ ସ୍ତବ୍ଧ କରାଇ ଦେଲେ କି କ'ଣ କେଜାଣି, ତାହା କଂଗ୍ରେସଦଳ ମଧ୍ୟରୁ ହିଁ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲା । ଶ୍ରୀ ଚୌଧୁରୀ ଏଥିରେ ଅତ୍ୟନ୍ତ ମର୍ମାହତ ହୋଇପଡ଼ିବା ସ୍ୱାଭାବିକ । ଯେହେତୁ,ବିଧାୟକମାନଙ୍କ ଭିତରୁ ଅଧିକାଂଶ ଜଣେ ଜଣେ ଜମିମାଲିକ ହିଁ ଥିଲେ । ପ୍ରାୟ କେହି ଭାଗଚାଷୀ ନଥିଲେ । ତେଣୁ ସମ୍ଭବତଃ କେବଳ ଦଳଗତ ଶୃଙ୍ଖଳା ଦୃଷ୍ଟିରୁ ସେମାନେ ଏହି ପ୍ରସ୍ତାବଟି ଲାଗି କେବଳ ଉପରମନରେ ଯାହାକିଛି ସମର୍ଥନ ଦେଉଥିଲେ । ସଂପୃକ୍ତ ସରକାରୀ କର୍ମଚାରୀଙ୍କର ମଧ୍ୟ ତାହାକୁ କାର୍ଯ୍ୟକାରୀ କରାଇବାରେ କୌଣସି ଆନ୍ତରିକତା ନଥିଲା । ଭାଗଚାଷୀଙ୍କର ହିତ ହେବ ବୋଲି ସେମାନଙ୍କର ମୌରୁସୀ ମାଲିକପଣରେ କୌଣସି ଆଞ୍ଚ ଆସୁ, ସେମାନେ ସେକଥା ଆଦୌ ଚାହୁଁ ନଥିଲେ ।

ଅଞ୍ଚଳ ଶାସନ ଆଇନ୍ ଅର୍ଥାତ ଶାସନର ଯଥାସମ୍ଭବ ଅଧିକ ବିକେନ୍ଦ୍ରୀକରଣ ସକାଶେ ଆଇନ୍ । ଏହା ଭାରତବର୍ଷରେ ଅତ୍ୟନ୍ତ ପାରମ୍ପରିକ ଭାବରେ ଚଳି ଆସିଥିବା ଉପରଭାଗ-ଶିକ୍ଷିତଙ୍କର ଦୟା ଅନୁସାରେ ଦେଶକୁ ଶାସନ କରିବା ରୀତିର ଏକ ମୂଳଭୂତ ପରିବର୍ତ୍ତନ ଲାଗି ଉଦ୍ଦିଷ୍ଟ ଥିଲା । ଅଞ୍ଚଳବାସୀ ହିଁ ନିଜ ଅଞ୍ଚଳ ଲାଗି ଯୋଜନା କରିବେ ଏବଂ ଉପରିସ୍ଥ କେନ୍ଦ୍ରୀୟ ବ୍ୟବସ୍ଥା ଉପରେ ଯଥାସମ୍ଭବ କମ୍ ନିର୍ଭର କରିବେ । ଏହିପରି ଭାବରେ ଗଣତନ୍ତ୍ର ତଳକୁ ଭେଦିବ ଏବଂ ବିକାଶର ଯାବତୀୟ କାର୍ଯ୍ୟ ଜନାଧାରିତ ହୋଇପାରିବ । ମନେହୁଏ, କେବଳ ମୁଖ୍ୟମନ୍ତ୍ରୀ ହିସାବରେ ନିଜର ଆଗ୍ରହଦ୍ୱାରା ଉତ୍ସାହିତ ଓ ପ୍ରେରିତ ହୋଇ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ ଅଞ୍ଚଳ ଶାସନ ଆଇନଟିକୁ ବିଧାନସଭାରେ ଉପସ୍ଥାପିତ କରାଇଥିଲେ । ତାଙ୍କ ଦଳର ଅନ୍ୟ ବିଧାୟକମାନଙ୍କର ହୁଏତ ଏତେ ଭିତରେ ପଶିବାକୁ କୌଣସି ମୁଣ୍ଡ ନଥିଲା, ହୃଦୟ ପଶିବାର କୌଣସି କାରଣ ନଥିଲା । ସମ୍ଭବତଃ ଖାଲି ସେହି କାରଣରୁ ଶ୍ରୀ ଚୌଧୁରୀ ପ୍ରସ୍ତାବଟି ଆଲୋଚିତ ହେବାର ଶେଷ ଦିନରେ ଅତିଶୟ ଭାବବିହ୍ୱଳ କଣ୍ଠରେ ବିଧାନସଭାରେ କହିଥିଲେ,"ମୁଁ (ଆଗାମୀ ନିର୍ବାଚନରେ) କୌଣସି ପଞ୍ଚାୟତର ସଭ୍ୟ ହେବି ଏବଂ ସେଠାରୁ ଅଞ୍ଚଳସଭା ସଭ୍ୟ ହୋଇ ଚେୟାରମ୍ୟାନ୍ ହେବି ।....ତା' ନହେଲେ ମୋର ଯେଉଁ ଆକାଂକ୍ଷା ରହିଛି, ତାହା ଅପୂରଣ ରହିଯିବ ।···ଅଞ୍ଚଳସଭାର ଚେୟାରମ୍ୟାନ୍ ହେଲେ ଯେଉଁ ସୁଯୋଗ

Digitized by srujanika@gmail.com

ମିଳିବ, ତାହା ମନ୍ତ୍ରୀ ହେଲେ ମିଳିବନାହିଁ, ସରକାରୀ କର୍ମଚାରୀ ହେଲେ ମିଳିବନାହିଁ । ସେ ଯେଉଁ ସୁଯୋଗ ମିଳିବ, ତାହା ଲୋକମାନଙ୍କ ମନେ ହେଉଛି ।" କଥାଗୁଡ଼ିକ ମଧ୍ୟରେ ଏତେ ଟିକିଏ ହେଲେ ମିଛ ନାହିଁ, ମାତ୍ର ମୁଖ୍ୟମନ୍ତ୍ରୀ କଣ ପ୍ରକୃତରେ ମେଚ୍ଛାପର କରିବେ ବୋଲି ବିଚାର କରୁଥିଲେ ? ସେଦିନ ବିଧାନସଭାର ବିଜ୍ଞ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କର ସେହି କଥାଗୁଡ଼ିକୁ କିଭଳି ଗ୍ରହଣ କରିଥିବେ କେଜାଣି ? ହୁଏତ ସେହି କ୍ଷଣକ ଲାଗି ସେମାନଙ୍କ ଭିତରୁ ମଧ୍ୟ କେତେଜଣ ଭାବବିହ୍ୱଳ ହୋଇ ପଡ଼ିଥିବେ ।

ଶ୍ରୀଯୁକ୍ତ ହରେକୃଷ୍ଣ ମହାତାବ କେନ୍ଦ୍ର ମନ୍ତ୍ରୀମଣ୍ଡଳର ଜଣେ ମନ୍ତ୍ରୀରୂପେ ବେଶୀଦିନ ରହିପାରିଲେ ନାହିଁ । ପଦପ୍ରାପ୍ତି ଓ ପଦଚ୍ୟୁତିର ସାପସିଡ଼ିରେ ତାଙ୍କୁ ତତ୍କାଳୀନ ବମ୍ବେ ପ୍ରଦେଶର ରାଜ୍ୟପାଳ ଭାବରେ ନିଯୁକ୍ତ ହୋଇ ଯିବାକୁ ହୋଇଥିଲା । ତାଙ୍କର ରାଜନୀତିକ ରୁଚିକୁ ରାଜ୍ୟପାଳ ହୋଇ ଉଚ୍ଚସମ୍ମାନରେ ରହିବା ଆଦୌ ପୋଷାଇଲା ନାହିଁ ସେଠାରେ ତାଙ୍କୁ ଭାରି ନିକମା ନିକମା ଲାଗିଥିବ । ତେଣୁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦକୁ ଆଶା କଲେ । ଦିଲ୍ଲୀ ଗଲାବେଳେ ସେ ତାଙ୍କର ନିଜ ବର୍ଣ୍ଣନା ଅନୁସାରେ, ଜଣକୁ ଯେଉଁ ସ୍ଥାନରେ ରାଜା କରି ବସାଇ ଯାଇଥିଲେ, ବର୍ତ୍ତମାନ ତାଙ୍କର ମନ ହେଲାବେଳେ ସେହି ସ୍ଥାନଟି ତାଙ୍କୁ ନ୍ୟାୟତଃ ଅବଶ୍ୟ ମିଳିଯିବା ଉଚିତ ବୋଲି କ୍ରମେ ଅଧିକରୁ ଅଧିକ ଅସ୍ଥିର ହୋଇ ଭାବିଥିବେ । ସେ ବାଟରେ ସିଏ ସ୍ୱୟଂ ଦୃଢ଼ ଉଦ୍ୟମ ମଧ୍ୟ ଆରମ୍ଭ କରିଦେଲେ । ଓଡ଼ିଶାରେ ଥିବା ତାଙ୍କର ଚଣ୍ଡମୁଣ୍ଡମାନଙ୍କୁ କାମରେ ଲଗାଇଦେଲେ । ଭିତରେ ଯାହା ହେଉ ପଛକେ, ଅନ୍ତତଃ ଉପରେ ସବୁକିଛି ବୈଧ ଏବଂ ବିଧାନସଙ୍ଗତ ଭାବରେ ହେଉଛି ବୋଲି ଦେଖାଯିବା ଉଚିତ ବୋଲି ସିଏ ଇଚ୍ଛା କରୁଥିଲେ ଶ୍ରୀଯୁକ୍ତ ଚୌଧୁରୀଙ୍କର ପୁଣି ମୁଖ୍ୟମନ୍ତ୍ରୀ ପଦରୁ ଯିବାର ପାଳି ଆସିଲା । ଅଧିକନ୍ତୁ ସେତେବେଳର ସୀମାଆନ୍ଦୋଳନ ମଧ୍ୟ କମ୍ କାଳ ହେଲା ନାହିଁ । ମାଟ ଶ୍ରୀ ଚୌଧୁରୀ ମଧ୍ୟ ଯେଉଁ ପଦରେ ଥିଲେ ସେଠାରେ ଅନେକ ଧକ୍କା ଖାଇବାରେ ଲାଗିଥିଲେ ଏବଂ ପଦଗୁଡ଼ି, ବାହାରି ଆସିବା ପାଇଁ ମନେ ମନେ ପ୍ରସ୍ତୁତ ବି ହେଉଥିଲେ

ଏଥର ମୁଖ୍ୟମନ୍ତ୍ରୀର ଦାୟିତ୍ୱକୁ ଗ୍ରହଣ କଲାବେଳେ ସେ ନିଜ କଳ୍ପନାର ଅନୁରୂପ କିଛି କରିପାରିବେ ବୋଲି ସମ୍ଭବତଃ ବିଶ୍ୱାସ କରି ସରକାର ଭିତରକୁ ଯାଇଥିଲେ । ମୁଖ୍ୟମନ୍ତ୍ରୀ ପଦ ପାଇବାର ପ୍ରଥମ କାଳରେ ସେ ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କୁ ଭାଷଣରେ ଯାହାସବୁ କହିଲେ, ସେଥିରୁ ତାହାର ଏକ ଆଭାସ ମଧ୍ୟ ମିଳିପାରିବ । ରାଜ୍ୟରେ ଆଇନ୍ କାନୁନ୍ ଦୃଢ଼ ଭାବରେ କାର୍ଯ୍ୟକାରୀ ହେଉ ବୋଲି ତାଙ୍କର ବାସନା ରହିଥିଲା । ଏପରିକି, "ଆଇନ୍ କାନୁନ୍‌କୁ ଦୃଢ଼ ଭାବରେ ପ୍ରୟୋଗ କରିବାକୁ ଯାଇ କେତେକ ନିର୍ଦୋଷ ଲୋକ ଦଣ୍ଡ ପାଇଯାଆନ୍ତୁ ପଛକେ, ମାତ୍ର

Digitized by srujanika@gmail.com

ଦୋଷୀ ଯେପରି ଦଣ୍ଡ ପାଏ, ତାହା ଦେଖିବା ଆମର ଏକାନ୍ତ କର୍ତ୍ତବ୍ୟ ।'' ଗୋଟିଏ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମହତାବ ଏପରି କହୁଥିଲେ । ମାତ୍ର ଦୋଷୀ କେଉଁଠି କି ଦଣ୍ଡ ପାଉଥିଲା ? ମୁଖ୍ୟମନ୍ତ୍ରୀ ହୁଏତ ଅନାଇକରି ସବୁ ଦେଖୁଥିଲେ ଏବଂ ତାଙ୍କର କେତେ କେତେ ଶ୍ରଦ୍ଧା ଅସାଧାରଣ ଲୋକେ କେତେ କେତେ ଦୋଷ କରି ପବିତ୍ର ମହାବ୍ରାହ୍ମଣ ହୋଇ ସମାଜରେ ବୁଲୁଥିଲେ । ମୁଖ୍ୟମନ୍ତ୍ରୀ ଆଦୌ କିଛି କରି ପାରୁ-ନଥିଲେ । ତଥାପି ଅବସ୍ଥା ସୁଧାରିବା ଲାଗି ସେ ତଥାପି ସେହି ସାଧାରଣ ଜନଗଣଙ୍କ-ଠାରୁ ସହଯୋଗ କାମନା କରୁଥିଲେ । ସେ କହୁଥିଲେ, ''ଲୋକେ ଯଦି ଦୃଢ଼ ହୋଇ ଯିଏ ଅନ୍ୟାୟ କାର୍ଯ୍ୟ କଲା ବା ଦୁର୍ନୀତି ଆଚରଣ କଲା, ତାକୁ ସମର୍ଥନ ନକରନ୍ତେ ଓ ଧୈର୍ଯ୍ୟ ଧରି ଅପେକ୍ଷା କରି କାହାରିପାଇଁ କେହି କହିବେ ନାହିଁ ବୋଲି ପ୍ରତିଜ୍ଞାବଦ୍ଧ ହୁଅନ୍ତେ, ତାହେଲେ ତିନିମାସ ଭିତରେ ମୁଁ ଅବସ୍ଥା ସୁଧାରି ଦିଅନ୍ତି ଓ ଦୁର୍ନୀତି ଦୂର କରିଦେଇ ପାରନ୍ତି ।''

ଏହି ସବୁ ଭାଷଣ ଭିତରେ ସର୍ବଦା ଏକ ଅସହାୟତା ଏବଂ ଅସମର୍ଥତାର ସ୍ୱର ସତେଅବା ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଥିଲା । ମୁଖ୍ୟମନ୍ତ୍ରୀ ହୁଏତ କେତେ କଣ କରିବେ ବୋଲି ଆପଣା ପାଖରେ ପ୍ରତିଜ୍ଞା କରୁଥିଲେ ମାତ୍ର କାର୍ଯ୍ୟକ୍ଷେତ୍ରରେ କିଛି କରିପାରୁ-ନଥିଲେ । ରାଜ୍ୟ-ସରକାର ତଥା ରାଜ୍ୟରାଜନୀତିର ସର୍ବପ୍ରଥମ ବଳୀୟାର ବ୍ୟକ୍ତି ହୋଇ ମଧ୍ୟ ସେ କେଉଁଠି କିଛି କରିପାରୁ ନଥିଲେ, କେବଳ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଉଥିଲେ । ଅସଲ ଜାଗାମାନଙ୍କରେ ଅସଲ ଦୁଷ୍ଟମାନଙ୍କୁ ସେ ଧେ ମୋଟେ ଧରି ପାରୁନାହାନ୍ତି, କଟକରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ଉପଲକ୍ଷେ ହୋଇଥିବା ଗୋଟିଏ ସଭାରେ ପ୍ରଦତ୍ତ ତାଙ୍କର ଭାଷଣରୁ ତାହା କେତେ ନିଷ୍ଠୁର ଭାବରେ ପ୍ରକଟ ହୋଇ ଯାଉଥିଲା : ''ବର୍ତ୍ତମାନ ସୁଦ୍ଧା ଆଡ଼େ ଲାଞ୍ଚ ମିଛ ଚାଲିଛି ଏବଂ ବ୍ୟବସାୟୀମାନେ ଲାଞ୍ଚ ଦେଇ ସମାଜରେ ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି । ଏହି ବିଭାଗର କର୍ମଚାରୀମାନେ ମଧ୍ୟ ଲାଞ୍ଚ ନେଇ ସୁବିଧାରେ ରହୁଛନ୍ତି । ମାତ୍ର ପରିସ୍ଥିତି ଏପରି ହୋଇଛି ଯେ ଯଦି ଲାଞ୍ଚ ନେଉଥିବା କୌଣସି ଲୋକ ଧରା ପଡ଼ୁଛି, ତାହାହେଲେ ତାକୁ ଦଣ୍ଡ ଦେବାପାଇଁ ଗଳି-ବେଳକୁ କେହି ସମର୍ଥନ କରୁନାହାନ୍ତି । ବରଂ ତା' ପ୍ରତି ସମସ୍ତଙ୍କର ସହାନୁଭୂତି ପ୍ରକାଶ ପାଉଛି ଏବଂ ସେ କିପରି ଖସିଯିବ, ସେଥିପାଇଁ ଯୋଗାଡରେ ଲାଗୁଛନ୍ତି । ଚୋରା ବଜାରରେ ଧରା ପଡ଼ୁଥିବା ଲୋକ ମଧ୍ୟ ଅନେକ ସମୟରେ ନିଜକୁ କଂଗ୍ରେସ-ବାଲା ବୋଲି କହି ଖସି ଯିବାପାଇଁ କୌଶଳ କରୁଛି ।'' ଯେଉଁ ଦେଶରେ ଓ ଯେଉଁ ସ୍ଥିତିରେ ଜଣେ ମୁଖ୍ୟମନ୍ତ୍ରୀ ସତେଅବା ଜଣେ ରାଜସାକ୍ଷୀର ଭୂମିକା ଗ୍ରହଣ କରୁଥିବା ପରି ସଭାରେ ଭାଷଣ ଦେବାକୁ ଆସନ୍ତି, ସେହି ଦେଶ ବା ସେହି ସ୍ଥିତିକୁ ପ୍ରକୃତରେ ଧନ୍ୟ ବୋଲି କୁହାଯିବ । ତିନିମାସ ଭିତରେ ବା ଏପରିକି ତିନିବର୍ଷ ଭିତରେ ଯେ

Digitized by srujanika@gmail.com

ଅବସ୍ଥା ସୁଧୁରିବ ନାହିଁ ଓ ଦୁର୍ନୀତି ଦୂର ହେବନାହିଁ, ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ସେକଥା ଉତ୍ତମରୂପେ ଜାଣିଥିଲେ । ତିରିଶ ବା ଚାଳିଶିବର୍ଷ ପରେ ଏବେ ମଧ୍ଯ ତାହା ସୁଧୁରି ପାରିନାହିଁ ।

ପଦରେ ଥାଇ ତଥାପି କିଛି କରି ପାରୁନଥିବାର ଏକ ଅସହାୟତାବୋଧ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କୁ ତାଙ୍କର ଅବଚେତନରେ ସତେଅବା କ୍ରମେ ଭାରି ଉତ୍ପୀଡ଼ିତ କରି ରଖିବାକୁ ଆରମ୍ଭ କରୁଥିଲା । ତାହା ଅଚିରେ ଏକ ଆତ୍ମଦ୍ଵନ୍ଦ୍ଵ ଆମ୍ବ-ବିରକ୍ତିରେ ପରିଣତ ନ ହେଉଥିଲା । ନିଜ ଭିତରେ ସେ ସତେଅବା ଦୁଇଭାଗ ହୋଇ ଗୋଟାଏ ଭାଗରୁ ବେତ ମାରି ଆଉ ଗୋଟାଏ ଭାଗରେ ବେତମାଡ଼କୁ ସ୍ୱୟଂ ଦହ୍ୟ କରୁଥିଲେ । ଯେକୌଣସି ବ୍ୟକ୍ତିର ଜୀବନରେ ଏହାକୁ ଅବଶ୍ୟ ଏକ ଦାରୁଣ ସ୍ଥିତି ବୋଲି କୁହାଯିବ । ମୁଖ୍ୟମନ୍ତ୍ରୀ ପଦରେ ଥାଇ ସେ ଥରେ କୁଆଡ଼େ "ମୁଁ ଧନୀ ଲୋକଙ୍କର ପ୍ରହରୀ ହୋଇ କେତେଦିନ ରହିଥିବ ?" ବୋଲି କହିଥିଲେ । ଏତେବଡ଼ ରାଜନୀତିକ-ଦଳ ଏବଂ ଏତେ ବଡ଼ ଶାସନକଳ ଭିତରେ ତାଙ୍କୁ ବଡ଼ ଏକୁଟିଆ ଲାଗିଥିବ । ତାଙ୍କର ଅଧିକ ସାଥୀ ଏବଂ ସତୀର୍ଥମାନେ କୁଆଡ଼େ ଗଲେ ଏବଂ ସେ ଏହି ଦ୍ଵନ୍ଦ୍ଵ ଗଣ୍ଡିଳତା ଭିତରେ କାହିଁକି ବାନ୍ଧି ହୋଇ ରହିଲେ ବୋଲି ନିଜକୁ ହୁଏତ ଏକାଧିକବାର ପ୍ରଶ୍ନ କରିଥିବେ ଓ ଏହି ସବୁକିଛିରୁ ନିଷ୍କୃତି ପାଇବାର କାମନା କରିଥିବେ ।

ନିଜର ଦଳ ପକ୍ଷରୁ ତଥା ସେହି ଦଳର ସର୍ବୋଚ୍ଚ ନେତୃତ୍ୱ ପାଖରୁ ମଧ୍ଯ ସେ ଏକାଧିକ ଅବସରରେ ଧକ୍କାମାନ ଖାଉଥିଲେ । ଥରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ଗୋଟିଏ ଅଧିବେଶନରେ ସେ ସମସ୍ତଙ୍କର ଉପସ୍ଥିତିରେ ଏକ ସୂଚନା ଦେଇ-ଥିଲେ ଯେ ଭୋଟ ଲଢ଼ିବା ନିମନ୍ତେ ଆବଶ୍ୟକ ପରିମାଣରେ ଚାନ୍ଦା ଆଦାୟ କରାଯାଉ-ଥିବାରୁ ଦଳ ଭିତରେ ବହୁପ୍ରକାରର ଦୁର୍ନୀତି ଆସି ପଶୁଛି । ଏଣୁ, ସେ ଏକ ପ୍ରସ୍ତାବ ଦେଇଥିଲେ ଯେ ଏଣିକି ବଡ଼ ବଡ଼ ଧନୀଙ୍କ ପାଖରୁ ଚାନ୍ଦା ମଗା ନଯାଉ, କଂଗ୍ରେସ ନିର୍ବାଚନ ଲଢ଼ିବା ପାଇଁ ଯଥାସମ୍ଭବ ସାଧାରଣ ଲୋକ ଉପରେ ନିର୍ଭର କରୁ ଏବଂ ସେମାନଙ୍କ ଠାରୁ ଅଳ୍ପ ଅଳ୍ପ ଧନରାଶି ଆଦାୟ କରୁ । ଲୋକମାନେ ଏଥିରେ ଅବଶ୍ୟ ଅନୁକୂଳ ଜବାବ ଦେବେ ବୋଲି ଶ୍ରୀଯୁକ୍ତ ଚୌଧୁରୀ ଆଶା ପ୍ରକାଶ କରିଥିଲେ । ସେଠାରେ ତାଙ୍କ କଥା ବୁଝିବାକୁ ସମ୍ଭବତଃ କେହି ନଥିଲେ । ସମସ୍ତେ ଅନ୍ୟ ବହୁ ମାର୍ଗରେ ପୋଖତ ହୋଇ ସାରିଥିଲେ । ସ୍ୱୟଂ ଜବାହରଲାଲ ନେହରୁ ମଧ୍ଯ ପ୍ରାୟ ଏକ ବିଦ୍ରୂପ ଛଳରେ ଶ୍ରୀ ଚୌଧୁରୀ ସୁନା ଇସ୍କୁଲ ପିଲାଟିଏ ପରି ଏକ ସୁନ୍ଦର ଭାଷଣ ଦେଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେହି ଆଲୋଚନା ସେତିକିରେ ବନ୍ଦ ରହିଲା ଏବଂ ଅଧିକ ବାସ୍ତବଧର୍ମୀ ନେତାମାନଙ୍କ ଉପରେ ଚାନ୍ଦା ସଂଗ୍ରହ କରିବାର

Digitized by srujanika@gmail.com

ଦାୟିତ୍ୱ ନ୍ୟସ୍ତ କରା ଯାଇଥିଲା । ସେତେବେଳକୁ ନେହରୁ ଗୁଡ଼ କହୁଣୀକୁ ବୋହି ଯାଇଥିଲା ବୋଲି କଣ ଶ୍ରୀ ଚୌଧୁରୀ ଜାଣି ନଥିଲେ ? ନିଜେ ଜବାହରଲାଲ ନେହରୁ ମଧ୍ୟ ଆଗର ଜବାହରଲାଲ ନଥିଲେ । ଏକଦା ଓଡ଼ିଶାରେ କଂଗ୍ରେସ ସୋସିଆଲିଷ୍ଟ ତାଙ୍କୁ ଆପଣାର ମଡ଼େଲ ବା ଆଦର୍ଶ ମୂର୍ତ୍ତି ସଦୃଶ ଦେଖୁଥିଲେ । ସେମାନଙ୍କର 'ଆଧୁନିକ' ପତ୍ରିକାରେ ତାଙ୍କର କେତେ ପ୍ରଶଂସା କରା ଯାଉଥିଲା । ଏକଦା ତାରୁଣ୍ୟର ପ୍ରତୀକ ସେହି ଆଦର୍ଶ ମୂର୍ତ୍ତିର ମୃତ୍ୟୁ ହୋଇ ସାରିଥିଲା ।

୧୯୫୫ ମସିହାରେ କଟକ ଜିଲ୍ଲାରେ ଦଳେଇଘାଇ ଭାଙ୍ଗିଥାଏ । କଟକ ସବ୍‌ଡିଭିଜନର ସମଗ୍ର ତଳ ଅଞ୍ଚଳ ବନ୍ୟାଜଳରେ ବୁଡ଼ୁବୁଡ଼ୁ ହେଉଥାଏ । ଦୁର୍ଗତ ଗ୍ରାମବାସୀମାନଙ୍କୁ ତ୍ରାଣସାମଗ୍ରୀ ବିତରଣ କରା ଯାଉଥାଏ । ମୁଖ୍ୟମନ୍ତ୍ରୀଙ୍କର ରିଲିଫ୍ ପାଣ୍ଠି ବୋଲି ଏକ ସ୍ୱତନ୍ତ୍ର ପାଣ୍ଠିରୁ ମଧ୍ୟ ସହାୟ ଦିଆ ଯାଉଥାଏ । ସେତେବେଳେ ଓଡ଼ିଶା କଂଗ୍ରେସର ଜଣେ ପ୍ରଭାବଶାଳୀ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ସହକାରୀଙ୍କ ପାଖକୁ ଆସି ସେହି ପାଣ୍ଠିରୁ ଦଶହଜାର ଟଙ୍କା ମାଗିଲେ । କଥାଟି ସ୍ୱୟଂ ମୁଖ୍ୟମନ୍ତ୍ରୀଙ୍କର କାନକୁ ଗଲା । ଶ୍ରୀଯୁକ୍ତ ଚୌଧୁରୀ ରିଲିଫ୍ ପାଣ୍ଠିରେ ମୋଟ କେତେ ଟଙ୍କା ଥିଲା ବୋଲି ନିଜ ସହକାରୀଙ୍କୁ ପଚାରିଥିଲେ । ପାଣ୍ଠିରେ ସେତେବେଳେ କୋଡ଼ିଏ ହଜାର ଟଙ୍କା ଥିଲା । ଶ୍ରୀ ଚୌଧୁରୀ ଅତ୍ୟନ୍ତ ବ୍ୟଥିତ ଓ ବିରକ୍ତ ହୋଇ ଉକ୍ତ ବ୍ୟକ୍ତିଙ୍କୁ ସମୁଦାୟ କୋଡ଼ିଏ ହଜାର ଟଙ୍କା ଦେଇ ଦେବାକୁ ପ୍ରସ୍ତାବ ଦେଲେ । କହିଲେ, "ଟଙ୍କା ଥିବାରୁ ସିନା ଥରକୁ ଥର ଆସି ମାଗୁଛନ୍ତି । ନଥିଲେ ଆଉ କେହି ମାଗିବାକୁ ଆସିବେ ନାହିଁ ।" ମାତ୍ର ଏଭଳି ବିଧିରେ କଦାପି କୌଣସି ରୋଗର ପ୍ରତିକାର ହୁଏନାହିଁ । ପ୍ରତିକାର ନହୋଇ ରୋଗ ଯେ ପ୍ରବଳରୁ ପ୍ରବଳତର ହେଲା ଏବଂ କାଳକ୍ରମେ ସଂପୃକ୍ତ ସମସ୍ତେ ତାହାକୁ ଏହି ଦେଶରେ ପ୍ରାପ୍ୟ ଏକମାତ୍ର ବାସ୍ତବତା ବୋଲି ଗ୍ରହଣ କଲେ, ପରବର୍ତ୍ତୀ ଦଶକଗୁଡ଼ିକ ତାହା ପ୍ରତିପାଦିତ କରି ଦେଇଛନ୍ତି ।

ଯେତେବେଳେ ଶ୍ରୀଯୁକ୍ତ ଚୌଧୁରୀ ମନ୍ତ୍ରୀପଦରୁ ବାହାରି ଆସିଲେ, କଂଗ୍ରେସ ଭିତରୁ ବାହାରି ଆସିଲେ ଏବଂ ଯେତେବେଳେ କଂଗ୍ରେସର ଦୁର୍ନୀତି ଭାରତୀୟ ସମଗ୍ର ରାଜନୀତି ତଥା ଯାବତୀୟ ସାମୂହିକ ବ୍ୟବହାରରେ ପରିଣତ ହୋଇଗଲା, ସେତେବେଳେ ସେ କଂଗ୍ରେସର ଅପକୀର୍ତ୍ତି ସବୁଆଡ଼େ କହି ବୁଲିଲେ ଓ କଂଗ୍ରେସକୁ ହଟାଅ ଆନ୍ଦୋଳନରେ ଜଣେ ଅନ୍ୟତମ ପୁରୋଧା ହୋଇଥିଲେ । ସେତେବେଳେ ସେ କେତେ କ୍ରୋଧର ସହିତ କଂଗ୍ରେସର ଦୁର୍ନୀତି ସପକ୍ଷରେ ରାଜସାକ୍ଷୀ ହେବେ ବୋଲି କହୁଥିଲେ । ଏବଂ, ଯଦି ସେହି ଦୁର୍ନୀତି ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହୁଏ, "ତେବେ ମୁଁ କାହ୍ନୁ ସାନ୍ୟାଲ ହେବି, ଚାରୁ ମଜୁମଦାର ହେବି" ବୋଲି କହୁଥିଲେ । କୌଣସି କାର୍ଯ୍ୟାନୁଷ୍ଠାନ କେଉଁଠି ହେଲା ନାହିଁ ଅଥବା ଶ୍ରୀ ଚୌଧୁରୀ କାହ୍ନୁ ସାନ୍ୟାଲ

Digitized by srujanika@gmail.com

କମ୍ବା ଗୃରୁ ମଜୁମଦାର ମଧ୍ୟ ହେଲେ ନାହିଁ । କାରଣ କେବଳ କାହ୍ନୁ ସାନ୍ୟାଲ ଏବଂ ଗୃରୁ ମଜୁମଦାର ହିଁ କାହ୍ନୁ ସାନ୍ୟାଲ ଏବଂ ଗୃରୁ ମଜୁମଦାର ହୋଇପାରନ୍ତି । ଯିଏ ସେତକ ହେବାଲାଗି ନିଜ ଭିତରୁ ଅଭିପ୍ରେତ ହୋଇ ରହିଥାଏ । ସିଏ କେବଳ ସେତକ ହୁଏ । ଆଉସବୁ କ୍ଷଣକ୍ଷଣର ଭାବବିହ୍ୱଳତା ହୋଇ ରହିଯାଏ ।

ମୁଖ୍ୟମନ୍ତ୍ରୀ ହୋଇ ରହିଥିବାର ଶେଷ କେଇଟା ମାସବେଳେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ନିଜ ଭିତରେ ସତେଅବା ଘାରଅସ୍ଥିର ଅନୁଭବ କରୁଥାନ୍ତି । ସତେଯେମିତି ଚାରିଆଡ଼ୁ ତାଙ୍କୁ ଏକୁଟିଆ କରି ପକାଇ ରଖିଥିବା ଘରୁ ବାହାରି ପଳାଇବାକୁ ଇଚ୍ଛା କରୁଥାନ୍ତି, ମାତ୍ର ତଥାପି ପଳାଇ ପାରୁନାହାନ୍ତି । ଆମ ପୃଥିବୀରେ ସମ୍ଭବତଃ ପ୍ରାୟ ସବୁ କ୍ଷେତ୍ରରେ ସେହିଭଳି ହୁଏ,-ମଣିଷ ଯେତେ ସହଜରେ ଓ ଯେତେ ସହଜରେ କୌଣସି ଘରଭିତରେ ଆସି ପଶିଥାଏ, ସେତିକି ସହଜରେ ଏବଂ ସତ୍ୱର ହେଲମାତ୍ରକେ ସିଏ ସେହି ଘରୁ ମୋଟେ ବାହାରି ପଳାଇଯାଇ ପାରେନାହିଁ । ତେଣୁ, ଅସ୍ଥିର ହୋଇବାହିଁ ସାର ହୁଏ । ସେହି ଦୁର୍ଦ୍ଦଶା ସମୟରେ ନିଜ ଉପରେ ଭାରି ବିରକ୍ତି ଆସୁଥିବ, ଭିତରେ ଗୋଟିଏ ଆତ୍ମଗ୍ଳାନିର ଭାବ ଏଣେ ବାହାରେ ଭାରି ଅଣନିଶ୍ୱାସୀ କରି ଦେଉଥିବା ପରି ମନେ ହେଉଥିବ । ଗ୍ରସ୍ତ ଆସିଥିବା ବାଟମାନେ ଭିତରେ ଥାଇ ଖେଞ୍ଚା ମାରୁଥିବେ । ଏହା ପ୍ରକୃତରେ ଏକ ଦୁଃସହ ଦଶା । ଏବଂ, ରାଜନୀତିର କ୍ଷେତ୍ରରେ ତାହା ଅପରାକୁ ଏତେ ଅଳପ ଅବକାଶ ପାଇବା ମାତ୍ରକେ ବାହାରେ ଧରି ପକାଇ ଦେଉଥାଏ ଯେ ଅନେକ ସମୟରେ ପ୍ରାୟ ଅତ୍ୟନ୍ତ ହାସ୍ୟାସ୍ପଦ ଭାବରେ ମଣିଷକୁ ଏକ ଆତ୍ମକ୍ରୋଧର ସ୍ଥିତି ଭିତରେ ଗ୍ରସ୍ତିପିସ୍ତି ହୋଇ ରହିବାକୁ ପଡ଼େ । ପ୍ରତ୍ୟେକ ସରକାରଙ୍କର ସର୍ବଦା କିଛି ମୌଳିକ ଦାୟିତ୍ୱ ରହିଛି ଏବଂ ସେହି ସରକାରର ତୁଙ୍ଗ ସ୍ଥାନରେ ସିଏ ନିଯୁକ୍ତ ବା ନିର୍ବାଚିତ ହୋଇ ରହିଥାଏ, ତାକୁ ସେହି ଦାୟିତ୍ୱଗୁଡ଼ିକୁ ଅବଶ୍ୟ ତୁଲାଇବାକୁ ପଡ଼େ । ଏବଂ, ସେହି ଆଶାନେଇ ହିଁ ଅନେକେ ତା' ପାଖକୁ ଯାଆନ୍ତି ।

ମାତ୍ର ଆପଣାକୁ ଚାରିଆଡ଼ୁ ଅସମର୍ଥ ବୋଲି ଅନୁଭବ କରୁଥିବା ନେତା ତା' ଉପରେ ଆରୋପିତ ଆଶାଗୁଡ଼ିକୁ ପୂରଣ କରି ପାରେ ନାହିଁ, କାରଣ, ସମାଜ ଅଥବା ରାଜନୀତି ସ୍ତରର ଯେଉଁ System ଟି ସର୍ବଦା ଏତେ ବଡ଼ ପଥରଟାଏ ପରି ଉପରେ ଲଦାହୋଇ ରହିଥାଏ, ସିଏ ତାକୁ ଟଳାଇ ପାରୁନଥାଏ ଓ ତେଣୁ ଆଦୌ କିଛି କରି ପାରୁନଥାଏ । ଖାଲି ରାଜନୀତି ଦ୍ୱାରା ଅଥବା ଶାସନର କ୍ଷମତା ଦ୍ୱାରା ତାକୁ ବସ୍ତୁତଃ କେହି ଟଳାଇ ପାରିବନାହିଁ । ଏହି କାରଣରୁ ବଡ଼ ଛଟପଟ ଲାଗେ । ସତେଅବା ଭୁଲ ଜାଗାରେ ଆସି ଅଟକି ଯାଇଥିଲା ପରି ଲାଗୁଥାଏ । ଶ୍ରୀଯୁକ୍ତ ଚୌଧୁରୀ ସମ୍ଭବତଃ ସେହିଭଳି ଛଟପଟ ହେଉଥିଲେ । ବାହାରେ ଦାୟିତ୍ୱ ଗୁଡ଼ିକୁ

Digitized by srujanika@gmail.com

ସ୍ବା' ତା' ଉପରକୁ ଫିଙ୍ଗି ଦେଉଥିଲେ । ଏବଂ, ସିଏ ଯେ ସରକାରରେ ଅଛନ୍ତି ଓ ପ୍ରତ୍ୟେକ ସରକାରର ସତେ କେତେକ ସଙ୍କଳନମ୍ ଅବଶ୍ୟଦାୟିତ୍ବ ରହିଛି, ସେ କଥା ସେ ପାସୋରି ପକାଉ ଥିଲେ । System ଟାକୁ ଟାଳିପାରିବା ବିଷୟରେ ତାଙ୍କ ସରକାରଙ୍କର ଅସମର୍ଥତାକୁ ପ୍ରକଟ କରୁଥିଲେ ।

ଥରେ ରାଜଧାନୀ ପାର୍ଶ୍ବବର୍ତ୍ତୀ କୌଣସି ଅଞ୍ଚଳରୁ ଭାଗଚାଷୀମାନେ ଆସି ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ଜମିଦାରଙ୍କ ହାତରୁ ସେମାନଙ୍କୁ ରକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବୀ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଚୌଧୁରୀ ସେମାନଙ୍କୁ ଉତ୍ତର ଦେଇ କହିଥିଲେ ଯେ ଆଇନ୍ ହୋଇଗଲେ ହିଁ କଦାପି ଜମି ମିଳିବନାହିଁ । ସରକାରୀ ଭାଗଚାଷୀର ସ୍ବାର୍ଥରକ୍ଷା ପାଇଁ ଆଇନ୍ ହିଁ କରିଛନ୍ତି । ମାତ୍ର, ଠେଙ୍ଗାବାଡ଼ି ଧରି ଆଇନ୍ ବଳରେ ସେମାନଙ୍କୁ ମିଳିଥିବା ଜମିର ରକ୍ଷା ସେହିମାନଙ୍କୁ ହିଁ କରିବାକୁ ପଡ଼ିବ । ଲୋକେ ପଚାରିଲେ, 'ଆମେ ଠେଙ୍ଗା-ବାଡ଼ିର ଆଶ୍ରୟ ନେଲେ ଆପଣ ପୋଲିସ୍‌ମାନଙ୍କୁ ପଠାଇବେ ନାହିଁ ତ ?' ମୁଖ୍ୟମନ୍ତ୍ରୀ ଉତ୍ତର ଦେଲେ, 'ହଁ ପଠାଇବ । ସରକାରୀ ଆଇନ୍ ଓ ଦେଶର ସଂବିଧାନ ଦ୍ୱାରା ପୋଲିସ୍ ପଠାଇବାକୁ ବାଧ ହେବ । ସ୍ୱାଧୀନତା ଲାଗି ଲୋକ ଜେଲ୍ ଗଲେ, ଫାଶୀ ମଧ୍ୟ ପାଇଲେ ; ତୁମେମାନେ ଜମି ପାଇବ, ସୁରୁଖୁରୁରେ ପାଇଯିବ, ଠେଙ୍ଗାବାଡ଼ି ଧରିବନାହିଁ ?'

ଆଇନ୍ ସତ୍ତ୍ୱେ ଠେଙ୍ଗାବାଡ଼ି ଧରିଲେ ଯାଇ ଲୋକମାନଙ୍କର ଦାବୀ ହାସଲ ହୋଇପାରିବ ବୋଲି ବିଶ୍ୱାସ କରୁଥିବା ମଣିଷ ଲୋକମାନଙ୍କ ପକ୍ଷରେ ରହିବ, ଠେଙ୍ଗାବାଡ଼ି ଧରି ଦାବୀ ହାସଲ କରିବାକୁ ଯାଉଥିବାର ଶୋଭାଯାତ୍ରାରେ ସିଏ ନିଜେ ନେତୃତ୍ୱ ଦେବ, ସିଏ କଦାପି ସରକାରଙ୍କ ମନ୍ତ୍ରୀଗୁମାରେ ମୁରବୀ ହୋଇ ବସିବନାହିଁ ଓ ସେହିଠାରେ ଥାଇ ଲୋକମାନଙ୍କୁ ଠେଙ୍ଗାବାଡ଼ି ଧରି ଓ ପୋଲିସର ସାମନା କର ବୋଲି ପରାମର୍ଶ ଦେବନାହିଁ । ଥରେ ବାଣପୁରର ଜଣେ ଭୂମିମାଲିକ ତାଙ୍କ ଭାଗ-ଚାଷୀମାନଙ୍କୁ ଗୁଣ୍ଡା ଲଗାଇ ମାଡ଼ ଦେଇଥିଲେ ଓ ସେମାନଙ୍କର ଜମିରୁ ଧାନଫସଲ କାଟି ନେଇଥିଲେ । ସେହି ଅଞ୍ଚଳର କମ୍ୟୁନିଷ୍ଟ ବିଧାୟକ ରାଜ୍ୟ ବିଧାନସଭାରେ ସେହି ସଂକ୍ରାନ୍ତରେ ଏକ ମୁଲତବୀ ପ୍ରସ୍ତାବ ଆଗତ କରିଥିବା ସମୟରେ ଉତ୍ତର ଦେଇ ମୁଖ୍ୟ-ମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ କହିଥିଲେ: "ପାଇକ ବିଦ୍ରୋହ କ୍ଷେତ୍ରରେ ପାଇକମାନଙ୍କର ବଂଶଧରମାନେ ଗୁଣ୍ଡାମାନଙ୍କର ଭୟରେ ପଳାଇ ନଆସି ମିଳିତ ଭାବରେ ବଳପ୍ରୟୋଗ କରି ଗୁଣ୍ଡାମାନଙ୍କୁ ତଡ଼ି ଦେଇଥିଲେ ମୁଁ ଖୁସୀ ହୋଇଥାନ୍ତି ।" ସଙ୍ଗଠ ରକ୍ଷା କରି ହିଁଏତ ପଚାରିଯାଇ ପାରିବ, ମିଳିତ ଭାବରେ ବଳପ୍ରୟୋଗ କରିଥିଲେ ସରକାରଙ୍କ

Digitized by srujanika@gmail.com

ପୋଲିସ ବାହିନୀ ସେଠାକୁ ଆଇନଶୃଙ୍ଖଳା ରକ୍ଷା କରିବାକୁ ଯାଇଥାନ୍ତେ । ଏବଂ ମୁଖ୍ୟମନ୍ତ୍ରୀ ଏଥିରେ ବି କଣ ଖୁସି ହୋଇଥାନ୍ତେ ?

ଆଉଥରେ, ରାଜ୍ୟର କୌଣସି ସ୍ଥାନରେ ପ୍ରଜାମାନଙ୍କ ଉପରେ ଜଣେ ଜମିଦାର ଅକଥନୀୟ ଅତ୍ୟାଚାର କରୁଥିଲେ ଏବଂ ସେହି ଦୌରାତ୍ମ୍ୟରୁ ପ୍ରଜାମାନଙ୍କୁ ରକ୍ଷା କରିବା ନିମନ୍ତେ ପ୍ରାର୍ଥନା କରି ଜଣେ କେହି ସେହି ଅଞ୍ଚଳରୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ତାରବାର୍ତ୍ତା ପଠାଇଥିଲେ । ତୁରନ୍ତ ନିଜର ପ୍ରତିକ୍ରିୟା ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ କହିଥିଲେ, "ମୁଁ ଯାଇ ଜମିଦାରଙ୍କ ଦୌରାତ୍ମ୍ୟରୁ ପ୍ରଜାଙ୍କୁ ରକ୍ଷା କରିବି ବୋଲି ତାର ଆସିଛି । ମୋର ଏପରି ଡରକୁଳା ପ୍ରଜା ଦରକାର ନାହିଁ । ଯା' କହିଦେବୁ ନବ ଚୌଧୁରୀ କହିଲା । ପ୍ରଜା ଏପରି ମାତିଲେଣି ଯେ ଜମିଦାରସବୁ କିପରି ରକ୍ଷା ହେବେ, ମୁଁ ସେବିଷୟରେ ଆଇନ କରୁଛି ।" ଦେଶ ସ୍ୱାଧୀନତା ପାଇବା ପରେ ଯେଉଁ ସରକାରମାନ ଶାସନରେ ରହିଲେ, ସେମାନେ କେବଳ ଜମିଦାରମାନଙ୍କୁ ରକ୍ଷା କଲେ ନାହିଁ, ସରକାର ନିଜେ ଦେଶ ଉପରେ ଜମିଦାର ହୋଇ ବସିଲେ । ସାମନ୍ତବାଦ ଜୀବନର ସବୁ କ୍ଷେତ୍ରରେ, ଶିକ୍ଷା, ଶାସନ, ରାଜନୀତି ତଥା ଧନସମ୍ପଦର ଅଧିକାରିତ୍ୱ ପ୍ରଭୃତି ଯାବତୀୟ କ୍ଷେତ୍ରରେ ଜମିଦାରମାନେ ହିଁ ଶିଷ୍ଟ ଓ ସାମନ୍ତ ହୋଇ ରହିଲେ । ସେମାନେ ସତେଅବା ସଲା କରିଥିବା ପରି ପ୍ରଜାମାନଙ୍କୁ ଡ଼ରକୁଳା କରି ରଖିଲେ । ସେହି ପ୍ରକିସ୍ଥିତି ଏବେ ମଧ୍ୟ ତାହାଣ ବାମ ସମସ୍ତଙ୍କୁ କାବୁ କରି ରଖିଛି ।

ଶ୍ରୀଯୁକ୍ତ ଚୌଧୁରୀ ଓଡ଼ିଶାରେ କିପରି କୌଣସି ପ୍ରକାରେ ସରକାର ଭିତରୁ ବାହାରି ପଳାଇବେ ବୋଲି ଛଟପଟ ହେଉଥାନ୍ତି । ତେଣେ ବମ୍ବେର ରାଜଭବନରେ ରାଜ୍ୟପାଳ ଶ୍ରୀ ହରେକୃଷ୍ଣ ମହତାବ ସେଠା ଆସନରୁ ଓଡ଼ିଶାକୁ ପଳାଇ ଆସିବେ ବୋଲି ଛଟପଟ ହେଉଥାନ୍ତି । ସତେଅବା ବିଧିର ବିଧାନ ଅନୁସାରେ ଗୋଟିକୁ ସାହାଯ୍ୟ କରିବାକୁ ଅନ୍ୟଟି ଅଭିପ୍ରେତ ହୋଇ ରହିଥିବା ପରି ଘଟୁଥାଏ । ୧୯୫୫ ମସିହା ବର୍ଷାଋତୁରେ ବଢ଼ିଲେଇଯାଇ ସାରିଥିବାର ତିନି ଚାରିମାସ ପରେ ବମ୍ବେର ରାଜ୍ୟପାଳ ବନ୍ୟାଞ୍ଚଳ ପରିଦର୍ଶନ କରିବାର ଏକ କାର୍ଯ୍ୟକ୍ରମରେ ଓଡ଼ିଶାରେ ଆସି ପହଞ୍ଚିଲେ । ବନ୍ୟାଦୁର୍ଗତ ମାନଙ୍କୁ ସାହାଯ୍ୟ ପହଞ୍ଚାଇବାର କ୍ଷେତ୍ରରେ ରାଜ୍ୟସରକାର ଗ୍ରହଣ କରିଥିବା ପ୍ରଣାଳୀରେ ସେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ । ନିଜ କର୍ତ୍ତବ୍ୟ ଗୁଡ଼ିକରେ ସେ ଓଡ଼ିଶା ସରକାରଙ୍କର ଯେଉଁସବୁ ସମାଲୋଚନା କଲେ ତାହା ସମ୍ବାଦ-ପତ୍ରମାନଙ୍କରେ ପ୍ରକାଶ ପାଇଲା । ମୁଖ୍ୟମନ୍ତ୍ରୀ ଚୌଧୁରୀଙ୍କୁ ଏହି ଆଚରଣ ଅତି ଖରାପ ଲାଗିଥିବା ସ୍ୱାଭାବିକ । ସେ ମଧ୍ୟ ଆପଣାର ସେହି ଅସନ୍ତୋଷକୁ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲଙ୍କ ପାଖକୁ ଚିଠି ଲେଖି ଜଣାଇଲେ । ଏପରି ଈର୍ଷାପରାୟଣ ଓ ଗର୍ହିତ କାର୍ଯ୍ୟ ଦେଖି ତାଙ୍କର ମନ ଭାଙ୍ଗି ପଡ଼ିଲାଣି ବୋଲି ସ୍ୱୀକାର କରି ପ୍ରଧାନମନ୍ତ୍ରୀ ତାଙ୍କୁ

Digitized by srujanika@gmail.com

ମୁଖ୍ୟମନ୍ତ୍ରୀର ପଦରୁ ଅବ୍ୟାହତ ଦିଅନ୍ତୁ ବୋଲି ଅନୁରୋଧ କରିଥିଲେ । ଏକଥା ମଧ୍ୟ କାଗଜରେ ବାହାରିଲା ।

ଏହି ପଦ୍ଧତିର ଔଷଧଟି ଭଲ କାମ୍ କଲା । ରାଜ୍ୟପାଳ ଶ୍ରୀ ମହତାବ ତାଙ୍କର ଉଦ୍ୟମଜାଲ ପକାଇ ଲକ୍ଷ୍ୟ ହାସଲ କରିବାରେ ଲାଗିପଡ଼ିଲେ । ଉଦ୍ୟମ ଓଡ଼ିଶାରେ ହେଲା, ଅଖିଳ ଭାରତ କଂଗ୍ରେସ ସ୍ତରରେ ଦିଲ୍ଲୀରେ ମଧ୍ୟ ହେଲା । ଓଡ଼ିଶାରେ ବ୍ୟାପାର ଗୁଡ଼ିକୁ ଅନୁକୂଳ ଭାବରେ ଗତିଶୀଳ କରି ରଖିବା ସକାଶେ ସେ ତିନିଜଣ ଧୁରନ୍ଧର ତରୁଣ ବ୍ୟକ୍ତିଙ୍କୁ କାମରେ ଲଗାଇଦେଲେ । ସେମାନେ ହେଉଛନ୍ତି ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ, ଶ୍ରୀ ବୀରେନ୍ ମିତ୍ର ଓ ଶ୍ରୀ ନୀଳମଣି ରାଉତରାୟ । ସେହି କାଳର ଏହି ତଡ଼ିବା ଓ ବସାଇବାର ରାଜନୀତିରେ ସେମାନଙ୍କୁ 'ତିନି ଧୁରନ୍ଧର' ବା Three Musketeers ବୋଲି କୁହାଯାଇଛି । ଶ୍ରୀଯୁକ୍ତ ନୀଳମଣି ରାଉତରାୟ ତାଙ୍କ ଆତ୍ମଜୀବନୀ ପୁସ୍ତକ 'ସ୍ମୃତି ଓ ଅନୁଭୂତି'ରେ ସେହି ଧୁରନ୍ଧରର ବିଶଦ ବିବରଣୀ ଦେଇଛନ୍ତି ଏବଂ ସବୁଯାକ ସତକଥାକୁ ଅତ୍ୟନ୍ତ ଅକପଟ ଭାବରେ ସ୍ୱୀକାର କରିଛନ୍ତି । ଏହିସବୁ ବୀରପଣିଆ ଅବ୍ୟର୍ଥ ଭାବରେ କାମ ଦେଲା ଏବଂ ୧୯୫୦ ମସିହା ଜୁନ ମାସରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କୁ ସ୍ଥାନଚ୍ୟୁତ କରି ଶ୍ରୀ ହରେକୃଷ୍ଣ ମହତାବଙ୍କୁ ବସାଇବା ନିମନ୍ତେ ଅଖିଳ ଭାରତ କଂଗ୍ରେସ କମିଟିରେ ପ୍ରାୟ ସର୍ବସମ୍ମତ ହୋଇ ଯାଇଥିଲା ।

ଏବଂ ସେହି ସମୟରେ ଓଡ଼ିଶାରେ ଘଟିଥିବା ସୀମା-ଆନ୍ଦୋଳନ ଆଗରୁ କଣ୍ଟା-ହୋଇ ରହିଥିବା ଏହି ନିଷ୍ପତ୍ତିଟି କାର୍ଯ୍ୟରେ ପରିଣତ ହେବାପାଇଁ ପ୍ରାୟ ଏକ ଆଳ ଯୋଗାଇଦେଲା । ରାଜ୍ୟ ପୁନର୍ଗଠନର ସଭ୍ୟମାନେ ରାଜ୍ୟଗୁଡ଼ିକର ନୂତନ ସୀମା-ଗୁଡ଼ିକୁ ନିର୍ଣ୍ଣୟ କରିବାର କାର୍ଯ୍ୟରେ ଓଡ଼ିଶାର ଅଭିଳାଷ ପ୍ରତି ଆଦୌ ସହାନୁଭୂତି ପ୍ରଦର୍ଶନ କରିନଥିଲେ । ସେହି ଅବିଚାରର ପ୍ରତିବାଦ ଜଣାଇ ଓଡ଼ିଶାରେ ସାଧାରଣ ବିକ୍ଷୋଭମାନ ଅନୁଷ୍ଠିତ ହେଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ହିସାବରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଏହି ଜନଅସନ୍ତୋଷର ମୁକାବିଲା କରିଥିଲେ ଏବଂ ଯେଉଁଭଳି ଭୂମିକା ଗ୍ରହଣ କଲେ, ସେଥିରେ ଏବେ ମଧ୍ୟ ଅନେକ ଅବସ୍ଥା-ବିଶେଷଜ୍ଞ ବ୍ୟକ୍ତି ସଂଶୟ ବ୍ୟକ୍ତ କରନ୍ତି । ସମ୍ଭବତଃ ଶ୍ରୀ ଚୌଧୁରୀ ଜଣେ ଓଡ଼ିଶାବାସୀ ହିସାବରେ ପ୍ରକୃତରେ କ'ଣ କରିବାକୁ ମନ କରୁଥିଲେ, ମାତ୍ର ଦଳର ଚାପରୁ ତାହା କରିପାରୁ-ନଥିଲେ । ସିଏ କଂଗ୍ରେସ ଦଳ ତରଫରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ଏବଂ କଂଗ୍ରେସ-ନାମକ ବଟବୃକ୍ଷର ଅସଲ ମୂଳଟି ଦିଲ୍ଲୀରେ ରହିଥିଲା । ଓଡ଼ିଶାରେ ତାହାର କେବଳ ଗୋଟିଏ ସିଅ ହିଁ ଲାଗିଥିଲା । ଓଡ଼ିଶାର ସୀମା-ଆନ୍ଦୋଳନ ଅତ୍ୟନ୍ତ ସ୍ୱଭାବପ୍ରେରିତ ଭାବରେ କେବଳ ଓଡ଼ିଶାକୁ ହିଁ ଦେଖୁଥିଲା । ତା'ପଛରେ ଗୂହ୍ୟ ଭାବରେ ରାଜନୀତିକ

Digitized by srujanika@gmail.com

ସ୍ୱାର୍ଥାଭିମୁଖମାନ ଅବଶ୍ୟ ଜଡ଼ିତ ହୋଇ ରହିଥିଲେ । ତାଙ୍କ ନିଜ ଦଳର ଧୁରନ୍ଧରମାନେ ମଧ୍ୟ ଏହାକୁ ଏକ ଅନ୍ୟତମ ଅନୁକୂଳ ବେଳା ବୋଲି ବିଚାର କରି ସେଥିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିଥିବେ । ସେତେବେଳର ରାଜନୀତିରେ ଏପରି ଏକ ଅଶିକ୍ଷ ଧରମର ମଧ୍ୟ ଆପଣାକୁ ସ୍ୱୀକୃତ କରାଇ ନେଇଥିଲା, ଯାହାକୁ ଛଡ଼ାପରି ବ୍ୟବହାର କରି ସବୁକିଛି ସମ୍ଭବ ହୋଇ ପାରୁନଥିଲା । ମୁଖ୍ୟମନ୍ତ୍ରୀ ଚୌଧୁରୀ ପରାମର୍ଶ ଲାଗି ଦିଲ୍ଲୀ ଯାଉଥିଲେ । ଦିଲ୍ଲୀରୁ ମୁକାମ ଆଣି ଓଡ଼ିଶାରେ ବଦନାମ ହେଲେ । ନିଜର ନୀତି'କ ମତ ଅନୁସାରେ କାର୍ଯ୍ୟ କରି ପାରିଲେନାହିଁ । ତାଙ୍କର ଅତି ନିଜ ଲୋକମାନେବି ତାଙ୍କର ଏହି ଦୁର୍ବଳ ଭୂମିକାକୁ ପସନ୍ଦ କରିନଥିଲେ । ସେ ଆଉ ଏକ ଧକ୍କା ଖାଇଲେ । ମାତ୍ର, ଏହି ଧକ୍କାକୁ ଅନ୍ୟ ଏକ ଦୃଷ୍ଟିରୁ ଏକ ଅନୁକୂଳ ସମୟ ବୋଲି ଅନୁଭବ କଲେ ଏ ଏହିସବୁ ଘଟଣାର ଅଳ୍ପଦିନ ପରେ ପଦତ୍ୟାଗ କଲେ । "ସୀମା-ଆନ୍ଦୋଳନ ମୋତେ ରାଜନୀତିରୁ ଓହରି ଆସିବାକୁ ସୁବିଧା ଦେଲା" ବୋଲି ସେ ବହୁବର୍ଷ ପରେ ଏକ ଅନ୍ୟ ଅବସରରେ ମନ୍ତବ୍ୟ ଦେଇଛନ୍ତି ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ମିଜାଜର ଏକ ମୂଲ୍ୟାୟନ କଲାପରି ଶ୍ରୀଯୁକ୍ତ ନୀଳମଣି ରାଉତରାୟ ତାଙ୍କର ଆତ୍ମଜୀବନୀ ପୁସ୍ତକରେ (ପୃଷ୍ଠା-୨୮୭) କହିଛନ୍ତି ଯେ, ନବବାବୁ ବଡ଼ ଅନାସକ୍ତ ପ୍ରକୃତିର ଲୋକ । ସେଥିପାଇଁ ତାଙ୍କୁ କେହି କେହି ବାବାଜୀ ବୋଲି କହୁଥିଲେ । ତାଙ୍କୁ ଟିକିଏ ବିରକ୍ତ କରାଇଦେଲେ ସେ ଥଳି ମୁଣି ବାନ୍ଧି ପଳାଇବାକୁ ବାହାରନ୍ତି । ତାଙ୍କର ଆଦୌ କୌଣସି ରାଜନୀତିକ ମହତ୍ତ୍ୱାକାଙ୍କ୍ଷା ନଥିଲା ବୋଲି ଆଉ କେହି କେହି ମତ ବି ଦେଇଛନ୍ତି । ଆଦୌ କୌଣସି ସ୍ୱପ୍ନ କିମ୍ବା ଆକାଙ୍କ୍ଷା ନଥିଲେ ଜଣେ ବ୍ୟକ୍ତି କଦାପି ରାଜନୀତି ଭିତରକୁ ଆସେନାହିଁ । ଏହି ସ୍ୱପ୍ନ ବ୍ୟକ୍ତିଗତ ହୋଇପାରେ, ସାମୂହିକ ବା ଆଦର୍ଶଗତ ବି ହୋଇପାରେ । ଏହି ଦୁଇଟି ପ୍ରକାରର ସ୍ୱପ୍ନ ଭିତରେ ଏକ ବିରୋଧ କହିଥିଲେ ମହତ୍ତ୍ୱାକାଙ୍କ୍ଷୀ ମନୁଷ୍ୟ ପଥଚ୍ୟୁତ ହୁଏ, ଭଗ୍ନ ହୁଏ ବା ହତାଶ ହୁଏ । ପ୍ରକୃତ ସୁସ୍ଥ ଅଥବା ସମର୍ପିତ ମନୁଷ୍ୟର ଜୀବନରେ ଏହି ଦୁଇ କ୍ଷେତ୍ର ମଧ୍ୟରେ ନ୍ୟାୟତଃ କୌଣସି ବିରୋଧ ନଥାଏ । ଶ୍ରୀ ନବକୃଷ୍ଣ ଚୌଧୁରୀ ଯେ କ୍ଷମତାକୁ ଭୟ କରୁଥିଲେ କିମ୍ବା କ୍ଷମତା ଭିତରକୁ ଆସିବାଟାକୁ ମନୁଷ୍ୟର ନୈତିକ ଅଥବା ଅନ୍ୟ ଯାବତୀୟ ପତନର ହେତୁ ବୋଲି ବିଚାର କରୁଥିଲେ, ସେକଥା ଆଦୌ ନୁହେଁ । ବସ୍ତୁତଃ ତାଙ୍କ ରାଜନୈତିକ ଜୀବନର ତାରୁଣ୍ୟକାଳରେ ମାର୍କ୍ସବାଦୀ ଦର୍ଶନ ଓ ଜୀବନଦୃଷ୍ଟିରେ ତାଙ୍କର ତାଲିମ ତାଙ୍କୁ ଏପରି ଦୁର୍ବଳ ଭାବନାରୁ ଅବଶ୍ୟ ମୁକ୍ତ କରି ରଖିଥିବ ।

ଶ୍ରୀଯୁକ୍ତ ଚୌଧୁରୀ ପଦଗ୍ରହଣ ବିଷୟରେ ଆଦୌ ଅନାସକ୍ତ ନଥିଲେ । ପଦ ଗ୍ରହଣ କରିବା ମାତ୍ରକେ ଯିଏ ସେହି ପଦର ଆଧିକ୍ୟ ଭିତରେ ପଡ଼ିଯାଏ, ଶ୍ରୀ ଚୌଧୁରୀଙ୍କର

Digitized by srujanika@gmail.com

ସେଭଳି ଜଣେ ବ୍ୟକ୍ତି ସହିତ ଆଦୌ କୌଣସି ସାମଞ୍ଜସ୍ୟ ନଥିଲା । ରାଜନୀତିକ ଆନ୍ଦୋଳନ ଓ କର୍ମକଳାପର ଦୁଆର ବନ୍ଧ ଡ଼େଇଁ ଘରେ ପ୍ରବେଶ କରିବାର ଏକା-ବେଳେକେ ସେହି ପ୍ରଥମ କାଳରେ ମଧ୍ୟ ସେ ସୁଯୋଗ ମିଳୁଥିବା ଏକ ପଦ ଗ୍ରହଣ କରିବାର ପ୍ରୟାସ କରିଥିଲେ । ୧୯୨୨-୨୩ ମସିହା ବେଳକୁ, ଯେତେବେଳେ ମହାତ୍ମା ଗାନ୍ଧୀ ଏବଂ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ମଧ୍ୟରେ କୌଶଳଗତ ପାର୍ଥକ୍ୟକୁ ଭିତ୍ତି କରି ଜାତୀୟ କଂଗ୍ରେସର ଲୋକେ ଦୁଇପାଖ ହୋଇ ଯାଇଥିଲେ, ସେତେବେଳେ ଶ୍ରୀ ଚୌଧୁରୀ ଗ୍ରହଣ କରିଥିବା ଗୋଟିଏ ପଦକ୍ଷେପରୁ ତାହାର ପ୍ରମାଣ ମିଳିଥାଏ । ସେତେ-ବେଳେ ତରୁଣ ନବକୃଷ୍ଣଙ୍କର ମନ ଭିତରେ ଆଦୌ କୌଣସି ନିର୍ଦ୍ଦିଷ୍ଟ ରାଜନୀତିକ ମତବାଦ ଦାନା ବାନ୍ଧି ନଥିଲା । କେବଳ ଉତ୍ସାହ ହିଁ ଉତ୍ସାହ ଥିଲା । କେବଳ ଆଗକୁ ଯିବାର ଏକ ସହଜ ବାସନା ରହିଥିଲା । ସେହି ସମୟରେ ଚିତ୍ତରଞ୍ଜନଙ୍କର ସମପନ୍ଥୀ କଂଗ୍ରେସବାଲାଏ ତତ୍କାଳୀନ ଆସେମ୍ବ୍ଲି, କାଉନ୍‌ସିଲ୍ ଓ ଜିଲ୍ଲାବୋର୍ଡ଼ ଭିତରେ ପ୍ରବେଶ କରିବା ନୀତିର ସମର୍ଥନ କରୁଥିଲେ । ଗାନ୍ଧୀ ପନ୍ଥୀମାନେ ଏଗୁଡ଼ିକୁ ବର୍ଜନ କରିବା ନିମନ୍ତେ ପରାମର୍ଶ ଦେଉଥିଲେ । ଗୟାଠାରେ କଂଗ୍ରେସର ଅଧିବେଶନ ସମାପ୍ତ ହେବା ପରେ ଶ୍ରୀଯୁକ୍ତ ଚୌଧୁରୀ କାଉନ୍‌ସିଲରେ ସଦସ୍ୟପଦପାଇଁ ପ୍ରାର୍ଥୀ ହୋଇଥିଲେ । ମାତ୍ର, ସେଥିଲାଗି ଆଇନ୍ ଅନୁସାରେ ତାଙ୍କର ବୟସ କମ୍ ଥିବାରୁ ତାଙ୍କର ନାମ ପ୍ରାର୍ଥୀତାଲିକାରୁ କଟି ଯାଇଥିଲା । ଶ୍ରୀଯୁକ୍ତା ରମା ଦେବୀ ତାଙ୍କର ଆତ୍ମ-ଜୀବନୀ ପୁସ୍ତକରେ (ଜୀବନପଥେ, ପୃଷ୍ଠା-୬୨) ସେହି ଘଟଣାଟିର ଉଲ୍ଲେଖ କରିଛନ୍ତି ।

ତେଣୁ ଅନାସକ୍ତିର ପ୍ରଶ୍ନ ହିଁ ନାହିଁ । ଶ୍ରୀଯୁକ୍ତ ଚୌଧୁରୀ କେବେହେଲେ ତାଙ୍କ ପାଇଁ ପ୍ରତ୍ୟାଶିତ କୌଣସି ପଦକୁ ଛାଡ଼ିନାହାନ୍ତି । ସମ୍ଭବତଃ, ଏପରି କୁହାଯାଇ ପାରିବ ଯେ, ଯେତିକି ଉତ୍ସାହରେ ସେ ପଦଗୁଡ଼ିକୁ ଗ୍ରହଣ କରିଛନ୍ତି, ପ୍ରାୟ ସେତିକି ଉତ୍ସାହରେ ସେଗୁଡ଼ିକୁ ଛାଡ଼ିବାପାଇଁ ଚଞ୍ଚଳ ହୋଇ ପଡ଼ିଛନ୍ତି । ଘରେ ପଶୁ ପଶୁ ଘରୁ ବାହାରି ଯିବାପାଇଁ ତରତର ହୋଇଛନ୍ତି । ଅଣଖିଆ ଫାର୍ମଠାରେ ତାଙ୍କର ପ୍ରଥମ ଆସ୍ଥାନଟିକୁ ଜମାଇବା ପରେ ସେ ପ୍ରାୟ ସବୁଠାରେ ତରତର ହୋଇ ପଶି ଯାଇଛନ୍ତି ଓ ଠିକ୍ ସେତିକି ତରତର ହୋଇ ବାହାରି ଆସିଛନ୍ତି । ପ୍ରାୟ କେଉଁଠି ହେଲେ ଥିର ହୋଇ ରହିନାହାନ୍ତି । ହୁଏତ କେତେ କଣ ଆପେ ଆପେ ଘଟି ପକାଇବ ବୋଲି ଆଶା କରିଛନ୍ତି ଏବଂ ତାହା ନହେବାରୁ ସେଠାରୁ ବାହାରି ଆଉ କେଉଁଠି ଯାଇ ହାବୁଡ଼ ଯାଇଛନ୍ତି । ପ୍ରାୟ ସବୁ ସ୍ଥାନରେ ସେ ଉଚ୍ଚ ଅଥବା ସର୍ବୋଚ୍ଚ ଜାଗାରେ ଯାଇ ବସିବାର ସ୍ୱୀକୃତି ପାଇଛନ୍ତି, ମନ୍ତ୍ରୀମାନେ ତାଙ୍କୁ ସର୍ବଜ୍ଞ ମଧ୍ୟ ମଣି ରୂପେ ବାଛୁଛନ୍ତି; ମାତ୍ର ସିଏ କେଉଁଠି ହେଲେ ଥିର ହୋଇ ପ୍ରାୟ କୌଣସି ଗଢ଼ିବା ସମ୍ପୂର୍ଣ୍ଣ ହେବାଯାଏ ଆଦୌ

Digitized by srujanika@gmail.com

ରହୁନାହାନ୍ତି । ସେ ଆଦୌ କୌଣସି ଜାଗାରେ ଚଳୁ ଆରମ୍ଭ କରନାହାନ୍ତି, ପାହାଚ ଉଠି ତଳୁ ଉପରକୁ ଯାଇନାହାନ୍ତି ଅଥବା କୌଣସି କାହାକୁ ତଳୁ ଉପରଯାଏ ପାହାଚ ପାହାଚ କରି ଗଢ଼ିନାହାନ୍ତି ।

ଇଏ ଏକ ଅଦ୍ଭୁତ ବ୍ୟକ୍ତିତ୍ୱ;—ବାହାରକୁ ଏକାବେଳେକେ ସ୍ଥିର, ଭିତରେ ସବୁବେଳେ ଅସ୍ଥିର, ସବୁବେଳେ ଟଳମଳ ଯଦି, ସେ ଯେଉଁ ଆସ୍ଥାନଟିରୁ ନିଜର କର୍ମଜୀବନ, ସ୍ୱପ୍ନ ଓ ଆଦର୍ଶଗ୍ରହଣର ଜୀବନ ଆରମ୍ଭ କରିଥିଲେ, ଶ୍ରୀ ଚୌଧୁରୀ ଶେଷଯାଏ ସେହି ଆସ୍ଥାନଟିରେ ରହିଥାଆନ୍ତେ, ସେଇଠି ଥାଇ କୃଷକ ଆନ୍ଦୋଳନ କରିଥାନ୍ତେ, ସାମ୍ୟ-ବାଦ କରିଥାନ୍ତେ, କଂଗ୍ରେସ ଭିତରେ ପହଁରି ଥାଆନ୍ତେ ଏବଂ ମନ୍ତ୍ରୀପଦ ବି ଗ୍ରହଣ କରିଥାଆନ୍ତେ, ତେବେ ତାଙ୍କ ଜୀବନ ପ୍ରକୃତରେ କପରି ଗଢ଼ା କରିଥାନ୍ତା ଓ ତାଙ୍କର କାମ୍ୟ ଲକ୍ଷ୍ୟଗୁଡ଼ିକ କିଭଳି ଉପକୃତ ହୋଇଥାନ୍ତେ, ସେକଥାର ମଧ୍ୟ ଏକ ବିକଳ୍ପ କଳ୍ପନା କରି ଯାଇପାରେ । ଶ୍ରୀ ଗୋପବନ୍ଧୁ ଦାଶ ଜୀବନରେ କେତେ କୁଆଡ଼େ ଗଲେ କେତେ କଣ ହେଲେ, ମାତ୍ର ସତ୍ୟବାଦୀକୁ ଛାଡ଼ି ନଥିଲେ । ତାଙ୍କର ମହତ୍ତ୍ୱାକାଂକ୍ଷୀ ତରୁଣ ସାଥୀମାନେ ଦାଶେ ଆପଣଙ୍କର ତିରୋଧାନ ପରେ ସତ୍ୟବାଦୀ ଛାଡ଼ି କେତେ କୁଆଡ଼େ ଦଉଡ଼ିଲେ ଓ ଡେଇଁଲେ ଏବଂ ଶେଷରେ ଆଉ କ'ଣ କ'ଣ ହୋଇ ପୃଥିବୀରୁ ବିଦାୟ ନେଲେ । ଏଥିଲାଗି ଗଭୀର ଖେଦ ପ୍ରକାଶ କରି ପଣ୍ଡିତ ଗୋଦାବରୀଶ ମିଶ୍ର ଗୋଟିଏ ପ୍ରସଙ୍ଗରେ ଆପଣାର ମୂଲ୍ୟାୟନ କରିଛନ୍ତି ।

ସମସ୍ତେ ଜାଣିଲେ, ଭୂଦାନ ଆନ୍ଦୋଳନରେ ଯୋଗ ଦେବା ଲାଗି ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀପଦ ଛାଡ଼ିଦେଲେ । ଏକ ଅତ୍ୟନ୍ତ ଅଶାନ୍ତିକର ପରି-ସ୍ଥିତିରୁ ମୁକ୍ତି ଆସି ପାରିବା ନିମନ୍ତେ ସିଏ ଯେ ଶାସନ ଭିତରୁ ବାହାରକୁ ଆସିଲେ, ଅନ୍ତତଃ ସେ ନିଜେ ସେହି କଥାଟିକୁ ନିଶ୍ଚୟ ହୃଦୟଙ୍ଗମ କରିଥିବେ ଏବଂ ଉଶ୍ୱାସ ହୋଇଥିବେ । ମନ୍ତ୍ରୀପଦରେ ରହିଥିବା ବେଳେ ମଧ୍ୟ ଶ୍ରୀ ଚୌଧୁରୀ ଭୂଦାନ ଭିତରେ ଥିଲେ । ରାଜନୀତି ଯାବତୀୟ କାର୍ଯ୍ୟ ଭିତରେ ତଥାପି ସମୟ କରି ସେ ସର୍ବୋଦୟ ଗସ୍ତରେ ଯାଉଥିଲେ । ମୁଖ୍ୟମନ୍ତ୍ରୀ ହିସାବରେ ଯେଉଁ ସ୍ଥାନରେ ସେ ଜନସାଧାରଣ-ଙ୍କର ଗହଣରେ ଆସୁଥିଲେ, ସେଠାରେ ସରକାରୀ କଥାଗୁଡ଼ିକୁ ଯଥାସମ୍ଭବ ଚଞ୍ଚଳ ସାରିଦେଇ ଭୂଦାନ ଓ ସର୍ବୋଦୟର କଥା କହୁଥିଲେ । କେବଳ ସରକାରୀ ବିଭାଗ ବା ତତ୍ପରତା ଦ୍ୱାରା ଦୁଃଖ ଯିବନାହିଁ, ଏକ ଅନ୍ୟଭଳି ସମାଜ ଗଢ଼ିପାରିଲେ ଯାଇ ମଣିଷ ଓ ତା'ର ସାମୂହିକ ଜୀବନ ଯେ ସୁସ୍ଥ ଓ କଲ୍ୟାଣମୟ ହୋଇପାରିବ, ଲୋକ-ମାନଙ୍କ ମନରେ ସେହି ଅନ୍ୟ ତତ୍ତ୍ୱଟି ଆଡ଼କୁ ଦୃଷ୍ଟି ଆକର୍ଷଣ କରାଇବାକୁ ସେ ଚେଷ୍ଟା କରୁଥିଲେ ।

Digitized by srujanika@gmail.com

ମୁଖ୍ୟମନ୍ତ୍ରୀ ଭୂଦାନ ଓ ସର୍ବୋଦୟରେ ଅଧିକ ସମୟ ଦେଉଛନ୍ତି ଓ ତେଣୁ ମୁଖ୍ୟମନ୍ତ୍ରୀଙ୍କର ଅସଲ ରାଜକାର୍ଯ୍ୟ ତଥା ଶାସନ ସମ୍ବନ୍ଧୀୟ ଦାୟିତ୍ୱ ତୁଲାଇବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି, ସେତେବେଳେ ଶ୍ରୀ ଚୌଧୁରୀଙ୍କ ବିଷୟରେ ନିୟମିତ ଅଭିଯୋଗ ହେଉଥିଲା । ବିଶେଷତଃ ତାଙ୍କର ବାବୁଆମାନେ, ଯେଉଁମାନେ ଶାସନଗାଦୀ ପାଇଁ ଅଧିକ ଲୋଭ ରଖିଥିଲେ, ଶ୍ରୀ ଚୌଧୁରୀଙ୍କର ନିଷ୍ଠା ଏବଂ ସାଧୁତା ଫଳରେ ଅନ୍ୟ ଯେଉଁମାନଙ୍କର ନିଷ୍ଠାହୀନତା, ଅସାଧୁତା ଏବଂ ଆତ୍ମକାମିତା ଆଦୌ ଘୁଞ୍ଚି ରହି ପାରୁନଥିଲା ଓ ସେହିହେତୁ ଯେଉଁମାନେ ଶାସନର ଏହି ଢାଞ୍ଚା ବଦଳିଯାଉ ଏବଂ ସୁହାଇଲା ଭଳି ଆଉ କେହି ରାଜାହୋଇ ଆସୁ ବୋଲି ଇଚ୍ଛା କରୁଥିଲେ, ଶ୍ରୀ ଚୌଧୁରୀଙ୍କ ବିରୋଧରେ ସେମାନଙ୍କର ତାହାହିଁ ଏକ ଅନ୍ୟତମ ମୁଖ୍ୟ ଅଭିଯୋଗ ଥିଲା । ଏହି ଅଭିଯୋଗକୁ ସବୁଠାରୁ ବଡ଼ ଅଭିଯୋଗ ବୋଲି ସେମାନେ କଂଗ୍ରେସ ଦଳର ଉଚ୍ଚତମ ଦରବାର ଯାଏ ମଧ୍ୟ ନେଇ ପହଞ୍ଚାଇ ଦେଇଥିଲେ । କଥିତ ଅଛି ଯେ ଏକଦା ପ୍ରତି-ବେଶୀ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଡାକ୍ତର ବିଧାନଚନ୍ଦ୍ର ରାୟ ମଧ୍ୟ ଶ୍ରୀ ଚୌଧୁରୀଙ୍କର ମନ୍ତ୍ରୀମଣ୍ଡଳସ୍ଥ କୌଣସି ଜଣେ ଅବର ସହକର୍ମୀଙ୍କ ସହିତ କଲିକତାରୁ ଟେଲି-ଫୋନରେ କଥାବାର୍ତ୍ତା କରୁଥିବା ସମୟରେ ଶ୍ରୀ ନବକୃଷ୍ଣ ଚୌଧୁରୀ ରାଜକାର୍ଯ୍ୟକୁ ହେଳା କରି ଭୂଦାନରେ କାହିଁକି ଏତେ ବ୍ୟସ୍ତ ରହିଛନ୍ତି ବୋଲି କଥା ପକାଇ ଟାହି ମଧ୍ୟ କରିଥିଲେ ।

ଶ୍ରୀ ଚୌଧୁରୀ ଶାସନର ଉଆସ ଛାଡ଼ି ସର୍ବୋଦୟ ଆନ୍ଦୋଳନ ଭିତରକୁ ଆସିଲେ । ଭୁବନେଶ୍ୱର ଛାଡ଼ି ତାଙ୍କ ପାଇଁ ଅଧିକ ହୃଦୟଙ୍ଗମ ତାଙ୍କ ଘର ଅନୁଗୁଳସ୍ଥ ବାଜିରାଉତ ଛାତ୍ରାବାସକୁ ଆସିଲେ । ଏଣିକି ସେ ବନ୍ଧନମୁକ୍ତ ହୋଇ ଆପଣାର ଅସଲ ଶ୍ରଦ୍ଧାଗୁଡ଼ିକ ଅନୁସାରେ ଯାହା ଇଚ୍ଛା କରିବେ, ତାହା କରିପାରିବେ ବୋଲି ଭାବି ହୁଏତ ସେ କେଡ଼େ ଉଶ୍ୱାସ ଅନୁଭବ କରିଥିବେ । ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର ମାତ୍ର ଦୁଇମାସ ପୂର୍ବରୁ ଅନୁଗୁଳ ନିକଟରେ ଥିବା ଚମ୍ପତିମୁଣ୍ଡା ଜୀବନ-ବିଦ୍ୟାଳୟରେ ଏହି ଲେଖକ ଆଗରେ ସିଏ ଯାହା କହିଥିଲେ, ତାହା ମୋର ଏବେ ମଧ୍ୟ ମନେଅଛି । ଯେଉଁ ଉଦ୍ଦୀପ୍ତ ଓ ସପ୍ରତିଭ ମୁଖମୁଦ୍ରାରେ ଅତ୍ୟନ୍ତ ଭାବ ବ୍ୟଞ୍ଜକ ଭାବରେ ସେ କଥା-ଗୁଡ଼ିକ କହିଥିଲେ, ସେହି ମୁଖମୁଦ୍ରା ମଧ୍ୟ ମନେଅଛି । ସେ କହିଥିଲେ, "ମୁଁ ଭାବୁଛି, ମୋର ଅନେକ କଥା କହିବାର ଅଛି, ଅନେକ କିଛି ଲେଖିବାର ଅଛି । ରାଜନୀତି ଓ ଶାସନର ଗଦିରେ ଥାଇ ମୁଁ ସେସବୁକୁ ପର୍ଯ୍ୟନ୍ତ କହି ପାରିନାହିଁ ବା ଲେଖି ପାରିନାହିଁ । ଏଥର କହିବି ଓ ଲେଖିବି । ମୁଖ୍ୟମନ୍ତ୍ରୀ ପଦରୁ ବିଦାୟ ନେବା ପରେ ଅଧିକ ସମୟ ଏହିଠାରେ ରହିବି, ଲେଖିବି ଓ କହିବି ।" ସେଦିନ ଶ୍ରୀ ନବକୃଷ୍ଣ ଚୌଧୁରୀ ଟିକିଏ ଭିଡ଼ ଆପଣାର ହୋଇ ଦେଖା ଯାଉଥିଲେ । ତାଙ୍କ ନିଜକୁ ମଧ୍ୟ ସେ ଏହିସବୁ କଥା କହୁଥିବା ସମୟରେ କେଡ଼େ ଆପଣାର ମନେ ହୋଇଥିବେ ।

Digitized by srujanika@gmail.com

ଶ୍ରୀଯୁକ୍ତ ଚୌଧୁରୀ ଭୁବନେଶ୍ୱର ଛାଡ଼ିଲେ; ମାତ୍ର ଆପଣା ଶ୍ରଦ୍ଧା ଓ ଅଭିରୁଚି ଗୁଡ଼ିକର ସ୍ୱନିର୍ବାଚିତ ସଦନ ଗୁଡ଼ିକରେ ପ୍ରବେଶ କରିବା ପୂର୍ବରୁ ହିଁ ସେ ନେତା ହୋଇଗଲେ । ଭୂଦାନ ଓ ସର୍ବୋଦୟବାଲାଏ ସତେଯେପରି ଅଧବାଟରୁ ତାଙ୍କୁ ଆଉ କୁଆଡ଼େ ନେଇଗଲେ, ମୁଁ ମୋ' ଘରକୁ ଫେରିଯିବି ବୋଲି ଜୋରକରି କହିବାଲାଗି ମଧ୍ୟ ତାଙ୍କୁ ହୁଏତ ସମୟ ଦେଲେନାହିଁ । ସର୍ବୋଦୟ ଶିବିରରେ ହୁରି ପଡ଼ିଗଲା । ସ୍ୱୟଂ ବିନୋବା ଏବଂ ଜୟପ୍ରକାଶ ତାଙ୍କୁ ସମ୍ରାଟ ଅଶୋକ ଏବଂ ଗୌତମ ବୁଦ୍ଧଙ୍କ ସହିତ ତୁଳନା କଲେ । କିଏ ତାଙ୍କୁ ରାଜର୍ଷି ବୋଲି କହିଲେ, ଆଉ କିଏ ରାଜସନ୍ୟାସୀ କହିଲେ । ଏସବୁ ଭରି ଭରି ଶବ୍ଦ ଶୁଣି ଶ୍ରୀଯୁକ୍ତ ଚୌଧୁରୀଙ୍କ ଭିତରେ ସେତେବେଳେ କିଭଳି ପ୍ରତିକ୍ରିୟା ହୋଇଥିବ କେଜାଣି ? ଭୁବନେଶ୍ୱରରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲାବେଳେ ସେ ତାଙ୍କର ସେହି ବୁଦ୍ଧିଦ୍ୱାରା ବାଧ୍ୟ ହୋଇ ଆକାଶରେ ଉଡ଼ୁଥିଲେ ଓ ଭୂଇଁକୁ ଫେରି ଆସିବାଲାଗି ହୁଏତ କେଡ଼େ ବ୍ୟାକୁଳ ହେଉଥିଲେ । କେଡ଼େ ଖୁସିରେ ଭୂଇଁରେ ଏବା ଆପଣାର ସ୍ଥାନ ଅଥଚ ଅନ୍ତରଙ୍ଗ ଜାଗାଟିକୁ ଫେରି ଆସୁଥିବା ସମୟରେ ଭୂଦାନ ଓ ସର୍ବୋଦୟର ଚରସେଣମାନେ ଆସି ତାଙ୍କୁ ସତେଯେପରି ପୁନର୍ବାର ଆକାଶକୁ ଉଡ଼ାଇନେଲେ । ସବୁବେଳେ ଖାଲି ନେତା ହୋଇ ଉଡ଼ିବା ଯେପରି ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କର କପାଳରେ ଲେଖା ହୋଇ ରହିଥିଲା । ସେ ନିଜେ କେଡ଼େ ଆକୁଳ ହେଉଥିଲେ ଭୂଇଁକୁ ଆସିବାକୁ , ମାତ୍ର ତାଙ୍କ ଭିତରର ସତେଅବା ଆଉ କେଉଁ ଦୋସର ତାଙ୍କୁ ବାରବାର ଉପରକୁ ଉଡ଼ାଇ ନେବାରେ ଲଗିଥିଲା, ତାଙ୍କର ହସ୍ତ-ରେଖା ଗୁଡ଼ାକ ସତେଯେପରି ତାଙ୍କ ଭିତରର ଇଚ୍ଛାଶକ୍ତିକୁ ସର୍ବଦା ପରାଭୂତ କରି ଦେଉଥିଲେ । କହିବା ବାହୁଲ୍ୟ, ମୁଖ୍ୟମନ୍ତ୍ରୀପଦ ଛାଡ଼ିବାର ଆଦୌ ଗୋଟିଏ ବର୍ଷ ହେଉନୁ ନହେଉଣୁ ଶ୍ରୀଯୁକ୍ତ ଚୌଧୁରୀ ନିଖିଳ ଭାରତ ସର୍ବସେବା ସଂଘର ସଭାପତି ପଦରେ ଆସୀନ ହୋଇଥିଲେ ।

ମୁଖ୍ୟମନ୍ତ୍ରୀ ପଦରେ ଥିବା ସମୟରୁ ହିଁ ଶ୍ରୀ ଚୌଧୁରୀ ବାହାନ୍ତରରେ ଭୂଦାନ କାର୍ଯ୍ୟ କରୁଥିଲେ । ତାଙ୍କ ବଂଶର ତାଙ୍କୁ ଛାଡ଼ି ସମସ୍ତେ ଅତ୍ୟନ୍ତ କ୍ରିୟାଶୀଳ ଭାବରେ ସେହି କାର୍ଯ୍ୟରେ ରହିଥିଲେ । ତାଙ୍କର ବଡ଼ ଭାଇ ଶ୍ରୀ ଗୋପବନ୍ଧୁ ଚୌଧୁରୀ ଓ ବଡ଼-ଭାଇଙ୍କ ପତ୍ନୀ ଶ୍ରୀଯୁକ୍ତା ରମା ଦେବୀ ଥିଲେ । ତାଙ୍କର ପତ୍ନୀ ଶ୍ରୀମତୀ ମାଳତୀ ଦେବୀ ରହିଥିଲେ । ଓଡ଼ିଶାରେ ଗାନ୍ଧୀକାମ କହିଲେ ବହୁବର୍ଷରୁ ଏହି ତିନିଜଣଙ୍କୁ ହିଁ ବୁଝାଉଥିଲା । ମୁଖ୍ୟମନ୍ତ୍ରୀ ଚୌଧୁରୀ ଏମାନଙ୍କର ବୃତ୍ତଟି ଭିତରେ ଆପଣାକୁ ଅନେକ ସମୟରେ ପଙ୍‌କ୍ତି ବାହାରର ଜଣେ ମଣିଷ ପରି ହୁଏତ ଅନୁଭବ କରିଥିବେ । ମୁଖ୍ୟ-ମନ୍ତ୍ରୀ ଥିବା ସମୟରେ ସେ ନିଖିଳ ଭାରତ ସ୍ତରରେ ହୋଇଥିବା କେତୋଟି ସର୍ବୋଦୟ ସମ୍ମିଳନୀକୁ ଯାଇଥିଲେ । ଖାସ୍ ବାକବିଡ଼ିତ ଗ୍ରାମବାସ୍ ଅନୁଗୁଳଠାରେ ହୋଇଥିବା

Digitized by srujanika@gmail.com

ଏକ ସର୍ବୋଦୟ ସମାଗମରେ ସେ ଅତ୍ୟନ୍ତ ସକ୍ରିୟ ଭୂମିକାରେ ଥିଲେ । ୧୯୫୫ ମସିହାରେ ପୁରୀ ଠାରେ ଅନୁଷ୍ଠିତ ନିଖିଳ ଭାରତୀୟ ସର୍ବୋଦୟ ସମ୍ମିଳନୀ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ହୋଇଥିଲା । ଭୂଦାନ କ୍ରମେ ସମ୍ପତ୍ତିଦାନ, ବିଦ୍ୟାଦାନ, ବୁଦ୍ଧି-ଦାନ ପ୍ରଭୃତିର ମାଧ୍ୟମରେ ପ୍ରସାରିତ ହୋଇ ଜୀବନଦାନରେ ପହଞ୍ଚିଲା । ଏଣେ ଗୋଟା ଗୋଟା ଗାଆଁ ଗ୍ରାମଦାନୀ ଗାଆଁ ହେଲେ, ଓଡ଼ିଶାର କୋରାପୁଟ ଜିଲ୍ଲାରେ ଗ୍ରାମଦାନର ଝଡ଼ ହାଉଆ ବହିଲା । ଗ୍ରାମଦାନରୁ ତାଲୁକାଦାନ, ଜିଲ୍ଲାଦାନ ଏବଂ ରାଜ୍ୟଦାନ ପର୍ଯ୍ୟନ୍ତ କଥା ଗଲା । ସୋସିଆଲିଷ୍ଟ ଶିବିରରେ ଏକଦା ଅପ୍ରତିଦ୍ୱନ୍ଦ୍ୱୀ ନେତା ଶ୍ରୀଯୁକ୍ତ ଜୟପ୍ରକାଶ ସର୍ବୋଦୟ ଆନ୍ଦୋଳନରେ ଆସି ଯୋଗ ଦେଲେ, ଜୀବନଦାନୀ ହେଲେ, ସର୍ବୋଦୟକୁ ହିଁ ସମାଜବାଦର ଯଥାର୍ଥ ପରିଶୀଳନ ବୋଲି ଘୋଷଣା କରିଥିଲେ । ଏସବୁଥିରେ ଶ୍ରୀ ନବକୃଷ୍ଣ ଚୌଧୁରୀ ସରକାର ଭିତରେ ଥାଇ କମ୍ ଉଚ୍ଚାଟ ଅନୁଭବ କରିନଥିବେ । ତେଣୁ ସେ ମଧ୍ୟ ଏକ ତଦନୁକୂଳ ଅବସ୍ଥାଚକ୍ରରେ ପଡ଼ି ସେହି ପଙ୍କ୍ତିଭିତରେ ଆସି ଝାସ ଦେଲେ । ଉତ୍ସାହ ଦେଲେ, ଉତ୍ସାହିତ ହେଲେ । ତାଙ୍କର ସେହି ଭୂମିକାକୁ ଆମେ ଏକ ସ୍ୱତନ୍ତ୍ର ଅଧ୍ୟାୟରେ ଆଲୋଚନା କରିବା ।

କୋରାପୁଟ ଜିଲ୍ଲାରେ ଗ୍ରାମଦାନ ଚାଲିଲା, ଗ୍ରାମନିର୍ମାଣର କାର୍ଯ୍ୟ ଆରମ୍ଭ ହେଲା । ଭାରତବର୍ଷର ବିଭିନ୍ନ ସ୍ଥାନରୁ କୁଶଳୀ କର୍ମୀ ଓ ନେତାମାନେ ଆସି ନିର୍ମାଣକାର୍ଯ୍ୟରେ ଲାଗିଗଲେ । ଆନ୍ଦୋଳନରେ ମଳି ଧରିଲା । ବିପ୍ଳବାତ୍ମକ ଆନ୍ଦୋଳନ ଏବଂ ବୃହତ୍ ପରିମାଣରେ ପାଣ୍ଠିମାନ ସଂଗ୍ରହ କରି ତାହାର ସାହାଯ୍ୟରେ ଗ୍ରାମଦାନୀ ଗ୍ରାମଗୁଡ଼ିକର ନିର୍ମାଣ, ଦୁଇଟି ମଧ୍ୟରୁ କେଉଁଟି କେତେ ଅଧିକ ଗୁରୁତ୍ୱପୂର୍ଣ୍ଣ, ଏହି କଥାକୁ ନେଇ ଦୃଷ୍ଟିରେ ଭେଦ ଦେଖାଗଲା । ଯିଏ ଯୋଉଥିରେ ଥିଲେ, ସିଏ ନ୍ୟାୟତଃ ସେହିଟାକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଲେ । ପ୍ରଧାନତଃ ସେଇଥିରୁ ଏକ ପ୍ରତିଦ୍ୱନ୍ଦ୍ୱିତାଶୀଳ ମନୋଭାବ ଜନ୍ମଲାଭ କଲା । ୧୯୫୭ ମସିହାକୁ କେତେ ଉତ୍ସାହରେ ବିନୋବାଜୀ ଭୂମିକ୍ରାନ୍ତିର ବର୍ଷ ବୋଲି ଘୋଷଣା କରିଥିଲେ ସତ, ମାତ୍ର ତା'ପରେ ସବୁ କ୍ରମେ ଭଟ୍ଟା ପଡ଼ି ଆସିଲା ସେହି ଗୋଟିଏ ଶିବିରରେ ଦୂରତାମାନ ପରିଲକ୍ଷିତ ହେଲା । ଜଣେ ଜଣେ ନେତାଙ୍କୁ ଗଣ୍ଡି ଧରି କର୍ମୀମାନେ ବି ଭାଗ ଭାଗ ହୋଇଗଲେ ଓ ସତେଅବା ଗୋଟିଏ ଗୋଟିଏ ଦ୍ୱୀପପରି ହଟିଲେ ଶ୍ରୀନବକୃଷ୍ଣ ଚୌଧୁରୀଙ୍କର ମଧ୍ୟ କ୍ରମେ ମୋହଭଙ୍ଗ ହେଉଥିଲା । ସିଏ ଓଡ଼ିଶାରେ ଯେଉଁମାନଙ୍କ ସହିତ ଏକନିଷ୍ଠ ଭୂମିକ୍ରାନ୍ତିରୁ ଏକ ମୂଳଭୂତ ସାମାଜିକ କ୍ରାନ୍ତି ଆଣିବେ ବୋଲି ସର୍ବୋଦୟର ଶିବିରକୁ ଆସିଥିଲେ, ସେଠାରେ ମଧ୍ୟ କ୍ରମେ ନିଜକୁ ଅଧିକରୁ ଅଧିକ ଏକୁଟିଆ ପରି ଅନୁଭବ କଲେ । ପଛକୁ ଫେରିଯିବାର କୌଣସି ପ୍ରଶ୍ନ ହିଁ ନଥିଲା ।

୧୯୬୪ ମସିହାରେ ଟାଟାନଗର, ଚକ୍ରଧରପୁର ଓ ରାଉରକେଲାରେ ସାମ୍ପ୍ର-ଦାୟିକ ହାଣକାଟ ଆରମ୍ଭ ହୋଇଗଲା । ସେତେବେଳେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ

Digitized by srujanika@gmail.com

ଏବଂ ଶ୍ରୀମତୀ ମାଳତୀ ଚୌଧୁରୀ ରାଉରକେଲାରେ ଯାଇ ସବାଆଗ ପହଞ୍ଚି ଯାଇଥିଲେ ଏବଂ ବିରପରି ସେହି ସ୍ଥିତିର ମୁକାବିଲା କରିଥିଲେ । ସାମ୍ପ୍ରଦାୟିକ ସଦ୍ଭାବନାର ଏକ ଗୌରବମୟ ପରମ୍ପରା ରକ୍ଷା କରି ଆସିଥିବା ଭାରତବର୍ଷରେ ତଥାପି କେତେ କମ୍ ଉତ୍ତେଜନାରେ ମଧ୍ୟ ଏଠି ସବଳମାନେ ଯେ ଉଗ୍ର ହୋଇ ଉଠିପାରନ୍ତି ଏବଂ ନାରକୀୟ କାଣ୍ଡମାନ ଘଟାଇ ପାରନ୍ତି, ସ୍ୱାମୀସ୍ୱ ଓଡ଼ିଶାରେ ରାଉରକେଲା ତାହାର ଏକ ଲଜ୍ଜ୍ୟା-ଜନକ ଦୃଷ୍ଟାନ୍ତ ହୋଇ ରହିଥିବ । ଔପଚାରିକ ଭାବରେ ଓଡ଼ିଶା ସରକାର ସେହି ଦୁଃ ସମୟରେ ରାଉରକେଲାରେ ପହଞ୍ଚି ସଚଳୁ ସତ କିଛି କରିପାରିବା ପୂର୍ବରୁ ଶ୍ରୀ ଚୌଧୁରୀ ଓ ଶ୍ରୀମତୀ ମାଳତୀ ଦେବୀ ସେଠାରେ ପହଞ୍ଚି ଯାଇଥିଲେ ଏବଂ ନିଜର କେତେଜଣ ସହକର୍ମୀଙ୍କ ସହିତ ମିଶି ଦୁଷ୍ଟ ସ୍ରୋତର ପ୍ରତିରୋଧ କରିଥିଲେ । ସେତିକ-ବେଳେ, ଏସବୁକୁ ରୋଧିବାରେ ସରକାରୀ ଶକ୍ତିର ସୀମିତ ସାମର୍ଥ୍ୟକୁ ଲକ୍ଷ କରି ଶ୍ରୀଯୁକ୍ତ ଚୌଧୁରୀ ଏକ ବିବୃତ୍ତି ଦେଇ କହିଥିଲେ : "ଯଦି ସରକାର ସଂଖ୍ୟାଲଘୁ ସମ୍ପ୍ରଦାୟର ଧନଜୀବନ ରକ୍ଷା କରିବାକୁ ଅସମର୍ଥ, ତେବେ ସେମାନଙ୍କୁ ବନ୍ଧୁକ ରଖିବାପାଇଁ ଅଧିକାର ଦିଆଯିବା ଉଚିତ । "ଏଥିଲାଗି ତାଙ୍କୁ ବିଭିନ୍ନ ବ୍ୟକ୍ତିଙ୍କର ବହୁ କଟୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା । ଅହିଂସାର ବିଚାର ଓ ଆଚରଣକୁ ପ୍ରଧାନତଃ ଏକ ନୈତିକ ଅର୍ଥରେ ବୁଝୁଥିବା ବ୍ୟକ୍ତିମାନେ ମଧ୍ୟ ଭାରି ଆଚମ୍ବିତ ହୋଇ ଯାଇଥିଲେ ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଯେ ଆଦୌ କୌଣସି ଭାବପ୍ରବଣତା କିମ୍ବା ଉତ୍ତେଜନାର ବଶବର୍ତ୍ତୀ ହୋଇ ଏକଥା କହିନଥିଲେ, ମହାତ୍ମା ଗାନ୍ଧୀଙ୍କର ଏକଦା ଗୋଟିଏ ଉକ୍ତିରୁ ଆମକୁ ସେଥିଲାଗି ଏକ ଦୃଷ୍ଟାନ୍ତ ମିଳିଯିବ । ଜାତୀୟ ସ୍ୱାଧୀନତା ସଂଗ୍ରାମର ସେହି ଅତୀତ ପର୍ଯ୍ୟାୟରେ "ଦେଶର ଜନସାଧାରଣଙ୍କୁ ନିରସ୍ତ୍ର କରି ରଖିବା-ଦ୍ୱାରା ଇଂରେଜମାନେ ଭାରତବର୍ଷର ଆତ୍ମିକ (Spiritual) ସର୍ବନାଶ କରିଛନ୍ତି" ବୋଲି ମହାତ୍ମା ଗାନ୍ଧୀ ଏକାଧିକ ଅବସରରେ ଘୋଷଣା କରିଛନ୍ତି ତାଙ୍କର ସେହି ଉକ୍ତିକୁ ଯଥାର୍ଥ ଗୁରୁତ୍ୱ ଦେଇ ଇଂରେଜ ସରକାରଙ୍କଠାରେ କରାଯାଇଥିବା ଆପଣାର ଦାବୀ-ଗୁଡ଼ିକର ଖସଡ଼ାରେ କଂଗ୍ରେସ ତା'ର କରାଚୀ ଅଧିବେଶନରେ ଭାରତୀୟ ଜନ-ସାଧାରଣଙ୍କର ଅସ୍ତ୍ରଧାରଣ କରିବାର ଅଧିକାର (the right to bear arms) ଅବଶ୍ୟ ରହିଛି ବୋଲି ଉଲ୍ଲେଖ କରିଥିଲା । ସ୍ୱାଧୀନ ଭାରତରେ ଯେ ଜନସାଧାରଣଙ୍କର ଭୀରୁତା ବୃଦ୍ଧି ପାଇଛି ଓ ଦୌରାତ୍ମ୍ୟ ପ୍ରବଣ ମାନଙ୍କର ଉତ୍ପାତ ବୃଦ୍ଧି ପାଇଛି, ତାହା ନିଃସନ୍ଦେହ ଭାବରେ କୁହା ଯାଇପାରେ ।

ପଣ୍ଡିତ ନେହରୁ ଚାଲିଗଲେ ନେହରୁ ପରେ କ'ଣ ହେବ ବା ନହେବ, ସେଥିନେଇ ଭାରତବର୍ଷରେ କେତେ କଳ୍ପନା ଚାଲିଲା । କେତେ ଅଶଙ୍କା ମଧ୍ୟ

Digitized by srujanika@gmail.com

ପ୍ରକାଶ ପାଉଥିଲା । ନେହରୁଙ୍କ ପରେ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀ ଆସିଲେ, ମାତ୍ର ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବରେ ତାଙ୍କର ତିରୋଧାନ ଘଟିଲା । କଂଗ୍ରେସ ରାଜନୀତି ସତେଅବା ଗୋଟିଏ ପୁରୁଷ ତଳକୁ ଖସି ଆସିଲା । ସମ୍ଭବତଃ କେତେଟା ପାହାଚ ଖସି ଆସିଲା । ମହାତ୍ମା ଗାନ୍ଧୀଙ୍କର ନେତୃତ୍ୱ ସମୟରେ ସେଥିରେ ନୀତି ଅଧିକ ଥିଲା ଶାସ୍ତ୍ରୀଙ୍କ ପରେ ତାହା ସତେଅବା ଚୂଳାଟା ରାଜନୀତିରେ ପରିଣତ ହେଲା, ନୀତି ବିଦାୟ ନେଲା ସତେଅବା ସେହି ପରିବର୍ତ୍ତନର ପ୍ରତୀକ ହୋଇ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କଂଗ୍ରେସ ତରଫରୁ ଭାରତର ପ୍ରଧାନମନ୍ତ୍ରୀ ହେଲେ । ସମ୍ଭବତଃ ଅନେକ ପୁରାତନ କଂଗ୍ରେସ-ଇଚ୍ଛା ବିରୁଦ୍ଧରେ ସେ ଏତେବଡ଼ ଆସନକୁ ଆସୀନ ହୋଇ ଆସିଲେ, ମାତ୍ର ପ୍ରାୟ ଦେଖୁଁ ଦେଖୁଁ ସମସ୍ତଙ୍କୁ ଡାଟକା କରିଦେଇ କଂଗ୍ରେସର ସର୍ବ ପ୍ରଧାନ ମନ୍ତ୍ରୀ ହୋଇ ବସିଲେ । ରାଜନୀତି ଭିତରେ ବିକାକ୍ରଣା ଆରମ୍ଭ ହେଲା, କେନ୍ଦ୍ରରୁ ରାଜ୍ୟଗୁଡ଼ିକୁ ମଧ୍ୟ ସେହି ଅସାରତାମାନ ସଂକ୍ରାମିତ ହୋଇ ଆସିଲା । କଂଗ୍ରେସ ଦୁଇଭାଗ ହୋଇଗଲା, ଦୁଇ ଭାଗରୁ ବହୁଭାଗ ହେଲା । ପ୍ରଧାନତଃ ସ୍ୱାର୍ଥଦୃଷ୍ଟିରୁ କିଏ ଯେ କେଉଁ ଡାଳରେ ଯାଇ ରହିଲା, ତାହାର ସୁମାରି ରହିଲାନାହିଁ । କେବଳ ନାମଗୁଡ଼ାକ ହିଁ ଦଳମାନଙ୍କୁ ଅଲଗା ଅଲଗା କରି ଚହ୍ନାଇ ଦେଉଥିଲା ।

ସେତିକବେଳେ କଂଗ୍ରେସ ବାହାରେ ଥିବା କେତେକ ନେତା ଓ ସେମାନଙ୍କର ଦଳ କଂଗ୍ରେସକୁ ହଟାଇବା ପାଇଁ ଏକ ଔପଚାରିକ ସଂଗ୍ରାମ ଆରମ୍ଭ କଲେ । ପ୍ରଧାନତଃ ସୋସିଆଲିଷ୍ଟମାନେ ସେହି ଅଭିଯାନରେ ସବୁଠାରୁ ଅଧିକ ଆଖିଦୃଶିଆ ଭାବରେ ସବାଆଗକୁ ବାହାରିଲେ । ଏକଦା ସମାଜବାଦୀ ବୋଲି କୁହା ଯାଉଥିବା ରାଜନୀତିକ ଘରଟି ଇତିମଧ୍ୟରେ କେତେ ଘର ହୋଇ ଯାଇଥିଲା । ସାଥୀମାନେ ଭିନେ ଭିନେ ହୋଇ ଯାଇଥିଲେ । ସେମାନଙ୍କ ଭିତରୁ ଥୋକେ ଇନ୍ଦିରା ଗାନ୍ଧୀଙ୍କ କଂଗ୍ରେସରେ ବି ଯାଇ ସାମିଲ ହୋଇଥିଲେ, ଶାସନକ୍ଷମତାର ଚରୂରେ କିଞ୍ଚିତ୍ କିଞ୍ଚିତ୍ ଭାଗ ନେଇ-ଥିଲେ । କଂଗ୍ରେସକୁ ହଟାଇବାର ଆନ୍ଦୋଳନଟି ପ୍ରଧାନତଃ ଇନ୍ଦିରା ଗାନ୍ଧୀଙ୍କୁ ହଟାଇ-ବାର କୋଳାହଳରେ ହିଁ ସୀମାବଦ୍ଧ ହୋଇ ରହିଥିଲା । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଯେ ଦିନେ ସୋସିଆଲିଷ୍ଟ ଥିଲେ, ସେକଥା ଅନ୍ତତଃ ସିଏ କଦାପି ଭୁଲି ନଥିବେ । ସିଏ ମଧ୍ୟ ସମସ୍ତଙ୍କ ସହିତ 'କଂଗ୍ରେସ ହଟାଓ'ର ରଣ ଭିତରକୁ ଡେଇଁ ପଡ଼ିଲେ । ଅନ୍ତତଃ ଓଡ଼ିଶା ରାଜ୍ୟରେ ସେଥିରେ ଏକ ମୁଖ୍ୟ ଭୂମିକା ନେଇଥିଲେ ଏବଂ ସୁପ୍ରକଟ ଭାବରେ ସକ୍ରିୟ ହୋଇ ରହିଥିଲେ । କଂଗ୍ରେସ ହଟିଲା, ପୁଣି ହଟିଲା ନାହିଁ । ଓଡ଼ିଶାରେ ଅଣକଂଗ୍ରେସୀ କେତେକ ରାଜନୀତିକ ସ୍ଥାନୀୟ ଦଳ ଅନ୍ତତଃ ମଝିରେ ମଝିରେ ହେଉ-ଥିବା ନିର୍ବାଚନ ଯୁଦ୍ଧରେ ସଫଳତା ପାଇବାର କ୍ଷେତ୍ରରେ ଶ୍ରୀଯୁକ୍ତ ଚୌଧୁରୀଙ୍କର

Digitized by srujanika@gmail.com

'କଂଗ୍ରେସ ହଟାଓ' ହଲଚଲରେ ଅଂଶଗ୍ରହଣ କରିବାର ନିଷ୍ପତ୍ତି ଏକ ଅବଦାନ ରହିଥିଲା ।

କଂଗ୍ରେସକୁ ହଟାଇବାର ଏହି କାର୍ଯ୍ୟକ୍ରମ ସହିତ ଯୁଗପତ୍ ଭାବରେ ଶ୍ରୀଯୁକ୍ତ ଚୌଧୁରୀ ତେଣେ ସର୍ବୋଦୟ ଆନ୍ଦୋଳନରେ ମଧ୍ୟ ରହିଥାନ୍ତି । ଅନ୍ତତଃ କେତେକ ସର୍ବୋଦୟୀଙ୍କ କ୍ଷେତ୍ରରେ କଂଗ୍ରେସ ଅର୍ଥାତ୍ ଇନ୍ଦିରା ଗାନ୍ଧୀଙ୍କୁ ହଟାଇବା ସତେଅବା ସର୍ବୋଦୟ ଆନ୍ଦୋଳନରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତାତ୍କାଳିକ କାର୍ଯ୍ୟକ୍ରମ ହୋଇ ରହିଥିଲା । ଶ୍ରୀଯୁକ୍ତ ଚୌଧୁରୀ ସେହିମାନଙ୍କ ସହିତ ନିଜକୁ ସାମିଲ କରି ରଖିଥିଲେ । ବିନୋବାଜୀ ସିନା ସନ୍ତ ଥିଲେ, କେବେ ରାଜନୀତିର କୌଣସି ବାଦ ଭିତରେ ପଶି ନଥିଲେ; ମାତ୍ର ଜୟପ୍ରକାଶ ନାରାୟଣ ତ ସାମ୍ୟବାଦରୁ ହିଁ ଉପବୀତ ପିନ୍ଧି ସର୍ବୋଦୟ ଭିତରକୁ ଆସିଥିଲେ । ତେଣୁ ଦୁଇ ଦୃଷ୍ଟିକୋଣରେ କେଉଁଟା ମୁଖ୍ୟ ଓ କେଉଁଟା ଗୌଣ, ସେହି ବିଷୟରେ ଏକ ପାର୍ଥକ୍ୟ ମଧ୍ୟ ପ୍ରକାଶ ପାଉଥିଲା । ସେହି ପାର୍ଥକ୍ୟ କ୍ରମେ ପ୍ରକାଶ୍ୟ ହେଲା । ପ୍ରବରମାନେ ଏହି ଛଳରେ ଦୁଇପ୍ରକାର ଶିବିରରେ ବିଭକ୍ତ ହୋଇ ଯାଉଥିବା ପରି ମନେ ହେଉଥିଲେ । ଶ୍ରୀଯୁକ୍ତ ଜୟପ୍ରକାଶଙ୍କର ଶିବିରକୁ ଆସି ସର୍ବୋଦୟ ସମ୍ପୂର୍ଣ୍ଣ କ୍ରାନ୍ତି ନାମରେ ଅଭିହିତ ହେଲା । ବିହାର ଏବଂ ଗୁଜୁରାଟରେ ଏହି କ୍ରାନ୍ତି ଅନେକ ସମୟରେ ଏକ ସଙ୍ଗଠିତ କ୍ରାନ୍ତିର ଆବେଦନ ଧାରଣ କରୁଥିବା ପରି ମନେ ହେଉଥିଲା ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ସ୍ପଷ୍ଟତଃ ଜୟପ୍ରକାଶଙ୍କ ପକ୍ଷେ ରହିଥିଲେ । ସମ୍ପୂର୍ଣ୍ଣ କ୍ରାନ୍ତିର ଏହି ଉଦ୍‌ବେଳନ ଭିତରେ ସେ ଭାରତବର୍ଷରେ ଏକ ସାମାଜିକ ବିପ୍ଳବ ଆଡ଼କୁ ସତେଅବା ବାଟଫିଟି ଯାଉଥିଲା ପରି ଅନୁଭବ କରିଥିଲେ । ଇଂରେଜମାନଙ୍କଠାରୁ କ୍ଷମତାର ହସ୍ତାନ୍ତର ସମୟରେ ମହାତ୍ମା ଗାନ୍ଧୀ ଯେଉଁ ପରବର୍ତ୍ତୀ ସାମାଜିକ ବିପ୍ଳବ ନିମନ୍ତେ ସଂଗ୍ରାମୀମାନଙ୍କୁ ଦେଶରେ ପ୍ରସ୍ତୁତ ହେବାଲାଗି ପ୍ରସ୍ତାବ ଦେଇଥିଲେ ଏବଂ ନାନାବିଧ ଆଳରେ ଯେଉଁ ବିପ୍ଳବଟିକୁ ଗଡ଼ାଇ ଦିଆଯାଇ ଆସିଥିଲା, ସତେଅବା ତାହାରି ଆଡ଼କୁ ବାଟ ଫିଟି ଯାଉଥିବା ପରି । ଶ୍ରୀ ଚୌଧୁରୀ ଏହି କ୍ରାନ୍ତିକୁ ସ୍ୱାଗତ କରିଥିଲେ । ମାତ୍ର ତଥାପି ପୁରୋଭାଗକୁ ଆସିଲେ ନାହିଁ । ହୁଏତ ବୟସ ବାଧା ଆସୁଥିଲା, ଅତୀତରେ ତାଙ୍କ ନିଜର ରାଜନୀତିକ ଭୂମିକାମାନ ତାଙ୍କ ଭିତରେ ହୁଏତ କିଞ୍ଚିତ୍ ସଙ୍କୋଚ ମଧ୍ୟ ସୃଷ୍ଟି କରୁଥିଲେ । ସୋସିଆଲିଷ୍ଟ ଇଉନିଟ ସେଣ୍ଟରବାଲା (S.U.C.I) ଜୟପ୍ରକାଶଙ୍କର ଏହି ଆନ୍ଦୋଳନରେ ନେତୃତ୍ୱ ଗ୍ରହଣ କରିବା ନିମନ୍ତେ ଯେତେବେଳେ ତାଙ୍କୁ ଆହ୍ୱାନ ଦେଲେ, ଶ୍ରୀ ଚୌଧୁରୀ ସେତେବେଳେ କୁଣ୍ଠା ପ୍ରକାଶ କରି କହିଥିଲେ, "ମୁଁ ଏହାର ଯୋଗ୍ୟ ନୁହେଁ, ସରକାରୀ କ୍ଷମତାରେ ଅଧିଷ୍ଠିତ ହୋଇ ଯେଉଁସବୁ ପାପକର୍ମ କରିଛୁ, ବାରବର୍ଷ ପରେ ବି ତା'ର ପ୍ରାୟଶ୍ଚିତ୍ତ ହୋଇନାହିଁ । ମୁଁ ଦାଗୀ,

Digitized by srujanika@gmail.com

ମୋତେ କେହି ବିଶ୍ୱାସ କରିବେ ନାହିଁ, କରିବା ମଧ୍ୟ ଉଚିତ ନୁହେଁ । (S.U.C.I)ର ଓଡ଼ିଆ ମୁଖପତ୍ର 'ସର୍ବହରା', ୨୮ । ୭ । ୮୫)

ମୁଖ୍ୟମନ୍ତ୍ରୀପଦ ଛାଡ଼ିଆସିବା ପରେ ଭୂଦାନ ଓ ସର୍ବୋଦୟର କାର୍ଯ୍ୟ କରୁଥିବା ସମୟରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ନକ୍‌ସାଲପନ୍ଥୀ ମାନଙ୍କର କାର୍ଯ୍ୟକଳାପ ଆଡ଼କୁ ଅତ୍ୟନ୍ତ ସହାନୁଭୂତିଶୀଳ ଭାବରେ ଆକୃଷ୍ଟ ହୋଇଥିଲେ । ସିଏ ଯେ କେବେ ନକ୍‌ସାଲ-ପନ୍ଥୀ କୌଣସି ସହିଂସ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଅଥବା ସେଭଳି କୌଣସି ସଙ୍ଗଠନରେ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ହୋଇ ପଡ଼ିଥିଲେ, ସେକଥା ଆଦୌ ନୁହେଁ । ମାତ୍ର, ନକ୍‌ସାଲପନ୍ଥୀ ମାନଙ୍କର ଶୌର୍ଯ୍ୟ, ସାହସ ଏବଂ ତ୍ୟାଗଭାବନା ତାଙ୍କୁ ସର୍ବଦା ଆକୃଷ୍ଟ କରୁଥିଲା । ଦେଶଟା ଯାକର ରାଜନୀତି ଭିତରେ ସେତେବେଳେ ଉପରୁ ତଳଯାଏ ସଢ଼ୁଥିବା ଏକ ମଜ୍ଜାଗତ ଖାରୁତା ଏବଂ ତଜ୍ଜନିତ ଏକ ଅତି ଜଘନ୍ୟ ସ୍ୱାର୍ଥକାମୀ ସୁବିଧାବାଦିତା ଗ୍ରାସ କରି ରହିଥିବା ସମୟରେ କେତେକ ତରୁଣ ତରୁଣୀ ମୁଖ୍ୟତଃ ତାରୁଣ୍ୟ ଦ୍ୱାରା ପ୍ରେରିତ ହୋଇ ଯାହାସବୁ କରୁଛନ୍ତି, ତାହା ଅବଶ୍ୟ ପ୍ରଶଂସନୀୟ ବୋଲି ଶ୍ରୀ ଚୌଧୁରୀ ହୃଦୟଙ୍ଗମ କରିଥିଲେ । ଜଣେ ଚୋରୁ ଅହିଂସାକୁ ଏକ ରକ୍ଷାଢ଼ାଲ ବୋଲି ବ୍ୟବହାର କରିପାରେ ଏବଂ ଜଣେ ସାହସୀ ବ୍ୟକ୍ତି ମଧ୍ୟ ଆଦୌ କିଛି ନକରି କାଳର ଆହ୍ୱାନକୁ ଫାଙ୍କି ଦେବାକୁ ଏକ ଚାରିତ୍ରିକ ମଳିନତା ବୋଲି ଗ୍ରହଣ କରି ଅହିଂସା ଭାବରେ ମଧ୍ୟ କିଛି କରିବାକୁ ଅବଶ୍ୟ ବାହାରି ପଡ଼ିପାରେ, ଗାନ୍ଧୀ ବିବେକର ସେହି ମୂଳଭୂତ ଆବେଦନକୁ ଶ୍ରୀଯୁକ୍ତ ଚୌଧୁରୀ ଖୁବ୍ ଭଲ ଭାବରେ ବୁଝିଥିଲେ । କୌଣସି ଏକ ନିର୍ଦ୍ଦିଷ୍ଟ ପନ୍ଥାରେ ହିଁ ଯେ ବିପ୍ଳବ ଏବଂ ପରିବର୍ତ୍ତନ ସିଦ୍ଧ ହେବ, ଏପରି କୌଣସି ମତରେ ସେ ଆଦୌ ବିଶ୍ୱାସ କରୁନଥିଲେ । ମାତ୍ର, ଜଣେ ସାହସୀ, ନିଷ୍ଠାବାନ୍ ଓ ସାଧୁ ଆତ୍ମତ୍ୟାଗୀ ଯେକୌଣସି ପନ୍ଥାରେ ଗଲେ ମଧ୍ୟ ସିଏ ଯେ ଅନ୍ତତଃ ଆପଣାକୁ କାମରେ ଲଗାଇ ଯଥାର୍ଥତଃ ବହୁତ କିଛି ସମ୍ଭବ କରିପାରିବ, ଏକଥା ବୁଝିବାଭଳି ଉଦାରତା ଶ୍ରୀ ଚୌଧୁରୀଙ୍କର ନିରନ୍ତର ରହିଥିଲା ।

ନକ୍‌ସାଲପନ୍ଥୀ ଆନ୍ଦୋଳନ ପଶ୍ଚିମବଙ୍ଗର ନକ୍‌ସାଲ୍‌ବାଡ଼ୀରୁ ଆରମ୍ଭ ହୋଇଥିଲା । ମାତ୍ର, ଯେଉଁ ମୂଳ ସମସ୍ୟାଗୁଡ଼ିକର ମୁକାବିଲା କରିବାପାଇଁ ତାହାର ଜନ୍ମ ହୋଇଥିଲା, ଭାରତବର୍ଷର ସବୁଠାରେ ହିଁ ସେହି ସମସ୍ୟାଗୁଡ଼ିକ ବିଦ୍ୟମାନ ରହିଥିଲେ । ତେଣୁ ନ୍ୟାୟତଃ ତାହା ଦେଶର ବିଭିନ୍ନ ଅଞ୍ଚଳକୁ ବ୍ୟାପିଥିଲା ଏବଂ ସବୁଠାରେ ତରୁଣମାନେ ହିଁ ସେହିଆଡ଼କୁ ଆକୃଷ୍ଟ ହୋଇଥିଲେ । ତାହା ପଡ଼ୋଶୀରାଜ୍ୟ ବିହାରକୁ ବ୍ୟାପିଲା, ଏକାବେଳେକେ ଲମ୍ଫ ପ୍ରଦାନ କରି ଆନ୍ଧ୍ରପ୍ରଦେଶର ତେଲେଙ୍ଗା-ନାକୁ ଗ୍ରାସ କଲା ଓ ସେହି ବାଟଦେଇ ଓଡ଼ିଶାର କୋରାପୁଟକୁ ସଂକ୍ରାମିତ ହୋଇ

Digitized by srujanika@gmail.com

ଆସିଲା । ପଶ୍ଚିମବଙ୍ଗର ରାଜଧାନୀ ମହାନଗରୀ କଲିକତାରେ ମଧ୍ୟ ସେହି ଆନ୍ଦୋଳନ ରାଜ୍ୟର ବାମପନ୍ଥୀ ସରକାରଙ୍କୁ ଏକଦା ଦୋହଲାଇ ଦେଇଥିଲା । ତେଲେଙ୍ଗାନାରେ ମୁଖ୍ୟତଃ ନକ୍ସାଲ ପନ୍ଥୀ ହିଂସା-ଆନ୍ଦୋଳନର ମୁକାବିଲା କରିବା ଉଦ୍ଦେଶ୍ୟରେ ଏକ ଅନ୍ୟ ପନ୍ଥା ଖୋଜି ଖୋଜି ସନ୍ଥ ବିନୋବା ଭାବେଙ୍କର ଭୂଦାନ କାର୍ଯ୍ୟକ୍ରମର ଯାତ୍ରା ଆରମ୍ଭ କରିଥିଲେ । ଏକ ସ୍ଥାନୀୟ ଅସନ୍ତୋଷଜନିତ ସହିଂସତା ଏହିପରି ଭାବରେ କ୍ରମଶଃ ଏକାଧିକ ରାଜ୍ୟକୁ ସଂପ୍ରସାରିତ ହୋଇ ଯାଇଥିଲା । ଏହାର ରୂପ କ୍ରମେ ଅଧିକରୁ ଅଧିକ ସଂଗଠିତ ହେଲା, ବିଭିନ୍ନ ଶାଖାରେ ଆତ୍ମପ୍ରକାଶ କଲା ଓ ସେହି ଅନୁସାରେ ବିଭିନ୍ନ ଅଞ୍ଚଳରେ ତାହାର ଭିନ୍ନ ଭିନ୍ନ ମାର୍ଗଦର୍ଶକ ଓ ପ୍ରବକ୍ତାମାନେ ମଧ୍ୟ ବାହାରିଲେ । ସରକାରମାନେ ପ୍ରଧାନତଃ ବନ୍ଧୁକଦ୍ୱାରା ହିଁ ସେହି ବିସ୍ଫୋରଣର ମୁକାବିଲା କରି ବାହାରିଲେ ଓ ନୃଶଂସତାର କେତେ କେତେ ଗାର ଡେଇଁଗଲେ । ସାହସୀ ପରିବର୍ତ୍ତନକାମୀ ଏକ ତରୁଣ ସଂଗ୍ରାମୀଗୋଷ୍ଠୀକୁ ଏପରି ଭାବରେ ଉତ୍ପୀଡ଼ିତ କରାଯିବ ଏବଂ ସେମାନଙ୍କ ସହିତ ଆଇନ୍ ଭଙ୍ଗକାରୀ ଅପରାଧୀ ପରି ବ୍ୟବହାର କରାଯିବ, ଶ୍ରୀ ଚୌଧୁରୀଙ୍କୁ ତାହା ଅତ୍ୟନ୍ତ ଗର୍ହିତ ବୋଲି ମନେହେଲା । ତାଙ୍କ ଭିତରେ ରହିଥିବା ପରିବର୍ତ୍ତନ କାମୀଟି ସେହି ଅନ୍ୟାୟକୁ ଆଦୌ ସହ୍ୟ କରି ପାରିଲା-ନାହିଁ ।

ଏକଥା ସହଜରେ ବୁଝିହେବ ଯେ, ତାଙ୍କର ଏଭଳି ଆଚରଣକୁ ସରକାରମାନେ ନାପସନ୍ଦ କଲେ ଓ ତାଙ୍କ ସାଥୀ ସର୍ବୋଦୟୀ ମାନେ ମଧ୍ୟ ଭାରି ନାପସନ୍ଦ କରିଥିଲେ । ବାଜିରାଉତ ଛାତ୍ରାବାସର ଉତ୍କଳ ନବଜୀବନ ମଣ୍ଡଳ ସେତେବେଳେ କୋରାପୁଟ ଜିଲ୍ଲାରେ ଅନେକ କର୍ମୀକେନ୍ଦ୍ର ସ୍ଥାପନକରି ଆଦିବାସୀମାନଙ୍କ ଭିତରେ କାର୍ଯ୍ୟ କରୁଥିଲା । ତେଣୁ ସରକାର ସେଠାରେ ନକ୍ସାଲ୍ ପନ୍ଥୀ ମାନଙ୍କୁ ଦମନ କରିବାର ବାହାନା ଦେଇ ଗରିବ ଆଦିବାସୀଙ୍କ ଉପରେ ଯେଉଁ ଅକଥନୀୟ ଉତ୍ପୀଡ଼ନ ଓ ଅତ୍ୟାଚାର କରି ଯାଉ-ଥିଲା, କର୍ମୀମାନଙ୍କର ମାଧ୍ୟମରେ ଶ୍ରୀ ଚୌଧୁରୀଙ୍କୁ ସେଗୁଡ଼ିକର ସିଧା ସତଖବର ମିଳି ଯାଉଥିଲା । ଦରିଦ୍ର ଆଦିବାସୀ ତାଙ୍କୁ ମୁଖ୍ୟତଃ ଶୋଷଣ କରିବାରେ ଲାଗିଥିବା କର୍ମଚାରୀ ବାବୁମାନଙ୍କ ଅପେକ୍ଷା ତା' ମୁକ୍ତି ପାଇଁ ସଂଗ୍ରାମରେ ପଶିଥିବା ଓ ତାହାରି ପରି ଦାରିଦ୍ର୍ୟର ଏକ ଜୀବନକୁ ସ୍ୱେଚ୍ଛାରେ ବରଣ କରି ନେଇଥିବା ତରୁଣମାନଙ୍କୁ ନିକଟତର ବୋଲି ଅନୁଭବ କରିବା ଅତ୍ୟନ୍ତ ସ୍ୱାଭାବିକ । ଏବଂ, ସେହି ଆଦିବାସୀ ମାନଙ୍କ ଉପରେ ହେଉଥିବା ଶୋଷଣର ଅବସାନ ଘଟାଇବାକୁ ଓ ତାହାକୁ ସବାଆଗ ଭୟମୁକ୍ତ ହେବାର ଭରସା ଦେବାକୁ ହିଁ ଉତ୍କଳ ନବଜୀବନ ମଣ୍ଡଳ ସେମାନଙ୍କ ଭିତରେ ବର୍ଷ ବର୍ଷ ଧରି କାର୍ଯ୍ୟ କରି ଆସୁଥିଲା । ଶ୍ରୀ ନବକୃଷ୍ଣ ଚୌଧୁରୀ ଯେ ନକ୍ସଲପନ୍ଥୀଙ୍କ ପ୍ରତି ସହାନୁଭୂତି ପ୍ରକାଶ କରୁଥିଲେ ଓ ସେମାନଙ୍କର ଶୌର୍ଯ୍ୟର ପ୍ରଶଂସା କରୁଥିଲେ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

Digitized by srujanika@gmail.com

କୋରାପୁଟ ଜିଲ୍ଲା ଗୁଣୁପୁରର ଜଣେ ଶିଳ୍ପୀ-ବନ୍ଧୁ କହନ୍ତି ଯେ, ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ନକ୍‌ସଲପନ୍ଥୀମାନଙ୍କୁ ସମର୍ଥନ କରୁଥିଲେ । ୧୯୭୧-୭୨ ମସିହାରେ ଯେତେବେଳେ ଗଞ୍ଜାମ, କୋରାପୁଟ ଓ ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲାରେ ନକ୍‌ସଲପନ୍ଥୀ-ମାନ ସକ୍ରିୟ ଥିଲେ ଓ ସେମାନଙ୍କ କାର୍ଯ୍ୟକଳାପକୁ ଦମନ କରିବାକୁ ଯାଇ ସରକାରୀ ପୋଲିସ ବିଭାଗ ସେମାନଙ୍କୁ ନିର୍ମମ ଭାବରେ ହତ୍ୟା କରିବାରେ ଲାଗିଥିଲେ, ସେତେ-ବେଳେ ପାରଳାଖେମୁଣ୍ଡିଠାରେ ଏକ ସାଧାରଣ ସଭାରେ ଶ୍ରୀ ଚୌଧୁରୀ ତାହାର ନିନ୍ଦା କରିଥିଲେ । ସାହୁକାର ମାନଙ୍କର ଅତ୍ୟାଚାର ବିରୋଧରେ ନକ୍‌ସାଲପନ୍ଥୀମାନେ ଯେଉଁ ଆନ୍ଦୋଳନ କରୁଛନ୍ତି, ସେ ତାହାପ୍ରତି ନିଜର ସମର୍ଥନ ଜଣାଇଥିଲେ । ନକ୍‌ସାଲପନ୍ଥୀ ମାନଙ୍କୁ ହତ୍ୟା କରିବାଦ୍ୱାରା ଦେଶର ମହାନ୍ ବିପ୍ଳବୀମାନଙ୍କୁ ଶେଷ କରି ଦିଆଯାଉଛି ବୋଲି ସେ ଅଭିଯୋଗ କରିଥିଲେ ।

ନକ୍‌ସଲପନ୍ଥୀ ଆନ୍ଦୋଳନ ସମୟରେ ଗୁଣୁପୁର ଅଞ୍ଚଳର ଗରଣ୍ଡା ଗ୍ରାମରେ ଉତ୍କଳ ନବଜୀବନ ମଣ୍ଡଳର କର୍ମୀ ଶ୍ରୀ ବୈକୁଣ୍ଠ ପାଣି ଓ ସେହି ଅଞ୍ଚଳର ଆଦିବାସୀ-ମାନଙ୍କ ଉପରେ ପୋଲିସ ହାକିମ ଅକଥନୀୟ ଅତ୍ୟାଚାର କରିଥିଲେ । ମାଡ଼ ମାରିଥିଲେ ଓ ଆହୁରି କେତେପ୍ରକାରେ ଉତ୍ପୀଡ଼ିତ ମଧ୍ୟ କରିଥିଲେ । ଏସବୁର ସମ୍ମୁଖରେ ସ୍ଥାନୀୟ ଆଦିବାସୀମାନେ ଭୀତତ୍ରସ୍ତ ହୋଇ ପଡ଼ିଥିଲେ । ସେତେବେଳେ ଶ୍ରୀଯୁକ୍ତ ଚୌଧୁରୀ ଶ୍ରୀମତୀ ମାଳତୀ ଦେବୀଙ୍କ ସହିତ ଗରଣ୍ଡା ଯାଇ ଶିବିର ପକାଇ ସେହି ଗ୍ରାମରେ ତିନି-ମାସ ରହିଥିଲେ ଏବଂ ଆଦିବାସୀମାନଙ୍କର ମନରେ ସାହସ ଫେରାଇ ଆଣିଥିଲେ । ସେହିପରି, ମାଲକାନଗିରିର ଗୋଟିଏ ବ୍ଲକ୍‌ର ନିବିଡ଼ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କରିଥିବା ଜଣେ ନକ୍‌ସଲପନ୍ଥୀ କର୍ମୀଙ୍କର ପରିବାର ଉପରେ ପୋଲିସ ଜୁଲମ କରୁ-ଥିବାର ସମ୍ବାଦ ପାଇ ସେ ତୁରନ୍ତ ସେଠାକୁ ଯାଇଥିଲେ ଓ କର୍ମୀଙ୍କର ଦୁଇପତ୍ନୀଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କର ଦୁଃଖ ଶୁଣିଥିଲେ ଏବଂ ଯଥାସମ୍ଭବ ପ୍ରତିକାର ମଧ୍ୟ କରିଥିଲେ । ନନ୍ଦପୁର ଅଞ୍ଚଳର ବହୁବର୍ଷ ଧରି ଆତ୍ମଗୋପନ କରୁଥିବା ଆଉଜଣେ କର୍ମୀଙ୍କର ସ୍ତ୍ରୀ ଓ କନ୍ୟାଙ୍କ ଉପରେ ପୋଲିସ୍ ଦାଉ ସାଧୁଛି ବୋଲି ଶୁଣି ସେଠାକୁ ମଧ୍ୟ ଯାଇ ସାନ୍ତ୍ୱନା ଏବଂ ସାହସ ଦେଇ ଆସିଥିଲେ ।

ନକ୍‌ସଲପନ୍ଥୀ ଯୋଦ୍ଧା ଗୁଣୁପୁରର ଖାଡ଼୍‌ଭୋକେଟ୍ ଶ୍ରୀଯୁକ୍ତ ନାଗଭୂଷଣ ପଟ୍ଟନାୟକଙ୍କୁ କୌଣସି ଘଟଣାରେ ଫାଶୀ ହୁକୁମ ହୋଇଥିଲା । ସେହି ହୁକୁମକୁ ବାତିଲ କରାଇବା ପାଇଁ ଶ୍ରୀ ନବକୃଷ୍ଣ ଚୌଧୁରୀ ଭାରତବର୍ଷର ରାଷ୍ଟ୍ରପତି ଓ ପ୍ରଧାନ-ମନ୍ତ୍ରୀଙ୍କର ଦ୍ୱାରସ୍ଥ ହୋଇଥିଲେ ଏବଂ ନାଗଭୂଷଣଙ୍କୁ ଫାଶୀରୁ ମୁକ୍ତ କରିଥିଲେ । ଆଉ ଏକ କ୍ଷେତ୍ରରେ, ଧେଙ୍କାଗଡ଼ ବାଲିମାର ଗ୍ରାମର ଜଣେ ସାହୁକାର ଅତ୍ୟନ୍ତ

Digitized by srujanika@gmail.com

ଅନ୍ୟାୟପୂର୍ଣ୍ଣ ଭାବରେ ଆଦିବାସୀମାନଙ୍କର ଜମି ଛଡ଼ାଇ ନେଇଥିବାରୁ ଆଦିବାସୀମାନେ ଉତ୍ତ୍ୟକ୍ତ ହୋଇ ଆନ୍ଦୋଳନ କରିଥିଲେ । ସାହୁକାରଙ୍କୁ ସେମାନେ ପ୍ରାଣରୁ ମାରି ଦେଇଥିଲେ । ଏହି ଘଟଣାର ବିଚାର ହୋଇ ଗ୍ରାମର ନଅଜଣ ଆଦିବାସୀଙ୍କୁ ଆଜୀବନ କାରାଦଣ୍ଡ ଭୋଗ କରିବାଲାଗି ଆଦେଶ ହୋଇଥିଲା । ଏହି ଆଦେଶ ବିରୋଧରେ ମଧ୍ୟ ଶ୍ରୀଯୁକ୍ତ ଚୌଧୁରୀ ଭାରତର ପ୍ରଧାନମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଆବଶ୍ୟକ ପତ୍ରାଳାପ କରିଥିଲେ ଏବଂ ପ୍ରଧାନତଃ ତାଙ୍କର ଉଦ୍ୟମରେ କାରାଦେଶ ପାଇଥିବା ଆଦିବାସୀମାନେ ଜେଲ୍‌ରୁ ମୁକ୍ତ ହୋଇ ଆସିଥିଲେ ।

ନକ୍ସଲପନ୍ଥୀ ଆନ୍ଦୋଳନରେ ସାମିଲ ହୋଇଥିବା ଯୁବକଯୁବତୀ ମାନଙ୍କର ଉତ୍ସର୍ଗୀକୃତ ଜୀବନର ଶ୍ରୀ ନବକୃଷ୍ଣ ଚୌଧୁରୀ ସର୍ବଦା ପ୍ରଶଂସା କରୁଥିଲେ । ଏଥିପାଇଁ ଅଖିଳ ଭାରତ ସର୍ବସେବା ସଂଘର ଉଚ୍ଚ ମହଲରେ ସେ ଅନେକ ସମୟରେ ସମାଲୋଚିତ ହେଉଥିଲେ । ତଥାପି ସ୍ୱମତରେ ଦୃଢ଼ ରହୁଥିଲେ । ଥରେ ସର୍ବୋଦୟୀ ମାନଙ୍କର ଏକ ବୈଠକରେ ଗାନ୍ଧୀବାଦୀମାନଙ୍କର ଏକ ଦୋଷାରୋପର ଉତ୍ତରରେ ସେ ନିର୍ଭୀକ ଭାବରେ ଉତ୍ତର ଦେଇଥିଲେ । "ଗାନ୍ଧୀଜୀ ଅନ୍ୟାୟ ବିରୁଦ୍ଧରେ ସାହସର ସହିତ ଲଢ଼ାଇ କରିବାକୁ ଶିକ୍ଷା ଦେଇଥିଲେ । ଏ ଲଢ଼େଇରେ ସେ ଅହିଂସାର ପରୀକ୍ଷା କରିଥିଲେ । ଆଜି ଆମେ ଅହିଂସା ନାଆଁରେ ସଂଗ୍ରାମର ପଥ ପରିତ୍ୟାଗ କରିଛେଁ । ଅନ୍ୟାୟ ସାଙ୍ଗରେ, ସାମ୍ରାଜ୍ୟବାଦ ଓ ପୁଞ୍ଜିବାଦ ସାଙ୍ଗରେ ଆପୋଷ କରି ଚାଲିଛେ ଏବଂ କମ୍ୟୁନିଷ୍ଟମାନେ ଦେଶେ ଦେଶେ ପୁଞ୍ଜିବାଦ ସାମ୍ରାଜ୍ୟବାଦ ବିରୁଦ୍ଧରେ ସାହସର ସହିତ ସଂଗ୍ରାମ କରୁଛନ୍ତି । ହଜାର ହଜାର କମ୍ୟୁନିଷ୍ଟ ପ୍ରାଣ ଦେଇ ଦେଶକୁ, ସମାଜକୁ ଶୋଷଣମୁକ୍ତ କରିବା ପାଇଁ ଲଢ଼େଇ କରି ଚାଲିଛନ୍ତି । ସେମାନେ କେତେ ରକ୍ତ ଢାଳୁଛନ୍ତି । ସେମାନଙ୍କର ତ୍ୟାଗ, ସେମାନଙ୍କର ଦେଶପ୍ରେମ ମୋତେ ଆକର୍ଷଣ କରୁଛି । ସେମାନଙ୍କର ଲଢ଼େଇ ହିଂସା କି ଅହିଂସା, ତାହା ମୋ' ପାଖରେ ବଡ଼ ପ୍ରଶ୍ନ ନୁହେଁ ।"

୧୯୬୨ ମସିହା ଅକ୍ଟୋବର ମାସରେ ଚୀନ୍‌ର କମ୍ୟୁନିଷ୍ଟ ସାଧାରଣତନ୍ତ୍ର ଭାରତବର୍ଷ ଆକ୍ରମଣ କରିଥିବା ସମୟରେ ଯେତେବେଳେ ଆସାମର ତେଜପୁର ଅଞ୍ଚଳରେ ଚୀନା ସେନାବାହିନୀ ଅଧିକୃତ ଜମିଗୁଡ଼ିକୁ ସ୍ଥାନୀୟ ଦରିଦ୍ର ଭୂମିହୀନ ଆଦିବାସୀମାନଙ୍କ ଭିତରେ ବାଣ୍ଟି ଦେଇଥିଲେ, ସେତେବେଳେ ଶ୍ରୀ ନବକୃଷ୍ଣ ଚୌଧୁରୀ "ଦରିଦ୍ର ଭାରତବାସୀ ଚୀନା ସାମରିକ ବାହିନୀକୁ ଆନ୍ତରିକ ସ୍ୱାଗତ କରିବେ" ବୋଲି ମନ୍ତବ୍ୟ କରିଥିଲେ । ଏହିସବୁ ପ୍ରସଙ୍ଗରେ ଶ୍ରୀଯୁକ୍ତ ଚୌଧୁରୀଙ୍କୁ ଭୁଲ ବୁଝିବାର କୌଣସି ଅବକାଶ ହିଁ ନଥିଲା । ଏହାଦ୍ୱାରା ଅନ୍ୟ ଅନେକଙ୍କ ମେଳରେ ଥାଇ ମଧ୍ୟ ତାଙ୍କର

Digitized by srujanika@gmail.com

ରାଜନୀତିକ ଦୃଷ୍ଟିଗତ ବିଶେଷ ଭାବମୂର୍ତ୍ତିଟି ଆହୁରି ଅଧିକ ସ୍ପଷ୍ଟ ହୋଇ ଯାଉଥିଲା । ସିଏ ସତକୁ ସତ ଏକ ପରିବର୍ତ୍ତନ କାମନା କରୁଥିଲେ । ପ୍ରଧାନତଃ ସେହି ଆକାଙ୍କ୍ଷାରେ ଦଳକୁ ଦଳ ହେଲେ, ଗୁଠକୁ ଗୁଠ ବୁଲିଲେ; ଏବଂ ଏକ ନିର୍ଦ୍ଦିଷ୍ଟ ଆନୁଗତ୍ୟ ମଧ୍ୟରେ ଆଦର୍ଶଗତ ଅଥବା ସ୍ୱାର୍ଥଗତ ବିବିଧ କାରଣରୁ ମଣ୍ଡୁକ ହୋଇ ରହିଥିବା ଅନ୍ୟମାନଙ୍କ ସହିତ ସେ ମୋଟେ ଖାପ ଖାଇ ପାରୁନଥିଲେ ଏବଂ ଅତି ସହଜରେ ବାଦ ହୋଇ ପଡ଼ୁଥିଲେ । ସେ ନିଜେ ଗୁଠରୁ ଗୁଠ ହେବାରେ ଲାଗିଛନ୍ତି ଓ ଆକାଙ୍କ୍ଷାର ଅନୁରୂପ ହେଲାଭଳି ମୂର୍ତ୍ତି ଭାବରେ ବିଶେଷ କିଛି କରି ପାରୁନାହାନ୍ତି ବୋଲି ଏକ ଅସନ୍ତୋଷ ତାଙ୍କ ଭିତରେ ନିଆଁ ହୋଇ ଜଳୁଥିଲା । ସେହି କାରଣରୁ ଅନ୍ୟତ୍ର, ତାହା ଯେଉଁଠାରେ ହେଉ ପଛକେ, କେଉଁଠି ତଥାପି ଯଥାର୍ଥ ଅଗ୍ନିକଣାଟିଏ ସଞ୍ଚିତ ହୋଇ ରହିଥିବାର ଓ ଆପଣାକୁ ଯେକୌଣସି ପ୍ରକାରେ ବ୍ୟକ୍ତ କରିବା ନିମନ୍ତେ ପ୍ରୟାସ କରୁଥିବାର ସଙ୍କେତ ପାଇବା ମାତ୍ରକେ ସେ ସତେଅବା କେଡ଼େ ଆଶାନ୍ୱିତ ହୋଇ ଉଠୁଥିଲେ, ଆପଣା ଭିତରେ କେଉଁ ସୁପ୍ତ ଅଗ୍ନିପାତ୍ର ସତେଅବା ଜଳି ଉଠିଲା ପରି ଅନୁଭବ କରୁଥିଲେ ଓ ଯାହା ଅନୁଭବ କରୁଥିଲେ, ତାହାହିଁ ବ୍ୟକ୍ତ କରୁଥିଲେ । ସିଆଣିଆ ଅନ୍ୟମାନେ ତାଙ୍କୁ ହୁଏତ ଭାରି ନିର୍ବୋଧ ବୋଲି ଭାବୁଥିଲେ; ମାତ୍ର ସେଆଡ଼କୁ ତାଙ୍କର ଭ୍ରୂକ୍ଷେପ ନଥିଲା ।

୧୯୭୫ ମସିହା ଅଧାବେଳକୁ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀ ଅବସ୍ଥା ଜାରି କରିଥିଲେ । ସେତେବେଳେ ଶ୍ରୀମତୀ ନନ୍ଦିନୀ ଶତପଥୀ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥିଲେ । ଏକଦା କଂଗ୍ରେସ ହିତାର୍ଥେ ଆନ୍ଦୋଳନରେ ନେତୃତ୍ୱ ଗ୍ରହଣ କରି-ଥିବା ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ଗିରଫ କରି ଜେଲରେ ରଖାଗଲା । ଓଡ଼ିଶାରେ ଏହି ପ୍ରତିଶୋଧମୂଳକ ଦଣ୍ଡବିଧାନ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଟିକିଏ ଅଧିକ କଠୋର ହୋଇଥିଲା । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଏହି ସମୟରେ ସୁଦୀର୍ଘ ଷୋଳ ମାସକାଳ ଅଟକବନ୍ଦୀ ହୋଇ ଜେଲରେ ରହିଲେ । ବାରିପଦା ଜେଲ୍‌ରେ ଗୋଟିଏ ଅସ୍ୱାସ୍ଥ୍ୟକର କୋଠରୀ ଭିତରେ ତାଙ୍କୁ ରଖା ଯାଇଥିଲା । ଶୁଣିବାକୁ ମିଳିଲା, କୁଆଡ଼େ ପୂର୍ବରୁ ସେହି କୋଠରୀରେ କୌଣସି ସାଂଘାତିକ ରୋଗରେ ଆକ୍ରାନ୍ତ ଜଣେ ବନ୍ଦୀକୁ ରଖା ଯାଇଥିଲା । ସମସ୍ତେ କହିଲେ, କୌଣସି କାରଣରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କର ତାଙ୍କ ଉପରେ ବ୍ୟକ୍ତିଗତ ରୋଷ ବା ଅସୂୟା ଥିଲା ବୋଲି ଏପରି ହେଲା । ଶ୍ରୀମତୀ ମାଳତୀ ଚୌଧୁରୀଙ୍କୁ ମଧ୍ୟ କଟକ ଜେଲ୍‌ରେ ଜଣେ ସାଧାରଣ କଏଦୀ ସହିତ ରଖା ଯାଇଥିଲା ଓ ତାଙ୍କପ୍ରତି ଭଲ ବ୍ୟବହାର କରାଯାଇ ନଥିଲା ।

ଜେଲ ଭିତରେ ଶ୍ରୀଯୁକ୍ତ ଚୌଧୁରୀଙ୍କୁ ଯେଉଁସବୁ କଷ୍ଟକଣା ମଧ୍ୟରେ ରହିବାକୁ ହୋଇଥିଲା, ସେହି ସମ୍ପର୍କରେ ସେ ଲେଖିଥିବା କେତେକ ପାରିବାରିକ ଚିଠିରୁ

Digitized by srujanika@gmail.com

ତାହାର ସୂଚନା ମିଳିବ । ପତ୍ନୀ ଶ୍ରୀମତୀ ମାଳତୀ ଦେବୀଙ୍କ ପାଖକୁ ୧୯୭୫ ଅକ୍ଟୋବର ନଅତାରିଖରେ ଲେଖା ଗୋଟିଏ ଚିଠିରେ ସେ ଏହିସବୁ କଟକଣାକୁ 'ଅଶୋକଙ୍କର ଅନୁଶାସନ' ବୋଲି ବିଦ୍ରୂପ କରି କହିଛନ୍ତି ଏବଂ ଲେଖିଛନ୍ତି : 'ସାଧାରଣ କଏଦୀଙ୍କ ପାଇଁ ସରକାରଙ୍କ ତରଫରୁ ରେଡିଓ ଶୁଣିବାର ବ୍ୟବସ୍ଥା ଦେଇଛି । କିନ୍ତୁ ଆମେ ସେଥିରୁ ବଞ୍ଚିତ । ନିଜ ଖର୍ଚ୍ଚରେ ନିଜର ରେଡ଼ିଓ ମଧ୍ୟ ଶୁଣି ପାରିବୁ ନାହିଁ । ଆମପାଇଁ ବିଜୁଳିପଙ୍ଖାର ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ନିଜର ଖର୍ଚ୍ଚରେ ଟେବୁଲ ପଙ୍ଖା ରଖି ପାରିବୁ ନାହିଁ । ସେହି ଅନୁଶାସନ ଅନୁସାରେ ଭୁ ବୁଲ (ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କର ପୁତ୍ର) ସାଙ୍ଗରେ ଦେଖାକରି ପାରିବୁନାହିଁ । ଚୁନି (ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କର କନ୍ୟା ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣା), ସୁମିତ୍ରା (ଶ୍ରୀ ମନମୋହନ ଚୌଧୁରୀଙ୍କର ପତ୍ନୀ) ମୋ' ସାଙ୍ଗରେ ଦେଖାକରି ପାରୁନାହାନ୍ତି । ସତ କହୁଛି, ଏସବୁରେ ମୋର ଦୁଃଖ ନାହିଁ କି ରାଗ ମାଡ଼ୁନାହିଁ । ବେଳେ ବେଳେ ହସ ମାଡ଼ୁଛି ।''

ଅଗଷ୍ଟ ସତେଇଶି ତାରିଖରେ ନିଜର ବଡ଼ଝିଅ ଶ୍ରୀମତୀ ଉତ୍ତରାଙ୍କ ପାଖକୁ ସେ ଅନ୍ୟ ଏକ ଚିଠିରେ ଲେଖିଥିଲେ, ''କୁମା ଆଉ ତିନୁ (ସାନଝିଅ ଶ୍ରୀମତୀ କୃଷ୍ଣା ମହାନ୍ତି) ମୋ' ସାଙ୍ଗରେ ଆସି ଦେଖାକରି ଗଲେ । ବିଭୂତି (କୃଷ୍ଣାଙ୍କର ସ୍ୱାମୀ) ମଧ୍ୟ ଦରଖାସ୍ତ କରିଥିଲା । କିନ୍ତୁ ନୂଆ ନିୟମ ଅନୁସାରେ in-law ମୁଲାକାତ କରି ପାରିବେ ନାହିଁ । ଜ୍ୱାଇଁ ନୁହେଁ କି ବୋହୂ ନୁହେଁ । ଏକଦମ ଜନ୍ମକଲା ପିଲା ହେବା ଦରକାର । ଆମ ପରିବାରରେ ଆମର ଯାହା କଳ୍ପନାତୀତ ଥିଲା ତାହା ହେଲା । ଭୁ ଭାଇ (ଶ୍ରୀ ମନମୋହନ ଚୌଧୁରୀ) ସହିତ ଦେଖାକରି ପାରିବୁନାହିଁ କି ଚୁନି ମୋ' ସଙ୍ଗେ ନୁହେଁ । ମତେ ଏତେ ଅଦ୍ଭୁତ ଓ ଅର୍ଥହୀନ ଲାଗିଲା ଯେ, ମୁଁ ଠିକ କରିଥିଲି ବିଦେଶୀ ଶାସନ ସମୟରେ ସୁଦ୍ଧା ନଥିବା ଏହି ନୂଆ ନିୟମ ବିରୁଦ୍ଧରେ ପ୍ରତିବାଦ ଓ ଅଭିଯୋଗ କରି ଓଡ଼ିଶା ସରକାରଙ୍କ ଚିଫ୍ ସେକ୍ରେଟାରୀଙ୍କୁ ଚିଠି ଲେଖିବି । କିନ୍ତୁ ଓଡ଼ିଶାରେ ବର୍ତ୍ତମାନ ଭୟଙ୍କର ବନ୍ୟା ହୋଇ ହଜାର ହଜାର ଲୋକ ସଙ୍କଟରେ ପଡ଼ିଛନ୍ତି । ଏବେ ସରକାର ଓ ତାଙ୍କ କର୍ମଚାରୀମାନେ ଦିନରାତି ପ୍ରାଣପଣେ ଚେଷ୍ଟା କରୁଛନ୍ତି ସେହି ଲୋକମାନଙ୍କୁ ରକ୍ଷା କରିବାପାଇଁ । ସେହି ସମୟରେ ଆମ ନିଜ କଥା ଆପତ୍ତି କରିବାକୁ ମନ ବଳୁନାହିଁ । କାଲିଠାରୁ ଆକାଶବାଣୀରୁ ଯାହା ଶୁଣିଛି ପାଣି ବଢ଼ି ଆମ ଓଡ଼ିଶା ବଢ଼ିକୁ କାହିଁ ଟପିଗଲାଣି । ଶୁଣିବ ଛଡ଼ା ବର୍ତ୍ତମାନ ଆମର ଆଉ କ'ଣ ଅଛି ? ଆହୁ ମନେରେ ରହ ବ୍ରହ୍ମଚର୍ଯ୍ୟ ଓ ବ୍ରହ୍ମବିଦ୍ୟା ସାଧନ କଲାଭଳିଆ ଏଠି ଶୃଙ୍ଖଳା ଓ ଅନୁଶାସନର ସାଧନା କରିବା ପାଇଁ ଏଠି ନିୟମିତ ଆଇନ ଅଛି ବିଶ୍ୱପଦରେ ରହିଛି ''

Digitized by srujanika@gmail.com

ସାନ ଓଡ଼ିଶାର ଶାସନ-ରାଜନୀତିରେ ବ୍ୟକ୍ତିଗତ ଆକ୍ରୋଶମୂଳକ ପ୍ରତିଶୋଧ ନେବା ଏବଂ ରାଗ ଶୁଝାଇବା ଦୃଷ୍ଟାନ୍ତର କେବେହେଲେ ଅଭାବ ହୋଇନାହିଁ । ମଣିଷ ଯେତେବେଳେ ନିଜପାଇଁ ରାଜନୀତି ଭିତରକୁ ଆସିଥାଏ ଓ ଆସିବାକ ନୀତି ହୁଡ଼ି ନିଜ କୂଳଟିକୁ ହିଁ ପାଛୁଡ଼ିବାରେ ଲାଗିଥାଏ, କ୍ଷମତାକୁ ଆସିଲେ ସିଏ ନିଜକୁ ହିଡ଼ ସତେଅବା କ'ଣ ନା କ'ଣ ହୋଇଯାଏ । କେବଳ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ରାଜନୀତିରେ ସମ୍ଭବତଃ ଏକମାତ୍ର ଦୃଷ୍ଟାନ୍ତ, ଯିଏକି ପ୍ରତିଶୋଧମୂଳକ ଭାବରେ କେବେହେଲେ କିଛି କରିନଥିଲେ । ସେହି କରୁଣ ଅବସ୍ଥାରେ ଅନ୍ତର୍ବନ୍ଦୀର ଜୀବନରୁ ତାଙ୍କର ଖଲାସ ହେବାର କାହାଣୀ ମଧ୍ୟ ସେତିକି ହାସ୍ୟକର ଓ ଆଘାତଦାୟକ । ଗୋଟିଏ ନିର୍ଦ୍ଦିଷ୍ଟ ସମ୍ବାଦପତ୍ରରେ ହଠାତ୍ ଦୁଇଜଣଙ୍କର ସ୍ୱାକ୍ଷରରେ ନିବେଦନଟିଏ ବାହାରିଲା ଯେ ଶ୍ରୀ ଚୌଧୁରୀ ଜେଲ ଭିତରେ ଅତ୍ୟନ୍ତ ପୀଡ଼ିତ । କରୁଣ ଅବସ୍ଥା ଜାରି ହେବା କେତେକ ଦୃଷ୍ଟିରୁ ଆବଶ୍ୟକ ଥିଲା ବୋଲି ସେ କ୍ରମେ ହୃଦୟଙ୍ଗମ କଲେଣି । ତେଣୁ ତାଙ୍କର ଅତିରିକ୍ତ ବୟସ ଓ ଶାରୀରିକ ଅସୁସ୍ଥତା ଦୃଷ୍ଟିରୁ ତାଙ୍କୁ ମୁକ୍ତ ଦିଆଯାଉ । ବାହାରେ ଏକଥାକୁ ମିଛ ବୋଲି କହି ଗୋଟିଏ ପ୍ରତିବାଦ ଲେଖି ପଠାଇବାକୁ ମଧ୍ୟ କେହି ନଥିଲେ । ଆଗରୁ ସବୁକଥା ସତେଅବା ବରାଦ ହୋଇଥିଲାପରି ସରକାର ଶୁଣିଲେ ଓ ଅନୁକମ୍ପା କଲେ । ଶ୍ରୀଯୁକ୍ତ ଚୌଧୁରୀ ପ୍ୟାରୋଲରେ ବାହାରକୁ ଆସିଲେ । ଇତିମଧ୍ୟରେ କରୁଣ ଅବସ୍ଥା ମଧ୍ୟ ଉଠିଗଲା । ତାଙ୍କୁ ଆଉ ଜେଲକୁ ଫେରିଯିବାକୁ ପଡ଼ିନ'ଥିଲା ।

□ □ □

Digitized by srujanika@gmail.com

୫ । ସର୍ବୋଦୟ

୧୯୪୫ ପରେ ଚୌଧୁରୀ ପରିବାରର ସମସ୍ତେ ମହାତ୍ମା ଗାନ୍ଧୀଙ୍କର ପ୍ରଦର୍ଶିତ ରଚନାତ୍ମକ କାର୍ଯ୍ୟକ୍ରମରେ ରହିଥିଲେ, କେବଳ ଶ୍ରୀ ନବକୃଷ୍ଣ ଚୌଧୁରୀ ତଥାକଥିତ ରାଜନୀତିରେ ଥିଲେ । ବରିକୁନ୍ଦ କୃଷିକ୍ଷେତ୍ରର ପ୍ରୟୋଗ ସମୟରେ ତାଙ୍କ ପୁତ୍ର ଶ୍ରୀ ମନମୋହନ ଚୌଧୁରୀ ତାଙ୍କ ସହିତ ସେଠାରେ ଥିଲେ, ସୋସିଆଲିଷ୍ଟ କର୍ମୀସଂଘର ଗଠନ ସମୟରେ ସିଏ ମଧ୍ୟ ସେଥିରେ ସାମିଲ୍ ହୋଇଥିଲେ । ମାତ୍ର, ତାହାର ଅବ୍ୟବହିତ ପରେ ସେ ପିତା ଗୋପବନ୍ଧୁ ଚୌଧୁରୀଙ୍କର ଯୋଜନାନୁସାରେ ବରିକୁନ୍ଦ ଛାଡ଼ି କଲିକତା ସୋଦପୁର ଗାନ୍ଧୀଆଶ୍ରମକୁ ତାଲିମ ପାଇଁ ଚାଲି ଯାଇଥିଲେ । ୧୯୫୫ ପର୍ଯ୍ୟନ୍ତ ଶ୍ରୀ ଗୋପବନ୍ଧୁ ଚୌଧୁରୀ ଓ ଶ୍ରୀମତୀ ମାଳତୀ ଦେବୀ ମଝିରେ ମଝିରେ କଂଗ୍ରେସର ରାଜନୀତିକ କାର୍ଯ୍ୟରେ ବିଭିନ୍ନ ପଦରେ ରହିଥିଲେ । ମାତ୍ର ସେମାନେ ସତେଅବା ସ୍ୱଧର୍ମ ମାନିବା ପରି ସମ୍ପୂର୍ଣ୍ଣ ଭାବରେ ରଚନାତ୍ମକ କାର୍ଯ୍ୟକ୍ରମର କ୍ଷେତ୍ରକୁ ଆପଣାକୁ ପ୍ରତ୍ୟାହୃତ କରିନେଲେ । କେବଳ ଶ୍ରୀ ନବକୃଷ୍ଣ ଚୌଧୁରୀ ହିଁ ସିଧା ରାଜନୀତିରେ ରହିଲେ । ସମାଜବାଦୀରୁ କଂଗ୍ରେସୀ ହୋଇଥିଲେ, କଂଗ୍ରେସ ଶାସନରେ ପ୍ରଥମେ ମନ୍ତ୍ରୀ ହେଲେ, ତାପରେ ମୁଖ୍ୟମନ୍ତ୍ରୀ ହେଲେ ।

ସନ୍ଥ ବିନୋବା ଭାବେ ତାଙ୍କର ଭୂଦାନଯାତ୍ରା ଆରମ୍ଭ କଲା ସମୟକୁ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ସ୍ୱାଧୀନ ଭାରତରେ କଂଗ୍ରେସ ଶାସନ ଦେଶକୁ ଆକାଂକ୍ଷିତ ପରିବର୍ତ୍ତନ ଗୁଡ଼ିକର ଯଥାର୍ଥ ମାର୍ଗରେ ପରିଚାଳିତ କରିନେବାରେ ଯେ ଅଧିକରୁ ଅଧିକ ପରିମାଣରେ ଆପଣାର ଅସମର୍ଥତାକୁ ପ୍ରମାଣ କରୁଛି ଓ ଏହାର ନେତାମାନେ ଯେ କ୍ରମଶଃ ଆତ୍ମକାମିତାର ନାନା ଅନ୍ୟମନସ୍କତା ଭିତରକୁ ହୁଡ଼ି ଯିବାରେ ଲାଗିଛନ୍ତି, ସେହି କଂଗ୍ରେସ ଭିତରେ ଥାଇ ତଥାପି କ୍ଲାନ୍ତ ଅନୁଭବ କରୁଥିବା ଶ୍ରୀ ଚୌଧୁରୀ ବିନୋବାଜୀଙ୍କର ଭୂଦାନ ପଦଯାତ୍ରା ମଧ୍ୟରେ ଯେପରି ନିଜେ ଖୋଜୁଥିବା ଏକ ସମାଧାନ ପାଇଗଲେ । ଅବଶ୍ୟ ଏକଥା ସତ ଯେ ସେଥିଲାଗି ମୁଖ୍ୟମନ୍ତ୍ରୀ-ପଦ ଛାଡ଼ିଦେବାର ଭାବନାଟି ତାଙ୍କ ମନକୁ ହଠାତ୍ ଆସିବାର କୌଣସି ପ୍ରଶ୍ନ ହିଁ ପ୍ରଥମେ ନଥିଲା । ତାଙ୍କର ବ୍ୟକ୍ତିଗତ ଗୋଡ଼ଟି ରାଜନୀତି ଓ ରାଜ୍ୟଶାସନ ଭିତରେ ରହିଥିବା

Digitized by srujanika@gmail.com

ସଙ୍ଗେ ସଙ୍ଗେ ତାଙ୍କର ସହାନୁଭୂତିରୂପୀ ଅନ୍ୟ ଗୋଟିଏ ସଚ୍ଚେଅବା ଭୂଦାନ ଆନ୍ଦୋଳନ ଆଡ଼କୁ ଲମ୍ବି ଯାଇଥିଲା । ସରକାର ତରଫରୁ ତାଙ୍କର ମନ ଜାଣି ଭୂଦାନ କାର୍ଯ୍ୟକ୍ରମକୁ ଯଥାସମ୍ଭବ ଅନେକ ପ୍ରୋତ୍ସାହନ ଦିଆଗଲା । ୧୯୫୫ ମସିହାରେ ବିନୋବାଜୀ ତାଙ୍କର ଭୂଦାନଯାତ୍ରାରେ ଯେତେବେଳେ ପ୍ରଥମ ମୁଥରେ ପଶ୍ଚିମବଙ୍ଗରୁ ଓଡ଼ିଶାରେ ପ୍ରବେଶ କରିଥିଲେ, ସେତେବେଳେ ତାଙ୍କୁ ଅଭ୍ୟର୍ଥନା ଜଣାଇବା କ୍ରମରେ ଅନ୍ୟମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ମଧ୍ୟ ଲକ୍ଷ୍ମଣନାଥଠାରେ ଉପସ୍ଥିତ ରହିଥିଲେ । ତାଙ୍କ ଅନୁରକ୍ତିର ଗୋଟାଏ ଅଧ ଯେ କ୍ରମେ ଏହି କାର୍ଯ୍ୟକ୍ରମଟି ଲାଗି ଆପଣାକୁ ଉତ୍ସର୍ଗ କରି ସାରିଥିଲା, ବେଶ କେତେବର୍ଷ ଆଗରୁ ତାଙ୍କ ହାବଭାବ ଏବଂ କଥାବାର୍ତ୍ତାରୁ ଜଣାପଡ଼ି ଯାଉଥିଲା ।

୧୯୫୬ ମସିହାରୁ ମଧ୍ୟ ତାଙ୍କର ସେହି ନୂତନ ଅନୁରକ୍ତିଟି କମ୍ ଲକ୍ଷିତ ଭାବରେ ଆପଣାକୁ ବ୍ୟକ୍ତ କରିବାକୁ ଆରମ୍ଭ କରିଥିଲା : "ଆଜି ମୁଁ ମୋ' ଆଖିଆଗରେ ଭାରତର ଜନତାର ପ୍ରାଣରେ ଗାନ୍ଧୀର ସେହି ପ୍ରଭାବର ସ୍ପନ୍ଦନ ଦେଖୁଛି, ଯାହା ପ୍ରଥମଥର ପାଇଁ ୧୯୨୦-୨୨ରେ ଦେଖା ଯାଇଥିଲା ଓ ତା'ପରେ ୧୯୩୦-୩୨ରେ ଆଉଗୋଟାଏ ଜୁଆର ଆସିଥିଲା ଓ ଶେଷରେ ଗାନ୍ଧୀଜୀଙ୍କ ଜୀବଦ୍ଦଶାରେ ସବୁଠାରୁ ପ୍ରବଳ ଆକାର ଧାରଣ କରିଥିଲା ୧୯୪୦-୪୨ରେ । ଆଜି ଠିକ ତାର ଦଶବର୍ଷ ପରେ ପୁଣି ସେହି ଜୁଆର ଆସିଛି ଆମ ଜାତିର ପ୍ରାଣରେ । ସବୁ ବାଦ ବିବାଦ, କଳ୍ପନା ଜଳ୍ପନା, ପ୍ଳାନ ପ୍ରୋଜେକ୍ଟକୁ ଅତିକ୍ରମ କରି ଭାରତର ସେହି ଅମର ଆତ୍ମା ଆଜି ନୂଆ କଳେବରରେ ଅଥଚ ସେହି ଚିରପରିଚିତ ଦୃଢ଼ତାର ସହିତ ପୁଣିଥରେ ଜାତିକୁ ବାଟ କଢ଼ାଉଛି ।" ମୁଖ୍ୟମନ୍ତ୍ରୀ ପଦରେ ଥାଇ ମଧ୍ୟ ଶ୍ରୀ ଚୌଧୁରୀ ଭୂଦାନ ଗସ୍ତରେ ଯାଉଥିଲେ, ଭୂଦାନସଭା କରୁଥିଲେ ଏବଂ ଆପଣାର ଏହି ନୂତନ ବିଶ୍ୱାସଟି ଦ୍ୱାରା ଶ୍ରୋତାମାନଙ୍କୁ ଉଦ୍ବୁଦ୍ଧ କରୁଥିଲେ ।

ଭୂମି ମାଗିବା ଏବଂ ଭୂମି ବାଣ୍ଟିବା,—ଏକଥା ଭୂଦାନ ଆନ୍ଦୋଳନର ବାହ୍ୟ ଅଙ୍ଗ ଥିଲା । ମୂଳତଃ ଏହା ଭାରତୀୟ ଜନଗଣଙ୍କ ମଧ୍ୟରେ ଶକ୍ତି ଜାଗରଣର ଏକ ଆନ୍ଦୋଳନ ଥିଲା । ବିନୋବାଜୀ ଅନେକ ସମୟରେ କହୁଥିଲେ ଯେ ସେ ଲୋକମାନଙ୍କ ପାଖରୁ ଭୂମି ନୁହେଁ, ଶକ୍ତି ମାଗିବାକୁ ଆସିଛନ୍ତି । ରାଜନୀତିକ ଚେତନାର ସ୍ତରରେ ଆମେ ଏହାକୁ Sharingର ଶକ୍ତି ବୋଲି କହିପାରିବା । ରାଜନୀତିର ଧବାମୂଳରେ ଯେ ଏକ ଆଧ୍ୟାତ୍ମିକ ଆବେଦନ ରହିଛି, ବିନୋବାଜୀ ନାନା ଅବସରରେ ପ୍ରଧାନତଃ ସେହି କଥାଟିକୁ ସୂଚାଇ ଦେବାଲାଗି ଭାରତଯାକ ତାଙ୍କର ଭୂଦାନ ଯାତ୍ରା ଆରମ୍ଭ କରିଥିଲେ । ମହାତ୍ମାଗାନ୍ଧୀଙ୍କ ପରେ ତାଙ୍କର ଅନୁଗାମୀମାନେ ଅର୍ଥାତ୍ ଗାନ୍ଧୀଙ୍କର

Digitized by srujanika@gmail.com

ମାର୍ଗରେ ବିଶ୍ୱାସ ରଖିଥିବା ବ୍ୟକ୍ତିମାନେ ଏହି ଆନ୍ଦୋଳନରୁ ନିଜକୁ ପୁନର୍ବାର ସକ୍ରିୟ କରିବାର ବାଟ ପାଇଥିଲେ ଓ ସକ୍ରିୟ ହେଲେ । ଭୂଦାନ ଆନ୍ଦୋଳନର ବୈଜୟନ୍ତୀ ଉଡ଼ିଲା । ବେଶ କେତେବର୍ଷ ପର୍ଯ୍ୟନ୍ତ ଭାରତୀୟ ରାଜନୀତିକୁ ମଧ୍ୟ ତାହା ଗୌଣ କରି ପକାଇଲା ଓ ଆପଣାକୁ ଦେଶରେ ଘଟୁଥିବା ସର୍ବପ୍ରଧାନ ଓ ସବୁଠାରୁ ଅଧିକ ପ୍ରଭାବ-ଶାଳୀ ଘଟଣା ବୋଲି ପ୍ରତିପାଦିତ କରିଦେଲା । ବିଦେଶରୁ ବି ଚମତ୍କୃତ ବ୍ୟକ୍ତିମାନେ ଆସିଲେ, ପଦଯାତ୍ରାରେ ଯୋଗଦେଲେ । ବିନୋବାଜୀ ଏବଂ ଭୂଦାନ ବିଷୟରେ ପୁସ୍ତକମାନ ଲେଖିଲେ । ଅଗାଧ ପାଣ୍ଡିତ୍ୟର ଅଧିକାରୀ ବିନୋବାଜୀ ଏହି ଆନ୍ଦୋଳନରେ ସତେଅବା ନୂଆ ନୂଆ ଚମକ ଆଣି ଦେବାକୁ ଆନ୍ଦୋଳନର ବିଭିନ୍ନ ସୋପାନରେ ନୂଆ ନୂଆ ଶାସ୍ତ୍ରୀୟ ଶବ୍ଦସବୁ ଉଦ୍‌ଭାବନ କଲେ ଏବଂ ସେହିସବୁ ଶବ୍ଦ ସଂପୃକ୍ତ ମଣ୍ଡଳୀଟି ଭିତରେ ସତେଅବା ପାହାଚ ଉଠୁଥିବାର ଏବଂ ଅଗ୍ରଗତି କରୁଥିବାର ଏକ ଉଦ୍ଦୀପନାମୟ ପ୍ରତୀତି ଆଣି ଦେଉଥିଲା । ସଂସ୍ଥାମୁକ୍ତି, ନିଧିମୁକ୍ତି, ସର୍ବୋଦୟ-ପାତ୍ର, ଶାନ୍ତିସେନା, ସେହି ସମୟର ଉତ୍ସାହ ଭିତରୁ ଏହିପରି କେତେ କେତେ ଶବ୍ଦ ଜନ୍ମଲାଭ କରିଥିଲା ।

ମାତ୍ର କ୍ରମେ ଉଦ୍ଦୀପନାଗୁଡ଼ିକ ନିସ୍ତେଜ ହୋଇ ଆସିଲା । ତାର ପ୍ରଧାନ କାରଣ ହେଉଛି, ସମାଜରେ ଉପରେ ରହିଥିବା ମଣିଷମାନଙ୍କର ଦୟାଗୁଣକୁ ହିଁ ଏଥିରେ ପ୍ରଧାନତଃ ଆବେଦନ କରି ଯାଉଥିଲା । ଦୟାହେତୁ ଦାନ ଭାରତର ସେହି ପୁରାତନ ରୀତିକୁ ବିଂଶ ଶତାବ୍ଦୀରେ ସାମାଜିକ କ୍ରାନ୍ତି ଓ ନବବିଧାନର ଏକ ମାଧ୍ୟମରୂପେ ବ୍ୟବହାର କରିବା—ହୁଏତ ଏହାରି ମଧ୍ୟରେ କେଉଁଠି ଏକ ଅସଙ୍ଗତି ରହି ଯାଇଥିଲା । ସବୁ ପ୍ରେରଣା ଉପରେ ଥିବା ମଣିଷଙ୍କୁ ଦିଆ ଯାଉଥିଲା । ଭାରତୀୟ ଶାସ୍ତ୍ର ଓ ସଂସ୍କୃତିର ଉଦ୍‌ବୋଧନ ଦେଇ ସେମାନଙ୍କର ଅଧିକାର ବାସନାକୁ କିଞ୍ଚିତ୍ ନମନୀୟ କରିବାଲାଗି କେତେ ପ୍ରେରଣାମୟ କଥା କୁହା ଯାଉଥିଲା ଏବଂ ଅପର ପକ୍ଷରେ, ଭୂମିହୀନ ଲୋକମାନଙ୍କ ଅଧିକାର ସଚେତନ କରିବାଲାଗି ପ୍ରାୟ କୌଣସି ସମୟ ନଥିଲା । ଅଧିକନ୍ତୁ କ୍ରମେ ସରକାରୀ ନେତାମାନେ ଏଥିରେ ପଶିଲେ । ସେମାନେ ବି ଭୂଦାନମଣ୍ଡପ ଉପରେ ବସି କେତେ ଭଲ କଥା କହିଲେ, ବିନୋବାଜୀଙ୍କ ସହିତ ପ୍ରତୀକାତ୍ମକ ଭାବରେ ପଦଯାତ୍ରା କଲେ । ଓଡ଼ିଶାରେ ଖୋଦ୍ ମୁଖ୍ୟମନ୍ତ୍ରୀ ତାହା ବିଶେଷ ବ୍ୟାକୁଳତାର ସହିତ କରୁଥିବା ପରି ଦେଖା ଯାଉଥିଲା । ଲୋକେ ଭ୍ରମରେ ପଡ଼ିଲେ । ଯେକୌଣସି ଅସଲ ଲୋକାଧାରିତ ଆନ୍ଦୋଳନ ଗାଦୀ ସହିତ ସାଲିଶ୍ କରେନାହିଁ, ତାହା ଗାଦୀକୁ ବଦଳାଇ ଦିଏ । ଭୂଦାନ ଆନ୍ଦୋଳନ ଭିତରେ ତତ୍ତ୍ୱତଃ ସେହିପରି କିଛି ରହିଥିଲେ ମଧ୍ୟ ବାସ୍ତବତଃ ସେପରି କୌଣସି ଅଭିକ୍ରମ ନଥିଲା । ତାହା ପ୍ରଧାନତଃ ସନ୍ଥ ଓ ସଜ୍ଜନମାନଙ୍କର ଏକ ଉତ୍ସାହ ଉଦ୍ଦୀପନାମୟ କ୍ରିୟାଶୀଳତା ହୋଇ ରହିଗଲା । ସନ୍ଥ ଓ ସଜ୍ଜନମାନେ ନିଜ ଗାରଗୁଡ଼ିକ ପାଖରେ ଆସି ସର୍ବଦା ଅଟକି ଯାଉଥିଲେ ।

Digitized by srujanika@gmail.com

ଓଡ଼ିଶାର କୋରାପୁଟ ଜିଲ୍ଲାରେ ଭୂଦାନ-ଆନ୍ଦୋଳନ ଯେ କିଛିସମୟ ପାଇଁ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ଉଠିଥିଲା, ସେଥିଲାଗି ଗାନ୍ଧୀକର୍ମୀ ଓ ଉତ୍କଳ ନବଜୀବନ ମଣ୍ଡଳର ଭଉଣୀ ଓ ଭାଇମାନଙ୍କୁ ସର୍ବପ୍ରଧାନ ଶ୍ରେୟଃ ଦେବାକୁ ହେବ । ସେମାନେ ଭୂଦାନ ଆନ୍ଦୋଳନର ବହୁବର୍ଷ ପୂର୍ବରୁ ଆଦିବାସୀଗାଆଁମାନଙ୍କରେ ରହି କାର୍ଯ୍ୟ କରୁଥିଲେ, ଆଦିବାସୀମାନଙ୍କ ସହିତ ମିଶି ଯୁଗଯୁଗର ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ ଏବଂ ଯୁଗଯୁଗରୁ ଉତ୍ପୀଡ଼ିତ ଓ ବଞ୍ଚିତ ଆଦିବାସୀର ମନରୁ ଭୟଭାବ ଦୂର କରିଥିଲେ । ଭୂଦାନ ଆନ୍ଦୋଳନକୁ ଏକ ଯଥାର୍ଥ ପ୍ରସାର ଦେବାଲାଗି ତାହା ମୂଳଦୁଆ ପରି କାର୍ଯ୍ୟ କରିଥିଲା । ଏକଦା ଶ୍ରୀମତୀ ରମା ଦେବୀ ଓ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କର ବାରି କର୍ମକେନ୍ଦ୍ରରୁ ତାଲିମ ପାଇ ଯାଇଥିବା ଶ୍ରୀ ବିଶ୍ୱନାଥ ପଟ୍ଟନାୟକ କୋରାପୁଟ ଜିଲ୍ଲାର ଭୂଦାନ ଓ ଗ୍ରାମଦାନ ଆନ୍ଦୋଳନରେ ଏକ ଅତ୍ୟନ୍ତ ଅଗ୍ରଗାମୀ ଭୂମିକା ଗ୍ରହଣ କରିଥିଲେ । ତଥାପି, ଆନ୍ଦୋଳନ ନାମରେ ଯାହାକିଛି କାର୍ଯ୍ୟ ହେଉଥିଲା, ତାହା ଆଦିବାସୀଙ୍କ ପାଇଁ ପ୍ରଧାନତଃ ବାହାରର ବ୍ୟକ୍ତିମାନଙ୍କ ଦ୍ୱାରା ହେଉଥିଲା । ଆଦିବାସୀମାନଙ୍କ ମଧ୍ୟରୁ ନେତୃତ୍ୱ ସୃଷ୍ଟି କରିବା ନିମିତ୍ତ ପ୍ରାୟ କୌଣସି ଅନ୍ତର୍ଦୃଷ୍ଟି ନଥିଲା ବା କାର୍ଯ୍ୟକ୍ରମ ମଧ୍ୟ ନଥିଲା । ଏଡ଼େ ବଡ଼ ଏକ ଆନ୍ଦୋଳନ ସତ୍ତ୍ୱେ ହୁଏତ ଜଣେ ଶିକ୍ଷିତ ଆଦିବାସୀ ମଧ୍ୟ ଏହି ଆଡ଼କୁ ଆକୃଷ୍ଟ ହୋଇ ପାରିଲା ନାହିଁ ଓ ନିଜ ସମାଜର ନେତୃତ୍ୱ ନିଜେ ନେଇ ପାରିଲାନାହିଁ, ତାହାହିଁ ସମଗ୍ର ଆନ୍ଦୋଳନଟିର ଏକ ମୂଳଭୂତ ଅସଫଳତାକୁ ପ୍ରମାଣ କରିଦେଉଛି ।

ହୁଏତ କିଞ୍ଚିତ୍ ଶ୍ଳେଷର ସହିତ କୁହାଯାଇ ପାରିବ ଯେ ଉପରେ ରହିଥିବା ଏବଂ ଆପଣା ଭିତରର ବିବେକ ଦ୍ୱାରା ଦଂଶିତ ହେଉଥିବା ପରି ଅନୁଭବ କରୁଥିବା କେତେକ ଆଦର୍ଶବାଦୀଙ୍କର ପ୍ରୀତ୍ୟର୍ଥେ ପ୍ରଧାନତଃ ଭୂଦାନ ଆନ୍ଦୋଳନର କାର୍ଯ୍ୟକ୍ରମ ଚାଲିଥିଲା ଓ ତାହାକୁ ଏକ କ୍ରାନ୍ତି ବୋଲି କହି ସେମାନଙ୍କର ମନକୁ ସାନ୍ତ୍ୱନା ଦେବାରେ ହିଁ ସେହି କାର୍ଯ୍ୟକ୍ରମ ସର୍ବାଧିକ ସାହାଯ୍ୟ କରୁଥିଲା । ଏକ ଆନ୍ଦୋଳନ ତା'ର ଯଥାର୍ଥ ଭୂମିକୁ ଛୁଇଁ ନପାରିଲେ ତାହା ତଳେ ଛୁଇଁ ପାରୁନଥିବା ମେଘ ପରି ବର୍ଷା ନକରି ଉଡ଼ିଯିବାକୁ ବାଧ୍ୟ ହେବ । ତେଣୁ, ସକଳ ନିଷ୍ଠା ଓ ସାଧୁତା ସତ୍ତ୍ୱେ ବନ୍ୟାରେ ଭଟ୍ଟା ପଡ଼ିଗଲା । ବିନୋବାଜୀ, ନିର୍ମାଣ କାର୍ଯ୍ୟ କରିବାକୁ ଯେତେବେଳେ ବାହାରୁ ଆସିଥିଲା-ହୋଇ ବ୍ୟକ୍ତିମାନେ ଆସି ପହଞ୍ଚିଲେ ଓ ବାହାର ପୁଞ୍ଜି ଖଟାଯାଇ ଯେତେ କେବଳ ଗ୍ରାମଗୁଡ଼ିକର ବାହ୍ୟ ଅବୟବର ବଦଳାଇ ଦେବାର ପାଇଁ ଚେଷ୍ଟାମାନ କରାଗଲା, ସେତେବେଳେ ଭିତରେ କେଉଁଠାରେ ଅନେକ ଫମ୍ପା ରହି ଯାଉଥିବା ପରି ବୋଧ ହେବାକୁ ଆରମ୍ଭ କଲା । ଓଡ଼ିଶା ସରକାରଙ୍କର ମୁଖ୍ୟମନ୍ତ୍ରୀ ସ୍ୱୟଂ ଆନ୍ଦୋଳନରେ ଏଡ଼େ ଉତ୍ସାହରେ ପଶିଥିବା ସମୟରେ ସରକାରୀ ଉଚ୍ଚ ହାକିମମାନେ ମଧ୍ୟ ସତେଥିବା

Digitized by srujanika@gmail.com

କ୍ରାନ୍ତିକାମରେ ଅଗ୍ରଣୀ ହୋଇ ବାହାରିଥିବା ପରି ଅବତାରଣା କରୁଥିଲେ । ଲୋକ-ମାନଙ୍କ ମନରେ ସତକୁ ସତ ନାନା ବିଡମ୍ବନା ସୃଷ୍ଟି ହେଲା । ଶ୍ରୀ ଗ୍ରେଧୁରୀ ମୁଖ୍ୟମନ୍ତ୍ରୀ ପଦ ଛାଡି ବାହାରକୁ ଆସିବା ପରେ ବିଚରା ସେହି କୁଶୀଲବମାନେ ତେଣିକି ଯାହାର ଖାଇଲେ ତାହାର ଗାଇଲେ ।

ଶ୍ରୀ ଜୟପ୍ରକାଶ ନାରାୟଣ ଜୀବନଦାନୀ ହୋଇ ଭୂଦାନ ଆନ୍ଦୋଳନ ଭିତରକୁ ଆସିବା ପରେ ତାଙ୍କର ଅନୁଗତ ସମାଜବାଦୀ ଶିବିରରୁ ଅନେକେ ତାଙ୍କ ସହିତ ଆସି ପହଞ୍ଚିଗଲେ । ତତ୍ପର ମଣ୍ଡଳ କାଟି ସର୍ବୋଦୟ ଆନ୍ଦୋଳନକୁ ହିଁ ଅସଲ ସମାଜବାଦ ବୋଲି ବତାଇ ଦିଆଗଲା । ତା'ପରେ କ୍ରାନ୍ତି ଶବ୍ଦର ବହୁଳତର ପ୍ରଚଳନ ହେଲା । ବିନୋବାଜୀ ଏବଂ ଜୟପ୍ରକାଶ କ୍ରାନ୍ତି କହିଲେ ଯେ କଦାପି ଗୋଟିଏ ବସ୍ତୁକୁ ଅଥବା ଗୋଟିଏ ବାଟକୁ ବୁଝିବେ ନାହିଁ; ଏଥିରେ ଆଦୌ କୌଣସି ସନ୍ଦେହ ନଥିଲା, ଉଭୟ ଶିବିର ହୁଏତ ଭିନ୍ନ ଭିନ୍ନ କଥାକୁ କ୍ରାନ୍ତି ବୋଲି ବୁଝିଲେ ଏବଂ ଆପଣାର ଭିନ୍ନ ଭିନ୍ନ ମାର୍ଗରେ ଚାଲିଲେ । କ୍ରମେ ଏକ ବୈମନସ୍ୟ ଉପୁଜିବାକୁ ଲାଗିଲା । ଏବଂ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କର ଜରୁରୀଅବସ୍ଥା ଜାରି କରିଦେବାର ବାଣ ମାରି ସର୍ବୋଦୟ ଆନ୍ଦୋଳନକୁ ଦୁଇଭାଗ କରିଦେଲେ । କାଳର କୃପାରୁ ତାହା ଏବେ ମଧ୍ୟ ଦୁଇଭାଗ ହୋଇରହିଛି । ଅର୍ଥାତ୍, ଭାରତବର୍ଷରେ ସର୍ବୋଦୟୀମାନେ ଏବେ ମଧ୍ୟ ଦୁଇ ଉପଶିବିରରେ ବିଭକ୍ତ ହୋଇ ରହିଛନ୍ତି ।

ସର୍ବୋଦୟ ଆନ୍ଦୋଳନରେ ଜୀବନଦାନ କରିବା ପରେ ମଧ୍ୟ ଶ୍ରୀ ଜୟପ୍ରକାଶ ନାରାୟଣ ବେଳେବେଳେ ଆହୁରି କେତେଆଡ଼େ ଅନ୍ୟମନସ୍କ ହୋଇ ପଡୁଥିଲେ । ଏହାକୁ ସମାଜବାଦୀ ଅନ୍ୟମନସ୍କତା ନକହି ବରଂ ଅଧିକ ସଙ୍ଗତ ସହିତ ଏକ ରାଜନୀତିକ ଅନ୍ୟମନସ୍କତା ବୋଲି କୁହାଯିବ । କଂଗ୍ରେସ ହଟାଓ ଅର୍ଥାତ୍ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ହଟାଓର ନିଶାରେ ପଡ଼ି ଭାରତରେ ରାଜନୀତିକୁ ସେ ଅନ୍ତତଃ କେତେବର୍ଷ ଲାଗି ଏକ ଛୁଛା ଦଳୀୟ ସଂଗ୍ରାମରେ ପରିଣତ କରିଦେଲେ । କଟ୍ଟର ଡାହାଣ ସହିତ, କଟ୍ଟର ବାମମାନଙ୍କୁ ଓ କଟ୍ଟର ପ୍ରତିକ୍ରିୟାଶୀଳ ମୂର୍ତ୍ତିମାନଙ୍କୁ କଟ୍ଟର ପ୍ରଗତିଶୀଳ ମୂର୍ତ୍ତିମାନଙ୍କ ସହିତ ଯେ କୌଣସି ପ୍ରକାରେ ଏକଜୁଟ କରି ଗୋଟାଏ ଜନତା ଦଳ ଠିଆ କରାଇଲେ ଏବଂ ଜରୁରୀ ଅବସ୍ଥାପରେ ଏମାନଙ୍କ ହାତକୁ ମଧ୍ୟ ଦିଲ୍ଲୀର କ୍ଷମତା ଆସିଥିଲା । ସେମାନେ ଅଯୋଗ୍ୟ ପ୍ରମାଣିତ ହେଲେ । ଶ୍ରୀ ଜୟପ୍ରକାଶ ଏହି ଘଟଣାରେ ଯେତେ ମର୍ମାହତ ହୋଇନଥିବେ, କାହିଁକି, କେଉଁ ଅପପ୍ରେରଣାର ବଶବର୍ତ୍ତୀ ହୋଇ ଏପରି ଏକ ସର୍କସ୍ ଦଳକୁ ମଞ୍ଚରେ ସିଏ ଯେ ଅବତୀର୍ଣ୍ଣ କରାଇଥିଲେ, ହୁଏତ ସେକଥା ତାଙ୍କୁ ଅଧିକ ମର୍ମାହତ କରି ଦେଇଥିବ । କହିବା ବାହୁଲ୍ୟ ଓଡ଼ିଶାରେ ମଧ୍ୟ ତଦନୁରୂପ

Digitized by srujanika@gmail.com

ନେତାଡ଼ଅଙ୍କଟିଏ ଅଭିମତ ହୋଇଥିଲା । କଂଗ୍ରେସ ହଟ୍ଟଗୋଳର ସରଗରମ ପର୍ବରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ମଧ୍ୟ ଏକ ଦୃଶ୍ୟମାନ୍ ଭୂମିକା ରହିଥିଲା ।

ଗାନ୍ଧୀବାଦରେ ପରିକଳ୍ପିତ ହୋଇଥିବା ଯାବତୀୟ କ୍ରାନ୍ତି ଶେଷରେ ସତ୍ୟାଗ୍ରହରେ ଆସି ଆପଣାର ପରିପକ୍ୱତା ଓ ଫଳଦାୟକତା ଲାଭ କରିଥାଏ । ଭୂଦାନ ଆନ୍ଦୋଳନ ସତେଅବା ଏହି ଦିଗରେ ଆଦୌ କେବେହେଲେ ଚିନ୍ତା କରୁନଥିଲା ଓ ସତ୍ୟାଗ୍ରହକୁ ଏକ ନିଷିଦ୍ଧ ପଦକ୍ଷେପ ବୋଲି ବିଚାରୁଥିଲା । ଏକଦା ମହାତ୍ମାଗାନ୍ଧୀ ଯାହାଙ୍କୁ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ପ୍ରଥମ ସତ୍ୟାଗ୍ରହୀ ରୂପେ ବାଛିଥିଲେ, ସିଏ ନିଜ ହାତକୁ ମୀମାଂସା କରିବାର ଏକ ଆହ୍ୱାନ ଆସି ପହଞ୍ଚିବା ବେଳେ ସତ୍ୟାଗ୍ରହକୁ ଅତେଅବା ଅବାଞ୍ଛିତ ମନେକରି ତା'ପାଖରୁ ଦୂରରେ ରହିଲେ କାହିଁକି କେଜାଣି ? ଭାରତବର୍ଷ ରାଜନୀତିକ ସ୍ୱାଧୀନତା ଲାଭ କରିବାପରେ ସତ୍ୟାଗ୍ରହକୁ ସଂଗ୍ରାମର ଏକ ଅସ୍ତ୍ରରୂପେ ପ୍ରୟୋଗ କରିବାର ଅବକାଶ ଓ କ୍ଷେତ୍ର ତଥାପି ଅବଶ୍ୟ ରହିବ ବୋଲି ମହାତ୍ମା ଗାନ୍ଧୀ ଦେଶ ସ୍ୱାଧୀନ ହେବାର ବହୁବର୍ଷ ପୂର୍ବରୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ କହି ଯାଇଥିଲେ । ବିନୋବାଜୀ ସମ୍ଭବତଃ ସବାଆଗ ସର୍ଜନ ଥିଲେ, ତା'ପରେ ଯାଇ କ୍ରାନ୍ତିକାରୀ ଥିଲେ ସବାଆଗ ନିଜର ସର୍ଜନପଣକୁ ବଜାୟ ରଖିବାକୁ ଇଚ୍ଛା କରୁଥିଲେ ତେଣୁ ସତ୍ୟାଗ୍ରହକୁ ଭୟ କଲେ । ଭୂଦାନ ଆନ୍ଦୋଳନ ଦେଶରେ ଆଣି ଦେଇଥିବା ଏକ ବୃହତ୍ତ ଆହ୍ୱାନକୁ ସେ ପ୍ରତ୍ୟାଖ୍ୟାତ କରି ରଖିଲେ ।

ଦେଶରେ ଜରୁରୀ ଅବସ୍ଥା ଜାରି କରିବା ସମୟରେ ସରକାର ସତେଅବା ଏକ ଯୁଦ୍ଧକୌଶଳ ହିସାବରେ ସର୍ବୋଦୟ ଆନ୍ଦୋଳନ ମଧ୍ୟରେଥିବା କେବଳ ଜୟପ୍ରକାଶଙ୍କର ଅନୁଗାମୀ ଓ ଅନୁଗତମାନଙ୍କୁ ଜେଲ ଭିତରକୁ ଧରି ନେଇଥିଲେ ଅତ୍ୟନ୍ତ ସୁଚିନ୍ତିତ ଭାବରେ ବିନୋବାଜୀଙ୍କର ପକ୍ଷସମର୍ଥକମାନଙ୍କୁ ଛାଡ଼ ଦିଆ ଯାଇଥିଲା । ଗୋଟିଏ ଶିବିର ସେ ଆନୁଗତ୍ୟ ଏବଂ ଅନୁରକ୍ତିରେ କ୍ରମେ ଦୁଇଭାଗରେ ଫାଙ୍କ ଫାଙ୍କ ହୋଇଯାଉଛି, ସେ କଥା ଜରୁରୀ ଅବସ୍ଥା ଜାରି ହେବା ବେଳକୁ ଯଥେଷ୍ଟ ସ୍ପଷ୍ଟ ହୋଇ ଯାଇଥିଲା । ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜନତା ଏହି ବିଶେଷ ପଦକ୍ଷେପଟି ଗ୍ରହଣ କରି ଦେଶରେ ଏକ ଜରୁରୀ ଅବସ୍ଥା ଘୋଷଣା କରିଥିବାର ନିଷ୍ପତ୍ତି ସପକ୍ଷରେ ସତେଅବା ବିନୋବାଜୀଙ୍କର ଅନୁମୋଦନ ଓ ଆଶୀର୍ବାଦ ଲାଭ କରିବା ନିମନ୍ତେ ନିଜେ ତାଙ୍କ ପୌନାର ଆଶ୍ରମକୁ ଆସିଥିଲେ । ସମସ୍ତ ଦେଶ ଚକିତ ହୋଇ ସେହି ଘଟଣାକୁ ଦେଖୁଥିଲା । ବିନୋବାଜୀ ଜରୁରୀ ଅବସ୍ଥାକୁ ଜାରି କରାଯାଇ ଥିବାର ଏହି ଘଟଣାଟିକୁ 'ଅନୁଶାସନ ପର୍ବ' ବୋଲି କହିଲେ । ଜେଲ ଯିବାର କବଳରୁ ଛୁଟି ପାଇଥିବା ତାଙ୍କର ଅନୁଗାମୀମାନେ ସତେଅବା ପରମ ସନ୍ତୋଷରେ ତାଙ୍କର ସେହି ଉକ୍ତିକୁ 'ସାଧୁ ସାଧୁ' କରି ସମର୍ଥନ କରିଥିଲେ ।

Digitized by srujanika@gmail.com

ଓଡ଼ିଶାରେ ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ଶ୍ରୀମତୀ ମାଲତୀ ଚୌଧୁରୀ ଜୟପ୍ରକାଶଙ୍କ
ପକ୍ଷେ ରହିଥିଲେ । ସେମାନେ ଜେଲ ଗଲେ ଓ କୌଣସି କାରଣରୁ ନାନା
ବିଶେଷ ଅବଗୁଣର ଶିକାର ହେଲେ । ଶ୍ରୀଯୁକ୍ତ ଚୌଧୁରୀଙ୍କର ବିନୋବାଙ୍କ ପ୍ରତି
ରହିଥିବା ସମସ୍ତ ମୋହ ତୁଟି ଯାଇଥିଲା । ସେ ବିନୋବାଜୀଙ୍କୁ ସରକାରୀ ସନ୍ଥ କହି
ବିଦ୍ରୂପ କଲେ । ତାଙ୍କର The God that failed ର ଅବସ୍ଥା ହୋଇଥିଲା ।
ମୋହରେ ପଡ଼ିଲେ ହିଁ ମୋହଭଙ୍ଗ ହେବାର ଯେ ଏକ ଅନୁକ୍ଷଣ ଆଶଙ୍କା ରହିଥାଏ,
ଏହା ନିଗ୍ରହ ସତ୍ୟ କଥା । ୧୯୭୫ ମସିହାରେ ବାରିପଦା ଜେଲରେ ଥିବାବେଳେ
ନିଜ ପତ୍ନୀ ଏବଂ କନ୍ୟାଙ୍କ ପାଖକୁ ସେ ଲେଖିଥିବା କେତେକ ପତ୍ରରୁ ତାହାର ସୂଚନା
ମିଳିଯିବ : "କାଲି ଖବରକାଗଜରେ ପଢ଼ିଲି ପୌନାର ବାବା ଆଉକିଛି ଲେଖିବ ସୁଦ୍ଧା
ନାହିଁ । ...ସେ ତ 'ସ୍ୱଗମହଟ' ଛଡ଼ା କୁଆଡ଼େ ଅନ୍ୟ କିଛି ଲେଖୁନଥିଲେ । ଯାହାହେଉ
ଆଉ କିଛି ଲେଖିବେନାହିଁ । କିନ୍ତୁ ଠାର ବନ୍ଦ ହେବକି ନାହିଁ ? ଚେଲାମାନେ ସେହି
ଠାରକୁ ତ ମନଇଚ୍ଛା ଅର୍ଥ କରନ୍ତି । ମଣିଷ ମରିଗଲା ପରେ planchetରେ ତାକୁ
ଡ଼କାଇ ଏଦେଶର ଲୋକେ ତା'କଥା ଶୁଣାଉଛନ୍ତି । ସତକୁ ସତ ଏହି ବିଦ୍ରୂପ ପୌନାର
ବାବା ବିନୋବାଜୀଙ୍କ ପ୍ରତି ଉଦ୍ଦିଷ୍ଟ ନୁହେଁ, ଏହା ମର୍ମତଃ ତାଙ୍କ ନିଜପ୍ରତି ଅଭିପ୍ରେତ ।
ମୋହରେ ପଡ଼ିଥିବା ମଣିଷ ମୋହଭଙ୍ଗ ହେବାପରେ ଅନ୍ୟକୁ ବା ଆଉମାନଙ୍କୁ
ବିଦ୍ରୂପ କରୁଥିବାର ଆଳରେ ପ୍ରକୃତରେ ନିଜକୁ ହିଁ ମାଡ଼ ମାରୁଥାଏ ।

ପୁନଶ୍ଚ ସେହି ଚିଠି ଭିତରୁ "ବାବୁଭାଇ ସମ୍ଭବତଃ ଆଗ୍ରାର ଆଡ଼ଭୋକେଟ
ଶ୍ରୀ ବାବୁଲାଲ ମିତ୍ତଲ, ଯିଏ ବେଶ୍ କେତେଦିନ ଯାଏ କୋରାପୁଟରେ ଭୂଦାନ ଏବଂ
ଗ୍ରାମନିର୍ମାଣ କାମରେ ସାମିଲ୍ ହୋଇଥିଲେ) କୁଆଡ଼େ ଗଲା, ଥରେ ଯାଉନାହିଁ
ପୌନାର୍ । ଆଖି, କାନ, ପାଟି ବନ୍ଦକରି ସେଠି ଆମର ଯେଉଁ ବୁଢ଼ା ବସିଛି, ସେଠି
ତାକୁ ଦେଖି ଆସନ୍ତା । ଆଚ୍ଛା ଆମ ଧୀରେନ୍‌ଦା (ବିହାରର ମୁଙ୍ଗେର ଜିଲ୍ଲାରେ ଥିବା
ଖାଦୀଗ୍ରାମର ରଚନାତ୍ମକ କାର୍ଯ୍ୟକ୍ରମର ଦିଗ୍‌ଦର୍ଶକ ଓ ନେତା) କୁଆଡେ ଗଲେ ?
ତାଙ୍କ ଖବର ଆମକୁ ନିଶ୍ଚେ ଲେଖିବ । ଆଉ ଏକ ବୁଢ଼ା ଆଣ୍ଣାସାହେବ ସହସ୍ରବୁଦ୍ଧେ
(କୋରାପୁଟ ଜିଲ୍ଲାରେ ଗ୍ରାମନିର୍ମାଣ କାର୍ଯ୍ୟର ସର୍ବୋଦୟୀ କର୍ତ୍ତା) କେଉଁଠି ଅଛନ୍ତି,
କେମିତି ଅଛନ୍ତି ? ଶଙ୍କରାଚାର୍ଯ୍ୟ ମନୁଷ୍ୟଙ୍କୁ ଲକ୍ଷ୍ୟ କରି ଯାହା ଲେଖିଥିଲେ, ସେଇଟା
ବୁଢ଼ାମାନଙ୍କ ବିଷୟରେ ବେଶୀ ଲାଗେ : ଅହନି ଅହନି ଗଚ୍ଛନ୍ତି (ବୃଦ୍ଧାଃ) ଯମାଳୟଂ,
ଶେଷାଃ ସ୍ଥିରତ୍ୱଂ ଇଚ୍ଛନ୍ତି କିମାଶ୍ଚର୍ଯ୍ୟମତଃ ପରଂ ? ୧୯୭୦ ମସିହା ନଭେମ୍ବର ମାସରେ
ଅନୁଗୁଳଠାରେ ଗୋଟିଏ ଛୁଟ, ସାମ୍ମିଳନୀରେ ଭାଷଣ ଦେଇ ଶ୍ରୀ ନବକୃଷ୍ଣ ଚୌଧୁରୀ
ବିନୋବାଜୀଙ୍କୁ ପାଦରେ ବୁଲୁଥିବା ବୁଢ଼ା ଶଙ୍କରାଚାର୍ଯ୍ୟ ବୋଲି କହି ଥଟ୍ଟା
କରିଥିଲେ । ଅସଲ ଅର୍ଥାତ୍ ଆଦ୍ୟ ଶଙ୍କରାଚାର୍ଯ୍ୟଙ୍କୁ ସେ ଟୋକା ଶଙ୍କରାଚାର୍ଯ୍ୟ ବୋଲି
କହିଥିଲେ ।

Digitized by srujanika@gmail.com

ବାରିପଦା ଜେଲରେ ଅଟକବନ୍ଦୀ ଥିବା ସମୟରେ ଶ୍ରୀ ଚୌଧୁରୀ ପାତଞ୍ଜଳ ଯୋଗଦର୍ଶନ ଅଧ୍ୟୟନ କରୁଥିବା ସମୟରେ ଶ୍ରୀମତୀ ମାଳତୀ ଦେବୀଙ୍କୁ ଲିଖିତ ଗୋଟିଏ ପତ୍ରରେ ଲେଖିଥିଲେ : "ଗୋଟିଏ ମନଗଢ଼ା ଅଧ୍ୟାତ୍ମର ସୃଷ୍ଟି କରି ଆମ ଜୀବନର ଅତି ବାସ୍ତବ ସୁଖଦୁଃଖକୁ ଉଡ଼ାଇଦେବା ବା ଭୁଲେଇ ଦବାର ମୁଁ ଘୋର ବିରୋଧୀ ।...... ରବୀନ୍ଦ୍ରନାଥଙ୍କ 'ଲଭିବ ମୁକ୍ତିର ସ୍ୱାଦ ଅଶେଷ ବନ୍ଧନ ମାଝେ' ମୋ ମନ ଉପରେ ଗିଲ-ଦିନୁ ଗାର ପକାଇଛି । ସେହି ଜେଲରୁ କନ୍ୟା ଶ୍ରୀମତୀ ଉତ୍ତରାଙ୍କ ପାଖକୁ ଲେଖିଥିବା ଆଉଗୋଟିଏ ଚିଠିରେ," ମୋଟକଥା, ଶଙ୍କର ଦର୍ଶନକୁ ମୁଁ ମଜ୍ଜାନରେ ପ୍ରତ୍ୟାଖ୍ୟାନ କରୁଛି । ମୋର ମନେ ପଡ଼ୁଛି, କର୍ଣ୍ଣାଟକରେ ପଦଯାତ୍ରା ସମୟରେ ମୁଁ ଆଠଦିନ ବିନୋବାଙ୍କ ସାଙ୍ଗରେ ଥିଲି । କାହିଁକି ଆମ ଦେଶରେ କିଛି ଉଦ୍ୟମ ଉତ୍ସାହ ଦେଖା ଯାଉନାହିଁ । ଆମେ ରାମଙ୍କ ନାମ ନେଉଛୁ, ତାପରେ ବର୍ତ୍ତମାନ ହନୁମାନଙ୍କ ନାମ ନେବାକୁ ସେ କହୁଥାନ୍ତି ସେତେବେଳେ । ଆମର ପ୍ରାଚୀନ ଶାସ୍ତ୍ର ଓ ଦର୍ଶନରେ ବୋଧହୁଏ କିଛି ତ୍ରୁଟି ରହିଛି । ସେ ଥରେ ପ୍ରବଚନରେ କହୁଥିଲେ । ମୁଁ ତାଙ୍କୁ pointblank କରି କହିଲି ଆପଣଙ୍କ ଅଦ୍ୱୈତବାଦ ହିଁ ଆମର ଏଇ ଅବସ୍ଥା ପାଇଁ ଦାୟୀ । ସବୁ ବ୍ରହ୍ମ । ବ୍ରହ୍ମ ଛଡ଼ା ଆଉ କିଛି ନାହିଁ । ସବୁ ବ୍ରହ୍ମ ସବୁ ଭଲ ସବୁ ଆନନ୍ଦ ତାହେଲେ ମଣିଷର କିଛି କହିବାରେ କିଛି ଅର୍ଥ ନାହିଁ । ଯାହା ଅଛି ତାହାହିଁ ଥିଲି ତାହା ହିଁ ରହିବ । ଏହି ଦର୍ଶନ ପାଇଁ ଆମ ଦେଶରେ କେହି କିଛି କରୁନାହାନ୍ତି । ବିନୋବା ତ ମୋର ଏକଥା ଶୁଣି କିଛି ସମୟ ଚୁପ୍ ହୋଇଗଲେ । ତାପରେ କହିଲେ, ଦର୍ଶନର ଉଦ୍ଦେଶ୍ୟ ଅଲଗା ଥିଲା । ମଣିଷ ମୁଁ ଗୁରୁ ଜୀବ, ମୋ' ଦ୍ୱାରା କ'ଣ ହେବ,—ଏହିପରି ତୁଚ୍ଛ ମନେ କରୁଥିଲା ବୋଲି ତାକୁ ଉତ୍ସାହ ଦେବାପାଇଁ ଏହିଭଳି କୁହା ଯାଉଥିଲା । ତୁଇ ବ୍ରହ୍ମ, ତତ୍ ତ୍ୱଂ ଅସି, ସୋଽହଂ ଇତ୍ୟାଦି ଇତ୍ୟାଦି । ମୁଁ କହିଲି, ଉଦ୍ଦେଶ୍ୟ ଯାହା ଥାଉନା କାହିଁକି, ଫଳ ହେଲା ଓଲଟା । ଭାରତବର୍ଷର ଲୋକେ ନିରୁଦ୍ୟମ ହୋଇ ରହିଗଲେ ।"

ମାତ୍ର ଏକଦା ସବୁ ଅନ୍ୟ ପ୍ରକାରର ଥିଲା, ସରକାର ଭିତରେ ରହି କିଛି ହୋଇ ପାରିବନାହିଁ ବୋଲି ଯେତେବେଳେ ଶ୍ରୀ ଚୌଧୁରୀଙ୍କର ହୃଦବୋଧ ହୋଇଥିଲା, ସେତେବେଳେ ସେ ବିନୋବାଜୀଙ୍କର ଭୂଦାନ ଆନ୍ଦୋଳନ ଦ୍ୱାରା ଇପ୍‌ସିତ ପରିବର୍ତ୍ତନ ହୋଇପାରିବ ବୋଲି ବିଶ୍ୱାସ କରିବାକୁ ଆରମ୍ଭ କଲେ । ବିନୋବାଙ୍କ କାର୍ଯ୍ୟକ୍ରମ ତାଙ୍କର କ୍ଲାନ୍ତ ହୋଇ ଆସୁଥିବା ବିଶ୍ୱାସକୁ ପୁନରୁଜ୍ଜୀବିତ କରି ପାରିଥିଲା । ଶ୍ରୀ ନୀଳ-ମଣି ରାଉତରାୟ ତାଙ୍କର ଆତ୍ମଜୀବନୀରେ ଲେଖିଛନ୍ତି (ପୃଷ୍ଠା- ୨୬୭) : "ବିନୋବାଜୀଙ୍କ ଆଦର୍ଶରେ ନବବାବୁ ଏଭଳି ଭାବରେ ଅନୁପ୍ରାଣିତ ହୋଇଥିଲେଯେ, ସେ ବିନୋବାଜୀ-ଙ୍କର ଗୋଟିଏ କାଠପ୍ରତିମୂର୍ତ୍ତି କରି ବେଳେବେଳେ ତାକୁ କାଖରେ ଧରି ବୁଲୁଥିଲେ ।"

Digitized by srujanika@gmail.com

ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ସମୁଦାୟ କେତେଜଣ ରାଜନୀତିକ ଲୋକଙ୍କୁ ନେଇ ୧୯୫୩ ମସିହାରେ ବିହାରର ଚାଣ୍ଡିଲଠାରେ ହେଉଥିବା ସର୍ବୋଦୟ ବାର୍ଷିକ ସମ୍ମିଳନୀରେ ଯୋଗ ଦେବାକୁ ଯାଇଥିଲେ । ବିନୋବାଜୀ ଓ ଜୟପ୍ରକାଶଙ୍କର ଉପସ୍ଥିତିରେ ଓଡ଼ିଶାରେ ଭୂଦାନ ତଥା ଗ୍ରାମଦାନ କାର୍ଯ୍ୟକ୍ରମର ଆଲୋଚନା ହେଉଥିବା ବେଳେ ଶ୍ରୀ ଚୌଧୁରୀ 'ତାଙ୍କପରି ଯେଉଁମାନେ ସରକାରରେ ଅଛନ୍ତି, ସେମାନେ କଣ କରିପାରିବେ ବୋଲି ବିନୋବାଜୀ ଆଶା କରୁଛନ୍ତି,' ଏକଥା ତାଙ୍କୁ ପଚାରିଲେ । ବିନୋବାଜୀ ଉତ୍ତର ଦେଇଥିଲେ ଯେ, ଭୂଦାନ ଆନ୍ଦୋଳନ ଫଳରେ ଉପଯୁକ୍ତ ଲୋକମତ ସୃଷ୍ଟି ହେଲେ ସରକାର ଶେଷରେ 'ସମାପ୍ତମ୍' ଲେଖିବାପାଇଁ ଆଇନ୍ କରିବେ ।

ଏହି ଘଟଣାର ଅବ୍ୟବହିତ ପୂର୍ବରୁ ୧୯୫୨ ମସିହାରେ ଅନୁଗୁଳ ନିକଟବର୍ତ୍ତୀ ଗୋଟିଏ ଗାଆଁରେ ରାଜ୍ୟର ରଚନାତ୍ମକ କର୍ମୀମାନଙ୍କର ବାର୍ଷିକ ସମ୍ମିଳନୀରେ ସରକାରଙ୍କ ପ୍ରତି ସର୍ବୋଦୟ କର୍ମୀମାନଙ୍କର ଦୃଷ୍ଟିଭଙ୍ଗୀ ବିଷୟରେ ଯେଉଁ ପ୍ରସ୍ତାବ ଗୃହୀତ ହୋଇଥିଲା, ସେଥିରେ ଥିଲା : "ବର୍ତ୍ତମାନର ଶାସନବ୍ୟବସ୍ଥାକୁ ବଦଳାଇବାକୁ ପଡ଼ିବ । ପାଠୁଆ ମଧ୍ୟବିତ୍ତ ଶ୍ରେଣୀର ଆଧିପତ୍ୟ ନକମିବା ପର୍ଯ୍ୟନ୍ତ ଓ ବିକେନ୍ଦ୍ରିତ ଶାସନବ୍ୟବସ୍ଥା ଚାଲୁ ନହେବା ପର୍ଯ୍ୟନ୍ତ ଜନସାଧାରଣଙ୍କର ଦୁଃଖ ଯିବନାହିଁ ଏବଂ"... "ଏଥିନିମନ୍ତେ ସେବକମାନଙ୍କୁ ବିନୋବାଜୀଙ୍କ ଭାଷାରେ "କଥାରେ ନିଷେଧ ଓ କାର୍ଯ୍ୟରେ ସତ୍ୟାଗ୍ରହ" ପନ୍ଥା ଧରିବାକୁ ହେବ । କହିବା ବାହୁଲ୍ୟ, ସ୍ୱୟଂ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଚୌଧୁରୀ ସେଠାରେ ଉପସ୍ଥିତ ଥିଲେ । ଏସବୁ ସତ୍ତେଅବା କେବଳ ପ୍ରସ୍ତାବ ଭିତରେ ହିଁ ରହିଗଲା । ଶ୍ରୀଯୁକ୍ତ ଚୌଧୁରୀ ନିଜ ବିବେକ ଦ୍ୱାରା ଟାଣିହୋଇ ବାହାରକୁ ଆସିଲେ, ସମ୍ଭବତଃ ସେ ନିଜର ମୁକ୍ତିବିଧାନ କଲେ । ସରକାର ବଦଳିଲା ନାହିଁ, କାରଣ ଜନମତ ଜାଗ୍ରତ ହେଲନାହିଁ । ତେଣୁ 'ସମାପ୍ତମ' ବୋଲି କହିବାର ଅବସର ମଧ୍ୟ ଫସରଫାଟି ଗଲା । ସରକାରଙ୍କ ସହିତ କଥାରେ ନିଷେଧ ଓ କାର୍ଯ୍ୟରେ ସତ୍ୟାଗ୍ରହର ନିଷ୍ପତ୍ତିଟି ମଧ୍ୟ କୁଆଡ଼େ ଗଲା ? ଶେଷରେ ଏପରି ହେଲା ଯେ ବିନୋବାଜୀ ଜରୁରୀ ଅବସ୍ଥାକୁ ନିଜର ଆଶୀର୍ବାଦ ପ୍ରଦାନ କଲେ ଏବଂ ସତେଅବା ନିଜର 'ସମାପ୍ତମ' କୁ ଘୋଷଣା କଲେ ।

ଜନଚେତନାର ଜାଗରଣ ଘଟାଇବା,— ଶ୍ରୀଯୁକ୍ତ ଚୌଧୁରୀ ଭୂଦାନ ଆନ୍ଦୋଳନ ମଧ୍ୟକୁ ଆସିବା ପଛରେ ସମ୍ଭବତଃ ତାହା ହିଁ ମୁଖ୍ୟ ଉଦ୍ଦେଶ୍ୟ ହୋଇ ରହିଥିଲା । ଭୂଦାନ ଆନ୍ଦୋଳନ ବିଷୟରେ ନିଜର ମୋହଭଙ୍ଗ ହେବା ପରେ ମଧ୍ୟ ସେ ସେହି ଉଦ୍ଦେଶ୍ୟରେ ଯାହାକିଛି ନିଜେ କର୍ମକ୍ଷମ ଥିବା ପର୍ଯ୍ୟନ୍ତ କରିବେ ବୋଲି ଆଶା

Digitized by srujanika@gmail.com

କରୁଥିଲେ । ଏବଂ, ଜନଚେତନାକୁ ଜାଗ୍ରତ କରିବାର ଲକ୍ଷ୍ୟରେ ତାଙ୍କର ଚତୁର୍ଦ୍ଦିଗରେ ସେତେବେଳେ ଯାହାକିଛି ଉଦ୍ୟମ ହେଉଥିଲା ତାକୁ ଦେଖି ସେ ଅତ୍ୟନ୍ତ ଆଶାସ୍ଥୀ ହୋଇ ପଡ଼ୁଥିଲେ । ରାଜକନିକା ଅଗ୍ନିଯୁଗ ଆଶ୍ରମର ଶ୍ରୀଯୁକ୍ତ ପ୍ରଫୁଲ୍ଲ ଦାସଙ୍କୁ ଲିଖିତ ୩ । ୯ । ୧୭୦ର ଗୋଟିଏ ପତ୍ରରେ ଲେଖିଥିଲେ : 'ଯେଉଁ ରାଜନୀତିକ ଦଳଗୁଡ଼ିକ ପାର୍ଲାମେଣ୍ଟାରି ରାଜନୀତିରେ ପଙ୍କରେ ପଡ଼ିଲା ପରି ପଡ଼ି ଯାଇଛନ୍ତି,-ଗୋଡ଼ ତଳକୁ ତଳ ଯାଉଛି ଯାହାଙ୍କର, 'କଂଗ୍ରେସ ହଟାଓ' ହପ୍ ଧାରେ ଖୁବ୍ ତାଙ୍କ ସାଙ୍ଗରେ ମାତିଲି । ମାତିଲି ବୋଲି ମୋ'ର ଦୁଃଖ ନାହିଁ । କିନ୍ତୁ ତା'ପରେ ଗୋଟାଏ ସତକୁ ସତ ବୈପ୍ଳବିକ ଆନ୍ଦୋଳନ ଆରମ୍ଭ ହେବ ଆଶା କରିଥିଲି । ତଥାକଥିତ ବାମପନ୍ଥୀ ସାମ୍ମୁଖ୍ୟ ଗଢ଼ାଗଲା-ମିଳିତ ଭାବରେ ସଂଗ୍ରାମ ଚଳାଇବେ -ଲୋକସଭା ବିଧାନସଭା ବାହାରେ ଆଶା କରିଥିଲି । ସମ୍ପୂର୍ଣ୍ଣ ନିରାଶ ହୋଇଛି ।

"ତା'ପରେ, ଦେଶବ୍ୟାପୀ ନୈରାଶ୍ୟ, ହତାଶା ଓ ଅତି ତୁଚ୍ଛ ସ୍ୱାର୍ଥାନ୍ୱେଷୀ ସୁବିଧାବାଦ ଯେତେବେଳେ ଦେଶକୁ ଘୋର ଅନ୍ଧକାରରେ ମାଡ଼ିଦେବାକୁ ବସିଲା, ସେତେବେଳେ ଆଉ କିଛି ନୁହେଁ, କେବଳମାତ୍ର ସାଙ୍କେତିକ ବିପ୍ଳବର-ମାନବାତ୍ମାର ବିଦ୍ରୋହର-ନିଆଁ ଜଳିଲେ ତଥାକଥିତ ନକ୍ସଲପନ୍ଥୀ ମାନେ । ସେଥିରେ ନଥିଲା ବୁଦ୍ଧି, ନଥିଲା ଆଗପଛ ବିଚାର-କେବଳମାତ୍ର ତାରୁଣ୍ୟର ଅନ୍ଧ ବିଦ୍ରୋହ । ଆଉ କିଛି ହେଉ ନହେଉ, ଲୋକଙ୍କର ସାମାନ୍ୟ ଚେତା ପଶିଲା । ପାର୍ଲାମେଣ୍ଟାରି ରାଜନୀତି ଫିକା ପଡ଼ିଗଲା । ଆମ ସର୍ବୋଦୟବାଲାଙ୍କ ଗ୍ରାମଦାନ ନାମସଂକୀର୍ତ୍ତନ ମଧ୍ୟ କାଳ ସାଙ୍ଗରେ ତାଳ ଦେଇ ପାରିଲାନାହିଁ । କିନ୍ତୁ ଅସଲ ପ୍ରଶ୍ନ ହେଉଛି ଚେତନାକୁ କାର୍ଯ୍ୟ-କାରୀ କରାଯିବ କିପରି ? ଏହି ପ୍ରଶ୍ନ ଏଡ଼େ କଠିନ ପ୍ରଶ୍ନ ଯେ ଏହାର ସାମନାରେ ନକ୍ସାଲପନ୍ଥୀ ମାନଙ୍କ ବୁଦ୍ଧି ବଣା ହେଲାଣି । ......ମୋର ବିଶ୍ୱାସ, ଭାରତର ତରୁଣ-ସେ ଯେଉଁ ରାଜନୀତିକ ଦଳରେ ଥାଉ ନା କାହିଁକି ବା ଦଳମୁକ୍ତ ହୋଇଥାଉ ନା କାହିଁକି—ଯେତେବେଳେ ଏହିପରି ଆତୁର ହୋଇ ବାଟ ଖୋଜିବାକୁ ବାହାରିବେ, ସେତେବେଳେ ବାଟ ନିଶ୍ଚୟ ବାହାରିବ ।—ଭାରତୀୟ ବିପ୍ଳବ ବାଟରେ ଅଟକି ଯାଇଛି—ତାହା ଆଗକୁ ପୁଣି ଆଗେଇ ଚାଲିବ ।"

ଆତ୍ମ—ପରିଚୟକ ଆଉଗୋଟିଏ ପୋଷ୍ଟକାର୍ଡ଼ରେ ସେହି ପ୍ରଫୁଲ୍ଲ ଦାସଙ୍କ ପାଖକୁ ସେ ୨ । ୭ । ୭୪ରେ ଲେଖିଥିଲେ : "ମୁଁ ତ ଗାନ୍ଧୀ ଓ ଲେନିନ୍ଙ୍କ ଜୀବନ ଓ ବିଚାରଦ୍ୱାରା ପ୍ରଭାବିତ—ତେଣୁ ଅଗ୍ନିଯୁଗର ବିଗ୍ରହକୁ ଆପଣାର କରି ପାରିନାହିଁ । ଗାନ୍ଧୀ ଓ ଲେନିନ୍ ଉଭୟେ ସଂନ୍ତ୍ରାସବାଦର ଘୋର ବିରୋଧୀ ଥିଲେ । ଜଣେ ଅହିଂସ-ଗ୍ରାମୀନ ଆଉଜଣେ ସଶସ୍ତ୍ର ଗଣବିପ୍ଳବର ପୁରୋଧା ଥିଲେ । ଏବେ ବି ଭାବୁଛି ଗଣବିପ୍ଳବ

Digitized by srujanika@gmail.com

ହିଁ ଏକମାତ୍ର ପନ୍ଥା—ଅହିଂସା କି ହିଂସା ତାହା ଆଗରୁ ନିଷ୍ପତ୍ତି କରିବା ଭୁଲ।······ ଆମେ ଲୋକଙ୍କୁ ସଚେତନ ହେବାରେ ସହାୟକ ହେବା।······ମୁଁ ଶେଷ ଜୀବନରେ ଏହି ସାଧନାରେ ସମସ୍ତ ଶକ୍ତି ନିୟୋଗ କରୁଛି''। ସେହି ୧୯୭୪ରେ ତାଙ୍କ ପାଖକୁ ଲିଖିତ ଆଉଗୋଟିଏ ଚିଠିରେ : 'ନିଜ ଜୀବନର ବ୍ୟର୍ଥତା ମନେ ପଡୁଛି।—ମୁଁ ସେଥିପାଇଁ ସମସ୍ତଙ୍କ ଆଗରେ ଠିଆ ହୋଇ ବଡ଼ ବଡ଼ କଥା କହିବା ଆଦୌ ସମ୍ଭବ ହେଉନାହିଁ। 'ମୃତ୍ୟୁନା ଗୃହୀତ ଇବ କେଶେଷୁ' ମୁଁ ବଞ୍ଚିବାକୁ ଚେଷ୍ଟା କରୁଛି।··· ମୁଁ ଶେଷ ଜୀବନର ସଙ୍ଗୀ ଖୋଜୁଛି। ସାଧାରଣ ଲୋକଙ୍କୁ ପ୍ରାଣ ଭରି ଭଲ ପାଇ ପାରିବେ ଓ ତାଙ୍କର ସୁପ୍ତ ଚେତନାକୁ ଜାଗ୍ରତ କରି ପାରିବେ ଏବଂ ସେଥିପାଇଁ ନିଜଭିତରେ ଯୁଗଯୁଗର ସଞ୍ଚିତ କୁସଂସ୍କାର କୁସଂସ୍କୃତି ଯୋଗୁଁ ଆମେମାନେ ଯେ ଲୋକଙ୍କ ସାଙ୍ଗରେ ନିଜକୁ ମିଶାଇଦେଇ ପାରୁନାହୁଁ ସେକଥା ଭଲ ଭାବରେ ବୁଝି ପାରୁଥିବେ, ଏପରି ସାଥି ମୁଁ ଖୋଜୁଛି।' ସେ ଚମ୍ପତମୁଣ୍ଡା ଜୀବନ-ବିଦ୍ୟାଳୟରୁ ଏହି ଚିଠି ଲେଖିଥିଲେ।

ଶ୍ରୀଯୁକ୍ତ ପ୍ରଫୁଲ୍ଲ ଦାସଙ୍କ ଦ୍ୱାରା ଲିଖିତ 'ଅଗ୍ନିଯୁଗର ଆହ୍ୱାନ' ପୁସ୍ତକରେ ଶ୍ରୀ ଚୌଧୁରୀ ଲେଖିଥିବା ମୁଖବନ୍ଧରେ ମଧ୍ୟ ସେହି ପରିବାଦ ବିଲୋକନ ଏବଂ ସେହି ଶୋଚନା: 'ଅତି ଅଳ୍ପ ବୟସରେ ଅଗ୍ନି ଯୁଗର ଆହ୍ୱାନରେ ମୋର ମୋହନିଦ୍ରା ଭାଙ୍ଗିଥିଲେ ମଧ୍ୟ ମୋର ସବୁବେଳେ ମନେହୁଏ ଜୀବନଟା ଏକପ୍ରକାର ବ୍ୟର୍ଥ ଗଲା। ଆଜି ଦେଶରେ ଇଂରେଜମାନଙ୍କର ପ୍ରଭୁତ୍ୱ ନାହିଁ, ଇଂରେଜମାନଙ୍କ ଛତ୍ରଛାୟା ତଳେ ସାମନ୍ତବାଦୀ ରାଜାଜମିଦାରମାନେ ଯେଉଁ ମଧ୍ୟଭଳିଆ ପ୍ରଭୁତ୍ୱ ବିସ୍ତାର କରିଥିଲେ, ତାହା ମଧ୍ୟ ଯାଇଛି; ତଥାପି ଦେଶର ଖଟିଖିଆ ଜନସାଧାରଣ ସାମାଜିକ ଓ ଆର୍ଥିକ ଦାସତ୍ୱରୁ ନିଜକୁ ମୁକୁଳାଇ ପାରିନାହାନ୍ତି।'ଲକ୍ଷ୍ୟ ସବୁବେଳେ ସେଇ ଗୋଟିଏ ହୋଇରହିଥିଲା। ସେଇଥି ପାଇଁ ସେ ସମାଜବାଦୀ ହୋଇଥିଲେ, ସ୍ୱାଧୀନତା ପରେ ସମାଜବାଦୀ ସାଥୀମାନଙ୍କୁ ଛାଡ଼ି କଂଗ୍ରେସ ଭିତରକୁ ଆସିଥିଲେ ଓ ଗାଦୀରେ ଯାଇ ବସିଥିଲେ। ଏବଂ ସେଇଥିଲାଗି ସେ ଭୂଦାନ ଓ ସର୍ବୋଦୟ ଆନ୍ଦୋଳନରେ ଯାଇ ଯୋଗ ଦେଇଥିଲେ। ମାତ୍ର, ଭିତରୁ କେଉଁ ପ୍ରତ୍ୟୟ ପାଇଥିବାରୁ ଯେ ସେ ପ୍ରଥମ ସୋପାନରେ ନିଜର ସମାଜବାଦୀ ସାଥୀମାନଙ୍କୁ ବର୍ଜନ କରି କଂଗ୍ରେସୀ ରାଜନୀତିରେ ଆସି ସାମିଲ୍ ହୋଇଥିଲେ, ସେହି କଥାଟିକୁ ସେ କେବେହେଲେ କାହାକୁ କହି ନାହାନ୍ତି। ତଥାପି ତାହାହିଁ ସତେ ଯେପରି ଏକାବେଳେକେ ଶେଷ ପର୍ଯ୍ୟନ୍ତ ତାଙ୍କ ପ୍ରାଣଉପରେ ଗୋଟିଏ ଘାଆ ହୋଇ ରହିଥିଲା। ଜଗତଯାକ ସାମ୍ୟବାଦ କହିଲେ ଚିରଦିନ ଯେଉଁ ମାନବିକ ଲକ୍ଷ୍ୟଗୁଡ଼ିକୁ ବୁଝାଇ ଆସିଛି, ଶ୍ରୀ ଚୌଧୁରୀ ସବୁ ଋତୁରେ ଏବଂ ସବୁ ମଞ୍ଚରେ ଯେପରି ତାହାକୁ ହିଁ ଖୋଜି ବୁଲୁଥିଲେ।

□ □ □

Digitized by srujanika@gmail.com

୭ । ବ୍ୟକ୍ତିତ୍ୱ

ଆଧୁନିକ ଓଡ଼ିଶାର ରାଜନୀତିରେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କର ବ୍ୟକ୍ତିତ୍ୱ ବିଷୟରେ ଯେତେ କାହାଣୀ ତାଙ୍କ ସମ୍ପର୍କରେ ଆସିଥିବା ଅନ୍ୟ ମଣିଷମାନଙ୍କର ମୁଖରେ ରହିଛି, ତାଙ୍କ ବ୍ୟତୀତ ଆଉ ଅନ୍ୟକାହାର କ୍ଷେତ୍ରରେ ଏତେ କାହାଣୀ କେବେହେଲେ ଶୁଣିବାକୁ ମିଳେନାହିଁ । ସମ୍ଭବତଃ କେବଳ ଶ୍ରୀ ଗୋପବନ୍ଧୁ ଦାଶ ଏହିଭଳି ଏକମାତ୍ର ବ୍ୟକ୍ତି ହେବେ, ଯିଏ କି ଶ୍ରୀ ଚୌଧୁରୀଙ୍କୁ ଏହି କ୍ଷେତ୍ରରେ ଆଗକୁ ଟପିଯାଇ ପାରିବେ । ଏହାର ସର୍ବପ୍ରଧାନ କାରଣ ହେଉଛି ଯେ, ଶ୍ରୀଯୁକ୍ତ ଚୌଧୁରୀ ଅନ୍ୟମାନଙ୍କ ଭଳି ନଥିଲେ । ଅର୍ଥାତ୍, ରାଜନୀତି ଭିତରେ ସାଧାରଣତଃ ଯେଉଁଭଳି ବ୍ୟକ୍ତିମାନେ ରହିଥାନ୍ତି ଏବଂ ଆହୁରି ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ ଶ୍ରୀ ଚୌଧୁରୀଙ୍କର ସମସାମୟିକ ଅନ୍ୟମାନେ, ବିଶେଷତଃ ବରିଷ୍ଠମାନେ ଏବଂ ଗରିଷ୍ଠମାନେ ଆପଣାର ବ୍ୟକ୍ତିତ୍ୱ କ୍ଷେତ୍ରରେ ସାଧାରଣତଃ ଯେଉଁ ପରିଚୟ ଦେଉଥିଲେ, ଶ୍ରୀ ନବକୃଷ୍ଣ ଚୌଧୁରୀ ସେଗୁଡ଼ିକ ଭିତରେ ଏକାବେଳେକେ ଅନ୍ୟ ପ୍ରକାରର ହୋଇ ରହୁଥିଲେ, ତେଣୁ ଭାରି ବାରି ହୋଇ ପଡ଼ୁଥିଲେ, ଭାରି ଆକୃଷ୍ଟ କରୁଥିଲେ । ସମସ୍ତେ ଆପଣାକୁ ଅଧିକରୁ ଅଧିକ ଦେଖାଇ ହେଉଥିଲେ, ଆପଣାକୁ ସତେଅବା କେତେ ଅପରିହାର୍ଯ୍ୟ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରୁଥିଲେ । ଶ୍ରୀଯୁକ୍ତ ଚୌଧୁରୀ ଆପଣାକୁ ସ୍ୱାଭାବତଃ ଲୁଚାଇ ରଖୁଥିଲେ, ଆଉ ଜଣେ ତାଙ୍କୁ ଆବିଷ୍କାର ନକରିବା ପର୍ଯ୍ୟନ୍ତ ସେ ନିଜେ ଆବିଷ୍କୃତ ହେବାଲାଗି ପ୍ରାୟ କୌଣସି ସରାଗ ଦେଖାଉ ନଥିଲେ । ଅନ୍ୟମାନେ ସତେଅବା ନିଜକୁ ଜାହିର କରିବେ ବୋଲି ବକି ବକି ଶୁଣୁଥିବା ଲୋକମାନଙ୍କୁ କ୍ଳାନ୍ତ କରି ପକାଉଥିଲେ; ଆବଶ୍ୟକ ବା ଅନୁରୋଧ ନହେବା ପର୍ଯ୍ୟନ୍ତ ଶ୍ରୀଯୁକ୍ତ ଚୌଧୁରୀ ହୁଏତ ପଦେ ବି କଥା କହୁନଥିଲେ । ଅନ୍ୟମାନଙ୍କ ତୁଳନାରେ ସେ ସର୍ବଦା ଦଶଗୁଣ ଅଧିକ ଉତ୍ସାହରେ ଶୁଣୁଥିଲେ ।

ଯାହାର ଯଥାର୍ଥରେ କିଛି କହିବାର ଥାଏ, ସଚରାଚର ସେଇ ଅଧିକ ଶୁଣେ, ସେଇ ନିଜ[illegible]ରେ ଓ ମନ[illegible] କରେ । ନିଜର ମତକୁ ସେ କଦାପି ଅନ୍ୟମାନଙ୍କ ଉପରେ ଲଦିଦେବାକୁ ଇଚ୍ଛା କରୁନଥାଏ । ତା'ର ମତକୁ ଯେତ ଏକ ମତ ରହିଥାଏ ବୋଲି ସେ ଅନ୍ୟମାନଙ୍କର ମତ ତଥା ଅନ୍ୟମାନଙ୍କର କଥାକୁ ସମ୍ମାନ ଦିଏ । ତା' ମତ ତୁଳନାରେ ଏକାବେଳକେ ଓଲଟା ପରି ମନେ ହେଉଥିବା ମତଗୁଡ଼ିକୁ ମଧ୍ୟ

Digitized by srujanika@gmail.com

ସମ୍ମାନ ହଏ । ସାନ ବଡ଼ କୌଣସି ବାଛ ବା ବିଗ୍ଚାର କରେନାହିଁ । ଏଭଳି ବ୍ୟକ୍ତିମାନଙ୍କର ସମ୍ପର୍କରେ ଆସିଲେ ବା ସେମାନଙ୍କ ସହିତ କଥା କହିବାର ସୁଯୋଗ ପାଇଲେ ପ୍ରକୃତରେ ନିଜପ୍ରତି ମଧ୍ୟ ସମ୍ମାନବୋଧ ଜାତ ହୁଏ । ଶ୍ରୀ ନବକୃଷ୍ଣ ଚୌଧୁରୀ ସର୍ବଦା ଏହିଭଳି ପ୍ରେରଣାମାନ ଦେଉଥିଲେ । ମନେ ହେଉଥିଲା ଏଭଳି ଜଣେ ମଣିଷର ସମ୍ଭବତଃ ରାଜନୀତି ଭିତରକୁ ଆସିବା ଆଦୌ ଉଚିତ ନଥିଲା । ମାତ୍ର, ଠିକ ଏହିଭଳି ମନୁଷ୍ୟମାନଙ୍କୁ ଯେ ରାଜନୀତି କଦାପି କଳୁଷିତ କରି ପାରେନାହିଁ, ସେତେବେଳେ ହୁଏତ ସେକଥାଟି ଭୁଲିହୋଇ ଯାଉଥିଲା । ଭିତରେ ଟାଣୁଆ ବିବେକଟା ଥାଇ କହୁଥିଲା, ଏହିଭଳି ବ୍ୟକ୍ତିମାନଙ୍କର ହିଁ ରାଜନୀତି ଭିତରକୁ ଆସିବା ଉଚିତ । ଏହିମାନେ ହୁଏତ ରାଜନୀତିକୁ ସମ୍ଭାଳି ପାରିବେ, ତାହାର ଦୁଇଶିଙ୍ଗକୁ ଧରି ତାହାକୁ ମନୁଷ୍ୟର ଅଭିବୃଦ୍ଧି ଓ ଅଗ୍ରଗତି ଲାଗି କାମରେ ଲଗାଇ ପାରିବେ, ରାଜନୀତିକୁ ସଂପୂର୍ଣ୍ଣ ଏକ ନୂଆ ପ୍ରସ୍ଥ ଆଣି ଦେଇପାରିବେ ।

ଶ୍ରୀଯୁକ୍ତ ଚୌଧୁରୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଗୋଟିଏ ସଭାରେ ଭାଷଣ ଦେଇ ରାଜ୍ୟ ମୋସିଆଲିଷ୍ଟ ଇଉନିଟି ସେଣ୍ଟର୍‌ର ସମ୍ପାଦକ କହିଥିଲେ : "୧୯୬୪ ମସିହାରେ ତାଙ୍କୁ ପ୍ରଥମେ ଦେଖି ସାମାନ୍ୟ କଥାବାର୍ତ୍ତା ପରେ ମୋର ମନେ ହୋଇଥିଲା, ସେ ଜଣେ ଭାରତୀୟ ଋଷି, ଯାହାଙ୍କ ମନ ସମସ୍ତ ପ୍ରକାର ଆଧୁନିକ ଚିନ୍ତା, ଭାବନା ଓ ଆଦର୍ଶ ଗ୍ରହଣ କରିବାକୁ ପ୍ରସ୍ତୁତ । ତାଙ୍କ ସାଙ୍ଗରେ ଯେତେ ମିଶିବାର ସୁଯୋଗ ପାଇଛି, ମୋର ଏହି ଧାରଣା ସେତେ ବଦ୍ଧମୂଳ ହୋଇଛି ।" ଶ୍ରୀ ଚୌଧୁରୀଙ୍କୁ ଭାରତୀୟ ଋଷି ବୋଲି ଆଖ୍ୟାତ କରିବାକୁ ଖୁବ୍ ସମ୍ଭବ ଶ୍ରୀ ଚୌଧୁରୀ ନିଜେ ମଧ୍ୟ ପସନ୍ଦ କରିନଥାନ୍ତେ । ସଂସାରକୁ ଅଳୀକ ଓ ଅଯୋଗ୍ୟ ଭାବି ଭାରତର ଋଷିମାନେ ସଂସାର ଛାଡ଼ି ଅରଣ୍ୟକୁ ଚାଲି ଯାଉଥିଲେ । ଶ୍ରୀଯୁକ୍ତ ଚୌଧୁରୀ ପଳାଇ ଯିବାର ମଣିଷ ନଥିଲେ । ସିଏ ଏହି ଧୂଳିଭିତରେ ଥିଲେ ଓ ଧୂଳିରେ ବାସ କରୁଥିବା ମଣିଷକୁ ଭଲ ପାଉଥିଲେ । ସେହି ମଣିଷର କାମରେ ଲାଗିବାକୁ ହିଁ ସେ ଆପଣା ଜୀବନର ସର୍ବବୃହତ୍ ଗୌରବ ବୋଲି ଅନୁଭବ କରୁଥିଲେ । ବେଳେବେଳେ ବାହାରେ ଯେଉଁଭଳି ଦେଖା ଯାଇଥାନ୍ତୁ ପଛକେ, ମନ ଭିତରେ ସେ କେବେହେଲେ ଉଦାସୀନ ନଥିଲେ । କେବେହେଲେ ଉଚ୍ଚରେ ଦୂରଛଡ଼ା ହୋଇ ରହିବାକୁ ଭଲ ପାଉନଥିଲେ । ସଂସାରରୁ ବିଦାୟ ନେଇ ଯିବା ପର୍ଯ୍ୟନ୍ତ କେବଳ ସଙ୍ଗୀ ହିଁ ଖୋଜୁଥିଲେ ।

ଶ୍ରୀଯୁକ୍ତ ଚୌଧୁରୀଙ୍କର ରାଜନୀତିଠାରୁ ତାଙ୍କର ବ୍ୟକ୍ତିତ୍ୱ ହିଁ ସତେ ତାଙ୍କ ସହିତ ସମ୍ପର୍କରେ ଆସୁଥିବା ବ୍ୟକ୍ତିମାନଙ୍କର ଅଧିକ ନଜରରେ ପଡ଼ୁଥିଲା । ଆଗ ମଣିଷ, ତାପରେ ରାଜନୀତି—ଏହି ଜୀବନ ଦୃଷ୍ଟିଟିକୁ ଆମେ ହୁଏତ ସବୁ କ୍ଷେତ୍ରରେ କାମ୍ୟ ବୋଲି କହି ପାରିବାନାହିଁ । ଏହି ମଣିଷପାଇଁ ହିଁ ରାଜନୀତି, ମଣିଷକୁ, ସବୁ ମଣିଷଙ୍କୁ

Digitized by srujanika@gmail.com

ଯଥାସମ୍ଭବ ଅଧିକ ଶୁଭ ଏବଂ ଅଧିକ ସୁଯୋଗରେ ଭାଗୀ କରାଇବାକୁ ହିଁ ଯଥାର୍ଥ ଯାବତୀୟ ରାଜନୀତି ପ୍ରଚେଷ୍ଟା କରିଥାଏ । ତେଣୁ ରାଜନୀତି ଭିତରେ ରହି ରାଜନୀତିକୁ ପଶ୍ଚାଦ୍‌ଭାଗକୁ ଠେଲିଦେଇ ଯଦି ଜଣେ ମନୁଷ୍ୟ ମୁଖ୍ୟତଃ ସଜ୍ଜନଟିଏ ହୋଇ ରହିବାକୁ ହିଁ ସବାଆଗ ମନ କରେ, ତେବେ ତାଦ୍ୱାରା ରାଜନୀତିର କ୍ଷତି ହୁଏ ଏବଂ ରାଜନୀତିର କ୍ଷତି ହେବାରୁ ମନୁଷ୍ୟମାନଙ୍କର ମଧ୍ୟ ପ୍ରଭୂତ କ୍ଷତି ହୁଏ । ଯୁଗ ଅଟକି ରହିଯାଏ, ଅତ୍ୟାବଶ୍ୟକ ପରିବର୍ତ୍ତନମାନ ଅବହେଳିତ ହୋଇ ରହିଯାଆନ୍ତି । ସଜ୍ଜନ ଚତୁର-ମାନଙ୍କର ସଭାରେ କେତେ ନା କେତେ ପ୍ରଶଂସା ପାଉଥାଏ ଏବଂ ଏଣେ ନିଜ ଭିତରେ ତା'ଦ୍ୱାରା କିଛି ହୋଇ ପାରିଲା ନାହିଁ ବୋଲି ବିମର୍ଷ ଏବଂ ବିକ୍ଷୁବ୍ଧ ହୋଇ ରହି-ଥାଏ । ନିଜ ଭିତରେ ବହୁତ ଦୁଃଖ ପାଉଥାଏ । ଶ୍ରୀ ନବକୃଷ୍ଣ ଚୌଧୁରୀ ନିଜ ଭିତରେ ସର୍ବଦା ଭାରି ଦୁଃଖିତ ଏବଂ ବିପର୍ଯ୍ୟସ୍ତ ହୋଇ ରହିଥିଲେ ।

୧୯୩୦ ମସିହାର ଅସହଯୋଗ ଆନ୍ଦୋଳନ ସମୟରେ ବିଲାତିଲୁଗା ଦୋକାନ ଏବଂ ମଦ ଦୋକାନ ଆଗରେ ପିକେଟିଂ କରି ଯେଉଁ ଅଳ୍ପବୟସ୍କ ପିଲା-ମାନେ କାରାବରଣ କରୁଥିଲେ, କଟକ ଜେଲ୍‌ରେ ସେମାନଙ୍କୁ ଅଲଗା କରି ନାବାଳକ ଓ୍ୱାର୍ଡ଼‌ରେ ରଖା ଯାଉଥିଲା । ସେମାନଙ୍କ ସହିତ ନବକୃଷ୍ଣ ଚୌଧୁରୀ ମଧ୍ୟ ଥାଆନ୍ତି । ଏହି ଶ୍ରେଷ୍ଠ ପିଲାମାନଙ୍କୁ ତାଙ୍କର ଦାୟିତ୍ୱରେ ରଖା ଯାଇଥାଏ । ଗୋଟିଏ ଲମ୍ବା ଘରଭିତରେ ସେଠି ସମସ୍ତେ କମ୍ବଳ ପାରି ଶୁଅନ୍ତି । ସେମାନଙ୍କ ଭିତରୁ କେତେ ପିଲାଙ୍କର ଦେହରେ କାଛୁ କୁଣ୍ଡିଆ ଭର୍ତ୍ତି ହୋଇଥାଏ । ନବବାବୁଙ୍କର ତତ୍ତ୍ୱାବଧାନରେ ଏକ ନିର୍ଦ୍ଦିଷ୍ଟ ଦୈନନ୍ଦିନ ଶୃଙ୍ଖଳା ଅନୁସାରେ ସମସ୍ତ ଚଳୁଥାଆନ୍ତି, ଲୁହା ଥାଳୀରେ ଲୁହା ଗିନା ବାଡ଼ିଆ ହୋଇ ସକାଳୁ ସମସ୍ତେ ଉଠନ୍ତି, ପ୍ରାର୍ଥନା କରନ୍ତି । ଓ୍ୱାର୍ଡ଼୍ ଖୋଲିବାପରେ ପ୍ରାତଃକର୍ମ ସାରିବାକୁ ବାହାରକୁ ଯାଆନ୍ତି । ସକାଳେ ଲୁହାବାଟିରେ ଜେଲ୍‌ଖେଚୁଡ଼ି ଜଳଖିଆ ହୁଏ । ଯେଉଁ ପିଲାଙ୍କର କାଛୁ ହୋଇଥାଏ, ଶ୍ରୀ ଚୌଧୁରୀ ସେମାନଙ୍କର କାଛୁକୁ ଧୋଇ ସଫା କରିଦିଅନ୍ତି । ଏହି କାର୍ଯ୍ୟରେ ତାଙ୍କୁ ପାଳି ଅନୁ-ସାରେ ଦୁଇଜଣ ପିଲା ସାହାଯ୍ୟ କରନ୍ତି । ମଧ୍ୟାହ୍ନ ଭୋଜନ ପରେ ପିଲାମାନେ ପାଠ ପଢ଼ନ୍ତି ଶ୍ରୀ ଚୌଧୁରୀ ସେମାନଙ୍କୁ ପାଠ ପଢ଼ାନ୍ତି ।

ଖରାବେଳେ ଖାଇସାରି କିଛି ସମୟ ବିଶ୍ରାମ । ତା'ପରେ ସମସ୍ତେ ବାହାରକୁ ଯାଆନ୍ତି । କବାଡି ଓ ବୋହୁଚୋରି ଖେଳ ହୁଏ । ଶ୍ରୀ ଚୌଧୁରୀ ବୋହୂ ହୁଅନ୍ତି, ବେଳେ ବେଳେ ପିଲାଙ୍କ ସହିତ ଏକାଠି ମିଶିଖେଳନ୍ତି । ରାତିରେ ଓ୍ୱାର୍ଡ଼ ବନ୍ଦ ହେବାପରେ ଭୋଜନ ହୁଏ । ଭୋଜନ ପରେ ପ୍ରାର୍ଥନା ହୁଏ ଓ ତା'ପରେ ସମସ୍ତେ ଶ୍ରୀଯୁକ୍ତ ଚୌଧୁରୀଙ୍କୁ ଘେରି କରି ବସନ୍ତି । ଗପ ଶୁଣନ୍ତି । ଗପଛଳରେ ରାଜନୀତି କଥା ମଧ୍ୟ ପଡ଼େ ।

Digitized by srujanika@gmail.com

ମହାତ୍ମା ଗାନ୍ଧୀ କ'ଣ କହୁଛନ୍ତି, ଯେଉଁ ଲକ୍ଷ୍ୟ ହାସଲ କରିବା ସକାଶେ ଦେଶରେ ଆନ୍ଦୋଳନ ଚାଲିଛି, ଇଂରେଜ ସରକାର କିପରି ଭାରତବାସୀଙ୍କୁ ଶୋଷଣ କରୁଛନ୍ତି, ଖୁଦିରାମ କାହିଁକି ଫାଶୀ ପାଇଲେ ସେସବୁ କଥାପଢ଼େ । ସେସବୁ କଥା ପିଲାଙ୍କର ମନେ ରହିଲା କି ନାହିଁ, ସେଥିଲାଗି ତହିଁଆରଦିନ ସେସବୁ ବିଷୟରେ ପିଲାମାନଙ୍କୁ ବକ୍ତୃତା ଦେବାକୁ ହୁଏ । ଏହି ପିଲାମାନେ ଷଷ୍ଠ ବା ସପ୍ତମ ଶ୍ରେଣୀରୁ ସ୍କୁଲ ଛାଡ଼ି ଆନ୍ଦୋଳନରେ ଯୋଗ ଦେଇଥିଲେ । ଶ୍ରୀ ଚୌଧୁରୀ ସେମାନଙ୍କ ଶିକ୍ଷା ଉପରେ ସର୍ବଦା ଜୋର ଦେଉଥିଲେ । ଗାନ୍ଧୀ, ଗୋପବନ୍ଧୁ, ଜବାହରଲାଲ ସମସ୍ତେ ପାଠପଢ଼ି ଏଡ଼େ ବଡ଼ ହୋଇଛନ୍ତି ବୋଲି କହି ସେମାନଙ୍କୁ ପ୍ରେରଣା ଦେଉଥିଲେ । ଏହା ସହିତ ପିଲାମାନଙ୍କୁ ଫ୍ରାନ୍ସ ଓ ରୁଷିଆର ବିପ୍ଳବ ସମ୍ବନ୍ଧରେ ମଧ୍ୟ କାହାଣୀ ଛଳରେ ବହୁତ କଥା କହୁଥିଲେ ।

ଅତି ଅଳ୍ପ ବୟସରୁ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କର ସବୁ ବିଷୟରେ ପ୍ରଖର ଜିଜ୍ଞାସା ରହିଥିଲା । ପୁରୁଣା ଖାନ୍‌ଦାନ୍ ଘରରପିଲା, ସେହି ଘରେ ବଡ଼ମାନେ କେତେ ନିୟମ ଓ ସଂସ୍କାର ମାନୁଥିଲେ । ଶ୍ରୀ ଚୌଧୁରୀ ଅଦୌ କାରଣ ନଜାଣି କିଛି ମାନିନେବାକୁ ରାଜି ହେଉନଥିଲେ । ଚନ୍ଦ୍ରଗ୍ରହଣ ଲାଗୁଥିବା ଦିନ ଘରେ ହାଣ୍ଡି ଛାଡ଼ ହୋଇ ଯାଉଥିଲା । ଦାଦି ଶ୍ରୀ ଚୌଧୁରୀ 'ଚାଲ, ଖାଇକରି ଦେଖିବା କଣ ହେଉଛି' କହି ନିଜ ଝିଆରୀ ଓ ପୁତୁରାଙ୍କୁ ନିୟମ ଭାଙ୍ଗିବାଲାଗି ଫୁସୁଲାଉଥିଲେ । ତିରକୁନ୍ଦ କୃଷିଫାର୍ମରେ ଥିଲାବେଳେ ଆଖପାଖ ଗ୍ରାମବାସୀମାନଙ୍କ ଭିତରେ ନାନା ପ୍ରକାରର ଭୟ ଭର୍ତ୍ତି ହୋଇ ରହିଥିଲା । ଭୂତ, ଡାଆଣୀ, ଚିରଗୁଣୀ, ବେତାଳ ଓ ଶଇତାନ ପ୍ରଭୃତି ପ୍ରକୃତରେ ଅଛନ୍ତି ବୋଲି ଲୋକମୁଖରେ ସର୍ବଦା ଶୁଣା ଯାଉଥିଲା ଏବଂ ସତେଅବା ତାହାର ପ୍ରମାଣ ସ୍ୱରୂପ ମଝିରେ ମଝିରେ କେତେ କଥା ଘଟି ମଧ୍ୟ ଯାଉଥିଲା ।

ନିକଟବର୍ତ୍ତୀ ଧମାପୁର ଗାଆଁରେ ଜଣେ ବ୍ୟକ୍ତିଙ୍କ ଘରେ ରାତିରେ ଟେକା ପଡ଼ୁଥିଲା । ବେତାଳ ବ୍ୟତୀତ ଏହି କାଣ୍ଡ ଆଉ କିଏ ଘଟାଇ ପାରନ୍ତି ? ଶ୍ରୀ ଚୌଧୁରୀ ଭୂତ ବେତାଳରେ ବିଶ୍ୱାସ କରୁନଥିଲେ । ପ୍ରକୃତ ଘଟଣା କ'ଣ ଅନୁସନ୍ଧାନ କରି ଜାଣିବାକୁ ତାଙ୍କର ଆଗ୍ରହ ହେଲା । ସେ ସେହି ବ୍ୟକ୍ତିଙ୍କ ଘରକୁ ରାତିରେ ଯାଇ ଲାଗିଲେ । ଲକ୍ଷ୍ୟ କଲେ ଟେକା କେବଳ ଏକ ନିର୍ଦ୍ଦିଷ୍ଟ ଦିଗରୁ ଆସୁଛି ବୋଲି ଜାଣିଲେ । ତା'ପରଦିନ ସେ ଆଉ ଦୁଇ ତିନିଜଣଙ୍କୁ ସାଙ୍ଗରେ ନେଇ ସେହି ଘରର ଅନ୍ଧାରରେ ଲୁଚି ରହିଲେ । ଟେକାପଡ଼ିବା ଆରମ୍ଭ ହେଲା । ଏଥର ସମସ୍ତେ ଦୁଆର ବନ୍ଦ କରି ଘର ଭିତରେ ଲୁଚି ରହିଲେ । ସେହି ଅନ୍ଧାର ମଧ୍ୟରେ ଶ୍ରୀ ଚୌଧୁରୀ ଲକ୍ଷ୍ୟ କଲେ ଯେ ଟେକା ଫିଙ୍ଗି ହାତ କଳା ଛୁଇପରି ଦିଶୁଥିବା ଗୋଟିଏ ମୂର୍ତ୍ତି ଖାଲି ଆଡ଼କୁ ଯାଉଛି । ଛୁଇଟି ଖାଲ ଭିତରେ ପଶି କେତେ ହେଲା ଧାନ ଏକାଠି

ବାହାରିଲା । ଶ୍ରୀଯୁକ୍ତ ଗ୍ରେଁଧୁଗ୍ଭ ଆଲୁଅ ପକାଇ ଦେଖିଲେ । ସେହି ଘରେ ହଳଥା କାମ କରୁଥିବା ଜଣେ ଭେଣ୍ଡା ଯୁବକ ସେହି କାମ କରୁଥିଲା ସମସ୍ତେ ଯାଇ ଯୁବକଟିକୁ ଧରିଲେ ଓ ଘରମାଲିକଙ୍କୁ ଡ଼ାକିଲେ । ଯୁବକଟିର ମାଆ ଆସି ଶ୍ରୀ ଗ୍ରେଁଧୁଗ୍ଭଙ୍କୁ ଅତ୍ୟନ୍ତ ଅଶ୍ରାବ୍ୟ ଭାଷାରେ ଗାଳିଗୁଳଜ କରିଥିଲା ।

ଫାର୍ମ୍ ନିକଟରେ ମଶାଣି ଥାଏ, ସଂଜ ପରେ ସେବାଟେ କେହି ଯାଆନ୍ତି ନାହିଁ । ମୁସଲମାନ ବସ୍ତି ହୋଇଥିବାରୁ ସମସ୍ତେ କହନ୍ତି ଯେ ମୃତ ହେଲେ ସେଠାକୁ ପାଠାଣଭୂତ ଆସନ୍ତି । ସେମାନେ ପରସ୍ପର ଭିତରେ କଥାବାର୍ତ୍ତା ହେଉଥିବାର ମଧ୍ୟ କେହି କେହି ନିଜ କାନରେ ଶୁଣିଥାନ୍ତି ବୋଲି ଜନରବ ଥାଏ । ଚରିଗୁଣୀ ଆଲୁଅ ପରି ମିଞ୍ଜି ମିଞ୍ଜି ଆଲୁଅ ମଧ୍ୟ ଦେଖାଯାଏ । ଶ୍ରୀ ଗ୍ରେଁଧୁଗ୍ଭଙ୍କର କୌତୂହଳ ଜନ୍ମିଲା ଏବଂ ସେ ଦିନେ ରାତି ଦଶଟା ପରେ ମଶାଣି ଆଡ଼େ ଗଲେ । ଖଣ୍ଡେ ଦୂର ଯାଇ ଚାରି ପାଞ୍ଚଜଣ ଲୋକ ବସି କଥାବାର୍ତ୍ତା ହେଉଥିବାର ଏବଂ ଗଞ୍ଜେଇ ଟାଣୁଥିବାର ଦେଖିଲେ । ଶ୍ରୀ ଗ୍ରେଁଧୁଗ୍ଭ ସମସ୍ତଙ୍କୁ ଧରି ଗାଆଁ ଭିତରକୁ ଆଣିଲେ ଓ କ୍ଷମା ମଗାଇଲେ । ଗାଆଁ ଲୋକଙ୍କର ଭୟ ଛଡ଼ାଇଥିଲେ ।

ଶ୍ରୀ ଗ୍ରେଁଧୁଗ୍ଭଙ୍କର ମନ୍ତ୍ରିତ୍ୱ ଓ ମୁଖ୍ୟମନ୍ତ୍ରୀତ୍ୱ ବେଳର ଛୋଟା ଛୋଟା କାହାଣୀ ବିଭିନ୍ନ ଅବସରରେ ତାଙ୍କର ସମ୍ପର୍କରେ ଆସିଥିବା ବ୍ୟକ୍ତିମାନଙ୍କର ମୁଖରେ ସଂରକ୍ଷିତ ହୋଇ ରହିଛି । କାହାଣୀଗୁଡ଼ିକ ସତ, ଆଦୌ ଅତିରଞ୍ଜିତ ନୁହେଁ । ସେଗୁଡ଼ିକରୁ ଆମକୁ ଶ୍ରୀ ଗ୍ରେଁଧୁଗ୍ଭଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗର ଗୋଟିଏ ଗୋଟିଏ ଝଲକ ମିଳି-ଯିବ । ଶ୍ରୀ ଗ୍ରେଁଧୁଗ୍ଭ ଉଚ୍ଚପଦରେ ରହିଥିଲେ ସତ, ମାତ୍ର ଉଚ୍ଚପଦକୁ ହିଁ ତାଙ୍କର ଅସଲ ବା ଅତିଲ ପରିଚୟ ବୋଲି କଦାପି ବିଗ୍ଭର କରୁନଥିଲେ । ଜଣେ ମନୁଷ୍ୟ ହିସାବରେ ମନୁଷ୍ୟର ପରିଚୟ ତାଙ୍କପାଇଁ ଅସଲ ଥିଲା । ସେ ସର୍ବଦା ଜଣେ ସାଧାରଣ ମଣିଷ ପରି ଦିଶୁଥିଲେ, ସାଧାରଣ ମଣିଷ ପରି ଲୁଗା ପିନ୍ଧୁଥିଲେ; ଅନ୍ୟ ସମସ୍ତେ ତାଙ୍କୁ ଆଗ ମନ୍ତ୍ରୀ ବା ଅମୁକ ବୋଲି ନଦେଖି ଜଣେ ମନୁଷ୍ୟ ଭଳି ଦେଖନ୍ତୁ ଓ ମଣିଷ ଭଳି ମୂଲ୍ୟ ଦିଅନ୍ତୁ, ସର୍ବଦା ସେ ତାହାହିଁ ଇଚ୍ଛା କରୁଥିଲେ । ଆମ ସମାଜରେ, ଯେଉଁଠାରେ ମଣିଷଟାକୁ ନଦେଖି ତାର ପଦଟାକୁ, ପୋଷାକଟାକୁ ଅଧିକ ମର୍ଯ୍ୟାଦାବନ୍ତ ଭାବରେ ଦେଖିବାର ଏକ ଅପପରମ୍ପରା ରହିଆସିଛି, ସେହି ସମାଜରେ ଶ୍ରୀ ଗ୍ରେଁଧୁଗ୍ଭଙ୍କର ସେହିଗୁଡ଼ାକୁ ଯେ ଅନ୍ୟମାନଙ୍କର ବିଶେଷ ଭାବରେ ଲକ୍ଷ୍ୟ କରିଥିବାର ଓ ମନେ ରଖିବାର ସର୍ବପ୍ରଥମ ପ୍ରବୃତ୍ତି ରହିଥିବ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ପାଶ୍ଚାତ୍ୟ ଜଗତର ଅଧିକାଂଶ ଗଣତାନ୍ତ୍ରିକ ସମାଜରେ ଅତ୍ୟନ୍ତ ସ୍ୱାଭାବିକ ଓ ଅଭ୍ୟସ୍ତ ଭାବରେ ଅଧିକାଂଶ ମନୁଷ୍ୟ ଯାହାସବୁ କରନ୍ତି ଓ ଯାହା କଦାପି କାହା

Digitized by srujanika@gmail.com

ଆଖିରେ, ପଡ଼େନାହିଁ, ଶ୍ରୀ ଚୌଧୁରୀଙ୍କ ଚଳଣିର ସେହିସବୁ କଥା ଏଠି ଆମ ସାମନ୍ତ-ବାଦୀ ସମାଜରେ ଅସାଧାରଣ ପରି ଦେଖାଯାଇଛି ଓ ତେଣୁ ଅନେକ ମଣିଷ ସେଗୁଡ଼ିକୁ ମନେ ରଖିଛନ୍ତି । ପଦରେ ଓ ଆସନରେ ତାଙ୍କଠାରୁ ତଳେ ଥିବା ଲୋକେ ତାଙ୍କଠାରେ ସେହି ବ୍ୟତିକ୍ରମମାନ ଦେଖି ଆଚମ୍ବିତ ହୋଇ ଯାଇଛନ୍ତି ।

ଥରେ ସେ ଓଡ଼ିଶାର କେଉଁ ଗ୍ରାମାଞ୍ଚଳକୁ ଗସ୍ତରେ ଯାଉଥିଲେ । ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ନିୟମ ଅନୁସାରେ ସମ୍ପୃକ୍ତ ଜିଲ୍ଲାର ଅଫିସରମାନେ ମଧ୍ୟ ନିଜ ନିଜ ଗାଡ଼ିରେ ଯାଆନ୍ତି । ସେମାନେ ନିୟମତଃ ଉଦ୍ଦିଷ୍ଟ ଜାଗାରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପୂର୍ବରୁ ଯାଇ ପହଞ୍ଚି ଯାଆନ୍ତି ଓ ମୁଖ୍ୟମନ୍ତ୍ରୀଙ୍କୁ ବିହିତଭାବେ ଅଭ୍ୟର୍ଥନା ଦିଆଯିବାର ବନ୍ଦୋବସ୍ତ କରନ୍ତି । ଶୀତଦିନ ବଡ଼ ସକାଳ । ମୁଖ୍ୟମନ୍ତ୍ରୀଙ୍କ ଗାଡ଼ି ଅଫିସରମାନଙ୍କର ଗାଡ଼ିକୁ ଟପିଯାଇ ଆଗ ସେହି ସ୍ଥାନରେ ପହଞ୍ଚିଗଲା । ମୁଖ୍ୟମନ୍ତ୍ରୀଙ୍କୁ କାଇଦା ଅନୁସାରେ ସ୍ୱାଗତ ସମ୍ମାନ ଜଣାଇବା ସକାଶେ ଗୋଟିଏ ଦଳ ପୋଲିସ ଆଦେଶ ପାଇ ଆଗରୁ ସେଠାରେ ଉପସ୍ଥିତ ଥାଆନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଗାଡ଼ିରୁ ଓହ୍ଲାଇଲେ । ତାଙ୍କ ବେଶରେ ବା ଆଉ କେଉଁଠାରେ କ'ଣ ଥିଲା ଯେ ତାଙ୍କୁ ସେଠାରେ କେହି ମୁଖ୍ୟମନ୍ତ୍ରୀ ବୋଲି ଚିହ୍ନିଥାନ୍ତେ ! ଶ୍ରୀଯୁକ୍ତ ଚୌଧୁରୀ ସେମାନେ ଏତେ ସକାଳୁ କାହିଁକି ସେଠାକୁ ଆସି-ଛନ୍ତି ବୋଲି ପୋଲିସମାନଙ୍କୁ ପଚାରିଲେ । ଜଣେ ପୋଲିସ ଉତ୍ତର ଦେଲା, "ଶଳା କୋଉ ମନ୍ତ୍ରୀଟାଏ କିଏ ଆଜି ଏଠାକୁ ଆସୁଛନ୍ତି ଯେ ସେଥିଲାଗି ଆମକୁ ବିଛଣାରୁ ଘୋଷାରି କରି ଏଠାକୁ ଅଣାଯାଇଛି । କ୍ରମେ ଅଫିସରମାନେ ପହଞ୍ଚିଲେ । ଅଭ୍ୟର୍ଥନା ସରିଲା । ତା'ପରେ ଶ୍ରୀ ଚୌଧୁରୀ ଅଫିସରମାନଙ୍କୁ ସମସ୍ତ ଘଟଣା ବର୍ଣ୍ଣନା କରି କହିଲେ ଏବଂ ଏହି ତଥାକଥିତ ଅଭ୍ୟର୍ଥନା ପୋଲିସମାନଙ୍କ ମନରେ କିଭଳି ପ୍ରତିକ୍ରିୟା ସୃଷ୍ଟି କରୁଛି, ତାହାର ସୂଚନା ଦେଇଥିଲେ । ସେମାନଙ୍କର ସେହି ପ୍ରତିକ୍ରିୟା ବିଷୟରେ ମଧ୍ୟ ସହାନୁଭୂତି ସହିତ ବିଚାର କରାଯିବା ଉଚିତ୍ ବୋଲି ସ୍ମରଣ କରାଇ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଥିବା ସମୟରେ ଶ୍ରୀଯୁକ୍ତ ଚୌଧୁରୀ ମନ୍ତ୍ରୀମାନଙ୍କ ଲାଗି ଉଦ୍ଦିଷ୍ଟ ବଡ଼ ଘରେ ନରହି ଅପେକ୍ଷାକୃତ ଏକ ସାନ ଘରେ ରହୁଥିଲେ । ସକାଳୁ ଉଠି ଖାଲି ଦେହରେ ଦାନ୍ତ ଘଷି ଘଷି ନିର୍ବିକାର ଭାବରେ ପ୍ରାତଃଭ୍ରମଣରେ ବାହାରୁଥିଲେ । ଯେଉଁଠାରେ ମନ ହେଉଥିଲା, ଯେଠି କୌଣସି ଅଫିସରଙ୍କ ଘର ଭିତରକୁ ପଶି ଯାଉଥିଲେ ଓ ବରାଦ ଦେଇ ଚାହା ପିଉଥିଲେ । ମାସରେ ପ୍ରାୟ ଅଧେଦିନ ଏମିତି ବୁଲୁ ବୁଲୁ ସେ ବେଶ୍ କେତେ ବାଟ ବିଧାୟକମାନଙ୍କର କଲୋନୀକୁ ଚାଲି ଯାଉଥିଲେ, ସେମାନଙ୍କର ଦୁଃଖସୁଖ ବୁଝୁଥିଲେ ଓ କେତେ ଅନୌପଚାରିକ ଭାବରେ ଗପସପ କରି ଆସୁଥିଲେ । ସନ୍ଧ୍ୟାବେଳେ ନିତାନ୍ତ ଚଷା ମଣିଷ ପରି ହସହସ ମୁହଁ, ଖାଲି

Digitized by srujanika@gmail.com

ଗୋଡ଼, ଖାଲି ଦେହ । କେଉଁଦିନ ମନ ହୁଏ ତ, ପାଖରେ ଥିବା ପିଅନ ଓ କରାସୀ ମାନଙ୍କର ଘରକୁ ଚାଲିଯାଆନ୍ତି, ପାଣି ଢ଼ାଳେ ମାଗି ମୁହଁ ଧୁଅନ୍ତି ଓ ବିସ୍ବାଦ ଦେଇ ଚାହା ପିଅନ୍ତି । ସୁବିଧା ଅସୁବିଧା କଥା ପଚାରନ୍ତି । ବାହାଘରେ ବାହାରେ ଗାଈ ବାଛୁରି ବନ୍ଧା ହୋଇଥିବାର ସେ ଦେଖିଲେ ଏବଂ ଖରା ଓ ବର୍ଷା ବେଳେ ଗାଈଙ୍କୁ କଷ୍ଟ ହେଉ- ଥିବ ବୋଲି ଅନୁଭବ କଲେ । ତାପରେ ସରକାରଙ୍କ ଦପ୍ତରରୁ ହୁକୁମ ହୋଇଗଲା ଯେ ସବୁ ପିଅନ ଓ ଚପରାସୀଙ୍କର ଭିତର ଅଗଣାରେ ଗୋଟିଏ ଆଜ୍‌ବେଷ୍ଟସ୍ ଛାତ ଥାଇ ପକ୍‌କା ଗୁହାଳଘର ହେବ, ଯେଉଁଥିରେ କି ସେମାନେ ଗାଈ ରଖିପାରିବେ । ପଶୁ ପାଳନ ବିଭାଗକୁ ହୁକୁମ ହୋଇଥିଲା ଯେ ଜଣେ ଡାକ୍ତର ଅଥଚ ଷ୍ଟକ୍‌ମ୍ୟାନ ପାଳି କରି ଚପରାସୀମାନଙ୍କ ଘରକୁଯିବେ ଏବଂ ପାଳିତପଶୁମାନଙ୍କୁ ଦେଖିଆସିବେ । ଚପରାସୀମାନେ ଯେଉଁସବୁ ସରକାରୀ ଘରେ ବାସ କରୁଥିଲେ, ସେଗୁଡ଼ିକ ଅତ୍ୟନ୍ତ ନିକୃଷ୍ଟ ଧରଣର ଥିଲି । ମୁଖ୍ୟମନ୍ତ୍ରୀଙ୍କ ଆଗ୍ରହରେ ଦେଶର ଅନ୍ୟ ରାଜ୍ୟରୁ ସେହି ଶ୍ରେଣୀସ୍ଥ କର୍ମଚାରୀମାନଙ୍କ ଲାଗି ତିଆରି କରା ଯାଇଥିବା ବାସଗୃହର ପ୍ଲାନ୍ ମଗା ଯାଇଥିଲା ଓ ସେହି ଅନୁସାରେ ରାଜଧାନୀରେ ପିଅନ ଓ ଚପରାସୀମାନଙ୍କର ରହିବା ଘରେ ଅନେକ ପରିବର୍ତ୍ତନ କରା ଯାଇଥିଲା ।

ମୁଖ୍ୟମନ୍ତ୍ରୀଙ୍କର ନିବାସ ସାମନାରେ ତାଙ୍କର ବ୍ୟକ୍ତିଗତ ଅଫିସ ବସୁଥିଲା । ସେହି ଅଫିସରେ କାମକରୁଥିବା ବଡ଼ ଓ ସାନ କର୍ମଚାରୀଙ୍କ ପରିବାର ବର୍ଷକ ପାଇଁ ମୁଖ୍ୟମନ୍ତ୍ରୀ- ଙ୍କର ନିର୍ଦ୍ଦେଶରେ ଲୋକସମ୍ପର୍କ ବିଭାଗ ତରଫରୁ ମଝିରେ ମଝିରେ ଚଳଚ୍ଚିତ୍ର-ପ୍ରଦର୍ଶନ ହେଉଥିଲା । ମୁଖ୍ୟମନ୍ତ୍ରୀ ନିଜ ବିସ୍ବାଦରେ ତାହାର ଆୟୋଜନ କରୁଥିଲେ ଓ ସ୍ୱୟଂ ସମସ୍ତଙ୍କ ସହିତ ବସି ଚଳଚ୍ଚିତ୍ର ଦେଖୁଥିଲେ । ମାଳି, ଚପରାସୀ ଓ ମୁଖ୍ୟମନ୍ତ୍ରୀଙ୍କ ପହରାରେ ଥିବା ପୋଲିସ ଜଗୁଆଳିମାନଙ୍କର ପରିବାର ଲୋକେ ସମସ୍ତେ ଆସି ନପହଞ୍ଚିବା ପର୍ଯ୍ୟନ୍ତ ପ୍ରଦର୍ଶନ ଆରମ୍ଭ ହେଉନଥିଲା । ମୁଖ୍ୟମନ୍ତ୍ରୀ ସେମାନେ ଆସିବେ ବୋଲି ସେମାନଙ୍କ ଘରକୁ ଗାଡ଼ି ପଠାଉଥିଲେ ।

ମୁଖ୍ୟମନ୍ତ୍ରୀପଦ ଛାଡ଼ିବାର କେତେଦିନ ପରେ ଶ୍ରୀ ଚୌଧୁରୀ ଓଡ଼ିଶାର କୌଣସି ଗ୍ରାମାଞ୍ଚଳରେ ଗସ୍ତ କରୁଥିବା ସମୟରେ ଦିନେ ସକାଳୁ ସକାଳୁ ବଡ଼ ରାସ୍ତାରୁ ପାଞ୍ଚ ମାଇଲ ଚାଲି ଚାଲି ଗୋଟିଏ ଗାଆଁରେ ଯାଇ ପହଞ୍ଚିଲେ । ଗାଆଁ ମୁଣ୍ଡରେ ଗ୍ରାମ- ସେବକଙ୍କର ବସା, ସେ ସିଧା ସେହିଠାରେ ଯାଇ ପହଞ୍ଚିଲେ । ଗ୍ରାମସେବକ ଘରେ ନଥିଲେ, କୁଆଡ଼େ କାର୍ଯ୍ୟରେ ଯାଇଥିଲେ । ଶ୍ରୀ ଚୌଧୁରୀ ନିଜ ପିଠି ବୋକଚିକୁ ରଖିଦେଇ ବାରଣ୍ଡାରେ ଯାଇ ବସି ପଡ଼ିଲେ ଓ ଥକା ମେଣ୍ଟାଇଲେ । କିଛି ସମୟ ପରେ ଗାଆଁରୁ ଜଣେ ଲୋକେ ଆସି ତାଙ୍କୁ କହିଲା ଯେ ଗ୍ରାମସେବକ ଏକ ଦୂର

Digitized by srujanika@gmail.com

ଗାଆଁକୁ ଯାଇଛନ୍ତି, ଫେରୁ ଫେରୁ ବହୁତ ଡେରି ହେବ । ହୁଏତ ଉପରଓଳି ହୋଇ ଯାଇପାରେ । ଲୋକଟି ନିଜର ପରିଚୟ ଦେଇ କହିଲା ଯେ, ସେ ସେହି ଗାଆଁର ଲୋକ, ସବୁଦିନେ ଆସି ଗ୍ରାମସେବକଙ୍କ ପାଇଁ ରୋଷେଇ କରିଦିଏ । କିଛି ସମୟ ପରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ପାଖରେ ଥିବା ଏକ ପୋଖରୀରେ ଯାଇ ଗାଧୋଇ ପଡ଼ିଲେ ଓ ଲୋକଟି ସହିତ ମିଶି ଭାତ ତରକାରି ରାନ୍ଧିବାରେ ଲାଗିଲେ ।

ରନ୍ଧାରନ୍ଧି ସରିଲା । ଶ୍ରୀ ଚୌଧୁରୀ ଭୋଜନ କଲେ ଓ ଭିତର ବାରଣ୍ଡାରେ ନିଘୋଡ଼ ନିଦରେ ଶୋଇପଡ଼ିଲେ । ସେତେବେଳେ ଯାଇ ଗ୍ରାମସେବକ ଘରକୁ ଫେରିଲେ ଓ ଶ୍ରୀ ଚୌଧୁରୀଙ୍କୁ ସେଠାରେ ଶୋଇଥିବାର ଦେଖି ଆଶ୍ଚର୍ଯ୍ୟ ହେଲେ । ରାନ୍ଧି ଦେଉଥିବା ଲୋକଟିଠାରୁ ସମସ୍ତ ସମ୍ବାଦ ଶୁଣିଲେ । କିଛି ସମୟ ପରେ ଶ୍ରୀଯୁକ୍ତ ଚୌଧୁରୀ ନିଦରୁ ଉଠିଲେ ଓ ଗ୍ରାମସେବକଙ୍କୁ କହିଲେ, ବହୁଦିନ ତଳେ ସିଏ ଏହି ଗାଆଁକୁ ଆସିଥିଲେ । ଆଜି ଏହି ବାଟ ଦେଇ ଯାଉଥିବା ସମୟରେ ଆଉଥରେ ଗାଆଁ ଯାଏ ବାହାରି ଆସିଲେ । ଗ୍ରାମସେବକ ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଅତିଥି ରୂପେ ପାଇଥିବାରୁ ଆନନ୍ଦରେ ବିହ୍ୱଳ ହୋଇ ପଡ଼ିଥିଲେ । ଗାଆଁରେ ଖବର ଖେଳିଗଲା, ଗ୍ରାମବାସୀମାନେ ଆସି ଜମା ହୋଇଗଲେ ଓ ସମସ୍ତେ ମିଶି ଘରଆଗରେ ଥିବା ଗୋଟିଏ ଗଛମୂଳେ ଦୁଃଖସୁଖ ହେଲେ । ଶ୍ରୀଯୁକ୍ତ ଚୌଧୁରୀଙ୍କ ଜୀବନରେ ଏପରି ଘଟଣା ଆଦୌ ଏକ ବ୍ୟତିକ୍ରମ ନଥିଲା । ଏହିପରି ଅନେକ ସତ ଘଟଣା ଲୋକେ ଏବେ ମଧ୍ୟ ମନେ ରଖିଛନ୍ତି । ଶ୍ରୀ ଚୌଧୁରୀ ମଣିଷ ମଣିଷ ଭିତରେ କୌଣସି ବାରଣ ରଖୁନଥିଲେ । ମଣିଷକୁ ସମାଜସ୍ଥ ତା'ର ପଦମର୍ଯ୍ୟାଦା ଅଥବା ଧନସମ୍ପତ୍ତି ଦେଇ ଚହ୍ନାଯାଉ, ଏହି ରୀତିଟାକୁ ସେ ସବୁବେଳେ ନିତାନ୍ତ ଅସମ୍ମାନଜନକ ଓ ଅସାମାଜିକ ବୋଲି ଭାବୁଥିଲେ । ତେଣୁ ସେହି ଗଢ଼ିରେ ପ୍ରାୟ ପାଚି କରି ରହୁଥିବା ଏକ ସମାଜରେ ତାଙ୍କର ବେଭାର ଏବଂ ଆଚରଣମାନ ଅନ୍ୟମାନଙ୍କର ଆଖିକୁ ସବୁଦା ଅସାଧାରଣ ଲାଗୁଥିଲା, ଏକ ବ୍ୟତିକ୍ରମ ପରି ଲାଗୁଥିଲା ।

ମୁଖ୍ୟମନ୍ତ୍ରୀ ଥିବାବେଳେ ଶ୍ରୀଯୁକ୍ତ ଚୌଧୁରୀ ବାରବାଟୀ କିଲ୍ଲା ଭିତରେ ରହୁଥିବା ସମୟରେ ଗୋଟିଏ ଘଟଣା ବିଷୟରେ ଏହିପରି ଏକ ବର୍ଣ୍ଣନା ରହିଛି : ଥରେ ଗୋଷ୍ଠୀ ଉନ୍ନୟନ ବିଭାଗର ତିନିଜଣ ରାଜ୍ୟ ଅଫିସରଙ୍କୁ ମୁଖ୍ୟମନ୍ତ୍ରୀ ତାଙ୍କ ଘରେ ସକାଳ ଜଳଖିଆ ଖାଇବାପାଇଁ ଡାକିଥାନ୍ତି ତାଙ୍କ ଭିତରୁ ଜଣେ କିଛିଟା ଆଗ ଆଗ ଆସି ମୁଖ୍ୟମନ୍ତ୍ରୀଙ୍କ ଘର ଫାଟକ ପାଖରେ ଆସି ପହଞ୍ଚି ଦେଖିଲେ ଯେ, ଭିତରେ ବଡପାଟିରେ କେତେକ ଲୋକ କଥା ହେଉଛନ୍ତି । ମଝିରେ ସାଇକେଲର ହ୍ୟାଣ୍ଡେଲକୁ ଧରି ଶ୍ରୀ ଚୌଧୁରୀଙ୍କର ବଡ଼ ଝିଅ ଶ୍ରୀମତୀ ଉତ୍ତରା ଛିଡ଼ା ହୋଇଛନ୍ତି । ସାଇକେଲର ହ୍ୟାଣ୍ଡେଲକୁ ଦୁଇଜଣ ବ୍ୟକ୍ତି ଧରିଛନ୍ତି ଓ କହୁଛନ୍ତି, "ଆମେ ଆପଣଙ୍କୁ ମୋଟେ ବଜାରକୁ ସଉଦା କରି

Digitized by srujanika@gmail.com

ଯିବାକୁ ଦେବୁନାହିଁ ।'' ଝିଅ ଅଲବତ ଯିବେ ବୋଲି କହୁଛନ୍ତି । ଏହିପରି ଝଣାଓଝଣା ଚାଲିଛି । ସମ୍ଭବତଃ ଗୋଳ ଶୁଣି ସ୍ୱୟଂ ମୁଖ୍ୟମନ୍ତ୍ରୀ ଘର ଭିତରୁ ବାହାରି ଆସିଲେ । ଝିଅ ସାଇକେଲ ଧରି ବଜାର କରି ବାହାରିଛନ୍ତି । ତାଙ୍କୁ ବାଧା ଦେଉଥିବା ବ୍ୟକ୍ତି-ମାନେ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କର ଚପରାସୀ । ସେମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ବାପି ବୋଲି ଡ଼ାକୁଥିଲେ । ସେମାନେ ଅଭିଯୋଗ କରି କହିଲେ, ''ଆମେ ଥାଉଁ ଥାଉଁ ଅପା ସାଇକେଲ ଧରି ବଜାରକୁ ସଉଦାକରି ଯିବେ ? ସେକଥା କଦାପି ହେବନାହିଁ ।''

ଝିଅର ପକ୍ଷ ସମର୍ଥନ କରି ଶ୍ରୀଯୁକ୍ତ ଚୌଧୁରୀ ସେହି ଲୋକମାନଙ୍କୁ ବୁଝାଇବାକୁ ଆରମ୍ଭ କଲେ: ''ତୁମେସବୁ ଏତେ ଆନ୍ଦୋଳନ କଲ ଯେ ଆଉ ସରକାରୀ ଅଫିସର-ମାନଙ୍କ ଘରେ ଘରୋଇ କାମ କରିବନାହିଁ । ବହୁତ ଆଲୋଚନା ପରେ ତୁମମାନଙ୍କର କଥା ରହିଲା । ଏବଂ, ତା'ପରେ ମୋଟ ଦୁଇଦିନ ନଯାଉଣୁ ଯଦି ତୁମମାନେ ଏଠି ମୋ' ଘରେ ସେହି କାମ କରିବ ବୋଲି ଆସି ଜିଦ୍ କରିବ, ତେବେ ହେବ କିପରି ? ମୁ ଏହି ବିଷୟରେ ତୁମମାନଙ୍କୁ ନିଜେ ପ୍ରତିଶ୍ରୁତି ଦେଇଛି ଓ ସେହି ପ୍ରତିଶ୍ରୁତି ମୋ'ରି ଘରେ ପୁଣି କିପରି ଭଙ୍ଗା ହେବ ? ତେଣୁ, ଅପାଙ୍କୁ ଛାଡ଼ିଦିଅ, ସିଏ ତାଙ୍କ କାମରେ ଯାଆନ୍ତୁ ।'' ଅଳ୍ପଦିନ ପୂର୍ବେ ଚତୁର୍ଥ ଶ୍ରେଣୀର କର୍ମଚାରୀମାନେ ରାଜଧାନୀରେ ଏକ ଆନ୍ଦୋଳନ କରିଥିଲେ ଯେ ସେମାନେ ବଡ଼ ଅଫିସରମାନଙ୍କ ଘରେ ଘରୋଇ କାମ କରିବାକୁ ଯିବେନାହିଁ । ଏକ ସ୍ମାରକପତ୍ରର ଉତ୍ତରରେ ସ୍ୱୟଂ ମୁଖ୍ୟମନ୍ତ୍ରୀ ତାଙ୍କୁ ସେହିମାନଙ୍କର ଦାବୀ ପୂରଣ ହେଲବୋଲି ଜବାବ ଦେଇଥିଲେ । ଏବଂ, ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଘରେ ହିଁ ସେମାନେ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ ଭାଙ୍ଗିବାକୁ ବାହାରିଥିଲେ । ମଣିଷଠାରୁ ମଣିଷକୁ ସତେଅବା ଧର୍ମତଃ ବଡ଼ ବା ସାନ କରି ଦେଖୁଥିବା ଏକ ସମାଜରେ ଏସବୁ ଗୋଟିଏ ଗୋଟିଏ ଅସାଧାରଣ ଘଟଣା ଭଳି ଘଟେ । ଶ୍ରୀ ଚୌଧୁରୀ ସେହି ସମାଜକୁ ମାନୁନଥିଲେ । ତେଣୁ ମାନ ଦେଉଥିବା ଅନ୍ୟ-ମାନଙ୍କର ଆଖିକୁ ତାହା କେଡ଼େ ବିଚିତ୍ର ପରି ଦେଖା ଯାଉଥିଲା ।

ମୁଖ୍ୟମନ୍ତ୍ରୀ ଥିଲାବେଳେ ଯାହା, ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଦେବା ପରେ ମଧ୍ୟ ସେଇଆ । ସେ ଗୋଟାଏ ପଦ ବା ଆସନ କାହିଁକି ଜଣେ ବ୍ୟକ୍ତିକୁ ତା'ର ସ୍ୱାଭାବିକ ଆଚରଣ ଭିତରୁ ବାହାର କରି ଆଣିବ ଓ କୃତ୍ରିମ କରିପାରିବ ? ସ୍ୱାଧୀନ ଭାରତର ପଚିଶ ବର୍ଷ ପରେ ମଧ୍ୟ ଆମ ଦେଶର ବଡ଼ ବଡ଼ ପଦସ୍ଥମାନେ ଏହି କଥାଟିକୁ ସାଧନ କରିପାରିନାହାନ୍ତି । ସେ କୃତ୍ରିମ ଓ ଅସ୍ୱାଭାବିକ ହୋଇ ରହିଛନ୍ତି, ଆନୁଷ୍ଠାନିକ ଅନେକ ନିଷ୍ପ୍ରାଣ ଉପାଧି ଭିତରେ ଆସ୍ଥା ହରାଇ ସାମ୍ନାରେ ଭିଡ଼ ଭିତରେ ବାନ୍ଧିହୋଇ ରହିଛନ୍ତି । ଜଣେ ସାଧାରଣ ମଧ୍ୟ ମଣିଷ ହିସାବରେ ଅପଣାର ଗୋଟିଏଗୁଡ଼ିକ କେଉଁ ଯତ୍ନରେ ଲୁଚାଇ ରଖିଛନ୍ତି । ଶ୍ରୀଯୁକ୍ତ ଚୌଧୁରୀ ସେଭଳି ନଥିଲେ । ଆପଣା ପଦ ଜନିତ ପରିଚୟର କର୍ମ

Digitized by srujanika@gmail.com

ଦେଇ ସେ ନିଜର ସହଜ ମନୁଷ୍ୟ-ପରିଚୟଟିକୁ କଦାପି ଘୋଡ଼ାଇ ପକାଉ ନଥିଲେ । ଏପରି ଘୋଡ଼ାଇ ପକାଇବାର ଯାବତୀୟ ଶ୍ରମକୁ ସବୁବେଳେ ନାକ ଟେକୁଥିଲେ । ମୁଖ୍ୟମନ୍ତ୍ରୀ ହିସାବରେ କେବେ ଫୁଟବଲ୍ ଖେଳ ଦେଖିବାକୁ ଯାଇଥିଲା ବେଳେ ସରକାରୀ ହେପାଜତର ଜଞ୍ଜାଳ ଭିତରୁ ଖସିଆସି ସେ କେଉଡ଼େ ସ୍ତରରେ ସାଧାରଣ ଦର୍ଶକମଣ୍ଡଳୀରେ ମିଶି ଯାଉଥିଲେ, ନିଚ୍ଛକ ଓ ଦାଗଶୂନ୍ୟ ମଣିଷଟି ପରି ତାଳି ମାରୁଥିଲେ ଚିତ୍କାର ମଧ୍ୟ କରୁଥିଲେ, ସଭାମାନଙ୍କରେ ତାଙ୍କୁ ଅନ୍ୟମାନେ ମଞ୍ଚଉପରେ ଖୋଜିବା ବେଳକୁ ସେ କେତେବେଳେ ସୁଯୋଗ ପାଇ ଶ୍ରୋତା ମାନଙ୍କ ଭିତରେ ଅଦୃଶ୍ୟ ହୋଇ ଅତ୍ୟନ୍ତ ଅନାମଧେୟ ଭାବରେ ଖପି ଯାଉଥିଲେ ଯେ ଶିଷ୍ଟମାନେ ତା'ର ପତ୍ତା ମଧ୍ୟ ପାଉନଥିଲେ । ବିଶିଷ୍ଟ ଅତିଥିମାନଙ୍କର ସ୍ୱତନ୍ତ୍ର ଭୋଜନବ୍ୟବସ୍ଥାର ଶୃଙ୍ଖଳାକୁ ଭାଙ୍ଗି ସେ ସର୍ବସାଧାରଣଙ୍କ ସହିତ ଗୋଟିଏ ଧାଡ଼ିରେ ଖାଇବାକୁ ବସି ଯାଉଥିଲେ । ଦେଖାଇ ହେବାକୁ ଶ୍ରୀଯୁକ୍ତ ଚୌଧୁରୀ କେବେହେଲେ ଏସବୁ କରୁନଥିଲେ । ଅତ୍ୟନ୍ତ ସ୍ୱାଭାବିକ ଭାବରେ କରୁଥିଲେ ।

ମୁଖ୍ୟମନ୍ତ୍ରୀପଦ ଛାଡ଼ି, ଭୁବନେଶ୍ୱରରୁ ଅନୁଗୁଳକୁ ସେ ସାଧାରଣ ସରକାରୀ ବସ୍‌ରେ ଆସିଥିଲେ, ବସ୍‌ପାଖରୁ ନିଜ ବୋକସ୍ ନିଜେ ବୋହି ଗୃହବାସ ଯାଏ ଚାଲିଚାଲି ଯାଇଥିଲେ । ଅନ୍ୟ ଅବରମାନେ ତାହାକୁ ସତେଅବା ଇତିହାସର ଏକ ବିଶେଷ ଘଟଣା ପରି ଖାତାରେ ଟିପି ରଖୁଥିଲେ ସିନା, ମାତ୍ର ଶ୍ରୀ ଚୌଧୁରୀ କେବେ-ହେଲେ ଏକ ଅଭିନୟସୂତ୍ରରେ ରହି ଆଦର୍ଶ ଦେଖାଇ କିଛି କରୁନଥିଲେ । ସର୍ବୋଦୟ ସମ୍ମିଳନୀ ମାନଙ୍କରେ ନିଜେ କୁଲି ହୋଇ ଆଗନ୍ତୁକମାନଙ୍କର ବିଛଣା ବୋହୁଥିଲେ । ମୌଳିକ ଶିକ୍ଷାବୋର୍ଡ଼ର ସଂଗଠନ ଥିବା ସମୟରେ ସେ ତାଲିମ ପାଉଥିବା ଶିକ୍ଷକମାନଙ୍କ ସହିତ ଏକାଠି ମିଶି ଗାଆଁ ସଫା କରିବାକୁ ଯାଉଥିଲେ । ଆଖିରେ ଦେଖିଥିବା ଜଣେ ବ୍ୟକ୍ତି କହନ୍ତି ଯେ, ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ଥରେ ପାଖରେ ଦ୍ୱିତୀୟ ଶ୍ରେଣୀର ଟିକେଟ ଥିବାରୁ କଟକ ରେଲ ଷ୍ଟେଶନରେ ପ୍ରଥମଶ୍ରେଣୀ ବିଶ୍ରାମାଗାରକୁ ନଯାଇ ପ୍ଲାଟଫର୍ମ ଉପରେ ହିଁ ଶ୍ରୀଯୁକ୍ତ ଚୌଧୁରୀ ଗାମୁଛା ପାରି ଦେଇଥିଲେ ଓ ନିଘୋଡ଼ ନିଦରେ ଶୋଇପଡ଼ିଲେ । ମୁଖ୍ୟମନ୍ତ୍ରୀଥିବା ସମୟରେ ଥରେ ସେ କଲିକତା ଆସିଥିଲେ ସେଠାରେ ବିଧିଅନୁସାରେ ରାଜଭବନରେ ସରକାରୀ ଅତିଥି ହୋଇ ରହିଲେ । ସେଠାରୁ ତାଙ୍କର ବନାରସ ଗାନ୍ଧୀ ପ୍ରତିଷ୍ଠାନକୁ ଯିବାର କାର୍ଯ୍ୟକ୍ରମ ଥିଲା । ସେଇଟା ତ ସରକାରୀ ଗସ୍ତ ନୁହେଁ, ତାଙ୍କର ନିଜ ଗସ୍ତ ସରକାରୀ ମଟରଗାଡ଼ୀ ତାଙ୍କୁ ହାୱଡ଼ା ଷ୍ଟେସନରେ ଛାଡିଦେଇ ଗଲା । ଶ୍ରୀ ଚୌଧୁରୀ ଗୋଟିଏ ତୃତୀୟ ଶ୍ରେଣୀ ଟିକେଟ ଖରିଦ କଲେ । ଜଣେ ଆତ୍ମୀୟ ତାଙ୍କୁ ବହୁତ କଷ୍ଟରେ ଗୋଟିଏ ତୃତୀୟ ଶ୍ରେଣୀ ଡବାରେ ପୂରାଇ ଦେଲେ । ତାହାର ଭିତରେ ସେ ଠିଆ ହୋଇ ରହିଲେ । ପରିଚୟ

Digitized by srujanika@gmail.com

ଦିଆଯାଇ ତାଙ୍କ ପାଇଁ ସେଠାରେ ସ୍ୱତନ୍ତ୍ର ବସିବାର ଜାଗା କରାଇ ଦିଆଯାଇ ପାରିଥାନ୍ତା । ସେ ମନା କଲେ । କହିଲେ , "ଏମିତି ରାତି କଟିଯିବ, ବସିବାର ଜାଗାଟିଏ ସ୍ୱତନ୍ତ୍ର ମିଳି ବି ଯିବ ।" ଆମ୍ଭୀସ୍ଥ ଜଣକ ପରାଜୟ ସ୍ୱୀକାର କଲେ ।

ଯେତେବେଳେ ସନ୍ଥ ବିନୋବା ଓଡ଼ିଶାରେ ତାଙ୍କର ପ୍ରଥମ ଭୂଦାନ-ପଦ-ଯାତ୍ରାରେ ୧୯୫୫ ମସିହାରେ ଉତ୍ତର ଆଡ଼ୁ ଆସି ଲକ୍ଷ୍ମଣନାଥଠାରେ ପହଞ୍ଚିଲେ, ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଏବଂ ଉଚ୍ଚପଦସ୍ଥ ଅଫିସର ସେଠାକୁ ଯାଇଥିଲେ । ସେଠାରେ ସମସ୍ତେ ନିଜ ନିଜର ମର୍ଯ୍ୟାଦା ଜଗି ମହାନ ସନ୍ଥଙ୍କର ଭବ୍ୟ ସମ୍ବର୍ଦ୍ଧନା ପାଇଁ ଉତ୍ସୁକ ହୋଇ ଅତ୍ୟନ୍ତ ଆଖିଦୃଶିଆ ଭାବରେ ଏପାଖ ସେପାଖ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ଖଣ୍ଡିଏ ସାଧାରଣ ଖଦଡ଼ ଜାମା ପିନ୍ଧି କାନ୍ଧରେ ଗାମୁଛା ପକାଇ ହାତରେ ବିନୋବାଜୀଙ୍କର ଲିଖିତ ଗୀତା ପ୍ରବଚନ' ପୁସ୍ତକର ଓଡ଼ିଆ ଅନୁବାଦରୁ କେତେଖଣ୍ଡ ଧରି ବିକ୍ରୀ କରୁଥିଲେ । ଏକ ଅପବାଦ ରହିଥିଲା ଯେ ଶ୍ରୀଯୁକ୍ତ ଚୌଧୁରୀ କେବେହେଲେ ସଭାମାନଙ୍କର ସମସ୍ତଙ୍କର ଦୃଷ୍ଟି ପଡ଼ିଲାଭଳି ପ୍ରମୁଖ ସ୍ଥାନରେ ଯାଇ ବସୁନଥିଲେ । ସଭାର କୌଣସି ଏକ କୋଣରେ ସ୍ୱତନ୍ତ୍ର କେଉଁ ଶେଷମୁଣ୍ଡରେ ମଳିମୁଣ୍ଡିଆ ସର୍ବସାଧାରଣଙ୍କ ଭିତରେ ପଶି ଦୁଇ ଆଣ୍ଠୁରେ ନିଜ ମୁଣ୍ଡକୁ ଯାକି ଭାଷଣ ଶୁଣିବାରେ ନିବିଷ୍ଟ ରହୁଥିଲେ । ପାଖରେ ସେପରି ସମଝଦାର ମଣିଷ ବସିଥିଲେ ମଝିରେ ମଝିରେ ପସନ୍ଦ ଲାଗୁଥିବା ଅଥବା ଲାଗୁନଥିବା କଥାଗୁଡ଼ିକ ଉପରେ ସଂକ୍ଷିପ୍ତ ଟିପପଣୀମାନ ବି କରୁଥିଲେ । ସାଙ୍ଗରେ ସରକାରୀ ପରିଷଦ ଓ ପଲଟଣମାନେ ରହିଥିଲେ ମଧ୍ୟ ସେ ଭୂଦାନଯାତ୍ରାର ରହଣି ସ୍ଥାନମାନଙ୍କରେ ନିଜେ କୂଅରୁ ପାଣି କାଢ଼ି ଗାଧୋଇ ପଡ଼ୁଥିଲେ । ଆବଶ୍ୟକ ହେଲେଅନ୍ୟମାନଙ୍କୁ ପାଣି କାଢ଼ି ଦେଉଥିଲେ । ନିଜହାତରେ ନିଜର ମଇଳା ଲୁଗାପଟା ସଫା କରୁଥିଲେ । ଦେଖଣାହାରୀ ମାନଙ୍କୁ ସତେଅବା କେମିତି କେମିତି ଲାଗୁଥିଲା । କେହି ଏସବୁ କଥା ପକାଇଲେ ଶ୍ରୀଯୁକ୍ତ ଚୌଧୁରୀ ମନ୍ତବ୍ୟ କରି କହୁଥିଲେ ଯେ, କେବଳ ଆଦିବାସୀ ସାଆନ୍ତର ହିଁ ଆମ ଦେଶରେ ସାଆନ୍ତର ଅଭିମାନ ନଥାଏ । ନହେଲେ ପ୍ରତ୍ୟେକ ଭାରତବାସୀ ହେଉଛନ୍ତି ଜଣେ ଜଣେ ସାଆନ୍ତ । ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ସମ୍ପୂର୍ଣ୍ଣ କ୍ରାନ୍ତିର ଆନ୍ଦୋଳନ ଚାଲିଥିବା ସମୟରେ ଶ୍ରୀଯୁକ୍ତ ଚୌଧୁରୀ କଟକ କଲେକ୍ଟରୀ କାଚେରୀର ଗଛମୂଳେ ଅଥବା ବାଦାମବାଡ଼ୀ ବସ୍-ଷ୍ଟାଣ୍ଡରେ ମାଟି ଉପରେ ଗାମୁଛାଟିଏ ପାରିଦେଇ ଲୋକସାଧାରଣଙ୍କ ଠାରୁ ଟଙ୍କାଏ ଲେଖାଏଁ ଚାନ୍ଦା ମାଗୁଥିବାର ଦୃଶ୍ୟ ମଧ୍ୟ ସେତେବେଳେ ବହୁ ବ୍ୟକ୍ତିଙ୍କୁ ବିସ୍ମିତ କରିଥିବ ।

Digitized by srujanika@gmail.com

ବାଜଗଡ଼ର ଗୃହାବାସକୁ ଓଡ଼ିଶାର ଚାରିଆଡ଼ୁ ପିଲା ଆସନ୍ତି । ଆଦିବାସୀ ଦେଶବାରର ଛୁଆମାନେ ମଧ୍ୟ ସୁଦୂର ଗଞ୍ଜାମ, ଫୁଲବାଣୀ ଓ କୋରାପୁଟର ମାଳ-ଅଞ୍ଚଳରୁ ଆସିଥାନ୍ତି । ଶ୍ରୀଯୁକ୍ତ ଚୌଧୁରୀ ଆପଣାର ରାଜନୀତି ତଥା ଶାସନଗତ କାର୍ଯ୍ୟରୁ ବାହାରି ଆସି ଯେତିକି ସମୟ ଗୃହାବାସରେ କଟାନ୍ତି, ସେତେବେଳେ ସେ ସେଠାରେ ପିଲାମାନଙ୍କ ସହିତ ପିଲା ହୋଇ ଯାଆନ୍ତି । ପିଲାମାନଙ୍କ ସହିତ ଖେଳନ୍ତି, ପିଲାମାନଙ୍କୁ ନିଜ କାନ୍ଧରେ ବସାଇ କୋଳ ତୋଳ ଖୁଆନ୍ତି, ନିଜେ ମଧ୍ୟ ଖାଆନ୍ତି । ଆଦିବାସୀ ପିଲାମାନେ ଆସିବାବେଳେ ପ୍ରଥମେ ଖଣ୍ଡେ ଖଣ୍ଡେ ଲେଙ୍ଗୁଟି ପିନ୍ଧିଥାନ୍ତି । ସେମାନଙ୍କର ସ୍ୱାସ୍ଥ୍ୟ ବୋଲି କିଛି ନଥାଏ । ପେଟ ବଡ଼ ହୋଇ ଦିଶୁଥାଏ, ନାକରୁ ସିଂଘାଣି ବୋହୁ-ଥାଏ, ଆଖିରେ ନେଳିଆ ଲାଗିଥାଏ । ଶ୍ରୀ ଚୌଧୁରୀଙ୍କର ସେସବୁ ଲାଗି ଆଦୌ କୌଣସି ଘୃଣା ନଥାଏ । ସେ ଆଦିବାସୀ ପିଲାମାନଙ୍କୁ ସେମାନଙ୍କର ଘରକଥା ପଚାରନ୍ତି ଏବଂ ସେମାନଙ୍କ ଠାରୁ ଜଙ୍ଗଲର ପଶୁ, ପକ୍ଷୀ ଓ କୀଟପତଙ୍ଗ ମାନଙ୍କ ବିଷୟରେ ଜାଣିବା ଲାଗି ସେମାନଙ୍କୁ କେତେ ପ୍ରଶ୍ନ କରନ୍ତି । ପଶୁପକ୍ଷୀଙ୍କର ସ୍ୱର—ଅନୁକରଣ ପିଲାମାନଙ୍କ ଠାରୁ ଶୁଣନ୍ତି ଓ ସେଥିରେ ନିଜେ ବି ଯୋଗ ଦିଅନ୍ତି ।

ଆଦିବାସୀ ପିଲାମାନଙ୍କୁ ସେ ମୂଷା ମାଂସ ଖାଇବାଲାଗି ଉତ୍ସାହିତ ମଧ୍ୟ କରନ୍ତି । କହନ୍ତି, ମୂଷାମାନେ ଆଦୌ କୌଣସି ଖରାପ ଜିନିଷ ଖାଆନ୍ତି ନାହିଁ, ଧାନ, ଚଣା, ମକା, ମାଣ୍ଡିଆ ପ୍ରଭୃତି ଖାଆନ୍ତି । ତେଣୁ ମୂଷାର ମାଂସ ହେଉଛି ଶୁଦ୍ଧ ମାଂସ । ବେଳ ପଡ଼ିଲେ ସେ ମୂଷାମାଂସ ରନ୍ଧାଇ ପିଲାମାନଙ୍କୁ ଖାଇବାକୁ ଦିଅନ୍ତି । ନିଜେ ମଧ୍ୟ କୌଣସି ପ୍ରକାର ବିକାର ନରଖି ସେମାନଙ୍କ ସହିତ ଏକତ୍ର ବସି ମାଂସ ଭୋଜନ କରନ୍ତି । ହଁ, ଖାଇବାର ଏହି ପ୍ରୋଗ୍ରାମରୁ କାଇ ଓ ଝିଙ୍ଗାପୋକ ମଧ୍ୟ ବାଦ୍ ପଡ଼ନ୍ତିନାହିଁ । ଝିଙ୍ଗା ପୋକକୁ ଭାଜି ମୁଢ଼ି ସାଙ୍ଗରେ ଖିଆ ହୁଏ । ଆଦିବାସୀ ପିଲା ନୂଆ ହୋଇ ଯେତେବେଳେ ଏତେ ବାଟ ଅତିକ୍ରମ କରି ଅନୁଗୁଳ ଗୃହାବାସକୁ ପଢ଼ିବ ବୋଲି ଆସେ, ସେତେବେଳେ ଏଠାକାର ଅଣଆଦିବାସୀ ସଂସାର ତାକୁ କେମିତି କେମିତି ଲାଗୁଥିବ । ନୂଆ ମେଳଘରେ ତାକୁ ସବୁକିଛି ଖାପଛଡ଼ା ପରି ଲାଗୁଥିବା ସେ ମନର ଅନ୍ତର କନ୍ଦରରେ ତା' ଜଙ୍ଗଲ, ତା' ପାହାଡ଼, ତା' ଚଢ଼େଇ ଓ ତା' ପଶୁ-ମାନଙ୍କୁ ଝୁରୁଥିବ । ତା' ଧଳୁଗାଈକୁ ମଧ୍ୟ ଝୁରୁଥିବା ଗୃହପାଳଙ୍କୁ ଅନାଇ ତାକୁ ହୁଏତ ମନ ଭିତରେ କଅଁଳ ଖାନ ଖାନ ଲାଗୁଥିବ । ଏହିପରି ଏକ ଅବସ୍ଥାରେ ଶ୍ରୀଯୁକ୍ତ ଚୌଧୁରୀ ତା'ର ସାଥୀଟିଏ ହୋଇ ତା' ପାଖକୁ ଆସୁଥିଲେ ଏବଂ ତା' ସମାଜର ପଶୁ-ଜାତି ଠାରୁ ଆରମ୍ଭ କରି ମୂଷାଖିଆ ପର୍ଯ୍ୟନ୍ତ କଥା ପକାଇ ତାର ଆତ୍ମୀୟ ଖାଣ୍ଟି ଦେଶୀଭାଇ ସଙ୍ଗଟିଏ ଯୋଗାଇ ଦେଉଥିଲେ । ସେ ଯଥାର୍ଥ ଶିକ୍ଷକର କାର୍ଯ୍ୟ କରୁଥିଲେ ।

Digitized by srujanika@gmail.com

ଶ୍ରୀ ନବକୃଷ୍ଣ ଚୌଧୁରୀ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ଅମନନୀୟ ଜିଜ୍ଞାସୁ ଥିଲେ । ପୁସ୍ତକମାନେ ସମ୍ଭବତଃ ତାଙ୍କର ସବୁଠାରୁ ଅଧିକ ପ୍ରିୟ ଥିଲେ, ସବୁଠାରୁ ବଡ଼ ସାଙ୍ଗ ଥିଲେ । ସେ ନିଜେ କଣ ଯେ ପଢ଼ୁନଥିଲେ, ସେକଥା ଅନୁସନ୍ଧାନ କରି କହିବା ପ୍ରକୃତରେ କଷ୍ଟକର ହେବ । ତାଙ୍କର ବହିପଢ଼ା ହିଁ ବିଭିନ୍ନ ସମୟରେ ତାଙ୍କୁ ବିଭିନ୍ନ ରାଜନୀତିକ ମତବାଦ ଆଡ଼କୁ ଆକୃଷ୍ଟ କରି ନେଇଥିଲା । ତାଙ୍କର ଅଧ୍ୟୟନର ଦ୍ୱାର ସର୍ବଦା ଉନ୍ମୁକ୍ତ ହୋଇ ରହିଥିଲା; ତେଣୁ ସେ କୌଣସି କଥାକୁ ସର୍ବଶେଷ ଓ ଚରମ ବୋଲି ମାନି ନେଉନଥିଲେ । କୌଣସି ସ୍ଥାନରେ କାହାସହିତ ଘଡ଼ିଏ ବସିଗଲେ ସେ ପୁସ୍ତକର ଆଲୋଚନା ହିଁ କରୁଥିଲେ । ରାଜନୀତି ଓ ଶାସନ ଭିତରେ ଥିଲାବେଳେ ତାଙ୍କର ସାଥୀମାନେ ତାଙ୍କୁ ହୁଏତ ଏକ ବିଚିତ୍ର ମନୁଷ୍ୟ ବୋଲି ବୋଧ କରୁଥିବେ ଓ ରାଜନୀତି କଲେ ଏତେ ଏତେ ବହି ପଢ଼ିବାର କ'ଣ ଆବଶ୍ୟକତା ରହିଛି ବୋଲି ଭାବି ବିସ୍ମିତ ହେଉଥିବେ । ସମ୍ଭବତଃ ସେହି କାରଣରୁ ଲୁଚ୍ଚା ରାଜନୀତିବାଲା ଓ ରାଜନୀତିକ ମାମଲତକାରଙ୍କ ମେଳରେ ବେଳେବେଳେ ତାଙ୍କୁ ଅତ୍ୟନ୍ତ ଅସହାୟ ଲାଗୁଥିଲା ଓ ବିଦ୍ୟାରେ ଅବଗାହି ଥିବା ଅଧ୍ୟାପକଟିଏ ଦେଖିଲେ ସେ କେଡ଼େ ଖୁସୀ ହୋଇ ଯାଉଥିଲେ । ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ମୁଖ୍ୟମନ୍ତ୍ରୀଙ୍କ ଲାଇବ୍ରେରୀ ନାମରେ ଏକ ପୁସ୍ତକସଂଗ୍ରହ ଆରମ୍ଭ କରିଥିଲେ । ଅନ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସମୟରେ ସେହି ସଂଗ୍ରହଟି ଅବଶ୍ୟ ଉଜୁଡ଼ି ଯାଇଥିବ ।

କୌଣସି ବିଦ୍ୟାର ସର୍ବଶେଷ ଅର୍ଥାତ ଅନ୍ୟତମ ଗ୍ରନ୍ଥଟି ସହିତ ମଧ୍ୟ ପରିଚିତ ରହିବାକୁ ସେ ସର୍ବଦା ଯତ୍ନଶୀଳ ଥିଲେ ଏବଂ ଏହି କ୍ଷେତ୍ରରେ ସେହି ବିଦ୍ୟାରେ ପ୍ରବୀଣ ଅଧ୍ୟାପକମାନଙ୍କୁ ମଧ୍ୟ ଚକିତ କରି ଦେଉଥିଲେ । ବିଦ୍ୟାଲୋଚନାର ନାନାବିଧ ଅବସରରେ ଜଣେ ଶ୍ରୋତାରୂପେ ଯାଇ ବସିବାରେ ସେ ସତେଅବା ଜଣେ ଦତେ ଛାତ୍ରର ଆନନ୍ଦ ଲାଭ କରୁଥିଲେ । ଅତ୍ୟନ୍ତ ଅଜ୍ଞାତ ଭାବରେ କେତେବେଳେ ଯେ ଯାଇ ସେ ସବାପଛ ଧାଡ଼ିରେ ଖୁଡ଼୍ ଖାଡ଼୍ ନକରି ବସି ଯାଉଥିଲେ, ସେକଥା କେହି ଜାଣି ବି ପାରୁନଥିଲେ । ବହି ପଢ଼ିବାର ନିଶା କେତେକ କ୍ଷେତ୍ରରେ ଆପଣାର ଅଶାନ୍ତ ଭିତରଟାକୁ କିଛିଟା ଶାନ୍ତ ଆଣି ଦେବାରେ ପ୍ରଶମକ ପରି କାର୍ଯ୍ୟ କରିଥାଏ । କଣ ସବୁ ଭୁଲି ପାରିବାକୁ ବି ଅନେକେ ବହିନିଶାରେ ପଡ଼ିଥାନ୍ତି । ଶ୍ରୀଯୁକ୍ତ ଚୌଧୁରୀଙ୍କ ଗଭୀର ଅବଚେତନ ଭିତରେ ହୁଏତ କଣ ଏପରି ଶୂନ୍ୟ କ୍ଷୋଭମୟ ଜାଗାଟିଏ ଥିଲା, ଯାହାକୁ ପାସୋରି ପାରିବା ଲାଗି ସେ ବହିମାନଙ୍କର ପ୍ରେମରେ ଏତେବେଶୀ ପଡ଼ି ଯାଇଥିଲେ, ତାଙ୍କୁ ଯଥାସମ୍ଭବ ପୂର୍ଣ୍ଣ ଓ ଅବିଭାଜିତ ଭାବରେ ଦେଖିବାର ଚେଷ୍ଟା କରୁଥିବା ସମୟରେ ବେଳେବେଳେ ଏପରି ଗୋଟିଏ ସଂଶୟ ମଧ୍ୟ ଜାତ ହୋଇଥାଏ ।

ଆମେରିକା ଯୁକ୍ତରାଷ୍ଟ୍ରରେ ଦୀର୍ଘକାଳ ଧରି ଦର୍ଶନର ଅଧ୍ୟାପନା କରି ଆସୁଥିବା ପ୍ରଖ୍ୟାତ ଶ୍ରୀଯୁକ୍ତ ଜିତେନ୍ଦ୍ର ମହାନ୍ତି ହେଉଛନ୍ତି ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ଭଣଜା

Digitized by srujanika@gmail.com

ମାମୁଁଙ୍କ ସମ୍ବନ୍ଧରେ ଦେଇଥିବା ବିବରଣୀରେ ସେ ଶ୍ରୀ ଚୌଧୁରୀଙ୍କର ପୁସ୍ତକପ୍ରୀତି ଓ ଜ୍ଞାନଚର୍ଚ୍ଚାର ବିଶଦ ବର୍ଣ୍ଣନା ଦେଇଛନ୍ତି । ହାଇସ୍କୁଲ ଦଶମ ଶ୍ରେଣୀ ବେଳେ ସେ କଟକରେ ମାମୁଁଘରେ ରହି ପାଠ ପଢ଼ୁଥିଲେ । ସେଠାରେ ସେ ପ୍ରାୟ ତିନିବର୍ଷ କାଳ ରହିଥିଲେ । ତାଙ୍କର ଭାଷାରେ :

"ମାମୁଁ ମାଈଁ ଆସନ୍ତି, ଯାଆନ୍ତି ।···ସେମାନଙ୍କୁ ଚିହ୍ନିବାର ସୁଯୋଗ ହେଲା । ପ୍ରଥମ ଆକର୍ଷଣ ହେଲା ତାଙ୍କର ବହି । ଘର ସାରା କାଚ ଆଲମାରିରେ ବହି । ଆମ ଘରେ ବାପାଙ୍କର ଲ' ବହି ଦେଖୁଥିଲି । ଏହି ପ୍ରଥମ କାହାର ଘରେ ଲାଇବ୍ରେରୀ ଦେଖିଲି ।···ସାନମାମୁଁ ଓ ସାନମାଈଁଙ୍କର ଲାଇବ୍ରେରୀରେ ପ୍ରଧାନତଃ ମାର୍କ୍ସଙ୍କର ଓ ମାର୍କସୀୟ ସିଦ୍ଧାନ୍ତ ସମ୍ବନ୍ଧୀୟ ଅନେକ ବହି । ତା'ଛଡ଼ା ଗାନ୍ଧୀ, ନେହରୁ ଓ ରବୀନ୍ଦ୍ର-ନାଥଙ୍କ ବହି । ପାଶ୍ଚାତ୍ୟ ଇତିହାସ ଓ ଦର୍ଶନର ବହି । ମୁଁ ପଢ଼ିବାକୁ ଆରମ୍ଭ କଲି । ଯେତେ ପାରିଲି ପଢ଼ିଲି । ସବୁ ନୂଆ କଥା, ଏପର୍ଯ୍ୟନ୍ତ ଏପରି ଚିନ୍ତାଜଗତରେ ମୋର ପ୍ରବେଶ ନଥିଲା ।

"ମୁଁ ଯେତେବେଳେ ଠିକ କଲି କଲିକତା ପ୍ରେସିଡେନ୍ସି କଲେଜରେ ଦର୍ଶନ ପଢ଼ିବି, ସାନମାମୁଁ ଖୁସି ହେଲେ (ମୋ'ର ବାପା ଖୁବ୍ ଚିନ୍ତିତ ହୋଇ ପଡ଼ିଥିଲେ) ଛୁଟିଛୁଟିରେ ମୁଁ କଟକ ଆସିଥାଏ, ମୋ ହାତରେ ଗୋଟିଏ ବେଦାନ୍ତ ବହି ଥାଏ, ମୁଁ ପଢ଼ୁଥିଲି । ସାନମାମୁଁ ବହିଟି ଦେଖିଲେ, କହିଲେ—ମୋର ପରିଷ୍କାର ମନେ ଅଛି—ଏସବୁ ତ ସେଇ ପୁରୁଣା Idealist ଦର୍ଶନ ? ଆମକୁ ନୂଆ ରାସ୍ତା ଖୋଜିବାକୁ ପଡ଼ିବ । Idealism ଅଥବା ଭାବବାଦକୁ ସେ ନିଜ ମନରୁ ପୁରାପୁରି reject କରିଦେଇ, ଅନ୍ୟପନ୍ଥା ଖୋଜୁଥିଲେ । ଗାନ୍ଧୀବାଦୀ ହେଲା ପରେ ମଧ୍ୟ ଗାନ୍ଧିଙ୍କର ଜ୍ୱଳନ୍ତ ଈଶ୍ୱରବିଶ୍ୱାସ ତାଙ୍କର ନଥିଲା । ମୋର ବେଳେବେଳେ ମନେହୁଏ, ନାସ୍ତିକ ଥିଲେ ବୋଲି । ବିନୋବାଙ୍କ ସାଙ୍ଗରେ ପଦଯାତ୍ରାରେ ବୁଲିଲା ବେଳେ ସମବେତ ପ୍ରାର୍ଥନା ସଭାରେ ତାଙ୍କୁ ପ୍ରାର୍ଥନା ବୋଲିବାର କେବେ ଦେଖି (ବା ଶୁଣି) ନାହିଁ । ହିନ୍ଦୁଧର୍ମର ritualକୁ ମାନୁ ନଥିଲେ—ବୁଢ଼ୀମା (ତାଙ୍କର ବୋଉ) ମରିଗଲା ପରେ ସେ କୌଣସି ritual କରିବାକୁ ମନା କଲେ । ସେ ଏପରି ଗୋଟିଏ ଆଧ୍ୟାତ୍ମିକତା ଖୋଜୁଥିଲେ ଯାହା ମଧ୍ୟରେ କୌଣସି ମଳିନତା ନଥିବ, ଯାହା ସବୁପ୍ରକାର ଭଣ୍ଡାମିରୁ ମୁକ୍ତ, ଏବଂ ଯାହା ସାମାଜିକ ଏବଂ ଅର୍ଥନୈତିକ ସାମ୍ୟବାଦକୁ ନିଜର ଅନ୍ତର୍ଭୁକ୍ତ କରିବାକୁ ସମର୍ଥ ହେବ । ସେଥିପାଇଁ ବିନୋବାଙ୍କର ବ୍ୟକ୍ତିତ୍ୱ ତାଙ୍କୁ ଏତେ ଆକର୍ଷଣ କରି ପାରିଥିଲା ।"

Digitized by srujanika@gmail.com

ପୁନଶ୍ଚ, "ଶ୍ରୀ ଅରବିନ୍ଦଙ୍କର ଚିନ୍ତାଧାରା ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଥିଲା । ସେ ବିଷୟରେ ଖୁବ୍ କିଛି କହୁନ୍ତିନାହିଁ । (ପରେ ମୁଁ ଜାଣିଲି, ରମା ଦେବୀ ମଧ୍ୟ ପିଲାଦିନରୁ ଶ୍ରୀ ଅରବିନ୍ଦଙ୍କର ଆଦର୍ଶ ଦ୍ୱାରା ପ୍ରଭାବିତ ଥିଲେ—ଗାନ୍ଧୀଜୀ ତାଙ୍କର ଜୀବନକୁ ଆସିବା ପୂର୍ବରୁ ।) ମୁଁ ଅରବିନ୍ଦ—ଦର୍ଶନ ପଢ଼ୁଛି, ଏତିକି ସେ ଜାଣିଥିଲେ । ଥରେ କଟକର ଗୋଟିଏ ଅରବିନ୍ଦ—ସମାଜ ମୋତେ ଅଗଷ୍ଟ ୧୫ରେ ବକ୍ତୃତା ଦେବାକୁ ଡ଼ାକିଲେ । ମୁଁ କଲିକତାରୁ ଆସିଲି । ସକାଳେ ସଭାଗୃହରେ ପହଞ୍ଚି ଦେଖିଲି ସାନମାମୁଁ ସ୍ୱୟଂ ସେହି ସଭାର ସଭାପତିତ୍ୱ କରିବେ । ତାଙ୍କ ସାମନାରେ ବକ୍ତୃତା କରିବାକୁ ମୁଁ ଟିକିଏ ସଙ୍କୁଚିତ ବୋଧ କଲି । ମୋ'ର ବକ୍ତୃତା ସରିଲାପରେ, ସେ ଅରବିନ୍ଦଙ୍କ ସମ୍ବନ୍ଧରେ ଅନେକ ସୁନ୍ଦର ସୁନ୍ଦର କଥା କହିଲେ । ଅରବିନ୍ଦଙ୍କର ମାୟା-ବାଦ-ଖଣ୍ଡନ, ସଂସାର-ବିମୁଖ ଯୋଗସାଧନା ପରିବର୍ତ୍ତିରେ ନୂଆ ଯୋଗପଦ୍ଧତି ଆବିଷ୍କାର, ବିବର୍ତ୍ତନବାଦ, ଇତିହାସର ବ୍ୟାଖ୍ୟା, ଗାନ୍ଧିବାଦ ଓ ମାର୍କସବାଦ ଠାରୁ ତାଙ୍କ ଚିନ୍ତାର ପ୍ରଭେଦ କେଉଁଠି ଏମିତି ଅନେକ କଥା ତାଙ୍କର ସ୍ୱଭାବସୁଲଭ ଭାଷାରେ କହିଲେ ।"

ଅଧ୍ୟାପକ ମହାନ୍ତି ଆମେରିକାରୁ ଦେଶକୁ ଆସିଲେ ଶ୍ରୀଯୁକ୍ତ ଚୌଧୁରୀ ଅତ୍ୟନ୍ତ ଉତ୍ସାହର ସହିତ ତାଙ୍କୁ ଦେଖିବାକୁ ଅନୁଗୁଳରୁ ଚାଲି ଆସୁଥିଲେ । ଅଭ୍ୟନ୍ତ ଶୀତରେ ନାନା ବିଷୟରେ ଆଲୋଚନା ହେଉଥିଲା । ସେହିସବୁ ଆଲୋଚନାରୁ ଶ୍ରୀ ମହାନ୍ତି ଏକ ସୂଚନା ପାଉଥିଲେ ଯେ, ଶ୍ରୀଯୁକ୍ତ ଚୌଧୁରୀ "କ୍ରମଶଃ ଓଡ଼ିଶାର ଅଲେଖ ଧର୍ମ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ସେଥିରେ ସେ ତାଙ୍କର ସାରା ଜୀବନର ଅନ୍ୱେଷଣ ଆଧ୍ୟାତ୍ମିକତା ସହିତ ସମାଜିକ ବିପ୍ଳବର ସୂତ୍ର ଯେପରି ଖୋଜି ପାଉ-ଥିଲେ ।" ଶ୍ରୀ ଚୌଧୁରୀ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଅଧ୍ୟାପକ ମହାନ୍ତିଙ୍କର ବିବାହ ହୋଇଥିଲା । ତାଙ୍କ ଭାବୀ ପତ୍ନୀଙ୍କ ପରିବାର ଶ୍ରୀ ମହାନ୍ତିଙ୍କ ସହିତ ତାଙ୍କର ବିବାହରେ ଆଦୌ ରାଜି ହେଲେନାହିଁ । ପରିସ୍ଥିତି ଏପରି ହେଲାଯେ ସିଏ ତାଙ୍କର ଘର ଛାଡ଼ି ଚାଲିଆସିଲେ । "ନବବାବୁ-ମାଲତୀ ଦେବୀ-ମାମୁ ମାଇଁ-ତାଙ୍କୁ ଝିଅ କରି ଅନୁଗୁଳରେ ବିବାହ ଦେଲେ । ସେଥିରେ ତାଙ୍କର କି ଆନନ୍ଦ!" ପୁନଶ୍ଚ "ମୁଁ ଏମ୍. ଏ. ପାସ୍ କରିଥାଏ, କଲିକତାର ଗୋଟିଏ କଲେଜରେ 'ପାର୍ଟ-ଟାଇମ୍' ପଢ଼ାଉଥାଏ ବରାବର ପଚାରନ୍ତି ମୁଁ କ'ଣ କରିବାକୁ ଚାହେଁ । ଦର୍ଶନଚର୍ଚ୍ଚା ଓ ଅଧ୍ୟାପନା କରିବା କଥା ତାଙ୍କର ପସନ୍ଦ ହେଲା । ବାପା ଓ ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ଚାହୁଁଥିଲେ ମୁଁ ଆଇ. ଏ. ଏସ୍ ରେ ଯୋଗ ଦିଏ, ନହେଲେ ଓକିଲାତି କରେ । ଦର୍ଶନଚର୍ଚ୍ଚାର ରାସ୍ତାରେ ରହିବା ଅନେକଟା ସାନମାମୁଁଙ୍କର ପ୍ରେରଣା ପାଇଁ ।"

ଓଡ଼ିଆ ସାହିତ୍ୟର ସବୁଜ ଯୁଗରେ ଜଣେ ଅନ୍ୟତମ ସହଯୋଗୀ ଏକଦା ଇଂରେଜ ସରକାରଙ୍କ ଅମଳରେ ଜଣେ ସିଭିଲିଆନ୍ ଅଫିସର ବଙ୍ଗଳା ସାହିତ୍ୟରେ

Digitized by srujanika@gmail.com

ଏବେ ଜଣେ କୃତବିଦ୍ୟ ଶିଳ୍ପୀ ଶ୍ରୀଯୁକ୍ତ ଅନ୍ନଦା ଶଙ୍କର ରାୟ ଶ୍ରୀଯୁକ୍ତ ଚୌଧୁରୀଙ୍କର ଯୌବନ କାଳରୁ ଜଣେ ଘନିଷ୍ଠ ବନ୍ଧୁ, ତାଙ୍କ ପରିବାରର ଚିରକାଳ ଜଣେ ଅତି ନିକଟରେ ରହି ଆସିଥିବା ବ୍ୟକ୍ତି । ଆପଣାର ଏକ ସ୍ମୃତିଚାରଣାରେ ଶ୍ରୀଯୁକ୍ତ ରାୟ ଲେଖିଛନ୍ତି ଯେ, ଶ୍ରୀ ନବକୃଷ୍ଣ ଚୌଧୁରୀ ପାଶ୍ଚାତ୍ୟ ବିପ୍ଳବ, ଗାନ୍ଧୀ ଏବଂ ମାର୍କ୍ସଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ସେ ପୁଣି ଲେଖିଛନ୍ତି ଯେ, ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କର ସଂସଦୀୟ ଅର୍ଥାତ୍ ପର୍ଲେଆମେଣ୍ଟାରୀ ଗଣତନ୍ତ୍ରରେ କୌଣସି ବିଶ୍ୱାସ ନଥିଲା । ଅବଶ୍ୟ ଏକଥା ସତ ଯେ ସେହି ପାର୍ଲିଆମେଣ୍ଟାରୀ ଗଣତନ୍ତ୍ରର ସ୍ଥାନ ଭିତରେ ତାଙ୍କୁ ସକ୍ରିୟ ଭାବରେ ଏକ ଭୂମିକା ଗ୍ରହଣ କରିବାକୁ ପଡ଼ିଥିଲା । ଶ୍ରୀଯୁକ୍ତ ରାୟ ପ୍ରାୟ ଏକ ଦରଦର ସହିତ ମତ ଦେଇଛନ୍ତି ଯେ, ଶ୍ରୀ ଚୌଧୁରୀଙ୍କର ଏହି ସ୍ଥାନ ଭିତରୁ ସର୍ବଦା ବାହାରେ ରହିବା ହିଁ ସର୍ବଥା ଭଲ ହୋଇ ଥାନ୍ତା । ଯାବତୀୟ ପ୍ରଲୋଭନ ସତ୍ତ୍ୱେ ସିଏ ତଥାପି ବାହାରେ ରହିଥାନ୍ତେ ।

ଶ୍ରୀଯୁକ୍ତ ରାୟଙ୍କର ଏହି ଉକ୍ତିର ପ୍ରାସଙ୍ଗିକତା ଭିତରକୁ ପଶିବାକୁ ହେଲେ ଆମକୁ ହୁଏତ ଏକାବେଳେକେ ଅନ୍ୟ ଭାବରେ ଶ୍ରୀ ଚୌଧୁରୀଙ୍କର ଜୀବନ ଓ କରଣି-ଗୁଡ଼ିକ ସହିତ ନିକଟରୁ ଅଥବା ଦୂରରୁ ସମ୍ପୃକ୍ତ ହୋଇ ରହି ଆସିଥିବା ଜଣେ ବ୍ୟକ୍ତିଙ୍କର ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କ ସମ୍ପର୍କରେ କରିଥିବା ଆକଳନଟିକୁ ମଧ୍ୟ ତୁଳନାତ୍ମକ ଭାବରେ ବିଚାରକୁ ଆଣିବାକୁ ପଡ଼ିବ । ଶ୍ରୀ ଚୌଧୁରୀଙ୍କ କାଳ ହେବାର ଅବ୍ୟବହିତ ପରେ ତାଙ୍କ ଜୀବନର ମୁଖ୍ୟ ଆଭିମୁଖ୍ୟଗୁଡ଼ିକ ବିଷୟରେ ଆପଣାର ଏକ ବିଶ୍ଳେଷଣ କରି ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ଲେଖିଥିଲେ (ପ୍ରଜାତନ୍ତ୍ର, ୨ । ୭ । ୮୪): "ପ୍ରତ୍ୟେକ ବିପ୍ଳବର ଦୁଇଟି ଅଙ୍ଗ ଥାଏ । ଗୋଟିଏ ଉତ୍ତେଜନାମୟ, ଆନ୍ଦୋଳନାତ୍ମକ; ଅନ୍ୟଟି ହେଉଛି ବିପ୍ଳବରୁ ଉଦ୍‌ଭୂତ ଉତ୍ସାହକୁ ଧରି ରଖି କାର୍ଯ୍ୟରେ ଲଗାଇବା ପାଇଁ ସଂଗଠନ । ନବବାବୁଙ୍କ ଉତ୍ସାହ ଥିଲା ଉତ୍ତେଜନାମୟ ଆନ୍ଦୋଳନର । ସେ ସଂଗଠନ-ବିଶ୍ୱାସୀ ନଥିଲେ । ସେଥିରେ ତାଙ୍କର ମନ ନଥିଲା ।" ପୁନଶ୍ଚ 'ନବବାବୁ ଗାନ୍ଧୀ-ବାଦୀ ନଥିଲେ । ଅର୍ଥାତ୍ ସେ ଗାନ୍ଧିଜୀଙ୍କର ଆନ୍ଦୋଳନରେ ବିଶ୍ୱାସ ରଖୁଥିଲେ ମଧ୍ୟ ଗାନ୍ଧିଜୀଙ୍କ ଅହିଂସା ଓ ରଚନାତ୍ମକ କାର୍ଯ୍ୟରେ ତାଙ୍କର ବିଶ୍ୱାସ ନଥିଲା ।' ଶ୍ରୀ ଚୌଧୁରୀଙ୍କର ଜୀବନକାଳରେ ଏଭଳି ଲେଖା ହୋଇଥିଲେ ସେ ଏହି ବିଷୟରେ କିଭଳି ପ୍ରତିକ୍ରିୟା ବ୍ୟକ୍ତ କରିଥାନ୍ତେ କେଜାଣି ? ସମ୍ଭବତଃ କୌଣସି ପ୍ରତିକ୍ରିୟା ବ୍ୟକ୍ତ କରିନଥାନ୍ତେ । ମାତ୍ର, ଅନ୍ୟ ପକ୍ଷରେ କଥାଟିକୁ ସତ ବୋଲି ମଧ୍ୟ ଗ୍ରହଣ କରିନଥାନ୍ତେ ।

ଆନ୍ଦୋଳନ ଏବଂ ସଂଗଠନ କ'ଣ ସତରେ ପରସ୍ପର ବିରୋଧୀ ? ଆନ୍ଦୋଳନ ଲାଗି ମଧ୍ୟ ଏକ ସଂଗଠନ କରିବାକୁ ପଡ଼ିଥାଏ ଏବଂ କୌଣସି ଏକ ଆନ୍ଦୋଳନ ଅର୍ଥାତ୍

Digitized by srujanika@gmail.com

ପରିବର୍ତ୍ତନକୁ ଆଖିଆଗରେ ରଖି ତଦନୁରୂପ ଏକ ସଂଗଠନର ଆବଶ୍ୟକତା ରହିଥାଏ । ମହାତ୍ମା ଗାନ୍ଧୀଙ୍କର ରଚନାତ୍ମକ କାର୍ଯ୍ୟକ୍ରମକୁ ଆମେ ଏକ ଆନ୍ଦୋଳନ ବୋଲି କହିବା ନା ଏକ ସଂଗଠନ ବୋଲି କହିବା ? ଅର୍ଥନୈତିକ ସାମାନତା ମଧ୍ୟ ସେହି ରଚନାତ୍ମକ କାର୍ଯ୍ୟକ୍ରମରେ ଗୋଟିଏ ଲକ୍ଷ୍ୟ ହୋଇ ରହିଥିଲା । ଅର୍ଥନୈତିକ ସମାନତା ଲାଗି କାର୍ଯ୍ୟ କରିବା, ସତକୁ ସତ କାର୍ଯ୍ୟ କରିବା,—ଏହା ଏକ ଆନ୍ଦୋଳନାତ୍ମକ କାର୍ଯ୍ୟ ? ଗାନ୍ଧିଜୀଙ୍କର ଯାବତୀୟ ନେତୃତ୍ୱକ୍ଷେତ୍ରରେ ଆନ୍ଦୋଳନ ଏବଂ ସଂଗଠନ ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇ ରହିଥିଲେ । ସତ୍ୟାଗ୍ରହକୁ ଯଦି ଏକ ଆନ୍ଦୋଳନ ବୋଲି ବୁଝାଯିବ, ତେବେ ସେଥିଲାଗି ମଧ୍ୟ ବହୁ ସଂଗଠନ ତଥା ସଂଗଠନାତ୍ମକ କାର୍ଯ୍ୟର ଆବଶ୍ୟକତା ସର୍ବଦା ରହିଥିଲା । ସଂଗଠନକୁ ଛାଡ଼ି ତଥାକଥିତ ଆନ୍ଦୋଳନରେ ନାଚିବା ଯେତିକି ଅଯଥାର୍ଥ ହେବ, ଆନ୍ଦୋଳନର ମୂଳଦୃଷ୍ଟିଟିକୁ ବାଦ୍, ଦେଇ ସଂଗଠନରେ ସବୁଯାକ ଉଦ୍ୟମକୁ ବାନ୍ଧି ରଖିବା ମଧ୍ୟ ରକ୍ଷଣଶୀଳତା ହିଁ ହେବା ତାହା ହୁଏତ ଭୁଚ୍ଛା ସଂସ୍କାରବାଦିତା ଭିତରେ ପର୍ଯ୍ୟବସିତ ହୋଇଯିବ, ପରିବର୍ତ୍ତନକୁ ଓଗାଳି ରଖିବ ।

ସ୍ୱାଧୀନତା—ସଂଗ୍ରାମକୁ ଆମେ ମୁଖ୍ୟତଃ ଏକ ଆନ୍ଦୋଳନ ବୋଲି କହୁଛୁ ସତ, ମାତ୍ର ସେଥିରେ ସଂଗଠନର ମଧ୍ୟ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଥିଲା । ଯାବତୀୟ ସଂଗଠନକୁ ଆମେ ଆନ୍ଦୋଳନର ପରିପୂରକ ବୋଲି ହିଁ କହିବା । ଗାନ୍ଧିଜୀ ଅଧିକାଂଶ ସମୟରେ କଂଗ୍ରେସ ସଂଗଠନ ଭିତରେ ନଥିଲେ, ମାତ୍ର ସେହି ସଂଗଠନକୁ ମାଧ୍ୟମ କରି ହିଁ, କଂଗ୍ରେସକୁ ଯନ୍ତ୍ରରୂପେ ବ୍ୟବହାର କରି ହିଁ ଭାରତୀୟ ସ୍ୱାଧୀନତା-ସଂଗ୍ରାମର ଯାବତୀୟ ଆନ୍ଦୋଳନର ପରିଚାଳନା କରିଥିଲେ । ଅବଶ୍ୟ ଏଭଳି ବ୍ୟକ୍ତି ସର୍ବଦା ଥିଲେ, ଏବେ ମଧ୍ୟ ଅଛନ୍ତି, ଯେଉଁମାନେ କି ଗାନ୍ଧୀଙ୍କର ଯାବତୀୟ କାର୍ଯ୍ୟକ୍ରମ ଏବଂ ପଦକ୍ଷେପକୁ ମୂଳତଃ ଏକପାଖିଆ କରି ଦେଖିଛନ୍ତି । ତାଙ୍କ ରଚନାତ୍ମକ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ ନିହିତ ହୋଇ ରହିଥିବା ବୈପ୍ଳବିକ ପରିବର୍ତ୍ତନର ଆବେଦନଟିକୁ ସେମାନେ ସମ୍ଭବତଃ ଅନ୍ୟ ଏକ ଆଖିଆ ହୋଇ ଭୁଲି ଯାଇଛନ୍ତି । ସମ୍ଭବତଃ, ଆପଣା ଭିତରେ ରହିଥିବା କୌଣସି ଅନୁକୂଳ ବା ରକ୍ଷଣଶୀଳ ଉପାଦାନର ତାଡ଼ନାରେ ପଡ଼ି ଭୁଲି ଯାଇଛନ୍ତି । ଗାନ୍ଧିଜୀଙ୍କର ହରିଜନ ସେବା, ଖଦୀ, ନିଶାନିବାରଣ ଅସ୍ପୃଶ୍ୟତା— ଦୂରୀକରଣ ଓ ନୂଇ ତାଲିମର ପ୍ରଚାର—ଏହି ସବୁକିଛି ପଛରେ ସମାଜ-ପରିବର୍ତ୍ତନର ଅର୍ଥାତ୍ ବର୍ତ୍ତମାନ ଭାରତୀୟ ଜୀବନକୁ କାମୁଡ଼ି ଧରିଥିବା ପୁରାତନ ଶୋଷଣଧର୍ମୀ ବ୍ୟବସ୍ଥାଗୁଡ଼ିକ ସ୍ଥାନରେ ଏକ ଅଧିକ ମନୁଷ୍ୟୋଚିତ ଓ ମର୍ଯ୍ୟାଦାବନ୍ତ ନୂତନ ସମାଜ ପ୍ରତିଷ୍ଠା କରିବାର ଆହ୍ୱାନ ଅତ୍ୟନ୍ତ ଚାଞ୍ଚଲ ହୋଇ ରହିଥିଲା ।

ଅନେକେ ସେହି ଦିଗଟିକୁ ଭୁଲିଗଲେ, ଆପଣା ଭିତରେ ସଞ୍ଚ ଚେତନାକରି ରହିଥିବା ନିଜର କୌଣସି ଅସମର୍ଥତା ହେତୁ ସେମାନେ ହୁଏତ ଜାଣି ଜାଣି ସେହି ଆହ୍ୱାନକୁ

Digitized by srujanika@gmail.com

ଭୁଲିଗଲେ । ସେମାନେ ଖାଲି ଖଦୀ କାମ କଲେ ଖାଲି ହରିଜନସେବା କଲେ ଅଥବା ଖାଲିତାଲଗୁଡ଼ ରନ୍ଧାଇଲେ ବା ଖାଲି ଘଣା ଚଳାଇଲେ । ବର୍ତ୍ତମାନ ସ୍ୱାଧୀନ ଭାରତରେ ସେହିସବୁ କାମ କେଡ଼େ ଆଡ଼ମ୍ବରରେ ଅମଲାତନ୍ତ୍ରୀ ଯାବତୀୟ କୁଶଳତାକୁ କାମରେ ଲଗାଇ କରାହେଉଛି, ମାତ୍ର ତା'ଭିତରେ ଉଦ୍‌ବେଳନକାରୀ ଅଫଳ ପ୍ରସନ୍ନ କିଛି କେଉଁଠି-ହେଲେ ନାହିଁ । ସମାଜ ପରିବର୍ତ୍ତନର ଆଦୌ କୌଣସି ସମ୍ଭାବନା ନାହିଁ । କେବଳ ଉତ୍ପାଦନ ବଢ଼ାଇବାର ଅକୁଶଳ ଫିସାଦ ଭିତରେ ପଡ଼ି ମଣିଷକୁ ଶୀତଳ ଅନୁଗତଟିଏ କରି ରଖିବାରେ ତାହାର କାମ ସରିଯାଉଛି । ତାହା କେବଳ ସେହିପରି ହୋଇ ଯେପରି ଅଲବତ ରହିବ, ସେକଥା ଦେଖିବାକୁ ସରକାରୀ ଅଭିଜ୍ଞମାନେ ନିଯୁକ୍ତ ହୋଇ ଅଛନ୍ତି । ଏକଦା ଏହି କାର୍ଯ୍ୟକ୍ରମଗୁଡ଼ିକ ଯେ ଧର୍ମତଃ ଏକ କ୍ରାନ୍ତିର ପ୍ରତୀକ ଥିଲେ, ସେକଥା ସଂପୂର୍ଣ୍ଣ ସେମାନେ ପାସୋରି ଦେଲେଣି ।

"ନବବାବୁ ଗାନ୍ଧୀବାଦୀ ନଥିଲେ ।" ଏକଥା ଶୁଣିବା ମାତ୍ରକେ ପାଠକକୁ ଆଣି କିଏ ସତେଅବା ଏକ ଭୁଚ୍ଛା ବଡ଼ମ୍ବନା ଭିତରେ ପକାଇ ଦେଉଥିବା ପରି ମନେହେବ । ନବବାବୁ ଗାନ୍ଧୀବାଦୀ ନଥିଲେ ଅର୍ଥାତ ଗାନ୍ଧୀଙ୍କ ପ୍ରେରଣାରେ କାର୍ଯ୍ୟ କରୁନଥିଲେ ତ **ଓଡ଼ିଶା**ରେ ଆଉ କିଏ ଗାନ୍ଧୀବାଦୀ ଥିଲେ ? ଓଡ଼ିଶାର ରାଜନୀତି ଭିତରେ ସମ୍ଭବତଃ ଶ୍ରୀ ଚୌଧୁରୀ ହିଁ ଏକାକୀ ଗାନ୍ଧୀଙ୍କୁ ସ୍ମରଣ କରାଇ ଦେବାଭଳି କାର୍ଯ୍ୟଗୁଡ଼ିକୁ କରୁ-ଥିଲେ ଏବଂ ଜୀବନଟିଏ ବଞ୍ଚୁଥିଲେ । ଯେଉଁମାନେ ବିଶୁଦ୍ଧ ଭାବରେ ଗାନ୍ଧୀ କାମ କରିବେ ବୋଲି ରାଜନୀତି ଦୂରଛଡ଼ା ହୋଇ ବାହାରି ଯାଇଥିଲେ, ସେମାନେ ଦୂରରେ ଥାଇ ରାଜନୀତିବାଲାଙ୍କର କୁକୁଟ ଦେଖୁଥିଲେ, ରାଜନୀତି ସତକୁ ସତ କେଡ଼େ ଦୂଷିତ ଏବଂ ଭଲ ଲୋକଙ୍କ ପାଇଁ କେଡ଼େ ଅନୁଚିତ, ସେକଥା କହି ଆତ୍ମସନ୍ତୋଷ ଲାଭ କରୁଥିଲେ । ନିଜ ପ୍ରତ୍ୟୟଗୁଡ଼ିକର ଅଫଳ ଭୂମି ଉପରେ ଦୃଢ଼ ପ୍ରତିଷ୍ଠିତ ରହି ସମ୍ଭବତଃ ଏକମାତ୍ର ଶ୍ରୀ ନବକୃଷ୍ଣ ଚୌଧୁରୀ ହିଁ ରାଜନୀତିବାଲାଙ୍କ ଭିତରେ ରହି ରାଜନୀତିବାଲାଙ୍କ ସହିତ ଲଢ଼ୁଥିଲେ । ଏଥିଲାଗି ତାଙ୍କୁ ଦୁଇ ପକ୍ଷଯାକ ହୁଏତ ସନ୍ଦେହର ଆଖିରେ ଦେଖୁଥିଲେ ଓ ତାଙ୍କର ହୁଏତ ମୋଟେ ଆନ୍ତରିକତା ନାହିଁ ବୋଲି ଅନୁମାନ କରୁଥିଲେ । ଏବଂ ଶ୍ରୀଯୁକ୍ତ ଚୌଧୁରୀ ବ୍ୟୂହଗୁଡ଼ିକ ଭିତରେ ସତେଅବା ସତେ ଛଟପଟ ହେବାରେ ଲାଗିଥିଲେ ।

ଶ୍ରୀଯୁକ୍ତ ଅନ୍ନଦା ରାୟ ସ୍ୱୀକାର କରିଛନ୍ତି ଯେ ନବକୃଷ୍ଣ ଚୌଧୁରୀ ଗାନ୍ଧୀଜୀଙ୍କ ପ୍ରତି ଗଭୀର ଭାବରେ ଅନୁଗତ ରହିଥିଲେ । "ମାତ୍ର, ଜବାହରଲାଲ ତାଙ୍କର ହୀରୋ ଥିଲେ, ଭବିଷ୍ୟତର ବୀର ଓ ଆଦର୍ଶ ହିସାବରେ ସେ ଜବାହରଲାଲଙ୍କୁ ହିଁ ଦେଖୁଥିଲେ ।" ଶ୍ରୀ ରାୟ ଏକଥା ମଧ୍ୟ କହିଛନ୍ତି । ଏକଥାରେ କୌଣସି ସନ୍ଦେହ ନାହିଁ ଯେ, ଏହି ଶତାବ୍ଦୀର ତୃତୀୟ ଦଶକରେ ପଣ୍ଡିତ ଜବାହରଲାଲ କେବଳ ଶ୍ରୀଯୁକ୍ତ ନବକୃଷ୍ଣ

Digitized by srujanika@gmail.com

ଚୌଧୁରୀଙ୍କର ବୁଦ୍ଧେ, ଓଡ଼ିଶା ସମେତ ସମସ୍ତ ଭାରତବର୍ଷରେ କଂଗ୍ରେସ ସମାଜବାଦୀ-ମାନଙ୍କର ସ୍ୱରେ ହୋଇ ରହିଥିଲେ । ନେହରୁରୂପକ ଗବାକ୍ଷ ଦେଇ ସେମାନେ ସେତେବେଳେ ସମଗ୍ର ଜଗତକୁ ଦେଖୁଥିଲେ । ସେମାନଙ୍କର ସେହି ଭାବମୂର୍ତ୍ତି ଉପରେ ସମ୍ଭବତଃ ପ୍ରଥମ ଆଘାତ ଆସିଲା ଯେତେବେଳେ ପଣ୍ଡିତ ନେହରୁ ଲର୍ଡ଼ ମାଉଣ୍ଟ୍ ବାଟେନ୍ଙ୍କର ପରାମର୍ଶକୁ କେତେ ଉତ୍ସାହର ସହିତ ଗ୍ରହଣ କରି ଭାରତବର୍ଷର ଦ୍ୱିଖଣ୍ଡୀକରଣରେ ରାଜି ହୋଇଗଲେ । କଂଗ୍ରେସ ସମାଜବାଦୀମାନେ ସେହି ବିଭାଜନ ପାଇଁ ସମ୍ମତ ନଥିଲେ । ରାଜନୀତିକ ସ୍ୱାଧୀନତା ଆସିଲା, ଗଣତାନ୍ତ୍ରିକ ସମାଜବାଦକୁ ଭାରତବର୍ଷର ସମ୍ବିଧାନ ଧ୍ୟେୟ ବୋଲି ଘୋଷଣା କଲା । ମାତ୍ର, ସମାଜବାଦୀମାନଙ୍କର ମୋହଭଙ୍ଗ ହେବାକୁ ଆଦୌ ବେଶୀ ଡ଼େରି ଲାଗିଲା ନାହିଁ । ସେମାନେ ଢୋଲ ଭିତରେ କେଉଁଠି ମୂଷା ପଶି ଯାଇଥିବା ପରି ଅନୁଭବ କରୁଥିଲେ । ଶ୍ରୀ ଚୌଧୁରୀ ସମାଜବାଦୀ ମାନଙ୍କଠାରୁ ଆପଣାକୁ ବିଚ୍ଛିନ୍ନ କରି ଆଣିଲେ । କଂଗ୍ରେସରେ ରହିଲେ, କଂଗ୍ରେସ ଶାସନରେ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ହେଲେ । ତାଙ୍କର ମୋହଭଙ୍ଗ ହେବାକୁ ବହୁତ ଡେରି ଲାଗିଥିଲା । ନେହରୁ ହଟାଓ, ଇନ୍ଦିରା ହଟାଓ ଓ କଂଗ୍ରେସ ହଟାଓ ପ୍ରଭୃତି ଆନ୍ଦୋଳନ ତାଙ୍କର ସେହି ମୋହଭଙ୍ଗର ଗୋଟିଏ ଗୋଟିଏ ପର୍ଯ୍ୟାୟ ।

ମହାତ୍ମା ଗାନ୍ଧୀ କଂଗ୍ରେସର ଭିତରେ ରହିଥିଲେ, ତଥାପି ବାର ବାର ମତ ପାର୍ଥକ୍ୟ ହେବାବେଳେ କଂଗ୍ରେସକୁ ବାଟ ଛାଡ଼ିଦେଇ ବାହାରି ଯାଉଥିଲେ । କଂଗ୍ରେସ ପରିସ୍ଥିତିର ଚକ୍ରଦ୍ୱାରା ବାଧ୍ୟ ହୋଇ ପୁଣି ଗାନ୍ଧିଜୀଙ୍କୁ ଡ଼ାକି ଆଣୁଥିଲା ଓ ତାଙ୍କର ନେତୃତ୍ୱଦ୍ୱାରା ପରିଚାଳିତ ହେଉଥିଲା । "ଭାରତ ଛାଡ଼" ଆନ୍ଦୋଳନ ସମୟରେ ମଧ୍ୟ ମହାତ୍ମାଗାନ୍ଧୀ କଂଗ୍ରେସର ପ୍ରାଥମିକ ସଭ୍ୟ ନଥିଲେ । କଂଗ୍ରେସ ସୋସିଆଲିଷ୍ଟ ୧୯୪୭ ପରେ କଂଗ୍ରେସରୁ ଅଲଗା ହୋଇଯାଇ ଅନ୍ତତଃ ନିର୍ବାଚନର ରଣମଞ୍ଚରେ ନିଜପାଇଁ ଏକ ବେଶ୍ ଦୃଢ଼ ଆସନ ପ୍ରତିଷ୍ଠିତ କରି ପାରିଥିଲେ ସତ, ମାତ୍ର ଦୁଃସମୟ ପଡ଼ିବାରୁ ସେମାନେ ପୁଣି କଂଗ୍ରେସ ଭିତରକୁ ଚାଲି ଆସିଥିଲେ । ସେହି ପ୍ରଶ୍ନଟିକୁ ଗଣି କରି ଭାରତୀୟ ସୋସିଆଲିଷ୍ଟ ଦଳଟି ଏକ ବିଭାଜନ ହୋଇ ଯାଇଥିଲା । କଂଗ୍ରେସରେ ପଶି କଂଗ୍ରେସକୁ ବଦଳାଇବା ଅର୍ଥାତ୍ ସୁନିର୍ଦ୍ଦିଷ୍ଟ ଭାବରେ ସମାଜବାଦ-ଅଭିମୁଖୀ ଏକ ଦଳରେ ପରିଣତ କରିବା ସମାଜବାଦୀ ମାନଙ୍କର ଘୋଷିତ ଲକ୍ଷ୍ୟ ମଧ୍ୟ ଥିଲା । ସେମାନେ ତାହା କରି ପାରିଲେ ନାହିଁ, କଂଗ୍ରେସର ମହାସମ୍ମେଳନରେ ବଡ଼ମାନଙ୍କ ଦ୍ୱାରା ଗିଳି ହୋଇଗଲେ । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଦଳଗତ ରାଜନୀତିରେ ଧାରାବାହିକ ଭାବେ ପର୍ଯ୍ୟନ୍ତ କଂଗ୍ରେସ ଭିତରେ ରହିଥିଲେ । ଆପଣା ଭିତରେ ଥିବା ସମାଜବାଦୀ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ସେ ମନ୍ତ୍ରୀଥିବା ସମୟରେ କେତେଭଳି ମୂଳଦୁଆ ପରିବର୍ତ୍ତନ ଆଣିବାର ପ୍ରୟାସ କରିଥିଲେ ସତ, ମାତ୍ର କାର୍ଯ୍ୟତଃ ସଫଳ

Digitized by srujanika@gmail.com

ହୋଇ ନଥିଲେ । ସର୍ବଦା ଛଟପଟ ହେବା ହିଁ ସାର ହେଉଥିଲା । ତାଙ୍କୁ କେହି କଂଗ୍ରେସ ଭିତରେ ଗୋଟାସୁଦ୍ଧା ଗିଳି ପକାଇବ, ସେହି ସାଧ କାହାର ନଥିଲା । ତଥାପି ସିଏ କଂଗ୍ରେସ ଭିତରୁ ବାହାରି ପାରୁନଥିଲେ । ତାଙ୍କ ଭିତରେ ସତେଅବା କେଉଁ ସ୍ୱପ୍ନବାଦୀ ବା Utopian ଟିଏ ବସି ରହି ତାଙ୍କୁ ବ୍ୟତିବ୍ୟସ୍ତ କରୁଥିଲା । ସେ ବିଶ୍ୱାସ କରୁଥିଲେ, ପୁଣି ବିଶ୍ୱାସ କରି ବି ପାରୁନଥିଲେ । ଆପେ ସନ୍ତ୍ରସ୍ତ ହେଉଥିଲେ । ବାହାରକୁ କେତେ ଶାନ୍ତ ଓ ସମାହିତ ଦେଖା ଯାଉଥିଲେ ଏବଂ ଭିତରେ ଅତ୍ୟନ୍ତ ଅଶାନ୍ତ ଅର୍ଥାତ ଆପଣା ସହିତ ଅସମାହିତ ହୋଇ କାଳଯାପନ କରୁଥିଲେ । ଦଳ ଭିତରୁ ବାହାରି ଯାଇ ସେ କଣ ପ୍ରକୃତରେ କରିପାରିବେ, ସେ ବିଷୟରେ ହୁଏତ ଦୁଇପ୍ରକାର ଚିନ୍ତା କରୁଥିଲେ । ସେ ନିଜେ ଏକଦା ଗୁଡ଼ି ଆସିଥିବା ସୋସିଆଲିଷ୍ଟ-ମାନେ ତାଙ୍କୁ ସତେଅବା କେତେଦୂରକୁ ଚାଲି ଯାଇଥିବା ପରି ମନେ ହେଉଥିଲେ । ସେମାନେ ତାଙ୍କ ପାଖକୁ ଆସିବେ କିମ୍ବା ତାଙ୍କୁ ନେତା ବୋଲି ଗ୍ରହଣ କରିବେ ବୋଲି ଆଦୌ ପରତେ ହେଉନଥିଲା । ସୋସିଆଲିଷ୍ଟମାନେ ସ୍ୱୟଂ ତ ବିଭାଜିତ ହୋଇ ଅର୍ଦ୍ଧସମାହିତ କେତେ କେତେ ଜଙ୍ଗଲ ଭିତରେ ଯାଇ ପଶିଯିବାକୁ ଆରମ୍ଭ କରିଥିଲେ ।

ତେଣୁ ତାଙ୍କୁ ହୁଏତ ଅନିଚ୍ଛାସତ୍ତ୍ୱେ ବହୁକାଳ ପର୍ଯ୍ୟନ୍ତ ପ୍ରଲୋଭନ ଭିତରେ ରହିବାକୁ ହେଲା । ସେ ବାହାରି ଆସିବାକୁ ଛଟପଟ ହେଉଥିଲେ, ତଥାପି ବାହାରୁ ନଥିଲେ । ଯେତେବେଳେ ବାହାରିଲେ, ସେତେବେଳେ ସମ୍ଭବତଃ ଆଉ ବେଳ ନଥିଲା, ବୟସ ବି ନଥିଲା । ତେଣୁ ଯେଉଁଠାରେ ସେ କାଙ୍କ୍ଷିତ ପଥ ଉନ୍ମୋଚନକାରୀ କୌଣସି ଉଦ୍ଭାସ ଦେଖିଲେ ବା ପ୍ରତିଶ୍ରୁତି ପାଇଲେ, ତା ଭିତରକୁ ଡେଇଁ ପଡ଼ିଲେ । ଭୂଦାନ ଭିତରକୁ ଡେଇଁଲେ, ସେଠାରେ ବି ତାଙ୍କର ମୋହଭଙ୍ଗ ହେଲା । ତରୁଣ ନକ୍ସଲ-ପନ୍ଥୀମାନେ ତାଙ୍କୁ ଆପଣାର ଶୌର୍ଯ୍ୟପ୍ରଦର୍ଶନରେ ମୁଗ୍ଧ କରିଦେଲେ, ସେ ନିଜର ସବୁଯାକ ସହାନୁଭୂତିକୁ ନେଇ ସେମାନଙ୍କ ଉପରେ ଅଜାଡ଼ି ଦେଲେ । ଆପଣାର ଅବଚେତନ କ୍ଷେତ୍ରରେ ସେ ତଦ୍ୱାରା ସତେଅବା କେଉଁଠି ଏକ କ୍ଷତିପୂରଣ ହୋଇ ଯାଉଥିବାର ଅନୁଭବ କରୁଥିଲେ । ମାତ୍ର ତଥାପି ସେଇଟା ତାଙ୍କର ବାଟ ନଥିଲା । ଭୂଦାନ ବି ତାଙ୍କର ବାଟ ନଥିଲା । ଧର୍ମକ ହଟାଓ, ଟ୍ୟାକ୍ସ ହଟାଓ ପ୍ରଭୃତି ଯେଉଁ ସବୁ କଥା ତାଙ୍କୁ ହଠାତ ଏକ ଉଦ୍‌ବୋଧନର ସଂଗ୍ରାମ ଆଣି ଯୋଗାଇ ଦେଉଥିଲା, ସେଗୁଡ଼ିକ ତାଙ୍କ ଅନ୍ତରାତ୍ମାର ଯଥାର୍ଥ ପ୍ରତ୍ୟୟକୁ କମନ୍ତେ ଆଦୌ ଯଥେଷ୍ଟ ନଥିଲେ । ତଥାପି ସେ ସେଗୁଡ଼ିକରେ ମାତିଥିଲେ; କ୍ରମ ଅଧିକରୁ ଅଧିକ କ୍ରୁଦ୍ଧ ହେଲେ ନିରୁଦ୍ଧ ହୋଇ ରହିଲେ, ନୀରବ ହୋଇଗଲେ । ସେହି କ୍ରୋଧ ବାହାର ଅପେକ୍ଷା ତାଙ୍କ ନିଜ ପ୍ରତି ସମ୍ଭବତଃ ଅଧିକ ପରିମାଣରେ ଉଦ୍ଦିଷ୍ଟ ହୋଇ ରହିଥିଲା ।

Digitized by srujanika@gmail.com

ଗଣତନ୍ତ୍ର ଆନ୍ଦୋଳନରେ ତଥା ଓଡ଼ିଶାର ଶାସନରେ ଶ୍ରୀ ଚୌଧୁରୀଙ୍କର ଜଣେ ଘନିଷ୍ଠ ସହକର୍ମୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ତାଙ୍କ ଆତ୍ମ ଜୀବନୀରେ ଶ୍ରୀ ଚୌଧୁରୀଙ୍କ ବ୍ୟକ୍ତିତ୍ୱ ଉପରେ ଦୃଷ୍ଟିପାତ କରି ଲେଖିଛନ୍ତି (ମୁକ୍ତିପଥେ ସୈନିକ, ଦ୍ୱିତୀୟ ଭାଗ, ପୃଷ୍ଠା-୯୬) : "ଶ୍ରୀ ଚୌଧୁରୀଙ୍କର ସବୁ ବିଷୟରେ ପ୍ରଥମ ଉତ୍ସାହ ସୀମା ଟପିଯାଏ; ମାତ୍ର ପରେ ତାହା କ୍ରମଶଃ ବିଲୀନ ହୋଇଯାଏ । ତାଙ୍କର ସବୁ କାର୍ଯ୍ୟ ମୁଁ ଏହିପରି ଦେଖିଛି, ଅର୍ଥାତ ତାଙ୍କର ସବୁ କାର୍ଯ୍ୟ ହୁଏ 'ଆରମ୍ଭଗୁର୍ବୀ କ୍ଷୟିଷ୍ଣୀ କ୍ରମେଣ ।' ଏହି ମିତରେ ମୁଁ ତାଙ୍କର ମୌଳିକ ଶିକ୍ଷା, ଭୂସଂସ୍କାର ଏବଂ ପଞ୍ଚାୟତ-ରାଜ ଯୋଜନା ପ୍ରଭୃତିକୁ ଲକ୍ଷ୍ୟ କରିଛି ।" ଭୂଦାନ ଆନ୍ଦୋଳନରେ ଶ୍ରୀ ଚୌଧୁରୀଙ୍କର ଜଣେ ଅନ୍ତରଙ୍ଗ ସହକର୍ମୀ ଭାବେ ତାଙ୍କୁ ସତେଅବା ଅତ୍ୟନ୍ତ ନିକଟରୁ ଜାଣିବା ଭଳି ଦେଖିଥିବା ଶ୍ରୀଯୁକ୍ତ ମଦନମୋହନ ସାହୁଙ୍କର ଏକ ଟିପ୍ପଣୀମଧ୍ୟ ଆମେ ପ୍ରାପ୍ତ ସେହିପରି ଏକ ମନ୍ତବ୍ୟ ପାଠ କରିପାରିବା : "ନବବାବୁଙ୍କର ଗୋଟିଏ କଥା ସେ ସବୁ ଜାଣନ୍ତି ବୁଝନ୍ତି, ମାତ୍ର ନିର୍ମମତାର ସହିତ ପ୍ରତିକାରବ୍ରତୀ ହେବାରେ ଅଶାନ୍ତ ନାହିଁ ।"

ଆମେ ଏଗୁଡ଼ିକୁ ଗୋଟିଏ ଗୋଟିଏ ନିନ୍ଦାବାକ୍ୟ ବୋଲି କଦାପି ଗ୍ରହଣ କରିବା ନାହିଁ । ଯେଉଁମାନେ ଏହି ମନ୍ତବ୍ୟଗୁଡ଼ିକୁ ଦେଇଛନ୍ତି । ସେମାନେ କେହି ଶ୍ରୀ ଚୌଧୁରୀଙ୍କର ନିନ୍ଦୁକ ନୁହନ୍ତି । ସେମାନେ ପ୍ରତ୍ୟେକେ ତାଙ୍କୁ ଜଣେ ଅନନ୍ୟ ନେତା ଓ ପଥପ୍ରଦର୍ଶକ ବୋଲି ସ୍ୱୀକାର କରିଛନ୍ତି, ସମ୍ଭବତଃ ଜୀବନଯାକ ତାଙ୍କଠାରୁ ଦିଗ୍‌ଦର୍ଶନର ଅପେକ୍ଷା ରଖିଛନ୍ତି । ତଥାପି ସେମାନେ ତାଙ୍କ ବ୍ୟକ୍ତିତ୍ୱର ଏହି ବିଶେଷ ସ୍ୱଭାବଟିକୁ ମଧ୍ୟ ଲକ୍ଷ୍ୟ କରିଛନ୍ତି । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ସ୍ୱଭାବରେ ଏକ ମନନଶୀଳ ବ୍ୟକ୍ତି ଥିଲେ । ଅର୍ଥାତ୍ ସେ ଯାବତୀୟ ବିଷୟକୁ ଓ ସମସ୍ୟାକୁ ଯଥାସମ୍ଭବ ତାହାର ଅଧିକରୁ ଅଧିକ ଦିଗରୁ ବିଚାର କରି ଦେଖୁଥିଲେ । ଗୋଟିଏ କଥା ହୁଏତ ତାଙ୍କୁ ଅତ୍ୟନ୍ତ ପରିମାଣରେ ଆକୃଷ୍ଟ କରୁଥିଲା ଓ ସେ ତାହାରି ଭିତରକୁ ପରମ ଉତ୍ସାହରେ ଡେଇଁ ପଡ଼ୁଥିଲେ । ଅନ୍ୟ ଅନେକଙ୍କୁ ସେଥିଲାଗି ଠୁଳ ମଧ୍ୟ କରୁଥିଲେ । ମାତ୍ର ସେଇଟିକୁ ନେଇ ପାଦେ ବା କେତେ ପାଦ ଆଗେଇବା ସଙ୍ଗେ ସଙ୍ଗେ ଶ୍ରୀଯୁକ୍ତ ଚୌଧୁରୀଙ୍କୁ ବିଷୟଟିର ଅନ୍ୟାନ୍ୟ ଦିଗଗୁଡ଼ିକ ମଧ୍ୟ କ୍ରମଶଃ ଦୃଷ୍ଟିଗୋଚର ହୋଇ ଯାଉଥିଲା ଏବଂ ସେଇଟି ଯେ ଆଦୌ ସକଳ ସମସ୍ୟାର ସମାଧାନ ନୁହେଁ, ଯେହି କଥାଟିକୁ ସେ ଉପଲବ୍ଧି କରି ପାରୁଥିଲେ । ସତେ ମନନଶୀଳ ବ୍ୟକ୍ତିକୁ ସମ୍ଭବତଃ ଏହିପରି ଭାବରେ ନିଜ ସହିତ ଅନୁକ୍ଷଣ ଲଢ଼ିବାକୁ ପଡ଼ୁଥାଏ ।

•

ଆପଣା ସାଧାରଣ ଜୀବନର ପ୍ରାଥମିକ ଚରଣରେ ଶ୍ରୀଯୁକ୍ତ ଚୌଧୁରୀ ସମ୍ଭବତଃ ରାଜନୀତିକୁ ହିଁ ସକଳ ସମସ୍ୟାର ଅମୋଘ ସମାଧାନ ବୋଲି ଅନୁଭବ କରୁଥିଲେ ।

Digitized by srujanika@gmail.com

ଉପସ୍ଥିତ ଫଳଗୁଡ଼ିକ ସତେ ଯେପରି ଆଖିପାଆନ୍ତାରେ ସେଇଠି କେଉଁଠି ଝୁଲୁଛି ଓ ସମସ୍ତଙ୍କୁ ଏକାଠି କରି ଡ଼ିଆଁଟାଏ ମାରିଲେ ହିଁ ତାହା ଉପଲବ୍ଧ ହୋଇଯିବ ବୋଲି ତାଙ୍କୁ ପ୍ରତୀତ ହେଉଥିଲା । ଦୁଃଖ ରାଜନୀତି ଭିତରେ ଚରୁଥିବା ନେତା ଏପରିକ ପ୍ରତୀତି ମଧ୍ୟରେ ହିଁ ଆପଣାକୁ ଆବଦ୍ଧ କରୁଥାଏ । ନେତା ପଛରେ ଗୋଟାଏ କିଛି ବାଣ୍ଟ ମିଳିବ ବୋଲି ପ୍ରବଳ ଉତ୍ସାହରେ ଲୁଣ୍ଠ ହୋଇଥିବା ଅନୁଗାମୀ ଓ କର୍ମୀମାନେ ମଧ୍ୟ ଅଧିକାଂଶ ସ୍ଥଳରେ ସେପରିକ ବିଶ୍ୱାସ ଭିତରେ ରହିଥାନ୍ତି । ଅଳପରେ ସଫଳତା ଲାଭ କରିବାକୁ ତରତର ହେଉଥିବା ନେତା ଯେପରି ଅନୁଗାମୀମାନେ ନେତା ଯେପରିକ ପରିଧି ଭିତରେ ରହୁ ଓ ବାଣ୍ଟ ଦେଖାଉ ବୋଲି ସଚରାଚର ଇଚ୍ଛା କରନ୍ତି, ତାହାରି ଭିତରେ ରହିଯାଏ, ଶ୍ରୀ ନବକୃଷ୍ଣ ଚୌଧୁରୀ ଆଦୌ ସେଭଳି କାତର ନଥିଲେ । ସେ ଆଗକୁ ଦେଖି ପାରୁଥିଲେ, ଗଭୀରକୁ ଦେଖି ପାରୁଥିଲେ, ରାଜନୀତିର ଆହୁରି ସେପାଖକୁ ଦେଖି ପାରୁଥିଲେ ଓ ଘ୍ରାଣ କରି ପାରୁଥିଲେ । ତାଙ୍କର ପ୍ରଥମକାଳୀନ ଉତ୍ସାହ ମନ୍ଥର ହୋଇ ଆସୁଥିଲା । ଫଳକାମୀ ଅଧୀରମାନଙ୍କୁ ସେ ସମ୍ଭବତଃ ସେହି କାରଣରୁ ନିରାଶ କରି ଦେଉଥିଲେ ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ କୌଣସି ଗୋଟିଏ ପ୍ରସଙ୍ଗରେ ଲେଖିଛନ୍ତି : "ଜନତାର ଶକ୍ତିକୁ ଜାଗ୍ରତ କରିବା ହିଁ ପ୍ରକୃତ ରାଜନୀତି । ଯେ ଜନାତାର ଏହି ସୁପ୍ତ ଶକ୍ତିକୁ ଜାଗ୍ରତ କରାଇ ପାରିବ, ତାକୁ ହିଁ କ୍ଷମତାରେ ଥିବା ଲୋକେ ଡ଼ରିବେ ।" ପୁନଶ୍ଚ, "ଜନତାଠାରେ ଏହି ଶକ୍ତି ଥିଲେ ଯାଇ ପ୍ରଜାତନ୍ତ୍ର ରହିବ, ଶାନ୍ତି ରହିବ ।" ସ୍ୱାଧୀନତା ପ୍ରାପ୍ତି ପରେ ଯେପରି ଅତ୍ୟନ୍ତ ଦୃଶ୍ୟମାନ୍ ଭାବରେ ହିଁ ଜନତାର ଶକ୍ତି ହ୍ରାସ ହେବାର ଲାଗିଛି, କର୍ତ୍ତୃତ୍ୱମାନଙ୍କର ଅପଶକ୍ତି ବୃଦ୍ଧି ପାଉଛି, ଦୁଃଖ ଦୈତ୍ୟମାନଙ୍କର ଉପଦ୍ରବ ହିଁ ସତେଅବା ଭାରତବର୍ଷର ଭାଗ୍ୟକୁ ଆଗକୁ ଯିବାକୁ ଦେଉନାହିଁ । ଓଡ଼ିଶାରେ ସେତେବେଳେ ରାଜନୀତି ଭିତରେ ଅଥବା ବାହାରେ ଥାଇ ଜନତାର ଶକ୍ତି ଅର୍ଥାତ୍ ଗଣତାନ୍ତ୍ରିକ ଶକ୍ତି ଓ ସାହାସକୁ ବଢ଼ାଇବାର ଉପଯୁକ୍ତ କ୍ଷେତ୍ର ଓ ସମ୍ବନ୍ଧ ଗୁଡ଼ିକୁ ସମ୍ଭବ କରିବା ପାଇଁ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କ ଠାରୁ ଅଧିକ ଯୋଗ୍ୟ ଓ ସମର୍ଥ ମନିଷ ଆଉ କିଏ ଥିଲା ? ବର୍ତ୍ତମାନ ମଧ୍ୟ କିଏ ଅଛି ? ତେବେ ଯାହାସବୁ ଘଟିଥାନ୍ତା, ତାହା ଘଟି ପାରିଲାନାହିଁ କାହିଁକି ? ଶ୍ରୀଯୁକ୍ତ ଚୌଧୁରୀଙ୍କର ଜୀବନୀକୁ ଅର୍ଥାତ୍ ସେ ଗ୍ରହଣ କରିଥିବା ଭୂମିକାଗୁଡ଼ିକୁ ଆଲୋଚନା କଲେ ଏହି ପରି ଏକ କ୍ଷୋଭ ଓ ରୋଷ ସତେଅବା ଆମକୁ ନାନା ପ୍ରହେଳିକା ଭିତରେ ପକାଇ ଦେଉଥିବା ପରି ମନେ ହୁଏ ।

ଆହ୍ୱାନଗୁଡ଼ିକ ପ୍ରବଳତର ହେବା ସଙ୍ଗେ ସଙ୍ଗେ ଶ୍ରୀ ଚୌଧୁରୀ ସବୁ ବୁଝି ଥିଲେ, ସବୁ ଘ୍ରାଣ କରି ମଧ୍ୟ ପାରୁଥିଲେ, ତଥାପି ସେ କ୍ରମେ ଅଧିକରୁ ଅଧିକ ଉଦାସୀନ

Digitized by srujanika@gmail.com

ଓ ନିଷ୍କ୍ରିୟ ହୋଇପଡ଼ିଲେ କାହିଁକି ? ତାଙ୍କର ଅତ୍ୟନ୍ତ ଜ୍ଞାତସାରରେ ସତେଅବା ତାଙ୍କର ମୌନ ସହମତି କିମ୍ବା ଆଶୀର୍ବାଦ ଲାଭ କରି ନିତାନ୍ତ ଅଯୋଗ୍ୟ ଏବଂ ଅପାଙ୍କ୍ତେୟମାନେ କ୍ରମେ ଓଡ଼ିଶାର ରାଜନୀତିକୁ ଆତ୍ମକାମୀ ଦୈତ୍ୟମାନଙ୍କର ଏକ ସ୍ୱାସ୍ଥ୍ୟପ୍ରଦ ଚାରଣଭୂମିରେ ପରିଣତ କରିଦେବାରେ ଲାଗିଥିଲେ, ଅଥଚ ଶ୍ରୀଯୁକ୍ତ ଚୌଧୁରୀ ନୀରବଦ୍ରଷ୍ଟା ହୋଇ ରହିଗଲେ କାହିଁକି ? ସେ ତାଙ୍କ ହାବୁଡ଼କୁ ଆସୁଥିବା ଯାବତୀୟ ପଦର ସୁଯୋଗ ନେଲେ, ତଥାପି ବିମୁଖ ହୋଇ ନିଜକୁ ପ୍ରତ୍ୟାହୃତ କରି ରଖିଲେ କାହିଁକି ? କ୍ଷମତା ଭିତରେ କେତେ ସାନ ସାନ ମଣିଷ ତାଙ୍କର କୃପା ପାଇ ବଡ଼ ହେଲେ, ବଳୀୟାର ହେଲେ, ଆମ ସମସ୍ତଙ୍କୁ ଠକିଲେ ଓ ସମ୍ପତ୍ତି କମାଇଲେ, ଶ୍ରୀ ଚୌଧୁରୀ ଭଣ୍ଡାରପାଳକର ପ୍ରଥମ ଥାନରେ ବସି ଏସବୁ ଲାଗି ବାଟ ଛାଡ଼ିଦେଲେ କିପରି ? କାହିଁକି ସେ 'ଏସବୁ ବନ୍ଦ କର' ବୋଲି କହି ପାରିଲେନାହିଁ, ଜନଶକ୍ତିର ନେତୃତ୍ୱ ନେଲେନାହିଁ ? ତାଙ୍କ ଭିତରର କେବଳ ସେହି ସନ୍ନ୍ୟାସୀଟା କ'ଣ ତାଙ୍କୁ ଏପରି ଅକର୍ମଣ୍ୟ କରି ରଖିଲା ?

ଏବଂ ଏତେ ବିବେକ, ଜ୍ଞାନ ଏବଂ ବୁଦ୍ଧିବାଣିଜ୍ୟ ଥାଇ ମଧ୍ୟ ସେ ପଦରୁ ବାହାରି ଆସିବାପରେ କ୍ରମଶଃ ନିଜ ଭିତରେ ନିଜେ ମଧ୍ୟ କାହିଁକି ଏପରି ଅବଶ ହୋଇପଡ଼ିଲେ? ତା'ପରେ ସେ କେତେ କ'ଣ କଲେ, ମାତ୍ର ସତେ ଯେପରି ପ୍ରତ୍ୟସ୍ତ ହୋଇ ବସୁଥିଲେ । ୧୯୬୫ ମସିହାର ଏପ୍ରିଲ ମାସରେ ନାଗାଲାଣ୍ଡ ରାଜଧାନୀ କୋହିମା ଶାନ୍ତି କେନ୍ଦ୍ରରୁ ଶ୍ରୀ କରୁଣାକର ପରିଡ଼ାଙ୍କ ପାଖକୁ ସେ ଲେଖିଥିବା ଗୋଟିଏ ଚିଠି ଆମକୁ ତାଙ୍କର ଏହି ପ୍ରତ୍ୟୋହ ହରାଇ ପକାଉଥିବା ସମ୍ବନ୍ଧରେ କିଞ୍ଚିତ ପରିଚୟ ଦେଇପାରିବ : 'ଜୀବନଟା ଦିନକୁ ଦିନ ଶୂନ୍ୟ ହୋଇଯାଉଛି । ଖାଲି ବଞ୍ଚି ରହିବା ଛଡ଼ା ମୋ'ର କରିବାର ଆଉ କିଛି ନାହିଁ,—ଏହି ଅନୁଭୂତି ସ୍ପଷ୍ଟରୁ ସ୍ପଷ୍ଟତର ହେଉଛି । ସାରାଜୀବନ କେତେ କ'ଣ କଳ୍ପନାରେ ମାତି ରହିଥିଲି—ଦେଶରେ ଦୁନିଆରେ ମସ୍ତବଡ଼ ଗୋଟିଏ ବିପ୍ଳବ ଆଣିବାରେ ସାହାଯ୍ୟ କରୁଛି ବୋଲି ଭାବୁଥିଲି । ବର୍ତ୍ତମାନ ଦେଖୁଛି, ଆଉ ଯେଉଁଠାରେ ଯାହା ହେଉ ଆମ ଦେଶରେ ସେପରି ବିପ୍ଳବ ସୁଦୂର ପରାହତ । ମନେ ହେଉଛି, ଯେଉଁ ଡ଼ାଳରେ ବସିଲେ ସେ ଡ଼ାଳ ଭାଙ୍ଗିପଡ଼ିଲା । କ୍ରୋଧରେ ମୋ' ମନ ଜଳି ପୋଡ଼ି ପାଉଁଶ ହେବାକୁ ବସିଲାଣି । ନଗାଲାଣ୍ଡର ନାଗାମାନଙ୍କ ଭିତରେ ଶକ୍ତି ଓ ସାହସିକତା ଦେଖୁଛି । ସେଥିପାଇଁ ଏଠି ପଡ଼ିରହିଛି ଏଠୁ ଗଲେ ତ ଛୁଆପିଲାଙ୍କୁ ନେଇ ଚୁପ୍‌ଚାପ୍ ପଡ଼ିରହିବା ଛଡ଼ା କିଛି ନାହିଁ ।' ଶ୍ରୀଯୁକ୍ତ ଚୌଧୁରୀଙ୍କର God ବା Gods କ'ଣ ତାଙ୍କୁ ଏତେ ଶୀଘ୍ର ଛାଡ଼ି ଚାଲି ଯାଇଥିଲେ ?

•

୧୯୬୫ ପରେ ଶ୍ରୀଯୁକ୍ତ ଚୌଧୁରୀ ଆଦୌ ଚୁପ୍ ରହିନାହାନ୍ତି । କଂଗ୍ରେସ ହଟାଓ କାମ କରିଛନ୍ତି, ସମ୍ପୂର୍ଣ୍ଣ କ୍ରାନ୍ତିରେ ପିତାମହ ଭୀଷ୍ମଙ୍କ ପରି ରହି ପରାମର୍ଶ

Digitized by srujanika@gmail.com

ଦେଇଛନ୍ତି, ତରୁଣମାନଙ୍କୁ ଉଖାଉଛନ୍ତି, ନକ୍ସଲପନ୍ଥୀ ଉଦ୍‌ବେଳନର ପକ୍ଷ ନେଇଛନ୍ତି । ଜରୁରୀ ଅବସ୍ଥା ବେଳେ କାରାବରଣ କରିଛନ୍ତି । ଏହି ସବୁକିଛିକୁ କ'ଣ କାରଣ ହୋଇ ପାରିଥିବା ଜଣେ ବ୍ୟକ୍ତିର ଗୋଟିଏ ଗୋଟିଏ ମିଛ ତତ୍ପରତା ବୋଲି କୁହାଯିବ ? ଏହି ଯାବତୀୟ ପରିପ୍ରେକ୍ଷୀରେ ଶ୍ରୀ ନବକୃଷ୍ଣ ଚୌଧୁରୀ ଯାବତୀୟ ସମୀକ୍ଷଣ ଲାଗି ପ୍ରକୃତରେ ଏକ ପ୍ରହେଳିକା ହୋଇ ରହିଛନ୍ତି । ହୁଏତ ନିଜ ଜୀବନରେ ଯେଉଁ ସବୁ କ୍ଷେତ୍ରରୁ ସେ ପରାଭବ ସ୍ୱୀକାର କରି ବାହାରି ଆସିଲେ, ଯେଉଁ ଡାଳରେ ବସିଲେ ସେ ଭାଙ୍ଗି ପଡ଼ିଲା ବୋଲି ମନନ କରିବା ବ୍ୟତୀତ ତାଙ୍କର ଆଉ ପ୍ରକୃତରେ କୌଣସି ନିଜସ୍ୱ ଭୂମିକା ଭଳି ଭୂମିକା ରହିଛି ବୋଲି ସେ ଆଦୌ ଠଉରାଇ ପାରୁନଥିଲେ, ସେତେବେଳେ ଅନ୍ୟ କ୍ରିୟାଶୀଳମାନେ କିଛି କରି ତାଙ୍କ ମନରେ ଅତ୍ୟନ୍ତ କିଛି ହୋଇପାରୁଛି ବୋଲି କହିତ୍ ପ୍ରତ୍ୟୟ ଆଣି ଦିଅନ୍ତୁ ବୋଲି ସେ ଆଉ ସେମାନଙ୍କୁ ସମର୍ଥନ କରୁଥିଲେ କି ?

ଶ୍ରୀଯୁକ୍ତ ଚୌଧୁରୀ ଏହିପରି ଭାବରେ ଆମପାଇଁ ଯୁଗପତ୍ ଭାବରେ ନମସ୍ୟ ହୋଇ ରହିବେ, ଜିଜ୍ଞାସ୍ୟ ହୋଇ ବି ରହିବେ । ତାଙ୍କର ଜୀବନରୁ ଆମେ କେତେ କେତେ ଶୁଭପ୍ରେରଣା ଲାଭ କରୁଥିବା ତଥା ତାଙ୍କର ଅବସାଦମାନେ ଆମକୁ ତଥାପି ସେହି ପ୍ରେରଣା ପାଖରୁ ବାରମ୍ବାର ହୁରାଡ଼ି ଦେବାରେ ଲାଗିଥିବେ । ତାଙ୍କୁ ଆଖିଆଗରେ ରଖି ଆମେ ଯେତିକି ଉତ୍ସାହ ଅନୁଭବ କରି ପାରୁଥିବା, ହୁଏତ ଅନ୍ୟ ପକ୍ଷରେ ସେତିକି ପ୍ରମାଦ ବି ଗଣୁଥିବା । ନିପଟ ଦୁଷ୍ଟମାନଙ୍କୁ ବୁଝି ହେବ, ଦୈତ୍ୟମାନଙ୍କୁ ମଧ୍ୟ ବୁଝିହେବ, ମାତ୍ର ପ୍ରତ୍ୟାହୃତ ମାନଙ୍କୁ, ଉଦାସୀନ ମାନଙ୍କୁ, କୌଣସି କାରଣରୁ ନିଜ ଶରଶଯ୍ୟା ଉପରେ ବସି ନିଜେ ନିର୍ଯାତିତ ହେଉଥିବା ସଜ୍ଜନମାନଙ୍କୁ ହୁଏତ ଆଦୌ ବୁଝି ହେବନାହିଁ । ରାଜନୀତି ଭିତରେ ବୁଝି ହେବନାହିଁ, ରାଜନୀତି ବାହାରେ ମଧ୍ୟ ବୁଝି ହେବନାହିଁ । ସେମାନଙ୍କ ଆଡ଼କୁ ଆମେ ବାରବାର ଆକୃଷ୍ଟ ହେଉଥିବା ଏବଂ ବାରବାର ପ୍ରତିହତ ହୋଇ ଫେରି ଆସୁଥିବା ।

Digitized by srujanika@gmail.com

୬ । ପାରିବାରିକ ସଂସାର

୧୯୩୪ ମସିହାରେ ମହାତ୍ମା ଗାନ୍ଧୀଙ୍କର ଓଡ଼ିଶାରେ ପଦଯାତ୍ରା କରିଥିବା ବେଳର କଥା । ଗୋଟିଏ ବିବରଣୀରୁ ଜଣାପଡ଼େ, ସେତେବେଳେ ଗାନ୍ଧୀଜୀ କଟକ ସହରର ନଈ ଆରପାଖ ମୁକାମ ସହରରେ ଶିବିର କରିଥାଆନ୍ତି । ତାଙ୍କର ଦର୍ଶନ ଲାଭ କରିବା ନିମନ୍ତେ ନଦୀ ଏ ପାଖରୁ ବହୁସଂଖ୍ୟକ ଲୋକ ସେଠାକୁ ଯାଉଥାଆନ୍ତି ଏବଂ ମହାତ୍ମାଜୀ ସମସ୍ତଙ୍କୁ ହରିଜନ-ପାଣ୍ଠି ପାଇଁ ଚାନ୍ଦା ମାଗୁଥାଆନ୍ତି । ଦର୍ଶନକୁ ଯାଇଥିବା ବ୍ୟକ୍ତିମାନେ ଶକ୍ତି ଅନୁସାରେ ନିଜ ପାଖରେ ଯାହା ଥାଏ, ଗାନ୍ଧିଜୀଙ୍କ ହାତରେ ଦେଉଥାଆନ୍ତି । ମହିଳାମାନେ ଦେହରୁ ଗହଣା କାଢ଼ି ମହାତ୍ମାଙ୍କ ଆଗରେ ରଖି ଦେଉଥାଆନ୍ତି ଏହି ଅବସରରେ ଶ୍ରୀ ଗୋପବନ୍ଧୁ ଚୌଧୁରୀ ଓ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କର ମାଆ ମଧ୍ୟ ଗାନ୍ଧିଜୀଙ୍କୁ ଦେଖିବାକୁ ଯାଇଥିଲେ । ପଦଯାତ୍ରାରେ ଗାନ୍ଧିଜୀଙ୍କର ଗହଣରେ ଥିବା ଶ୍ରୀ ରାଜକୃଷ୍ଣ ବୋଷ ଗାନ୍ଧିଜୀଙ୍କ ସହିତ ମାଆଙ୍କର ପରିଚୟ କରାଇ ଦେଲେ । ପାଖରେ ଶ୍ରୀ ନବକୃଷ୍ଣ ଚୌଧୁରୀ ଉପସ୍ଥିତ ଥାଆନ୍ତି । ମହାତ୍ମା ଗାନ୍ଧୀ ହାତ ବଢ଼ାଇ ଦେଲେ ଓ ବୁଢ଼ୀଙ୍କୁ 'କୁଛ୍ ଦୋ' ବୋଲି କହିଲେ ବୁଢ଼ୀ ମାଆ ବିରକ୍ତି ପ୍ରକାଶ କଲା ପରି ଉତ୍ତର ଦେଇ କହିଲେ, "ଦୁଇ ପୁଅଙ୍କୁ ଦେଲି, ବୋହୂ ଦେଲି, ନାତି-ନାତୁଣୀଙ୍କୁ ଦେଲି, ଆଉରି ପୁଣି କ'ଣ ଦେବି ?" ଗାନ୍ଧିଜୀ ବୁଝିପାରିଲେ ନାହିଁ । ଶ୍ରୀ ରାଜକୃଷ୍ଣ ବୋଷ ତାଙ୍କୁ ଇଂରାଜୀରେ ବୁଝାଇ ଦେଲେ । ଗାନ୍ଧିଜୀ ହସି ହସି କହିଲେ, 'ଔର୍ କ୍ୟା ଦେନେକୋ କୁଛ୍ ବାକୀ ହୈ ।'

ଦୁଇ ପୁଅ ନିଜ ପରିବାରମାନଙ୍କ ସହିତ ଏହିପରି ଭାବରେ ସଂସାରର ସୁଖ ଶାନ୍ତି ଛାଡ଼ି ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବେ, ବୁଢ଼ୀ ମାଆ ସେ କଥା କେବେ ଆଶା କରି ନ ଥିଲେ । ତେଣୁ ସେ ପ୍ରକୃତରେ ଗାନ୍ଧିଜୀଙ୍କୁ ନିଜେ କିଛି ଦେଇ ନ ଥିଲେ । ଏପରିକି, ଦୁଇ ପୁଅ ସ୍ୱକୃତନ୍ତ୍ରରେ ସାଧାରଣ ସେବା ଓ ରାଜନୀତିର ସ୍ତରରେ ଆଖିକୁ ଦେଖାଯିବା ଭଳି ଉଚ୍ଚ ସ୍ଥାନ ଓ ପଦମାନଙ୍କରେ ବସିବା ପରେ ମଧ୍ୟ ମାଆ ସେମାନେ ବାଞ୍ଛନୀୟ କିଛି ଗୋଟାଏ କଲେ ବୋଲି ହୁଏତ ସ୍ୱୀକାର କରି ନ ଥିଲେ ବରଂ ଘର ଭିତରକୁ ଅବାଞ୍ଛନୀୟ ଆଉରି ଅନେକ ଘଟଣା ଆସି ପଶିଲା । ଜାତି ରହିଲା ନାହିଁ, ବାରଣ ବୋଲି କିଛି ରହିଲା ନାହିଁ ।

Digitized by srujanika@gmail.com

ଶେଷ ଜୀବନରେ ମାଆ ସେହି ସବୁ ଦିନର ଅଶାନ୍ତ ଏବଂ ବିରକ୍ତିରେ ସଂସାରରୁ ବିଦାୟ ନେଇ ଯାଇଥିଲେ । ଯାବତୀୟ ଅଶୁଦ୍ଧ ଭିତରେ ଆପଣାକୁ ତଥାପି ଶୁଦ୍ଧ କରି ରଖିଥିଲେ ।

ସାନ ପୁଅ ଶାନ୍ତିନିକେତନରେ ନିଜର ବିବାହ ନିଜେ ଠିକ୍ କଲେ । ମାଆ ଭାବିଥିବେ, ସାନପୁଅ ବଡ଼ପୁଅଠୁ ବଳିଗଲା । ବଡ଼ ପୁଅଙ୍କ ବିବାହର ତ ବଂଶର ସକଳ ମର୍ଯ୍ୟାଦା ଓ ବିଧି ଅନୁସାରେ ଠିକ୍ ହୋଇଥିଲା । ବଡ଼ ପୁଅ ନିଜେ ପୁଣି ସାନ-ଭାଇର ଏହି ଅମର୍ଯ୍ୟାଦା ବିବାହକୁ ସମର୍ଥନ କଲେ ଓ ଦୂର କଲିକତାରେ ସେମାନଙ୍କର ବିବାହ ସମ୍ପାଦିତ କରାଇ ଦେଲେ । ଏସବୁ ଘଟଣା ଖାଲି ତାଙ୍କୁ କାହିଁକି, କଟକର କୁଳୀନ ମହଲରେ ଅତ୍ୟନ୍ତ ବିଚିତ୍ର ବୋଲି ଲାଗିଥିବ ।

ପତ୍ନୀ ଶ୍ରୀମତୀ ମାଳତୀ ସେନ୍‌ଙ୍କ ଜନ୍ମ ୧୯୦୪ ମସିହାରେ । ତାଙ୍କର ପିତା କୁମୁଦନାଥ ପାଟଣା ଓ କଲିକତାରେ ବାରିଷ୍ଟର ଥିଲେ । ମାଳତୀ ଦୁଇ ଭାଇରେ ଏକମାତ୍ର ଭଉଣୀ । ମାଳତୀଙ୍କର ମାତା ସ୍ନେହଲତା କଟକର ଦୌରାଜନୀତି ଶ୍ରୀଯୁକ୍ତ ବିହାରୀଲାଲ ଗୁପ୍ତଙ୍କର ଝିଅ ଥିଲେ । ବିହାରୀଲାଲ ତାଙ୍କ ସମୟରେ ପ୍ରଖ୍ୟାତ କବି ରବୀନ୍ଦ୍ରନାଥଙ୍କର ବ୍ୟକ୍ତିଗତ ବନ୍ଧୁ ଥିଲେ । ରବୀନ୍ଦ୍ରନାଥ କଟକ ଆସିଲେ ବିହାରୀଲାଲଙ୍କର ଘରେ ଅବସ୍ଥାନ କରୁଥିଲେ । ମାଆ ବାଲ୍ୟକାଳରେ କଲିକତାର ବିଖ୍ୟାତ ସାହେବୀ ପାଠଶାଳା ଲରେଟୋରେ ପାଠ ପଢ଼ିଥିଲେ । ସେଠାରେ ସବୁ କିଛି ସାହେବୀ କାଇଦାରେ ଚଳୁଥିଲା । ଇଂରାଜୀ ଭାଷାରେ ପାଠପଢ଼ା ଓ ଚଳପ୍ରଚଳ ସବୁ ହେଉଥିଲା । ଖାଇବା ଟେବୁଲ୍‌ରେ ତତ୍କାଳୀନ ଇଉରୋପୀୟ ସମ୍ଭ୍ରାନ୍ତମାନଙ୍କର ଚଳଣିକୁ ମାନି ଫରାସୀ ଭାଷାରେ କଥାବାର୍ତ୍ତା କରିବା ବାଧ୍ୟତାମୂଳକ ଥିଲା । ପରିବାରର ସଂସ୍କାରଟି ନିଶ୍ଚିତ ସେହି ସବୁ କାଇଦା ଓ କଣ୍ଟିକୁ ଭଦ୍ରତା ବୋଲି ମାନି ନେଇଥିଲା ।

କନ୍ୟା ମାଳତୀଙ୍କୁ ମାତ୍ର ତିନି ବର୍ଷ ବେଳେ ତାଙ୍କର ବାପା ଚାଲିଗଲେ । ତେଣୁ ପିଲାଦିନୁଁ ହିଁ ତାଙ୍କୁ ନିଜ ମାଆଙ୍କର ସଂସ୍କାର ଅନୁସାରେ ସାନରୁ ବଡ଼ ହେବାକୁ ପଡ଼ିଥିଲା । ସେ କଲିକତାର ବେଥୁନ୍ ସ୍କୁଲରେ ଛାତ୍ରୀରୂପେ ଭର୍ତ୍ତି ହେଲେ । ୧୯୨୧ ମସିହାରେ ମହାତ୍ମା ଗାନ୍ଧିଙ୍କର ଅସହଯୋଗର ଆନ୍ଦୋଳନ ତାଙ୍କୁ ପ୍ରେରଣା ଦେଲା ଏବଂ ଗାରି ଭୁଆଁଇଲା । ସେ ପାଠପଢ଼ା ଥାନରୁ ନିଜ ମାମୁଁ ଘରକୁ ପଳାଇଗଲେ । ମାଆଙ୍କର ଅନୁରୋଧରେ ପରୀକ୍ଷା ଦେବାକୁ ପୁଣି ଘରକୁ ଫେରିଲେ ଏବଂ ମାଟ୍ରିକ୍‌ରେ ପ୍ରଥମ ଶ୍ରେଣୀ ପାଇଲେ । ମାତ୍ର, ତା'ପରେ ବିଦେଶୀ ସରକାରଙ୍କର କୌଣସି ଶିକ୍ଷାଳୟରେ ପଢ଼ିବାକୁ ସିଧା ନାହିଁ କରିଦେଲେ ।

ସେତିକିବେଳେ ଜାଲିଅନ୍‌ୱାଲାବାଗ୍‌ରେ ହୋଇଥିବା ନୃଶଂସ ହତ୍ୟାକାଣ୍ଡର ପ୍ରତିବାଦ କରି ବିଶ୍ୱକବି ରବୀନ୍ଦ୍ରନାଥ ଏବେ ଇଂରେଜ ସରକାର ତାଙ୍କୁ ପ୍ରଦାନ

Digitized by srujanika@gmail.com

କରିଥିବା ନାଇଟ୍ (Knight) ଉପାଧିଟିକୁ ଫେରାଇ ଦେଇଥାନ୍ତି । ତାହା ବଙ୍ଗଦେଶ ସମେତ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥାଏ । ମାଳତୀଙ୍କର ପିତାମାତା ଉଭୟ କୁଳ ବ୍ରାହ୍ମଧର୍ମର ଥିଲେ । ରବୀନ୍ଦ୍ରନାଥଙ୍କର ପରିବାର ହିଁ ସେତେବେଳେ ବ୍ରାହ୍ମଧର୍ମର ଯାବତୀୟ ପ୍ରେରଣା ତଥା ବିତର୍କର କେନ୍ଦ୍ର ହୋଇ ରହିଥିଲା । ତେଣୁ, ବିଶ୍ୱକବିଙ୍କ ଦ୍ୱାରା ସ୍ଥାପିତ ଶାନ୍ତିନିକେତନ ମଧ୍ୟ କଲିକତାର ବ୍ରାହ୍ମଧର୍ମାବଲମ୍ବୀମାନଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିବା ଅତ୍ୟନ୍ତ ସ୍ୱାଭାବିକ । ସମ୍ଭବତଃ ସେହି ଆକର୍ଷଣରେ ମାଳତୀଙ୍କର ବଡ଼ଭାଇ ଶ୍ରୀ କୁଳପ୍ରସାଦ କଲେଜ ପଢା ଛାଡି ଦେଇ ସେତେବେଳେ ଶାନ୍ତିନିକେତନର ସହୋଦର-ସଂସ୍ଥା ଶ୍ରୀନିକେତନକୁ ଚାଲିଯାଇଥିଲେ । ମାଳତୀଙ୍କର ଆଗ୍ରହ ବଢିଲା ଶାନ୍ତିନିକେତନ ଯିବାକୁ ।

ମାତ୍ର ସେତେବେଳେ ଶାନ୍ତିନିକେତନରେ କେବଳ ପୁଅମାନଙ୍କୁ ବିଦ୍ୟାର୍ଥୀ ରୂପେ ଗ୍ରହଣ କରାଯାଉଥିଲା । ଝିଅମାନଙ୍କ ପାଇଁ ବ୍ୟବସ୍ଥା ହୋଇ ନ ଥିଲା ଝିଅମାନଙ୍କ ଲାଗି ଆଦୌ ଛାତ୍ରୀ-ଆବାସ କରା ନ ଯାଉଛି ବୋଲି ମାଳତୀ ସାହସ ବାନ୍ଧି ରବୀନ୍ଦ୍ରନାଥଙ୍କ ପାଖକୁ ପତ୍ର ଲେଖିଥିଲେ । ରବୀନ୍ଦ୍ରନାଥ ରାଜି ହେଲେ, ମାତ୍ର ସର୍ତ୍ତ ଦେଲେ ଯେ ମାଳତୀଙ୍କର ମାଆ ସ୍ନେହଲତା ଯେବେ ଛାତ୍ରୀନିବାସର ତତ୍ତ୍ୱାବଧାନରେ ରହିବେ ଯାଇ ତାହା ସମ୍ଭବ ହେବ । ସ୍ନେହଲତା ସ୍ୱୀକୃତ ଦେଲେ । ଶାନ୍ତି-ନିକେତନରେ ସମ୍ଭବତଃ ସର୍ବପ୍ରଥମ ଛାତ୍ରୀ ରୂପେ ମାଳତୀ ସେଠାକୁ ଗଲେ ।

ସେତେବେଳର ଶାନ୍ତିନିକେତନରେ ବହୁ ସୁପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ଦ୍ୱାରା ପ୍ରେରଣାମୟ ହୋଇ ରହିଥିଲା । ଛାତ୍ରୀ ମାଳତୀ ସେମାନଙ୍କୁ ଆପଣାର ଅଧ୍ୟାପକ ରୂପେ ପାଇଥିଲେ ଓ ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ସେହି ସମୟର ଶାନ୍ତିନିକେତନରେ ଆଚାର୍ଯ୍ୟ କ୍ଷିତିମୋହନ ସେନ ଥିଲେ ଶ୍ରୀ ଜଗଦାନନ୍ଦ ରାୟ ଥିଲେ । କଳାବିଦ୍ୟାର ଭାରପ୍ରାପ୍ତ ପ୍ରବୀଣ ନନ୍ଦଲାଲ ବୋଷ ରହିଥିଲେ । ସଂସ୍କୃତ ସାହିତ୍ୟର ଫରାସୀ ପଣ୍ଡିତ ସିଲ୍‌ଭାଁ ଲେଭି ଥିଲେ ଏବଂ ଇଂଲଣ୍ଡରୁ ଚାର୍ଲି ଆଣ୍ଡ୍ରୁଜ୍ ଏବଂ ପିଅର୍ସନ୍ ସାହେବ ସେଠାକୁ ଆସି ସାରିଥିଲେ । ଶ୍ରୀମତୀ ମାଳତୀ ଦେବୀ ଶ୍ରୀ ଦିନେନ୍ଦ୍ରନାଥ ଠାକୁରଙ୍କଠାରୁ ରବୀନ୍ଦ୍ର ସଙ୍ଗୀତ ଶିକ୍ଷା କରିଥିଲେ, ଶ୍ରୀଯୁକ୍ତ ସଚ୍ଚେଶ୍ୱର ଶାସ୍ତ୍ରୀଙ୍କଠାରୁ ବୀଣାବାଦନ ଶିଖିଲେ, ଓ ଶ୍ରୀଯୁକ୍ତ ଭୀମରାଓ ଶାସ୍ତ୍ରୀ ଭାରତୀୟ ଶାସ୍ତ୍ରୀ ସଙ୍ଗୀତରେ ତାଙ୍କର ପ୍ରବେଶ ଘଟାଇଥିଲେ । ରବୀନ୍ଦ୍ର ନାଥଙ୍କ ଦ୍ୱାରା ନାଟକଗୁଡ଼ିକର ଅଭିନୟରେ ସେ ଅଂଶଗ୍ରହଣ କରୁଥିଲେ । ସର୍ବୋ-ପରି କବି ଗୁରୁଙ୍କର ସଦେହ ଉପସ୍ଥିତି ଶାନ୍ତିନିକେତନକୁ ଜୀବନମୟ କରି ରଖିଥିଲା ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ସେଇଠି ତାଙ୍କୁ ଭେଟିଥିଲେ । ତାଙ୍କର ସାହସ ଓ ବ୍ୟକ୍ତିତ୍ୱ ଶ୍ରୀ ଚୌଧୁରୀଙ୍କୁ ମୁଗ୍ଧ କରିଥିଲା । ଦୁହିଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମର ଭାବନା ଉଦ୍ଦୀପିତ ହୋଇଥିଲା । ସମ୍ଭବତଃ ବିବାହ ପୂର୍ବରୁ ହିଁ ଦୁହେଁ ସେହି ସଂଗ୍ରାମରେ ନିଜନିଜର ଜୀବନକୁ ସମର୍ପିତ କରିବେ ବୋଲି ସଂକଳ୍ପବଦ୍ଧ ହୋଇ ସାରିଥିଲେ ।

Digitized by srujanika@gmail.com

ବିବାହ ସମ୍ପର୍କରେ ଶ୍ରୀ ଚୌଧୁରୀଙ୍କ ପରିବାରରୁ ଆପତ୍ତି ଆସିଥିଲା । ମାତ୍ର ସେମାନେ ତ କୌଣସି ପରିବାରରେ ପୁନାପୁଅ ଓ ଝୁନାବୋହୂ ହୋଇ ରହିବେ ବୋଲି ପରସ୍ପରକୁ ବାଛି ନଥିଲେ । ତେଣୁ ବିବାହ ସମ୍ପନ୍ନ ହୋଇଗଲା । ସେମାନେ ଓଡ଼ିଶାକୁ ଆସିଲେ । ଏହା ୧୯୨୮ ମସିହା ଜୁଲାଇ ମାସର କଥା । କଟକ ଘରକୁ ଆସି ଶ୍ରୀମତୀ ମାଳତୀ ଦେବୀଙ୍କୁ ପ୍ରଥମେ ହୁଏତ ଏକ ବିଚିତ୍ର ପରିବେଶରେ ରହିବାକୁ ପଡ଼ିଥିବ । ଶାଶୁ ତାଙ୍କୁ ସ୍ୱୀକାର କରିନେଇ ନ ପାରିବାରୁ କେତେକ ବିଡ଼ମ୍ବନାରେ ବି ପଡ଼ିବାକୁ ହୋଇଥିବ । ତଥାପି ବଡ଼ ଯାଆ ଶ୍ରୀମତୀ ରମା ଦେବୀ ଥିଲେ, ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ତ ଘରର ଅସଲ ଅଭିଭାବକ ଥିଲେ ।

ଗଡ଼ଜାତ ଆନ୍ଦୋଳନର ଜଣେ ଅନ୍ୟତମ ନେତା ଶ୍ରୀଯୁକ୍ତ ସାରଙ୍ଗଧର ଦାସଙ୍କର ଆମେରିକାବାସିନୀ ପତ୍ନୀ ଏକଦା ଶ୍ରୀମତୀ ମାଳତୀ ଚୌଧୁରୀଙ୍କୁ **'you have got the best boy in Orissa'** ବୋଲି କହିଥିବାର ଉଲ୍ଲେଖ ଅଛି । ବିବାହର ଅବ୍ୟବହିତ ପରେ ଶ୍ରୀ ଓ ଶ୍ରୀମତୀ ଚୌଧୁରୀ ସିଧା ରାଜନୀତି ଭିତରେ ପ୍ରବେଶ କଲେ । ଲୁଣମରା ସତ୍ୟାଗ୍ରହ-ଆନ୍ଦୋଳନରେ ଉଭୟେ ଥିଲେ । ତା'ପରେ କଟକର ପାରିବାରିକ ବାସଗୃହ ଛାଡ଼ି ସେମାନେ ବରକୁଦ କୃଷି ଫାର୍ମକୁ ଆସିଲେ । ଗ୍ରାମେ ଗ୍ରାମେ ବୁଲି ଯୁବକ-ସଂଗଠନ ଗଢ଼ି ଏକ ନୂଆ ରାଜନୈତିକ ଚେତନା ସୃଷ୍ଟି କଲେ । ତା'ପରେ ଉତ୍କଳ ସମାଜବାଦୀ କର୍ମୀ ସଂଘର ଗଠନ ପରେ ପୁନର୍ବାର କଟକ ହିଁ ସେମାନଙ୍କର କର୍ମକେନ୍ଦ୍ର ହେଲା । ତା'ପରେ କୃଷକ ଆନ୍ଦୋଳନ । ଶ୍ରୀମତୀ ଚୌଧୁରୀ ଉପକୂଳ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି କୃଷକମାନଙ୍କୁ ସଂଗଠିତ କଲେ । ଗଡ଼ଜାତ ଆନ୍ଦୋଳନ ସମୟରେ ଉଭୟେ ଏକତ୍ର ଭାଗ ନେଇଥିଲେ । ଭୂମିକାରେ ଅବଶ୍ୟ ସ୍ୱାତନ୍ତ୍ର୍ୟମାନ ରହିଥିଲା । ଅନୁଗୁଳରେ ବାଜିରାଉତ ଛାତ୍ରାବାସର ଆରମ୍ଭ ସେହି ସମୟର ଘଟଣା ସେହି ଛାତ୍ରାବାସ ସେମାନଙ୍କର କ୍ରମେ ସ୍ଥାୟୀ ଆସ୍ଥାନରେ ପରିଣତ ହେଲା । ତା'ପରେ ବ୍ୟକ୍ତିଗତ ସତ୍ୟାଗ୍ରହ ଏବଂ 'ଭାରତ ଛାଡ଼' ଆନ୍ଦୋଳନ । ତେଣୁ ଆସିବା ପରେ ଦୁହେଁ କିଛିଦିନ ପାଇଁ ରାଜନୀତିରେ ରହିଲେ, ସୋସିଆଲିଷ୍ଟ ଭାବରେ କଂଗ୍ରେସ ଭିତରେ ରହିଲେ ।

ସ୍ୱାଧୀନତା ଆସିବାର ପ୍ରାକ୍‌କାଳରେ ପୂର୍ବବଙ୍ଗର ନୋଆଖାଲିରେ ସାମ୍ପ୍ରଦାୟିକ ଦଙ୍ଗା ହେଲା । ମହାତ୍ମା ଗାନ୍ଧୀ ବ୍ୟଥିତ ହୋଇ ପରିସ୍ଥିତିର ସାମନା କରିବାପାଇଁ ନୋଆଖାଲି ଗଲେ । ଦଙ୍ଗାଗ୍ରସ୍ତ ଅଞ୍ଚଳରେ ଲୋକମାନଙ୍କର ଭରସା ଫେରାଇ ଆଣିବା ନିମନ୍ତେ ଯେଉଁ ସ୍ୱେଚ୍ଛାସେବୀମାନେ ମହାତ୍ମାଙ୍କର ପରାମର୍ଶ କ୍ରମେ ସେଠାକୁ ଯାଇଥିଲେ, ଠକ୍‌କର ବାପା ବା ପ୍ରସିଦ୍ଧ ରଚନାତ୍ମକ କର୍ମୀ ଶ୍ରୀ ଅମୃତଲାଲ ଭାଇ ଠକ୍‌କର ତାହାର ନେତୃତ୍ୱ ଗ୍ରହଣ କରିଥିଲେ । ଶ୍ରୀମତୀ ମାଳତୀ ଚୌଧୁରୀ ମଧ୍ୟ ସେହି ସ୍ୱେଚ୍ଛାସେବୀ ଦଳରେ ଥିଲେ । ସେଠାରେ ଶ୍ରୀମତୀ ମାଳତୀ ଚୌଧୁରୀଙ୍କର ନିଷ୍ଠାପର ଓ ସାହସିକ ସେବାକାର୍ଯ୍ୟ

Digitized by srujanika@gmail.com

ଠକ୍କର ବାପାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଶ୍ରୀମତୀ ମାଳତୀ ଦେବୀ ଗାନ୍ଧିଙ୍କ ସ୍ଥାୟୀ ଭାବରେ ସେବା କାର୍ଯ୍ୟର ଏହି ଆପାତତଃ ଅନ୍ୟ କ୍ଷେତ୍ରଟିକୁ ଆସିବେ ନାହିଁ ବୋଲି ଠକ୍କର ବାପା ତାଙ୍କୁ ପ୍ରଶ୍ନ କରିଥିଲେ । ସେ ତାଙ୍କୁ ବୁଝାଇ କହୁଥିଲେ, ଦେଶପାଇଁ ସିନା ସ୍ୱାଧୀନତା ଆସିଗଲା, ମାତ୍ର ଏହି ଦେଶର ହରିଜନ ଓ ଆଦିବାସୀଙ୍କ ଭଳି ପଛୁଆ ଶ୍ରେଣୀର ଲୋକଙ୍କ ପାଇଁ ସ୍ୱାଧୀନତା ସେପର୍ଯ୍ୟନ୍ତ ଆସି ନଥିଲା । ଐକାନ୍ତିକ ଭାବରେ ସେମାନଙ୍କ ଭିତରେ କାର୍ଯ୍ୟ କରିବାଲାଗି କେତେଜଣ କର୍ମୀ ବାହାରି ଆସିବା ଉଚିତ ବୋଲି ଠକ୍କର ବାପା ଶ୍ରୀମତୀ ମାଳତୀ ଚୌଧୁରୀଙ୍କୁ ବୁଝାଇ ଦେଉଥିଲେ ।

ସେତେବେଳେ ସ୍ୱାଧୀନ ଭାରତର ସଂବିଧାନର ରୂପରେଖ ସ୍ଥିର କରିବାଲାଗି ଦେଶର ଅନେକ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ନେଇ ଦିଲ୍ଲୀରେ ସେଠି ଗଠନ ବିଧାୟକ ସଭା ବସିଥିଲା, ଶ୍ରୀମତୀ ଚୌଧୁରୀ ସେଥିରେ ସଦସ୍ୟ ଥିଲେ । ଠକ୍କର ବାପାଙ୍କର କଥାରେ ତାଙ୍କର ପ୍ରତ୍ୟୟ ହେଲା ଏବଂ ସେ ସେହି ସଦସ୍ୟ ପଦ ଛାଡ଼ିଦେଲେ । ଏଥର ତାଙ୍କ ଜୀବନର କ୍ରିୟାଶୀଳତା ନିଶ୍ଚିତ ଅନ୍ୟଅଡ଼କୁ ହୋଇଗଲା । ସେ କଂଗ୍ରେସରୁ ମଧ୍ୟ ଇସ୍ତଫା ଦେଲେ । ରାଜନୀତିକ ସ୍ୱାଧୀନତା ପରେ ଏକ ଅନୁଷ୍ଠାନ ରୂପେ କଂଗ୍ରେସକୁ ଭାଙ୍ଗି ଦିଆଯାଉ ବୋଲି ମହାତ୍ମା ଗାନ୍ଧୀ ଏକ ସାଧାରଣ ବିବୃତ୍ତି ଦେଇ ସାରିଥିଲେ । କଂଗ୍ରେସ ଭାରତବାସୀ ମାତ୍ରକେ ସମସ୍ତଙ୍କର ଏକ ଜାତୀୟ ଆନ୍ଦୋଳନ ହୋଇ ରହି ଆସିଥିଲା । ସେହି ଅନୁଷ୍ଠାନର ନାଆଁକୁ ଓ ଭୂମିକାକୁ ହାକି କଂଗ୍ରେସ ବାଲାଏ ରାଜନୀତି କରନ୍ତୁ, ମାହାତ୍ମା ଗାନ୍ଧୀ ଏକଥା ଚାହୁଁନଥିଲେ । ମାତ୍ର, କଂଗ୍ରେସ ଲୋକେ ତାଙ୍କ କଥା ଶୁଣିଲେ ନାହିଁ । ଗାନ୍ଧିଜୀଙ୍କର ଅନ୍ତିମ ଦିନଗୁଡ଼ିକ ଅତ୍ୟନ୍ତ ଦୁଃଖରେ କଟିଥିଲା ।

ସମ୍ଭବତ ଏହିପରି ଭାବରେ ଘଟଣାର କ୍ରମରେ ପଡ଼ି ପରବର୍ତ୍ତୀ କେତେବର୍ଷ ଲାଗି ଶ୍ରୀଯୁକ୍ତ ଏବଂ ଶ୍ରୀମତୀ ଚୌଧୁରୀଙ୍କର କର୍ମକ୍ଷେତ୍ର ଅଲଗା ଅଲଗା ହୋଇଗଲା, ସେମାନଙ୍କର ଆଗ୍ରହ ଓ ଅନୁରାଗର ବିଶେଷ କ୍ଷେତ୍ରଗୁଡ଼ିକ ଅଲଗା ଅଲଗା ଦିଶିଲା । ଶ୍ରୀଯୁକ୍ତ ଚୌଧୁରୀ କଂଗ୍ରେସ ଛାଡ଼ିଲେ ନାହିଁ । ସୋସିଆଲିଷ୍ଟ ଗୋଷ୍ଠୀର ବିଶେଷ ସାଥୀମାନଙ୍କ ବିଚ୍ଛିନ୍ନ ସେ ଶତକଡ଼ା ଶହେ କଂଗ୍ରେସ ଭିତରେ ଆସି ଅନୁପ୍ରବିଷ୍ଟ ହେଲେ । ନିର୍ବାଚନ ଲଢ଼ି, ବିଧାନସଭାକୁ ଆସିଲେ, ଓଡ଼ିଶା ସରକାରଙ୍କର ରାଜସ୍ୱ ଓ ଯୋଗାଣମନ୍ତ୍ରୀ ହେଲେ । ସାଧାରଣ କ୍ଷେତ୍ରରେ ଏକାବେଳକେ ଅଲଗା ଅନୁଗତଙ୍କର ଗୋଷ୍ଠୀ ସେମାନଙ୍କୁ ବେଷ୍ଟନ କରି ରହିଲେ । ଉତ୍କଳ ନବଜୀବନ ମଣ୍ଡଳର କାର୍ଯ୍ୟକ୍ରମ ପ୍ରସାରିତ ହୋଇଗଲା । ଏକ ଆବାସିକ ଶିକ୍ଷା ଅନୁଷ୍ଠାନରୂପେ ବାଜିରାଉତ ଛାତ୍ରାବାସର କଳେବର ବୃଦ୍ଧି ପାଇଲା ଆଦିବାସୀ ଗାଆଁମାନଙ୍କରେ ସେବିକା ହୋଇ ଯିବାଲାଗି ଓଡ଼ିଶାରୁ ନାନା ଅଞ୍ଚଳରୁ ଭଉଣୀମାନେ ଅନୁକୂଳ ଆସି ମହିଳା ଶିବିରରେ ତାଲିମ ପାଇଲେ । ଦୂରତା ଆସୁ ବୋଲି ହୁଏତ କେହି ଇଚ୍ଛା କରୁନଥିଲେ ମଧ୍ୟ ତଥାପି ଦୂରତା ଆସିଗଲା ।

Digitized by srujanika@gmail.com

ଦଳଗତ ସରକାର ରାଜନୀତି ଓ ପ୍ରଧାନତଃ ମାନବିକତା ଦ୍ୱାରା ଉଦ୍‌ବୁଦ୍ଧ ହୋଇ କରାଯାଉଥିବା ଦୁର୍ଗତମାନଙ୍କର ସେବା ମଧ୍ୟରେ ଯେଉଁ ଦୂରତା, ଏହା ହେଉଛି ସେହି ଦୂରତା ।

ଭାରତୀୟ ପରମ୍ପରା ଅନୁସାରେ ପତ୍ନୀ ପତିର ଛାୟା ପରି ରହିଲେ ଯାଇ ଯଥାର୍ଥ ଆଦର୍ଶର ରକ୍ଷା ହୁଏ ବୋଲି ଯଦି ଆମେ ଭାବୁଥିବା, ତେବେ ଶ୍ରୀଯୁକ୍ତ ଓ ଶ୍ରୀମତୀ ଚୌଧୁରୀଙ୍କର କ୍ଷେତ୍ରରେ ଆମକୁ ଅବଶ୍ୟ ନିରାଶ ହେବାକୁ ପଡ଼ିବ । କୌଣସି ଦୃଷ୍ଟିରୁ ଶ୍ରୀମତୀ ମାଳତୀ ଦେବୀ ଶ୍ରୀ ଚୌଧୁରୀଙ୍କର ଛାୟା ନଥିଲେ । ସେମାନେ ଉଭୟେ ଉଭୟଙ୍କୁ ଆଦର ନେଉଥିବାକର୍ମକ୍ଷେତ୍ରରେ ସତତ ପ୍ରେରଣା ଦେଉଥିଲେ ସତ, ମାତ୍ର ପ୍ରତ୍ୟେକଙ୍କର ପଥ ଓ ସେହି ପଥରେ ଅଗ୍ରସର ହେବାର ରୀତି ସର୍ବଦା ଅଲଗା ହୋଇ ରହିଥିଲା । ବସ୍ତୁତଃ ତାହାହିଁ ହେବା ଉଚିତ ଥିଲା । ସମ୍ଭବତଃ ସେହି କାରଣରୁ ଏହି ଦୁଇ ବ୍ୟକ୍ତିତ୍ୱ କେହି କାହାର ଉପରକୁ ମାଡ଼ିଯାଇ ନଥିଲେ, ଜଣେ ଆଉଜଣଙ୍କୁ ଗ୍ରାସ କରିବା ତ ଆହୁରି ଅନେକ ଦୂରର କଥା । ଶ୍ରୀମତୀ ରମା ଦେବୀ ଚୌଧୁରୀ ପରିବାରକୁ ବୋହୂ ହୋଇ ଆସିବା ସମୟରେ ପାରମ୍ପରିକ ବିବାହ ରୀତିରେ ହିଁ ଆସିଥିଲେ । ତେଣୁ ଅନେକ ସମୟରେ କେହି କେହି ସମ୍ଭବତଃ ଭାବୁଥିବେ ଯେ ସର୍ବସାଧାରଣ ସେବାକ୍ଷେତ୍ରରେ ପ୍ରବେଶ କରିବାପରେ ଶ୍ରୀ ଗୋପବନ୍ଧୁ ଚୌଧୁରୀ ଆଗେ ଆଗେ ଗଲେ ଓ ତାଙ୍କର ପତ୍ନୀ ପଛେ ପଛେ ଯାଉଥିଲେ । ସ୍ୱୟଂ ରମାଦେବୀ ଏହି ବିଶ୍ୱାସଟିର ଖଣ୍ଡନ କରିଛନ୍ତି । ସେ କହିଛନ୍ତି :

"ଅନ୍ୟମାନଙ୍କର ବୋଧହୁଏ ଧାରଣା ଯେ, ୧୯୨୧ରେ ଗାନ୍ଧିଜୀଙ୍କୁ ଦେଖିକରି ବା ଅସହଯୋଗ ଆନ୍ଦୋଳନରେ ଗୋପବାବୁ ପଶିବାରୁ ବାଧ୍ୟ ହୋଇ, ମୋର ମନ ବିଦ୍ରୋହ କରୁଥିଲେ ହେଁ, ମୁଁ ଖଦୀ ପିନ୍ଧୁଥିଲି ଓ ମୋ'ପିଲାଙ୍କୁ ସ୍କୁଲରେ ପଢ଼ାଇବା ବନ୍ଦକରି ଦେଇଥିଲି, ଇତ୍ୟାଦି । ମାତ୍ର ପ୍ରକୃତରେ କାରଣ ତାହା ନୁହେଁ । ମୁଁ ଶାଶୂଘରକୁ ଆସିବାର ଦୁଇ ଦିନରେ ଏ ଚିନ୍ତା ମୋ'ମନକୁ ଆସିଛି । ଶାଶୁଘରକୁ ଆସିବାର ଅଳ୍ପଦିନ ଭିତରେ ମୋ' ଜୀବନର ଲକ୍ଷ୍ୟ ମୁଁ ତାଙ୍କୁ ଜଣାଇ ଦେଇଥିଲି ଯେ ମୁଁ କେବଳ ଘର ସଂସାରରେ ବୁଡ଼ି ପଡ଼ି ରହିବି ନାହିଁ, ପରୋପକାର ତଥା ଦେଶକାମ କରିବା ମୋ' ଜୀବନର ଲକ୍ଷ୍ୟ ।" (ଜୀବନପଥେ, ପୃଷ୍ଠା-୩୧) ଶ୍ରୀମତୀ ମାଳତୀ ଦେବୀଙ୍କର କ୍ଷେତ୍ରରେ ତ ସେଭଳି କୌଣସି ଧାରଣା ହେବାର ଅବକାଶ ହିଁ ରହିବା ଉଚିତ ନୁହେଁ । ତାଙ୍କର ବିବାହର ଦୁଇ କୂଳର ଗୁରୁଜନମାନେ ସ୍ଥିର କରିନଥିଲେ । ଚୌଧୁରୀ ଓ ସେ ପରସ୍ପରକୁ ପରସ୍ପରର ଜୀବନସାଥୀ ରୂପେ ବାଛିଥିଲେ । ବାଛିବା ପୂର୍ବରୁ ପରସ୍ପରର ସ୍ୱତନ୍ତ୍ର ସତ୍ତାକୁ ଅବଶ୍ୟ ସ୍ୱୀକାର କରିଥିଲେ ।

୧୯୪୮ ମସିହା ଆରମ୍ଭରେ ଶ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ରାଜସ୍ୱମନ୍ତ୍ରୀ ଥିଲେ । ସେତେବେଳେ ମହାତ୍ମା ଗାନ୍ଧୀ ଆତତାୟୀର ଗୁଳିରେ ପ୍ରାଣ ହରାଇଲେ । ତା'ର

Digitized by srujanika@gmail.com

ମାତ୍ର କେଇଟା ଦିନ ପରେ ସେମାନଙ୍କର ଏକମାତ୍ର ପୁଅ ବନାସ୍ତକର ନିଧନ ଘଟିଲା । ମାତ୍ର ସତର ବର୍ଷ ବୟସରେ କେହି କେବେ ଆପଣା ହାତରେ ଆପଣାର ଜୀବନ ନିଏ ? ବନାସ୍ତକ ବିଷାକ୍ତ ଏସିଡ୍ ଖାଇ ଆତ୍ମହତ୍ୟା କରିଥିଲା । କାହିଁକି ଯେ ଏପରି କରିବାକୁ ମନ କଲା, ସେକଥା ଏବେ ମଧ୍ୟ ଅଜ୍ଞାତ ହୋଇ ରହିଛି । ବନାସ୍ତକ ଆଦୌ ସାଧାରଣ ପିଲାଙ୍କ ପରି ନଥିଲା । କିଶୋର ବୟସରୁ ହିଁ ସେ ଜଣେ ଅବା ବିବେକଶୀଳ ବୟସ୍କଙ୍କ ପରି ସଂବେଦନଶୀଳ ଥିଲା । ଚାରିପାଖରେ ପୃଥିବୀ ବିଷୟରେ ସଚେତନ ଥିଲା । ମୃତ୍ୟୁ ବେଳକୁ କଟକ ରେଭେନସା କଲେଜରେ ପ୍ରଥମ ବାର୍ଷିକ ବିଜ୍ଞାନ ପଢୁଥିଲା । କଟକ ସହରରେ ସାଇକେଲରେ ବୁଲି ସମାଜବାଦୀ ପାର୍ଟିର ମୁଖପତ୍ର 'କୃଷକ' ସାପ୍ତାହିକ କାଗଜ ବିକ୍ରୀ କରୁଥିଲା । ସେହି ପାର୍ଟିର ଉଦ୍ୟମରେ କଟକରେ ଗଢ଼ା ହୋଇଥିବା ମେହେନ୍ତର ସଂଗଠନର ମୁଖ୍ୟ ଉଦ୍ୟୋକ୍ତା ଥିଲା । ପୁଅ ଏହିପରି ଭାବରେ ଚାଲିଯିବାରୁ ଶ୍ରୀଯୁକ୍ତ ଚୌଧୁରୀ ଅତିଶୟ ମ୍ରିୟମାଣ ହୋଇ ପଡ଼ିଥିଲେ । ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସେ ଅନୁଗୁଳ ଚାଲି ଆସିଲେ ।

ନିଜ ପୁଅର ମୃତ୍ୟୁ ତାଙ୍କୁ ଏକାବେଳକେ ଝଡମ କରି ଦେଇଥିଲା, ଏକ ସଂସ୍କରଣରେ ଶ୍ରୀ ଅନ୍ନଦାପ୍ରସାଦ ରାୟ ଶ୍ରୀଯୁକ୍ତ ଚୌଧୁରୀଙ୍କ ମୁଖରୁ ନିଜେ ଏକଥା ଶୁଣିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ଶ୍ରୀଯୁକ୍ତ କରୁଣାକର ପରିଡ଼ାଙ୍କ ପାଖକୁ ଲିଖିତ ଗୋଟିଏ ପତ୍ରରେ ମଧ୍ୟ ଆମେ ସେହିପରି ଏକ ଅବତାରଣାର ପରିଚୟ ପାଇବା "ତୁମେ ତ ଦେଖୁଛ, ଜୀବନର ପରୀକ୍ଷା । ଅତି ଦାରୁଣ ଭାବରେ ଫେଲ୍ ହୋଇ ସୁଦ୍ଧା ଆମେ ଦେହ ଧରି ରହିଛୁ । "ଯେତେଦିନ ବଞ୍ଚିଥିବୁ, ପରର କିଛି ସେବା କରିଯାଉଥିବୁ ।" ଭଣଜା ଅଧ୍ୟାପକ ଜିତେନ୍ଦ୍ର ମହାନ୍ତି ମଧ୍ୟ ସେହିକଥା ଲେଖିଛନ୍ତି । ସେହି ମର୍ମନ୍ତୁଦ ଘଟଣାର କିଛିଦିନ ପରେ ମୁଁ ସାନମାମୁଁଙ୍କୁ ଗୋଟିଏ ଚିଠି ଲେଖିଲି, ସାନ୍ତ୍ୱନା ଦେଇ । ତା'ର ସେ ଯେଉଁ ଉତ୍ତର ଦେଲେ,....ସେଥିରେ ଗୋଟିଏ କରୁଣ ଆତ୍ମପ୍ରକାଶ ମିଳିଲା, ଯାହା ସେ କେବେ କଥାରେ ପ୍ରକାଶ କରି ପାରିନଥିଲେ । ସେହି ମର୍ମନ୍ତୁଦ ଦୁଃଖ ମଧ୍ୟରେ ସେ ଲେଖିଲେ, ଆମେ ଭଗବାନଙ୍କୁ ଡ଼ାକୁଛୁ ଯେପରି ଅନ୍ୟର ଦୁଃଖ ଘୁଞ୍ଚେଇବା କାମରେ ଆମର ଜୀବନ କଟିଯାଏ ।"

ତଥାପି ରାଜନୀତି-କ୍ଷେତ୍ର ଆହ୍ୱାନ ବାକି ରହିଥିଲା । ୧୯୫୦ ମସିହା ଆରମ୍ଭରେ ଶ୍ରୀଯୁକ୍ତ ନବକୃଷ୍ଣ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ, ପୁଣି ଭୁବନେଶ୍ୱରକୁ ଗଲେ । ପତ୍ନୀ ଶ୍ରୀମତୀ ଚୌଧୁରୀ ହୁଏତ ଭାବିଥିଲେ ଯେ ଏଥର ଦୁହେଁ ଯାକ ଗୋଟିଏ କ୍ଷେତ୍ରରେ ରହିବେ, ସେମାନଙ୍କର ମନୋମତ କ୍ଷେତ୍ରରେ ରହିବେ । ସେ ନିଜେ ଯାହାକୁ ତାଙ୍କର ସର୍ବ ପ୍ରଥମ ଅନୁରାଗର କ୍ଷେତ୍ର ବୋଲି ବାଛି ନେଇଥିଲେ, ତାହା ହିଁ ଶ୍ରୀଯୁକ୍ତ ଚୌଧୁରୀଙ୍କର ଅସଲ ଅନୁରାଗକୁ ଟାଣିଆଣି ପାରିବ, ସେ ସେକଥା ମଧ୍ୟ ଭାବୁଥିଲେ । ଶ୍ରୀଯୁକ୍ତ ଚୌଧୁରୀ ସତେଅବା ଏକାବେଳେକେ ସବୁ କ୍ଷେତ୍ରରେ

Digitized by srujanika@gmail.com

ରହିବାକୁ ନିଜ ସ୍ୱଭାବରେ ସବୁଠାରୁ ଅଧିକ ଅନୁମୋଦିତ ଧର୍ମ ବୋଲି ଅନୁଭବ କରୁଥିଲେ । ସେ ଭାବୁଥିଲେ ଭୁବନେଶ୍ୱରରେ ରହି ହେବ, ଏଣେ ବାଜିରାଉତ ଛାତ୍ରାବାସରେ ମଧ୍ୟ ରହି ହେବ, ଶାସନରେ ରହି ହେବ ଓ ସେବାରେ ମଧ୍ୟ ରହି ହେବ, ରାଜନୀତିର ଉଆସ ଭିତରେ ରହି ଏଣେ ସମାଜ-ଉତ୍ଥାନର କାର୍ଯ୍ୟ ମଧ୍ୟ କରି ହେବ । ଶ୍ରୀ ଚୌଧୁରୀ ଭୁବନେଶ୍ୱର ଗଲା ପରେ ସତେ ଅବା ପତି-ପତ୍ନୀଙ୍କ ଭିତରେ ପରସ୍ପରକୁ ବୁଝିବା ଅଧିକ କଷ୍ଟକର ହୋଇ ଆସିଲା । ଅନ୍ତତଃ ଶ୍ରୀମତୀ ଚୌଧୁରୀଙ୍କର ଏହି ପଦକ୍ଷେପକୁ ମୋଟେ ବୁଝି ପାରିଲେ ନାହିଁ ।

ଶ୍ରୀ ଚୌଧୁରୀ ମୁଖ୍ୟମନ୍ତ୍ରୀ ହୋଇ ଭୁବନେଶ୍ୱର ଗଲେ ସେ ଛାତ୍ରାବାସର ପିଲାମାନଙ୍କୁ ନେଇ ପାଲଲହଡ଼ାର ଜଙ୍ଗଲକୁ ପଳାଇଯିବେ ବୋଲି ଶ୍ରୀମତୀ ଚୌଧୁରୀ ଏକ ପ୍ରତିକ୍ରିୟା ବ୍ୟକ୍ତ କରି ଥିବାର ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ଦ୍ୱିବେଦୀ ତାଙ୍କର ଏକ ସଂସ୍ମରଣରେ କହିଛନ୍ତି । ତଥାପି ସମସ୍ତ ସବୁକିଛିକୁ ଶୀତଳ ଓ ସାଧାରଣ କରି ଆଣିଲି । ଉଭୟେ ଉଭୟଙ୍କର ଭୂମିକାକୁ ସ୍ୱୀକାର କରି ନେବାର ପ୍ରକ୍ରିୟାରେ ନିଜ ନିଜକୁ ଅନୁକୂଳିତ କରି ନେଇଥିଲେ ଓ ତଦ୍ୱାରା ଯଥାସମ୍ଭବ ଅଧିକ ଉପକୃତ ମଧ୍ୟ ହୋଇଥିଲେ । ମୁଖ୍ୟମନ୍ତ୍ରୀ ହିସାବରେ ଶ୍ରୀଯୁକ୍ତ ଚୌଧୁରୀ ଶ୍ରୀମତୀ ଚୌଧୁରୀ ନିଜର ସେବା କ୍ଷେତ୍ର ରୂପେ ବାଛି ନେଇଥିବା ଆଦିବାସୀ— ଅଞ୍ଚଳରେ ସରକାରଙ୍କର ଅନୁଗ୍ରହ ଏବଂ ଦୃଷ୍ଟି ଯେପରି ଅଧିକ ପଡ଼ିପାରିବ, ସେଥିଲାଗି ସରକାରଙ୍କର ସଂପୃକ୍ତ ହାକିମମାନଙ୍କୁ ଲଗାମ ଟାଣି ହୁଏତ ଯଥେଷ୍ଟ ସଚେତନ କରି ଦେଉଥିଲେ । ଅପର ପକ୍ଷରେ ସରକାରୀ ଅମଲାତନ୍ତ୍ରର ଯେଉଁ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କୁ ବିଶେଷ ଭାବରେ ଖୁସି କରି ରଖିବାକୁ ଇଚ୍ଛା କରୁଥିଲେ ସେମାନେ ପରୋକ୍ଷରେ ଶ୍ରୀମତୀ ମାଳତୀଦେବୀଙ୍କ ସେବା କ୍ଷେତ୍ରରେ କିଛିଟା କାମରେ ଲାଗିବାକୁ ବେଳେବେଳେ ସତେଅବା ସ୍ୱେଚ୍ଛାସେବୀ ପରି ଆସି ପହଞ୍ଚି ଯାଉଥିଲେ । ରାଜ ଅନୁଗ୍ରହ ଆଶା କରୁଥିବା ଆହୁରି କେତେ ପ୍ରକାରର ବୁଦ୍ଧିମାନ୍ ଏବଂ ସମର୍ଥ ବ୍ୟକ୍ତି ମଧ୍ୟ ଶ୍ରୀମତୀ ଚୌଧୁରୀ ଚାହିଁଲେ ଅଥବା ନ ଚାହିଁଲେ ମଧ୍ୟ ତାଙ୍କର କାର୍ଯ୍ୟରେ ଏକାନ୍ତ ଅଯାଚିତ ଭାବରେ ସାହାଯ୍ୟ କରିବାକୁ ପ୍ରସ୍ତୁତ ହୋଇଯାଉଥିଲେ । ଶ୍ରୀଯୁକ୍ତ ଚୌଧୁରୀ ଉପରେ ଥିବାରୁ ଶ୍ରୀମତୀ ଚୌଧୁରୀଙ୍କର ସରକାର-ସମ୍ପର୍କିତ ଅନେକ କାର୍ଯ୍ୟ ମଧ୍ୟ ସହଜରେ ସମ୍ପନ୍ନ ହୋଇଯାଉଥିଲା, ପ୍ରାୟ କୌଣସି ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ୁ ନ ଥିଲା ।

ତଥାପି ଭିତରେ ଦ୍ୱନ୍ଦ୍ୱ ଲାଗି ରହିଥିଲା, ବିଶ୍ୱାସ ଏବଂ ଅଭିରୁଚିରେ ଦୂରତା ରହିଥିଲା । ଶ୍ରୀମତୀ ଚୌଧୁରୀ ଦୂରରେ ଥାଇ ମୁଖ୍ୟମନ୍ତ୍ରୀଙ୍କର ରାଜନୀତିକୁ ଅନେକ ସମୟରେ ମୋଟେ ପସନ୍ଦ କରି ପାରୁ ନ ଥିଲେ, ମାତ୍ର ତଥାପି କରିବାର କିଛି ନ ଥିଲା । ସେ ହୁଏତ ରାଜନୀତିକୁ ରାଜନୀତିର ବାଟରେ ଯିବାକୁ ଛାଡ଼ି ଦେଉଥିଲେ ଏବଂ

Digitized by srujanika@gmail.com

ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଚୌଧୁରୀଙ୍କର ଏହି ସବୁ ଭୂମିକା ନେଇ ବାରମ୍ବାରେ ନିଜର ବିରକ୍ତି ପ୍ରକାଶ କରୁଥିଲେ । ଗଡ଼ଜାତର ରାଜା ଏବଂ ରାଣୀମାନେ କଂଗ୍ରେସ ଭିତରକୁ ଆସିଲେ ଓ ମନ୍ତ୍ରୀ ହେଲେ । ଖୋଦ୍ ନବବାବୁଙ୍କର ମନ୍ତ୍ରିମଣ୍ଡଳରେ ସେକଥା ଘଟିଲା ଏବଂ ଗଡ଼ଜାତ ପ୍ରଜା-ଆନ୍ଦୋଳନରେ ଏକଦା ସଂଗ୍ରାମ ଲଢ଼ିଥିବା ଶ୍ରୀମତୀ ଚୌଧୁରୀ ତାହାକୁ ସହ୍ୟ କରିପାରନ୍ତେ କିପରି ? ନିଜର ବିରକ୍ତି ବ୍ୟକ୍ତ କରି ସେ ଶ୍ରୀଯୁକ୍ତ ବିଶ୍ୱନାଥ ପଟ୍ଟନାୟକଙ୍କୁ ଲିଖିତ ଏକ ଚିଠିରେ ଲେଖିଥିଲେ :

"ମୁଁ ସବୁ ବରାବର ଦେଖୁଛି ଧନୀମାନେ ଶୋଷୁଛନ୍ତି ଗରିବଙ୍କୁ ଅନ୍ନ, ଖାଦ୍ୟ, ବସ୍ତ୍ର, ଲୁଟି, ବୁଦ୍ଧିମାନ୍ ଶିକ୍ଷିତମାନେ ଶୋଷୁଛନ୍ତି ବା ଠକୁଛନ୍ତି ବୁଦ୍ଧିର ବିଭ୍ରାଟ ସୃଷ୍ଟି କରି । ଦସ୍ୟୁ ରତ୍ନାକର ବାଲ୍ମୀକି ଏକା ରାତିରେ ପାଲଟି ନ ଥିଲେ । ଗୋଟିଏ ଯୁଗର ତପସ୍ୟା ଫଳରେ ସେ ବାଲ୍ମୀକି ପାଲଟିଲେ, ତା'ପରେ ଯାଇ ଭଗବାନଙ୍କର କରୁଣା ତା' ଉପରେ ବର୍ଷଣ ହେଲା । ନବବାବୁ ଯଦି କାଲି ଲୋକଙ୍କୁ ଠକୁଥିବା ରାଜାରାଣୀମାନଙ୍କୁ ଆଣି ଆଜି ହଠାତ୍ ଲୋକଙ୍କ ଉପରେ ଲଦିବେ, ତୁମର ପ୍ରତିନିଧିଙ୍କର, ମନ୍ତ୍ରୀଙ୍କର, ସ୍ୱାଙ୍କର ହୃଦୟ ପରିବର୍ତ୍ତନ ହୋଇଛି କହି ମୁଁ ଏ ବୁଦ୍ଧି ବିଭ୍ରାଟକୁ ମାନିବିନାହିଁ । ବିନୋବା କହିଲେ ମଧ୍ୟ ମାନିବିନାହିଁ, ନବବାବୁ ତ ଦୂରର କଥା । ବିନୋବା ଏପରି କହିବେ ବି ନାହିଁ । ଯଦି ମନର ପରିବର୍ତ୍ତନ ଆସିଛି, ତପସ୍ୟା କରନ୍ତୁ । ଏକ ଯୁଗର ନହେଉ, ଏକ ବର୍ଷର ହେଉ । ପରିଷ୍କାର ଦେଖାଯାଉଛି ଯାବତୀୟ ବିରୁଦ୍ଧାତ୍ମକ କାର୍ଯ୍ୟ କରୁଛନ୍ତି । ଚିନ୍ତା ନାହିଁ, ସାଧନା ନାହିଁ, ସେ କି ପରିବର୍ତ୍ତନ ? ଲୋକଙ୍କୁ ଠକିବାପାଇଁ ପରିବର୍ତ୍ତନ ? ଅଉ ଆମେ ତାକୁ ପ୍ରସ୍ତୁତ କରିବାରେ ଭାଗୀଦାର ଠିକ ? ମାର୍କସ୍ କଅଣ ମିଛ କହିଛି ? ସେ ଗୋଟାଏ ବିରାଟ ମହାପୁରୁଷ ଥିଲେ । ବିନୋବାଜୀ ମଧ୍ୟ ଏକ ହିସାବରେ ମହାପୁରୁଷ । କିନ୍ତୁ ଅହିଂସା ପିଲାଖେଳ ନୁହେଁ, ଅହିଂସା ବା ଟ୍ରଷ୍ଟିସିପ୍ ଇତ୍ୟାଦିର ଯେଉଁ ବଚନିକା ଆମେ ବ୍ୟବହାର କରୁଥାଏଁ, ତା'ପଛରେ ଗୋଟାଏ ଗଭୀର ତପସ୍ୟାର ସ୍ଲୋଗାନ୍ ମଧ୍ୟ ରହିବା ଦରକାର ।"

ଏହା କେବଳ ଏକ ରାଜନୀତିଗତ ମତ-ପାର୍ଥକ୍ୟ ବା ଦୃଷ୍ଟି ପ୍ରାର୍ଥକ୍ୟ ନୁହେଁ । ଏହା ହେଉଛି ଏକ ତିବ୍ର ପାରିବାରିକ ଦ୍ୱନ୍ଦ୍ୱ, ଏବଂ ସେହି କାରଣରୁ ଏକ ଉତ୍ତେଜନାକାରୀ ଅନ୍ତର୍ଦ୍ୱନ୍ଦ୍ୱ । ଏହି ଦ୍ୱନ୍ଦ୍ୱରୁ ଶ୍ରୀମତୀ ଚୌଧୁରୀଙ୍କୁ ସମ୍ଭବତଃ ଛୁଟୀ ମିଳିଲା, ଯେତେବେଳେ ଶ୍ରୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସରକାର ଭିତରୁ ବାହାରି ଆସିଲେ । ସେ ଭୂଦାନ ଓ ସର୍ବୋଦୟ କାମରେ ଏଣିକି ନିଜର ସମସ୍ତ ଅନୁରକ୍ତି ଏବଂ ସମସ୍ତ ସମୟ ଦେଇପାରିବେ, ଏକଥା ଭାବି ଶ୍ରୀମତୀ ଚୌଧୁରୀଙ୍କୁ ହୁଏତ କେତେ ଛନ୍ଦ ସ

Digitized by srujanika@gmail.com

ଲାଗିଥିବ । ଶ୍ରୀ ଚୌଧୁରୀ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ରହିଥିବା ସମୟରେ ମଧ୍ୟ ଶ୍ରୀମତୀ ମାଳତୀ ଚୌଧୁରୀ ଏକାଠି ଏକାଧିକ ଅବକାଶରେ ତାଙ୍କ ସହିତ ଭୂଦାନ ପ୍ରଚାର କରି ଯାଇଛନ୍ତି । ଏହି ଗସ୍ତମାନଙ୍କରେ ସରକାରୀ ଗାଡ଼ି ଓ ଭୂଦାନ ପ୍ରଚାର ଯାତ୍ରା ହୁଏତ କେତେଥର ମିଶି ମଧ୍ୟ ଯାଇଥିବ । ମାତ୍ର ତାହାକୁ କାହିଁ କଏ ଦୋଷାବହ ବୋଲି ଧରିବ ?

ଶ୍ରୀଯୁକ୍ତ ଚୌଧୁରୀ ମୁଖ୍ୟମନ୍ତ୍ରୀ-ପଦରୁ ଇସ୍ତଫା ଦେଲେ କାହିଁକି ବୋଲି ଜଣେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମତୀ ଚୌଧୁରୀ ଏକଦା କହିଛନ୍ତି, "ବାପି କେବେ କ୍ଷମତାକୁ ଯାବୁଡ଼ି ଧରିବାକୁ ଚେଷ୍ଟା କରିନାହାନ୍ତି । ସେ ଦେଖିଲେ, ଯୋଉଟା କରିବାକୁ ସେ ଭାବୁଛନ୍ତି, ସେଥିପାଇଁ ନାନାପ୍ରକାର ବାଧାବିଘ୍ନ ଆସୁଛି, ସରକାରରେ ରହି ସେସବୁ କରି ହେବନି । ବାପି ଇସ୍ତଫା ଦେବାପରେ ଜବାହରଲାଲ ନେହେରୁ ଚାହୁଁଥିଲେ ତାଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ନେଇଯିବାକୁ । ବହୁ ପଦପଦବୀ ଯାଚୁଥିଲେ । ବାପି ମନା କଲେ । ସେଥିପାଇଁ ନେହେରୁଙ୍କ ମତେ ଦୋଷ ଦେଇ ଚିଠି ଲେଖିଥିଲେ, 'ତାଙ୍କଭଳି ଚମକ ସରକାରରେ ରହିବା ଦରକାର । ସେ ରହିଥାନ୍ତୁ । ଆପଣ ତାଙ୍କୁ ଏମିତି କରୁଛନ୍ତି ।' କିଛି ସମୟ ପରେ ସେ....କହିଲେ, ବାପି ଜଣେ perfect gentleman ଥିଲେ ।" ଶ୍ରୀଯୁକ୍ତ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବାବେଳେ ଆପଣ ସରକାରୀ ନୀତିକୁ କି ପ୍ରଭାବିତ କରିଥିବେ ?—ଏହି ପ୍ରଶ୍ନର ଉତ୍ତରରେ ସେହି ସାମ୍ବାଦିକଙ୍କୁ ସେ କହିଥିଲେ ।

"ସେ କଥା ସେ କହିବେ ନା ! ମୁଁ କେମିତି କହିବି ? (ମୃଦୁ ହସି) ନିଶ୍ଚୟ କିଛି ପ୍ରଭାବ ପଡୁଥିବ । ନ ହେଲେ ସେ ରାଜନୀତି ଛାଡ଼ି ଦେଲେ କେମିତି ? ଏହି ଯୋଉ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍ , ସେ ପୁଣି ବଦଳାଇଲ କେମିତି ?" ୧୯୫୦-୫୧ ବେଳେ ରନ୍ତଲେଇ ବାବାଙ୍କ ହୁକୁମ ସମ୍ପର୍କରେ ଧର୍ମନିରପେକ୍ଷ ରାଷ୍ଟ୍ରର ଦୋହାଇ ଦେଇ ମୁଖ୍ୟମନ୍ତ୍ରୀ ଚୌଧୁରୀ ଶ୍ରୀମତୀ ଚୌଧୁରୀଙ୍କର କଥା ରଖି ସେଠାରେ ୧୪୪ ଧାରା ଜାରି କଲେନାହିଁ । କହିଲେ, 'କାହାରି ବିଶ୍ୱାସକୁ ଆମେ ବିରୋଧ କରି ପାରିବାନାହିଁ ।' ଶ୍ରୀମତୀ ଚୌଧୁରୀ କହିଲେ, 'ନ ପାରିବ ଯଦି, ଇସ୍ତଫା ଦେଇଦିଅ । ଏ ମାଇଚିଆ ସରକାର ଦରକାର ନାହିଁ ।' ତା'ପରେ ସେ ନିଜେ ଯାଇ ନେପାଳୀ ବାବାଙ୍କୁ ଘୋଷାରି ଆଣି ଜାଗା ଛାଡ଼ିବାକୁ ନିର୍ଦ୍ଦେଶ ଦେଲେ । ତା'ପରେ ଯାଇ ସରକାର ୧୪୪ ଧାରା ଜାରିକଲେ ।

"ଯେତେ ପର୍ଯ୍ୟନ୍ତ ବ୍ୟକ୍ତିଗତ ସ୍ୱାର୍ଥ ବା କ୍ଷମତାର ମୋହ ଘାରିନାହିଁ, ସେଯାଏଁ ରାଜନୀତି ବି ଗୋଟାଏ ସେବା । ସେବାରେ ସ୍ୱାର୍ଥ ପଶିଗଲେ ରାଜନୀତି ହୋଇଯାଏ ।" ଆଲୋଚିତ ସାକ୍ଷାତ୍କାରରେ ଶ୍ରୀମତୀ ଚୌଧୁରୀ ସାମ୍ବାଦିକଙ୍କ ଆଗରେ ଏହି ମନ୍ତବ୍ୟ ଦେଇଥିଲେ । ଏହି ଦୃଷ୍ଟିରୁ ସେବାରେ ରାଜନୀତି ରହିବ ଓ ରାଜନୀତିରେ ମଧ୍ୟ ସେବା ଅବଶ୍ୟ ରହିବ । ଚୌଧୁରୀ ଦମ୍ପତି କେବେ କୌଣସି ବ୍ୟକ୍ତିଗତ ସ୍ୱାର୍ଥ ବା କ୍ଷମତାର

Digitized by srujanika@gmail.com

ମୋହରେ କିଛି କରିଛନ୍ତି, ସେ କଥା କଳ୍ପନା ମଧ୍ୟ କରି ହେବନାହିଁ । ପ୍ରକୃତତଃ ଆଦର୍ଶର ମୋହ ବେଳେବେଳେ ଘାରି ଦେଉଥିବ, ଅନ୍ତତଃ ଶ୍ରୀମତୀ ଚୌଧୁରୀଙ୍କ ଭୂମି ସଂଗ୍ରହର କାର୍ଯ୍ୟ ପରିପୂର୍ଣ୍ଣ ଉଦ୍ୟମରେ ଚାଲିଥିବା ସମୟରେ ୧୯୫୩ ଜୁଲାଇ ମାସରେ ଶ୍ରୀଯୁକ୍ତ ବିଶ୍ୱନାଥ ପଟ୍ଟନାୟକଙ୍କୁ ଯେ ଏକ ପତ୍ରରେ ଲେଖିଛନ୍ତି । "ଆମେ ଏଠାରେ ଭୂମିଦାନ କାମରେ ସବୁଦିନ ଲାଗି ରହିଛୁ । ଏପର୍ଯ୍ୟନ୍ତ କିଛି କିଛି ଜମି ଆଦାୟ ହେଉଛି । ଧର୍ମାଧିକାରୀ (ଭୂଦାନ ଆନ୍ଦୋଳନର ନେତା ଦାଦା ଧର୍ମାଧିକାରୀ) ଆସିଲାବେଳକୁ ଦୁଇହଜାର (ଏକରେ) ପୂର୍ଣ୍ଣ କରିବାର ଇଚ୍ଛା ଅଛି । କଅଣ ହେଉଛି କିଏ ଜାଣେ ? ଆମେ ରାଜାମାନଙ୍କୁ ଧରୁଛୁ । ତାଙ୍କ ଏବଂ ତାଙ୍କର ବଂଶର ଭାଇମାନଙ୍କୁ । ହିନ୍ଦୋଳସାହେବ ଢେଙ୍କାନାଳ ରାଜାସାହେବଙ୍କ ଭାଇ ଏକହଜାର ଦେଇଛନ୍ତି, ରାଣୀସାହେବା ୫୦୦ ଦେଇଛନ୍ତି । ତାଙ୍କ ଗ୍ରାମଭିଲ ୧୦୦ ଏକର; ତା'ଛଡ଼ା ୧୦।୧୫ କରି କିଛି ଏକର୍ ହୋଇଛି ।"

ଭୂମି ସଂଗ୍ରହ କଲାବେଳେ ରାଜାମାନେ ଓ ତାଙ୍କର ବିରାଦରମାନେ ଆଦୌ କୌଣସି ତପସ୍ୟା କରିଛନ୍ତି କି ନାହିଁ, ସେକଥା ପଚାରିବାର କୌଣସି ଆବଶ୍ୟକତା ନଥିଲା । କୋରାପୁଟରେ ଗ୍ରାମଦାନର ନାଆଁରେ ସତେ ଅବା ଇଟାଭଟି ପକାଇ ଗ୍ରାମ ନିର୍ମାଣର କାର୍ଯ୍ୟ ଚାଲିଲା । ରାଜନୀତି ପଶିବନାହିଁ ପଶିବନାହିଁ ବୋଲି ପଶିଗଲା ନିର୍ମାଣ କାର୍ଯ୍ୟ ପାଇଁ ଜିଲ୍ଲାର ଧାର ଧାରୁନଥିବା ବିଶେଷଜ୍ଞମାନେ ଆସି ପହଞ୍ଚିଗଲେ । ସେତେବେଳେ ଶ୍ରୀ ନବକୃଷ୍ଣ ଚୌଧୁରୀ ତଥାପି ମୁଖ୍ୟମନ୍ତ୍ରୀ ଥାଆନ୍ତି । ତାଙ୍କର ନିର୍ଦ୍ଦେଶରେ ସରକାରୀ କରିତକର୍ମୀମାନେ ମଧ୍ୟ ସତେ ଅବା ଗୋଟାଏ ରାତିରେ କୋରାପୁଟର କଳେବର ବଦଳାଇ ନେବା ମତଲବରେ ସେଠାକୁ ଗଲେ । ଏକ ବିପ୍ଳବର ସରକାରୀ ମ୍ୟାନେଜରର ରୂପେ କାର୍ଯ୍ୟ କଲେ । ଜିଲ୍ଲାର କର୍ମୀମାନଙ୍କୁ ବୋଲି ବତାଇଲେ, ଜିଲ୍ଲା ସଙ୍କୁଚିତ ହେଲା । ଆଦର୍ଶ ଭିତରେ ମୋହ ପୂର୍ବରୁ ପଶିଥିଲା, ଏବେ ସ୍ୱାର୍ଥ ପଶିଗଲା, ପ୍ରଲୋଭନରେ ଆଦୌ ନପଡ଼ିବା ଲୋକ ପ୍ରଲୁବ୍ଧ ହେଲେ । ଚୌଧୁରୀଙ୍କର ସେତେବେଳୁଁ ମୋହଭଙ୍ଗ ଆରମ୍ଭ ହୋଇଗଲା । କୋରାପୁଟ ନିର୍ମାଣ କାମରେ ରାଜନୀତି ଖେଳ ଚାଲିଛି, ତେଣୁ ସେ ସେଥିରୁ ଦୂରେଇ ରହିବାକୁ ଇଚ୍ଛା କରୁଛନ୍ତି ବୋଲି ୧୯୫୬ ମସିହାରେ ଗୋଟିଏ ଚିଠିରେ ଲେଖିଛନ୍ତି । ପ୍ରାୟ ଦୁଇବର୍ଷ ପରେ ଶ୍ରୀଯୁକ୍ତ ଚୌଧୁରୀ ମଧ୍ୟ ଏକ ବର୍ଷର ହାଲକୁ ବିନୋବାଜୀଙ୍କର ଅସଫଳ କାମ ବୋଲି ସୂଚାଇ ଦେଇ "ଯେକୌଣସି ମତେ ଗୋଟାଏ ଗ୍ରାମଦାନ ଘୋଷଣା କଲେ....କିଛି ହେବନାହିଁ" ବୋଲି ମନ୍ତବ୍ୟ ଦେଇଛନ୍ତି ।

ରାଜନୀତିରୁ ତ ଆଗରୁ ମନ ଛାଡ଼ିଯାଇଥିଲା । ଏବେ ଦ୍ରୁତପ୍ରାୟ ଆସ୍ଥା ଭୂମିଦାନ ଆନ୍ଦୋଳନରୁ ମଧ୍ୟ ମନ ଛାଡ଼ିଗଲା । ମୋହଗ୍ରସ୍ତ ମଣିଷ ପରି ମୋହଭଙ୍ଗ ହୋଇ ଥିବା ମଣିଷ ମଧ୍ୟ କମ ଉଗ୍ର ହୁଏ ନାହିଁ । ସେତିକିବେଳେ ବଙ୍ଗଳା ଆଉ

Digitized by srujanika@gmail.com

ଅଞ୍ଚଳରେ ନକ୍‌ସଲ୍‌ପନ୍ଥୀ ପ୍ରତ୍ୟକ୍ଷ ଆନ୍ଦୋଳନଟି ପ୍ରମୁଖତା ହାସଲ କରିଥାଏ ଓ ସରକାରମାନଙ୍କର ପ୍ରସାଦର କାରଣ ହୋଇଥାଏ । ଶ୍ରୀଯୁକ୍ତ ଚୌଧୁରୀଙ୍କର ଦୃଷ୍ଟି ତା' ଉପରେ ଯାଇ ପଡ଼ିବା ଅତ୍ୟନ୍ତ ସ୍ୱାଭାବିକ । ସେ ଯେପରି କ'ଣ ଗୋଟାଏ ଖୋଜୁଥିଲେ, ପାଇଗଲେ । ଶ୍ରୀମତୀ ଚୌଧୁରୀଙ୍କର ମଧ୍ୟ ପ୍ରତ୍ୟକ୍ଷ କିଛି କରିବା ଆଡ଼କୁ କିଛିଟା ସହାନୁଭୂତି ରହିଥିବ । ଅନେକ ବର୍ଷ ପରେ ୧୯୮୦ ମସିହାରେ ତାଙ୍କ ଦ୍ୱାରା ଲିଖିତ ଗୋଟିଏ ପତ୍ରରୁ ହୁଏତ ତାହାର କିଛିଟା ଇସାରା ମିଳିବ ! "ହୋ'ହଲ୍ଲା ନ କଲେ ଏହି ଧନିକ ସମାଜର ଲୋକେ ବା ଆମର ଶାସକଦଳ ଶୁଣିବେ ନାହିଁ । ଗୁରୁଦେବ କହିଛନ୍ତି, ଯିଏ ଶୁଣି ମଧ୍ୟ ଶୁଣେ ନାହିଁ, ସେ ବଧିରତମ । ତେଣୁ ନ ଶୁଣିଲେ ଧକ୍‌କା ମାରିବାକୁ ପଡ଼ୁଛି । ସେଇଠୁଁ ଗୁଳି ଚାଲୁଛି, ଗଣ୍ଡଗୋଳ ହେଉଛି ।"

ଉତ୍କଳ ନବଜୀବନ ମଣ୍ଡଳ ଓ ମହିଳା ଶିବିର ଅନେକ କାରଣରୁ ଓଡ଼ିଶାର ସାଧାରଣ କ୍ଷେତ୍ରକୁ ବାଦ ରଖିଲେ ଗୃହବାସର ସବୁଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଅବଦାନ ଏହି ସଂସ୍ଥାଟିରେ ଏକ କାଳରେ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଥିଲେ, ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ମଧ୍ୟ ଥିଲେ, ମାତ୍ର ଶ୍ରୀମତୀ ମାଳତୀ ଚୌଧୁରୀହିଁ ଏହାକୁ ଏକ ନିର୍ଦ୍ଦିଷ୍ଟ ଧ୍ୟେୟ ଦେଇ ଗଢ଼ିଛନ୍ତି, ଏକ ନିର୍ଦ୍ଦିଷ୍ଟ ସାର୍ଥକତା ପ୍ରଦାନ କରିଛନ୍ତି । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଅତ୍ୟନ୍ତ ଦୁର୍ଗତ ଅବସ୍ଥାରୁ ଝିଅମାନେ ଆସନ୍ତି । ସମାଜ ସେମାନଙ୍କୁ ନାନାପ୍ରକାରେ ଲାଞ୍ଛନା ଦେଇଥାଏ । କିଏ ସ୍ୱାମୀ ଦ୍ୱାରା ନିର୍ଯ୍ୟାତିତା ହୋଇ ଘରୁ ପଳାଇ ଆସିଥାଏ । ଯେତେବେଳେ ମଣିଷ ଆଗରେ ତଥାକଥିତ ସବୁ ଭରସା ଗୋଟାସୁଦ୍ଧା ଭୂମିସାତ୍‌ ପଡ଼େ, ସମ୍ଭବତଃ ସେତିକବେଳେ ସେ ନିଜ ଭିତରୁ ଏକ ସ୍ଫୁଲିଙ୍ଗର ପରିଚୟ ପାଏ ଏବଂ ନିଜର ବ୍ୟକ୍ତିଗତ ଯାବତୀୟ ଦୁଃଖ କାହାଣୀକୁ ଭୁଲି ସଂସାରରେ ସତକୁ ସତ କିଛି କରିବ ବୋଲି ବାହାରି ଆସେ । ପ୍ରଧାନତଃ ସେହିଭଳି ଏକ ପୁଞ୍ଜିକୁ ନେଇ ଝିଅମାନେ ଆସୁଥିଲେ । ଅନେକ ସ୍ଥଳରେ ଶ୍ରୀମତୀ ମାଳତୀ ଦେବୀ ନିଜେ ଏହି ନିର୍ଯ୍ୟାତିତାମାନଙ୍କର ସମ୍ବାଦପାଇ ସେମାନଙ୍କୁ ଯାଇ ସାଉଁଟି ଆଣୁଥିଲେ ।

ସେମାନଙ୍କୁ ମହିଳା ଶିବିରରେ ତ'ଲିମ ଦିଆଯାଉଥିଲା ଭଲ କରି ଓଡ଼ିଆ ପଢ଼ି ପାରିବା, ହିସାବକିତାବ ଶିଖିବା, ଅନେକଙ୍କ ତାଲିମ ଏହି ଏକାନ୍ତ ପ୍ରାଥମିକ ସ୍ତରରୁ ଆରମ୍ଭ ହେଉଥିଲା । କଥାଛଳରେ ସେମାନେ ଗାନ୍ଧୀ କଥା ଶୁଣୁଥିଲେ, ସର୍ବୋଦୟ ବିଷୟରେ କିଛିଟା ଧାରଣା ପାଉଥିଲେ । ତା' ଛଡ଼ା ମୌଳିକ ଶିକ୍ଷାପଦ୍ଧତି ଅନୁସାରେ ଘର ଲିପିବା, ରୋଷେଇବାସ କରିବା, ରୋଗୀସେବା କରିବା—ଏସବୁ ଓ ରହିଛି । ମାତ୍ର, ସର୍ବୋପରି ସେମାନଙ୍କ ପାଖରେ ସତକୁ ସତ ଏକ ସାହସିନୀ ମାଆ ପରି ହୋଇ ରହିଥିବା ଶ୍ରୀମତୀ ମାଳତୀ ଦେବୀଙ୍କର ନିତ୍ୟସାନ୍ନିଧ୍ୟ ଓ ନିଷ୍କପଟ ବାତ୍ସଲ୍ୟ

Digitized by srujanika@gmail.com

ସେମାନଙ୍କୁ ସବୁଠାରୁ ବଡ଼ ତାଲିମ ପ୍ରଦାନ କରୁଥିଲା । ପ୍ରାୟ ଛଅମାସ ବର୍ଷ ତାଲିମ ପାଇବା ପରେ ସେମାନେ ଓଡ଼ିଶାର ମାଳ ଅଞ୍ଚଳକୁ ବିଭିନ୍ନ ଗାଆଁରେ ରହି ସେବା କାର୍ଯ୍ୟ କରିବାକୁ ଯାଉଥିଲେ । କୋରାପୁଟ, ଗଞ୍ଜାମ, ଫୁଲବାଣୀ, କେନ୍ଦୁଝର କମ୍ବା ସୁନ୍ଦରଗଡ଼ର ଗୋଟିଏ ଗୋଟିଏ ଗାଆଁ । କୋଉଠି ଲଞ୍ଜିଆ ଶବର, କୋଉଠି କୁଇ କନ୍ଧ, କୋଉଠି ସାନ୍ତାଳ ଓ କୋଉଠି କୋହ୍ଲ ଗହଳ ବନସ୍ତ ଭିତରେ ଏହି ଝିଅମାନେ ନିଜକୁ ଆଦିବାସୀ ସମାଜ ସହିତ ସାମିଲ କରି ଦିଅନ୍ତି । ପିଲାଙ୍କଠାରୁ ବୁଢ଼ାଯାଏ ସମସ୍ତଙ୍କର ଅପା ହୋଇ ରହନ୍ତି । ଅପାମାନେ ପିଲାଙ୍କର କାକୁ ଧୋଇବାଠାରୁ ଆରମ୍ଭ କରି ସାହୁକାରମାନଙ୍କ ଆଗରେ ଆଦିବାସୀ-ମାନଙ୍କର ପ୍ରତିନିଧି ହୋଇ ଠିଆ ହେବା ପର୍ଯ୍ୟନ୍ତ ସବୁ ଭୂମିକାରେ ରହି କାର୍ଯ୍ୟ କରନ୍ତି ।

ସରକାରଙ୍କର ଆଦିବାସୀ ସେବା ବିଭାଗ ନିୟମ ଅନୁସାରେ ସେମାନଙ୍କୁ କିଛି କିଛି ଆର୍ଥିକ ସହାୟତା ପଠାଏ । ମାତ୍ର, ସମ୍ପୂର୍ଣ୍ଣ ଭାବରେ ଗ୍ରାମର ଅତି ନିଜର ହୋଇଯାଇଥାନ୍ତି ବୋଲି ଗାଆଁ ସେମାନଙ୍କୁ ମଧ୍ୟ ନିଜର କରି ନିଏ । ନିଜ ସଂସାରରେ ସେମାନଙ୍କ ଲାଗି ଥାନ କରି ଦିଏ । ଏହାର ଅସଲ ପରୀକ୍ଷା ହୋଇଗଲା ୧୯୭୫ ମସିହାର ଜରୁରୀ ଅବସ୍ଥା ଜାରି ହୋଇଥିବା ସମୟରେ । ସରକାରଙ୍କର ଅର୍ଥ ପଠାଇବା ବନ୍ଦ ହୋଇଗଲା । ତେଣେ ଶ୍ରୀମତୀ ମାଳତୀ ଚୌଧୁରୀଙ୍କୁ ଜେଲ୍ ଭିତରେ ବନ୍ଦୀ କରି ରଖାଗଲା । ପ୍ରତିଶୋଧ ନେବାପରି ରାଜ୍ୟ ସରକାର ମହିଳା ଶିବିରକୁ ବନ୍ଦ କରିଥିଲେ । ଏହି ଝିଅମାନେ ସେତେବେଳେ ଆଶ୍ରା ଖୋଜି କୁଆଡେ ଯାଇଥାନ୍ତେ ? ସଂସାର ଭିତରକୁ ପଳାଇ ଯିବାର ପ୍ରଶ୍ନ ହିଁ ନଥିଲା । ସେମାନେ ସଂସାର ଭିତରକୁ ଫେରି ଯିବାକୁ ଇଚ୍ଛା ମଧ୍ୟ କରୁ ନଥିଲେ । ପ୍ରାୟ ଦୁଇବର୍ଷ କାଳ ଆଦିବାସୀମାନେ ହିଁ ନିଜର ଏହି ଅପାମାନଙ୍କୁ ଚଳାଇଲେ । ସେମାନଙ୍କୁ ନିଜ ଘରେ ଖୁଆଇଲେ । ଭାରତରେ ସେବାର ଇତିହାସରେ ଏହା ହେଉଛି ଏକ ଅନନ୍ୟ ଘଟଣା । ଏସବୁ ଯେ ସମ୍ଭବ ହେଲା, ଏହା ପ୍ରଧାନତଃ ଶ୍ରୀମତୀ ମାଳତୀଦେବୀଙ୍କର ଶ୍ରେୟଃ ।

ଯଦି ଶ୍ରୀମତୀ ଚୌଧୁରୀ ଆଗ ପରି ସୋସିଆଲିଷ୍ଟ ପାର୍ଟିରେ ଥାଆନ୍ତେ, ତେବେ ମହିଳା ତାଲିମ ଶିବିରରେ ସେବାକାର୍ଯ୍ୟ ସହିତ ସେମାନଙ୍କର ରାଜନୈତିକ ସଚେତନ-ତାକୁ ଜାଗ୍ରତ କରାଇବାରେ ମଧ୍ୟ କିଛି କରିପାରିଥାନ୍ତା । ଏହି କ୍ଷେତ୍ରରେ କୌଣସି ବିଧିବଦ୍ଧ ତାଲିମ ନଥାଇ ମଧ୍ୟ ପାରମ୍ପରିକ ନ୍ୟସ୍ତସ୍ୱାର୍ଥ ଓ ଠିକାଦାରଙ୍କର ଶୋଷଣ ବିରୋଧରେ ମୁହଁ ଖୋଲି କଥା କହିବାପାଇଁ ଓ ମଣିଷ ପରି ଭାବିବା ପାଇଁ ନବଜୀବନ ମଣ୍ଡଳର ଅପାମାନଙ୍କର ଆଦୌ କମ୍ ଅବଦାନ ନାହିଁ । ଏମାନେ ନିଜେ ଚରମ ପଛଘୁଞ୍ଚା ଏବଂ ଜଙ୍ଗଲ ଖୋଲ ମାନଙ୍କରେ ବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ

Digitized by srujanika@gmail.com

ମନୁଷ୍ୟୋଚିତ ସାହସ ଓ ମନୁଷ୍ୟୋଚିତ ସମ୍ମାନବୋଧର ସଞ୍ଚାର କରାଇ ପାରିଛନ୍ତି । କୋରାପୁଟ ଓ ଗଞ୍ଜାମରେ ଗ୍ରାମଦାନ ଆନ୍ଦୋଳନ ଯେ ଏତେ ଦୃଶ୍ୟମାନ ଭାବରେ ସଫଳ ହେଲା, ନବଜୀବନ ମଣ୍ଡଳର ସାହସିନୀ ଅପାମାନଙ୍କର ମଧ୍ୟ ସେଥିରେ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ ସୁନିର୍ଦ୍ଦିଷ୍ଟ ଭାବରେ ରହିଛି । ଏବେ ମଧ୍ୟ ନବଜୀବନ ମଣ୍ଡଳ ରହିଛି, ଶ୍ରୀମତୀ ମାଳତୀ ଚୌଧୁରୀଙ୍କୁ ଅସଲ ପ୍ରେରଣା ରୂପେ ବ୍ୟବହାର କରି ଏବେ ମଧ୍ୟ ତାହାମାନର କାର୍ଯ୍ୟକ୍ରମ ଚାଲିଛି, କିନ୍ତୁ ପ୍ରେରଣା ଓ ନେତୃତ୍ୱ ପରମ୍ପରାଟି ଯେ ତଥାପି ଅବିଚ୍ଛିନ୍ନ ରହିବ, ସେକଥା କିଏ କହିପାରିବ ?

ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଭାରତବର୍ଷରେ ଜରୁରୀ ଅବସ୍ଥା ଜାରି କରିଥିଲେ । ପ୍ରାୟ ଦୁଇବର୍ଷ କାଳ ସମସ୍ତ ଦେଶ ସେହି ଜରୁରୀ ଅବସ୍ଥା ଭିତରେ ରହି ସଡ଼ିଲା । ବିରୋଧୀମାନଙ୍କୁ ଜେଲ୍ ଭିତରେ ଠୁଙ୍କି ଦିଆଗଲା । ସେତେବେଳେ ଶ୍ରୀମତୀ ନନ୍ଦିନୀ ଶତପଥୀ ଓଡ଼ିଶା ରାଜ୍ୟରେ ମୁଖ୍ୟମନ୍ତ୍ରୀ ଥିଲେ । ଦିଲ୍ଲୀର ହୁକୁମନାମାକୁ ସେ ସତେ ଅବା ବିଶେଷ ଆନୁଗତ୍ୟ ଏବଂ ଆବେଗ ସହିତ କାର୍ଯ୍ୟକାରୀ କରିଥିଲେ । ମାତ୍ର, ଜରୁରୀ ଅବସ୍ଥା ସରି ଆସିବା ବେଳକୁ କେଉଁ ଚକରେ କେଉଁ ନେଞ୍ଜା ଲାଗିଲା କେଜାଣି, ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଶ୍ରୀମତୀ ଶତପଥୀଙ୍କୁ ପଦଚ୍ୟୁତ କରିଦେଲେ । ଶ୍ରୀମତୀ ଶତପଥୀ ଗୋଟାଏ ନୂଆ ଦଳରେ ମିଶିଲେ, କେତେ ଦିନ ଗୋଟାଏ ନୂଆ ଦଳ ଗଢ଼ିଲେ । ତା'ପରେ ଜନତା ଦଳରେ ଯୋଗଦେଲେ । ଓଡ଼ିଶାରେ ୧୯୭୭ ରେ ଯେଉଁ ନୂଆ ନିର୍ବାଚନ କରାଗଲା, ସେତେବେଳେ ଏଠି ସେହି ଦଳର ନେତାମାନେ କ'ଣ ସବୁ ଅଙ୍କ କଷି ଶ୍ରୀମତୀ ଶତପଥୀଙ୍କୁ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ରୂପେ ବାଛିଲେ । ଶ୍ରୀଯୁକ୍ତ ଓ ଶ୍ରୀମତୀ ଚୌଧୁରୀ ଏହି ନିଷ୍ପତ୍ତିକୁ ଆଦୌ ସମର୍ଥନ କରି ପାରିଲେ ନାହିଁ, ତୀବ୍ର କ୍ଷୋଭ ଏବଂ କ୍ରୋଧରେ ଶ୍ରୀମତୀ ଚୌଧୁରୀ ଶ୍ରୀମତୀ ଶତପଥୀଙ୍କର ପ୍ରତିଦ୍ୱନ୍ଦୀ ରୂପେ ନିର୍ଦ୍ଦଳୀୟ ପ୍ରାର୍ଥୀ ହୋଇ ଢେଙ୍କାନାଳରୁ ନିର୍ବାଚନ ଲଢ଼ିଲେ । ନିର୍ବାଚନ-ରାଜନୀତିରେ ତାହା ଏକ ବିଚିତ୍ର ଘଟଣା ଥିଲା ରାଜନୀତିକ ଦଳମାନେ ସେତେବେଳକୁ ଯେ ଅବମୂଲ୍ୟକାରିତାର କେତେ ତଳକୁ ଖସି ଖସି ଯାଇଥିଲେ, ତାହାର ଏକ ନିଦର୍ଶନ ମିଳିଲା । ଶ୍ରୀଯୁକ୍ତ ଚୌଧୁରୀ ଏହି ନିର୍ବାଚନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ନିର୍ବାଚନରେ ଶ୍ରୀମତୀ ଶତପଥୀ ଜିତିଲେ, ଶ୍ରୀମତୀ ଚୌଧୁରୀ ବିଫଳ ହେଲେ । ସତେ ଅବା ଗୋଟାଏ ଔଚିତ୍ୟ ବିଫଳ ହେଲା । ନିର୍ବାଚନ ଶେଷରେ ବିଜୟ ଲାଭ କରିଥିବା ନନ୍ଦିନୀ ଦେବୀଙ୍କୁ ନିଜର ଔପଚାରିକ ଅଭିନନ୍ଦନ ଜ୍ଞାପନ କରି ମାଳତୀଦେବୀ ସମ୍ବାଦପତ୍ରରେ ଗୋଟିଏ ବିବୃତ୍ତି ଦେଇଥିଲେ । ତାଙ୍କର ବିଧାନସଭାକୁ ନିର୍ବାଚିତ ହୋଇଯିବାରେ ଯେ ଆଦୌ କୌଣସି ଲାଳସା ନଥିଲା, ସେକଥା ସେ ସ୍ପଷ୍ଟ କରି ଦେଇଥିଲେ । 'କେବଳ ଦୁର୍ନୀତି, ଶଠତା ଏବଂ ପ୍ରତାରଣା ବିରୁଦ୍ଧରେ' ଏହା ଏକ ଅଭିଯାନ ଥିଲା । ବିବୃତ୍ତିରେ ଯାହା ବ୍ୟକ୍ତ କରାଯାଇଥାଉ ପଛକେ, ଏପରି ଏକ

Digitized by srujanika@gmail.com

ନିର୍ବାଚନରେ ଲଢ଼ିବାର ସମ୍ଭବତଃ କୌଣସି ଆବଶ୍ୟକତା ନଥିଲା । ତେଣୁ, ପ୍ରଧାନତଃ ଜଣେ ହସିବା ହିଁ ସାର ହେଲା । ଜନତାଦଳରେ ଏପରି 'ଭଲେ ଗୋଟାଏ ମିଛ ଗଣ ଭିତରକୁ ଦେଖିବା ପରିଣାମରେ ଗ୍ଲାନିକର ହୋଇଥିଲା । ଏହି ସମ୍ପର୍କରେ ଶ୍ରୀଯୁକ୍ତ ଶ୍ରୀମତୀ ଚୌଧୁରୀ ଯେପରି ଉତ୍ସାହ ଦେଖାଇ ଭୋଟ ଭିତରକୁ ପଶିଲେ ବା ଭୋଟ୍ ପ୍ରଚାର କରି ବୁଲିଲେ, ତାହା ତଟସ୍ଥ ବ୍ୟକ୍ତିମାନଙ୍କୁ ମଧ୍ୟ ହାସ୍ୟାସ୍ପଦ ବୋଧ ହେଲା ଏବଂ ଦୁଃଖ ଦେଲା । ଜନତାଦଳ ବିରୋଧରେ ସେମାନଙ୍କର ଆଦୌ କିଛି କହିବାକୁ ନଥିଲା, କାରଣ ସେହିମାନେ ତ କୋଡ଼ିକାଲୁ କଂଗ୍ରେସକୁ ହଟାଇବେ ବୋଲି ଜନତା ବା ବିକଳ୍ପ ଯାହା କିଛିକୁ ମଧ୍ୟ ଉତ୍ସାହିତ କରି ଆସିଥିଲେ । ସେହି କାରଣରୁ ଢେଙ୍କାନାଳର ନିର୍ବାଚନ ଲଢ଼େଇ ପ୍ରଧାନତଃ ବ୍ୟକ୍ତିଗତ ସ୍ତରର ଲଢ଼େଇ ଥିଲା । ଜନତାଦଳ କାହିଁକି ଶ୍ରୀମତୀ ଶତପଥୀଙ୍କୁ ଟିକେଟ ଦେଲା, ଏତିକି ବ୍ୟତୀତ ଲୋକଙ୍କୁ କହିବା ଲାଗି ହୁଏତ ଆଉ କିଛିହେଲେ ନ ଥିଲା ।

ଶ୍ରୀମତୀ ଚୌଧୁରୀ ନିର୍ବାଚନରେ ଜୟଲାଭ କରିଥିଲେ ଓଡ଼ିଶାରୁ ଦୁର୍ନୀତି, ଶଠତା ଏବଂ ପ୍ରତାରଣା ଯାଇ ନଥାନ୍ତା । କାରଣ ଯେଉଁମାନେ ଏହିସବୁ ଅପକର୍ମରେ ବୃକୋଦର ଓ ବୃହନ୍ନଳା ହୋଇ ବାହାରିଥିଲେ, ପ୍ରାୟ ସମସ୍ତଙ୍କର ଶ୍ରୀମତୀ ଓ ଶ୍ରୀଯୁକ୍ତ ଚୌଧୁରୀଙ୍କର ଗୁପ୍ତ ପ୍ରଶ୍ରୟ ତଳେ ହିଁ ଉପନୟନ ହୋଇଥିଲା; ପରୋକ୍ଷରେ ବା ପ୍ରତ୍ୟକ୍ଷରେ ଏହି ଅନାବନାମାନେ ବାଣୀଗତରେ ସେହିମାନଙ୍କର ପଟାଳିରୁ ପାଣି ପାଇ ହିଁ ଏଡ଼େରୁ ଏଡ଼େ ହୋଇଥିଲେ । ସେମାନେ କଂଗ୍ରେସରେ ଥିଲେ, ଜନତା ଭିତରେ ଥିଲେ । ସେମାନଙ୍କର ମଳିନତାକୁ କାନରେ ବାନ୍ଧି ଏମାନେ ରାଜନୀତିର ଯାବତୀୟ ଶୁମ୍ଭ ବିଦ୍ୟାରେ ପାରଦର୍ଶୀ ହୋଇ ବାହାରିଥିଲେ । ଓଡ଼ିଶାର ରାଜନୀତିରେ ଏବେ ମଧ୍ୟ ସେହି ଶୁମ୍ଭବିଦ୍ୟା ଅବାରିତ ହୋଇ ଚାଲିଛି ଏବଂ ଶାସନକୁ ଆସୁଥିବା ସମସ୍ତଙ୍କୁ ହିଁ ଅବାକ୍ କରୁଛି । ରାଜନୀତି କୋଉକାଳୁ ବିଦାୟ ନେଇ ପଳାଇଲାଣି, ଏବଂ ଏହି ସବୁକିଛିର ମୂଳରେ ଯେଉଁ ପୁଙ୍ଗବ ଓ ପିତାମହମାନେ ଚନ୍ଦ୍ରବୀର୍ଯ୍ୟ ଓ ବଡ଼ବୀର୍ଯ୍ୟ ହୋଇ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ଦୁଇ ଦଶକରେ ସବାଉପରେ ଥିଲେ ଓ ରାଜନୀତି ଦ୍ୱାରା ନୂତନ ଓଡ଼ିଶା ଗଢୁଥିଲେ, ସେହିମାନେ ଏବେ ମଧ୍ୟ ଜଳଜଳ ହୋଇ ପ୍ରେତ ପରି ଦିଶି ଯାଉଛନ୍ତି । ଶ୍ରୀଯୁକ୍ତ ଚୌଧୁରୀ ଆପଣାକୁ କଦାପି ସେହି ଅପକୀର୍ତ୍ତିର ମଣ୍ଡଳ ଭିତରୁ ମୁକ୍ତ କରି ପାରିବେନାହିଁ । କାରଣ ସିଏ ମଧ୍ୟ ସେଠାରେ ଅତ୍ୟନ୍ତ ସାକାର ଭାବରେ ରହିଥିଲେ ।

ତେଣୁ ଏପରି ଏକ ଲଢ଼ାଇ ଧର୍ମତଃ ନିଷ୍ପ୍ରୟୋଜନ ଥିଲା । ଏକ ଦୀର୍ଘ ରାଜନୀତିକ ତଥା ଆଦର୍ଶଗତ ଜୀବନରେ ନାନା କାର୍ଯ୍ୟକୁ ବଡ଼ ଦାୟିତ୍ୱ ଭାବରେ ଅପୂର୍ଣ୍ଣ ଭାବରେ ଗ୍ରହଣ ଆସିଥିବାରୁ ଯେଉଁ ଆତ୍ମବିରକ୍ତି ଭିତରେ ଦଗ୍ଧ କରିବାରେ ଲାଗିଥିଲା, ସମ୍ଭବତଃ ତାହାହିଁ କ'ଣ ଭାବ ବାହାରକୁ ଜଳି ଉଠିଲା ଓ କ'ଣ ସବୁ ସହିଥିବା ଏକା ରାତିକେ

Digitized by srujanika@gmail.com

କରି ଦେଖାଇ ଦେବାର ଏକ ଅହେତୁକ ଅଧିର ବ୍ୟଗ୍ରତା ନେଇ ବାହାରିଲା । ଅପ୍ରତିଭ ହେଲା । କେବଳ ସତ୍ୟାଗ୍ରହ ହିଁ ଦେଶରେ ପ୍ରବଳ ହୋଇ ବାହାରିଥିବା ଦୁର୍ନୀତି ଓ ପଥଭ୍ରଷ୍ଟତାର ସାମନା କରି ପାରିଥାନ୍ତା, ପୁନର୍ବାର ଭାରତସ୍ଥ ରାଜନୀତିରେ ବଳର ସଞ୍ଚାର କରିଥାନ୍ତା । ମାତ୍ର ବିନୋବାଜୀ ସତ୍ୟାଗ୍ରହ ପାଇଁ ବାଟ ଗ୍ରହିଲେ ନାହିଁ । ଭୂଦାନ ଓ ଗ୍ରାମଦାନ ଫଳରେ ଯେଉଁ ଜନାଧାରିତ ଜାଗରଣ ଭାରତବର୍ଷରେ ସାକାର ହୋଇ ଉଠୁଥିଲା, ସର୍ବୋଦୟୀ ଆନ୍ଦୋଳନ ତାହାକୁ କାମରେ ଲଗାଇ ପାରିଲାନାହିଁ । ଏକଦା ସମାଜବାଦର ଆକାଶରେ ଏଡ଼େ ଏଡ଼େ ତାରା ହୋଇ ଜଳୁଥିବା ବୀର ଓ ମହାବୀର-ମାନେ ମଧ୍ୟ ଭେଳକି ଭିତରେ ପଡ଼ିଗଲେ । ତେଣୁ, କୈବ୍ୟ ଘୋଟି ଆସିଲା । ଚମେଷତଃ, ଜରୁଖି ଅବସ୍ଥା ଆସି ସର୍ବୋଦୟର ଶିବିରରେ ଭାଇକୁ ଭାଇଠାରୁ ଅଲଗା କରିଦେଲା, ସେହି ଶିବିରର ଜ୍ୟୋତିହରଣ କରିନେଲା । ସମସ୍ତେ ସତେଅବା ଗୁହ୍ନଁ ଗୁହ୍ନଁ ବୁଢ଼ା ହୋଇଗଲେ, ଦାୟିତ୍ୱ ହରାଇ ବସିଲେ । ଦୁଇଭାଗ ହୋଇ କଳହ କଲେ, ଏବେ ମଧ୍ୟ ସେହି କଳହ ଓ ବୈମନସ୍ୟ ସେମାନଙ୍କୁ ଗ୍ରାସ କରି ରହିଛି । ଯୁଦ୍ଧ କ୍ଷେତ୍ରରେ ଆବିର୍ଭୂତ ହେବା ପୂର୍ବରୁ, ମହାତ୍ମା ଗାନ୍ଧୀ ଏକଦା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରିଥିବା ସାମାଜିକ ବିପ୍ଳବରେ ଅବତୀର୍ଣ୍ଣ ହେବା ପୂର୍ବରୁ, ଗାନ୍ଧୀଅନ୍ତେ ସେମାନଙ୍କର ତାଲିମରେ କେଉଁଠି କ'ଣ ଝଣ୍ଟିଆ ରହିଗଲା କି ? ତେବେ ସେମାନଙ୍କ ହାତରୁ ବାଣ କାହିଁ ଅନ୍ୟତ୍ର ଚାଲିଗଲା, ଅପହୃତ ହୋଇ ରହିଲା, ଭାରତବର୍ଷର ଭାଗ୍ୟ ଏପରି ବିକଳା ହୋଇ ପଡ଼ିରହିଲା ?

ଅନୁଗୁଳରୁ ସାରା ଓଡ଼ିଶାରେ କାର୍ଯ୍ୟ କରୁଥିବା ଉତ୍କଳ ନବଜୀବନ ମଣ୍ଡଳର କର୍ମୀସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସେହି ମଣ୍ଡଳ ଭିତରେ ମଧ୍ୟ ଭଳି ଭଳି ଦୁର୍ବଳତା ଆସି ପଶିଗଲା । ଶ୍ରୀମତୀ ମାଳତୀ ଚୌଧୁରୀ କେନ୍ଦ୍ରରେ ସମସ୍ତଙ୍କର ମାଆ ହୋଇ ରହିଥିଲେ ସତ, ମାତ୍ର କର୍ମୀମାନଙ୍କର ଉତ୍ତରୋତ୍ତର ବୌଦ୍ଧିକ ତଥା ରାଜନୀତିକ ଅଭିବୃଦ୍ଧି ଲାଗି ବିଶେଷ କୌଣସି ଉଦ୍ୟମ ନଥିଲା । ଅଧ୍ୟାନ ବଢ଼ିଲେ ସଙ୍ଗଠନର ମଧ୍ୟ ଶକ୍ତି ବଢ଼େ, ସଙ୍ଗଠନରେ ଥିବା କର୍ମୀମାନଙ୍କର ସଚେତନତା ବଢ଼େ । ମାତ୍ର, ଅସଲ ନେତୃତ୍ୱ ପ୍ରଧାନତଃ କର୍ତ୍ତୃତ୍ୱମୂଳକ ହୋଇଥିଲେ କେଉଁଠି କ'ଣ ସ୍ଥାଣୁତା ଆସି ପଶିଯାଏ । ଭାରତୀୟ ସାମାଜିକ ପରିଗଠନରେ ମାତୃତ୍ୱ ଯେ କେତେବେଳେ ପ୍ରାୟ ଏକ ସ୍ନେହ ତଥା ଅନୁକମ୍ପାମୟ କର୍ତ୍ତୃତ୍ୱରେ ପରିଣତ ହୁଏ, ସେ କଥାର କୌଣସି ପତ୍ତା ବି ମିଳେ ନାହିଁ । କ୍ଷେତ୍ର ଏକା ଥିବ, କାର୍ଯ୍ୟକ୍ରମ ଏକା ଥିବ ଏବଂ ପ୍ରଶସ୍ତ କ୍ଷେତ୍ର ମଧ୍ୟ ପଡ଼ିଥିବ, ତଥାପି ଉପରେ କର୍ତ୍ତାମାନେ ପରସ୍ପରକୁ ଗ୍ରହଣ କରୁ ନଥିବେ, ନିଜର କର୍ମୀମାନଙ୍କୁ ସତେଅବା ନିଜର ଭୂସମ୍ପତ୍ତି ବୋଲି ଦେଖୁଥିବେ, ତାହାହିଁ ସବୁକିଛିକୁ ପଙ୍ଗୁ କରିଦେବାକୁ ଆସେ । ଅନୁଗୁଳ ଓ ବରୀକୁ କେନ୍ଦ୍ର କରି ଅନେକ ସମୟରେ ସେହି ଅସୁବିଧାମାନ ଆସି ପହଞ୍ଚି ଯାଉଥିଲା ।

Digitized by srujanika@gmail.com

ଉତ୍କଳ ନବଜୀବନ ମଣ୍ଡଳର ସଭାପତି ରୂପେ ମନୋନୀତ ହେବା ପରେ ଶ୍ରୀମତୀ ଚୌଧୁରୀ ୧୯୭୩ରୁ ହିଁ ଏହି ପଦରୁ ବାସନା ପାଇ ସାରିଥିଲେ । ଶ୍ରୀ ବିଶ୍ୱନାଥ ପଟ୍ଟନାୟକଙ୍କ ପାଖକୁ ଲିଖିତ ଗୋଟିଏ ପତ୍ରରେ; "ମୋତେ ଜବରଦସ୍ତି କରି ସଭାପତି କରିଛ । ବର୍ତ୍ତମାନ ଯାହାସବୁ ଆମ ଭିତରେ ଦେଶପ୍ରେମ ଓ ସର୍ବୋଦୟ ନାମରେ ଚାଲିଛି, ତା' ଠାରୁ ଦୂରରେ ରହିବାକୁ ମୁଁ ମୋର ପ୍ରାଣପଣ ଚେଷ୍ଟା କରୁଛି । ବୟସ ତ ଆଉ ବର୍ଷେ ବଢିଲେ ୭୦ ହେବ । ତୁମେମାନେ ଯେଉଁମାନେ ଅର୍ଦ୍ଧଶତାବ୍ଦୀ ଉପରକୁ ବା ଟିକେ ତଳକୁ ଅଛ, ସେମାନେ ନିଜ ଭିତରେ ଶାନ୍ତିରେ ରହ, ଏହାହିଁ କାମନା । ଆମକୁ ଟାଣିନେଇ ଆଉ କାଦୁଅ ଫୋପଡ଼ା ଫୋପଡ଼ି କରନା ।" ଏହା ବୈରାଗ୍ୟର କଥା, ସତ୍ୟାଗ୍ରହର କଥା ଆଦୌ ନୁହେଁ । ଆପଣାକୁ ପ୍ରତ୍ୟାହୃତ କରିନେବାର ବାଞ୍ଛା ରଖିବା ଆଦୌ ସତ୍ୟାଗ୍ରହୀର ସ୍ୱଭାବ ନୁହେଁ ।

ଜଣେ ସାମ୍ବାଦିକଙ୍କୁ ଶ୍ରୀମତୀ ମାଳତୀଦେବୀ ସତେଅବା ନିଜ ପାଖରେ ନିଜେ ପରାସ୍ତ ହୋଇଥିବା ଜଣେ ଅବସନ୍ନ ପଥିକ ପରି କହିଛନ୍ତି; ଆଉ କର୍ମୀ ମିଳୁନାହାନ୍ତି । ଆମେ କେତେଜଣ ଚାଲିଗଲେ ଏଇଟା (ନବଜୀବନ ମଣ୍ଡଳ) "ଆଉ ରହିବନାହିଁ । ଯୋଉ ଝିଅମାନଙ୍କୁ ଏକାଠି କରି କାମ କରୁଛି, ସେମାନଙ୍କ ଭିତରେ ଏହି ଚମ୍ପାଟା ଦାନା ବାନ୍ଧୁନାହିଁ । ମୁଁ କ'ଣ କରିବି ? ଗାନ୍ଧିଜୀ ଏତେ କଲେ, କିଛି ଗୋଟେ ବି ସ୍ଥାୟୀ କରି ପାରିଲେନାହିଁ । କେହି ଜଣଙ୍କୁ ବି ତିଆରି କରି ପାରିଲେନାହିଁ, ଯିଏ ପଛରେ ସବୁ ସମ୍ଭାଳିବ । ସେବାଗ୍ରାମ ଅବସ୍ଥା କ'ଣ ହେଲା ?" ଏହି ଅସହାୟତାର ସ୍ୱର ଏକ ଆତ୍ମପରାଜୟର ସ୍ୱର । ପ୍ରବଳ ବାସନାରେ ଏକ ଆଦର୍ଶକୁ ଦିଗ୍‌ବିଜୟୀ କରାଇବାକୁ ତାହାକୁ ମହା ଉତ୍ସାହରେ ସଂପୃକ୍ତ ସମସ୍ତଙ୍କ ଉପରେ ଲଦିବାକୁ ଚେଷ୍ଟା କରିବା ଫଳରେ ମଣିଷକୁ ଯେଉଁ ପରାଭବ ଭୋଗିବାକୁ ପଡ଼େ । ଏହା ହେଉଛି ସେହି ପରାଭବର ସ୍ୱର । ସଙ୍ଗଠନ ଭାଙ୍ଗିଯାଏ, କିନ୍ତୁ ତଥାପି ଯାଏନାହିଁ । ମଣିଷମାନେ ହିଁ ଚାଲି-ଯାଆନ୍ତି ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ୧୯୫୮ ମସିହା ସେପ୍ଟେମ୍ବର ଦୁଇ ତାରିଖରେ ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟରୁ ଶ୍ରୀ ବିଶ୍ୱନାଥ ପଟ୍ଟନାୟକଙ୍କ ନିକଟକୁ ଦେଇଥିବା ଗୋଟିଏ ପୋଷ୍ଟକାର୍ଡ ଚିଠିରେ ଲେଖିଥିଲେ; ଏଠା ଚମ୍ପତିମୁଣ୍ଡାର ଉତ୍ତର ମୌଳିକ ସ୍କୁଲର ଦାୟିତ୍ୱ ଆମ ମୁଣ୍ଡରେ ପୂରାପୂରି ଆସି ପଡ଼ିଛି । କ୍ରାନ୍ତିର ଦୁହାଇ ଦେଇ ଜୀବନସାରା ଅନେକ ଦାୟିତ୍ୱ ଆମେମାନେ ମୁଣ୍ଡରୁ ଖସାଇଛୁଁ । ବର୍ତ୍ତମାନ ଆମର ଶରୀରରେ କ୍ଳାନ୍ତ ହୋଇଛି । ଛୋଟ ବଡ଼ ଯେତେ ଦାୟିତ୍ୱ ଆମେ ମୁଣ୍ଡାଇଛୁଁ ବା ମୁଣ୍ଡାଇଛୁଁ, ସବୁ-ଗୁଡ଼ିକ ଭଲ ରୂପେ ତୁଲାଇବାକୁ ହେବ ଏବଂ ସେଇଥିରେ କ୍ରାନ୍ତିର ଦର୍ଶନ ଆମକୁ ମିଳିବ । ମୋଟ କଥା,—ଆମକୁ ବୋଧ ହେଉଛି, ଆମେ ବହୁତ ବେଶୀ ବଡ଼ ବଡ଼ କଥା

Digitized by srujanika@gmail.com

ଯବୁବେଳେ ଚେଷ୍ଟା କରୁଁ, କିନ୍ତୁ ଆମର ନିଜ କାମ ବା ଜୀବନରେ କିଛି ବଡ଼ପଣିଆ ଦେଖା ଦେଉନାହିଁ । ନମ୍ରତାର ଅଭାବ ଯୋଗୁଁ ଏପରି ହେଉଛି । କିଛିଦିନ ଏକଦମ୍ ନିଷ୍ଟିହ୍ନ ହୋଇ ଲୋକଙ୍କ ସାଙ୍ଗରେ, ଅନ୍ୟମାନଙ୍କ ସାଙ୍ଗରେ ମିଶି ଦାୟିତ୍ୱ ଭୁଲିଇ କାମ କରିଗଲେ ଆମେ ସାଫଲ୍ୟ ହାସଲ କରିବୁ ।”

ସ୍ୱୀକାରୋକ୍ତି ମୂଳକ ଏହି କଥାଗୁଡ଼ିକୁ ଶ୍ରୀଯୁକ୍ତ ଚୌଧୁରୀ ଅତୀବ ନମ୍ରତାର ସହିତ ଲେଖିଛନ୍ତି । ମାତ୍ର, ତଥାପି କ'ଣ ସେ ସ୍ଥିର ହୋଇ ବସିପାରିଲେ ? ତେଣୁ, ଯାହାକୁ ସେ କେଉଁଠି ଯଥାର୍ଥ ଭାବରେ ସାଫଲ୍ୟ ବୋଲି କହୁଛନ୍ତି, ସେହି ସାଫଲ୍ୟକୁ ହାସଲ କରି ପାରିଲେ ? ତା'ପରେ ସେ କଂଗ୍ରେସ ହତାଓରେ ପଶିଲେ, ଢେଙ୍କାନାଳରେ ଶ୍ରୀମତୀ ମାଳତୀ ଦେବୀଙ୍କୁ ଛିଡ଼ା କରାଇ ବିଧାନସଭା ନିର୍ବାଚନ ଲଢ଼ିଲେ । ସଂପୂର୍ଣ୍ଣ କ୍ରାନ୍ତିରେ ଯୋଗ ଦେଲେ, ନକ୍ସଲପନ୍ଥୀ ଆନ୍ଦୋଳନର ଅଗ୍ରଗଣ୍ୟ ସମର୍ଥକ ହେଲେ । ନାଗରିକ ଅଧିକାରର ସୁରକ୍ଷା କମିଟି ଓ ଅହିଂସ କେତେ କଥଣରେ ମଲ୍ଲଯୁଦ୍ଧ କରି ବାହାରିଲେ । ଶିକ୍ଷାଳୟର ଦାୟିତ୍ୱ ଅସଲ ଅନୁରାଗୀ ପାଖରୁ ସର୍ବଥା ଏକ ଅଙ୍ଗୀକାର ବଦ୍ଧତାର ଦାବୀ କରେ, ଏକ ସମଗ୍ର ସମର୍ପଣର ଦାବୀ କରିଥାଏ । ସ୍ଥାନ ସ୍ଥାନ ହୋଇ ବୁଲିବାକୁ ଆଗ୍ରହ ରଖିଥିବା ମନୁଷ୍ୟ ଆସ୍ଥାନଟିଏ ଗଢ଼ି ପାରେନାହିଁ । ହୃଏତ ନିଜ ଭିତରେ ମଧ୍ୟ ସିଏ ଅସ୍ଥାନଟିଏ ଗଢ଼ିପାରି ନଥାଏ । ଏକଦା ଓଡ଼ିଶାରେ ପଣ୍ଡିତ ଗୋପବନ୍ଧୁ ଓ ତାଙ୍କର ସଙ୍ଗୀମାନେ ଏହିପରି ଏକ ଆସ୍ଥାନ ଗଢ଼ିବା ସକାଶେ ପଣକରି ସତ୍ୟବାଦୀରେ ରହି ପାରିଲେନାହିଁ । ଏକାବେଳେକେ ସଂସାରଯାକର ସବୁ ସମସ୍ୟାର ସମାଧାନ କରି ବ ହାରିଲେ । ଶେଷ ଜୀବନରେ ଗୋପବନ୍ଧୁ ଯେତେବେଳେ ସତେଅବା ମୋହଭଙ୍ଗ ହେଲାପରି ସତ୍ୟବାଦୀକୁ, ଶିକ୍ଷାକୁ ଫେରି ଆସିବାକୁ ପଣକରି ପୁଣି ବାହୁଡ଼ି ଆସିଲେ, ସେତେବେଳେ ମୃତ୍ୟୁ ତାଙ୍କୁ ଆଦୌ ସମୟ ଦେଲାନାହିଁ । ତାଙ୍କର ମୃତ୍ୟୁ ପରେ ତାଙ୍କ ସହିତ ରହି ଆସିଥିବା ଅନ୍ୟ ପାଣ୍ଡବମାନେ ଆଉ ସତ୍ୟବାଦୀକୁ ଫେରି ନଥିଲେ । ପଣ୍ଡିତ ଗୋଦାବରୀଶ ଏକ ପ୍ରସଙ୍ଗରେ ଗଭୀର ଖେଦପ୍ରକାଶ କରି ସେହି ଦୁର୍ଭାଗ୍ୟଟିର ଉଲ୍ଲେଖ କରିଛନ୍ତି । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ନିଜ ଜୀବଦ୍ଦଶାରେ ଦେଶର ଯାହାସବୁ କଲେ, ସେଥିଲାଗି ଆମେ ତାଙ୍କପ୍ରତି ଅବଶ୍ୟ କୃତଜ୍ଞ ରହିବା । ତଥାପି ଆମ ଅକଳନ ମୂଲ୍ୟାୟନଗୁଡ଼ିକର ଆକାଶରେ ଏହି ଅସଲ ପ୍ରଶ୍ନବାଚୀଟି ଅସମାହିତ ହୋଇ ରହିଥିବ ।

Digitized by srujanika@gmail.com

ପରିଶିଷ୍ଟ

(କ) ଭୂସତ୍ୟାଗ୍ରହ ଆନ୍ଦୋଳନ

କୋରାପୁଟର ଗୁଣୁପୁର ତାଲୁକାରେ ଅଣଆଦିବାସୀ ହେଉଛନ୍ତି ଶହେରେ ଦଶଜଣରୁ ମଧ୍ୟ ଆହୁରି କମ୍ । ଓଡ଼ିଶାର ଭାତଥାଳୀ ପରି ବଂଶଧାରା ନଦୀର ଉର୍ବର ଅବବାହିକାଟି ହେଉଛି ସେହି ଅଞ୍ଚଳର ମୁଖ୍ୟ ଭାଗ । ଏକଦା ସେଠାରେ ସବୁଯାକ ଜମି ଆଦିବାସୀ ଶବର ଓ କନ୍ଧମାନଙ୍କର ଥିଲା । ଅର୍ଥାତ୍, ସେହିମାନେ ହିଁ ପ୍ରଥମେ ପାହାଡ଼ ଓ ଜଙ୍ଗଲକୁ ତାଡ଼ି ଭୂମିଗୁଡ଼ିକୁ ତିଆରି କରିଥିଲେ । ଅଣଆଦିବାସୀମାନେ ପରେ ଆସିଲେ । କ୍ରମେ କୃଷିଜମି ଗୁଡ଼ିକ ଆଦିବାସୀମାନଙ୍କ ହାତରୁ ଅଣଆଦିବାସୀମାନଙ୍କ ହାତକୁ ଚାଲିଗଲା । ଚତୁର ସଭ୍ୟତା ସବୁ କାଳେ ସବୁଠାରେ ଯାହା କରିଛି, ଏଠାରେ ମଧ୍ୟ ତାହାହିଁ ଘଟିଲା । ଆଦିବାସୀମାନଙ୍କ ଠାରୁ ବିନା ମୂଲ୍ୟରେ କିମ୍ବା ଜବରଦସ୍ତି ଟିପ ନେଇ ବା ଅଳ୍ପ ଋଣ ଠକାଇ ଏସି ସେମାନଙ୍କ ମୂର୍ଖତା ଓ ସରଳତାର ସୁଯୋଗ ନେଇ ଜମିଗୁଡ଼ିକୁ ଅପହରଣ କରି ନିଆ ଯାଇଥିଲା । ସେହି ଅନୁସାରେ କାଗଜପତ୍ରମାନ ବି ଦୋରସ୍ତ ହୋଇ ରହିଥିଲା । ଏହିପରି ଭାବରେ ଅବସ୍ଥା କ୍ରମଶଃ ଏପରି ବଦଳି ଯାଇଥିଲା ଯେ, ଭାରତବର୍ଷ ସ୍ୱାଧୀନ ହେଲାବେଳକୁ ଶତକଡ଼ା ଦଶଜଣ ଆଦିବାସୀଙ୍କ ହାତରେ ମଧ୍ୟ ନିଜର ଭୂମି ବୋଲି ଆଦୌ କିଛି ନଥିଲା ।

୧୯୬୧ ମସିହାରେ ଏହି ଅଞ୍ଚଳରେ ମରୁଡ଼ି ପଡ଼ିଲା । ମରୁଡ଼ି ପଛକୁ ଅନାହାର । ପ୍ରାୟ ଶହେ ମଣିଷ ଏହି ଅନାହାରର ଦାଉରୁ ମୃତ୍ୟୁମୁଖରେ ପଡ଼ିଲେ । ଏହି ଦୁର୍ଗତିରୁ ଲୋକମାନଙ୍କୁ ଯଥାସମ୍ଭବ ବଞ୍ଚାଇ ରଖିବାଲାଗି ବାହାରୁ ହିତୈଷୀ ବନ୍ଧୁ ଓ ସଂଗଠନମାନେ ରିଲିଫ ବାଣ୍ଟିବାକୁ ଆସିଲେ । ଏହି କାର୍ଯ୍ୟକୁ ବୁଝିବା ସକାଶେ ଗୋଟିଏ ରିଲିଫ୍ କମିଟି ଗଢ଼ାହୋଇଥିଲା । ସେଥିରେ ଗାନ୍ଧୀ ସେବାସଂଘର କେତେଜଣ କର୍ମୀ ମଧ୍ୟ ଥିଲେ । ତା'ର ବେଶ୍ କେତେ ବର୍ଷ ପୂର୍ବରୁ ବାରି ରାମଚନ୍ଦ୍ରପୁରଠାରେ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଏବଂ ଶ୍ରୀମତୀ ରମାଦେବୀଙ୍କର ପ୍ରତ୍ୟକ୍ଷ ପ୍ରେରଣାରେ ଗ୍ରାମସେବାର ତାଲିମ ଗ୍ରହଣ କରିଥିବା ଶ୍ରୀ ବିଶ୍ୱନାଥ ପଟ୍ଟନାୟକ ଗୁଣୁପୁର ନିକଟବର୍ତ୍ତୀ କୁଜେନ୍ଦ୍ରୀ ଗ୍ରାମରେ ଏକ ସେବାକେନ୍ଦ୍ର ସ୍ଥାପନ କରି କାର୍ଯ୍ୟ କରି ଆସୁଥିଲେ । ରିଲିଫ୍ କମିଟିର ବୈଠକ ସେହି ଗ୍ରାମରେ ବସୁଥିଲା । ଭୂସତ୍ୟାଗ୍ରହର ବୀଜ ସେହି କୁଜେନ୍ଦ୍ରୀ କେନ୍ଦ୍ରରୁ ହିଁ ଆରମ୍ଭ ହୋଇଥିଲା । ରିଲିଫ୍ କମିଟି ବା ସେହି ଦୁର୍ଭିକ୍ଷ ନିବାରଣୀ ସମିତିର ତତ୍କାଳୀନ ବିଭିନ୍ନ ବୈଠକର ବିବରଣୀ ବିବରଣୀ-ଖାତାରେ ଲିପିବଦ୍ଧ ହୋଇ ରହିଛି । ଏହି ସମିତିର ସଭ୍ୟମାନେ ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ନିଜକୁ ଭୂସତ୍ୟାଗ୍ରହୀ ସମାଜ ନାମରେ ପରିଚିତ କରାଇଥିଲେ । ସେହି ସମାଜର ଆନୁକୂଲ୍ୟ ଯଥା ସହମତିରେ ୧୯୬୨ର ଭୂସତ୍ୟାଗ୍ରହ ଦିଗରେ ଯାହାକିଛି ପଦକ୍ଷେପ ଗ୍ରହଣ କରା ଯାଉଥିଲା । ବିଭିନ୍ନ ବୈଠକର ବିବରଣୀଗୁଡ଼ିକୁ ଅନୁସରଣ କରି ଆମେ ସଂପୂର୍ଣ୍ଣ ଇତିହାସଟିକୁ ଜାଣିବା ।

Digitized by srujanika@gmail.com

୧୯୫୧ ମସିହା ନଭେମ୍ବର ୨୨ ତାରିଖରେ କୁକେନ୍ଦ୍ରୀଠାରେ ସମିତି ତରଫରୁ ସେଠି ପ୍ରାଥମିକ ଆଲୋଚନା ହୋଇଥିଲା, ସେଥିରେ ଶ୍ରୀଯୁକ୍ତ ବିଶ୍ୱନାଥ ପଟ୍ଟନାୟକ, ଶ୍ରୀ ରତନ ଦାସ ଓ ଶ୍ରୀ ଈଶ୍ୱରଲାଲ ବ୍ୟାସଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହିଥିଲେ। କୁକେନ୍ଦ୍ରୀ ଗ୍ରାମର କେତେକ ଅଧିବାସୀ ମଧ୍ୟ ଆଲୋଚନାରେ ଆସି ଯୋଗ ଦେଇଥିଲେ। ପାରସ୍ପରିକ ଆଲୋଚନା ଦ୍ୱାରା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅନୁଭବ କରାଗଲା ଯେ, 'ଏହିଭଳି ଭାବରେ ପଡ଼ି ବାଣ୍ଟି ସାମୟିକ ସହାୟତା ଦ୍ୱାରା ଦୁର୍ଭିକ୍ଷକୁ ରୋକିବା ଅସମ୍ଭବ। କାରଣ ମୁଖ୍ୟତଃ ପ୍ରତିବର୍ଷର ଛଅମାସ ଏ ଅଞ୍ଚଳର ଲୋକମାନେ ଅନ୍ନକଷ୍ଟରେ ପଡ଼ନ୍ତି।......ତେଣୁ ସ୍ଥାୟୀ ପ୍ରତିକାର କରି ଲୋକମାନଙ୍କୁ ଦୁର୍ଭିକ୍ଷ କବଳରୁ ମୁକ୍ତ କରିବାପାଇଁ ଏକ ବ୍ୟାପକ ଆନ୍ଦୋଳନ ହେବା ଆବଶ୍ୟକ ହୋଇ ପଡ଼ୁଛି।

"ଲୋକମାନଙ୍କର ଏ ଭାଗ୍ୟବିପର୍ଯ୍ୟୟର କାରଣ ଅନୁସନ୍ଧାନ କରାଯାଇ ଦେଖାଗଲା ଯେ ଏସବୁ ଅଞ୍ଚଳର ଲୋକମାନେ ଭୂମିହୀନ। ଭାଗ ବା ଗୁଡ଼ାରେ ଯେଉଁ ଜମି ବା ବାଡ଼ି ଚାଷ କରୁଛନ୍ତି, ଫସଲ ଅମଳ କ୍ଷେତ୍ରରେ ତାହା ଜମିମାଲିକ ହାତରେ ହିଁ ରହୁଛି। ଲୋକମାନଙ୍କର ସରଳତା, ଅଶିକ୍ଷା ଓ ନିଃସହାୟତାର ସୁବିଧା ନେଇ ଋଣ ଦେବା ବେଳେ ଖାଲି କାଗଜରେ ଟିପ ଦେଇ, ପାଞ୍ଚ ଦେଇ ଶହେ ଲେଖିବା ଭଳି ଅନ୍ୟାୟ କାମ କରି ଏ ଅଞ୍ଚଳର ଧନୀମାନେ ଏହି ନିରୀହ ଗରିବ ବାସିନ୍ଦାମାନଙ୍କ ଠାରୁ କୌଶଳ କ୍ରମେ ସମସ୍ତ ଜମି ଠକାଇ ବା ଅପହୃତ କରି ନେଇଛନ୍ତି। ଏ ସାରା ଜିଲ୍ଲା (କୋରାପୁଟ) ର ମୁଖ୍ୟ ବାସିନ୍ଦା ହେଉଛନ୍ତି ଆଦିବାସୀ ସଉରା ଓ କନ୍ଧ ଲୋକ। ଶହ ଶହ ବର୍ଷ ଧରି ସେମାନେ ଏ ଜିଲ୍ଲାର ବଣ, ଜଙ୍ଗଲ, ପର୍ବତ ଭାଙ୍ଗି କରି ପଥର ତାଡ଼ି ଜମି ପ୍ରସ୍ତୁତ କରି କୃଷିକାର୍ଯ୍ୟ କରି ଚାଲି ଆସିଥିଲେ। କିନ୍ତୁ କ୍ରମେ ବାହାରର ଅଣ-ଆଦିବାସୀମାନେ ଏମାନଙ୍କ ଭିତରେ ପଶି ଏମାନଙ୍କୁ ଠକାଇ, ମଦ ଇତ୍ୟାଦି ନିଶାଦ୍ରବ୍ୟ ଖୋଇ ଏମାନଙ୍କ ସମସ୍ତ ଜମି ଠକାଇ ନେଇଛନ୍ତି। ତେଣୁ ଦୁର୍ଭିକ୍ଷର ସ୍ଥାୟୀ ପ୍ରତିକାର ପାଇଁ ଏ ଲୋକମାନଙ୍କୁ ସେମାନଙ୍କର ଅପହୃତ ଜମି ଫେରାଇ ଦେଇ ସେସବୁ ଚାଷବାସ କରିବାର ବ୍ୟବସ୍ଥା କରାଇ ପାରିଲେ ସବୁଦିନ ପାଇଁ ସେମାନଙ୍କର ଉଦରଚିନ୍ତା ବା ଅନ୍ନକଷ୍ଟ ଦୂର ହେବ।

"ନିଜ ନିଜର ଜମି ଫେରି ପାଇବା ପାଇଁ ଲୋକେ ବ୍ୟକ୍ତିଗତ ଭାବରେ ଗତ କେତେବର୍ଷ ଧରି ଚେଷ୍ଟା କରି ଆସିଛନ୍ତି। ନିଜର ଅପହୃତ ଜମିରେ ପ୍ରବେଶ କରିବା ଫଳରେ ସେମାନଙ୍କ ଉପରେ ହଜାର ହଜାର କେସ୍ (ମକଦ୍ଦମା) କରାଯାଇ ସେମାନଙ୍କୁ ଜେଲ୍ ଓ ଜୋରିମାନା କରାଯାଇଛି। ଏସବୁ ଅତ୍ୟାଚାର ସତ୍ତ୍ୱ ମଧ୍ୟ ସେମାନେ ନିଜର ପୂର୍ବପୁରୁଷମାନଙ୍କ ଅର୍ଜିତ ଜମି ଚାଷ କରିବାରେ ଲାଗି ରହିଛନ୍ତି। ପ୍ରତିବର୍ଷ ଏଭଳି ବହୁତ କେସ୍ ହେଉଥିଲେ ମଧ୍ୟ ସରକାର ଏ ଦିଗରେ କୌଣସି ଅନୁସନ୍ଧାନ କରି କୌଣସି ପ୍ରତିକାର କରିବାରେ ମନ ଦେଉନାହାନ୍ତି।

ଲୋକେ ପେଟ ବିକଳରେ ପୋଡ଼ୁ ଚାଷ କରିବାକୁ ଯାଇ ମଧ୍ୟ ହଜାର ହଜାର କେସ୍‌ରେ ପଡ଼ୁଛନ୍ତି ଓ ମାଡ଼, ଜେଲ, ଜୋରିମାନା ସହି ତାକୁ ତୁଟାଉନାହାନ୍ତି।

Digitized by srujanika@gmail.com

କାରଣ, ଭୂମି ନଥିବା ଅବସ୍ଥାରେ ତାହାହିଁ କେବଳ ସେମାନଙ୍କର ଏକମାତ୍ର ଅବଲମ୍ବନ ହୋଇଛି । ଏହିଗତରେ ଲୋକମାନଙ୍କର ପ୍ରକୃତ ଅସୁବିଧା ଅନୁସନ୍ଧାନ କରି ଯାଇନାହିଁ କିମ୍ବା ସେମାନଙ୍କର ଉପକାର ପାଇଁ କିଛି କାର୍ଯ୍ୟ କରାଯାଇନାହିଁ ।

"**ଉଦ୍ଦେଶ୍ୟ** : ଏହିଭଳି ଆଲୋଚନା ଶେଷରେ ଶାନ୍ତ ଭାବରେ ନିର୍ଣ୍ଣୟ କରାଗଲା ଯେ, ଦୁର୍ଭିକ୍ଷର ସ୍ଥାୟୀ ପ୍ରତିକାର ପାଇଁ ଲୋକମାନଙ୍କୁ କୌଣସି ପ୍ରକାରେ ଜମି ଯୋଗାଇବାକୁ ହେବ ଓ ସେହି ଜମିସବୁ ଚାଷ କରିବାପାଇଁ ଆବଶ୍ୟକ ବନ୍ଦୋବସ୍ତ କରାଯିବ । ଲୋକମାନେ ନାନା କାର୍ଯ୍ୟଧାରା ମଧ୍ୟ ଦେଇ ପ୍ରତିହିଂସାଶୀଳ ହୋଇ ଆସୁଥିବାର ଜଣା ପଡୁଥିଲା । ଚଳିତବର୍ଷ ହଳ ଆରମ୍ଭ ସମୟରେ ଅତ୍ୟଧିକ ଲୋକ ଜମିରେ ପ୍ରବେଶ କରିବାକୁ ଆଗ୍ରହାନ୍ୱିତ ହୋଇ ପ୍ରସ୍ତୁତ ଥିଲେ । ତେଣୁ କ୍ରମେ ଧନୀମାନଙ୍କ ଧନ ପ୍ରତି ସେମାନଙ୍କର ବିଦ୍ୱେଷ ବଢ଼ି ଉଠୁଥିବାର ଜଣା ପଡୁଥିଲା । ଏପରି ପ୍ରତିହିଂସା ବୃତ୍ତି ଯଦି ଲୋକେ ହିଂସାର ପଥ ବରଣ କରି ନଥାନ୍ତି, ଓ କୌଣସି ପ୍ରକାରେ କମ୍ୟୁନିଷ୍ଟମାନେ ସେ ସୁଯୋଗରୁ ଲୋକମାନଙ୍କ ଭିତରେ ପଶି ସେମାନଙ୍କୁ ହିଂସାତ୍ମକ ପନ୍ଥାରେ ପରିଚାଳିତ କରନ୍ତି, ତେବେ ଏ ଅଞ୍ଚଳର ଅବସ୍ଥା ଖୁବ୍ ସାଂଘାତିକ ହୋଇ ଉଠିବ । ଏହି ଆଶଙ୍କାରେ ଏଠାର ସ୍ଥାନୀୟ କର୍ମୀମାନେ ପ୍ରଥମରୁ ଏହାର ପ୍ରତିକାର ଉଦ୍ୟମରେ ବିଚାର କଲେ ।

"**ପନ୍ଥା** : ଆଲୋଚନା ପରେ ସ୍ଥିର ହେଲା ଯେ, ମହାମାନବ ମହାତ୍ମା ଗାନ୍ଧୀ ଅହିଂସା ଉପାୟରେ ଅସହଯୋଗ ଓ ସତ୍ୟାଗ୍ରହ ପନ୍ଥା ଅବଲମ୍ବନ କରି ସମସ୍ତ ପ୍ରକାର ଅନ୍ୟାୟର ବିରୋଧ କରି ଶେଷରେ ଜୟଯୁକ୍ତ ହୋଇଛନ୍ତି । ତେଣୁ କୋରାପୁଟରେ ଏହି ବ୍ୟାପକ ଅନ୍ୟାୟ ପାଇଁ ସେହି ଅହିଂସା ସଂଗ୍ରାମ ଓ ସତ୍ୟାଗ୍ରହପନ୍ଥା ଅବଲମ୍ବନ କରାଯିବ ।

"**ନାମକରଣ** । ଏହି ବ୍ୟାପକ ଅନ୍ୟାୟର ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ଲୋକମାନଙ୍କର ଯେଉଁ ସଙ୍ଗଠନ କରାଯିବ, ତାହାର ନାମ କଣ ହେବ, ଏବିଷୟରେ ବିଚାର ହେଲା । ଅନେକ ଆଲୋଚନା ପରେ ସ୍ଥିର ହେଲା ଯେ, ଏ ଅନୁଷ୍ଠାନର ନାମ ହେବ 'ଭୂମିତ୍ୟାଗ୍ରସ୍ତ ସମାଜ ।'

"**ପ୍ରଥମ କର୍ମ ବ୍ୟବସ୍ଥା** : ଲୋକମାନଙ୍କୁ ଜମି ଦିଆଯିବାର ଦୁଇଟି ବାଟ ଅଛି । ଗୋଟିଏ ହେଉଛି, ଇଷ୍ଟେଟର ଯେଉଁସବୁ ବଞ୍ଜର ଜମି ପଡ଼ିରହିଛି ଓ ଯେଉଁ ଜମିସବୁ ବର୍ଷ ବର୍ଷ ଧରି ପଡ଼ିଆ ପଡ଼ିରହିଛି, ସେହି ଜମିସବୁକୁ ଲୋକଙ୍କୁ ଚାଷ କରିବାକୁ ଦେବାପାଇଁ ସରକାରଙ୍କୁ ଅନୁରୋଧ କରିବା । ଦ୍ୱିତୀୟ, ଅପହୃତ ଜମି ଫେରାଇବା ପାଇଁ ସରକାରଙ୍କ ଉପରେ ଚାପ ଦେଇ ପୂର୍ବ ନିୟମର ପରିବର୍ତ୍ତନ କରିବା ଦିଗରେ ଉଦ୍ୟମ କରିବା । ତୃତୀୟ, ଲୋକମାନଙ୍କର ବିଚାର ଓ କର୍ମପନ୍ଥାକୁ ବିଚାର କରିବାପାଇଁ ପ୍ରଦେଶର ନେତୃସ୍ଥାନୀୟ ବ୍ୟକ୍ତି ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ, ଉତ୍କଳ ଖଦିମଣ୍ଡଳର ସମ୍ପାଦକ ଇତ୍ୟାଦିଙ୍କୁ ଚିଠି ଲେଖିବାପାଇଁ

Digitized by srujanika@gmail.com

ଶ୍ରୀ ବିଶ୍ୱନାଥ ପଟ୍ଟନାୟକଙ୍କୁ ଅନୁରୋଧ କରାଗଲା । ସତ୍ୟାଗ୍ରହ କରିବା ଦିଗରେ ଅନ୍ୟ ବିଗ୍ରହ ଓ କାର୍ଯ୍ୟବ୍ୟବସ୍ଥା ଇତ୍ୟାଦି ଦିଗରେ ଚିନ୍ତା କରି ପନ୍ଥା ସ୍ଥିର କରିବାପାଇଁ ଶ୍ରୀ ରାଧାରମଣ ଦାସ, ଶ୍ରୀ ବିଶ୍ୱନାଥ ପଟ୍ଟନାୟକ ଭାରପ୍ରାପ୍ତ ହେଲେ ।”

ସମିତିର ଦ୍ୱିତୀୟ ବୈଠକ ସେହି ନଭେମ୍ବର ୨୭ ତାରିଖରେ କୁଳେନ୍ଦ୍ରୀ-ଠାରେ ବସିଥିଲା । ସେଥିରେ ଶ୍ରୀ ବିଶ୍ୱନାଥ ପଟ୍ଟନାୟକ ପନ୍ଥାର ସ୍ୱରୂପ ଜଣାଇଲେ । ବିବରଣୀ-ଖାତାର ଉଲ୍ଲେଖ ଅନୁସାରେ; ସେହି ପନ୍ଥା ହେଉଛି : ଯେଉଁ ଜମିଗୁଡ଼ିକ ନିରୀହ, ଗରିବ, ସରଳ ଲୋକମାନଙ୍କଠାରୁ ଅନ୍ୟାୟ ଭାବରେ ଅପହରଣ କରାଯାଇଛି, ସେସବୁକୁ ଅହିଂସ ଓ ସତ୍-ଉପାୟରେ ଫେରସ୍ତ ଆଣି ଜମିର ପ୍ରକୃତ ଅଧିକାରୀଙ୍କୁ ଫେରସ୍ତ କରିଦେବା । ଏହି ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବାପାଇଁ ପ୍ରଥମ କାମ ହେବ, ଅପହୃତ ଜମିର ତାଲିକା ପ୍ରସ୍ତୁତ ହେବ ଓ ସତ୍ୟାଗ୍ରହୀମାନଙ୍କର ମଧ୍ୟ ତାଲିକା ହେବ । ତାପରେ ଅପହୃତ ଜମି ଓ ଜମିର ପ୍ରକୃତ ଅଧିକାରୀମାନଙ୍କର ତାଲିକା ହେବ । ତୃତୀୟତଃ, ଅନ୍ୟାୟ ଭାବରେ ଅପହରଣ କରିଥିବା ବ୍ୟକ୍ତିମାନଙ୍କର ପୂର୍ବାପର ଇତିହାସ ସଂଗ୍ରହ କରାଯିବ । ଇଚ୍ଛୁକ ପ୍ରତ୍ୟେକ ସତ୍ୟାଗ୍ରହୀ ନିମ୍ନଲିଖିତ ଶପଥପତ୍ରରେ ସ୍ୱାକ୍ଷର କରିବେ ।

୧ । ମୁଁ ସତ୍ୟ, ଅହିଂସା ଓ ନ୍ୟାୟ ବାଟରେ ସର୍ବଦା ଚାଲିବି । ୨ । ମୁଁ ନିଜକୁ ସବୁପ୍ରକାର ପ୍ରଲୋଭନଠାରୁ ଦୂରରେ ରଖିବି । ୩ । ମୋର ବ୍ୟକ୍ତିଗତ ଜୀବନରେ ମୁଁ ଛୁଆଁ ଅଛୁଆଁ ବାଛିବି ନାହିଁ ଓ ନିଶାସେବନ କରିବିନାହିଁ । ୪ । ମୁଁ ସର୍ବଦା ଖଦୀ ପିନ୍ଧିବି । ୫ । ମୁଁ ଅନ୍ୟାୟର ବିରୋଧ ପାଇଁ ଅକୁଣ୍ଠିତ ଚିତ୍ତରେ ଜେଲ ଯିବାପାଇଁ ଏପରିକି ନିଜର ଜୀବନକୁ ବଳି ଦେବାପାଇଁ ପ୍ରସ୍ତୁତ ରହିବି । ୬ । ମୋର ଜେଲ ହୋଇଗଲେ ମୋର ପରିବାର ଓ ଆଶ୍ରିତ କୁଟୁମ୍ବମାନଙ୍କର ଭରଣପୋଷଣ ପାଇଁ ଅନୁଷ୍ଠାନରୁ କୌଣସି ସାହାଯ୍ୟ ଗ୍ରହଣ କରିବିନାହିଁ । ୭ । ଅନୁଷ୍ଠାନର ଯେକୌଣସି ନିର୍ଦ୍ଦେଶକୁ ମୁଁ ପାଳନ କରିବାପାଇଁ ସର୍ବଦା ପ୍ରସ୍ତୁତ ରହିବି । ୮ । ମୋର ବୟସ ଅଠର ବର୍ଷର ଊର୍ଦ୍ଧ୍ୱ ଅଟେ । ଉପରୋକ୍ତ ସର୍ତ୍ତଗୁଡ଼ିକୁ ପାଳନ କରିବାପାଇଁ ସ୍ୱଇଚ୍ଛାରେ ପ୍ରତିଶ୍ରୁତ ହୋଇ ସତ୍ୟାଗ୍ରହୀ ହେବାପାଇଁ ନିମ୍ନରେ ସ୍ୱାକ୍ଷର କଲି ।

ଭୂମିହୀନ ଆଦିବାସୀମାନଙ୍କର ଜମିବାଡ଼ି ପରିଗ୍ରହଣ ଶହେବର୍ଷ ଧରି ଅନ୍ୟ ଲୋକେ ଦଖଲ କରିଥିବାରୁ, ସେମାନଙ୍କର ହାରଗୁହାରି କେହି ଶୁଣୁ ନଥିବାରୁ ଏବଂ ଓକିଲ ବା ପୋଲିସ ଏଦିଗରେ ସେମାନଙ୍କୁ ସାହାଯ୍ୟ କରୁନଥିବାରୁ ସତ୍ୟାଗ୍ରହ ଦ୍ୱାରା ଜମିର ସ୍ୱତ୍ୱ ହାସଲ କରିବାପାଇଁ ଭୂସତ୍ୟାଗ୍ରହୀ ସମାଜର ଏହି ଉଦ୍ୟମ ହୋଇଥିଲା । ଶ୍ରୀଯୁକ୍ତ ବିଶ୍ୱନାଥ ପଟ୍ଟନାୟକଙ୍କର ଭାଷାରେ, “ଚିରଦିନର ଭାଗଚାଷୀଙ୍କୁ ଜମିରୁ ବେଦଖଲ କରିବା, ନ୍ୟାର୍ଯ୍ୟ ପ୍ରାପ୍ୟ ଦାବୀ କଲେ ସେମାନଙ୍କ ଉପରେ ମିଥ୍ୟା ଚୋରି ମକଦ୍ଦମା ଚଳାଇବା, କର୍ମୀମାନଙ୍କୁ ମାଡ଼ଦେବା, ସ୍ତ୍ରୀମାନଙ୍କୁ ନିର୍ମମ ଭାବରେ ଆଘାତ କରିବା ଇତ୍ୟାଦି କାର୍ଯ୍ୟର ପ୍ରତିକ୍ରିୟା ସ୍ୱରୂପ” ଏପରି ଏକ ଆନ୍ଦୋଳନ ହେଉ ବୋଲି ମନସ୍ଥ

Digitized by srujanika@gmail.com

କରାଗଲା । ଓଡ଼ିଶାରେ ଭୂଦାନର କାର୍ଯ୍ୟ ଆରମ୍ଭ ହେବା ଆଗରୁ ହିଁ ଭୂସତ୍ୟାଗ୍ରହର ଭୂମିକା ଆରମ୍ଭ ହୋଇ ଯାଇଥିଲା । ଭୂସତ୍ୟାଗ୍ରହୀ ସମାଜ ସ୍ଥିର କରିଥିବା ଅନୁଯାୟୀ ଶ୍ରୀ ବିଶ୍ୱନାଥ ପଟ୍ଟନାୟକ ଶ୍ରୀ ଗୋପବନ୍ଧୁ ଚୌଧୁରୀ, ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ଶ୍ରୀ ମନମୋହନ ଚୌଧୁରୀଙ୍କ ପାଖକୁ ପତ୍ର ଲେଖିଥିଲେ । ଶ୍ରୀ ଗୋପବନ୍ଧୁଙ୍କ ପାଖକୁ ଲିଖିତ ପତ୍ରରେ ସେ ଏହି ସତ୍ୟାଗ୍ରହ ଆନ୍ଦୋଳନରେ ନେତୃତ୍ୱ ନିଅନ୍ତୁ ବୋଲି ତାଙ୍କୁ ଅନୁରୋଧ ଜଣାଇଥିଲେ । ଅବସ୍ଥାର ଗତି ସେହିପରି ହେଲେ ଏହା "ଜନେ ମାସ୍ (mass) ସତ୍ୟାଗ୍ରହ ଆଡ଼କୁ ଗତି କରିପାରେ" ବୋଲି ସେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ ମଧ୍ୟ କରିଥିଲେ । ସେହି ଆନ୍ଦୋଳନରେ ଭାଗ ନେବାପାଇଁ ଏ ଅଞ୍ଚଳର ତଥା ସମସ୍ତ ପ୍ରଦେଶର ଜନସାଧାରଣଙ୍କୁ ଆହ୍ୱାନ କରାଯିବ ବୋଲି 'ସମାଜ'ର ଦ୍ୱିତୀୟ ବୈଠକରେ ନିଷ୍ପତ୍ତି ହୋଇଥିଲା । 'ଆହ୍ୱାନ'ର ପରିପତ୍ରଟି ମଧ୍ୟ ତିଆରି କରାଗଲା । ସେଥିରେ ଶେଷଭାଗରେ ଏହିପରି ଭାବରେ ନିବେଦନ କରାଯାଇଥିଲା :

"ଯେଉଁମାନେ ଆଜି ନିରୀହ ଲୋକଙ୍କର ସରଳତାର ସୁଯୋଗ ନେଇ ଶହ ଶହ ବର୍ଷ ଧରି ସେମାନଙ୍କର ଜମି ଭୋଗ କରି ବିଳାସରେ କାଳଯାପନ କରୁଛନ୍ତି ଏବଂ ଯେଉଁମାନେ ଜମିର ମାଲିକ ସେମାନେ ନଖାଇ ମରୁଛନ୍ତି—ଏ ଯେଉଁ ଘୋର ଅନ୍ୟାୟ ଏ ଅନ୍ୟାୟର ପ୍ରତିରୋଧ କରିବା ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ । ଅନ୍ୟାୟର ବିରୋଧ କରିବା ଓ ଜମିର ପ୍ରକୃତ ସ୍ୱତ୍ୱାଧିକାରୀଙ୍କୁ ତାର ଜମି ଫେରସ୍ତ କରିନେବାର ଦାବୀ ନେଇ ଆମେ ଗୋଟିଏ ସତ୍ୟାଗ୍ରହର ଆୟୋଜନ କରୁଛୁଁ । ଏହି ନିବେଦନ କରୁଁ ଯେ ଆପଣମାନେ ଜାତି ବର୍ଣ୍ଣ ନିର୍ବିଶେଷରେ ଏଥିରେ ପୂର୍ଣ୍ଣପ୍ରାଣରେ ସହଯୋଗ କରି ଏ ସତ୍କାର୍ଯ୍ୟକୁ ସାଫଲ୍ୟମଣ୍ଡିତ କରନ୍ତୁ ।

ତୃତୀୟ ବୈଠକର ବିବରଣୀରେ ରହିଛି ଯେ, ଭୂସତ୍ୟାଗ୍ରହୀ ସମାଜର ବାର୍ତ୍ତା ପ୍ରଚାର କରିବା ପାଇଁ ଏକ ଶିକ୍ଷା ଶିବିର ଖୋଲିବା ଉଚିତ ହେବ ବୋଲି ବିଚାର କରା ଯାଇଥିଲା । ଶିବିରଟି ତ୍ରିଶଜଣ ଶିବିରାର୍ଥୀଙ୍କୁ ନେଇ ପନ୍ଦରଦିନ ପାଇଁ ଚାଲିବ ବୋଲି କଥା ହେଲା ଏବଂ, ଏଥିପାଇଁ ଯାହା ଖର୍ଚ୍ଚ ହେବ, ଶ୍ରୀ ଈଶ୍ୱରଲାଲ ବ୍ୟାସ ତାହା ବହନ କରିବାକୁ ସମ୍ମତି ଦେବାରୁ କର୍ମୀମାନେ ଓ ଗ୍ରାମର ସେଠାରେ ଉପସ୍ଥିତ ଅନ୍ୟ ଭାଇଭଉଣୀମାନେ ତାଙ୍କୁ କୃତଜ୍ଞତା ଜଣାଇଲେ । ଶିବିରରେ ଶିକ୍ଷା ଦେବାପାଇଁ ପ୍ରଦେଶର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆଗଲା । ଶ୍ରୀ ରାଧାରମଣ ଦାସ ଓ ବ୍ୟାସଜୀଙ୍କ ସହିତ ଆଲୋଚନା କରି ଶ୍ରୀ ବିଶ୍ୱନାଥ ପଟ୍ଟନାୟକ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ଡ଼କାଇବେ ଏବଂ ଶିବିରର ପ୍ରାରମ୍ଭିକ ଆୟୋଜନ କରିବେ ବୋଲି ଦାୟିତ୍ୱ ଦିଆଗଲା । ୧୫।୧।୫୨ରୁ ମାସ ଶେଷଯାଏ ହେଉଥିବା ସେହି ଶିକ୍ଷା ଶିବିରରେ ଯେଉଁ ଏକତ୍ରିଶ ଜଣ ବ୍ୟକ୍ତି ଯୋଗ ଦେବେ, ସେମାନଙ୍କର ତାଲିକା ମଧ୍ୟ ବିବରଣୀରେ ରହିଛି ।

ମାର୍ଚ୍ଚ ମାସରେ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଏବଂ ଶ୍ରୀମତୀ ରମା ଦେବୀ ଭୂଦାନଯାତ୍ରାରେ ଏଣେ କୋରାପୁଟ ଜିଲ୍ଲାରେ ପ୍ରବେଶ କରୁଥିବାର ସମ୍ବାଦ ଆସିପହଞ୍ଚିଲା

Digitized by srujanika@gmail.com

ପରେ କର୍ମୀମାନଙ୍କର ଏକ ଚତୁର୍ଥ ବୈଠକ ୧୮-୭-୫୬ରେ ବସି ସେମାନଙ୍କର ନିର୍ଦ୍ଦେଶ ଆନୁଯାୟୀ ସର୍ବୋଦୟ ପଦଯାତ୍ରାକୁ ସଫଳ କରିବାର ନିଷ୍ପତ୍ତି ମଧ୍ୟ ନିଆଯାଇଥିଲା । ଶ୍ରୀଯୁକ୍ତ ଗୈ୍ଧ୍ୟ ନିର୍ଦ୍ଦିଷ୍ଟ ଅବସରରେ ଆସି ପହଞ୍ଚିଲେ ଏବଂ କୁଜେନ୍ଦ୍ରୀଠାରେ ଅନଶନବ୍ରତ ରକ୍ଷଣୀ କଲେ । ମାତ୍ର ତାଙ୍କ କାର୍ଯ୍ୟକ୍ରମ ବଦଳିଗଲା ଏବଂ ସେ କୋରାପୁଟ ଜିଲ୍ଲାରେ ନବୁଲି କଳାହାଣ୍ଡି ଜିଲ୍ଲା ଆଡ଼କୁ ଚାଲି ଯାଇଥିଲେ । 'କୁଜେନ୍ଦ୍ରୀ ଅଞ୍ଚଳର କର୍ମୀମାନଙ୍କ ପ୍ରତି' ଶୀର୍ଷକରେ ଏକ ଛାପା ନିବେଦନ ଏବଂ ନିର୍ଦ୍ଦେଶପତ୍ର ତାଙ୍କର ସ୍ୱାକ୍ଷରରେ ପରେ ବିତରିତ ହେବାକୁ ଆସିଥିଲା । ଶ୍ରୀଯୁକ୍ତ ବିଶ୍ୱନାଥ ପଟ୍ଟନାୟକଙ୍କର ଲିଖିତ ଗୋଟିଏ ଚିଠିରୁ ଜଣାଯାଉଛି ଯେ, ଭୂସତ୍ୟାଗ୍ରହ ପାଇଁ ଏକ ପ୍ରସ୍ତୁତ ଚାଲିଛି ବୋଲି ଶ୍ରୀ ଗୋପବନ୍ଧୁ ଗୈ୍ଧ୍ୟ ଭୂଦାନଯାତ୍ରାରେ ଆସି କୋରାପୁଟ ଜିଲ୍ଲାରେ ପ୍ରବେଶ କରିବାପରେ ଜାଣିଲେ । ସେ ସେତେବେଳେ କହିଲେ ଯେ, ଭୂସତ୍ୟାଗ୍ରହ ଓ ଭୂଦାନ ପରସ୍ପରର ପରିପୂରକ ହେବେ ନାହିଁ । ତେଣୁ ଏକ ବିବୃତି ଦେଇ ସେ ପଦଯାତ୍ରାର ପୂର୍ବ ନିର୍ଦ୍ଧାରିତ କ୍ରମଟିକୁ ବଦଳାଇ କଳାହାଣ୍ଡି ଜିଲ୍ଲାଆଡ଼େ ଚାଲିଗଲେ ।

ତାପରେ ଆମେ ୪-୭-୫୬ରେ ବସିଥିବା ବୈଠକର ବିବରଣୀରୁ ନିମ୍ନଲିଖିତ ନିର୍ଦ୍ଧାରଣଗୁଡ଼ିକୁ ଦେଖିବାକୁ ପାଇବା : ଏହି ସାଧାରଣ ସଭା "ଅତି ଦୁଃଖର ସହିତ ଏ ପ୍ରସ୍ତାବ କରୁଛି ଯେ 'ଭୂସତ୍ୟାଗ୍ରହୀ ସମାଜ' ତରଫରୁ କ୍ଷମତାପନ୍ନ ସଦସ୍ୟ ବିଶ୍ୱନାଥ ପଟ୍ଟନାୟକ ଏ ଅଞ୍ଚଳର ଖାଦ୍ୟ ଅନାଟନର ସ୍ଥାୟୀ ପ୍ରତିକାର ଓ ଭୂମିଅଧିକାରଜନିତ ନାନାଅନ୍ୟାୟ ଓ ଅଧର୍ମାଚରଣର ପ୍ରତିକାର ପାଇଁ ପ୍ରାଦେଶିକ ସରକାରଙ୍କୁ ବାରମ୍ବାର ନିବେଦନ ଓ ଅନୁରୋଧ କରିବା ସତ୍ତ୍ୱେ କୌଣସି ପ୍ରକାର ସନ୍ତୋଷଜନକ ଉତ୍ତର ପାଇଲେ ନାହିଁ । ସରକାର ଏ ବାଟରେ ସମୟ ଗଡ଼ାଇବା ନୀତି ଧରି ଏପ୍ରକାର ନିବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ସରକାରଙ୍କର ଏଭଳି ନୀତି ଫଳରେ ଦେଶରେ କ୍ରମଶଃ ଅନ୍ୟାୟ ଓ ଅତ୍ୟାଚାର ବଢ଼ିବାରେ ଲାଗିଛି । ସତ୍ୟ ଓ ନ୍ୟାୟଧର୍ମର ଘୋର ଅବସାନ ଘଟୁଛି । ତାହା ଫଳରେ ଦେଶରେ ନାନାପ୍ରକାର ଦୁର୍ନୀତି ବ୍ୟାପିବାରେ ଲାଗିଛି । ଦେଶର ଦଳେ ଖଟି ଖଟି ଉପାସଭୋକରେ ମରୁଥିବା ବେଳେ ଏପ୍ରକାର ଦୁର୍ନୀତି ଓ ଅନ୍ୟାୟକୁ ଜନସାଧାରଣ ପ୍ରତିରୋଧ କରି ସତ୍ୟ ଓ ଧର୍ମର ପ୍ରତିଷ୍ଠା କରିବା ଏକାନ୍ତ କର୍ତ୍ତବ୍ୟ । ତେଣୁ ଏ ସମାଜ ଜନସାଧାରଣଙ୍କୁ ନମ୍ର ନିବେଦନ କରୁଅଛି କି, ଅନ୍ୟାୟ ଓ ଅଧର୍ମାଚରଣର ପ୍ରତିରୋଧ ପାଇଁ ଓ ଖାଦ୍ୟଅନାଟନର ସ୍ଥାୟୀ ପ୍ରତିକାର ଲାଗି ଭୂମିରେ ସମସ୍ତଙ୍କର ସମାନ ଅଧିକାର ଏହି ସତ୍ୟର ପାଳନ ଲାଗି ଏକ ଅହିଂସା ଆନ୍ଦୋଳନ ଆରମ୍ଭ କରନ୍ତୁ ।"

ତହିଁ ଆରଦିନ ସକାଳେ ପୁନର୍ବାର ଆଲୋଚନା ହୋଇ ସ୍ଥିର ହେଲା ଯେ, ଯେଉଁମାନେ ଜମି ସମ୍ପର୍କୀୟ ଅନ୍ୟାୟ ବିରୋଧୀ ଆନ୍ଦୋଳନ କରିବାକୁ ସ୍ଥିର କରିବେ, ସେମାନେ ସରକାର ଓ ସାହୁକାରଙ୍କୁ ତାହା ଜଣାଇ କରିବେ । ଭୂମିରେ ପ୍ରବେଶ କରିବାର ଆଠଦିନ ଆଗରୁ ଏମାନଙ୍କୁ ଜଣାଇ ଦିଆଯିବ । ସତ୍ୟାଗ୍ରହୀମାନେ ଅମୁକ ଜମିରେ ଯେ ଅମୁକ ଦିନ ପ୍ରବେଶ କରିବାକୁ ଯାଉଛନ୍ତି, ତାହା ଏକ 'ଶେଷ

Digitized by srujanika@gmail.com

ନିବେଦନ’ ରୂପେ ଜମିମାଲିକଙ୍କ ପାଖକୁ ପଠାଇ ଦିଆଯିବ । ସେଥିରେ ଯାହା ଯାହା ଲେଖାହେବ, ତାହା ମଧ୍ୟ ‘ସମାଜ’ର ଏହି ବୈଠକରେ ଠିକ୍ କରି ଯାଇଥିଲା । ଜମିର ମାଲିକଙ୍କୁ ସମ୍ବୋଧନ କରାଯାଇ ସେଥିରେ ଲେଖାଥିଲା :

“ଆପଣଙ୍କର ଆଖି ଆଗରେ ବର୍ଷ ବର୍ଷ ଧରି ଭୋକ ଉପାସରେ ନାନା ଅଖାଦ୍ୟ ଖାଇ ଆପଣଙ୍କୁ ତଥା ସରକାରଙ୍କୁ ମୋ’ର ପେଟଦୁଃଖ କଥା ଓ ଜମିସ୍ୱତ୍ୱ ଅବସ୍ଥା କଥା ବାରମ୍ବାର ଜଣାଇ ସବୁପ୍ରକାରେ ନିରାଶ ହେଲି । ବର୍ଷ ବର୍ଷ ଧରି ସବୁପ୍ରକାର ମାଡଗାଳି ଓ ଅତ୍ୟାଚାର ସହି ଆପଣମାନଙ୍କ ସୁଖସୁବିଧା ପାଇଁ ବ୍ୟବସ୍ଥା କରି ଆସିବା ସତ୍ତ୍ୱେ ମୋ’ର ଏ ଦରମଲା ଦେହ, ଭୋକିଲା ପେଟ ଓ ମୋ’ ଛୁଆପିଲାମାନଙ୍କର କଷ୍ଟ, କାନ୍ଦଣା ଆପଣମାନଙ୍କର କାନରେ ବାଜିଲାନାହିଁ । ବାରମ୍ବାର ନିବେଦନ ସତ୍ତ୍ୱେ ଯେତେବେଳେ ଆପଣ ମୋ’ର ଦୁଃଖଗୁହାରି ନଶୁଣିଲେ, ସେତେବେଳେ ଏଭଳି ଅନ୍ୟାୟର ବିରୋଧ ପାଇଁ ଭଗବାନଙ୍କର ଆଶ୍ରୟ ନେଇ ମୁଁ ମୋ ନିଜ ସ୍ୱତ୍ୱ ଜମିରେ ଚାଷ କରିବାକୁ ଠିକ୍ କରୁଛି । ଏହି ଜମି ଆଜି ଆପଣଙ୍କ ହାତରେ ରହିଥିଲେ ମଧ୍ୟ ମୋର ପୂର୍ବପୁରୁଷ ଏହାକୁ ପଥର ତାଡି ବାହାର କରିଥିଲେ ଓ ନିଜର ସରଳତା ଓ ଅଜ୍ଞାନପଣରୁ ତାହା ଆପଣଙ୍କ ହାତକୁ ଯାଇଥିଲା । ଧର୍ମଦୃଷ୍ଟିରୁ ବିଚାର କଲେ ଜମିରେ ମୋ’ର ପୂରା ଅଧିକାର ଅଛି । ଅଧର୍ମ ଓ ଅନ୍ୟାୟ କରିବା ଯେଉଁଭଳି ପାପ, ତାକୁ ଦେଖି ଚୁପ୍ ପଡିବା ମଧ୍ୟ ସେହିଭଳି ପାପ ତେଣୁ, ପାପରେ ଭାଗୀ ନହୋଇ ସେହି ଅଧର୍ମ ଓ ଅନ୍ୟାୟର ବିରୋଧ ପାଇଁ ମୁଁ ଆଜି ବାହାରୁଛି । ଅହିଂସା ଉପାୟରେ ଆପଣଙ୍କର ସମସ୍ତ ନିର୍ଯାତନା ସହି ମୁଁ ତା——— ରିଖ——— ଘଣ୍ଟା ସମୟରେ ଭୂମିରେ ପ୍ରବେଶ କରୁଛି ।” ନିବେଦନ-ପତ୍ର ଶେଷରେ ପ୍ରଜାର ସ୍ୱାକ୍ଷର ଓ ଠିକଣା ଦିଆ ଯାଉଥିଲା ।

ଭୂସତ୍ୟାଗ୍ରହ ସମାଜ ତରଫରୁ ୧୨।୬।୫୨ରେ ଓଡ଼ିଶାର ପ୍ରଧାନମନ୍ତ୍ରୀଙ୍କ ପାଖକୁ ଯେଉଁ ଔପଚାରିକ ପତ୍ର ପଠାଯାଇଥିଲା, ତାହାକୁ ସମ୍ପୂର୍ଣ୍ଣ ଭାବରେ ଏଠାରେ ଉଦ୍ଧୃତ କରିବା ଅତ୍ୟନ୍ତ ପ୍ରାସଙ୍ଗିକ ହେବ । କେତେକ ଅଂଶରେ ପୁନରାବୃତ୍ତି ହୋଇଯିବ ଯଦି, ମାତ୍ର ତଥାପି ପ୍ରାସଙ୍ଗିକ ହେବ । ଏହି ପତ୍ର ଶ୍ରୀ ବିଶ୍ୱନାଥ ପଟ୍ଟନାୟକଙ୍କର ଦସ୍ତଖତରେ ଲିଖିତ ହୋଇଥିଲା :

“ବିନୀତ ନିବେଦନ ଏହି କି ଗତ ନଭେମ୍ବର ୨୪ ତାରିଖଠାରୁ ଏ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆପଣଙ୍କୁ ବାରମ୍ବାର ଜଣାଇ ଆସିଛୁ । ଖାଦ୍ୟ ବିନା ଏ ଅଞ୍ଚଳର ଲୋକେ ମରିବା ଖବର ତ ଆପଣ ଜାଣନ୍ତି । ବର୍ଷ ବର୍ଷ ଧରି ଲୋକେ ଖାଇବା ବିନା ହୟରାଣ ହୋଇ ବଣ ଜଙ୍ଗଲର ମହୁଲି, ମଲିପଡ଼ିଆ, ତେନ୍ତୁଳି ମଞ୍ଜି ଓ ନାନା ପ୍ରକାର ପତ୍ର ଖାଇ ମୃତ୍ୟୁ ଆଡ଼କୁ ଟାଣି ହୋଇ ଯାଉଛନ୍ତି ଓଲଟି ଧନୀ ଜମିଦାର, ସାହୁକାରମାନଙ୍କର ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି ତାହାର ପ୍ରତିକାର ପାଇଁ ଆପଣମାନଙ୍କୁ ଜଣାଇ ମଧ୍ୟ କୌଣସି ଫଳ ମିଳିନାହିଁ । ବରଂ ଧନୀମାନଙ୍କର ଅସୁବିଧା ଓ ବିପଦ ଶୁଣିବାମାତ୍ରେ ଆପଣଙ୍କ କର୍ମଚାରୀମାନେ ଯେଉଁଭଳି

Digitized by srujanika@gmail.com

ସ୍ୱବରେ ଉଦ୍ୱରତା ପ୍ରକାଶ କରିବାର ଦେଖାଗଲା, ଗରିବମାନଙ୍କ ପାଇଁ ତାହା ହେଲାନାହିଁ । ପ୍ରତିବର୍ଷ ଏହିପ୍ରକାରେ ଅତ୍ୟାଚାର ବଢ଼ି ବଢ଼ି ଯେତେବେଳେ ତାହା ସହ୍ୟ ହେଲାନାହିଁ ଓ ସେହିଗରେ ଆପଣମାନେ କୌଣସି ବିଚାର କଲେନାହିଁ, ଲୋକମାନଙ୍କ ମଧ୍ୟରେ ନିଜ ଭାଗ୍ୟର ନିଷ୍ପତ୍ତି ପାଇଁ ବିଚାର ପଡ଼ିଲା ଓ ଆମେ ସମସ୍ତେ ଏକତ୍ରିତ ହୋଇ ଏ ସମସ୍ତ ଅନ୍ୟାୟ ଓ ଅଧର୍ମର ପ୍ରତିରୋଧ କରିବା ପାଇଁ ସ୍ଥିର କଲୁଁ ଓ 'ଭୂପତ୍ୟାଗରୀ ସମାଜ' ନାମକ ଏକ ଅନୁଷ୍ଠାନ ଗଢ଼ିଲୁଁ । ଅନୁଷ୍ଠାନର ଉଦ୍ଦେଶ୍ୟ ହେଲା, ଏ ଅଞ୍ଚଳର ସମସ୍ତ ପ୍ରକାର ଅନ୍ୟାୟର ପ୍ରତିରୋଧ କରିବା ଓ ସର୍ବପ୍ରଥମେ ଅଞ୍ଚଳବ୍ୟାପୀ ବ୍ୟାପକ ଅନ୍ୟାୟ, ଯାହାଫଳରେ କି ସାରା ମୂଲକର ଶତକଡ଼ା ୯୫ ଲୋକ ଖାଇବାବିନା ହନ୍ତସନ୍ତ ହେଉଛନ୍ତି, ତାହାର ପ୍ରତିକାର କରିବାକୁ ଠିକ୍ କଲୁ । ସମାଜର ପ୍ରସ୍ତାବମତେ ଆପଣମାନଙ୍କ ସହିତ ପରିବର୍ତ୍ତନର କ୍ଷମତା ମୋତେ ଦିଆ ଯାଇଥିଲା । ସବୁ ସମୟରେ ଏ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ଘଟୁଥିବା ଅନ୍ୟାୟ ଆପଣଙ୍କୁ ଜଣାଇ ତାହାର ପ୍ରତିକାର ଲାଗି ମୁଁ ସବିନୟ ଅନୁରୋଧ କରି ଆସୁଛି । କିନ୍ତୁ ଦୁଃଖର କଥା, ଆପଣ କୌଣସିଟିର ଉତ୍ତର ଦେଲେନାହିଁ । ନିମ୍ନଲିଖିତ ସମସ୍ୟାଗୁଡ଼ିକ ବିଷୟରେ ଆପଣଙ୍କର ଦୃଷ୍ଟି ଆକର୍ଷଣ କରା ଯାଇଥିଲା ।

"(କ) ଜମି-ବ୍ୟବସ୍ଥା—ଏ ଅଞ୍ଚଳର ଶତକଡ଼ା ୯୫ ଜଣ ଲୋକ ଭୂମିରୁ ବଞ୍ଚିତ । ଦିନେ ଏହି ମୂଲକର ସମସ୍ତ ଭୂମି ସେମାନଙ୍କର ଥିଲା, କାରଣ ସେହିମାନେ ହିଁ ଏଠାରେ ସ୍ଥାୟୀ ବାସିନ୍ଦାରୂପେ ଶହ ଶହ ବର୍ଷ ହେଲି ରହି ଆସିଛନ୍ତି । ଅନ୍ୟମାନେ, ଯେଉଁମାନେ କି ବର୍ତ୍ତମାନ ଶହ ଶହ ଏକର ଜମିର ମାଲିକ ହୋଇ ବସିଛନ୍ତି, ସେମାନଙ୍କର ବଂଶ-ଇତିହାସ, ବ୍ୟବସାୟ ଅନୁସନ୍ଧାନ କଲେ ସ୍ପଷ୍ଟ ଜଣାଯିବ ଯେ ସେମାନେ ଏ ଲୋକମାନଙ୍କର ସରଳତା ଓ ଅଜ୍ଞତାର ସୁଯୋଗ ନେଇ ଏହି ଜମିସବୁ ନେଇ ଯାଇଛନ୍ତି । ଇଂରେଜ ସରକାର ନିଜେ ଏକଥା ସ୍ୱୀକାର କରି ସରକାରଙ୍କ ବିନାନୁମତିରେ ବାହାର ଲୋକେ ଆଦିବାସୀଙ୍କର ଜମି ଖରିଦ କରି ପାରିବେନାହିଁ ବୋଲି ୧୯୧୭ ରେ ଏକ ଆଇନ୍ କଲେ; ଏଥିରେ କାଁ ଭାଁ କେହି କେହି ଜମି ଫେରସ୍ତ ପାଇଥିଲେ । କିନ୍ତୁ ସ୍ୱାଧୀନ ସରକାର ତା'ର ସମୟ ବଢ଼ାନ୍ତେ କ'ଣ, ତାକୁ ୧୨ ବର୍ଷ ମଧ୍ୟରେ ହସ୍ତାନ୍ତରିତ ଜମି ଫେରାଇବାର ବ୍ୟବସ୍ଥା କରୁଥିବା ବେଳେ ଜମି ହିବୁ ୧୦୦ ବର୍ଷ ତଳେ ହସ୍ତାନ୍ତର ହୋଇଯାଇଛି । ତେଣୁ ସରକାର ସେମାନଙ୍କ ହିତ ପାଇଁ ଆଇନ୍ କଲେ, ତାହା ତାଙ୍କର କୌଣସି କାମରେ ଲାଗିଲନାହିଁ । ତେଣୁ, ସେହି ଆଇନ୍‌କୁ ପରିବର୍ତ୍ତନ କରି ୧୨ ବର୍ଷକୁ ୧୦୦ ବର୍ଷ କରିବାକୁ ଅନୁରୋଧ କରି ତହିଁରେ ଦାଖଲ ହେଲୁଁ ।

"(ଖ) ଭାଗଚାଷ ଆଇନ୍ ପ୍ରଜାର ହିତପାଇଁ ୧୯୪୮ ମସିହା ଠାରୁ ପ୍ରଚଳନ କରା ଗଲେହେଁ ଏ ଅଞ୍ଚଳର ଲୋକମାନଙ୍କ ଭିତରେ ତାହା ପ୍ରଚାର ହୋଇ ନଥିବାରୁ ଲୋକମାନେ ୧୯୫୨ ପର୍ଯ୍ୟନ୍ତ ତାହା ଜାଣିନଥିଲେ । ୧୯୫୨ ରେ ତାହା ଜାଣି ସେହିଗରେ ନିଜର ଭାଗ ପାଇଁ ଅଡ଼ି ବସିବାରୁ ଧନୀମାନେ ତାଙ୍କ ଉପରେ ଧମକ

Digitized by srujanika@gmail.com

ଚମକ ଦେଖାଇ, ମାଡ଼ ମରାଇ ଓ ମିଛ ମୋକଦ୍ଦମା କରି ହଇରାଣ କଲେ । ଏହାପରେ ଆପଣଙ୍କର ତଥା ଆପଣଙ୍କର ପ୍ରତିନିଧିରୂପେ ପ୍ରତିଷ୍ଠିତ ସ୍ଥାନୀୟ ଅଫିସରମାନଙ୍କର ଦୃଷ୍ଟି ଆକର୍ଷଣ କରି ମଧ୍ୟ କୌଣସି ଫଳ ପାଇଲୁ ନାହିଁ । ଓଲଟି ଫଳ ହେଲା ଯେ ଧନୀ-ମାନେ ମେଣ୍ଟ ବାନ୍ଧି ଢ଼ିବରିସିଙ୍ଗି, ଆମ୍ବାବାଡ଼, କୁଜେନ୍ଦ୍ରୀ, ଲକ୍ଷ୍ମୀପୁର ଇତ୍ୟାଦିର ୧୭ ଜଣଙ୍କୁ ମିଛ ମକଦ୍ଦମାରେ ପକାଇଲେ । ଗୁଡ଼ାଘି ଗ୍ରାମର ଜଣେ ଲୋକକୁ ମାଡ଼ ଦେଲେ ଓ ପଦ୍ମପୁରକୁ ଲୋକଙ୍କୁ ଡାକି ନେଇ ମାଡ଼ ଦେଲେ ।

ସରକାର ଏଠାରେ ମାନ୍ଦ୍ରାଜ ଇଷ୍ଟେଟ୍ ଲ୍ୟାଣ୍ଡ ଆକ୍ଟ ଅନୁସାରେ ବନ୍ଦୋବସ୍ତ କଲେ; ତାହା ଫଳରେ ଭୂମିହୀନ ଲୋକଙ୍କର ଅବସ୍ଥାରେ କୌଣସି ପରିବର୍ତ୍ତନ ହେବାର ଆଶା ନାହିଁ । ଯେଉଁମାନେ ଶହ ଶହ ଏକର ଜମିର ମାଲିକ ହୋଇ ରହି-ଛନ୍ତି, ସେମାନେ ସେହି ଜମିର ହକ୍ ପାଇବେ ଓ ଅନ୍ୟମାନେ ଜମି ହକ୍‌ରୁ ବଞ୍ଚିତ ହୋଇ ରହିବେ । ଏହାପରେ ଆମେ ଆପଣଙ୍କୁ ଅନୁରୋଧ କଲୁ ଯେ, ଓଡ଼ିଶା ଲ୍ୟାଣ୍ଡ ଆକ୍ଟ ଅନୁସାରେ ବନ୍ଦୋବସ୍ତ କରନ୍ତୁ, କିନ୍ତୁ ତାହା ହେଲାନାହିଁ ।

ଭୂମି ବାଡ଼ିରୁ ବଞ୍ଚିତ ହୋଇ ପାହାଡ଼ ଉପରେ ହିଁ ଦାନାପାଣି ଲାଗି ନିର୍ଭର କରି ଆସୁଥିବା ବ୍ୟକ୍ତିଙ୍କ ଉପରେ ପୋଡ଼ୁଚାଷ କରୁଥିବା ଅପରାଧରେ ପ୍ରତିବର୍ଷ ହଜାର ହଜାର ମକଦ୍ଦମା କରାଗଲା, ସେମାନଙ୍କୁ ଜେଲ ଓ ଜୋରିମାନା ହେଲା; ସେମାନେ ଫରେଷ୍ଟ କର୍ମଚାରୀଙ୍କ ଦ୍ୱାରା ନିର୍ଯାତନା ଭୋଗୁଥିଲେ ସୁଦ୍ଧା ବାରମ୍ବାର ଅନୁରୋଧ କରି ଏହାର କୌଣସି ପ୍ରତିକାର କରା ଗଲାନାହିଁ । କେବଳ ଜେଲ ଜୋରିମାନା କରି ଦେଲେ କର୍ତ୍ତବ୍ୟ ଶେଷ ହେଲା ବୋଲି ସରକାର ଭାବିନେଲେ, ଅଥଚ ଅବସ୍ଥା ଓ ପେଟର ଦୁଃଖ ବୁଝିଲେ ନାହିଁ ।

ଯେତେବେଳେ ବାରମ୍ବାର ଆପତ୍ତି ସତ୍ତ୍ୱେ ଆପଣମାନେ ଆମର ନିଜର ଲୋକ ହୋଇ ମଧ୍ୟ ଆମ ଦୁଃଖ ଗୁହାରି ଶୁଣିଲେ ନାହିଁ, ଆମପାଇଁ କିଛି କଲେନାହିଁ, ଅଧିକନ୍ତୁ ଧନୀଶ୍ରେଣୀ ଓ ସରକାରୀ କର୍ମଚାରୀମାନଙ୍କର ଦୌରାତ୍ମ୍ୟ ବଢ଼ିବାରେ ଲାଗିଲା, ସେତେ-ବେଳେ ଅନନ୍ୟୋପାୟ ହୋଇ ଆମେ ଭଗବାନଙ୍କ ନାମ ନେଇ ସତ୍ୟ ଓ ଅହିଂସା ଉପାୟରେ ଏସବୁର ପ୍ରତିକାର କରିବାକୁ ବାହାରିଲୁ । ସର୍ବପ୍ରଥମେ ପେଟକୁ ଦାନା ଯୋଗାଇବା ପାଇଁ ଆମର ଉଦ୍ୟମ ଆରମ୍ଭ ହୋଇଛି । ଭୂମିରେ ସମସ୍ତଙ୍କର ସମାନ ଅଧିକାର ଏହି ନ୍ୟାୟର ପାଳନ ପାଇଁ, ଯେଉଁ ମାଟିରୂପୀ ମାଆକୁ ଅନ୍ୟମାନେ ଜବର-ଦସ୍ତି ଅଧିକାର କରି ବସିଛନ୍ତି, ସେମାନଙ୍କୁ ନାନା ଅନୁନୟ ପରେ ନ୍ୟାୟ ନପାଇ ସରକାର ଓ ମାଲିକ ଉଭୟଙ୍କୁ ଜଣାଇ ଭୂମିରେ ପ୍ରବେଶ ହେବାକୁ 'ଭୂସତ୍ୟାଗ୍ରହୀ ସମାଜ' ନିର୍ଦ୍ଦେଶ ଦେବାକୁ ବାଧ୍ୟ ହେଉଛି ।

"ଆପଣ ମାନଙ୍କର ଆମେ ଆମକୁ ସାହାଯ୍ୟ କରି ପାରିଲାନାହିଁ । ତେଣୁ ଭଗବାନଙ୍କ ନାମ ଧରି ସତ୍ୟ ଓ ଅହିଂସା ବାଟରେ ଆମେ ଏ ଉଦ୍ୟମ ଆରମ୍ଭ କରୁଛୁ

"ତେଣୁ ଆମର ବିନୀତ ଅନୁରୋଧ ଯେ ସତ୍ୟ ଓ ଧର୍ମର ରକ୍ଷା ପାଇଁ ଆମର ଏ ଉଦ୍ୟମରେ ଆପଣ ଆମକୁ ସହାୟ ହୋଇ ବାଧିତ କରିବେ ।"

Digitized by srujanika@gmail.com

ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କ ପାଖକୁ ଏହି ଔପଗ୍ରହଣର ପତ୍ର ଯାଇଥିଲା । ଶ୍ରୀଯୁକ୍ତ ବିଶ୍ୱନାଥ ପଟ୍ଟନାୟକ ଲେଖିଥିବା ଏକ ଚିଠି ଅନୁସାରେ, "ବାପି ମୁଖ୍ୟମନ୍ତ୍ରୀ ଥିଲେ । ସତ୍ୟାଗ୍ରହକୁ ଉତ୍ସାହ ନଦେଇ କପଟ ବିନା ସତ୍ୟାଗ୍ରହରେ ସମାଧାନ ହେବ, ବାପି ତାର ଚିନ୍ତା କଲେ ।" ଆଗରୁତ ଶ୍ରୀ ଗୋପବନ୍ଧୁ ଚୌଧୁରୀ ମଧ ଭୂସତ୍ୟାଗ୍ରହ ପ୍ରସ୍ତାବଟିକୁ ଅନୁମୋଦନ କରି ନପାରି ଏକଦା କୋରାପୁଟ ଗସ୍ତ ବନ୍ଦ କରି କଳାହାଣ୍ଡି ଚାଲି ଯାଇଥିଲେ । ଶ୍ରୀ ପଟ୍ଟନାୟକ ଲେଖିଥିବା ଚିଠିର ଭାଷାରେ, "ଗୋପବାବୁ ଭୂସତ୍ୟାଗ୍ରହକୁ ସମର୍ଥନ କଲେ ନାହିଁ; କାରଣ ସେ ସେତେବେଳେ ଭୂଦାନ ଆନ୍ଦୋଳନ କାମରେ ବାହାରିଥିଲେ । ତେଣୁ ସେ କହିଲେ, ଦାନ ମାଗିବା ଏବଂ ସତ୍ୟାଗ୍ରହ କରି ଜମି ନେବାକୁ ଅଡ଼ି ବସିବା ଏ ଦୁଇଟା କାମ ଏକାଥରେ ଚାଲିବ ନାହିଁ । ତୁମମାନଙ୍କର ଯଦି ସତ୍ୟାଗ୍ରହ କରି ଜମି ନେବା ଉଦ୍ଦେଶ୍ୟ, ତା'ହେଲେ ତୁମ କାମ ତୁମେ କର, ମୁଁ ଏଠାରେ ଭୂଦାନ ଆନ୍ଦୋଳନ କାମରେ ସମୟ ନଦେଇ ଅନ୍ୟ ଜିଲ୍ଲାକୁ ଯିବି । ତୁମେମାନେ ଯଦି ବୁଝି ଭୂଦାନ ଆନ୍ଦୋଳନ କାମରେ ଲାଗିବତ ମୁଁ ଆସିବି ।"

ଶ୍ରୀ ଗୋପବନ୍ଧୁ ଚୌଧୁରୀ ଏପରି ବିମୁଖତା ଦେଖାଇବା ପରେ ମଧ ଭୂସତ୍ୟାଗ୍ରହୀ ସମାଜ ତଥାପି ଆପଣାର ଜମିରେ ପ୍ରବେଶ କରିବାର କାର୍ଯ୍ୟକ୍ରମକୁ ପରିତ୍ୟାଗ କରିନଥିଲା । ବାସ୍ତବ କ୍ଷେତ୍ରରେ ମଧ ଏପରି ସତ୍ୟାଗ୍ରହ ଘଟିଥିବାର କେତେ ଦୃଷ୍ଟାନ୍ତ ଘଟିଥିଲା । ସମାରୁପଲ୍ଲୀ ୨୦।୩୦ ଖଣ୍ଡ ଗ୍ରାମର ଜମିରେ ପ୍ରାଥମିକ ପରୀକ୍ଷାମୂଳକ ଭାବେ ଏହା କରା ଯାଇଥିଲା । ଏଥିରେ ସତ୍ୟାଗ୍ରହୀମାନଙ୍କ ତରଫରୁ କୌଣସି ହିଂସାକାଣ୍ଡ ଘଟିନଥିଲା, ବରଂ କେତେକ ସ୍ଥାନରେ ସତ୍ୟାଗ୍ରହୀମାନଙ୍କୁ ମାଡ଼ ଦିଆ ଯାଇଥିଲା । ଏହି ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ନିଜ ହାତରେ ଖଣ୍ଡେ ଚିଠି ଲେଖି ଶ୍ରୀ ବିଶ୍ୱନାଥ ପଟ୍ଟନାୟକଙ୍କ ନିକଟକୁ ପଠାଇଥିଲେ । ଏହି ଚିଠି ୧-୬-୫୨ରେ କଟକରୁ ଲେଖା ହୋଇଥିଲା । ମନେ ହେଉଛି ସେହି ଚିଠି ହିଁ କ୍ରମେ ସତ୍ୟାଗ୍ରହର କାର୍ଯ୍ୟକ୍ରମକୁ ବଦଳାଇ ଦେବାରେ ସଫଳ ହୋଇଥିଲା । ଏଠାରେ ସେହି ଚିଠିଟିକୁ ସଂପୂର୍ଣ୍ଣ ଭାବରେ ଉଦ୍ଧୃତ କରାଯାଉଛି :

"ସ୍ନେହର ବିଶ୍ୱନାଥ,

ତମର ଚିଠି ପାଇଛି । ମୋ ପ୍ରତି ତମର ସ୍ନେହ ଯେତେ ସବୁବେଳେ ଅଭିଭୂତ କରାଏ । ପରସ୍ପର ପ୍ରତି ସ୍ନେହ ଗୋଟିଏ କଥା, ସାଧାରଣ ଲୋକରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କାମ କରିବା ଆଉ ଗୋଟିଏ କଥା । ଲୋକର କାମ କାର୍ଯ୍ୟପୋଲ ନିଜର ବୁଦ୍ଧି ଓ ବିବେକ ଅନୁସାରେ ଭଲମନ୍ଦ ଓ ଅଗ ପଛ ବିଚାର କାମ କରିବାକୁ ପଡ଼େ । ପ୍ରତ୍ୟେକ ଲୋକର ବୁଦ୍ଧି ବିବେକ ଅନୁସାରେ କାମ ଭିନ୍ନ ଭିନ୍ନ ହୁଏ ।

'ମୁଁ ତମକୁ ବୁଝାଇ କହୁଥିଲି ଆପଣ ଅମାନ୍ୟ କରି ଅନ୍ୟର ଜମି ଦଖଲ କରି ଜମି-ବଣ୍ଟନ ସମସ୍ୟାର ସମାଧାନ କରି ହେବନାହିଁ । ସେଠାରେ କାରଣ

Digitized by srujanika@gmail.com

ଜଣେ ଲୋକ ହଜାର ପାଞ୍ଚଶହ ଏକର ଜମି ନିଜେ ଗୁପ୍ତ ନକର ରଖିଛନ୍ତି ସେଠିକା କଥା ସ୍ୱତନ୍ତ୍ର । ସେଠି ମଧ୍ୟ ଜବରଦସ୍ତି ବିନା କ୍ଷତିପୂରଣରେ ତାଙ୍କର ଜମି ନେଇ ହେବ ନାହିଁ । ଆମର ଶାସନବିଧାନ ନବଦଳିବା ଯାଏ ରସ୍ପୃତ ଜମିଧାରିଁ ପୂରା ମୂଲ୍ୟ କ୍ଷତିପୂରଣ ଦେବାକୁ ପଡ଼ିବ । ଅଥଚ ବହୁ ମୂଲ୍ୟଦେଇ ଯେଉଁ ଜମି ଏପରି ଭାବରେ ମିଳିବ, ତାହା ବାଣ୍ଟିଦେଲେ ଅତି ଅଳ୍ପ ଜମିହୀନ ଲୋକ ୪।୫ ଏକର ଲେଖାଁ ଜମି ପାଇପାରିବେ ।

"ତେଣୁ ଅନ୍ୟ ନୂଆ ଜମି ଖୋଜି ବାହାର କରିବା ଓ ଅନ୍ୟ କାମ ଯୋଗାଇ-ଦେବା ହେଉଛି ଏକମାତ୍ର ଉପାୟ ଦାରିଦ୍ର୍ୟ ଦୂର କରିବାପାଇଁ । ସେପରି ବହୁତ ଜମି ମିଳିପାରିବ, କିନ୍ତୁ ଲୋକମାନଙ୍କୁ ନେଇ ସେଠି ବସାଇବା ଗୋଟିଏ ବଡ଼ କାମ ଯାହା ଆମକୁ କରିବାକୁ ହେବ । ତମେମାନେ ସେ କାମ ହାତକୁ ନେଲେ ବହୁସଂଖ୍ୟକ ଲୋକଙ୍କର ସ୍ଥାୟୀ ଭାବରେ ଅବସ୍ଥା ବଦଳାଇ ପାରନ୍ତି ।

ତାଛଡ଼ା ରାସ୍ତା, ବନ୍ଧ ପ୍ରଭୃତି କାମ ପାଇଁ ଗୁରିଆଡ଼େ ବହୁତ ଲୋକ ଦରକାର । କିଛି ପଡ଼ିଆମାନଙ୍କୁ ନେଇ ଶ୍ରମିକଦଳ ଗଢ଼ି ଏ କାମସବୁ ହାତକୁ ନେଲେ ସେମାନେ ବହୁତ ଉପାର୍ଜନ କରିପାରିବେ । ସେଦିଗରେ ମଧ୍ୟ ତମେମାନେ ଆଦୌ ଧ୍ୟାନ ଦେଉନାହଁ ସେଥିସକାଶେ ହାତରେ ଟଙ୍କା ଥିଲେ ସୁଦ୍ଧା ସ୍ଥାନୀୟ ଅଫିସରମାନେ କାମ ପୂରା କରି ପାରୁନାହାନ୍ତି । ମୁଁ ତମକୁ କହୁଥିଲି, ଚା' ବଗିଗୃରେ କାମ କରିବାପାଇଁ ଆସାମ ଭଳିଆ ଦୂର ଦେଶକୁ ଯଦି ଆଦିବାସୀମାନଙ୍କୁ ନିଆଯାଇ ପାରୁଛି, ଓଡ଼ିଶା ଭିତରେ ତାଙ୍କୁ ନେଇ ନିଶ୍ଚୟ କାମରେ ଲଗାଇ ହୁଅନ୍ତା ଯଦି ସେଥିପାଇଁ ସଂଗଠିତ ଉଦ୍ୟମ କରାଯାନ୍ତା । ସରକାରୀ ଅଫିସରଙ୍କ ଦ୍ୱାରା ଏକାମ ହେବା କଷ୍ଟକର—ଚା' ବଗିଗୃ ପାଇଁ ବଗିଗୃ ମାଲିକମାନେ 'ଲାଭ ଉଦ୍ଦେଶ୍ୟରେ' ଏକାମ କରି ପାରୁଛନ୍ତି । "ଲାଭ ଉଦ୍ଦେଶ୍ୟ" ପରିବର୍ତ୍ତେ "ଦେଶସେବା ବ୍ରତ" କେବଳ କାର୍ଯ୍ୟକାରୀ ହୋଇ-ପାରେ—ସରକାରୀ ଗୃକିରୀ ନୁହେଁ ।

ଯାହାହେଉ, ରାୟଗଡ଼ା ପ୍ରଭୃତି ଅଞ୍ଚଳ ପାଇଁ ମୁଁ ଜଣେ, ଖୁବ୍ ସହାନୁଭୂତି ସମ୍ପନ୍ନ ଅଫିସର ପଠାଉଛି ଯେ ସରକାରୀ ଅଫିସର ଦ୍ୱାରା ଯେତେଦୂର ଯାହା କରା-ଯାଇ ପାରିବ କରିବ । ତମେମାନେ ୨।୪ ମାସ ତାଙ୍କୁ ପରୀକ୍ଷା କରି ଦେଖିଲେ ଭଲ ହୁଅନ୍ତା । ତା'ନକରି ଯଦି ତମେମାନେ ଅସହଯୋଗ ଓ ସତ୍ୟାଗ୍ରହ କର, ତା ହେଲେ ମୁଁ ନିରୁପାୟ । ସତ୍ୟାଗ୍ରହର ଅର୍ଥ ହେଉଛି ଆଇନ ଅମାନ୍ୟ କରି ଜାଣିଶୁଣି ଦଣ୍ଡବରଣ କରିବା—ସେୟା ହେବ । ଆଇନ୍ ଅନୁସାରେ ଦଣ୍ଡ ଦେବାପାଇଁ ଯେଉଁମାନେ ଅଛନ୍ତି, ସେମାନେ ତାହା ଦେବେ । ମୁଁ ଯେଉଁ ଅଫିସରଙ୍କୁ ପଠାଉଛି ସେ ଚେଷ୍ଟା କରିବେ ଆଦିବାସୀଙ୍କ ଉପରେ ଯେଉଁ ବେଆଇନ୍ ଜୁଲୁମ ଅତ୍ୟାଚାର ଓ ଶୋଷଣ ହେଉଛି ତାକୁ ବନ୍ଦ କରିବା ପାଇଁ

॥ ଇତି ॥

ସ୍ନେହାଧୀନ

ନବକୃଷ୍ଣ ଚୌଧୁରୀ

Digitized by srujanika@gmail.com

ଶ୍ରୀ ଚୌଧୁରୀ ଜଣେ ସୋସିଆଲିଷ୍ଟ ହିସାବରେ କଦାପି ଏଭଳି ଚିଠି ଲେଖି-ନଥାନ୍ତେ । ପରେ ଯେଉଁ ସମ୍ପୂର୍ଣ୍ଣ କ୍ରାନ୍ତି ଭିତରେ ସେ କାର୍ଯ୍ୟ କରିଥିଲେ, ସେଥିରେ ଥାଇ ମଧ୍ୟ ସେ ଏଭଳି ଲେଖିନଥାନ୍ତେ । ଏକ ବ୍ୟକ୍ତିଗତ ଆଦେଶର ଉପକ୍ରମ ଦେଇ ପରେ ରାଜ୍ୟର ଉଚ୍ଚତମ ଅମଲା ହିସାବରେ ସେ ଏହି ଚିଠି ଦେଇଛନ୍ତି । କେଉଁଠା ପାଣିକୁ ନେଇ କେଉଁ ପୈଶାରେ ଉଠାଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଗୋପିନାଥ ମହାନ୍ତିଙ୍କ ଏହି ଅଞ୍ଚଳକୁ ସ୍ପେଶାଲ ଅଫିସର କରି ପଠାଇଥିଲେ । ଶ୍ରୀଯୁକ୍ତ ମହାନ୍ତି ଯଥା-ସମୟରେ ତାଙ୍କର ରିପୋର୍ଟ ଦେଲେ ଓ ରିପୋର୍ଟରେ ଥିବା ପରାମର୍ଶଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ଲାଗି ତାଙ୍କୁ ରାୟଗଡ଼ା ସବ୍‌ଡ଼ିଭିଜନ୍‌ର ସବ ଡ଼ିଭିଜନାଲ ଅଫିସର କରି ପଠାଗଲା । ଭୂସତ୍ୟାଗ୍ରହୀ ସମାଜ ନରମ ହେଲା, ପ୍ରଥମେ ଛଅମାସ ଲାଗି ଓ ତାପରେ ଆପଣାର ୧୨-୧୦-୫୨ର ବୈଠକରେ ଭୂସତ୍ୟାଗ୍ରହ ଆନ୍ଦୋଳନକୁ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ଥଗିତ ରଖିଲା । ଦ୍ୱିତୀୟ ବୈଠକରେ "ଆଦିବାସୀମାନଙ୍କର ପ୍ରକୃତ ଅବସ୍ଥା ଅନୁଭବ କରି ପ୍ରତିକାର ଦିଗରେ ଚେଷ୍ଟା କରୁଥିବା ଯୋଗୁଁ ସରକାରଙ୍କୁ ଧନ୍ୟବାଦ" ଦିଆ ଯାଇଥିଲା । ଏବଂ, ଓଡ଼ିଶାରେ ସନ୍ଥ ବିନୋବାଜୀଙ୍କ ଭୂଦାନଯାତ୍ରାକୁ ସ୍ୱାଗତ କରା ଯାଇଥିଲା । "ଏହା ଅହିଂସା ସାମ୍ୟସମାଜ ଗଢ଼ିବାର ଏକମାତ୍ର ବାଟ ଏବଂ ଧନୀମାନଙ୍କର ହୃଦୟ ପରୀକ୍ଷାର ଗୋଟିଏ ପ୍ରକୃଷ୍ଟ ସମୟ ଓ ସ୍ଥାନ ଏସବୁଥିରେ ଆମ୍ଭମାନଙ୍କର ଆକାଙ୍‌କ୍ଷା ପୂରଣ ହେଲେ ଓ ଅପର ପକ୍ଷରେ ନ୍ୟସ୍ତସ୍ୱାର୍ଥ ଲୋକଙ୍କ ହୃଦୟରେ ଦୟା ଓ କାମରେ ସହାନୁଭୂତି ପ୍ରକାଶ ପାଇଲେ, ସରକାର ଉତ୍ତରୋତ୍ତର ନିଃସ୍ୱ ଆଦିବାସୀଙ୍କର ଉନ୍ନତି କଳ୍ପନା କରି କାର୍ଯ୍ୟ କଲେ ଭବିଷ୍ୟତରେ ଆନ୍ଦୋଳନର କୌଣସି ଅବକାଶ ରହିବନାହିଁ ।"—ପ୍ରସ୍ତାବରେ ଏପରି ଉଲ୍ଲେଖ ଥିଲା ।

ଏସବୁ କିଛି ଫଳିଲାନାହିଁ, ଭୂଦାନରେ ନୁହେଁ କି ସରକାରଙ୍କ ଦ୍ୱାରା ନୁହେଁ । ଏକାଧିକ ମୋହଭଙ୍ଗ ପରେ ୧୯୭୪ ମସିହା (ଜାନୁଆରୀ ୩୦ ତାରିଖ)ରେ ଶ୍ରୀ ପ୍ରଫୁଲ୍ଲ ଦାସଙ୍କ ଲିଖିତ 'ଅଗ୍ନିଯୁଗର ଆହ୍ୱାନ' ପୁସ୍ତକରେ ମୁଖବନ୍ଧ ଲେଖି ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ 'ଅହିଂସକ ହେଉ ବା ହିଂସକ ହେଉ କୌଣସି ପ୍ରକାର ଜନ-ସଂଗଠନ ଓ ଜନସଂଘର୍ଷ ବିନା କେବଳ ନେତାମାନଙ୍କ ମଧ୍ୟରେ ସାଲିଶ୍‌ ଦ୍ୱାରା କଦାପି ପ୍ରକୃତ ସ୍ୱରାଜ ହେବନାହିଁ କି ଲୋକଚୈତନ୍ୟ ଜାଗ୍ରତ ହେବନାହିଁ' ବୋଲି ଗାନ୍ଧିଜୀ ଏକଦା ଦେଇଥିବା ଚେତାବନୀକୁ ସେଥିରେ ଉଦ୍ଧୃତ କରି ଥିଲେ ଏବଂ ଏହି ଚେତାନକୁ ଅମାନ୍ୟ କରିବା ଫଳରେ ଯେଉଁ 'ସ୍ୱରାଜ' ହେଲା ସେଥିରେ ଲୋକମାନଙ୍କୁ ପୂର୍ବାପର ବା ତତୋଽଧିକ ଭୟଭୀତ କରି ରଖାଗଲା" ବୋଲି ମନ୍ତବ୍ୟ କରିଥିଲେ । ଏପରି ଲେଖିଲାବେଳେ କୁନ୍ଦେନ୍ଦ୍ରୀ ଭୂସତ୍ୟାଗ୍ରହୀ ସମାଜ ତାଙ୍କର ନିଶ୍ଚୟ ମନେ ପଡ଼ିଥିବ ।

●

Digitized by srujanika@gmail.com

(ଖ) ଶୋକସାଗରର ବାହାରୁ

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ଦେହତ୍ୟାଗ ପରେ ଆମେ ସମସ୍ତେ ହଠାତ୍ ଶୋକାକୁଳ ହୋଇ ଉଠିଲୁ । ଜଣେ ବିଖ୍ୟାତ ବହୁଜନପରିଚିତ ବ୍ୟକ୍ତି ଆମ ଭିତରୁ ଚାଲିଗଲା ପରେ ଶୋକ ପ୍ରକାଶ କରିବା ହେଉଛି ଗୋଟିଏ ରୀତି । ପ୍ରତ୍ୟେକ ମନୁଷ୍ୟକୃତ ରୀତି ପରି ଏଇଟିରେ ମଧ୍ୟ ଅଧିକତର ସ୍ଥଳରେ ଏକ ଅତିରଞ୍ଜନ ରହିଥାଏ । ସାମୟିକ ବିହ୍ୱଳତା ଏବଂ ତଦ୍‌ଜନିତ ଉତ୍ତେଜନାରେ ଆମେ ସେହି ଅତିରଞ୍ଜନକୁ ସ୍ୱୀକାର କରି ନେଇଥାଉ । ପରସ୍ପରକୁ ବନ୍ଧୁ ବୋଲି ପରସ୍ପରକୁ କ୍ଷମା ଦେଇଥାଉ । ଶୋକର ସାଗର ଆସେ, ଶୋକର ସାଗର ଚାଲିଯାଏ । ଆମେ ପ୍ରାୟ ଅତ୍ୟନ୍ତ ସ୍ୱାଭାବିକ ଭାବରେ ପୁନର୍ବାର ଆପଣା ଆପଣାର ଘରଟିକୁ ଫେରିଆସୁ, ଆପଣା ଆପଣାର ପୁରୁଣା ଅଭ୍ୟାସ-ଗୁଡ଼ାକ ପାଖକୁ ଫେରିଆସୁ । ନିଜନିଜର ଚିହ୍ନା ଜଙ୍ଗଲମାନଙ୍କରେ ପୁରୁଣା ପାରିଧି କରିବାରେ ଲାଗିଯାଉ ।

ଆଧ୍ୟାତ୍ମିକ ପରମ୍ପରାରେ କୌଣସି ବ୍ୟକ୍ତିର ଦେହାବସାନରେ ଦୁଃଖ ପ୍ରକାଶ କରାଯିବାର କଥା ନୁହେଁ । ଭାରତୀୟ ରାଜନୈତିକ ପରମ୍ପରାରେ ଆଧ୍ୟାତ୍ମିକତା ଲାଗି ମଧ୍ୟ ଏକ ନିର୍ଦ୍ଦିଷ୍ଟ ସ୍ଥାନ ସବୁବେଳେ ରହିଆସିଥିଲା । ଅନ୍ତତଃ, ଆମେ ରାଜନୀତିକ ସ୍ୱାଧୀନତା ଲାଭ କରିବା ପୂର୍ବରୁ ଯେଉଁସବୁ ମୂଲ୍ୟସ୍ୱୀକୃତ ଭାରତୀୟ ରାଜନୀତିକ ନେତୃତ୍ୱଟି ମଧ୍ୟରେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ବିଦ୍ୟମାନ ରହିଥିଲା । ଏବଂ ତାହାର ବିଶିଷ୍ଟ ଦିଗ-ଗୁଡ଼ିକର ନିର୍ଣ୍ଣୟ କରିବାରେ ଲାଗିଥିଲା, ଆଧ୍ୟାତ୍ମିକତା ହିଁ ସେଗୁଡ଼ିକର ସର୍ବମୂଳ ଭିତ୍ତି ହୋଇ ରହିଥିଲା । ଭାରତୀୟ ରାଜନୀତି ଭିତରେ ଏବେ ରାଜସିକ ଉଗ୍ରତା ହିଁ ସବୁଠାରୁ ଅଧିକ ଲୋଭନୀୟ ହୋଇ ଦେଖାଗଲାଣି । ମଣିଷ ଲୋଭରେ ପଡ଼ିଲେ ଭାରି ତରତର ହୁଏ । ପରମ୍ପରା ଭୁଲେ । ଗୁଡ଼ାଏ ଅନୁକରଣ କରେ । ତାହାକୁ ହିଁ କର୍ତ୍ତବ୍ୟ ବୋଲି ମଣେ, ଭଦ୍ରତା ବୋଲି କହେ । ଔପଚାରିକତାର ଗହନରେ ପଶି ବେଳେବେଳେ ଭାରି କପଟୀ ବି ହୋଇଯାଏ । ଭୁଇଁ ଛାଡ଼ିଯାଏ; କେବଳ ବାହ୍ୟ ଜାତୀୟ ଭୁଇଁଟିକୁ ନୁହେଁ, ତା' ଅନ୍ତର ଭିତରେ ଯେଉଁ ଭୁଇଁଟି ତାକୁ; ଯିଏ ପ୍ରକୃତରେ ଯେପରି, ଅନ୍ତତଃ ତା'ର ନିଜ ଅନ୍ତର୍ଗତ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଠିକ୍ ସେହିପରି ହେବାକୁ ପ୍ରେରଣା ଦେବାଲାଗି ରହିଥାଏ, ଯିଏ ସେହି ଭୁଇଁଟିକୁ ଛାଡ଼ିଯାଏ ।

Digitized by srujanika@gmail.com

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଏକଦା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ତା'ପୂର୍ବରୁ ଜନୈକ ମନ୍ତ୍ରୀ ମଧ୍ୟ ଥିଲେ । ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନକୁ ଏକ ଦଳଗତ ସଂଗଠନର ରୂପ ଦେବାରେ ଆପଣାର ତରୁଣ ବୟସରେ ସେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ । ସେ କୃଷକ ଆନ୍ଦୋଳନର ଅନୁକୂଳ କରାଇଥିଲେ, ଗଡ଼ଜାତ ପ୍ରଜା-ଆନ୍ଦୋଳନରେ କଷ୍ଟ ସହିଥିଲେ । ଭାରତୀୟ ରାଜନୀତିକ ସ୍ୱାଧୀନତାର ସଂଗ୍ରାମରେ ଜଣେ ସଂଗ୍ରାମୀରୂପେ ଏକାଧିକବାର କାରାବରଣ କରିଥିଲେ । ସେ ଗାନ୍ଧିଜୀଙ୍କର ରାଜନୀତିକ ଏବଂ ସାମାଜିକ ଆଦର୍ଶ ପ୍ରତି ଆକୃଷ୍ଟ ଥିଲେ । ସେ ସର୍ବୋଦୟ ଆନ୍ଦୋଳନର ଜଣେ ସକ୍ରିୟ ସୈନିକ ଥିଲେ । ସେହି କାରଣରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଜ୍ଞାନ ଲାଗି ତାଙ୍କର ଅଜସ୍ର ଶ୍ରଦ୍ଧା ଥିଲା । ଜୀବନର ଶେଷ ଚରଣ ପର୍ଯ୍ୟନ୍ତ ଗୀତାର ଅଧ୍ୟୟନରେ ଅନେକ ସମୟ ଦେଉଥିଲେ । ତାଙ୍କର ଦେହାବସାନ ପରେ ଆମେ ସମସ୍ତେ ସମ୍ପୂର୍ଣ୍ଣ ସମ୍ବାଦ ଦେଲାଭଳି ଗୋଟି ଗୋଟି ଗଣିକରି କହୁଥିବା ପରି ଏହି ଗୁଣଗୁଡ଼ିକୁ ବଖାଣି କହିଲୁ । ଆମ ଭିତରୁ ଯେଉଁମାନେ ଏଥିଭିତରୁ ହୁଏତ କୌଣସି ଗୁଣଟି ଉପରେ ଆଦୌ ବିଶ୍ୱାସ ବା ଆସ୍ଥା ରଖିନାହୁଁ, ସେମାନେ ବି କେଡ଼େ ଚଟ୍‌ଚଟ୍ କରି ହିସାବଟାକୁ ପୂରା କରିବା ଉଦ୍ଦେଶ୍ୟରେ ଗୁଣଗୁଡ଼ିକୁ ଗଣି କହିଦେଲୁ । ଇସ୍କୁଲ ପିଲାଏ ରଚନା ଲେଖିଲାବେଳେ ଯେମିତି ଯଥାସମ୍ଭବ ସବୁଯାକ କଥାକୁ କହିବାକୁ ଚେଷ୍ଟା କରନ୍ତି, କୌଣସି ଗୋଟିଏ କଥାକୁ ବି ଛାଡ଼ନ୍ତି ନାହିଁ, ଏବଂ ଏହି ରୀତିରେ କହିଲେ ଯେ ସେମାନଙ୍କୁ ଅଧିକ ନମ୍ବର ମିଳିବ ବୋଲି ନିଜ ଭିତରେ ଏକ ପ୍ରତ୍ୟୟ ପୋଷଣ କରୁଥାନ୍ତି, ଆମ ଶୋକପ୍ରକାଶଗୁଡ଼ାକରେ ଆମେ ପ୍ରଧାନତଃ ସେହି ନୀତି ଅନୁସରଣ କଲୁ ।

ଶ୍ରୀଯୁକ୍ତ ଚୌଧୁରୀ ବଞ୍ଚିଥିବା ସମୟରେ ତାଙ୍କର ଯେଉଁସବୁ ବିଶିଷ୍ଟ ପଥ ଏବଂ ମତ ସକାଶେ ଆମେ ତାଙ୍କୁ ନିଜଠାରୁ ଅନେକ ଦୂର ବୋଲି ଭାବୁଥିଲୁ ଅର୍ଥାତ୍ ତାଙ୍କଠାରୁ ଦୂରରେ ରହିବାକୁ ହିଁ ସ୍ୱଧର୍ମର ଆଚରଣ ବୋଲି ମନେ କରୁଥିଲୁ, ତାଙ୍କର ଦେହାବସାନ ପରେ ପ୍ରାୟ ସେହିସବୁର ଜୟଗୁଣା ଦେଇ ଆମେ ତାଙ୍କୁ ଭୂରି ଭୂରି ପ୍ରଶଂସା କଲୁ । ଶୋକସାଗର ଭିତରେ ପଶିଲେ ଭକ୍ତମାନେ ଯେ ଏହିଭଳି ଗୋଟିଏ ଗୋଟିଏ ସାଧୁଙ୍କରେ ପରିଣତ ହୋଇଯାଆନ୍ତି, ଓଡ଼ିଶାରେ ଆଉଥରେ ତାହାର ପ୍ରମାଣ ମିଳିଗଲା । ଶୋକସାଗରର ଏହି ଅସ୍ଥାୟୀ ଉଚ୍ଛ୍ୱାସଗୁଡ଼ାକୁ ପ୍ରକୃତରେ ଧନ୍ୟବାଦ ଦେବାକୁ ପଡ଼ିବ ।

ଯାହା ଚାଲିଗଲା ବୋଲି ଆମେ ରହିଗଲାମାନେ କେଡ଼େ ପାଟିରେ ଓ କେଡ଼େ ଅତ୍ୟାବଧାନୀ ଭାବରେ କାରୁଣ୍ୟ କରିବାକୁ ହିଁ ସମ୍ଭ୍ରମ ଏବଂ ରୀତି ବୋଲି ବିଚାର କରିଥାଉ, ତାହା ଯିବାକୁ ହିଁ ଏହି ସଂସାରକୁ ଆସିଥାଏ । ବିଧାତାର

Digitized by srujanika@gmail.com

କୌଣସି କାର୍ଯ୍ୟସାଧନର ମାଧ୍ୟମ ହେବ ବୋଲି ତାହା ସଂସାରକୁ ଆସିଥାଏ, ହୁଏତ ସେଇ ବିଧାତାଙ୍କ ଦ୍ୱାରା ଅଭିପ୍ରେତ ହୋଇ ଆସିଥାଏ । ଆମେ ସମସ୍ତେ ସେହିପରି ଏକ ବିଧାନ ଅନୁସାରେ ଏହି ସଂସାରକୁ ଆସିଛୁ । ଆପଣାର ସମ୍ମତିଟିକୁ ଦେଇ ପାରିଲେ ଆମେ ନିମିତ୍ତ ହେବାର ଯୋଗ୍ୟ ହୋଇପାରିବା, ସମ୍ମତି ନଦେଇ ପାରିଲେ ବାହାରେ ରହିଯିବା । ମାତ୍ର ଶେଷକୁ ଏଠୁ ଅବଶ୍ୟ ବିଦାୟ ହୋଇଯିବା । ସଂସାରରୂପୀ ବ୍ୟାଙ୍କ୍‌ରେ ଯେତେ ଅଧିକ ପଇସା ଜମା କରି ରଖିଥିଲେ ମଧ୍ୟ ଆମେ ତଥାପି ଏଠି ମୋଟେ ସବୁଦିନ ଲାଗି ରହିପାରିବା ନାହିଁ । ଆମ ଭିତରେ ଆମକୁ ନାନାଭାବେ ଗଠିତ ଏବଂ ପୁନର୍ଗଠିତ କରିବାରେ ଲାଗିଥିବା ଆମର ଅନ୍ତରତମ ଜୀବନପ୍ରେରଣାଟି ମଧ୍ୟ ଆମକୁ କଦାପି ଏଠାରେ ସବୁଦିନ ଲାଗି ରଖାଇ ଦେବ ନାହିଁ । ଯାହା ଆଜିଯାଏ କେଡ଼େ ସୁନ୍ଦର ଘରଟିଏ ପରି ଲାଗୁଥିଲା, ଆମର ନିଜ ବଳ୍ପଦରେ ତିଆରି ହୋଇଥିବା କେବଳ ଆମ ନିଜର ଘରଟି ପରି ନିତି ମନେ ହେଉଥିଲା, ଶେଷରେ ସେଇଟିକୁ ମଧ୍ୟ ଛାଡ଼ି ଚାଲିଯିବାକୁ ହେବ । ପାହାଚଟିକୁ ଅତିକ୍ରମ କରି ଯିବାକୁ ହିଁ ପଡ଼ିବ । ମାତ୍ର ଆମେ ଯାହାକୁ ଆତ୍ମା ବୋଲି କହୁ, ନାନା ବସ୍ତ୍ର ପିନ୍ଧି ପୁନର୍ବାର ସମୟ ଅନୁସାରେ ସେହି ବସ୍ତ୍ରକୁ ଫିଙ୍ଗିଦେଇ ନୂତନ ବସ୍ତ୍ର ପରିଧାନ କରୁଥିବା ଯେଉଁ ଅସଲ ଏକକଟି ଯାବତୀୟ ଯିବା ଓ ଆସିବାର ଅସଲ ସୂତ୍ରଟି ହୋଇ ରହିଥାଏ, ତାହା କେବେହେଲେ ଚାଲି ଯାଏନାହିଁ ।

ସେହି ଆତ୍ମା ହିଁ ଆମ ଜୀବନର ନାନା ଆତ୍ମୀୟତାକୁ ଅର୍ଥ ଦିଏ, ବ୍ୟଞ୍ଜନା ଦିଏ, ଦେହ ବି ଦିଏ । ଆତ୍ମାକୁ ଚହ୍ନିଥିବା ପର୍ଯ୍ୟନ୍ତ ଆତ୍ମୀୟତାର ସୂତ୍ରଟି ମୋଟେ ହାତଛଡ଼ା ହୋଇଯାଏ ନାହିଁ । ଏବଂ, ହାତଛଡ଼ା ହୋଇଯାଏ ନାହିଁ ବୋଲି କାନ୍ଦିବାକୁ ପଡ଼େ ନାହିଁ । ଆଉ କିଏ ଚାଲିଗଲା ବୋଲି ଆମଭିତରୁ ଯେଉଁମାନେ ଅବସରଟିଏ ରଚନା କରି କାନ୍ଦନ୍ତି, ସେମାନେ ହୁଏତ ସ୍ୱୟଂ ସମୟ ଆସିଲେ ପୂର୍ଣ୍ଣସମ୍ମତି ଭାବରେ ଯିବାକୁ ଡରୁଥାନ୍ତି; ହୁଏତ ପାହାଚ ଉଠିବାକୁ ଏବଂ ମହଲ ଛାଡ଼ିବାକୁ ଡରୁଥାନ୍ତି । ତେଣୁ, ଯିଏ ଗଲା, ତା'ପାଇଁ ମୋଟେ କାନ୍ଦନ୍ତି ନାହିଁ । ସେମାନେ ହୁଏତ ଆପଣାର ଭେଳାଟି ପାଇଁ କାନ୍ଦନ୍ତି; ସଂସାରରେ ସହସ୍ର ଭାବରେ ଧାବମାନ ହୋଇ ରହିଥିଲେ ମଧ୍ୟ ଯେଉଁମାନେ କୌଣସି କାରଣରୁ ଅସଲ ଆତ୍ମୀୟତାଗୁଡ଼ିକୁ ନିଜଠାରୁ ଅନ୍ତର କରି ରଖିଥାନ୍ତି, ସେହିମାନେ ହିଁ ଯତେଅବା ବ୍ରତପାଳନ କରୁଥିବା ପରି କାନ୍ଦି ବସନ୍ତି । ଆପଣା ଅବଚେତନାଗୁଡ଼ାକର ଚାପରେ ପଡ଼ି କାନ୍ଦନ୍ତି ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ କ'ଣସବୁ ହୋଇଥାନ୍ତେ ମାତ୍ର ହେଉ ହେଉ ଆଉ କ'ଣସବୁ ହୋଇଗଲେ, କ'ଣସବୁ ମୋଟେ ହୋଇନଥାନ୍ତେ ମାତ୍ର ଅନ୍ତର୍ଗତ ନାନା ସମ୍ମତି ଏବଂ ଅସମ୍ମତିର ଟଣାଓଟରା ଭିତରେ ପଡ଼ି ସମ୍ଭବତଃ ଅଧିକତର କ୍ଷେତ୍ରରେ

Digitized by srujanika@gmail.com

ତାହାହିଁ ହୋଇ ରହିଲେ,—ଏକ ଯୁଗପର୍ଯ୍ୟାୟ ଅଥବା ଲୋକପର୍ଯ୍ୟାୟର ପରିପ୍ରେକ୍ଷୀରେ ଆମେ ଇଚ୍ଛାକଲେ ହୁଏତ ତାଙ୍କର ସେହିପରି ଏକ ବିସ୍ତାର କରିପାରିବା । ତାଙ୍କର ଅନ୍ତର ଭିତରକୁ ଭେଦି ପାରିବା ଏବଂ ତାହାର ମାଧ୍ୟମରେ ଯୁଗଟିର ଅନ୍ତର ଭିତରକୁ ମଧ୍ୟ ଭେଦି ପାରିବା । ଆମ ଭିତରୁ ଆମକୁ ବାଟ ଦେଖାଉଥିବା ଜଣେ ବୟୋଜ୍ୟେଷ୍ଠ ସାଥୀ ଆମକୁ ଛାଡ଼ି ଚାଲିଗଲେ ସର୍ବଦା ଏହିପରି ଏକ ସମୀକ୍ଷା ହୋଇ ପାରୁଥିବା ଉଚିତ । ଶ୍ରୀଯୁକ୍ତ ଚୌଧୁରୀଙ୍କୁ ଦଣ୍ଡେ ବସିଯିବା ଲାଗି ଯେଉଁଠି ଯେଉଁ ଆସନ ଅଥବା ପଦ ମିଳୁଥିଲା, ସେଠାରେ ସିଏ ମୋଟେ ଥୟ ହୋଇ ବସି ପାରୁନଥିଲେ । କାରଣ, ସିଏ ପ୍ରକୃତରେ ଏକାବେଳେକେ ଭିନ୍ନ ଆଉ କ'ଣ ଚାହୁଁଥିଲେ । ଏକାବେଳେକେ ଭିନ୍ନ ଆଉ କ'ଣର ସ୍ୱପ୍ନ ଦେଖୁଥିଲେ । ସେହିପରି ଏକ ଆଉ କ'ଣର ସ୍ୱପ୍ନ ଦେଖି ଆମ ଦେଶରେ ରାଜନୀତିକ ସ୍ୱାଧୀନତାର ସଂଗ୍ରାମ ଲଢ଼ା ଯାଇଥିଲା, ଦେଶରୂପକ ଏକ ନିର୍ଦ୍ଦିଷ୍ଟ ଭୂମି ଉପରେ ମଣିଷ ଲାଗି, ଏକ ଅନ୍ୟ ମଣିଷ ଲାଗି ଓ ଅନ୍ୟ ମୂଲ୍ୟ ପ୍ରତିଷ୍ଠା ଲାଗି ସ୍ୱପ୍ନ ଦେଖା ଯାଇଥିଲା । ରାଜନୀତିକ ସ୍ୱାଧୀନତା ଆସିଲା, ଆମ ଭିତରୁ ଅନେକଙ୍କ ଲାଗି ସେତିକରେ ହିଁ ସଂଗ୍ରାମ ସରିଗଲା । ସେମାନେ ପଦରେ ରହିଲେ, ହଜାର ହଜାର ମଣିଷଙ୍କୁ ପାଦତଳେ ଖଟାଇଲେ, ଖୁଣ୍ଟମାନଙ୍କରେ ସେମାନଙ୍କର ନାମ ଲେଖା ହୋଇ ରହିଲା । ନବବାବୁ ଥରେ ଦେଖିଥିବା ସେହି ସ୍ୱପ୍ନକୁ ଛାଡ଼ି ପାରିନଥିଲେ । ଆସନରେ ବସିଥିବାବେଳେ ମଧ୍ୟ ସ୍ୱପ୍ନଟାକୁ ଭୁଲି ପାରୁନଥିଲେ । ତାହାହିଁ ତାଙ୍କ ଜୀବନରେ ତାଙ୍କୁ କେତେ ଦ୍ୱନ୍ଦ୍ୱରେ ପକାଇଲା, ନଅର ଭିତରେ ତାଙ୍କୁ ସତେଅବା ବାବାଜୀ କରି ରଖିଲା,—ତାଙ୍କୁ ଆପଣା ଭିତରେ କେତେ କନ୍ଦାଇଲା, କେତେ ପ୍ରକାରେ ନିଃଙ୍ଗ କଲା, ବସ୍ତିର ଚତୁରମାନଙ୍କଠାରୁ ତାଙ୍କୁ ଏକାବେଳେକେ ଗୋଠଖଣ୍ଡିଆ କରି ରଖିଲା । ଗୋଠ ଭିତରେ ଥାଇ ମଧ୍ୟ ଗୋଠଖଣ୍ଡିଆ ହୋଇ ରହିବା, ସିଏ ପ୍ରକୃତରେ ଏକ ରାକ୍ଷସିକ ଯନ୍ତ୍ରଣାର ବ୍ୟାପାର । ନବବାବୁ ବାହାରେ ମୌନ ରହି ଭିତରେ ସେହିପରି ଏକ ଯନ୍ତ୍ରଣାକୁ ଅନବରତ ଅଙ୍ଗେ ନିଭାଇବାରେ ଲାଗିଥିଲେ ।

ତେଣୁ ଶୋକ ନୁହେଁ, କେବଳ ଶ୍ରଦ୍ଧା । ଶ୍ରଦ୍ଧାର ଅନ୍ୟ ନାମ ହେଉଛି କୃତଜ୍ଞତା । ସିଏ ଯେ ଆମର ସାଙ୍ଗରେ ଥିଲେ, ଆମକୁ ତାଙ୍କର ଆତ୍ମୀୟ ପରି ଭାବିବାକୁ ନାନା ଅବସର ଆଣି ଦେଉଥିଲେ, ସେଇଥିଲାଗି ଅନେକ କୃତଜ୍ଞତା । ପୃଥିବୀର ଅସଲ ସଂଗ୍ରାମଟି ସରିନାହିଁ । ଅସଲ ସଂଗ୍ରାମ ଚାଲିଛି । ମଣିଷର ଅସଲ ଅତିକ୍ରମଣଗୁଡ଼ିକ ଏ ପର୍ଯ୍ୟନ୍ତ ବାକୀ ରହିଛି । ସଂସାରର ଶାର୍ଦ୍ଦୂଳମାନେ ଆମ ସମସ୍ତଙ୍କୁ ସତେଅବା ଗୋଟାଏ ଗୋଟାଏ ଶାର୍ଦ୍ଦୂଳରେ ପରିଣତ ହୋଇ ବୀର ପରି ଏହି ଦେଶଟାକୁ ଭୋଗ କରିବାଲାଗି କେତେ ପ୍ରରୋଚନା ଦେବାରେ ଲାଗିଛନ୍ତି । ଏ ଆଖିରେ କାନ୍ଦୁଛନ୍ତି ଓ ସେ ଆଖିରେ ସଂସାରଟାକୁ ଗିଳିପକାଇବାକୁ ବାହାରିଛନ୍ତି ।

Digitized by srujanika@gmail.com

ବାଜାମାନେ ସେହିମାନଙ୍କ ଲାଗି ଉତ୍ଫୁଲ୍ଲ ହୋଇ ବାଜୁଛନ୍ତି । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ କେବେ କାହାରିକୁ ଗିଳି ପକାଇବାକୁ ମନ କରିନାହାନ୍ତି । ବରଂ ଅପେକ୍ଷା କରି ରହିଛନ୍ତି, ମାତ୍ର ତଥାପି ବିଶ୍ୱାସଗୁଡ଼ାକୁ ଗ୍ରାହ୍ଣ ନାହାନ୍ତି । ବିଶ୍ୱାସର ବେଳ ଆସୁଛି । ଯାହା ଆସୁଛି, ତାହାହିଁ ନବବାବୁଙ୍କୁ ସତତ ବ୍ୟାକୁଳ କରି ରଖିଥିଲା । ଆମେ ତାଙ୍କଠାରେ କୃତଜ୍ଞ ହୋଇ ରହିବା ।

['ପ୍ରଗତିବାଦୀ', ଭୁବନେଶ୍ୱର, ୯ । ୭ । ୮୪]

•

Digitized by srujanika@gmail.com

(ଗ) ଏକ ରାଜନୀତିକ ବ୍ୟକ୍ତିତ୍ୱର ସମୀକ୍ଷା

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ କେବଳ ଅମୁକଙ୍କର ପୁଅ ନଥିଲେ କିମ୍ବା ଅମୁକଙ୍କର ପୁତୁରା କିମ୍ବା ଭଣଜା ନଥିଲେ । ମଣିଷମାନେ ସମସ୍ତେ ଅମୁକର ପୁଅ ଅଥବା ସମୁକର ପୁତୁରା ବା ନାତି ହୋଇ ଜନ୍ମ ହୁଅନ୍ତି ସତ, ମାତ୍ର ସେମାନଙ୍କ ମଧ୍ୟରୁ ଯେଉଁ ବିଶେଷ କେଇଜଣ ସାଧାରଣ କ୍ଷେତ୍ରକୁ ଆସନ୍ତି, ସେମାନଙ୍କର ଜୀବନଟିକୁ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ପରିବାର ମଧ୍ୟରେ ସୀମିତ କରି ଦେଖି ହୁଏନାହିଁ । ସେମାନେ ଜଣେ ଜଣେ ବ୍ୟକ୍ତି ହିସାବରେ ଜୀବନ ଅତିବାହିତ କରିଥିଲେ ମଧ୍ୟ ତଥାପି କେବଳ କେତୋଟା ବ୍ୟକ୍ତିଗତ ବାଡ଼ ଭିତରେ ସେମାନଙ୍କୁ ଦେଖି ହୁଏନାହିଁ । ଓଡ଼ିଶାର ଗତ ପ୍ରାୟ ପଚିଶ ବର୍ଷର ରାଜନୀତିକ ଇତିହାସରେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଜଣେ ପ୍ରତିନିଧିମୂଳକ ମନୁଷ୍ୟ ବୋଲି କୁହାଯିବ । ରାଜନୀତିକ ନେତୃତ୍ୱର ସମରଭୂମି ଉପରେ ଶ୍ରୀ ଚୌଧୁରୀ ଏକ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରିଥିଲେ । ତାଙ୍କୁ ସେହି ଭୂମିକା ଓ ସେହି ସ୍ଥାନଟିର ପରିପ୍ରେକ୍ଷୀରେ ଯଥାସମ୍ଭବ ଅଧିକ ସମଗ୍ର ଭାବରେ ଦେଖିବାକୁ ସାହସ କରି ପାରିଲେ ଯାଇ ଆମେ ତାଙ୍କର ଯଥାର୍ଥ ସମୀକ୍ଷଣ କରିପାରିବା ।

ଏକଦା ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ସ୍ୱାଧୀନ ଭାରତବର୍ଷରେ କାଳକ୍ରମେ ମୁଖ୍ୟମନ୍ତ୍ରୀମାନେ ଉପରିସ୍ଥ ଦରବାରରୁ ଏବେ ନିଯୁକ୍ତ ହୋଇ ଆସିଲେଣି ଓ ତେଣୁ ସମଗ୍ର ବିଧିଟିର ପ୍ରକ୍ରିୟା ମଧ୍ୟରେ ସ୍ୱୟଂ ମୁଖ୍ୟମନ୍ତ୍ରୀମାନେ ମଧ୍ୟ କ୍ରମଶଃ ଆପଣାର ପଦଟିକୁ ଅନ୍ୟର ଅନୁଗ୍ରହଦ୍ୱାରା ଅର୍ଜିତ ପ୍ରାୟ ଏକ ଚାକିରି ପରି ଗ୍ରହଣ କରିବାକୁ ହିଁ ବାସ୍ତବତା ବୋଲି ଗ୍ରହଣ କରିବାରେ ଅଭ୍ୟସ୍ତ ହୋଇଗଲେଣି ସତ, ମାତ୍ର ଶ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ନେତୃତ୍ୱ-ମଣ୍ଡଳଟି ଭିତରେ ରହିଥିବା ସମୟରେ ପ୍ରକ୍ରିୟା ଅନ୍ୟ ପ୍ରକାରର ଥିଲା ଓ ତେଣୁ ସ୍ୱୀକୃତ ପରମ୍ପରା ମଧ୍ୟ ଅନ୍ୟ ପ୍ରକାରର ଥିଲା । ସେତେବେଳେ ନେତାମାନଙ୍କରୁ ରାଜନୀତିଗତ ଭୂମିଟି ଉପରେ ଏକ ସ୍ୱକୀୟ ଆତ୍ମପ୍ରତ୍ୟୟ ଓ ବିଶ୍ୱାସ ରହିଥିଲା,—ତେଣୁ ଏକ ସ୍ୱକୀୟ ଅଙ୍ଗୀକାରବଦ୍ଧତା ମଧ୍ୟ ରହିଥିଲା । ସେତେବେଳେ ବାହାରକୁ ତ ସମସ୍ତେ ଭାରତୀୟ ରାଜନୀତିରେ ଉପରକୁ ପତାକା ପରି ଫରଫର ହୋଇ ଉଡୁଥିଲେ, ମାତ୍ର ପ୍ରାୟ ପ୍ରତ୍ୟେକେ ଏକ ନିର୍ଦ୍ଦିଷ୍ଟ ସ୍ୱପ୍ନ ଓ ନିର୍ଦ୍ଦିଷ୍ଟ

Digitized by srujanika@gmail.com

ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଥିଲେ । ଗୋଟିଏ ନେତୃତ୍ୱକୁ ଆଉ ଗୋଟିଏ ନେତୃତ୍ୱଠାରୁ ଫରକ କରି ଚିହ୍ନିବାକୁ ସେତେବେଳେ ଏକ ନିର୍ଦ୍ଦିଷ୍ଟ ଓ ନିର୍ଭରଯୋଗ୍ୟ ଅବକାଶ ରହିଥିଲା । ତେଣୁ, ହାତୀ ଚିହ୍ନାଇବାକୁ ଯାଇ ହାତୀଶାଳରୁ ଯେ କୌଣସି ଗୋଟାଏ ହାତୀକୁ ଦେଖାଇଦେବା ପରି ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଆମେ କଦାପି ଅନେକ ମୁଖ୍ୟମନ୍ତ୍ରୀଙ୍କ ଭିତରେ ଜଣେ ମୁଖ୍ୟମନ୍ତ୍ରୀ ବୋଲି ଦେଖାଇ ପାରିବାନାହିଁ । ତାଙ୍କୁ ସ୍ୱତନ୍ତ୍ର ଭାବରେ ନ ଚିହ୍ନିବା ପର୍ଯ୍ୟନ୍ତ କଦାପି ଯଥାର୍ଥ ଭାବରେ ଚିହ୍ନି ପାରିବା ନାହିଁ । ସେହି ଦୃଷ୍ଟିରୁ ମଧ୍ୟ ତାଙ୍କର ଜୀବନ ଓ କରଣିଗୁଡ଼ିକର ବିଚାର ସମୀକ୍ଷାତ୍ମକ ହେବାକୁ ହିଁ ବାଧ୍ୟ ହେବ । ତେବେଯାଇ ଆମେ ତାଙ୍କୁ ଦେଖି ପାରିବା ଭଳି ଦେଖିବାକୁ ସମର୍ଥ ହେବା ।

ଭାରତବର୍ଷ ରାଜନୀତିକ ସ୍ୱାଧୀନତା ହାସଲ କରିବା ସକାଶେ ସଂଗ୍ରାମ କରୁଥିବା ସମୟରେ ସାରା ସଂଗ୍ରାମର ଶତ୍ରୁ ଗୋଟିଏ ଥିଲା ଓ ତେଣୁ ସଂଗ୍ରାମୀମାନଙ୍କର ଶିବିରଟି ମଧ୍ୟ ସ୍ଥୂଳତଃ ଗୋଟିଏ ବୋଲି ଦେଖାଯାଉଥିଲା ସତ, କିନ୍ତୁ ସ୍ୱାଧୀନତା ପରେ ଦେଶର ଭବିଷ୍ୟ ବ୍ୟବସ୍ଥା କିପରି ହେବ ବା ନହେବ, ଦେଶରେ ଶାସନରେ କାହାର କେତେ ପ୍ରକୃତ ଭାଗ ରହିବ ବା ନ ରହିବ, ଏହିସବୁ ବିଷୟରେ ଦୃଷ୍ଟିଗତ ଫରକ ଅନେକ ରହିଥିଲା । ଉପରକୁ ଗୋଟିଏ ବୋଲି ଦେଖାଯାଉଥିବା ଶିବିରଟି ମଧ୍ୟରେ ସ୍ୱାର୍ଥ ତଥା ଗୋଷ୍ଠୀର ବିଭିନ୍ନତା ଅନୁସାରେ କେତେ ଅନ୍ତର ରହିଥିଲା । ସବାଉପରେ ଗାନ୍ଧୀ-ନେତୃତ୍ୱର ଛତାଟି ସବୁଠାରୁ ବଡ଼ ହୋଇ ଦିଶୁଥିଲା ସତ, ମାତ୍ର ତାହାରି ଭିତରେ ଆଦର୍ଶଗତ କେତେ ପ୍ରକାରର ଟାପୁ ପରସ୍ପରଠାରୁ ଏକ ସମୁଚିତ ଦୂରତା ରକ୍ଷା କରି ରହିଥିଲେ ଓ ସେହି ଅନୁସାରେ ଆପଣା ଆପଣାର କ୍ଷେତ୍ରଗୁଡ଼ିକୁ ପ୍ରସ୍ତୁତ ମଧ୍ୟ କରୁଥିଲେ । ଶତାବ୍ଦୀର ଦ୍ୱିତୀୟ ଦଶକ ବେଳକୁ ଭାରତୀୟ ରାଜନୀତିକ ସଂଗ୍ରାମ ଏକ ସ୍ପଷ୍ଟ ଆଭିମୁଖ୍ୟ ଧାରଣ କରିବା ପରେ ଟାପୁଗୁଡ଼ିକର ସ୍ୱାତନ୍ତ୍ର୍ୟ ମଧ୍ୟ ଆହୁରି ଅଧିକ ସ୍ପଷ୍ଟ ହୋଇ ଯାଇଥିଲା । ସେତେବେଳେ ଓଡ଼ିଶାରେ ଉତ୍କଳ ସମ୍ମିଳନୀର ସ୍ଥାନୀୟ ଆଭିମୁଖ୍ୟଟି କ୍ରମେ ଅଧିକରୁ ଅଧିକ ଓଡ଼ିଆଙ୍କ ଲାଗି ଅଯଥେଷ୍ଟ ବୋଲି ଅନୁଭୂତ ହେଉଥିଲା ଏବଂ ପଣ୍ଡିତ ଗୋପବନ୍ଧୁଙ୍କର ନେତୃତ୍ୱରେ ଓଡ଼ିଶା ଜାତୀୟ ଜାଗରଣର ଏକ ନୂତନ ଚରଣରେ ପ୍ରବେଶ କରି ସମଗ୍ର-ଭାରତୀୟ ମୁଖ୍ୟସ୍ରୋତଟିରେ ସମ୍ମିଳିତ ହେବା ନିମନ୍ତେ ଆପଣାକୁ ପ୍ରସ୍ତୁତ କରୁଥିଲା । ପ୍ରାୟ ସେତିକିବେଳେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଜଣେ ନବଯୁବକର ଅନୁରାଗ ନେଇ ଓଡ଼ିଶାର ସାଧାରଣ କ୍ଷେତ୍ରରେ ପ୍ରବେଶ କରିଥିଲେ । ସେତେବେଳେ ଯେଉଁମାନେ ପ୍ରଧାନତଃ ଏକ ଆଦର୍ଶବାଦୀ ଉତ୍ସାହରେ ରାଜନୀତି ଭିତରକୁ ଆସିଥିଲେ, ସେମାନେ ସାଧାରଣତଃ ବଡ଼ଘରମାନଙ୍କରୁ ଆସିଥିଲେ ଓ ତେଣୁ ଆସିବା ମାତ୍ରକେ ପୁରି ବାରି ହୋଇ ପଡ଼ୁଥିଲେ । ସତେଅବା ଖାଲି ଚଉକୀଗୁଡ଼ାକ ସେମାନଙ୍କ ସକାଶେ ଅପେକ୍ଷା କରି ରହିଥିଲେ । ସେମାନେ କେତେ ବଡ଼ ତ୍ୟାଗ କରି

Digitized by srujanika@gmail.com

ଦାଣ୍ଡକୁ ଆସିଲେ ବୋଲି କହିବାକୁ ହଜାର ହଜାର ମଣିଷ ରହିଥିଲେ । ଆପଣାକୁ ଆପେ ବାଛି ନେଇଥିବା ଆହ୍ୱାନଟି ଅନୁସାରେ ତିଆରି କରିବାକୁ ମଧ୍ୟ ସେମାନଙ୍କୁ ମୋଟେ ବେଳ ମିଳୁନଥିଲା । ତେଣୁ, ଅଧିକାଂଶ କ୍ଷେତ୍ରରେ, ଭିତରେ ହୁଏତ ଅନେକ ଖାଦ ରହି ଯାଉଥିଲା । ସଂଗ୍ରାମ ପରେ ଯେତେବେଳେ ରାଜନୀତିକ ସ୍ୱାଧୀନତା ଆସିଲା ଓ ବାଇଦଗୁଡ଼ାକ ବେକରେ ପଡ଼ିଲା, ଖାଦଗୁଡ଼ାକ ରହି ଯାଇଥିଲା ବୋଲି ହୁଏତ ସେତିକବେଳେ ଯାଇ ଜଣାପଡ଼ିଲା । ଅସଲ ପରୀକ୍ଷା ସେତିକବେଳେ ହେଲା ।

ରାଜନୀତିକ ସ୍ୱାଧୀନତା ଲାଗି ସଂଗ୍ରାମର ସେହି ଯୁଗଟି ମୁଖ୍ୟତଃ ଏକ ଉତ୍ସାହର ଯୁଗ ଥିଲା । ଭାରତୀୟ ଜାତୀୟ କଂଗ୍ରେସକୁ ପୀଠ କରି ସେଥିରେ ସମବେତ ହୋଇଥିବା ଆପାତତଃ ସମସ୍ତେ ଇଂରେଜୀ ସାମ୍ରାଜ୍ୟଶାସନ ସହିତ ଲଢ଼ୁଥିଲେ ସତ, ମାତ୍ର ସେମାନେ ଭବିଷ୍ୟତର ଭାରତବର୍ଷ ବିଷୟରେ ଭିନ୍ନ ଭିନ୍ନ ଚିନ୍ତା କରୁଥିଲେ, ଭିନ୍ନ ଭିନ୍ନ ଚିତ୍ର ଦେଖୁଥିଲେ । ମୋତିଲାଲ ଯେପରି ଚିନ୍ତା କରୁଥିଲେ, ଜବାହରଲାଲ ମୋଟେ ସେପରି ଚିନ୍ତା କରୁନଥିଲେ । ବଲ୍ଲଭଭାଇ ଯେପରି ଚିତ୍ର ଦେଖୁଥିଲେ, ରାଜେନ୍ଦ୍ର ପ୍ରସାଦ ମୋଟେ ସେପରି ଚିତ୍ର ଦେଖୁନଥିଲେ । ଏହି ନେତାମାନେ ଆପଣାର ଅବଚେତନ ଅନୁରକ୍ତିଗୁଡ଼ିକର କ୍ଷେତ୍ରରେ ନାନା ପ୍ରତିକ୍ରିୟାବାଦୀ ସଂସ୍କାର ସହିତ ବାନ୍ଧିହୋଇ ରହିଥିଲେ ଓ ହୁଏତ ଶେଷ ପର୍ଯ୍ୟନ୍ତ ମଧ୍ୟ ମୂଳତଃ ସେମାନଙ୍କର ସେହି ସଂସ୍କାରଗୁଡ଼ିକ ହିଁ ସେମାନଙ୍କ ରାଜନୀତିକ ଭୂମିକାଗୁଡ଼ିକର ନିର୍ଣ୍ଣାୟକରୂପେ କାର୍ଯ୍ୟ କରିଥିଲା । ଜାତୀୟତାବାଦ କେବେହେଲେ ଶୁଦ୍ଧ ଭାବରେ ଏକ ରାଜନୀତିକ ପ୍ରେରଣା ବା ଆଦର୍ଶରୂପେ କାର୍ଯ୍ୟ କରିନଥାଏ; ସେଥିରେ ଧର୍ମ, ପରମ୍ପରା ଓ ଅତୀତ ପ୍ରତି ଏକ ଅହେତୁକ ଅତିମୋହ ଓ ଏହିପରି କେତେ କ'ଣ ଭାବପ୍ରବଣତା ଭର୍ତ୍ତି ହୋଇ ରହିଥାଏ ଓ ନେତୃତ୍ୱର ରାଜନୀତିକ ଭୂମିଟିକୁ ଆହୁରି ଅଧିକ ଜଟିଳ କରି ରଖିଥାଏ । ପୂର୍ଣ୍ଣ ସ୍ୱାଧୀନତାହିଁ ଭାରତବର୍ଷର ରାଜନୀତିକ ଲକ୍ଷ୍ୟ ବୋଲି ଘୋଷିତ ହେବା ପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସ ଦେଶର ଅଧିକାଂଶ ମଣିଷଙ୍କର ଆଖିରେ ଏହିପରି ଏକ ସଂସ୍ଥା ହୋଇ ରହିଥିଲା । ସମ୍ଭବତଃ ସେହି କାରଣରୁ ଅନ୍ତତଃ ବୟସ ଦୃଷ୍ଟିରୁ ଅପେକ୍ଷାକୃତ ଅଧିକ କନିଷ୍ଠମାନେ ଜାତୀୟ ସଂଗ୍ରାମର ରାଜନୀତିକ ଆଭିମୁଖ୍ୟଟିକୁ ଏକ ଅଧିକ ସ୍ପଷ୍ଟ ପରିଧି ଓ ସଂଜ୍ଞା ଦେଇ ପାରିବାକୁ କଂଗ୍ରେସ ଭିତରେ ଥାଇ ମଧ୍ୟ ଏକ ସୋସିଆଲିଷ୍ଟ୍ ଉପଗୋଷ୍ଠୀ ଗଢ଼ିଥିଲେ । ଏମାନେ ସେହି ଗୋଟିଏ ଖଞ୍ଜା ଭିତରେ ଥାଇ ମଧ୍ୟ ପୁରୁଣାମାନଙ୍କୁ ସତେଅବା ଅପର ପାଖରେ ଓ ଆପଣାକୁ ଏପାଖରେ ଦେଖୁଥିଲେ । ପୂରା ଅଲଗା ହୋଇ ନଥିଲେ, ତଥାପି ଅଲଗା ବୋଲି ଦେଖାଇ ଦେଉଥିଲେ । ମୋତିଲାଲ ଓ ସେ ପୁରୁଷର ଅନ୍ୟମାନେ ସେପାଖରେ ରହିଥିଲେ । ମୋତିଲାଲଙ୍କ ପୁତ୍ର ଏପାଖ ଓ ସେପାଖର ମଝିରେ ରହିଥିଲେ । ତାଙ୍କ ପୁରୁଣାମାନେ

Digitized by srujanika@gmail.com

ନୂଆମାନଙ୍କ ଭିତରେ ରହିଥିବା ଆପଣା ପକ୍ଷର ଲୋକ ବୋଲି ଭାବୁଥିଲେ, ଏବଂ ନୂଆମାନେ ବି ନାନାକାରଣରୁ ତାଙ୍କୁ ପୁରୁଖାମାନଙ୍କ ସହିତ ଉତ୍ତମରୂପେ ଚଳପ୍ରଚଳ ହୋଇ ପାରୁଥିବା ଆପଣା ପକ୍ଷର ହିଁ ଜଣେ ପ୍ରତିଭାବାନ୍ ପ୍ରତିନିଧି ବୋଲି ଭାବି ଅନେକ ସମୟରେ ଭାରି ଆନନ୍ଦଲାଭ କରୁଥିଲେ । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ସେତେବେଳେ ଆପଣାକୁ କିଞ୍ଚିତ୍ ସ୍ୱତନ୍ତ୍ର ବୋଲି ଚିହ୍ନା ଦେବାକୁ ମନକରୁଥିବା ଏହି କଂଗ୍ରେସ ସୋସିଆଲିଷ୍ଟ୍‌ମାନଙ୍କ ଭିତରେ ରହିଥିଲେ । ଓଡ଼ିଶାର ସ୍ଥାନୀୟ ମଞ୍ଚଟିରେ ସେ ପଣ୍ଡିତ ଜବାହରଲାଲଙ୍କର ଭୂମିକାଟିକୁ ପ୍ରାୟ ସର୍ବସମ୍ମତ କ୍ରମେ ଗ୍ରହଣ କରିଥିଲେ । ସେପଟୁ କଂଗ୍ରେସ ପରି ଦିଶୁଥିଲେ ଏବଂ ଏପଟୁ ସୋସିଆଲିଷ୍ଟ୍ ପରି ଦିଶୁଥିଲେ । ଦୁଇ ପାଖରେ ଥିଲେ, ମାତ୍ର ସେତେବେଳର ଅନେକ ନବୀନଙ୍କ ପରି ସ୍ପଷ୍ଟ ଭାବରେ କୌଣସି ଗୋଟିଏ ପାଖରେ ନଥିଲେ । ହୁଏତ ଦୁଇ ପାଖର ବୋଲି ଚିହ୍ନା ଦେବାକୁ ମନ କରୁଥିଲେ । ସାହିତ୍ୟ ଓ ରାଜନୀତିକୁ ମିଶାଇ ସେତେବେଳେ ଓଡ଼ିଶାରେ ଯେଉଁ "ଆଧୁନିକ" ପତ୍ରିକାର ଆବିର୍ଭାବ ହୋଇଥିଲା, ତାହାର ଗୋଟିଏ ସଂଖ୍ୟାରେ ଜବାହରଲାଲ ନେହରୁଙ୍କର ଫଟୋ ବାହାରିଥିଲା । ସେହି ପତ୍ରିକାରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ 'ବୈଜ୍ଞାନିକ ସାମ୍ୟବାଦ' ବିଷୟରେ ଏକଦା ଏକ ପ୍ରବନ୍ଧ ଲେଖିଥିଲେ । ଏସବୁର ଅବ୍ୟବହିତ ପରେ ସେହି ପ୍ରଥମକାଳୀନ ସୋସିଆଲିଷ୍ଟ୍‌ମାନେ ଦୁଇ ଭାଗରେ ଅଲଗା ହୋଇଗଲେ । ଗୋଟିଏ ଭାଗ ଆପଣାକୁ କମ୍ୟୁନିଷ୍ଟ ବୋଲି ଘୋଷଣା କଲା । ସାରା ଭାରତବର୍ଷରେ ଏହା ଘଟିଲା, ତେଣୁ ଓଡ଼ିଶାରେ ମଧ୍ୟ ଘଟିଲା । ତେଣିକି କମ୍ୟୁନିଷ୍ଟ୍‌-ମାନଙ୍କୁ କଂଗ୍ରେସ ଭିତରର ବୋଲି କହିବାକୁ ଆଉ କୌଣସି କାରଣ ରହିଲା ନାହିଁ । ମାତ୍ର ସୋସିଆଲିଷ୍ଟ୍‌ମାନେ ଏକାବେଳେକେ ଦୁଇ ସଂଘାଡ଼ି ପଇତା ପକାଇଲେ, ଦୁଇ ଆଦର୍ଶର ଯଜମାନ ହେଲେ । ସେମାନଙ୍କର ଅସଲ ଦେହଟା କଂଗ୍ରେସୀ ପରି ଦେଖାଗଲା, ମାତ୍ର ବେଳେବେଳେ ବ୍ୟବହାର କରିବା ସକାଶେ ଯେଉଁ ମୁଖାଟି ପାଖରେ ରହିଥିଲା, ସେଇଟିକୁ ସୋସିଆଲିଷ୍ଟ୍ ବୋଲି ପରିଚିତ କରାଯାଉଥିଲା ।

ତରକୁନ୍ଦ ଫାର୍ମ ଏବଂ ଅଲକାଶ୍ରମର ଘଟଣା ଶ୍ରୀଯୁକ୍ତ ଚୌଧୁରୀଙ୍କ ଜୀବନରେ ଏହି ପର୍ଯ୍ୟାୟର ଘଟଣା । ଏହି ସବୁକିଛିକୁ ଏକାଧିକ କାରଣରୁ ମୁଖ୍ୟତଃ ଏକ ସାମୟିକ ଉତ୍ସାହରୁ ପ୍ରସୂତ ଏକ ସାମୟିକ କାର୍ଯ୍ୟକ୍ରମ ବୋଲି କୁହାଯାଇ ପାରିବ । କୃଷକ ଆନ୍ଦୋଳନ ଲାଗି ଦେଖା ଯାଇଥିବା ଉତ୍ସାହଟିକୁ ମଧ୍ୟ ସେହିପରି ଏକ ସାମୟିକ ଦାୟିତ୍ୱବୋଧର ତାଡ଼ନାରୁ ଜାତ ହୋଇଥିବା ଏକ ଘଟଣା ବୋଲି କୁହାଯିବ । ଜାତୀୟ ସ୍ୱାଧୀନତାର ଆନ୍ଦୋଳନରେ କୃଷକମାନଙ୍କୁ ସାମିଲ୍ କରାଯାଇଥିଲା ସତ, ମାତ୍ର ସେମାନଙ୍କୁ ସେହି ଆନ୍ଦୋଳନରେ କାମରେ ଲଗାଇବାକୁ ହୁଏତ ସାମିଲ କରାଯାଇଥିଲା । କୃଷକକୁ ଏକ ଶକ୍ତିରୂପେ ଗଠନ କରିବା ଲାଗି ସାମିଲ କରାଯାଇ ନଥିଲା । ନେତା-ମାନେ ଏପରି ଧାତୁରେ ତିଆରି ହୋଇଥିଲେ ଯେ, ଶକ୍ତିଗୁଡ଼ିକ କେବଳ ସେହିମାନଙ୍କ

Digitized by srujanika@gmail.com

ପାଖରେ ଠୁଳ ହୋଇ ରହିବା ବ୍ୟତୀତ ପ୍ରକୃତରେ ଆଉ କୌଣସି ଗତି ନଥିଲା ସମ୍ଭବତଃ ମୂଳରୁ ଏହି କୌଶଳଟିକୁ ଅବଲମ୍ବନ କରାଯାଇ ଆସିଥିବାରୁ ଏବେ ସ୍ୱାଧୀନତାର ଗୋଟାଏ ପୁରୁଷ ଅତିକ୍ରାନ୍ତ ହୋଇ ଯାଇଥିବା ପରେ ମଧ୍ୟ ଭାରତବର୍ଷର କୃଷକ ତଥାପି ଏକ ସଚେତନ ସଂଗ୍ରାମୀ ଶ୍ରେଣୀରୂପେ ଠିଆ ହୋଇ ପାରିନାହିଁ । ଭାରତରେ କୃଷକ ଆନ୍ଦୋଳନର ନେତାମାନେ କୃଷକ ନଥିଲେ, ସେମାନେ ଆହୁରି ଅନେକ ଜାଗାରେ ରାଜନୀତି କରୁଥିଲେ । ସତେଅବା ପ୍ରୟୋଜନବଶତଃ ସମୟେ ସମୟେ କୃଷକମାନଙ୍କର ପାଖକୁ ଥରେ ଅଧେ ମାଡ଼ି ଆସୁଥିଲେ । କାମ ସରିବା ପରେ ଆପଣାର ଅସଲ ନୀଡ଼ଗୁଡ଼ିକୁ ବାହୁଡ଼ି ଯାଉଥିଲେ । ଭାବପ୍ରବଣତାର ଭୂମିରେ ସେମାନେ କୃଷକମାନଙ୍କ ତରଫରେ ଅବଶ୍ୟ ରହୁଥିଲେ । କୃଷକର ହିତ ଲାଗି ଭୂମିସଂସ୍କାରର କ୍ଷେତ୍ରରେ ବ୍ୟକ୍ତ କରାଯାଇଥିବା ଯାବତୀୟ ସହାନୁଭୂତି ଏହି ଦେଶରେ ଏବେ ମଧ୍ୟ ପ୍ରଧାନତଃ ସେହି ଭାବପ୍ରବଣତାର ସ୍ତରରେ ରହିଛି । କୃଷକ ଏକ ସଚେତନ ରାଜନୀତିକ ଶକ୍ତିରେ ପରିଣତ ହୋଇଥିଲେ ସେପରି କଦାପି ହୋଇନଥାନ୍ତା । ୧୯୨୮ ମସିହାରେ ଜବାହରଲାଲଙ୍କର ଏକ ପତ୍ରର ଉତ୍ତର ଦେଇ ମହାତ୍ମା ଗାନ୍ଧୀ ଲେଖିଥିଲେ ଯେ, ଭବିଷ୍ୟତରେ ଭାରତବର୍ଷରେ କେବେ ନା କେବେ ଏହି ଦେଶର ଧନୀ ତଥା ମୁଖର ଶିକ୍ଷିତ ସମ୍ପ୍ରଦାୟକୁ ବାଦ୍‌ଦେଇ ଏକ ସଘନ ଜନଆନ୍ଦୋଳନ ଆରମ୍ଭ କରିବା ଲାଗି ସିଏ ମଧ୍ୟ ଜବାହରଙ୍କ ସହିତ ସଂପୂର୍ଣ୍ଣ ଏକମତ; ମାତ୍ର ଗାନ୍ଧିଜୀ ଅଧୀର ତରୁଣମାନଙ୍କୁ ସାନ୍ତ୍ୱନା ଦେଇ କହିଥିଲେ ଯେ ତାହାର ବେଳ ତଥାପି ଆସିନାହିଁ । ତାହାର ବେଳ କେବେ ବି ଆସିଲା ନାହିଁ । ରାଜନୀତିକ ସ୍ୱାଧୀନତା ପରେ ଭାରତୀୟ ରାଜନୀତିକ ନେତୃତ୍ୱର ଚରିତ୍ର ଭିତରେ ଯେଉଁସବୁ ଅଙ୍କାରଗୁଡ଼ି ଆସି ପଶିଲା, ତାହା ଫଳରେ ସେହି ଆନ୍ଦୋଳନକୁ ଆହୁରି ଅଧିକ ପରିହତ କରି ରଖାଗଲା । ଯେଉଁମାନଙ୍କୁ ଏକ ଶକ୍ତିରୂପେ ପରିଣତ କରିଥିଲେ ଯଥାର୍ଥରେ ଏକ ଉନ୍ମୋଚନକାରୀ ଆନ୍ଦୋଳନ ହୋଇ ପାରିଥାନ୍ତା, କେତେ କାରଣରୁ ସେମାନଙ୍କୁ ପଛରେ ଗୌଣ କରି ରଖାଗଲା । ସେମାନେ ପଲ ହୋଇ ପଛରେ ରହିଲେ, ବାବୁମାନଙ୍କର ହିସାବ ଅନୁସାରେ ସଂଗ୍ରାମ ଚାଲିଲା ।

କୃଷକ ଆନ୍ଦୋଳନ ପରେ ଗଡ଼ଜାତ ଆନ୍ଦୋଳନ । ଏଥିରେ କଂଗ୍ରେସ, ସୋସିଆଲିଷ୍ଟ୍ ଏବଂ କମ୍ୟୁନିଷ୍ଟ୍ ସମସ୍ତେ ପଶିଥିଲେ । ଗଡ଼ଜାତର ଅତ୍ୟାଚାରିତ ପ୍ରଜାମାନଙ୍କ ଲାଗି ଏହିସବୁ ମାର୍କାର କୌଣସି ମୂଲ୍ୟ ନଥିଲା । ଅନ୍ୟମାନଙ୍କ ସହିତ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ମଧ୍ୟ ସେଥିରେ ନେତୃତ୍ୱ ଦେଇଥିଲେ. ନେତୃତ୍ୱରେ ଭାଗ ନେଇଥିଲେ । ମାତ୍ର, ଗଡ଼ଜାତର ସାଧାରଣ ମଣିଷକୁ ଏହି ଆନ୍ଦୋଳନରେ ସବା ଆଗରେ ରଖିବା ନିମନ୍ତେ ଏଥିରେ ଖୁବ୍ ବେଶୀ କାର୍ଯ୍ୟକ୍ରମ ନଥିଲା । ସଂଗ୍ରାମୀମାନେ ମୋଗଲବନ୍ଦୀରୁ ଆସି ମାଡ଼ ଖାଇ ପୁଣି ମୋଗଲବନ୍ଦୀକୁ ଚାଲି ଯାଉଥିଲେ । ପ୍ରଜାମାନେ

Digitized by srujanika@gmail.com

ତଥାପି ରାଜାମାନଙ୍କୁ ଆଦର ରଖିବାକୁ ବାଧ୍ୟ ହେଉଥିଲେ । ଏହି ଆନ୍ଦୋଳନ ଗଡ଼ଜାତ ଅନ୍ଧାରର ନିର୍ଜ୍ଜନତାକୁ ହଲାଇ ଦେଇ ଏକ କୋଳାହଳ ସୃଷ୍ଟି କରିବାରେ କେତେକାଂଶରେ ଅବଶ୍ୟ ସମର୍ଥ ହୋଇଥିଲା ସତ, ମାତ୍ର ଗଡ଼ଜାତଗୁଡ଼ାକ ତଥାପି ଗଡ଼ଜାତ ହୋଇ ରହିଗଲେ । ଭାରତ ସ୍ୱାଧୀନ ହେବା ପରେ ମଧ୍ୟ, ବିପ୍ଲବୀମାନଙ୍କ ହାତରେ ନୁହେଁ ପ୍ରତିକ୍ରିୟାଶୀଳ ଅନ୍ୟମାନଙ୍କ ହାତରେ ହିଁ ସେଠାରେ ନେତୃତ୍ୱର ରଜ୍ଜୁଗୁଡ଼ାକ ରହିଗଲା । ଅଳ୍ପ ବହୁତ ପରିମାଣରେ ଏବେ ମଧ୍ୟ ରହିଛି । ଆଇନ୍ କରିହୋଇ ରାଜାମାନଙ୍କର ଚୂଳକୁ ଉଡ଼ାଇ ଦିଆଯିବାର ଏତେବର୍ଷ ପରେ ମଧ୍ୟ ଗଡ଼ଜାତର ଅଧିକ ମଣିଷ ରଜାକୁ ରଜାପରି ହିଁ ଦେଖୁଛନ୍ତି । ପରବର୍ତ୍ତୀକାଳର ନୂଆ ନେତାମାନଙ୍କୁ ମଧ୍ୟ ରଜା ପରି ଆଦର ନେଇଛନ୍ତି । ପ୍ରଜାଶକ୍ତି ପ୍ରଜା ପାଖରେ ଆଦୌ ନାହିଁ । ଗଡ଼ଜାତ ଆନ୍ଦୋଳନ ଯେଉଁମାନଙ୍କୁ ନେତା କଲା, କବି କଲା, ମନ୍ତ୍ରୀ କଲା ଏବଂ ପ୍ରତିନିଧି କରି ଭୁବନେଶ୍ୱରକୁ ପଠାଇଲା, ସେମାନେ ସମସ୍ତେ ପ୍ରଜାଠାରୁ ଦୂରରେ ଯାଇ ଠିଆ ହୋଇଛନ୍ତି,—ସେମାନେ ଯତନନଗରରେ ବାସ କରୁଛନ୍ତି ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ପ୍ରାୟ ରାଜନୀତିକ କ୍ଷେତ୍ରକୁ ଆସିବା ମାତ୍ରକେ ହିଁ ସେଠାରେ କେବଳ ନେତା ହୋଇ ରହିବାର ଦୁର୍ଭାଗ୍ୟକୁ ଭୋଗ କରିଥିଲେ । ଭାରତବର୍ଷର ସାମାଜିକ ଗଢ଼ଣଗୁଡ଼ାକ ଯେଉଁପରି, ସେହି ଦୃଷ୍ଟିରୁ ଏଠାରେ ପ୍ରାୟ କେହିହେଲେ ତଳୁ ଆରମ୍ଭ କରି ଉପରକୁ ଆସନ୍ତି ନାହିଁ । ତଳେ ଥିବା ମଣିଷମାନେ ତଳେ ରହନ୍ତି, କର୍ମୀ ହୁଅନ୍ତି, ବୋଲକରା ହୁଅନ୍ତି; ଅନ୍ୟ ପକ୍ଷରେ, ଯିଏ ନେତା ହେବାର କଥା, ସିଏ ନେତା ହୋଇ ହିଁ କ୍ରୀଡ଼ାଙ୍ଗନ ଭିତରେ ପ୍ରବେଶ କରିଥାଏ । ଏହି ଦେଶରେ ଉପରକୁ ବିପ୍ଳବ ବୋଲି ଘୋଷିତ ହୋଇଥିବା ଏକାଧିକ ଅବସର ସମ୍ଭବତଃ ଏହି କାରଣରୁ ହିଁ ଆଗକୁ ଆସି ଫସରଫାଟି ଯାଇଛି । ଆମର ଏଠି ନେତା ହେବାକୁ ହେଲେ ସମଗ୍ର କ୍ଷେତ୍ରଟିର ସୋପାନଗୁଡ଼ିକୁ ଆଦୌ ଅଙ୍ଗେ ନିଭାଇବାକୁ ପଡ଼େ ନାହିଁ; ତେଣୁ ଆମର ଅଧିକାଂଶ ନେତାଙ୍କୁ ଏହିପରି ଏକ ଅଭାବକୁ ସାଙ୍ଗରେ ନେଇ ଅଗ୍ରସର ହେବାକୁ ପଡ଼େ । ବସ୍ତୁତଃ, ଏହି ଦୁର୍ଭାଗ୍ୟଟି ସକାଶେ ସେମାନେ ମୂଳରୁ ଯେଉଁଠି ଥାଆନ୍ତି, ସବୁକାଳପାଇଁ ପ୍ରାୟ ସେଇଠି ରହିଯାଆନ୍ତି । ଉପରକୁ ଦେଖିବାକୁ ପାଟ ପଛକୁ ଆହୁରି ଅଧିକ ଲମ୍ବର ପାଟ ପିନ୍ଧୁଥାନ୍ତି, ଘୋଡ଼ା ପରେ ଘୋଡ଼ା ଓ ଘୋଡ଼ା ପରେ ହାତୀ ଚଢ଼ିଥାନ୍ତି ସତ, ମାତ୍ର ଭିତରେ ଖଣ୍ଡିଆ ହୋଇ ରହି ଯାଇଥାନ୍ତି । ଏହି ଦୁର୍ଭାଗ୍ୟଟିକୁ ପୃଷ୍ଠଭୂମିରେ ରଖି ଭାରତୀୟ ଯାବତୀୟ ନେତୃତ୍ୱ-ସ୍ଥାନ ଓ ସେଠାରେ ବସିଥିବା ବ୍ୟକ୍ତିମାନଙ୍କର ଆଚରଣ ବିଷୟରେ ଏକ ସମୀକ୍ଷାତ୍ମକ ବିଶ୍ଳେଷଣ ଅବଶ୍ୟ ହୋଇପାରିବ । ନବକୃଷ୍ଣ ଚୌଧୁରୀ ଜମିଦାରର ପୁଅ ଥିଲେ, ଶାନ୍ତିନିକେତନରେ ପାଠ ପଢ଼ିଥିଲେ, ଇଂରାଜୀ ଜାଣିଥିଲେ, ତାଙ୍କର ବଡ଼ଭାଇ ଏଡ଼େବଡ଼ ହାକିମପଦ ତ୍ୟାଗ କରି ଦେଶର ଆନ୍ଦୋଳନରେ ଯୋଗ ଦେଇଥିଲେ;

Digitized by srujanika@gmail.com

ତେଣୁ ପାହାଚ ପାହାଚ ହୋଇ ପାକଳ ହେବାପାଇଁ ଅର୍ଥାତ୍ ପ୍ରକୃତ ଅଭିଜ୍ଞତା ଲାଭ କରି ତଳୁ ଉପରକୁ ଆସିବାଲାଗି ସିଏ ପ୍ରକୃତରେ ଯଥେଷ୍ଟ ସୁଯୋଗ ପାଇନଥିଲେ । ଆପଣାର କ୍ଷେତ୍ରଗୁଡ଼ିକ ସହିତ ପ୍ରଧାନତଃ ଏକ ଭାବପ୍ରବଣ ଆକର୍ଷଣ ହିଁ ତାଙ୍କୁ ସେଗୁଡ଼ିକ ସଙ୍ଗେ ଗଅଁଠାଇ ରଖିଥିଲା । ଆଦର୍ଶବାଦ କହିଲେ ଆମ ଦେଶରେ ଅନ୍ତତଃ ଆମ ଦେଶର ନେତାମାନଙ୍କ ପାଇଁ କେବଳ ଏଇଥିରୁ ଗୁଡ଼ାଏ ବ୍ୟତୀତ ଆଉ ଅଧିକ କିଛି କ୍ୱଚିତ୍ ବୁଝାଇଥାଏ ।

'ଭାରତ ଛାଡ଼' ଆନ୍ଦୋଳନ ବେଳକୁ ଆପଣାର ସମକକ୍ଷ ଅନ୍ୟମାନଙ୍କ ସହିତ ଶ୍ରୀ ନବକୃଷ୍ଣ ଚୌଧୁରୀ ନେତୃତ୍ୱସ୍ଥାନୀୟମାନଙ୍କ ଭିତରେ ଗଣାହୋଇ ସାରିଥିଲେ, ତେଣୁ କାର୍ଯ୍ୟତଃ ଆଦୌ କିଛି ଆଚରଣ କରିବା ପୂର୍ବରୁ ସରକାର ତାଙ୍କୁ ଧରିନେଲେ । ଏମାନଙ୍କୁ ସ୍ୱତନ୍ତ୍ର ସମ୍ମାନ ସହିତ ଅଟକବନ୍ଦୀ ବୋଲି କୁହାଯାଉଥିଲା । ବନ୍ଦୀମାନଙ୍କ ମେଳରେ ମଧ୍ୟ ସେମାନେ ତଥାପି ସ୍ୱତନ୍ତ୍ର, ତେଣୁ ଅଧିକ ଯତ୍ନ ଓ ସେବାର ଯୋଗ୍ୟ ହୋଇ ରହୁଥିଲେ । ଅନ୍ୟ ରାଜନୈତିକ ବନ୍ଦୀମାନେ ମଧ୍ୟ ଏହି ତାରତମ୍ୟଟିକୁ ସ୍ୱାଭାବିକ ବୋଲି ମାନି ନେଉଥିଲେ । ରାଜନୈତିକ ସ୍ୱାଧୀନତାର ତାଳଗଛଟି ଗହୀର ସେପାଖରୁ ଦୃଶ୍ୟ ହୋଇ ଆସିବା ପରେ ଯାଇ ଅଟକବନ୍ଦୀମାନେ ଜେଲରୁ ଖଲାସ ହୋଇ ଆସିଲେ । ତାହାର ଅଳ୍ପ କେତେଦିନ ପରେ ନିର୍ବାଚନ ହୋଇଗଲା, ସତେଅବା କୌଣସି ଏକ ବାହାଘରର ବନ୍ଦୋବସ୍ତ କରିବା ପରେ ନେତାମାନେ ତଥିଟିକୁ ଆଖିଆଗରେ ରଖି ପ୍ରସ୍ତୁତ ହେବାକୁ ଲାଗିଲେ । ଇଂରେଜମାନେ ହଟିଯିବା ପରେ ନିଖୁଣ ଭାବରେ ସବୁକଥାକୁ ସେହିପରି ରଖି ଗଞ୍ଜାଟିର ମାଲିକ ହେବାକୁ ପ୍ରସ୍ତୁତ ହୋଇଗଲେ । ସ୍ୱାଧୀନତା ଆସିଲା, ତା'ପରେ ଦିଲ୍ଲୀରେ ସଭା ମଣ୍ଡାହୋଇ ସମ୍ବିଧାନ ଗଢ଼ାଗଲା । ନିର୍ବାଚନ ଏବଂ ସିଂହାସନ ଆରୋହଣ ଗୁଡ଼ାକ ବିଷୟରେ ଗୋଟି ଗୋଟି ହୋଇ ଫଇସଲା ହୋଇଗଲା । ସମସ୍ତେ ଆପଣା କଳ୍ପନାର କଦଳୀଗଛରେ ନୂଆ ଭଣ୍ଡା ପଡ଼ିଥିବାର ସ୍ୱପ୍ନ ଦେଖିଲେ । ଜନତା ବା ଜନଶକ୍ତିର କଥା ଆଉ କାହାରି ମନେ ରହିଲା ନାହିଁ । ସ୍ୱାଧୀନତା ପରେ ଦେଶରେ ଯେଉଁ ଉତ୍ସାହ ତଥା ଉଦ୍‌ବେଳନ ଦୃଷ୍ଟିଗୋଚର ହୋଇଥିଲା ତାହାକୁ ଏକ ଶକ୍ତିରେ ପରିଣତ କରି ଦେଶର ଭାଗ୍ୟକୁ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ ବୈପ୍ଳବିକ ସମଗ୍ର ପରିବର୍ତ୍ତନର ପଥରେ ହୁଏତ ଆଗକୁ କେତେ ପାହାଚ ପରିଚାଳିତ କରି ନିଆଯାଇ ପାରିଥାନ୍ତା । ମାତ୍ର କ୍ଲାନ୍ତ ସାଆନ୍ତମାନେ ତେଣିକି ମନ ଦେବାକୁ ଆଉ ପ୍ରାକ୍ଟିକାଲ୍ ପଲିଟିକ୍ସ ବୋଲି ମନେ କଲେ ନାହିଁ । ଆପେ କରି ଆସିଥିବା ଯାବତୀୟ ଆନ୍ଦୋଳନକୁ ସତେଅବା ସାର୍ଟିଫିକେଟ୍ ରୂପେ ବ୍ୟବହାର କରି ସେମାନେ ନିର୍ବାଚନର ନୂଆଁଘୁଗଟି ଭିତରକୁ ଡେଇଁ ପଡ଼ିଲେ । ଆଉ ଫେରି ଆସି ପାରିଲେ ନାହିଁ । ଏବେ ମଧ୍ୟ ଫେରିନାହାନ୍ତି । ଆଉ କିଏ ଫେରିବ ଫେରୁ ପଛକେ, ମାତ୍ର ସେମାନେ କେବେ-

Digitized by srujanika@gmail.com

ହେଲେ ଫେରବେ ନାହିଁ ବୋଲି ଆପଣାର ଭୃତ୍ୟ ପାଖରେ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି । ବୁଦ୍ଧିମାନ୍ ମଣିଷ କେବଳ ତାହାହିଁ କରିଥାଏ ।

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ସ୍ୱାଧୀନ ଭାରତବର୍ଷର ପ୍ରଥମ ନିର୍ବାଚନରେ ହିଁ ପ୍ରାର୍ଥୀ ହୋଇ ଛିଡ଼ାହୋଇଥିଲେ, ବିଧାନସଭାକୁ ଗଲେ ଏବଂ ପ୍ରଥମ ଖେପାରେ ହିଁ ବଡ଼ମାଛମାନଙ୍କ ସହିତ ଏକାଠି ଗୁନ୍ଥା ହେଲେ, ମନ୍ତ୍ରୀ ହୋଇ ରହିଲେ । କୃଷକ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ ଏବଂ ଏପରିକି ସୋସିଆଲିଷ୍ଟ୍ ଆନ୍ଦୋଳନ ମଧ୍ୟ ପଛରେ ପଡ଼ିରହିଲା । ଶ୍ରୀଯୁକ୍ତ ଚୌଧୁରୀ ଏସବୁ ବିଷୟରେ ଏଣିକି ଆହୁରି ଅଧିକ ଅଧ୍ୟୟନ କଲେ, ବହି ପଢ଼ିଲେ; ମାତ୍ର ସରକାର ହେଲେ । ଉକ୍ତ ଆନ୍ଦୋଳନମାନ ପ୍ରଧାନତଃ ଯାହା ବିରୁଦ୍ଧରେ ଉଦ୍ଦିଷ୍ଟ ହୋଇ ରହିଥାନ୍ତା, ସିଏ ସେହିମାନଙ୍କର ପକ୍ଷରେ ରହିଲେ । ମହାତ୍ମା ଗାନ୍ଧୀ ଭାରତବର୍ଷ ସ୍ୱାଧୀନ ହେବା ପରେ ଯେଉଁ ଜାତୀୟ କଂଗ୍ରେସକୁ ଭାଙ୍ଗିଦେବାକୁ କହିଥିଲେ, ସିଏ ସେହି କଂଗ୍ରେସ ଭିତରେ ରହିଲେ, ଏକାବେଳେକେ ଜ୍ୟେଷ୍ଠର ଆସନରେ ଯାଇ ଆସୀନ ହେଲେ । କ୍ଲାନ୍ତ ଓ ତେଣୁ କ୍ଷମତାକାମୀ ଅନେକ କଂଗ୍ରେସ ମନ୍ତ୍ରୀ ଓ ନେତାଙ୍କ ଆଖିରେ ଗାନ୍ଧୀ ସେତେବେଳେ ସତେଅବା ଜଣେ ପାଲୁଆ ଅଜା ପରି ଦିଶୁଥିଲେ । ଶ୍ରୀ ନବକୃଷ୍ଣ ଚୌଧୁରୀ ଗାନ୍ଧିଜୀ ତାଙ୍କ ଜୀବନର ଶେଷ ଛଅମାସ ଲେଖିଥିବା ଲେଖାଗୁଡ଼ିକ କ'ଣ ସେତେବେଳେ ପଢ଼ିନଥିଲେ ? ତେଣୁ, ସେ ସେଗୁଡ଼ିକ ସତ୍ତ୍ୱେ ଯେ ଅନ୍ୟ ଅଧିକ ଆଖିଦୃଶିଆ କଥାଟିକୁ ବାଛିନେଲେ, ଲୋକ ସେବକ ନହୋଇ ରାଜସେବକ ହିସାବରେ ହିଁ ସିଏ ଯେ ଲୋକ-ମାନଙ୍କର ସେବା କରି ପାରିବେ ବୋଲି ନିଷ୍ପତ୍ତି କଲେ, ତାହା କ'ଣ ସେତେବେଳେ ତାଙ୍କର ବିବେକକୁ ଆଦୌ ଦଂଶନ କରିନଥିବ ? ମାତ୍ର ସେହିଦିନଠାରୁ ଶ୍ରୀଯୁକ୍ତ ଚୌଧୁରୀ ଆପଣା ଭିତରେ ସତେଅବା ଦୁଇଭାଗରେ ବିଭକ୍ତ ହୋଇ ରହିଲେ, ସେହି ଉଭୟ ଭାଗରେ ପାରସ୍ପରିକ ଦ୍ୱନ୍ଦ୍ୱ, ତଜ୍ଜନିତ କଳହ ଓ ତଜ୍ଜନିତ ଏକ ମର୍ମନ୍ତୁଦ ଗ୍ଲାନି ମଧ୍ୟରେ ପ୍ରାୟ ଶେଷ ପର୍ଯ୍ୟନ୍ତ ସନ୍ତାପିତ ହୋଇ ରହିଲେ । ଯେଉଁ ବାଟରେ ଯିବେ ବୋଲି ହୃଦୟ ଭିତରୁ ସର୍ବାଧିକ ସମର୍ଥନ ପାଉଥିଲେ, ସେବାଟରେ ମୋଟେ ଯାଇପାରିଲେ ନାହିଁ; ଯେଉଁ ବାଟରେ ଓ ଯେଉଁ ଜନ୍ତୁମାନଙ୍କ ସହିତ ଗୋଟିଏ ଗୋଷ୍ଠୀର ହୋଇ ବାଟ ଚାଲିବାଲାଗି ହୁଏତ ତାଙ୍କର ସବୁଠାରୁ ଅଧିକ ଅରୁଚି ରହିଥିଲା, ସେହି ତାଙ୍କର ମଧ୍ୟରେ ରହିଥିବା କୌଣସି ଆଉ ଏକ ରହସ୍ୟର ଚକ୍ରାନ୍ତରେ ପଡ଼ି ସିଏ ସେହିମାନଙ୍କ ସହିତ ଯାଇ ବାନ୍ଧିହୋଇ ଯାଉଥିଲେ । ଏହି ଦାରୁଣ ବିଡ଼ମ୍ବନା ତାଙ୍କୁ ପ୍ରାୟ ନିଜ ସଂକ୍ଷିପ୍ତ ଜୀବନର ଶେଷଯାଏ ଭୋଗ କରିବାକୁ ପଡ଼ିଥିଲା । ଆପଣାର ଅସଲ ରାଜନୀତିକ ଧର୍ମଟି ସହିତ ଟିକିଏ ଅଧିକ ସଜ୍ଞାନତା ରହିଥିଲେ ସ୍ୱାଧୀନ ଭାରତରେ ସିଏ ଅନ୍ତତଃ ବିରୋଧୀମାନଙ୍କ ପକ୍ଷରେ ରହିଥାନ୍ତେ; ତଥାପି ସିଏ ତାହା

Digitized by srujanika@gmail.com

କର ପାରଲେ ନାହିଁ । ସବଦା ସରକାରୀ ପକ୍ଷରେ ରହିଥିଲେ । ଏସବୁ ଆତ୍ମବରୋଧର ମାତ୍ର ଦଶବର୍ଷ ପରେ ସିଏ ଯେତେବେଳେ ସରକାରଙ୍କର ଉଗ୍ର ବିରୋଧୀ ହେଲେ, ସେତେବେଳେ ପଛକୁ ଅନାଇ ଆପଣାର ତତ୍କାଳୀନ ଭୂମିକାଟି ଉପରେ ଦୃଷ୍ଟିପାତ କର ସିଏ ହୁଏତ କେତେଥର ନିଜକୁ ହସିଥିବେ, ଆପଣାର ସେହି ଅନ୍ୟ ଆଚରଣଟା ଉପରେ କେତେ ଚଡ଼ଚଡ଼ ହୋଇଥିବେ ।

ମହାତ୍ମା ଗାନ୍ଧୀଙ୍କର ମୌଳିକ ଶିକ୍ଷାର ବଗ୍ରର ୧୯୩୭ ମସିହାରୁ । ସ୍ୱାଧୀନତା ପରେ ଓଡ଼ିଶାରେ ଯେଉଁ କଂଗ୍ରେସ ମନ୍ତ୍ରୀମଣ୍ଡଳ ତିଆରି ହୋଇଥିଲା, ତାହା ଏକ ଅହେତୁକ ଉତ୍ସାହରେ ମୌଳିକ ଶିକ୍ଷାକୁ ମଧ୍ୟ ଗାନ୍ଧୀଗୋଦାମରୁ କିଣିଆଣି ସରକାରୀ କରିବାକୁ ଇଚ୍ଛା କରିଥିଲା । ମୌଳିକ ଶିକ୍ଷାକୁ ଏକ ନୂତନ ଶିକ୍ଷାପ୍ରେରଣା ବୋଲି ବୁଝୁଥିବାରୁ ଯେ ସରକାରୀ ନୂଆ ଖାମିନ୍ଦମାନେ ତା'ପ୍ରତି ଆଗ୍ରହ ଦେଖାଇଥିଲେ, ସେକଥା ଆଦୌ ଠିକ୍ ନୁହେଁ । ଏହାକୁ ସେମାନେ ହୁଏତ ଗାନ୍ଧିଜୀଙ୍କଦ୍ୱାରା ପ୍ରବର୍ତ୍ତିତ ଗୋଟିଏ ନୂଆ କିସମର ଶିକ୍ଷାବିଗ୍ରହ ବୋଲି ବୁଝିଥିଲେ ଓ ଗାନ୍ଧିଜୀଙ୍କ ପ୍ରତି ରହିଥିବା ସେମାନଙ୍କର ଅନୁରକ୍ତିକୁ ଏକ ଆଖିଦୃଶିଆ ପ୍ରମାଣ ଦେବାଲାଗି ଏହାକୁ ସରକାରୀ ପାଲିସିରୂପେ ଗ୍ରହଣ କରିଥିଲେ ଏବଂ ସରକାରୀ ନିୟମଖାନାର ଯାବତୀୟ ନିହାଣ ଓ ବାଟସି ନେଇ ତା' ଭିତରେ ଯାଇ ହାବୁଡ଼ିଥିଲେ । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଠିକ୍ ସେତିକବେଳେ ମନ୍ତ୍ରୀମଣ୍ଡଳରେ ନଥାନ୍ତି । ସରକାରଙ୍କ ତରଫରୁ ଏହି ନୂତନ କାର୍ଯ୍ୟକ୍ରମଟିକୁ ସମୃଦ୍ଧ କରିବା ଲାଗି ସିଏ ସ୍ୱେଚ୍ଛାପ୍ରଣୋଦିତ ହୋଇ ସାରା ଓଡ଼ିଶାର ମୌଳିକଶିକ୍ଷା ସଂଗଠକରୂପେ ଆପଣାକୁ ଅଧିଷ୍ଠିତ କରିଥିଲେ । କଥିତ ଅଛି, ଗାନ୍ଧିଜୀଙ୍କ ଆଶ୍ରମ ସେବାଗ୍ରାମରେ ମୌଳିକ ଶିକ୍ଷାର ପ୍ରୟୋଗ କରୁଥିବା ଉତ୍ସାହୀ କର୍ମୀମାନେ ତାଙ୍କୁ ସେଥିପାଇଁ କରିବାଲାଗି ପ୍ରବର୍ତ୍ତନା ଦେଇଥିଲେ । ସ୍ୱାଧୀନ ଭାରତର ନୂତନ ସରକାର ଆଉ ଯାହା କରିବ ପଛକେ, ସିଏ ଯେ ଗାନ୍ଧୀଙ୍କର ମାର୍ଗରେ ମୋଟେ ଚାଲିବ ନାହିଁ, ଭାରତବର୍ଷରେ ସେତେବେଳକୁ ସେକଥା ଯଥେଷ୍ଟ ପରିମାଣରେ ପରିଷ୍କାର ହୋଇ ଯାଇଥିଲା । ଏକ ଲୋକହିତୈଷୀ ପୁଞ୍ଜିବାଦପ୍ରଧାନ ସମାଜକୁ ଦୃଢ଼ଭିତ୍ତି କରି ଥାପନା କରିବା,—ସରକାରଙ୍କର ଅର୍ଥନୈତିକ ଓ ସାମାଜିକ ଆଦର୍ଶ ସେତିକଠାରୁ ବେଶି ଆଗକୁ ଯିବାପାଇଁ ଆଦୌ ପ୍ରସ୍ତୁତ ନଥିଲା । ସ୍ୱାଧୀନ ଭାରତର ଶାସକ ନେତାମାନଙ୍କ ଭିତରେ ନାନା ଅନ୍ୟ ବୃହଦାକାଙ୍କ୍ଷାଗୁଡ଼ିକର ଦାଉରେ ଗାନ୍ଧୀମାର୍ଗ ପ୍ରତି ଏକଦା ରହିଥିବା ସେମାନଙ୍କର ଅନୁରକ୍ତି ଯେ କ୍ରମଶଃ ଗୌଣ ହେବାରେ ଲାଗିଛି, ସ୍ୱୟଂ ଗାନ୍ଧୀ ସ୍ୱାଧୀନ ଭାରତରେ ବଞ୍ଚିଥିବା ତାଙ୍କର ସେହି ଅଳ୍ପ କେତୋଟି ସପ୍ତାହ ଭିତରେ ମଧ୍ୟ ଯଥେଷ୍ଟ ପରିମାଣରେ ସେହି କଥାଟିକୁ ସ୍ପଷ୍ଟ କରି କହି ଦେଇଥିଲେ । ତଥାପି ଶ୍ରୀ ନବକୃଷ୍ଣ ଚୌଧୁରୀ ହୁଏତ ସକଳ ନିଷ୍ଠାର ସହିତ ସରକାରୀ ଶିକ୍ଷାଗୃହକର ମଧ୍ୟରେ

Digitized by srujanika@gmail.com

ପଶିଥିଲେ ଓ ହୁଏତ ତାଙ୍କର ବେଳୁ ହିଁ ମୌଳିକଶିକ୍ଷାର ଅସଲ ଗୋଡ଼ଗୁଡ଼ିକ ଗୋଦରା ହେବାକୁ ଆରମ୍ଭ କଲେ । ସୌଭାଗ୍ୟର କଥା, ଶ୍ରୀ ଚୌଧୁରୀଙ୍କୁ ସେହି ଗୃହକାରରେ ଗୁଡ଼ାଏ ସମୟ ରହିବାକୁ ହୋଇନଥିଲା । ସିଏ ଚିରଦିନ ଲାଗି ଅଙ୍ଗୀକାରବଦ୍ଧ ହୋଇ ଇଚ୍ଛା ସେଇଠିକରେ ରହିବେ ବୋଲି ତା'ଭିତରେ ଥିଲାବେଳେ ହୁଏତ କଦାପି ଭାବି-ନଥିଲେ । ତେଣୁ, ମାତ୍ର ଅଳ୍ପ କେତେମାସ ପରେ ସିଏ ସେଠୁ ବାହାରି ଆସି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ ।

ଭାରତୀୟ ରାଜନୀତିକ ଜୀବନର ଇତିହାସରେ ଏପରି କରିବା ଆଦୌ ଏକ ନୂତନ ବସ୍ତୁ ନୁହେଁ । ଭାରତ ସରକାରଙ୍କର ଗୋଷ୍ଠୀ-ଉନ୍ନୟନ ବିଭାଗରେ ସିଏ ସର୍ବପ୍ରଥମ ମନ୍ତ୍ରୀ ହେଲେ, ତା'ପୂର୍ବରୁ ସିଏ ପଞ୍ଜାବର ଗୋଟିଏ ଉନ୍ନୟନ ବ୍ଲକ୍‌ରେ ସାରାଦେଶକୁ ମଡ଼େଲ୍ ଦେଖାଇବା ସକାଶେ ଉନ୍ନୟନ ଅଧିକାରୀରୂପେ କାର୍ଯ୍ୟ କରିବାକୁ ଯାଇଥିଲେ । ଏକଦା ଶ୍ରୀ ଜୟପ୍ରକାଶ ନାରାୟଣ ମଧ୍ୟ ପାଟନା ସହର ଛାଡ଼ି ମୁଙ୍ଗେର ଜିଲ୍ଲାର ଗୋଟିଏ ଗାଆଁରେ ଜଣେ ସାଧାରଣ କର୍ମୀ ହୋଇ ରହିବାକୁ ଯାଇଥିଲେ । ଏକାବେଳେକେ ତଳେ ରହି ବିଚରା ମଣିଷମାନଙ୍କୁ କାବୁ କରିଥିବା ଦୁଷ୍ଟ ଶାସନକଳ ଓ ତାକୁ ଚଳାଉଥିବା ହାକିମମାନଙ୍କର ସମ୍ମୁଖୀନ ହେବାପାଇଁ ସେ ଏକ ସାଧାରଣ ବିବୃତି ଦେଇ ନିଜର ଏହି ଘୋଷଣାଟି କରିଥିଲେ । ଲୋକନାୟକ ମୋଟେ ଛଅଟା ମାସ ବି ସେହି ଗାଆଁରେ ରହି ପାରିଲେ ନାହିଁ । ତାଙ୍କର ଦୈବ ତାଙ୍କୁ ପୁନର୍ବାର ସର୍ବଭାରତୀୟ ରାଜନୀତି ଓ ସ୍ୱଧର୍ମଗତ ଜୀବନ ମଧ୍ୟକୁ ଟାଣିନେଇ ଆସିଥିଲା । ସରକାର ମୌଳିକ ଶିକ୍ଷାକୁ ପୋଷି ଆଣିବା ପରେ ତାହାର ମହତ ଗଲା; ସରକାରୀ ଅନୁଗ୍ରହ ଅର୍ଥାତ୍ ଦୌରାତ୍ମ୍ୟ ଭିତରେ ପଡ଼ି ତାହାର ସକଳ ସମ୍ଭାବନା ଅନ୍ତର୍ହିତ ହୋଇଗଲା ଓ ବଡ଼ପୁରୁଷମାନଙ୍କର ହାବୁଡ଼ରେ ପଡ଼ି ତାହା କ୍ରମେ ଅଲକ୍ଷଣରୁ ଆହୁରି ଅଲକ୍ଷଣା ହେଲା । "ମୋ' ମତରେ ଶିକ୍ଷା ସମ୍ପୂର୍ଣ୍ଣଭାବେ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହେବା ଉଚିତ",—ଏକଥା ଶ୍ରୀ ନବକୃଷ୍ଣ ଚୌଧୁରୀ ଅନେକ ବର୍ଷ ପରେ ସରକାର ଭିତରେ ନଥିଲାବେଳେ କହିଥିଲେ । ମାତ୍ର, ସରକାର ଭିତରେ ସବା ଉଚ୍ଚ ଥାନରେ ବସିଥିବା ସମୟରେ ହୁଏତ ସେ ସେକଥା ଭାବୁନଥିଲେ । ଅଥବା, ବ୍ୟକ୍ତିଗତ ଭାବରେ ଭାବୁଥିଲେ ମଧ୍ୟ ସେହି ଅନୁସାରେ କାର୍ଯ୍ୟ କରିବାକୁ ଓ କଥା କହିବାକୁ ହୁଏତ ନିଜକୁ ଅସମର୍ଥ ମଣୁଥିଲେ କିମ୍ବା ଅତ୍ୟାବଶ୍ୟକ ବୋଲି ଭାବୁ ନଥିଲେ । କେବଳ ମୌଳିକ ଶିକ୍ଷା ନୁହେଁ, ଶିକ୍ଷାର ସମଗ୍ର ସ୍ଥିତି କ୍ରମଶଃ ଯେଉଁ ହୀନ ତାମସାରେ ପରିଣତ ହୋଇଛି, ସେଥିରେ ଦାୟୀ ହେବାର କ୍ଷେତ୍ରରେ ସରକାରୀ ଭାଗଟି ମଧ୍ୟରେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କର ମଧ୍ୟ ନିଶ୍ଚୟ ଏକ ଅଂଶ ରହିଛି । ଅଶ୍ୱତ୍ଥାମାଙ୍କୁ ମାରିବାରେ ରାଜା ଯୁଧିଷ୍ଠିରଙ୍କର ମଧ୍ୟ ଏକ ଭାଗ ଅବଶ୍ୟ ରହିଥିଲା ।

Digitized by srujanika@gmail.com

ଓଡ଼ିଶାରେ ଭୂଦାନର ଗଙ୍ଗା ବହୁଥିବା ସମୟରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଓଡ଼ିଶା ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ । ଆଚାର୍ଯ୍ୟ ବିନୋବା କହୁଥିଲେ ଯେ, ସିଏ ଲୋକ-ମାନଙ୍କଠାରୁ ଭୂମି ମାଗିବାକୁ ଆସିନାହାନ୍ତି, ଶକ୍ତି ମାଗିବାକୁ ଆସିଛନ୍ତି । ରାଜଶକ୍ତିର ସମ୍ମୁଖରେ ଲୋକଶକ୍ତିର ଉଦ୍‌ବୋଧନ ଏବଂ ତାହାରି ଦ୍ୱାରା ଏକ ନୂତନ ମୂଲ୍ୟ ଓ ନୂତନ ସମାଜର ଭିତ୍ତିସ୍ଥାପନ,—ଏହାହିଁ ଭୂଦାନଯାତ୍ରାର ଅସଲ ଆବେଦନ ଥିଲା । ରାଜ୍ୟର ମୁଖ୍ୟମନ୍ତ୍ରୀ ହିସାବରେ ଶ୍ରୀ ଚୌଧୁରୀ ଏହି ଆନ୍ଦୋଳନକୁ ସ୍ୱାଗତ କରିଥିଲେ । ମାତ୍ର ଯୁଗପତ୍ ଭାବରେ ସରକାର ଏବଂ ସର୍ବୋଦୟର କଥା କହି ସେ ଅନ୍ତତଃ ସର୍ବୋଦୟ ଲାଗି ଅନେକ ବିଡ଼ମ୍ବନା ସୃଷ୍ଟି କରିବାରେ ନିମିତ୍ତ ହୋଇଥିଲେ । ଗାଦୀ ସହିତ ଲଢ଼େଇ କରିବାକୁ ବାହାରିଥିବା ଲୋକମାନେ ଯେତେବେଳେ ଗାଦୀର ଅନୁଗ୍ରହମଣ୍ଡଳ ଭିତରେ ଆସି ପଶି ଯାଇଛନ୍ତି, ସେତେବେଳେ ଗାଦୀର ହିଁ ବିଜୟ ହୋଇଛି ଏବଂ ବିପ୍ଳବୀ-ମାନଙ୍କର ଅସଲ ବ୍ୟାକୁଳତାଗୁଡ଼ିକ କ୍ରମେ ନଷ୍ଟପ୍ରଭ ଓ ମଳିନ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଭୂଦାନ ଏବଂ ସର୍ବୋଦୟର ଆଗ୍ରହୀ ହେବାକୁ ଆପଣାର ଜୀବିକାରାଜ୍ୟଟିକୁ ହିଁ ଏକମାତ୍ର ରାଜ୍ୟ ବୋଲି ଗ୍ରହଣ କରିଥିବା କେତେ କେତେ ହାକିମ ଓ ଅମଲା ସେତେ-ବେଳେ କପଟ କରି ମୁଖ୍ୟମନ୍ତ୍ରୀଙ୍କର ଏହି କାର୍ଯ୍ୟଟି ପାଇଁ ମଧ୍ୟ ଶ୍ରଦ୍ଧା ଦେଖାଇଥିଲେ । ଯେ କୌଣସି ବିପ୍ଳବ ଅମଲାମାନଙ୍କ ହାତରେ ପଡ଼ିଲେ ଯେଉଁ ଦଶା ହୁଏ, ଓଡ଼ିଶାରେ ସେତେବେଳେ ଅନେକ ସମୟରେ ସେହିପରି ହେଉଥିଲା । ସର୍ବୋଦୟ ଏବଂ ସରକାର ମଧ୍ୟରେ କୌଣସି ପାର୍ଥକ୍ୟ ଅଛି କି ନାହିଁ, ସାଧାରଣ ମଣିଷମାନେ ସେକଥା ନେଇ ଭାରି ଦ୍ୱନ୍ଦ୍ୱରେ ପଡ଼ୁଥିଲେ । ସର୍ବୋପରି, ବର୍ତ୍ତମାନର ସମାଜ ଓ ତାହାର ପ୍ରତିନିଧିତ୍ୱ କରୁଥିବା ସରକାରର ସ୍ୱୀକୃତ ମିଥ୍ୟାଗୁଡ଼ାକୁ ଭାଙ୍ଗି ସର୍ବୋଦୟ ଓ ଭୂଦାନ ଯେ ଏକ ନୂତନ ଆଭିମୁଖ୍ୟର ଅବତାରଣା କରିବାକୁ ଯାଉଛି, ସେହି କଥାଟିକୁ ହଜମ କରିବା ସେମାନଙ୍କ ପକ୍ଷରେ ଭାରି କଷ୍ଟକର ହେଉଥିଲା । ମୁଖ୍ୟମନ୍ତ୍ରୀ ସର୍ବୋଦୟର ପକ୍ଷ ନେବାରୁ ସର୍ବୋଦୟର ନେତାମାନେ କ୍ରମେ ସରକାରୀ ବାବାଜୀଙ୍କ ପରି ଦେଖାଗଲେ, ସରକାରୀ ବାବାଜୀଙ୍କର ମର୍ଯ୍ୟାଦା ପାଇଲେ । ମାତ୍ର ତାହା ଅସଲ ପ୍ରେରଣାଗୁଡ଼ାକୁ ହୁଏତ ଶୀତଳ କରିଦେବାରେ ଭାରି ସାହାଯ୍ୟ କରିଥିଲା । ବିପ୍ଳବ ମାଡ଼ ଖାଇଗଲା । ଏକ ଦୂର ଅତୀତରେ ରୋମ୍‌ସମ୍ରାଟ କନ୍‌ଷ୍ଟାଣ୍ଟାଇନ୍ ସ୍ୱୟଂ ଖ୍ରୀଷ୍ଟଧର୍ମ ଗ୍ରହଣ କଲାପରେ ଖ୍ରୀଷ୍ଟଧର୍ମର ଅସଲ ଜ୍ୟୋତିଗୁଡ଼ିକ ଯେପରି ନିଭି ନିଭି ଯାଇଥିଲା, ରାଜା ଅଶୋକ ବୌଦ୍ଧଧର୍ମର ମହାପାଳକ ବୋଲି ନିଜକୁ ଘୋଷଣା କରିବା ପରେ ଭାରତବର୍ଷରେ ବୌଦ୍ଧଧର୍ମର ମୂଳ ପ୍ରେରଣାଟିର ଯେପରି ଶିରା ତୁଟି ଯାଇଥିଲା, ଇଏ ପ୍ରାୟ ସେହିପରି ହେଲା । ସରକାରର ତ ହୃଦୟ ପରିବର୍ତ୍ତନ ହେଲାନାହିଁ, ମାତ୍ର ବିପ୍ଳବୀମାନଙ୍କର ଭୂମିକାରେ କ୍ରମଶଃ ପରିବର୍ତ୍ତନ ଘଟୁଥିବା ପରି ବୋଧହେଲା । ସର୍ବୋଦୟ ଆନ୍ଦୋଳନ ଭୁବନେଶ୍ୱର ଓ କଟକକୁ ଆଶ୍ରା କରି ରହିବାକୁ ବାଧ୍ୟ ହେଲା । ତାପରେ

Digitized by srujanika@gmail.com

ଆଚାର୍ଯ୍ୟ ବିନୋବା ଆପଣାକୁ ସେହି ଆନ୍ଦୋଳନରୁ କ୍ରମଶଃ ଅପସରାଇ ନେଲେ, ମୌନ ଅବଲମ୍ବନ କଲେ । ଶେଷରେ ସ୍ୱେଚ୍ଛାରେ ଆପଣାର ଶରୀରକୁ ମଧ୍ୟ ପ୍ରତ୍ୟାହୃତ କରିନେଲେ । କରୁଣ ଅବସ୍ଥା ଲାଗୁ ହୋଇଥିବା ସମୟରେ ସର୍ବୋଦୟର ନେତାମାନେ ଦୁଇଭାଗ ହୋଇଗଲେ, ହୁଏତ ପରସ୍ପରକୁ ହିଁ ନିଜର ସବୁଠାରୁ ଅଧିକ ବର୍ଜନୀୟ ପ୍ରତିପକ୍ଷ ବୋଲି ବିଚାର କଲେ । ବିପ୍ଳବର ଅସଲ ଇଙ୍ଗିତଗୁଡ଼ାକୁ ରକ୍ଷି ନପାରିଲେ ବିପ୍ଳବ ଏହିପରି ଭାବରେ ଶୀତଳ ଓ ଶିଥିଳ ହୋଇଆସେ । ବର୍ତ୍ତମାନ ଭୂଦାନ ଅତୀତର ଏକ ପ୍ରସଙ୍ଗରେ ପରିଣତ ହେଲାଣି, ଏବେ ତାହାର ସ୍ମୃତିମାନ ଲେଖା ହେଲାଣି । ଦେଶରେ ଯେଉଁ ସମୟରେ ଗାନ୍ଧୀବିଚାରର ଶିବିରଟି ହିଁ ସବଳତମ ଓ ସବୁଠାରୁ ଅଧିକ ନିର୍ଭରଯୋଗ୍ୟ ନେତୃତ୍ୱ ଦେଇ ପାରିବ ବୋଲି ଦେଶର ଜନଗଣ ଅତ୍ୟନ୍ତ ଯୁକ୍ତିଯୁକ୍ତ ଭାବରେ ପ୍ରତ୍ୟାଶା କରୁଥିଲେ, ଠିକ୍ ସେହି ସମୟରେ ସେହି ଶିବିର ବର୍ତ୍ତମାନ ସତେଅବା ଚତୁର୍ମାସ୍ୟା ପାଳନ କରୁଛି ଏବଂ ସତେଅବା ଏକ ବିକଳ୍ପ ବିନୋଦନ ଭାବରେ ପରିବେଶ-ସଂରକ୍ଷଣ, ଗୋହତ୍ୟା-ନିରୋଧ, ନାଗରୀ ଲିପି-ପ୍ରଚଳନ ପ୍ରଭୃତି ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ପଶି ଆପଣାକୁ ସକ୍ରିୟ ବୋଲି ଅନୁଭବ କରିବା ଲାଗି ଚେଷ୍ଟା କରୁଛି । ସରକାରୀ ନଅରଗୁଡ଼ାକ ଭିତରେ ପଶି ଓ ସରକାରୀ ଅର୍ଥାନୁଦାନରେ ଖଦୀକାମ, ଶାନ୍ତିକାମ ଓ ତଉଲ୍ ଆହୁରି କେତେ ପ୍ରକାରର ପାର୍ଶ୍ୱକାମ କରି ପୂର୍ବର ବୀରମାନେ କାଳକ୍ଷେପଣ କରୁଛନ୍ତି ।

ସରକାରୀ ମନ୍ତ୍ରୀପଦ ଛାଡ଼ି ସମ୍ପୂର୍ଣ୍ଣ ସମୟ ଦେଇ ସର୍ବୋଦୟ ଆନ୍ଦୋଳନରେ ଯୋଗ ଦେବାକୁ ନିଷ୍ପତ୍ତି କରିବା ପରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ସେହି ଆନ୍ଦୋଳନକୁ ଏକ ଯଥାର୍ଥ ମୋଡ଼ ଦେଇ ପାରିଥାନ୍ତେ । ଗାନ୍ଧୀକଥା ଭିତରେ ଯେ ଏକ ବୈପ୍ଳବିକ ଦିଗ ସବୁବେଳେ ରହିଆସିଛି ଏବଂ ଗାନ୍ଧୀ-କାର୍ଯ୍ୟକ୍ରମର ଔପଚାରିକ ନେତୃତ୍ୱଗୁଡ଼ାକ ଗାନ୍ଧୀ ଅନ୍ତେ ସେଗୁଡ଼ିକୁ ଯେ ପ୍ରାୟ ସଚେତନ ଭାବରେ ଅବହେଳା କରି ଆସିଛନ୍ତି, ଏହି ଦେଶରେ ସେ ଅନ୍ତତଃ ସେତିକି କଥା କହିଥାନ୍ତେ । ଯେଉଁ କଥାଗୁଡ଼ିକୁ ସେ ସେତେବେଳେ ବିଭିନ୍ନ ବ୍ୟକ୍ତିଙ୍କ ସହିତ କଥୋପକଥନର ଛଳରେ କହୁଥିଲେ, ସେଗୁଡ଼ିକୁ ଏକ ବିକଳ୍ପ ଆଭିମୁଖ୍ୟର ଉକ୍ତିରୂପେ ସାଧାରଣରେ ବ୍ୟକ୍ତ କରିପାରିଥାନ୍ତେ । ଶ୍ରୀଯୁକ୍ତ ଚୌଧୁରୀ ସେକଥା କଲେନାହିଁ । ସର୍ବୋଦୟର ବାବାଜୀମାନଙ୍କ ଭିତରେ କୁଆଡ଼େ ସାମିଲ୍ ହୋଇଗଲେ । ରୁଷିଆର ଲେନିନ୍ ତାଙ୍କ ସମୟରେ ଯେଉଁମାନଙ୍କୁ ଲକ୍ଷ୍ୟ କରି Gentleman Anarchists ବା Aristocratic Anarchism ପ୍ରଭୃତି ଗୁଣସୂଚକ ଶବ୍ଦଗୁଡ଼ିକର ବ୍ୟବହାର କରୁଥିଲେ, ଗାନ୍ଧୀ ଅନ୍ତେ ପ୍ରାୟ ସେହିପରି କେତେଜଣ ବ୍ୟକ୍ତି ହିଁ ସର୍ବୋଦୟ ଶିବିରର ନେତୃତ୍ୱ ଗ୍ରହଣ କରିଥିଲେ । ସେମାନେ ସମ୍ପୂର୍ଣ୍ଣ ବିପ୍ଳବ କଥା କହୁଥିଲେ, ଶାସନମୁକ୍ତ ସମାଜ କଥା କହୁଥିଲେ, କର୍ମୀମାନଙ୍କୁ ନୂଆ ନୂଆ ସମ୍ମୋହକ ଯୋଗାଇ ଦେବାକୁ ପ୍ରାୟ ପ୍ରତିବର୍ଷ ନୂଆ ନୂଆ

Digitized by srujanika@gmail.com

ଶବ୍ଦାବଳୀ ସୃଷ୍ଟି କରୁଥିଲେ; ମାତ୍ର ତେଣେ ଭିତରେ ଆପଣାର ଅନ୍ତଗୁଡ଼ାକରେ କର୍ମ୍ମ ବାଜାଜା ହୋଇ ରହିଥିଲେ । ଆପଣାର ଯାବତୀୟ ଅନ୍ୟ ପ୍ରକାରର ପୃଷ୍ଠଭୂମି ସତ୍ତ୍ୱେ ଶ୍ରୀଯୁକ୍ତ ଚୌଧୁରୀ ମଧ୍ୟ ତାହାରି ମଧ୍ୟରେ ଭାରି ଚମତ୍କାର ଭାବରେ ଖାପ ଖାଇଗଲେ । ତାଙ୍କୁ ହୁଏତ ସେହିପରି ଭାବରେ ଶୀତଳ ଏବଂ ନୀରବ କରି ରଖିଦେବା ସକାଶେ ସର୍ବୋଦୟର ବଡ଼ ବଡ଼ ମଜ୍‌ଲିସ୍‌ରେ ବଡ଼ ବଡ଼ ମୁହଁରୁ ତାଙ୍କୁ ବେଳେବେଳେ ରାଜର୍ଷି, ରାଜ୍ୟତ୍ୟାଗୀ ଗୌତମ, ବୁଦ୍ଧ ଓ ସେହିପରି କେତେ ମାଧୁର୍ଯ୍ୟମୟ ଶବ୍ଦଦ୍ୱାରା ସମ୍ବୋଧିତ କରାଯାଉଥିଲା । ସ୍ୱୟଂ ଶ୍ରୀ ଚୌଧୁରୀ ହୁଏତ ସର୍ବୋଦୟ ଆନ୍ଦୋଳନ ଆଉସବୁ କ'ଣ କରୁ ବୋଲି ଚିନ୍ତା କରୁଥିଲେ । ଶେଷରେ ସେହି ଆନ୍ଦୋଳନର ଦରବାରଟି ତାଙ୍କୁ ହିରାଣ ମଧ୍ୟ କରି ଦେଇଥିଲା; ମାତ୍ର ସିଏ ତଥାପି ତା'ଭିତରେ କୌଣସି ନୂତନ ବାଟ କାଢ଼ିବାର ଉଦ୍‌ବୋଧନ ଦେଇ ନଥିଲେ । ହୁଏତ ଭିତରେ କ୍ରମେ ଗୁମ୍ଫିବାକୁ ଆରମ୍ଭ କଲେ, ଆପଣାଉପରେ ରାଗିବାକୁ ଆରମ୍ଭ କଲେ । ମଣିଷ ଘରକୁ ରୁନ୍ଧିଲେ ଦାଣ୍ଡର ଅନ୍ୟ ଅନେକ କଥା ତାକୁ ସତେଅବା ଭାରି ଡେନାଇବା ପରି ମନେ ହୋଇଥାଏ । ମାତ୍ର ତଦ୍ଦ୍ୱାରା ଅସଲ ଛଟପଟଗୁଡ଼ାକ ଅଧିକ ବଢ଼ିବାରେ ହିଁ ଲାଗିଥାଏ ।

ଏକଦା ତେଲେଙ୍ଗାନାରେ ଯେଉଁସବୁ ଅତୃପ୍ତି କେତେକ ମଣିଷଙ୍କୁ ସକ୍ରିୟ ହିଂସାର ମାର୍ଗରେ ବାହାର କରି ଆଣିଥିଲା, ତାହାରି ଏକ ପ୍ରତିକ୍ରିୟା ସ୍ୱରୂପ ଆଚାର୍ଯ୍ୟ ବିନୋବା ଭୂଦାନ ଓ ଭୂମିକ୍ରାନ୍ତିର ବିକଳ୍ପଟିକୁ ଦେଶ ଆଗରେ ଆଣି ଥୋଇଥିଲେ । କଥାରେ ଯାହାକିଛୁ କୁହାଯାଇଥାଉ ପଛକେ, ସେହି ବିକଳ୍ପଟିକୁ କ୍ରମଶଃ ଶୀତଳ କରି ରଖି ଦିଆଗଲା । ଆଚାର୍ଯ୍ୟମାନେ ନବାଆଗ ଆଚାର୍ଯ୍ୟ ଓ ତା'ପରେ ଯାଇ ବିପ୍ଳବୀ ବୋଲି ପରିଚିତ ହୋଇ ରହିବାକୁ ମନ କଲେ । ତାହାରି ପ୍ରତିକ୍ରିୟା ସ୍ୱରୂପ ଭାରତରେ ନକ୍‌ସାଲବାଡ଼ୀ ଆନ୍ଦୋଳନର ଆବିର୍ଭାବ ହେଲା । ଶ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଶାରେ ତଥା ଓଡ଼ିଶା ବାହାରେ ସେହି ଆନ୍ଦୋଳନଟି ସହିତ ପୂର୍ଣ୍ଣ ସହାନୁଭୂତିଶୀଳ ହୋଇ ରହିଥିଲେ । ଆପଣା ଭିତରେ ସତେଅବା କେଉଁ ନୈରାଶ୍ୟଜନିତ ଆତ୍ମକ୍ରୋଧର କ୍ଷତଗୁଡ଼ିକୁ କ୍ଷତିପୂରଣ ସ୍ୱରୂପ ଅନ୍ତତଃ ଚିନ୍ତାରାଜ୍ୟରେ କିଛି ଖୋରାକ ଯୋଗାଇ ଦେବାକୁ ସେ ହୁଏତ ସେହିପରି ଏକ ପ୍ରବୃତ୍ତି ପ୍ରକାଶ କରିଥିଲେ । ଏହି ପର୍ଯ୍ୟାୟରେ ସେ ଗ୍ରନ୍ଥମାଧ୍ୟମରେ ଡାନିଏଲ ଦୋଲିଚ, ଆଇଭାନ୍ ଇଲିଚ୍, ପାଉଲୋ ଫ୍ରାଂସ୍କରେ, ଫ୍ରାଂନ୍‌ଜ୍ ଫ୍ୟାନନ୍ ପ୍ରଭୃତି ବ୍ୟକ୍ତିମାନଙ୍କର ସଂପର୍କରେ ଆସିଥିଲେ । ଏମାନେ ସମସ୍ତେ ଜଣେ ଜଣେ ସକ୍ରିୟ ପରିବର୍ତ୍ତନବାଦୀ ହିସାବରେ ପୃଥିବୀସାରା ଜଣେ ଜଣେ ପରମ୍ପରାବିରୋଧୀ ଅନ୍ୟମାର୍ଗୀ ବୋଲି ପରିଚିତ ହୋଇ ସାରିଥିଲେ । ତାଙ୍କର ଏହି ପର୍ଯ୍ୟାୟରେ ଆଉ ଏକ ପଛଧାଡ଼ିରେ ଚେ ଗୁଏଭରା, ପଲ୍ ଗୁଡ୍‌ମାନ ଓ ହେରବର୍ଟ ମାର୍କ୍ୟୁସ୍ ପ୍ରଭୃତି ଅନୁପ୍ରେରକମାନେ ରହିଥିଲେ । ଏହିମାନଙ୍କର ୮[illegible]ରେ ସପ୍ତମ ଦଶକର

Digitized by srujanika@gmail.com

ଶେଷଭାଗରେ ଇଉରୋପରେ ଏକ ବାମପନ୍ଥୀ ଗ୍ରୁପ-ଆନ୍ଦୋଳନ ମଧ୍ୟ ସକ୍ରିୟ ହୋଇ ଉଠିଥିଲା । ସେତେବେଳେ ଶ୍ରୀଯୁକ୍ତ ଚୌଧୁରୀ ଓଡ଼ିଶାରେ ତରୁଣମାନଙ୍କଠାରୁ ମଧ୍ୟ ଅଧିକ ଉତ୍ସାହ ଦେଖାଇ ସେହି ବ୍ୟକ୍ତିମାନଙ୍କର କଥା କହୁଥିଲେ । ନିଜେ ନକ୍ସାଲ୍‌ପନ୍ଥୀ ହେବାଲାଗି କିମ୍ବା ସକ୍ରିୟ ଭାବରେ ଉପରେ ନାମିତ ବ୍ୟକ୍ତିମାନଙ୍କର ମାର୍ଗରେ ଯିବା-ଲାଗି ତାଙ୍କ ଜୀବନରେ ଓ ଯିଏ ଆସି ପଡ଼ି ଯାଇଥିବା ଜାଲ ଭିତରେ ପ୍ରକୃତରେ ଆଉ କୌଣସି ଅବକାଶ ହିଁ ନଥିଲା । ହୁଏତ ପ୍ରକୃତ କଥା ହେଉଛି, ମଣିଷ ଯଦି କ୍ରୋଧୀ ହେବ, ତେବେ ତରୁଣ ବୟସରେ ହିଁ ତାହା ହେବ । ବୃଦ୍ଧ ବୟସରେ ଯେତେ କ୍ରୋଧ କଲେ ମଧ୍ୟ ଯେ ତଦ୍ୱାରା ତାରୁଣ୍ୟର ଦର୍ଶନ ମିଳିବ, ସେହି କଥାଟିକୁ ମୋଟେ ନିର୍ଭରଯୋଗ୍ୟ ଭାବରେ କହି ହେବ ନାହିଁ । ଆପଣା ଭିତରେ ଅନେକ ନିର୍ଦ୍ଦେଶକୁ ଅସ୍ୱୀକାର କରି ହେଉ ହେଉ ଆଉ କ'ଣ ହୋଇଥିଲେ ବୋଲି ଶ୍ରୀଯୁକ୍ତ ଚୌଧୁରୀ ହୁଏତ ମୂଳତଃ ନିଜ ଉପରେ ହିଁ କ୍ରୋଧୀ ହୋଇ ରହିଥିଲେ । ସେ ଯଥାର୍ଥ ମୁହୂର୍ତ୍ତରେ ଯେଉଁସବୁ ଯୁବକଙ୍କୁ ଲଢ଼ିବା ସକାଶେ ନିଜ ଭିତରୁ ଏକ ଆହ୍ୱାନ ଅନୁଭବ କରୁଥିଲେ, ଅଥଚ ସେଇ ତାଙ୍କର ଭିତରେ ରହିଥିବା ଏକ ବିରୋଧୀ ଅନ୍ତଃସ୍ୱରଦ୍ୱାରା ତାଡ଼ିତ ହୋଇ ସେହି ଆହ୍ୱାନରେ ସମକକ୍ଷ କୌଣସି ଜବାବ ଦେଇ ପାରୁନଥିଲେ, ହୁଏତ ସେହି କାରଣରୁ, ଏହିପରି ଭାବରେ ଆତ୍ମନିରୁଦ୍ଧ ହୋଇ ରହି ଆସିଥିବା ହେତୁ ଏକ ଅନ୍ତର୍ଗତ କ୍ରୋଧ ମଧ୍ୟ ତାଙ୍କୁ ନିୟତ ଭାରି ଯନ୍ତ୍ରଣା ଦେଇ ଆସିଥିଲା ଏବଂ ତାହାହିଁ ତାଙ୍କର ବୃଦ୍ଧ ବୟସରେ ତାଙ୍କ କଥାଗୁଡ଼ାକର ପରିଚ୍ଛଦ ପିନ୍ଧି ବାହାରକୁ ବାହାରି ପଡ଼ୁଥିଲା । ହୁଏତ ବାହାରେ କାହାରି କିଛି କରିବା ଅପେକ୍ଷା ଅଧିକତର ପରିମାଣରେ ତାଙ୍କୁ ନିଜକୁ ଦଗ୍‌ଧ କରିବାରେ ଲାଗିଥିଲା । ତାହା ପ୍ରକୃତରେ ଏକ ଅତ୍ୟନ୍ତ ଦୁର୍ବହ ଜୀବନ ହୋଇଥିବ । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ବଡ଼ଭାଇ ଓଡ଼ିଶାର ଜଣେ ଭୃଙ୍ଗ ଓ ଉଗ୍ର ଗାନ୍ଧୀବାଦୀ ଥିଲେ । ଆପଣାର ତରୁଣ ଜୀବନର ସାମ୍ୟବାଦୀ ଅନୁରାଗଗୁଡ଼ିକୁ ସାଙ୍ଗରେ ନେଇ ଗୋଟିଏ କୁଟୁମ୍ବରେ ଜୀବନ ବଞ୍ଚିବା ପାଇଁ ମଧ୍ୟ ନାନା ଅବସରରେ ତାଙ୍କୁ ନିଜ ପାଖରେ ନିଃସଙ୍ଗ ହେଲାପରି ରହିବାକୁ ପଡ଼ୁଥିବ । ରାଜନୀତି ଛାଡ଼ିବା ପରେ ଆପଣାର ସାମ୍ୟବାଦୀ ମୂଲ୍ୟଟି ସହିତ ସଂସ୍କାରବାଦୀ ଗାନ୍ଧୀମାର୍ଗୀମାନଙ୍କର ମୂଲ୍ୟଟିକୁ ଏକାଠି ଆଣି ଯୋଡ଼ିବାରେ ମଧ୍ୟ ତାଙ୍କୁ ନିଜକୁ ଅନେକ ଗଞ୍ଜଣା ଦେବାକୁ ପଡ଼ିଥିବ । ପ୍ରଥମ ପର୍ଯ୍ୟାୟଗୁଡ଼ିକର ସେହି ନିଃସଙ୍ଗତା ଓ ସେହି ଆତ୍ମଗଞ୍ଜଣା କ'ଣ ଶେଷ ଚରଣରେ ତାଙ୍କୁ ଆମଣା ଉପରେ ଏପରି କ୍ରୋଧୀ କରି ପକାଇଲା କି ? ଏବଂ, ଭିତରର ସେହି ଆତ୍ମଭର୍ତ୍ସନାଜନିତ କ୍ରୋଧ ସବାଶେଷରେ ତାଙ୍କୁ ନିଜର ଅନୁରକ୍ତଗୁଡ଼ିକର ନିବିଡ଼ କ୍ଷେତ୍ରରେ ପ୍ରଧାନତଃ ଏକ ନକାରାତ୍ମକ ଓ ଉପେକ୍ଷାପ୍ରଧାନ ଅରାଜକତାର ଶିକାର କରି ରଖିଲା କି ?

Digitized by srujanika@gmail.com

ଓଡ଼ିଶାରେ ରାଜନୀତିକ ନେତୃତ୍ୱର କ୍ଷେତ୍ରରେ ସ୍ୱାଧୀନତା ପରେ ବିଭିନ୍ନ ବ୍ୟକ୍ତିମାନଙ୍କର ମାଧ୍ୟମରେ ଓଡ଼ିଶାକୁ ଯେଉଁ ଅଧୋଗମନ ଭୋଗିବାକୁ ହୋଇଛି, ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ମଧ୍ୟ ସେଥିରେ ଏକ ଭାଗ ଅବଶ୍ୟ ରହିଛି । ସେକ୍ସ‌ପିଅର୍‌ଙ୍କର ହ୍ୟାମଲେଟ୍ ନାଟକଟିର ଆରମ୍ଭରୁ ହିଁ କେତେ କ'ଣ ସାଧି କରିବ ବୋଲି ବାହାରିଥିଲା । ଏକ ଦର୍ଶନଜିଜ୍ଞାସାର ଛଳରେ ସିଏ ଅସଲ କାର୍ଯ୍ୟସାଧନର ମୁହୂର୍ତ୍ତଗୁଡ଼ିକୁ କେଡ଼େ ଚମତ୍କାର ଭାବରେ ନାଟକର ଶେଷ ପର୍ଯ୍ୟନ୍ତ ଗଡ଼ାଇଦେଇ ପାରିଲା । ଆପଣାକୁ କେତେ ନା କେତେ ପ୍ରକାରର ଯୁକ୍ତିରେ ଦଗ୍ଧ କଲା, ସେହିପରି ଦଗଧ ହୋଇ ସେ ଆପଣାର କ୍ରିୟାତ୍ମିକା ଶକ୍ତିଗୁଡ଼ିକୁ ମଧ୍ୟ ଅତ୍ୟନ୍ତ ଶୋଚନୀୟ ଭାବରେ ନିହତ କରି ରଖିଲା । ଓଡ଼ିଶାରେ ଗତ କେତେ ଦଶକର ରାଜନୀତିକ ନେତୃତ୍ୱର ଅଙ୍ଗନ ଭିତରେ ଶ୍ରୀଯୁକ୍ତ ଚୌଧୁରୀଙ୍କର ନିର୍ଦ୍ଦିଷ୍ଟ ସ୍ଥାନଟିକୁ ଠାବ କଲାବେଳେ ଅନେକ ସମୟରେ ହ୍ୟାମ୍‌ଲେଟ୍‌ର ଭୂମିକାଟି ମନେ ପଡ଼ିଯାଏ । ଏକ ସମର୍ଥ ନେତୃତ୍ୱ ଦେବାଲାଗି ତାଙ୍କ ଭିତରେ ତାଙ୍କର ସମସାମୟିକମାନଙ୍କର ତୁଳନାରେ ଅନେକ ଅଧିକ ପୁଞ୍ଜି ରହିଥିଲା । ଏକ ପରିଷ୍କାର ବିଚାର ରହିଥିଲା, ଏକ ନିର୍ମଳ ହୃଦୟ ରହିଥିଲା, ନିର୍ମଳ ଜୀବନ ମଧ୍ୟ ରହିଥିଲା । କେଡ଼େ ସ୍ୱାଭାବିକ ତଥା ନିର୍ଭୀକ ଭାବରେ ସେ ଏକ ସାମନ୍ତବାଦୀ ନେତୃତ୍ୱ-ବ୍ୟୂହ ମଧ୍ୟରେ ରହି ମଧ୍ୟ ତାଙ୍କର ପ୍ରାୟ ସବୁ ସମସାମୟିକ ଅତ୍ୟନ୍ତ ହାସ୍ୟାସ୍ପଦ ଭାବରେ ଶିକାର ହୋଇ ପଡ଼ିଥିବା ପ୍ରଲୋଭନଗୁଡ଼ିକୁ ଏଡ଼ିଦେଇ ପାରୁଥିଲେ ଏବଂ ଶେଷ ପର୍ଯ୍ୟନ୍ତ ଅଦୂଷିତ ରହିଥିଲେ । ତଥାପି ଓଡ଼ିଶାର ଅସଲ ଆହ୍ୱାନଗୁଡ଼ାକ ତାଙ୍କଠାରୁ ଯେଉଁ ନେତୃତ୍ୱର ପ୍ରତ୍ୟାଶା କରୁଥିଲା, ସେହି ନେତୃତ୍ୱର କ୍ଷେତ୍ରରେ ସିଏ କେଜାଣି କାହିଁକି ପଛଘୁଞ୍ଚା ଦେଇ ରହିଗଲେ । ଅଭିଜ୍ଞତାମାନ ବଢ଼ିବା ସଙ୍ଗେ ସଙ୍ଗେ ତାଙ୍କର ବିଚାର ଏବଂ ଅନ୍ତଃସଚେତନତାମାନ ଅଧିକରୁ ଅଧିକ ଦୃଷ୍ଟିସମ୍ପନ୍ନ ଏବଂ ଉଜ୍ଜ୍ୱଳ ହେବାରେ ଲାଗିଥିଲା । ବିଶେଷତଃ, ଗତ ପ୍ରାୟ ଦୁଇ ତିନି ଦଶକ ମଧ୍ୟରେ ମନୁଷ୍ୟ ଏବଂ ତା'ର ଭବିଷ୍ୟକୁ ଭିତ୍ତି କରି ଆମ ପୃଥିବୀରେ ଯେଉଁସବୁ ବିକଳ୍ପ ଏବଂ ନୂତନ ଆଲୋଚନାର ଆଲୋଡ଼ନ ସୃଷ୍ଟି ହୋଇଛି, ସେଗୁଡ଼ିକ ବିଷୟରେ ଆପଣାକୁ ଓ୍ୱାକିବ୍‌ହାଲ୍ ରଖିବାରେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ କେବେ ଆଉ କାହାଠାରୁ ପଛରେ ରହିନାହାନ୍ତି । ମାତ୍ର, ତାଙ୍କର ସମସାମୟିକ ଅନେକ ଅଯୋଗ୍ୟଙ୍କର ତୁଳନାରେ ମଧ୍ୟ ନେତୃତ୍ୱ ଦେବାର କ୍ଷେତ୍ରରେ, ଆଗ ବାଟ ଚାଲି ଅନ୍ୟମାନଙ୍କୁ ପରିଚାଳିତ କରିନେବାର କ୍ଷେତ୍ରରେ ସିଏ ତାଙ୍କ ଜୀବନରେ ବାରବାର ଅନିଚ୍ଛୁକ ହୋଇ ରହିଯାଇଛନ୍ତି । ଅଯୋଗ୍ୟମାନେ ସତେଅବା ଧୁରନ୍ଧର ହୋଇ ରାଜନୀତିର କ୍ଷେତ୍ରରେ କେତେ ମନ କେତେ କପଟ-ବାହାଦୁରୀମାନ ଦେଖାଉଥିବା ସମୟରେ ସିଏ ସନ୍ତୁଷ୍ଟ ପରି ଦୂରରେ ରହି ସେଗୁଡ଼ିକୁ ଦେଖିଛନ୍ତି; କୁରୁକ୍ଷେତ୍ରରେ ଥାଇ ମଧ୍ୟ କୁରୁ-କ୍ଷେତ୍ରରେ ପଶିନାହାନ୍ତି । ସିଏ ଯେ ତାଙ୍କର ସାଥୀମାନଙ୍କଠାରୁ ତଥାପି ଭିନ୍ନ, ଅଧିକ

Digitized by srujanika@gmail.com

ବିଜ୍ଞ ଓ ଅଧିକ ଦୃଷ୍ଟିସମ୍ପନ୍ନ, ମଝିରେ ମଝିରେ ପଦେ ପଦେ କଥା କହି ସେ କେତେଥର ସେ କଥାର ସୂଚନା ଦେଇଛନ୍ତି ଓ ସଂପୃକ୍ତ ସମସ୍ତଙ୍କୁ ଚକିତ କରିଛନ୍ତି । ଅନେକ ସମୟରେ ତାଙ୍କ ନିଜ ପଲିଟି ଭିତରେ ରହିଥିବା ବ୍ୟକ୍ତିମାନେ ତାଙ୍କୁ ଉପରେ ସମ୍ମାନ ଦେଖାଇଛନ୍ତି, ତାଙ୍କ ତ୍ୟାଗ ଓ ନିଷ୍ଠାର କେତେ ପ୍ରଶଂସା କରିଛନ୍ତି, ମାତ୍ର ତାଙ୍କୁ ଧୋକା ଦେଇଛନ୍ତି, ତାଙ୍କୁ ପଛକୁ ଟାଣି ରଖିବାକୁ କେତେ ଚେଷ୍ଟା କରିଛନ୍ତି; ଏହିପରି ଭାବରେ ହୁଏତ ଏକାଧିକ ସମୟରେ ଶ୍ରୀଯୁକ୍ତ ଚୌଧୁରୀ ତଥାକଥିତ ବିରୋଧୀ ଦଳ ସହିତ ଅପେକ୍ଷାକୃତ ଅଧିକ ସଖ୍ୟ ଏବଂ ନୈକଟ୍ୟ ଅନୁଭବ କରିଛନ୍ତି । ଜୀବନଯାକ ସଂପୃକ୍ତ ସମସ୍ତଙ୍କ ଆଖିରେ ଜଣେ ସଜ୍ଜନ ହୋଇ ରହି ଯାଇଛନ୍ତି, ମାତ୍ର ସକ୍ରିୟ ନେତୃତ୍ୱର କ୍ଷେତ୍ରରେ ପ୍ରାୟ କିଛିହେଲେ ସମ୍ଭବ କରିନାହାନ୍ତି । ସମସାମୟିକତାର ଅନେକ ଲଟା ଭିତରେ ବାନ୍ଧିହୋଇ ରହିଛନ୍ତି । ବାନ୍ଧି ହୋଇ ରହିବାର ସେହି ଅସହାୟତା ମଧ୍ୟରେ ତଥାପି ସଜ୍ଜନ ହୋଇ ରହିଛନ୍ତି, ମାତ୍ର ନିଜେ ଲଟାଗୁଡ଼ାକୁ କାଟି ଏବଂ ବାହାରକୁ ବାହାରି ନିଷ୍ପତ୍ତିମୂଳକ ଭାବରେ କୌଣସି ନେତୃତ୍ୱ ଦେଇପାରି ନାହାନ୍ତି । ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ରାଜ୍ୟ ବିଧାନସଭା ପରି ଏକ ଅନୁପଯୁକ୍ତ ସ୍ଥାନରେ "ଅଞ୍ଚଳସଭାର ଚେୟାର୍‌ମ୍ୟାନ୍ ନହେଲେ ମୋର ଆକାଙ୍‌କ୍ଷା ଅପୂରଣ ରହିଯିବ", "ଆଇନ୍ ଅଦାଲତରେ ଗରିବ ଲୋକ ନ୍ୟାୟ ପାଉନାହିଁ", ଏବଂ "ହାତରେ ହଳ ନକଲେ ଜମି ରହିବ ନାହିଁ" ପ୍ରଭୃତି କେତେ କଥା କହିଛନ୍ତି; ମାତ୍ର ଯେଉଁ ସାମାଜିକ ବିପ୍ଳବଦ୍ୱାରା ସ୍ୱାଧୀନ ଭାରତରେ ଏସବୁ ସମ୍ଭବ ହୋଇଥାନ୍ତା, ସିଏ ସେଇଟିଠାରୁ ପ୍ରାୟ ଏକ ଦୂରତା ରକ୍ଷା କରି ରହି ଯାଇଛନ୍ତି । ଆପଣାର ଶେଷ ଜୀବନରେ ଶ୍ରୀଯୁକ୍ତ ଚୌଧୁରୀ ଏକାଧିକ ସାଧାରଣ ଅବସରମାନଙ୍କରେ ପ୍ରକାଶ୍ୟ ଭାବରେ କହୁଥିଲେ ଯେ, ସେମାନେ ସମାଜ ପାଇଁ କିଛି କରିବାକୁ ଭାବିଥିଲେ, ଏ ଦେଶକୁ ନୂତନ ଭାବରେ ଗଢ଼ିବେ ବୋଲି ଭାବିଥିଲେ; ମାତ୍ର କରି ପାରିଲେ ନାହିଁ । ଏଥିପାଇଁ ସେ ନିଜକୁ ଅପରାଧୀ ବୋଲି ଘୋଷଣା ମଧ୍ୟ କରୁଥିଲେ । ଏହା ମଧ୍ୟ ତାଙ୍କ ସଜ୍ଜନତାର ହିଁ ପରିଚୟ ଦିଏ । ତାଙ୍କର ଶିବିରମାନଙ୍କରେ ବିଭିନ୍ନ ସମୟରେ ରହି ଆସିଥିବା ଅନ୍ୟମାନେ କଦାପି ଏହା କରିବେ ନାହିଁ । ମାତ୍ର, ଅନିଚ୍ଛୁକ ହୋଇ ରହିଥିବ ଏବଂ ସାଧୁତା ରକ୍ଷା କରି 'ଆମେ କିଛି କରି ପାରିଲୁନାହିଁ' ବୋଲି ପ୍ରାୟ ଏକ ଉତ୍ସାହିତ ମୁଦ୍ରାରେ କହିବାରେ ଲାଗିଥିବ,—ରାଜନୀତିକ ଗୁହାଳଗୁଡ଼ାକୁ ସଫା କରିବାର କ୍ଷେତ୍ରରେ ଏସବୁ କଥା ପ୍ରକୃତରେ କାହାର କେଉଁ କାମରେ ଲାଗେ ?

ଭାରତୀୟ ନେତୃତ୍ୱର ସାମ୍ପ୍ରତିକ ଭୂମି ଉପରେ ଏହି ପରିପ୍ରେକ୍ଷୀରେ ଗୋଟିଏ ବିଡ଼ମ୍ବନା ଅତ୍ୟନ୍ତ କର୍କଶ ଭାବରେ ଯାବତୀୟ ସମୀକ୍ଷଣର ଉଦ୍ୟମକୁ ବାରବାର ଆଘାତ କରିବାକୁ ଆସୁଥିବା ପରି ମନେ ହୋଇଥାଏ । ଗତ ଚାରି-ଦଶକ ଭିତରେ ଆମ

Digitized by srujanika@gmail.com

ଦେଶରେ ନେତୃତ୍ୱର ବିଭିନ୍ନ ଆୟତନଗୁଡ଼ିକରେ ଯେଉଁମାନେ ଆମର ନେତା ହୋଇ ଆସିଲେ, ସେମାନେ ସ୍ୱୟଂ କେତେ ପ୍ରକାରେ କେତେ ବଡ଼ ହୋଇ ପ୍ରତିଷ୍ଠିତ ଏବଂ ପ୍ରସ୍ଥାରିତ ହୋଇପାରିଲେ, ମାତ୍ର ଯେଉଁ ଦେଶ ଓ ଯେଉଁ ମଣିଷମାନଙ୍କ ପାଇଁ ଏହିସବୁ ନେତୃତ୍ୱ ସଜ ହୋଇ ଆସିଥିଲା, ସେମାନେ ପ୍ରାୟ ଯେଉଁଠି ସେହିଠାରେ ହିଁ ରହିଗଲେ; ନେତାମାନେ ସେମାନଙ୍କୁ ପଛରେ ଛାଡ଼ିଦେଇ ବାହାରି ଆସିଲେ, ସେମାନେ ପ୍ରତାରିତ ହୋଇ ରହିଗଲେ । କିଏ ମହାପୁରୁଷ ହେଲା, କିଏ ତ୍ୟାଗୀମାନଙ୍କ ଭିତରେ ବୀର ବୋଲାଇଲା, କିଏ କେଶରୀ ହେଲା, ଆହୁରି ଟିକିଏ ତଳକୁ ଯାଇ କହିଲେ, କିଏ କୋଠା ବାଢ଼େଇଲା, କିଏ କୋଟିପତି ହେଲା । ନେତାମାନେ ଏହିପରି ନାନାଭାବେ ଯଶସ୍ୱୀ ହେଲେ, ଲକ୍ଷଣଯୁକ୍ତ ହୋଇ ରହିଲେ; ଅଥଚ ଦେଶ ଆପଣାର ସେହି ପୁରୁଣା ସମସ୍ୟାଗୁଡ଼ାକର ଲଟା ଭିତରେ ଗୁରାଇ ହୋଇ ରହିଗଲା, ମଣିଷ ଅଧିକରୁ ଅଧିକ ଅବମାନନା ସହିବାକୁ ବାଧ୍ୟ ହେଲା । ଶିକ୍ଷା ଘରେ ଶନି ପଶିଲା, ମାତ୍ର ଶିକ୍ଷା ଭିତରେ ନେତୃତ୍ୱ ଦେଉଥିବା ତଥାକଥିତ ଶିକ୍ଷାବିତ୍‌ମାନେ ଗୋଟିଏ ଗୋଟିଏ ଛଞ୍ଚାଣ ହୋଇ କେତେ ଉପରେ ଯାଇ ବସିଲେ, ସଫଳତା ଅର୍ଜନ କଲେ । ରାଜନୀତି ଭିତରେ ପଶି କେତେ କିଏ ମନ୍ତ୍ରୀ ହେଲେ, ସର୍ବଭାରତୀୟ ସ୍ତରରେ ହାବିଲଦାର ଓ ସରବରାକାର ହେଲେ, ମାତ୍ର ଯେଉଁମାନଙ୍କ ପାଇଁ ରାଜନୀତି ହେଉଥିଲା, ସେମାନେ ଅଧିକ ଅସହାୟ ହୋଇ ରହିଲେ । ଥୋକେ ସେବା କଲେ, ବିପ୍ଳବର କଥା କହିଲେ, ଯାଉଣୁ ଆସୁଣୁ ଅମୁକ ହେବ ଓ ସମୁକ ହେବ ବୋଲି କେତେ ଗର୍ଜନ କରି କହିଲେ,—ସେମାନେ ଆପଣାର ଖ୍ୟାତିପଦଗୁଡ଼ାକୁ ତଦ୍ୱାରା କେତେ ଚମତ୍କାର ଭାବରେ ପୃଥୁଳ କରି ପାରିଲେ; ମାତ୍ର, ସେବା, ବିପ୍ଳବ ଏବଂ ସ୍ୱପ୍ନଗୁଡ଼ାକ ଫସରଫାଟି ସେମାନଙ୍କର କେତେ ପଛରେ ପଡ଼ିରହିଲା । ଭାରତବର୍ଷର ସାମୂହିକ କ୍ରିୟାଶୀଳତା ଗୁଡ଼ିକର କ୍ଷେତ୍ରରେ କେଉଁଠି କି ସଂସ୍କାରଗତ ପରମ୍ପରାବରୋଧିତା ଏକାବେଳେକେ ଏଠି ଯାବତୀୟ ପ୍ରକ୍ରିୟା ଓ ପ୍ରଚେଷ୍ଟାର ମଣ୍ଡକୁ କାମୁଡ଼ି ଧରିଛି କେଜାଣି, ଆମର ଏଠି ଘରଗୁଡ଼ାକ ସତ୍ୟାନାଶ ହେବାରେ ଲାଗିଛି ଓ ଘରକୁ ସଜାଡ଼ିବା ଲାଗି ନିଯୁକ୍ତ ହୋଇଥିବା ବା ଆପଣାକୁ ନିଯୁକ୍ତ କରିଥିବା ନେତୃତ୍ୱଗୁଡ଼ାକ ସତେଅବା ମୋଟା ମୋଟା ମୂଷା ହୋଇ ଏକାବେଳକେ ତଳରେ ଯାଇ ଆପଣା ଲାଗି ଏକ ସୁଖଭୁବନ ଅଥବା ଯଶୋଭୁବନ ତିଆରି କରି ରହି ଯାଉଛନ୍ତି ! ଅନୁଷ୍ଠାନଗୁଡ଼ିକର ଭିତରେ ପଶି ନେତୃତ୍ୱ ଇନ୍ଦ୍ର ହେଉଛି, ଇନ୍ଦ୍ରପଦ ପାଉଛି; କିନ୍ତୁ ସ୍ୱୟଂ ଅନୁଷ୍ଠାନଗୁଡ଼ିକର ଘରେ କୁଆ ଉଡ଼ୁଛନ୍ତି । ଉଚ୍ଚ ଚାକିରିଆମାନେ ଯେମିତି ସରକାରୀ ଅଳଆର ବିଭିନ୍ନ ବିଭାଗରେ କର୍ତ୍ତା ହୋଇ ପଶି ବର୍ଷ ପରେ ବର୍ଷ ଅଧିକରୁ ଆହୁରି ଅଧିକ ବେତନ ପାଇ ଉଚ୍ଚରୁ ଆହୁରି ଉଚ୍ଚ ହୋଇ ଉପରକୁ ଉଠି ଯାଉଥାନ୍ତି ଅଥଚ ବିଭାଗଗୁଡ଼ିକ ଗନ୍ଧିଆରୁ ଆହୁରି ଅଧିକ ଗନ୍ଧିଆ ହେବାରେ ଲାଗିଥାଏ, ଆମ ଦେଶର ନେତୃତ୍ୱଗୁଡ଼ିକର କ୍ଷେତ୍ରରେ ମଧ୍ୟ ପ୍ରାୟ ସେହିକଥା ଘଟିବାରେ ଲାଗିଛି ।

Digitized by srujanika@gmail.com

ହୁଏତ ସେହି କାରଣରୁ ଆମ ଦେଶର ହିସାବବହିରେ ବହୁ ସଂଖ୍ୟାରେ ମହାପୁରୁଷ-ମାନେ ରହିଛନ୍ତି । ଏକ ରୂପଶୂନ ଦେଶର ଭଙ୍ଗା କାଚଗୁଡ଼ାକ ଉପରେ ସେମାନେ କନ୍ଦର୍ପର ଶୋଭାରେ ଶୋଭା ପାଉଛନ୍ତି; ପଛକୁ ଅନାଇଦେଲେ ରଥୀମାନେ ମାଳ ମାଳ ହୋଇ ଦିଶୁଛନ୍ତି । ମୁଣ୍ଡରେ ଶାଢ଼ୀ ବାନ୍ଧି ଓ ହାତରେ ତାମ୍ରଫଳକ ଧରି ବସିଛନ୍ତି । ମାତ୍ର, ଦେଶ ଆଗକୁ ଯାଇପାରିବା ସକାଶେ ସତେ ଯେପରି ଗୋଟିଏ ହେଲେ ରଥ ମଧ୍ୟ ପ୍ରକୃତରେ ଚଳନ୍ତି ଅବସ୍ଥାରେ ନାହିଁ ।

ଜଣେ ମଣିଷ ହିସାବରେ ମଣିଷର ସମ୍ମାନପ୍ରତିଷ୍ଠା ଲାଗି ପୂର୍ଣ୍ଣ ଅନମନୀୟତା ସହିତ ସଂଗ୍ରାମ କରି ଏକ ବିକଳ୍ପ ନେତୃତ୍ୱର ଦୃଷ୍ଟାନ୍ତ ଦେଖାଇ ଯାଇଥିବା ଯୁକ୍ତରାଷ୍ଟ୍ର ଆମେରିକାର ଶ୍ରୀଯୁକ୍ତ ମାର୍ଟିନ୍ ଲୁଥର୍ କିଙ୍ଗ୍ ତାଙ୍କର କୌଣସି ଗୋଟିଏ ପୁସ୍ତକରେ ମନ୍ତବ୍ୟ କରିଛନ୍ତି ଯେ, ଆମ ପୃଥିବୀ ଦୁର୍ଜନ ଓ ଦୁଷ୍ଟମାନଙ୍କଦ୍ୱାରା ଯେତେ କ୍ଷତିଗ୍ରସ୍ତ ନହୋଇଛି. ତଥାକଥିତ ସଜ୍ଜନମାନଙ୍କଦ୍ୱାରା ତା'ଠାରୁ ଅନେକ ଅଧିକ ଗୁଣରେ କ୍ଷତିଗ୍ରସ୍ତ ହୋଇଛି । ସଜ୍ଜନମାନେ ସର୍ବୋପରି ସଜ୍ଜନ ହେବାକୁ ହିଁ ଜୀବନର ଧର୍ମ ବୋଲି ଗ୍ରହଣ କରି ନେଇଥାନ୍ତି । ସେମାନେ ଦୁର୍ଜନ ହୋଇପଡ଼ିବାର ଭୟରେ ନିଷ୍କ୍ରିୟ ହୋଇ ରହିବାକୁ ହିଁ ବିଜ୍ଞତା ବୋଲି ବୁଝିଥାନ୍ତି । ଆହ୍ୱାନ ଆସେ, ଆହ୍ୱାନ ଚୁଲିଯାଏ; ତଥାପି ସେମାନେ ତାହାକୁ ସ୍ୱୀକାର କରନ୍ତିନାହିଁ । ଭାରତର ନୀତିଶାସ୍ତ୍ରମାନଙ୍କରେ ଏହିପରି ସଜ୍ଜନ ହୋଇ ରହିବାକୁ ହିଁ ସବୁଠାରୁ ଅଧିକ ଉପଦେଶ ତଥା ପରାମର୍ଶ ଦିଆଯାଇଛି । ହୁଏତ ସେହି କାରଣରୁ ଭାରତୀୟ ପରମ୍ପରାରେ ଗୋଟିଏ ପାଖରୁ ଦେଖିଲେ ଯେଉଁ-ମାନେ ବଡ଼ ବଡ଼ ସଜ୍ଜନଙ୍କ ପରି ଦେଖାଯାନ୍ତି, ଆଉ ଗୋଟିଏ ପାଖରୁ ଆଉ ଟିକିଏ ପାଖକୁ ଆସି ଦେଖିଲେ ସେମାନେ ଜଣେ ଜଣେ ଭୀରୁ ପରି ମଧ୍ୟ ଦେଖା ଯାଆନ୍ତି । ସେହି ପରମ୍ପରା ଏବେ ମଧ୍ୟ ଆମକୁ ଭାରି ଆସକ୍ତ ଭାବରେ କାମୁଡ଼ି ଧରି ରହିଛି ଏବଂ ତେଣୁ ଏଠାରେ ଅଧିକାଂଶ ସମୟରେ ଶ୍ରଦ୍ଧା ଉପରେ ଉପେକ୍ଷାର ଜୟ ହୋଇଛି, ଏକ ଆତ୍ମକାମୀ ସଜ୍ଜନତାର ହିଁ ସକାରାତ୍ମକ ଜୀବନନିଷ୍ଠା ଉପରେ ବିଜୟ ହୋଇଛି । ଏଠାରେ ଯୋଗୀମାନେ ବୈରାଗୀ ହୋଇ ରହିବାକୁ ହିଁ ଅଧିକ ବାଞ୍ଛନୀୟ ମନେ କରିଛନ୍ତି । ଅଗଣିତ ପତିତମାନଙ୍କୁ ଯେଉଁଠି ସେଇଠି ରହିବାକୁ ଛାଡ଼ିଦେଇ ଆତ୍ମମୋକ୍ଷ କାମନାର ମନ୍ତ୍ରଗୁଡ଼ିକୁ କେଡ଼େ ନିର୍ଣ୍ଣିମନ୍ତ ଭାବରେ ଏକାଗ୍ରଚିତ୍ତରେ ଆବୃତ୍ତି କରି ପାରିଛନ୍ତି । ଭାରତୀୟ ସଂସ୍କାର ଭିତରେ ଗୋଟାଏ ତୁଚ୍ଛା ନୈତିକତା ଉପରେ ମାନବିକତାର ବିଜୟ ହୋଇ ପାରିନାହିଁ ବୋଲି ସମ୍ଭବତଃ ଏପରି ହୋଇଛି । ଅଧିକାଂଶ ଅନାଚ୍ଛୁକତା ପଛରେ ଯେତେ ଗମ୍ଭୀରରେ ହେଉ ପଛକେ, ଏକ ଆତ୍ମକାମିତା ଏବଂ ତଜ୍ଜନିତ ଏକ ଭୀରୁତା ଲୁଚି କରି ରହିଥାଏ । ସେହି ଭୀରୁତା କେବଳ ସଜ୍ଜନତାର ଏକ ମୁଖା ଲଗାଇ ହିଁ ସଂସାରକୁ ବାହାରିବା ସର୍ବଦା ଉଚିତ ବୋଲି ବିଗ୍ଭର କରିଥାଏ ।

Digitized by srujanika@gmail.com

ସଜ୍ଜନମାନେ ଏଠି ସର୍ବଦା ବ୍ରାହ୍ମଣ ହୋଇ ରହିବାକୁ ଇଚ୍ଛା କରୁଥାନ୍ତି । ସର୍ବଦା ଶାସ୍ତ୍ରଗୁଡ଼ାକର ଅଧିକାରୀ ହୋଇ ରହିଥାନ୍ତି ଓ ତେଣୁ କେବେହେଲେ ମଣିଷର ଉଦାସ୍ତ ହିଁ ମଣିଷମାନଙ୍କ ପାଇଁ ତିଆରି ହୋଇଥିବା ଯାବତୀୟ ବିବେକର ସର୍ବପ୍ରଥମ କାମ୍ୟ ବୋଲି ସତକୁ ସତ ସ୍ୱୀକାର କରି ପାରନ୍ତିନାହିଁ ।

ଅତୀତର ଯାବତୀୟ ସମୀକ୍ଷା ଆମକୁ ପରବର୍ତ୍ତୀ ଭବିଷ୍ୟ ଲାଗି ଏକ ବିକଳ୍ପର ସନ୍ଧାନପଥରେ ସାହାଯ୍ୟ କରିପାରିଲେ ଯାଇ ତାହାକୁ ଏକ ସାର୍ଥକ ସମୀକ୍ଷା ବୋଲି କୁହାଯାଇ ପାରିବ । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ତାଙ୍କର ଜୀବନକାଳ ମଧ୍ୟରେ ଯେତେ-ବେଳେ ଯେଉଁ ପଲରେ ଥିଲେ, ସବୁଠାରେ ସେ ଏକ ସମୁଜ୍ଜ୍ୱଳ ବ୍ୟତିକ୍ରମ ହୋଇ ରହିଥିଲେ । ଆପଣାର ମେଳଗୁଡ଼ିକ ଭିତରେ ସିଏ ଅନ୍ୟମାନଙ୍କର ତୁଳନାରେ ଅନେକ ଆଗରେ ଥିଲେ, ତେଣୁ ତିହିଗୁଡ଼ିକ ଉପରେ ମୋଟେ ଖାପ ଖାଇ ପାରୁନଥିଲେ । ରାଜନୀତି ଭିତରେ ଆଦୌ କୌଣସି ବ୍ୟକ୍ତିଗତ କାମନା ନେଇ ପ୍ରବେଶ କରିନଥିଲେ, ଅନ୍ୟମାନଙ୍କର କାନ୍ଧ ଉପରେ ଗୋଡ଼ ଦେଇ ସିଏ ସବାଆଗ ସମସ୍ତଙ୍କ ଆଗକୁ ଚାଲିଯିବେ ବୋଲି କୌଣସି ଦୁର୍ବାସନା ରଖିନଥିଲେ । ସ୍ୱାଧୀନ ଭାରତର ଦୁଷ୍ଟ ଓ ପଥଚ୍ୟୁତ ରାଜନୀତି ତାଙ୍କୁ କୌଣସି ପ୍ରକାରେ ଦୂଷିତ କରି ପାରିନଥିଲା । ବାଟଟିଏ ଖୋଜି ସିଏ ଯେତେବେଳେ ଯାଇ ଯେଉଁଠି ପହଞ୍ଚୁଥିଲେ, ସେଠାରେ ଭିଡ଼ କରି ରହିଥିବା ଅନ୍ୟ-ମାନେ ଯେ ଆଦୌ କୌଣସି ବାଟ ଖୋଜି ସେଠାକୁ ଆସିନାହାନ୍ତି, ଅଚିରେ ତାଙ୍କର ସେହି ବିଷୟରେ ଏକ ମୋହଭଙ୍ଗ ହେଉଥିଲା ଓ ସିଏ ସେଠାରୁ ଯଥାଶୀଘ୍ର ବାହାରି ଚାଲିଯିବେ ବୋଲି ଛଟପଟ ହେବାକୁ ଆରମ୍ଭ କରୁଥିଲେ । ଜୀବନରେ ଏହିପରି କେତେ ଭୁଠ ହେଲେ, କେତେ ଗୋଠ ହେଲେ; ଅସନ୍ତୋଷ,—ଯାହା ହେଉ ବୋଲି ସେ ରହୁଛନ୍ତି, ସେଥିପାଇଁ କିଛି ନକରି ପାରିବାର ଅସନ୍ତୋଷ –ଶେଷରେ ତାଙ୍କୁ କ୍ଷୁବ୍ଧ କରି ପକାଇଲା । ମାତ୍ର ସିଏ ନିଜେ ରଙ୍କୁଗୁଡ଼ାକୁ କେବେ ହାତକୁ ନେଲେନାହିଁ, ଏକ ଦୁର୍ଦ୍ଧର୍ଷ ଅନିଚ୍ଛାର ବଶବର୍ତ୍ତୀ ହୋଇ ରହିଲେ, ଆପଣାକୁ ଯଥାର୍ଥ ଭାବରେ ଦେଇ ନପାରିବାର ଦହନରେ ଦହିହେଲେ ପଛେ, ମାତ୍ର ନିଜର ସ୍ୱତନ୍ତ୍ର ଗାରଟିକୁ ଟାଣି ଏକ ଅନ୍ୟ ନେତୃତ୍ୱ ମଧ୍ୟ ସମ୍ଭବ ବୋଲି ଦେଖାଇ ପାରିଲେନାହିଁ ।

ଏହି ଶତାବ୍ଦୀର ଆରମ୍ଭରୁ ମଧୁସୂଦନ ଓ ଗୋପବନ୍ଧୁଙ୍କଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଯେତେବେଳେ ଓଡ଼ିଶାର ରାଜନୀତିକ ନେତୃତ୍ୱର ଏକ ସମଗ୍ରତର ସମୀକ୍ଷା କରାଯିବ, ସେତେବେଳେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଏହି କ୍ଷେତ୍ରରେ ସମୀକ୍ଷକମାନଙ୍କ ଲାଗି ହୁଏତ ଅନେକ ବିସ୍ମୟର କାରଣ ହୋଇ ରହିବେ । ଯିଏ ଏତେ ଆଗକୁ ଭାବି ପାରୁଥିଲେ, ଏତେ ବହୁପ୍ରଶ୍ନଯୁକ୍ତ ଭାବରେ ଭାବି ପାରୁଥିଲେ, ଯାହାଙ୍କର ଅବବୋଧ-ଗୁଡ଼ିକ ଏତେ ଅଧିକ ପରିମାଣରେ ଗ୍ରହଣଶୀଳ ହୋଇ ରହିଥିଲା, ଯାହାଙ୍କ ପାଖରେ

Digitized by srujanika@gmail.com

ଏପରି ଏକ ବିଶାଳ ହୃଦୟ ରହିଥିଲା ଓ ଯିଏ ସକଳ ପ୍ରକାରର ଆତ୍ମକାମନାରୁ ଏତେ ଦୂରରେ ରହୁଥିଲେ, ସିଏ ଏପରି ପଛରେ ରହିଗଲେ କାହିଁକି ? ଆହ୍ୱାନଗୁଡ଼ିକ ଆସି ପହଞ୍ଚିବା ବେଳକୁ ସେ ଅନିଚ୍ଛୁକ ହୋଇ କାହିଁକି ଅନ୍ୟତ୍ର ରହି ଯାଉଥିଲେ, ସମୀକ୍ଷକମାନେ ବାର ବାର ଏହି ପ୍ରଶ୍ନଟିକୁ ପଚାରିବେ ଏବଂ ସେହି ପ୍ରଶ୍ନର ଉତ୍ତରଗୁଡ଼ିକ ଓଡ଼ିଶା ଲାଗି ଏକ ଯଥାର୍ଥରେ ନେତୃତ୍ୱର ସନ୍ଧାନରେ ଆମକୁ ଅବଶ୍ୟ ଅଧିକ ଅନ୍ତଃଦୃଷ୍ଟି ଆଣି ଯୋଗାଇଦେଇ ପାରିବ ।

□□□

['ଶ୍ରଦ୍ଧାଞ୍ଜଳି', ବସ୍ତିଆ ମେମୋରିଆଲ୍ ଟ୍ରଷ୍ଟ୍, ରାଉରକେଲା, ୧୯୮୪]

Digitized by srujanika@gmail.com